# ଅଲ୍ଲାଃ
# ପରମବ୍ରହ୍ମ

**ମୂଳ ଉର୍ଦ୍ଦୁ**
**'ଅଲ୍ଲାଃତାଲା ଜଲ୍ଲାଶାନୁହୂ ଓ୍ୱଅଜ୍‌ଜା ଇସ୍‌ମୁହୂ'**
**ALLAH The Exalted**
Glory to be Him and Hallowed be His Name

''یہ دولت لینے کے لائق ہے اگرچہ جان دینے سے ملے۔''

ଏହି ଅମୂଲ୍ୟ ସମ୍ପଦକୁ ପାଇବା ଲାଗି ନିଜ ଜୀବନ ଦେବାକୁ ପଡ଼ିଲେ ମଧ୍ୟ ତାହା ଲାଭଯୋଗ୍ୟ

ପ୍ରକାଶକ:
**ନଜାରତ୍ ନଶ୍‌ରୋ ଇଶାଅତ୍**
କାଦିୟାନ

# ଅଲ୍ଲାଃ ପରମବ୍ରହ୍ମ

ମୂଳ ଉର୍ଦ୍ଦୁ : 'ଅଲ୍ଲାଃତାଲା ଜଲ୍ଲାଶାନୁହୂ ଓ୍ୱଅଜ୍‌ଜା ଇସ୍‌ମୁହୂ'

(ପୁସ୍ତକ **"ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ[ଅସ] ଅପନି ତହରିରୋଁ କି ରୁ'ସେ"**ରୁ ସଂଗୃହୀତ)

ଅନୁବାଦକ : **ଇଂ. ରୌଶନ ଖାନ୍‌** କେରଙ୍ଗ (ଖୋର୍ଦ୍ଧା)
ଅଧ୍ୟକ୍ଷ ରିଭ୍ୟୁ କମିଟି, ଓଡିଶା

ପ୍ରକାଶକ : ନଜାରତ୍ ନଶ୍‌ରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା
କାଦିୟାନ ଜିଲ୍ଲା : ଗୁରୁଦାସ୍‌ପୁର, ପଞ୍ଜାବ (ଭାରତ)-୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୧୯, ପ୍ରଥମ ଓଡିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୧୦୦୦)

**ALLAHTA'LA (JALLA SHANUHU WA AZZA ISMUHU)** **'Allah the Exalted**

Collected From "Hazrat Mirza Ghulam Ahmad Qadiani[as] Apni Tahrirun Ki Ru Sey"

*Translated to Odia*: Er. Roushan Khan, Kerang (Khordha)
Chairman, Review Committee, Odisha

Published by : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516
Year of Publication : 2019 First Edition in Odia (1000 copies)
Printed at : Fazle Umar Printing Press, Qadian (India)

*No part of this translation and commenrtary may be reprduced in any form without prior permission from the Publisher, except for the quotation of brief passages in criticism.*

**ISBN:**

# ଆଭିମୁଖ୍ୟ

## ପ୍ରକାଶକଙ୍କ ମନ୍ତବ୍ୟ

ହଜରତ ମସିହ ମଉଦ[ଅସ] (ପ୍ରତିଶ୍ରୁତ ଯୁଗାବତାର) ତଥା 'ସୁଲ୍‌ତାନୁଲ୍ କଲମ୍' ଭାବରେ ସ୍ୱର୍ଗୀୟ ଉପାଧିରେ ଭୂଷିତ ହୋଇଥିବା କଲମର ସମ୍ରାଟଙ୍କର ସ୍ୱରଚିତ ଅଶୀରୁ ଉର୍ଦ୍ଧ୍ୱ ପୁସ୍ତକ ଓ ତାଙ୍କ ପ୍ରଦତ୍ତ ଦୀକ୍ଷାନ୍ତ ପ୍ରବଚନ ମାଧ୍ୟମରେ ସେ ଏପରି ପାଣ୍ଡିତ୍ୟପୂର୍ଣ୍ଣ ଓ ସାରଗର୍ଭକ ତାତ୍ତ୍ୱିକ ଜ୍ଞାନର ଭଣ୍ଡାର ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିଯାଇଛନ୍ତି ଯେ ଯଦି ଏଥିରୁ ଲାଭ ଉଠା ନଯାଏ, ତେବେ କୌଣସି ବ୍ୟକ୍ତି ଏହା ବିନା ପ୍ରକୃତ ଅର୍ଥରେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଜ୍ଞାନ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସଅ]ଙ୍କର ଉଚ୍ଚ ପଦମର୍ଯ୍ୟାଦା ତଥା ପବିତ୍ର କୁରଆନର ସୂକ୍ଷ୍ମତତ୍ତ୍ୱ ଓ ଭାବାର୍ଥମୂଳକ ବ୍ୟାଖ୍ୟା ପ୍ରତି ଅବଗତ ହୋଇପାରିବ ନାହିଁ । କେବଳ ସେତିକି ନୁହେଁ, ଅଲ୍ଲାଃ ପରମବ୍ରହ୍ମ, ତାହାଙ୍କ ପ୍ରେରିତ ବାର୍ତ୍ତାବହ ହଜରତ ମୁହମ୍ମଦ[ସଅ] ଏବଂ ଐଶିବାଣୀ ସମ୍ବଳିତ ଦିବ୍ୟଗ୍ରନ୍ଥ କୁରଆନ ପ୍ରତି ବିଶୁଦ୍ଧ ପ୍ରେମ ଭାବନା ତାହା ମନରେ କେବେ ହେଁ ଉଦବେଳିତ ହୋଇପାରିବ ନାହିଁ । ସୁତରାଂ ଏହି ପ୍ରମୁଖ ଉଦ୍ଦେଶ୍ୟ ହାସଲ କରିବା ସକାଶେ ସେହି ମହାପୁରୁଷଙ୍କ ରଚିତ ପୁସ୍ତକାବଳୀକୁ ଅଧ୍ୟୟନ କରିବା ଅତ୍ୟନ୍ତ ପ୍ରୟୋଜନ ।

ଆଜିର ବସ୍ତୁବାଦ ଓ ନାସ୍ତିକବାଦର କରାଳ ଯୁଗରେ ଯେତେବେଳେ କି ଈଶ୍ୱରଙ୍କ ଠାରୁ ଦୂରେଇ ଯିବା ତଥା ତାଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବା ଏକ ସାଧାରଣ କଥା ହୋଇଯାଇଛି, ଅଲ୍ଲାଃ ପରମବ୍ରହ୍ମ ନିଜର ପୂର୍ଣ୍ଣ ଅସ୍ତିତ୍ୱ ପ୍ରତି ମାନବଜଗତକୁ ପରିଚିତ କରାଇବା ସକାଶେ ହଜରତ ମିର୍ଜା ଗୁଲାମ ଅହମଦ[ଅସ]ଙ୍କୁ ଚଳିତ ଯୁଗର ପ୍ରତିଶ୍ରୁତ ଅବତାର କରି ପଠାଇଛନ୍ତି । ସେ ଆବିର୍ଭୂତ ହୋଇ ସଂସାରକୁ ସ୍ପଷ୍ଟ ଦିବାଲୋକ ସଦୃଶ ଏକ ଓ ଅଦ୍ୱିତୀୟ ଜୀବନ୍ତ ଈଶ୍ୱରଙ୍କ ଆଡକୁ ଡାକିଲେ । ତାହାଙ୍କୁ ଚିହ୍ନିବା ଓ ସେହି ଦିବ୍ୟସତ୍ତାକୁ ଅନୁଭବ କରିବାର ଉପାୟ ବତାଇଲେ । ତାଙ୍କ ଅସ୍ତିତ୍ୱ ପ୍ରତି ସଂପୂର୍ଣ୍ଣ ବିଶ୍ୱାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜ୍ୱଳନ୍ତ ନିଦର୍ଶନ ଦେଖାଇଲେ, ଯାହାର ଅନ୍ୟମାନେ ସାକ୍ଷ୍ୟ ପ୍ରଦାନପୂର୍ବକ ପ୍ରମାଣ ଦେଇଛନ୍ତି । ଯୁଗାବତାର ହଜରତ ଅହମଦ[ଅସ] ସେଥିପାଇଁ ବହୁସଂଖ୍ୟକ ତାତ୍ତ୍ୱିକ ଓ ଆଧାତ୍ମିକ ପୁସ୍ତକ ରଚନା କରି ଯାଇଛନ୍ତି । ସୁତରାଂ ଅଲ୍ଲାଃ ପରମବ୍ରହ୍ମଙ୍କ ସତ୍ତାକୁ ଉପଲବ୍ଧି କରି ତାଙ୍କ ପ୍ରତି ସଂପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିବାକୁ ହେଲେ ତାଙ୍କର ସେହିସବୁ ପୁସ୍ତକଗୁଡିକୁ ଅଧ୍ୟୟନ କରିବା ଏକାନ୍ତ ଅପରିହାର୍ଯ୍ୟ ।

ଏହି ପୁସ୍ତକର ମୂଳ ଉର୍ଦ୍ଦୁ 'ଅଲ୍ଲାଃତାଲା ଜଲ୍ଲାଶାନୁହୂ ଓ୍ୱଅଜ୍ଜା ଇସ୍‌ମୁହୂ' ପୁସ୍ତିକାକୁ ସ୍ୱର୍ଗତ ସୟଦ୍ ଦାଉଦ୍ ଅହମଦ୍ ସାହେବ ରବୁଓ୍ୱା (ପାକିସ୍ତାନ)ଙ୍କ ଦ୍ୱାରା ସଂକଳିତ କରାଯାଇଛି, ଯାହା ହେଉଛି ମୁଖ୍ୟ ପୁସ୍ତକ **'ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ ଅପ୍‌ନି ତହ୍‌ରିରୋଁ କୀ ରୁ ସେ'**ର ଉଦ୍ଧୃତାଂଶ । ହଜରତ ମସିହ ମଉଦ[ଅସ]ଙ୍କ ଦ୍ୱାରା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିବା ରଚନାଗୁଡିକ ମଧ୍ୟରୁ ଏହି ପୁସ୍ତକରେ କେବଳ ଗୋଟିଏ ବିଷୟ ନିଆଯାଇଛି । ସେହି ମହତ୍ତ୍ୱପୂର୍ଣ୍ଣ ବିଷୟଟି ହେଉଛି ପରମେଶ୍ୱରଙ୍କ ମହିମା ଓ ଗୁଣଗାରିମା, ଅପାର ଶକ୍ତି ପରାକ୍ରମ । ପୁଣି ସେହି ପରମସତ୍ତାଙ୍କ ଏକତ୍ୱ ଉପରେ ସଂପୂର୍ଣ୍ଣ ବିଶ୍ୱାସ ତଥା ଇସଲାମ ଧର୍ମ ଉପସ୍ଥାପନ କରୁଥିବା ଜୀବିତ ଈଶ୍ୱରଙ୍କ ଅସ୍ତିତ୍ୱ ଇତ୍ୟାଦି । ଏହା ଯେ କେବଳ ଲେଖକଙ୍କର ଈଶ୍ୱରଙ୍କ ସହିତ ଆନ୍ତରିକ ପ୍ରେମ ତଥା ବ୍ୟକ୍ତିଗତ ସଂପର୍କକୁ ଚିତ୍ରଣ କରେ ତା'ନୁହେଁ, ବରଂ ପ୍ରତ୍ୟେକ ହିତାହିତ ଜ୍ଞାନ ଥିବା ବ୍ୟକ୍ତି ଏହାକୁ ପାଠ କଲେ, ତାଙ୍କ ମନରେ ବାସ୍ତବ ଈଶ୍ୱରଙ୍କ ପରିଚୟ ପାଇବା ଓ ତାଙ୍କ ସହିତ ନିବିଡ ସଂପର୍କ ସ୍ଥାପନ କରିବା ପାଇଁ ଅହେତୁକ ଉତ୍କଣ୍ଠା ପ୍ରକାଶ ପାଇବ । ଯଦ୍ଦ୍ୱାରା ପ୍ରକୃତ ଅର୍ଥରେ ଆତ୍ମାର ପରମାତ୍ମାଙ୍କ ସହିତ ମିଳନ ସମ୍ଭବ ହୋଇପାରିବ ।

ଏହାର ଗୁରୁତ୍ୱକୁ ଉପଲବ୍ଧି କରି ୨୦୧୫ ମସିହାରେ ଅନୁଷ୍ଠିତ ମଜଲିସ ଶୁରା (ପରାମର୍ଶଦାତା ମହାସଭା)ର ଅନୁମୋଦନ କ୍ରମେ ଅହମଦିୟା ମନ୍‌ସୁବା ବନ୍ଦି କମିଟି (ଯୋଜନା ରୂପାୟନ ବିଭାଗ) ଭାରତ ମହାମାନ୍ୟ ପଞ୍ଚମ ଖଲିଫାଙ୍କ ସ୍ୱୀକୃତି ପ୍ରାପ୍ତ କରି ପ୍ରତିଶ୍ରୁତ ମସିହଙ୍କ ମୂଳ ଲେଖା ମଧ୍ୟରୁ କେତେକ ସୁନିର୍ବାଚିତ ଅଂଶକୁ ପୁସ୍ତକ ଆକାରରେ ପ୍ରକାଶିତ କରିଛନ୍ତି । ଏହି ଉର୍ଦ୍ଦୁ ପୁସ୍ତକର ଓଡିଆ ସଂସ୍କରଣର ନାମ **'ଅଲ୍ଲାଃ ପରମବ୍ରହ୍ମ'** ରଖାଯାଇଛି, ଯାହାକୁ ଅହମଦିୟା ସମୀକ୍ଷା କମିଟି ଓଡିଶାର ଅଧକ୍ଷ ତଥା ପ୍ରବୀଣ ଶିକ୍ଷାବିତ୍ ଇଂ. ରୌଶନ ଖାନ ମହୋଦୟ ଓଡିଆରେ ଅନୁବାଦ କରିଛନ୍ତି । ପରମେଶ୍ୱର ତାଙ୍କ ନିଷ୍ଠା ଓ ପରିଶ୍ରମର ଉପଯୁକ୍ତ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ଓଡିଶାର ବିଦଗ୍ଧ ପାଠକ/ପାଠିକାମାନେ ଏହି ବଳିଷ୍ଠ ଉପସ୍ଥାପନାକୁ ପାଠ କରି ଉପକୃତ ହେବା ସଂଗେ ସଂଗେ ହଜରତ ଅହମଦ[ଅସ]ଙ୍କ ଦ୍ୱାରା ରଚିତ ମୌଳିକ ଗ୍ରନ୍ଥଗୁଡିକୁ ଅଧ୍ୟୟନ କରିବା ସକାଶେ ଅନୁପ୍ରାଣୀତ ହୁଅନ୍ତୁ । ଆମିନ୍ ।

ଆପଣଙ୍କ ଗୁଣମୁଗ୍ଧ
**ହାଫିଜ ମଖଦୁମ୍ ଶରିଫ୍**
କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ, କାଦିୟାନ (ଭାରତ)

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଅଲ୍ଲାଃଙ୍କ ସହିତ ବ୍ୟକ୍ତିଗତ ଅନୁଭବ | ୧ |
| ୨. | ଭଗବତ କୃପା ସର୍ବତ୍ର ଆଚ୍ଛାଦିତ | ୨ |
| ୩. | ଇସଲାମର ଈଶ୍ୱର ପ୍ରକୃତିରେ ଦୃଶ୍ୟମାନ ହୁଅନ୍ତି ତଥା ମନୁଷ୍ୟ ହୃଦୟରେ ବାସ କରନ୍ତି | ୩ |
| ୪. | ଈଶ୍ୱରଙ୍କ ଏକତ୍ୱରେ ବିଶ୍ୱାସ ଦିବ୍ୟ ଅବତାର ମୁହମ୍ମଦ[ସଅ] ଙ୍କ ମାଧ୍ୟମରେ ହିଁ ସ୍ଥାପିତ ହୋଇଛି | ୬ |
| ୫. | ପବିତ୍ର କୁରଆନ ଦୃଷ୍ଟିକୋଣରୁ ଈଶ୍ୱରଙ୍କ ସୌନ୍ଦର୍ଯ୍ୟ, ଉପକାର ଓ ଏକତ୍ୱ | ୯ |
| | *ଦୈବି ଅନୁକମ୍ପା ଦୁଇ ପ୍ରକାରର* | *୧୦* |
| | *ଅଲ୍ଲାଃ ସକଳ ଦୋଷତ୍ରୁଟିରୁ ମୁକ୍ତ* | *୧୧* |
| | *ଅଲ୍ଲା ସକଳ ପ୍ରଶଂସାର ଅଧିକାରୀ* | *୧୬* |
| ୬. | ଅନ୍ୟ ଧର୍ମମାନଙ୍କରେ ଈଶ୍ୱର ସମ୍ବନ୍ଧୀୟ ତ୍ରୁଟିପୂର୍ଣ୍ଣ ଧାରଣା | ୧୭ |
| | *ହିନ୍ଦୁ ଓ ଆର୍ଯ୍ୟସମାଜୀଙ୍କ ଧର୍ମଧାରଣା* | *୧୮* |
| | *ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଧାରଣା* | *୨୦* |
| ୭. | ଈଶ୍ୱରଙ୍କ ନୈସର୍ଗୀକ ଗୁଣାବଳୀ | ୨୩ |
| | *ଅଲ୍ଲାଙ୍କ ବଦାନ୍ୟତା ପାଇଁ ଧନ୍ୟବାଦ (ଉର୍ଦ୍ଦୁ ପଦ୍ୟ)* | *୨୪* |
| | *ସ୍ୱର୍ଗୀୟ ଗୁଣ ଦୁଇ ପ୍ରକାରର* | *୨୭* |
| | *ଅଲ୍ଲାଃଙ୍କ ସିଂହାସନ* | *୩୦* |
| | *ଅଲ୍ଲାଃଙ୍କ ନୈସର୍ଗୀକ ଗୁଣାବଳୀର କେହି ନିକଟବର୍ତ୍ତୀ ନୁହେଁ* | *୩୨* |
| | *ପବିତ୍ର କୁରଆନରେ ବର୍ଣ୍ଣିତ ଐଶ୍ୱରିକ ଗୁଣାବଳୀ* | *୩୪* |
| | *ଅଲ୍ଲାଃଙ୍କର ଚାରିଗୋଟି ଅତି ବିଶିଷ୍ଟ ଗୁଣ* | *୪୦* |
| | *ଈଶ୍ୱରଙ୍କ ସୌନ୍ଦର୍ଯ୍ୟ ଓ ବଦାନ୍ୟତା* | *୭୩* |
| | *ସର୍ବଶକ୍ତିମାନ ଅଲ୍ଲାଃଙ୍କ ଆଶୀର୍ବାଦ ଗୁଣ* | *୭୭* |
| | *ଈଶ୍ୱରଙ୍କ ଇଚ୍ଛା ଓ ଶକ୍ତି ପ୍ରଦର୍ଶନ* | *୮୨* |
| | *ଐଶି ଗୁଣାବଳୀର ସ୍ୱଷ୍ଟ ପରିପ୍ରକାଶ* | *୮୮* |

୮. ସୃଷ୍ଟି ଏବଂ ଈଶ୍ୱରଙ୍କ ବାକ୍ୟ ୯୮
*ସୃଷ୍ଟି ଓ ତାହାର ସ୍ତରମାନଙ୍କ ମଧ୍ୟରେ ପ୍ରଭେଦ ୧୧୧*
୯. ଆର୍ଯ୍ୟସମାଜୀଙ୍କ ଭ୍ରାନ୍ତଧାରଣାର ଖଣ୍ଡନ ୧୧୮
୧୦. ଖ୍ରୀଷ୍ଟିୟାନମାନଙ୍କ ଭ୍ରାନ୍ତଧାରଣାର ଖଣ୍ଡନ ୧୨୭
୧୧. ଐଶ୍ୱରିକ ଜ୍ଞାନ ୧୨୮
*ଦୃଢ଼ ଆସ୍ଥା ଲାଭ କରିବା ପାଇଁ ଈଶ୍ୱର ପ୍ରକଟିତ ସତ୍ୟର ଆବଶ୍ୟକତା ୧୩୮*
*ଆତ୍ମଶୁଦ୍ଧିର ଆବଶ୍ୟକତା ୧୪୭*
*ଈଶ୍ୱରଙ୍କ ସାମ୍ରାଜ୍ୟ ଆକାଶ ଓ ପୃଥିବୀରେ ପରିବ୍ୟାପ୍ତ ୧୫୪*
୧୨. ଇସଲାମରେ ଅର୍ଶ୍ (ସିଂହାସନ) ତତ୍ତ୍ୱ ୧୭୦
*ଈଶ୍ୱରଙ୍କ ଏକତ୍ୱ ଉପରେ ଖ୍ରୀଷ୍ଟିୟାନମାନଙ୍କ ମତବାଦର ଖଣ୍ଡନ ୧୭୯*
*ଈଶ୍ୱରଙ୍କ ସହିତ ସହଭାଗୀତା ଅନିଷ୍ଟକାରକ ୧୮୧*
୧୩. ଉର୍ଦ୍ଦୁ ପଦ୍ୟ
*ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତାଙ୍କ ସ୍ତୁତି ୧୯୩*
*ପରମ ପବିତ୍ର ତୁମେ ୧୯୬*
*ମିର୍ଜା ମୁବାରକଙ୍କ ଅକାଳ ବିୟୋଗରେ ସ୍ମୃତିଲିପି ୧୯୮*
*ଆହେ ବନ୍ଧୁ ତାଙ୍କୁ ହିଁ କେବଳ ଖୋଜ ୧୯୯*
*ତୁମେ ହିଁ ପବିତ୍ର ମୋ ଶତ୍ରୁଙ୍କୁ ଯିଏ କରାଇଛି ନତ ୨୦୦*
୧୪. ପାର୍ସି ପଦ୍ୟ ୨୦୪
*ସର୍ବଶକ୍ତିମାନ ଈଶ୍ୱରଙ୍କର ସ୍ତୁତିଗାନ ଓ ଧନ୍ୟବାଦ ଅର୍ପଣ ୨୦୪*
*ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତାଙ୍କ ଛାମୁରେ ପ୍ରାର୍ଥନା(ଛନ୍ଦ କବିତା) ୨୦୯*
*ହେ ମୋର ସଙ୍କଟମୋଚନ ପ୍ରଭୁ ! ୨୧୦*
*ପ୍ରେମର ଗୀତ ୨୧୩*
*ମୋର ପ୍ରିୟତମ ୨୧୪*
*ଭକ୍ତି ରସାଣିତ ୨୧୭*
*ପ୍ରାଣପ୍ରିୟଙ୍କ ସମ୍ମାନ ରକ୍ଷାର୍ଥେ ସଂଘର୍ଷ ୨୧୮*

اللّٰہ تعالیٰ جَلَّ شَانُہٗ وَعَزَّ اِسۡمُہٗ

# ଅଲ୍ଲାଃ ପରମବ୍ରହ୍ମ

## ଅଲ୍ଲାଃଙ୍କ ସହିତ ବ୍ୟକ୍ତିଗତ ଅନୁଭବ

ସେହି ପରମେଶ୍ୱର ଯିଏ ସମସ୍ତ ଅବତାରଙ୍କ ଉପରେ ଜାଜ୍ଜୁଲ୍ୟମାନ ହୋଇ ପ୍ରକଟିତ ହୋଇଛନ୍ତି, ସେ ହଜରତ ମୋସେସଙ୍କ ଉପରେ ପ୍ରକଟ ହୋଇ ସିନାଇ ପର୍ବତରେ ଆପଣା ଦର୍ଶନ ଦେଲେ । ହଜରତ ଯୀଶୁ ମସିହଙ୍କ ଉପରେ ଶୈରର ପାହାଡ ଶିଖରରେ ଉଦିତ ହେଲେ ଏବଂ ହଜରତ ମୁହମ୍ମଦ[ସଅ] ଙ୍କ ଉପରେ ନିଜର ବିଶ୍ୱରୂପ ଦେଖାଇ ଫାରାନ ପର୍ବତ ଚୂଳରେ ଐଶି ଚମକ ପ୍ରଦର୍ଶନ କଲେ । ସେହି ପରମ ତେଜସ୍ୱୀ ଓ ଜ୍ୟୋତିର୍ମୟ ପ୍ରଭୁ ମୋ ଉପରେ ଉଭା ହୋଇ ନିଜର ଦୈବୀ ପ୍ରକାଶ ଜାହିର କରିଛନ୍ତି । ସେ ମୋ ସହିତ ବାର୍ତ୍ତାଳାପ କରିଛନ୍ତି ଓ ମୋତେ କହିଛନ୍ତି: 'ମୁଁ ହେଉଛି ଅବିନଶ୍ୱର, ମହାନ ଅସ୍ତିତ୍ୱଧାରୀ ଲୀଳାମୟ ପ୍ରଭୁ ପରମାନନ୍ଦ । ମୋହର ଉପାସନା କଲେ ମନୁଷ୍ୟ ଜୀବନର ସାର୍ଥକତା ମିଳିବ । ସେହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସକଳ ଅବତାରଙ୍କ ଆବିର୍ଭାବ ହୋଇଛି । ମୁଁ ଏକମାତ୍ର ସ୍ରଷ୍ଟା ଓ ମୁନିବ । କେହି ମୋର ସମକକ୍ଷ ନାହାନ୍ତି । ମୁଁ ଜନ୍ମ ଓ ମୃତ୍ୟୁରୁ ପବିତ୍ର । ଅର୍ଥାତ ମୁଁ ଅଜନ୍ମା, ଆଦିତ୍ୟ, ଅମୃତମୟ ।'

(ଗଭର୍ଣ୍ଣମେଣ୍ଟ ଅଁଗ୍ରେଜୀ ଔର୍ ଜିହାଦ୍, ରୁହାନି ଖଜାଇନ୍, ଗ୍ରନ୍ଥ ଖଣ୍ଡ୧୭, ପୃ୨୯)

ସେହି ଅଳିକ ଜୀବନ ଯାହା ପାପରୁ ବଞ୍ଚିତ ହୋଇ ପ୍ରାପ୍ତ ହୋଇଥାଏ, ତାହା ଏକ ଜ୍ୟୋତିର୍ମୟ ରତ୍ନ । ତାହା ଆଜି କାହାରି ପାଖରେ ନାହିଁ । ହଁ, ଈଶ୍ୱର ସେହି ପଦ୍ମରାଗ ମଣିକୁ ଅବଶ୍ୟ ମୋତେ ଅର୍ପଣ କରିଛନ୍ତି ଏବଂ ଏହାକୁ ହାସଲ କରିବାର ଉପାୟ ପୃଥିବୀକୁ ବତାଇବା ପାଇଁ ସେ ମୋତେ ଆଦେଶ ପ୍ରଦାନ କରିଛନ୍ତି । ମୁଁ ଦୃଢ଼ ବିଶ୍ୱାସର ସହିତ କହିପାରେ ଯେ ଏହି ପଥ ଅବଲମ୍ବନ କଲେ ହିଁ ପ୍ରତ୍ୟେକ ବ୍ୟକ୍ତି ଏହାକୁ ନିଶ୍ଚିତ ରୂପେ ପାଇପାରିବ । ଏହାକୁ ଲାଭ କରିବାର ଏକମାତ୍ର ପନ୍ଥା ହେଉଛି ବାସ୍ତବ ଈଶ୍ୱରଙ୍କୁ ଚିହ୍ନିବାର ସଠିକ ଜ୍ଞାନ । ମାତ୍ର ଏହା ଏକ କଠିନ ଓ ସୂକ୍ଷ୍ମ ବିଷୟ । ଯେପରି ମୁଁ ପୂର୍ବରୁ କହି ସାରିଛି,ଜଣେ ଦାର୍ଶନିକ ବିଶ୍ୱ ବ୍ରହ୍ମାଣ୍ଡର ସଂରଚନା ତଥା ଆକାଶ ଓ ପୃଥିବୀର ସୁଶୃଙ୍ଖଳିତ ଉପାୟରେ ପରିଚାଳନାଗତ

ବ୍ୟବସ୍ଥାକୁ ଗଭୀର ଅନୁଧ୍ୟାନ କରି କେବଳ ଏତିକି କହିପାରେ ଯେ ଏହାର କେହି ଜଣେ ସ୍ରଷ୍ଟା ଅବଶ୍ୟ ହୋଇଥାଇ ପାରନ୍ତି । ମାତ୍ର ମୁଁ ଏହି ଭାବନାରୁ ଉର୍ଦ୍ଧ୍ୱକୁ ଯାଇ ମୋର ବ୍ୟକ୍ତିଗତ ଅନୁଭୂତି ଦ୍ୱାରା ଏହା ଜୋର ଦେଇ କହିପାରେ ଯେ ଈଶ୍ୱର ଅଛନ୍ତି ।

(ଅଲ ହକମ, ୧୭ ଡ଼ିସେମ୍ବର ୧୯୦୧, ପୃ ୩-୪/ମଲଫୁଜାତ୍, ଦ୍ୱିତୀୟ ଖଣ୍ଡ, ପୃ୧୨,୨୦୦୩)

ଆମ ଈଶ୍ୱର ହେଉଛନ୍ତି ଆମର ସ୍ୱର୍ଗ । ଆମ ଈଶ୍ୱରଙ୍କ ଠାରେ ହିଁ ରହିଛି ଆମର ପରମ ଆନନ୍ଦ । କାରଣ ଆମେ ତାହାଙ୍କୁ ଦର୍ଶନ କରିଛୁ ଓ ତାହାଙ୍କ ଠାରୁ ହିଁ ପ୍ରତ୍ୟେକ ସୌନ୍ଦର୍ଯ୍ୟ ପାଇଛୁ । ଏହି ଅମୂଲ୍ୟ ସଂପଦକୁ ପାଇବା ଲାଗି ଜୀବନ ଦେବାକୁ ପଡ଼ିଲେ ମଧ୍ୟ ତାହା ଲାଭଯୋଗ୍ୟ । ଏହି ପଦ୍ମରାଗ ମଣିକୁ ପାଇବା ଲାଗି ନିଜର ସର୍ବାଙ୍ଗ ଅସ୍ତିତ୍ୱକୁ ଉତ୍ସର୍ଗ କରିବାକୁ ପଡ଼ିଲେ ମଧ୍ୟ ତାହା କ୍ରୟଯୋଗ୍ୟ । ତୁମେ ଯେଉଁମାନେ ଏଥିରୁ ବଞ୍ଚିତ, ଏଇ ନିର୍ଝର ନିକଟକୁ ଦଉଡ଼ି ଯାଅ । ଏହା ତୁମର ତୃଷା ନିବାରଣ କରିବ । ଏହା ହିଁ ସେହି ଜୀବନ ନିର୍ଝର, ଯାହା ତୁମକୁ ରକ୍ଷା କରିବ । ମୁଁ କ'ଣ କରିବି, କିପରି ଏହି ଶୁଭ ସମ୍ବାଦକୁ ହୃଦୟରେ ବସାଇବି ? କେଉଁ ଢ଼ୋଲ ବାଦ୍ୟ ଦ୍ୱାରା ଢ଼େଙ୍ଗୁରା ଦେଇ ଜନଗହଳି ପୂର୍ଣ୍ଣ ପୀଠରେ ଏହି ଘୋଷଣା କରିବି ଯେ ତୁମର ପ୍ରଭୁ ହେଉଛନ୍ତି ଏହିପରି । ଯଦ୍ଦ୍ୱାରା ଲୋକମାନେ ସରାଗରେ ମୋ କଥାକୁ କାନପାତି ଶୁଣିବେ ଏବଂ କେଉଁ ମହୌଷଧି ଦେଇ ମୁଁ ଏହାର ଉପଚର କରିବି, ଯଦ୍ଦ୍ୱାରା ଶୁଣିବା ଲୋକର କାନ ଖୋଲିବ ।

(କିଶ୍‌ତୀ ନୁହ୍, ରୁହାନୀ ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃ ୨୧-୨୨)

# ଭଗବତ କୃପା ସର୍ବତ୍ର ଆଚ୍ଛାଦିତ

ପରମେଶ୍ୱର ଆକାଶ ଓ ପୃଥିବୀର ଜ୍ୟୋତି । ଅର୍ଥାତ ପ୍ରତ୍ୟେକ ଜ୍ୟୋତି ଯାହା ଉତ୍ତୁଙ୍ଗରେ କିମ୍ବା ଉପତ୍ୟକାରେ ପ୍ରକାଶମାନ ହୋଇଥାଏ । ତାହା ଆତ୍ମାରେ ହେଉ କି ଶରୀରରେ । ତାହା ବ୍ୟକ୍ତିଗତ ହେଉ କି ବ୍ୟକ୍ତି ବହିର୍ଗତ । ତାହା ପ୍ରକାଶ୍ୟରେ ହେଉ କି ଗୁପ୍ତରେ । ଚିନ୍ତନରେ ହେଉ କି ଅଚିନ୍ତନରେ । ସବୁକିଛି ତାଙ୍କରି କରୁଣାଶ୍ରୀତ ଅବଦାନ । ଏହି ବିଷୟ ପ୍ରତି ଏହା ସଂକେତ କରୁଛି ଯେ ବିଶ୍ୱବିଧାତାଙ୍କ ସାଧାରଣ ଅନୁକମ୍ପା ପ୍ରତ୍ୟେକ ପଦାର୍ଥକୁ ଆଚ୍ଛାଦିତ କରି ରଖିଛି । ଏବଂ କିଛିହେଲେ ସେହି ବଦାନ୍ୟତାରୁ ବଞ୍ଚିତ ହୋଇ ରହି ନାହିଁ । ସେ ସକଳ କୃପାର ଉଦ୍‌ଗମ ସ୍ଥଳ । ସମସ୍ତ

ଆଲୋକର ପରମ କାରଣ ଓ ସମସ୍ତ ଅନୁଗ୍ରହର ନିର୍ଝର । ତାହାଙ୍କ ପରମସତ୍ତା ସକଳ ଭୁବନର ପୃଷ୍ଟପୋଷକତା କରୁଛି । ଉର୍ଦ୍ଧ୍ୱ ଓ ଅଧ ତାଙ୍କର ଚରଣାଶ୍ରୀତ । ଉଚ୍ଚ ଓ ନୀଚ ବସ୍ତୁ ତାଙ୍କରି ଶରଣାପନ୍ନ ହୋଇଥାନ୍ତି । ସେହି ଈଶ୍ୱର ହିଁ ପ୍ରତ୍ୟେକ ବସ୍ତୁକୁ ଶୂନ୍ୟତାର ଅନ୍ଧକାର ମଧ୍ୟରୁ ବାହାର କରି ଆଣିଛନ୍ତି । ତାହାଙ୍କ ଭିନ୍ନ ଅନ୍ୟ କୌଣସି ସତ୍ତା ନାହିଁ, ଯିଏ କି ଆପଣା ସ୍ଥିତିରେ ତିଷ୍ଠି ରହିପାରିବ । କାରଣ ସେ ହିଁ ସ୍ୱୟଂ ପ୍ରତିଷ୍ଠିତ ଓ ଚିରଞ୍ଜୀବି । ଅନ୍ୟ କେହିହେଲେ ତାଙ୍କ ଅପାର କରୁଣା ଲାଭ ନକରି ବଞ୍ଚି ରହିନାହିଁ ଅଥବା ତାହାଙ୍କ ଠାରୁ ଉପକୃତ ନହୋଇ ତିଷ୍ଠି ରହିନାହିଁ । ବରଂ ଧରଣୀ ଓ ଆକାଶ, ପଶୁ ଓ ମାନବ, ଶୀଳା ଓ ବୃକ୍ଷ, ଆତ୍ମା ଓ ଶରୀର ସବୁକିଛି ତାଙ୍କର ଅସୀମ କୃପା ଦ୍ୱାରା ଅସ୍ତିତ୍ୱ ଧାରଣ କରିଛନ୍ତି ।

(ବ୍ରାହିନେ ଅହମଦିୟା,ରୁହାନୀ ଖଜାଇନ୍, ଗ୍ରନ୍ଥଖଣ୍ଡ,ପୃ୧୯୧-୧୯୨, ପାଦଟୀକା୧୧)

## ଇସଲାମର ଈଶ୍ୱର ପ୍ରକୃତିରେ ଦୃଶ୍ୟମାନ ହୁଅନ୍ତି ତଥା ମନୁଷ୍ୟ ହୃଦୟରେ ବାସ କରନ୍ତି

ଇସଲାମର ଈଶ୍ୱର ସେହି ସତ୍ୟ ଈଶ୍ୱର ଯିଏ ସୃଷ୍ଟିର ନିୟାମକ ଦର୍ପଣରେ ସ୍ପଷ୍ଟ ରୂପେ ପ୍ରତିବିମ୍ବିତ ଓ ତାହାଙ୍କ ଦିବ୍ୟ ସତ୍ତା ପ୍ରକୃତିର ପୁସ୍ତକରେ ଅନୁଭୂତ । ଇସଲାମ କୌଣସି ନୂତନ ଈଶ୍ୱରଙ୍କୁ ଉପସ୍ଥାପନ କରେ ନାହିଁ । ବରଂ ସେହି ଈଶ୍ୱରଙ୍କୁ ଉପସ୍ଥାପନ କରେ, ଯାହା ମନୁଷ୍ୟ ହୃଦୟର ଜ୍ୟୋତି ଦ୍ୱାରା ଉଦ୍‌ଭାସିତ ହୋଇଥାନ୍ତି । ଯାହା ମନୁଷ୍ୟର ବିବେକ ଦ୍ୱାରା ପ୍ରତିପାଦିତ ହୋଇଥାନ୍ତି ଏବଂ ଆକାଶ ଓ ପୃଥିବୀ ଦ୍ୱାରା ଦୃଷ୍ଟିଗୋଚର ହୋଇଥାନ୍ତି ।

(ତବଲିଗ୍ ରିସାଲତ୍, ଖଣ୍ଡ ୬, ପୃ ୧୪, ମଜମୁଆ ଇସ୍ତିହାରାତ, ଖଣ୍ଡ ୨, ପୃ ୩୧୦-୩୧୧)

ସେହି ସର୍ବଶକ୍ତିମାନ, ବାସ୍ତବ ଓ ସ୍ୱୟଂ ସଂପୂର୍ଣ୍ଣ ଈଶ୍ୱରଙ୍କୁ ଆମ ଆତ୍ମା ତଥା ଆମ ଅସ୍ତିତ୍ୱର ପ୍ରତ୍ୟେକ କ୍ଷୁଦ୍ରତମ ଅଂଶ ଭୂମିଷ୍ଠ ପ୍ରଣିପାତ କରିଥାଏ । ଯାହାଙ୍କ ଦିବ୍ୟ ହସ୍ତରୁ ପ୍ରତ୍ୟେକ ଆତ୍ମା ଜୀବନ ପାଇଛି ଓ ସୃଷ୍ଟିର ପ୍ରତ୍ୟେକ କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ନିଜର ସକଳ ସାମର୍ଥ୍ୟ ସହିତ ସତ୍ତାକୁ ଆସିଛି । ପୁଣି ତାହାଙ୍କ ପରମ ସତ୍ତା ମଧ୍ୟରୁ ପ୍ରତ୍ୟେକ ଜୀବସତ୍ତା ବଜାୟ ରହିଛି । କୌଣସି ପଦାର୍ଥ ତାଙ୍କ ଜ୍ଞାନ

ବାହାରେ ନାହିଁ । କୌଣସି ବିଷୟ ତାହାଙ୍କ ନିୟନ୍ତ୍ରଣ ବହିର୍ଭୁତ ନୁହେଁ । ତାହାଙ୍କ ସୃଷ୍ଟିର ସୀମା ବାହାରେ କୌଣସି ଅସ୍ତିତ୍ୱ ହିଁ ନାହିଁ । ସେହି ପବିତ୍ର ଅବତାର ହଜରତ ମୁହମ୍ମଦ[ସଅ]ଙ୍କ ଉପରେ କୋଟି କୋଟି କୃପାଶୀଷ ଓ ପ୍ରଣାମ (ଦରୁଦ ଓ ସଲାମ) ଅବତୀର୍ଣ୍ଣ ହେଉ, ଯାହାଙ୍କ ମାଧ୍ୟମରେ ଆମେମାନେ ସେହି ଜୀବିତ ଈଶ୍ୱରଙ୍କୁ ପାଇଛୁ । ଯାହାଙ୍କ ଅସ୍ତିତ୍ୱର ପ୍ରମାଣ ତାହାଙ୍କ ଦିବ୍ୟବାଣୀ ଦ୍ୱାରା ସ୍ୱୟଂ ତାଙ୍କ ଠାରୁ ନିଦର୍ଶନ ରୂପେ ପ୍ରାପ୍ତ ହୋଇଛି । ଅଶେଷ କରୁଣା ତଥା ଅପାର ଆଶୀର୍ବାଦ ରହିଥାଉ ତାଙ୍କ ପ୍ରତି, ଯାହାଙ୍କ ମାଧ୍ୟମରେ ଈଶ୍ୱରଙ୍କ ଚେହେରାରେ ଝଟକୁଥିବା ଉଜ୍ଜଳ ଦୀପ୍ତି ଆମକୁ ସେହି ଅସାଧାରଣ ଗାରିମାମୟ ଚିହ୍ନସବୁକୁ ସ୍ପଷ୍ଟ ରୂପେ ପ୍ରଦର୍ଶିତ କରାଉଥାଏ । ଏହା ପ୍ରଭୁଙ୍କ ଚିରଶାଶ୍ୱତ ଓ ପୂର୍ଣ୍ଣାଙ୍ଗ ଶକ୍ତିର ପରିଚୟ ଦେଇଥାଏ । ସୁତରାଂ ଆମେ ଏପରି ରସୁଲ ତଥା ଅବତାର ଶ୍ରେଷ୍ଠ ମୁହମ୍ମଦ[ସଅ] ଙ୍କୁ ପାଇଛୁ, ଯିଏ ଆମକୁ ବାସ୍ତବ ଈଶ୍ୱରଙ୍କୁ ଦେଖାଇଲେ ଏବଂ ଏପରି ଈଶ୍ୱରଙ୍କୁ ଆମେ ପାଇଛୁ, ଯିଏ ନିଜର ପରିପୂର୍ଣ୍ଣ ଶକ୍ତି ମାଧ୍ୟମରେ ପ୍ରତ୍ୟେକ ବସ୍ତୁକୁ ଗଢ଼ିଛନ୍ତି । କେତେ ଯେ ମହିମାମୟ ତାଙ୍କ ଶକ୍ତି, ଯାହା ସେ ସ୍ୱୟଂ ନିଜ ଭିତରେ ବହନ କରି ରଖିଛନ୍ତି ! ତାହାଙ୍କ ବିନା କାହାର ଅସ୍ତିତ୍ୱ ସତ୍ତାକୁ ଆସି ନାହିଁ । ଏବଂ ତାହାଙ୍କ ସମର୍ଥନ ନଥିଲେ କେହି କଦାପି ତିଷ୍ଠି ରହିପାରିବେ ନାହିଁ । ତାହାଙ୍କ ସାହାରା ଓ ଆଶ୍ରା ବିନା କାହାର ସ୍ଥାୟୀତ୍ୱ କ୍ରମାଗତ ବର୍ତ୍ତି ରହିପାରିବ ନାହିଁ । ସେହି ଆମର ସତ୍ୟ ଈଶ୍ୱର ଯିଏ କି ଅସୁମାରୀ ଆଶୀଷ ପ୍ରଦାୟକ ପ୍ରଭୁ; ଅଖଣ୍ଡ କ୍ଷମତାଶାଳୀ, ଅତୀବ ଐଶ୍ୱର୍ଯ୍ୟମୟ, ଅପରିମିତ ଅନୁଗ୍ରହଶୀଳ, ଅଗଣିତ ବଦାନ୍ୟତାର ପ୍ରତୀକ ଏବଂ ତାହାଙ୍କୁ ଛାଡ଼ିଦେଲେ ଅନ୍ୟ କେହିବୋଲି ପ୍ରଭୁ ନାହାନ୍ତି ।

(ନସୀମ ଏ ଦାଓ୍ୱତ, ରୁହାନୀ ଖଜାଇନ୍, ଭାଗ ୧୯, ପୃ ୩୬୩)

ଈଶ୍ୱର ଅନନ୍ତ ରହସ୍ୟମୟ । ତାହାଙ୍କ ଅଦୃଶ୍ୟ ସତ୍ତା ଅଭେଦ୍ୟରୁ ଅଭେଦ୍ୟ । ତାଙ୍କ ଲୀଳା ଅଦ୍ଭୁତ ଓ ସେହି ଭେଦ କାହାକୁ ଜଣା ନାହିଁ । ମାନବୀୟ ତର୍କସିଦ୍ଧ ବିଚାର ବୁଦ୍ଧିରେ ତାହାଙ୍କ ଅସ୍ତିତ୍ୱକୁ ଚୁଡ଼ାନ୍ତ ରୂପେ ସାବ୍ୟସ୍ତ କରା ଯାଇପାରିବ ନାହିଁ । ଯେହେତୁ ମନୁଷ୍ୟର ଚିନ୍ତାଶକ୍ତି ସେହି ସୀମା ପର୍ଯ୍ୟନ୍ତ ଯାତ୍ରାପଥ ଅତିକ୍ରମ କରିପାରେ, ଯେଉଁଠି ସେ ବିଶ୍ୱ ବ୍ରହ୍ମାଣ୍ଡକୁ ଗଭୀର ଅଧ୍ୟୟନ କଲେ ଏହା ଜାଣିପାରିବ ଯେ ଜଣେ ସୃଷ୍ଟିକର୍ତ୍ତାଙ୍କ ପରମ ଆବଶ୍ୟକତା ରହିଛି । ସୁତରାଂ କୌଣସି ଏକ

ଆବଶ୍ୟକତାକୁ ଅନୁଭବ କରିବା ଗୋଟିଏ ବିଷୟ । ମାତ୍ର ଏହା ସଂପୂର୍ଣ୍ଣ ଆରେକ ବିଷୟ ଯେ ପରମେଶ୍ୱରଙ୍କ ଅସ୍ତିତ୍ୱକୁ ଉପଲବ୍ଧି କରିବା ପାଇଁ ଏକ ନିଶ୍ଚିତ ଅନୁଭବରେ ପହଞ୍ଚିବାକୁ ହେବ । ଯେପରିକି ସେ ପ୍ରକୃତରେ ବିଦ୍ୟମାନ, ଯାହାଙ୍କର ଆବଶ୍ୟକତା ସର୍ବତ୍ର ଅନୁଭୂତ ହୋଇଥାଏ । ଯେହେତୁ କାରଣ ଜାଣିବାର ଉପାୟ ତ୍ରୁଟିପୂର୍ଣ୍ଣ, ଅସଂପୂର୍ଣ୍ଣ ତଥା ସନ୍ଦେହାସ୍ପଦ ହୋଇଥାଏ । ତେଣୁ ଜଣେ ଦାର୍ଶନିକ ନିଜ ବୁଦ୍ଧି ବଳରେ ବିଶୁଦ୍ଧ ଉପାୟରେ ଈଶ୍ୱରଙ୍କୁ ଚିହ୍ନିପାରିବ ନାହିଁ । ଅଧିକାଂଶ ଲୋକ ଯେଉଁମାନେ ନିଜ ବୁଦ୍ଧି ଖଟାଇ ଈଶ୍ୱରଙ୍କ ଅସ୍ତିତ୍ୱକୁ ନିର୍ଦ୍ଧାରଣ କରିବାର ଚେଷ୍ଟା ଚଳାଇଥାନ୍ତି, ପରିଶେଷରେ ସେମାନେ ନାସ୍ତିକ ହୋଇଯା'ନ୍ତି । ଆକାଶ ଓ ପୃଥିବୀର ସଂରଚନା ଉପରେ ଅଧ୍ୟୟନ କରିବା ସେମାନଙ୍କର କୌଣସି କାମରେ ଆସେ ନାହିଁ ଓ ସେହି ଉପାଦନଗୁଡିକ କାହାକୁ ଲାଭ ଦିଏ ନାହିଁ । ସେଗୁଡିକର ଗଢଣ ଏପରି ଯାହାକୁ ଜଣେ ନିର୍ମାତା ଗଢିଥିବାର ସୂଚାଏ ନାହିଁ । ସେପରି କେହି ଜଣେ ସର୍ଜନାକାରୀଙ୍କ ଅସ୍ତିତ୍ୱକୁ ଦର୍ଶାଏ ନାହିଁ, ଯିଏ କି ସେହିସବୁ ଅଲୋଡା ବସ୍ତୁକୁ ସୃଷ୍ଟି କରିଥିବେ । ସେମାନଙ୍କ ଅବସ୍ଥିତି କେବଳ ଏକ ତୁଚ୍ଛ ଓ ବୃଥା ଆସ୍ଫାଳନରେ ପଡି ରହିଥାଏ । କିନ୍ତୁ ହାୟ ! ସେହି ଅଜ୍ଞାନୀମାନେ ଏହି କଥାକୁ କେବେ ହୃଦୟଙ୍ଗମ କରି ନଥାନ୍ତି ଯେ କୌଣସି ବିଷୟରେ ଜ୍ଞାନର ଅଭାବ ହେଲେ ଏହା ଜରୁରୀ ନୁହେଁ ଯେ ତାହାର କୌଣସି ଅସ୍ତିତ୍ୱ ନାହିଁ ବୋଲି କୁହାଯିବ ।

ଚଳିତ ଯୁଗରେ ଏହି ଧରଣର ଲକ୍ଷାଧିକ ବ୍ୟକ୍ତି ଦେଖାଯାନ୍ତି, ଯେଉଁମାନେ ନିଜକୁ ଅତ୍ୟନ୍ତ ବୁଦ୍ଧିମାନ ଓ ଦାର୍ଶନିକ ବୋଲାଇଥାନ୍ତି ଏବଂ ଈଶ୍ୱରଙ୍କ ସତ୍ତାକୁ ତୀବ୍ର ରୂପେ ଅସ୍ୱୀକାର କରିଥାନ୍ତି । ତେଣୁ ଏହା ସ୍ୱାଭାବିକ ଯେ ଯଦି ସେମାନଙ୍କୁ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କୌଣସି ବଳିଷ୍ଠ ବୌଦ୍ଧିକ ପ୍ରମାଣ ମିଳିଥାନ୍ତା, ତେବେ ସେମାନେ ଈଶ୍ୱରଙ୍କ ସତ୍ତାକୁ ଅସ୍ୱୀକାର କରନ୍ତେ ନାହିଁ । ଯଦି ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱ ସପକ୍ଷରେ କୌଣସି ନିର୍ଣ୍ଣାୟକ ତତ୍ତ୍ୱ ପାଇଥାନ୍ତେ, ତେବେ ଏପରି ନିର୍ଲ୍ଲଜ ପଣରେ ସେହି ପରମାତ୍ମାଙ୍କୁ ପରିହାସ ଓ ବ୍ୟଙ୍ଗ ବିଦ୍ରୁପର ଶରବ୍ୟ କରି ନଥାନ୍ତେ । ସୁତରାଂ ଯଦି କେହି କୌଣସି ଦାର୍ଶନିକର ଡଙ୍ଗାରେ ବସି ପଡେ, ତେବେ ଝଡର ସମ୍ମୁଖୀନ ହେବା ଆଶଙ୍କାରୁ କେବେ ବର୍ତ୍ତିପାରିବ ନାହିଁ, ବରଂ ନିଶ୍ଚୟ ବୁଡି ମରିବ । ଏଭଳି ଲୋକଙ୍କ ଭାଗ୍ୟରେ ଏକେଶ୍ୱରବାଦର ଶୁଦ୍ଧ ପାନୀୟ ପିଇବାର କଦାପି ଅବସର ମିଳେ ନାହିଁ ।

# ଈଶ୍ୱରଙ୍କ ଏକତ୍ୱରେ ବିଶ୍ୱାସ ଦିବ୍ୟ ଅବତାର ମୁହମ୍ମଦ[ସଅ] ଙ୍କ ମାଧ୍ୟମରେ ହିଁ ସ୍ଥାପିତ ହୋଇଛି

ଏହା ଏକ ମିଥ୍ୟା ଓ ଉଦ୍ଭଟ ଧାରଣା ଯେ ଈଶ୍ୱରଙ୍କ ଏକତ୍ୱରେ ବିଶ୍ୱାସ କରିବା ହଜରତ ମୁହମ୍ମଦ[ସଅ] ଙ୍କ ମାଧ୍ୟମରେ ନହୋଇ ଅନ୍ୟ ଉପାୟରେ ମଧ୍ୟ ହାସଲ କରାଯାଇପାରେ ଏବଂ ଏହା ଦ୍ୱାରା ମନୁଷ୍ୟ ନିର୍ବାଣ ପ୍ରାପ୍ତ କରିପାରିବ । ହେ ଅଜ୍ଞାନୀ ! ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ସଂପୂର୍ଣ୍ଣ ରୂପେ ଦୃଢ ଆସ୍ଥା ସ୍ଥାପିତ ନହୋଇଛି, ସେ ପର୍ଯ୍ୟନ୍ତ କିପରି ତାହାଙ୍କ ଏକତ୍ୱ ଉପରେ ବିଶ୍ୱାସ କରାଯାଇ ପାରିବ ? ତେଣୁ ଏହା ନିଶ୍ଚିତ ବୋଲି ଭାବ ଯେ ଏକେଶ୍ୱରବାଦରେ ବିଶ୍ୱାସ କେବଳ ଅବତାରଙ୍କ ମାଧ୍ୟମରେ ମିଳି ପାରିବ । ଯେପରିକି ଆମର ପ୍ରିୟ ନବୀ ହଜରତ ମୁହମ୍ମଦ[ସଅ] ଆରବର ନାସ୍ତିକ ଓ ବିଧର୍ମୀମାନଙ୍କୁ ହଜାର ହଜାର ଆକାଶୀୟ ନିଦର୍ଶନ ଦେଖାଇ ସେମାନଙ୍କ ମନରେ ଈଶ୍ୱରଙ୍କ ଅସ୍ତିତ୍ୱର ଧାରଣା ଜନ୍ମାଇଲେ । ଏବଂ ଆଜି ପର୍ଯ୍ୟନ୍ତ ମୁହମ୍ମଦ[ସଅ]ଙ୍କ ସତ୍ୟନିଷ୍ଠ ଅନୁଗାମୀ ତଥା ସଂପୂର୍ଣ୍ଣ ଆଜ୍ଞାପାଳନକାରୀ ଭକ୍ତମାନେ ସେହିସବୁ ନିଦର୍ଶନଗୁଡ଼ିକୁ ନାସ୍ତିକବାଦୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି ।

ସୁତରାଂ ଏହି କଥା ହିଁ ସତ୍ୟ, ଯେ ପର୍ଯ୍ୟନ୍ତ ମନୁଷ୍ୟ ଜୀବିତ ଈଶ୍ୱରଙ୍କ ଜୀବନ୍ତ ଶକ୍ତିକୁ ମନୋଯୋଗ ସହକାରେ ଅନୁଧ୍ୟାନ ନକରିଛି, ଶୈତାନ ତା'ହୃଦୟରୁ ଅପସାରିତ ହେବ ନାହିଁ ଏବଂ ଏକେଶ୍ୱରବାଦର ମୂଳମନ୍ତ୍ର ତା'ହୃଦୟରେ ପ୍ରବେଶ କରିବ ନାହିଁ । କିନ୍ତୁ ସେହି ପରମସତ୍ତା ସର୍ବଦା ବିଦ୍ୟମାନ ବୋଲି ସେ ଦୃଢ଼ ନିଶ୍ଚିତ ହୋଇପାରିବ । ଏହି ଧରଣର ଏକେଶ୍ୱରବାରେ ସଂପୂର୍ଣ୍ଣ ବିଶ୍ୱାସ ଓ ଦିବ୍ୟ ଅନୁଭବ କେବଳ ହଜରତ ମୁହମ୍ମଦ[ସଅ]ଙ୍କ ମାଧ୍ୟମରେ ହିଁ ମିଳିପାରେ । **(ହକିକତୁଲ୍ ଓହି, ରୁହାନୀ ଖଜାଇନ୍, ଗ୍ରନ୍ଥଖଣ୍ଡ ୨୨, ପୃ ୧୨୦-୧୨୧)**

ତେଣୁ ଏହା ମନେରଖ, ମନୁଷ୍ୟ ଠାରେ ସେହି ଶକ୍ତି ନାହିଁ ଯେ ସେ ଈଶ୍ୱରଙ୍କ ସମସ୍ତ କାର୍ଯ୍ୟ ଦକ୍ଷତାକୁ ସଂପୂର୍ଣ୍ଣ ରୂପେ ବୁଝିପାରିବ । କାରଣ ସେହି ଈଶ୍ୱରୀୟ ସତ୍ତା ମନୁଷ୍ୟର ସମସ୍ତ ଚିନ୍ତାଶକ୍ତି, ଧାରଣା ଓ ଅନୁମାନରୁ ଉର୍ଦ୍ଧ୍ୱରେ । ସୁତରାଂ ମନୁଷ୍ୟ ନିଜର ଅତି କିଞ୍ଚିତ ଜ୍ଞାନ ସକାଶେ ଗର୍ବ କରିବା ଉଚିତ ନୁହେଁ । ଯଦ୍ଦ୍ୱାରା ସେ ଏହା ଭାବି ବସିବ ଯେ କାରଣ ତତ୍ତ୍ୱ ଓ ସଂସାଧନର ଦୈବି ବ୍ୟବସ୍ଥାକୁ

ତାହାର ମୁଷ୍ଟିମେୟ ଓ ସ୍ୱଳ୍ପ ଜ୍ଞାନ ବଳରେ କେତେକ ସୀମା ପର୍ଯ୍ୟନ୍ତ ବୁଝିନେଲା । କାରଣ ତା'ର ବୋଧଶକ୍ତି ଅତି ସୀମିତ, ଯେପରିକି ତାହା ସମୁଦ୍ର ଜଳବିନ୍ଦୁର କୋଟିଏ ଭାଗରୁ ଏକ ଭାଗ । ସତ୍ୟ ହେଉଛି, ସର୍ବଶକ୍ତିମାନ ଈଶ୍ୱର ଯେପରି ସ୍ୱୟଂ ସୀମାହୀନ, ତାହାଙ୍କ କାର୍ଯ୍ୟାବଳୀ ମଧ୍ୟ ସୀମାହୀନ । ତାହାଙ୍କ ପ୍ରତ୍ୟେକ କାର୍ଯ୍ୟବିଧିର ବାସ୍ତବିକତା ପର୍ଯ୍ୟନ୍ତ ପହଞ୍ଚିବାର ସ୍ତର ମନୁଷ୍ୟର ପ୍ରବୃତ୍ତି ଓ ଶକ୍ତି ଠାରୁ ଶ୍ରେୟସ୍କର ଓ ଉଚ୍ଚତର ।

ପରମେଶ୍ୱରଙ୍କ ନୈସର୍ଗୀକ ଗୁଣାବଳୀ ପ୍ରତି ଗଭୀର ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା, ଯେପରି ସେହି ଶାଶ୍ୱତ ଗୁଣଗୁଡ଼ିକ କଦାପି ଅବ୍ୟବହୃତ ଅବସ୍ଥାରେ ପଡ଼ି ନାହାନ୍ତି । ସେଥିପାଇଁ ଈଶ୍ୱରଙ୍କ ସୃଷ୍ଟିରେ କେତେକ ଜାତିର ପ୍ରାଣୀ ସବୁବେଳେ ଗୋଟିଏ ଆକାରରୁ ଅନ୍ୟ ଏକ ଆକାରକୁ ରୂପାନ୍ତରିତ ହେଉଥାଏ । କିନ୍ତୁ ଈଶ୍ୱରଙ୍କ ସହିତ ଯେ ସେମାନେ ସମ ବିଦ୍ୟମାନ ତଥା ସେମାନଙ୍କ ସହାବସ୍ଥାନ ଚିରସ୍ଥାୟୀ ବୋଲି ଗ୍ରହଣ କରିବା ଯଥାର୍ଥ ନୁହେଁ । ଏହା ମନେ ରଖିବାକୁ ହେବ ଯେ ସର୍ଜନ କରିବା ଯେପରି ଈଶ୍ୱରଙ୍କର ଏକ ଚିରାଚରିତ ଗୁଣ, ସେହିପରି ସୃଷ୍ଟିକୁ ଧ୍ୱଂସ କରିବା ମଧ୍ୟ ତାହାଙ୍କ ଐଶି କାର୍ଯ୍ୟଧାରା ମଧ୍ୟରୁ ଗୋଟିଏ । ତାଙ୍କର ଏହି ସୃଷ୍ଟି ବିନାଶକ ଗୁଣ ସର୍ବଦା କାର୍ଯ୍ୟକାରୀ ହୋଇ ଆସୁଛି ଯାହା କେବେ ପ୍ରଚଳନ ରହିତ ହୁଏ ନାହିଁ ।

ଯଦିଓ କେତେକ ଅବୋଧ ଦାର୍ଶନିକଗଣ ଆକାଶ ଓ ପୃଥିବୀର ଭୌତିକ ପିଣ୍ଡଗୁଡ଼ିକୁ ନିଜ ପ୍ରକୃତି ବିଜ୍ଞାନର ନିୟମ ଅନ୍ତର୍ଭୁକ୍ତ କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଥାନ୍ତି ଓ ସକଳ ପାର୍ଥିବ ଉପାଦାନର ସୃଷ୍ଟିକୁ ନିଜ ବାହୁବଳରେ ପ୍ରତିଷ୍ଠିତ କରିବାକୁ ଚାହିଥାନ୍ତି । କିନ୍ତୁ ବାସ୍ତବରେ ସେମାନେ ଏହି ପ୍ରଚେଷ୍ଟାରେ ସଂପୂର୍ଣ୍ଣ ବ୍ୟର୍ଥ ଓ ଅସଫଳ ହୋଇଥାନ୍ତି । ସେମାନେ ପଦାର୍ଥ ବିଜ୍ଞାନରେ ସୃଷ୍ଟିର କାରଣ ସମ୍ବନ୍ଧରେ ଗବେଷଣା ଚଳାଇ ଯେତେ ଯାହା ବି ନିଷ୍କର୍ସ ଠୁଳ କରିଥାନ୍ତୁ ପଛକେ ତାହା ଅତ୍ୟନ୍ତ ତ୍ରୁଟିଯୁକ୍ତ, ଅଂସପୂର୍ଣ୍ଣ, ଅସମାହିତ ପ୍ରଶ୍ନ ହୋଇ ରହିଯାଏ । ସେମାନଙ୍କ ସ୍ୱକୀୟ ମନଗଢା ବିଚାରଧାରା ସବୁବେଳେ ବଦଳୁଥାଏ ଓ ଆଗକୁ କ'ଣ ହେବ ତାହା ସେମାନଙ୍କୁ ଜଣା ନଥାଏ । ଯେହେତୁ ସେମାନଙ୍କ ଗବେଷଣା ସଂପୂର୍ଣ୍ଣ ରୂପେ ହେତୁବାଦ ଓ ଅନୁମାନ ଉପରେ ପର୍ଯ୍ୟବସିତ ଓ ଯାହା ସକାଶେ ସେମାନଙ୍କୁ ଈଶ୍ୱରଙ୍କ ସହାୟତା ମିଳି ନଥାଏ, ତେଣୁ ସେହି ଅନ୍ଧକାରରୁ ସେମାନେ

ବାହାରି ଆସିପାରନ୍ତି ନାହିଁ । ବାସ୍ତବରେ ସେହି ବ୍ୟକ୍ତି ଈଶ୍ୱରଙ୍କୁ ଚିହ୍ନିପାରିବ ନାହିଁ, ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ସମ୍ବନ୍ଧରେ ସେ ସଠିକ ଜ୍ଞାନ ଆହରଣ ନକରିଛି । ସେତେବେଳ ପର୍ଯ୍ୟନ୍ତ ସେ ତାହାଙ୍କ ପ୍ରକୃତ ପରିଚୟ ପାଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ସେ ଏହା ବୁଝି ନାହିଁ ଯେ ଈଶ୍ୱରଙ୍କ ଅସୁମାରୀ କାର୍ଯ୍ୟ ଏପରି ରହିଛି, ଯାହାକି  ମନୁଷ୍ୟର ସାମର୍ଥ୍ୟ, ଧୀଶକ୍ତି ଓ କଳ୍ପନା ଠାରୁ ବହୁ ଉର୍ଦ୍ଧ୍ୱରେ ଓ ବହୁ ଉତ୍କୃଷ୍ଟ ସ୍ତରରେ ପହଞ୍ଚିଛି । ଏପରି ଉପଲବ୍‌ଧିରେ ପହଞ୍ଚିବା ପୂର୍ବରୁ ଜଣେ ବ୍ୟକ୍ତି ହୁଏ ତ ନାସ୍ତିକ ହୋଇଯିବ, ଯଦ୍ଦ୍ୱାରା ପରମାତ୍ମାଙ୍କ ସତ୍ତା ଉପରେ ଆଦୌ ବିଶ୍ୱାସ ରଖିବ ନାହିଁ । ନତୁବା ଯଦି ସେ ନିଜ କଳ୍ପନାପ୍ରସୂତ ଈଶ୍ୱରଙ୍କୁ ମାନିବ ଯାହାକୁ ସେ ନିଜ ବିଚାରବୁଦ୍ଧି ଆଧାରରେ ପ୍ରମାଣିତ ତଥ୍ୟର ଫଳାଫଳ ରୂପେ ଗ୍ରହଣ କରୁଛି । କିନ୍ତୁ ସେପରି ଈଶ୍ୱରଙ୍କ ମାନ୍ୟତା ସ୍ୱୀକାର କରୁନାହିଁ, ଯିଏ ନିଜର ପ୍ରତାପ ଓ ପରାକ୍ରମ ବଳରେ ମନୁଷ୍ୟ କଳ୍ପନାର ବାହାରେ । ସେହି ପରମ ତେଜସ୍ୱୀଙ୍କ ଶକ୍ତି ଆଗରେ ମନୁଷ୍ୟର ବୁଦ୍ଧି ହାର ମାନିଯାଏ । ଈଶ୍ୱର ଯେବେଠାରୁ ମୋତେ ଏହି ଜ୍ଞାନ ପ୍ରଦାନ କରିଛନ୍ତି ଯେ ତାହାଙ୍କ ଶକ୍ତି ଅପାର, ଅତି ଅଦ୍ଭୁତ, ଗଭୀରରୁ ଅତି ଗଭୀର, ଦୁର୍ଭେଦ୍ୟ ଠାରୁ ଆହୁରି ଦୁର୍ଭେଦ୍ୟ, ଯାହା ଧାରଣା ବହିର୍ଭୁତ ଓ ସୀମାତୀତ, ସେବେଠାରୁ ନିଜକୁ ଦାର୍ଶନିକ ବୋଲାଉଥିବା ଲୋକମାନଙ୍କୁ ମୁଁ ପ୍ରଚଣ୍ଡ ଅବିଶ୍ୱାସକାରୀ ମନେକରେ ତଥା ପ୍ରଚ୍ଛନ୍ନରେ ଲୁଚି ରହିଥିବା ନାସ୍ତିକବାଦୀ ମଧ୍ୟ । ଏହା ମୋର ବ୍ୟକ୍ତିଗତ ମନ୍ତବ୍ୟ, ଯାହା ନିଜସ୍ୱ ଅନୁଭୂତିରୁ ମୁଁ ଜାଣିବାକୁ ପାଇଛି ଯେ ସେହି ଅଦ୍ଭୁତ ଦୈବି ଶକ୍ତିକୁ କେବଳ ଏହିପରି ବର୍ଣ୍ଣନା କରାଯାଇପାରେ । ଈଶ୍ୱରଙ୍କ ଅସ୍ତିତ୍ୱ ଅବିଦ୍ୟମାନରୁ ଆସିଛି । ପୁଣି ଶୂନ୍ୟତା ମଧ୍ୟରୁ ସେହି ଶକ୍ତିର ଉତ୍ପତ୍ତି ହୋଇଛି । ତେବେ ସେହି ଅଲୌକିକ ଶକ୍ତିର ମହିମା ସଂପର୍କରେ ମୁଁ ଅନ୍ୟ ସ୍ଥାନରେ କେତେକ ଦୃଷ୍ଟାନ୍ତ ଦେବି । ଯେଉଁ ବ୍ୟକ୍ତି ସେହି ମହାଶକ୍ତି ସୂଚକ ଚମତ୍କାରୀତାକୁ ଦେଖି ନାହିଁ, ତା'ହେଲେ ସେ ଆଉ କ'ଣ ଦେଖିଛି ? ଆମେ ସେପରି ଈଶ୍ୱରଙ୍କୁ ମାନି ନାହୁଁ, ଯାହାଙ୍କ ଶକ୍ତି ଆମ ବୁଦ୍ଧି ଓ ଅନୁମାନ ମଧ୍ୟରେ ସୀମାବଦ୍ଧ ଓ ଯାହାର ଆଗକୁ ଅନ୍ୟ କିଛି ନାହିଁ । ବରଂ ଆମେ ସେହି ଈଶ୍ୱରଙ୍କୁ ମାନୁଛୁ ଓ ଅନ୍ତରରେ ଗ୍ରହଣ କରିଛୁ, ଯାହାଙ୍କ ଶକ୍ତି ତାହାଙ୍କ ନିଜସ୍ୱ ସତ୍ତା ସଦୃଶ ଅନ୍ତହୀନ, ଅସୀମ ଓ ଅସଂକୀର୍ଣ୍ଣ ।

(ଚଶମା ଏ ମାରିଫତ, ରୁହନୀ ଖଜାଇନ୍, ଖଣ୍ଡ ୨୩, ପୃ ୨୮୨)

# ପବିତ୍ର କୁରଆନ ଦୃଷ୍ଟିକୋଣରୁ ଈଶ୍ୱରଙ୍କ ସୌନ୍ଦର୍ଯ୍ୟ, ଉପକାର ଓ ଏକତ୍ୱ

ପବିତ୍ର କୁରଆନରେ ଏପରି ଶିକ୍ଷା ରହିଛି, ଯାହା ଈଶ୍ୱରଙ୍କ ପ୍ରତି ଅନୁରାଗ ଜାତ କରାଇବା ତଥା ତାଙ୍କୁ ପ୍ରିୟଭାଜନ କରାଇବା ପାଇଁ ପ୍ରୟାସ କରିଥାଏ । କେତେବେଳେ ତାଙ୍କ ସୌନ୍ଦର୍ଯ୍ୟକୁ ପ୍ରଦର୍ଶିତ କରାଏ ତ ପୁଣି କେତେବେଳେ ତାଙ୍କର ଉପକାର ପ୍ରତି ଆମକୁ ସ୍ମରଣ କରାଏ । କାରଣ କାହାର ପ୍ରେମ ତାଙ୍କ ସୌନ୍ଦର୍ଯ୍ୟ ଦ୍ୱାରା ହୃଦୟରେ ଜାଗୃତ ହୋଇଥାଏ ଅଥବା ତାଙ୍କ ଅନୁଗ୍ରହ ସ୍ୱରୂପ । ସୁତରାଂ ଏହା ଲେଖାଅଛି ଯେ ପ୍ରଭୁ ନିଜର ସମସ୍ତ ସଦଗୁଣାବଳୀ ଦୃଷ୍ଟିରୁ ଅନନ୍ୟ, ଯାହାର କେହି ସମକକ୍ଷ ନାହାନ୍ତି । ତାଙ୍କର ସେହି ପ୍ରଶଂସନୀୟ ଗୁଣ ସର୍ବୋତ୍କୃଷ୍ଟ, ଯହିଁରେ କୌଣସି ଦୋଷତ୍ରୁଟି ବା ଆବିଳତା ଦେଖିବାକୁ ମିଳେ ନାହିଁ । ସେ ସକଳ ଆଦର୍ଶ ଗୁଣର ସମାହାର ଓ ସମସ୍ତ ଦିବ୍ୟ ଶକ୍ତିର ସ୍ପଷ୍ଟ ପ୍ରକାଶ । ସେ ସମସ୍ତ ସୃଷ୍ଟିର ଉଦ୍‌ଗମ ଓ ସକଳ ଅନୁଗ୍ରହର ନିର୍ଝର । ସେ ସମସ୍ତ ପୁରସ୍କାର ଓ ଶାସ୍ତି ବିଧାନର ପ୍ରଭୁ ଏବଂ ପ୍ରତ୍ୟେକ ବସ୍ତୁ ତାଙ୍କରି ଆଡକୁ ପ୍ରତ୍ୟାବର୍ତ୍ତନ କରିବ । ସେ ଦୂରରେ ଥାଇ ସୁଦ୍ଧା ନିକଟରେ ଓ ନିକଟରେ ଥାଉ ସୁଦ୍ଧା ଦୂରରେ । ସେ ସବୁଠାରୁ ଉର୍ଦ୍ଧ୍ୱରେ ବିରାଜମାନ କରିଥାନ୍ତି, କିନ୍ତୁ କେହି କହିପାରିବ ନାହିଁ ଯେ ତାଙ୍କ ନିମ୍ନରେ ଆଉ କେହି ବି ଥାଇ ପାରନ୍ତି । ସେ ସକଳ ପଦାର୍ଥ ଠାରୁ ଅଧିକ ଗୋପନୀୟ, ମାତ୍ର ଏହା କୁହାଯାଇ ପାରିବ ନାହିଁ ଯେ ତାଙ୍କ ଠାରୁ କେହି ଅଧିକ ପ୍ରକାଶ୍ୟ ବି ହୋଇପାରନ୍ତି । ସେ ନିଜ ଅସ୍ତିତ୍ୱରେ ସଦା ଜୀବିତ ଓ ପ୍ରତ୍ୟେକ ବସ୍ତୁ ତାଙ୍କ ସହିତ ପ୍ରାଣବନ୍ତ । ସେ ପ୍ରତ୍ୟେକଟି ଜୀବର ଜୀବନ ଧାରଣ ପନ୍ଥାର ଭାର ସମ୍ଭାଳିଛନ୍ତି । ଅର୍ଥାତ ପ୍ରତ୍ୟେକକୁ ପ୍ରତିଷ୍ଠିତ କରାଇଛନ୍ତି କିନ୍ତୁ ସେ ସ୍ୱୟଂ ପ୍ରତିଷ୍ଠିତ । ସେ ପ୍ରତ୍ୟେକକୁ ଉଠାଇ ରଖିଛନ୍ତି, ଅଥଚ କେହି ତାଙ୍କୁ ଉଠାଇ ଧରି ନାହାନ୍ତି । ଅର୍ଥାତ ସେ ସକଳ ପ୍ରାଣୀଙ୍କ ପୃଷ୍ଠପୋଷକ, କିନ୍ତୁ ତାଙ୍କର କେହି ପୃଷ୍ଠପୋଷକତା କରୁନାହାନ୍ତି । ଏପରି କୌଣସି ବସ୍ତୁ ନାହିଁ, ଯାହା ତାଙ୍କ ସହାୟତା ବିନା ଆପଣା ଛାଏଁ ସୃଷ୍ଟି ହୋଇଛି କିମ୍ବା ତାହାଙ୍କ ବିନା ଆପଣା ଛାଏଁ ବଞ୍ଚିପାରିବ । ସେ ପ୍ରତ୍ୟେକ ବସ୍ତୁ ଉପରେ ବୋଧଶକ୍ତି ଜନିତ କାୟା ବିସ୍ତାର କରିଛନ୍ତି । କିନ୍ତୁ ଏହି ଧାରଣା କିପରି ପୋଷଣ କରାଯାଇଛି, ତାହା କୁହାଯାଇ ପାରିବ

ନାହିଁ । ଈଶ୍ୱର ଆକାଶ ଓ ପୃଥିବୀର ପ୍ରତ୍ୟେକ ବସ୍ତୁର ଜ୍ୟୋତି ଏବଂ ପ୍ରତ୍ୟେକ ଜ୍ୟୋତି ତାଙ୍କ ହସ୍ତରୁ ଝଟକୁଛି, ଯାହା ତାହାଙ୍କ ସ୍ୱୟଂ ପ୍ରଭାରୁ ହିଁ ପ୍ରତିଫଳିତ । ସେ ହିଁ ବିଶ୍ୱର ତ୍ରାଣକର୍ତ୍ତା ଭଗବାନ । ଏପରି କୌଣସି ଆତ୍ମା ନାହିଁ, ଯାହା ତାଙ୍କ ସହାୟତା ବିନା ତିଷ୍ଠି ରହିଛି ଓ ନିଜସ୍ୱ ଅସ୍ତିତ୍ୱ ବଜାୟ ରଖିଛି । ତେଣୁ ସେ ହିଁ ଜୀବନ ଧାରଣର ସମସ୍ତ ସାଧନ ଯୋଗାଇ ଦେଇଛନ୍ତି । ଜୀବାତ୍ମାର ଏପରି କିଛି ହେଲେ ଶକ୍ତି ନାହିଁ, ଯାହା ଈଶ୍ୱରଙ୍କ ଠାରୁ ହାସଲ ହୋଇ ନାହିଁ ଓ ଯାହା ଆପଣା ଛାଏଁ ଉଭା ହୋଇଛି ଏବଂ ଆପେ ଆପେ ଆସି ପ୍ରକାଶମାନ ହୋଇଛି ।

## ଦୈବି ଅନୁକମ୍ପା ଦୁଇ ପ୍ରକାରର:

ତାହାଙ୍କ ଦୟା ଓ ଅନୁକମ୍ପା ଦୁଇ ପ୍ରକାରର । (୧) ଗୋଟିଏ ହେଉଛି ଅପରିବର୍ତ୍ତନୀୟ ଦୟା ଓ ଅବିଚ୍ଛିନ୍ନ କରୁଣା, ଯାହା ମନୁଷ୍ୟର କର୍ମଫଳ ନିର୍ଦ୍ଧାରିତ ହେବା ବିନା ପ୍ରଦର୍ଶିତ ହୋଇଥାଏ । ଉଦାହରଣ ସ୍ୱରୂପ ଆକାଶ ଓ ପୃଥିବୀ ସୂର୍ଯ୍ୟ ଚନ୍ଦ୍ର ଓ ଗ୍ରହ ନକ୍ଷତ୍ରାଦି ପିଣ୍ଡ, ଜଳ ଅଗ୍ନି ଓ ବାୟୁ ସମେତ ବିଶ୍ୱର ସକଳ ଉପାଦାନ, ଯାହା କିଛି ଆମର ଆରାମ ଓ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ସୃଷ୍ଟି କରାଯାଇଛି ଏବଂ ସେହି ସବୁ ବସ୍ତୁ ଯାହା ଆମର ସମସ୍ତ ଆବଶ୍ୟକତା ପୂରଣ କରୁଛି, ସେଗୁଡିକୁ ଆମେ ଧରାପୃଷ୍ଠରେ ଜନ୍ମ ହେବା ପୂର୍ବରୁ ଯୋଗାଇ ଦିଆଯାଇଛି । ଏହିସବୁ ବସ୍ତୁ ସେ ସମୟରେ ସୃଷ୍ଟି କରାଗଲା, ଯେତେବେଳେ ଆମେ ନିଜେ ଉପସ୍ଥିତ ନଥିଲେ ନା ସେତେବେଳେ ଆମର କୌଣସି କର୍ମ ଉପଲବ୍‌ଧ ଥିଲା । ଏହା କିଏ କହିପାରିବ ଯେ ଆମର କେତେକ ଆଚରିତ କର୍ମ ପ୍ରକ୍ରିୟା ଯୋଗୁଁ ସୂର୍ଯ୍ୟକୁ ସୃଷ୍ଟି କରାଯାଇଥିଲା । ଅଥବା ପୃଥିବୀ ଆମର କୌଣସି ବିଶୁଦ୍ଧ କର୍ମର ପରିଣତି ସ୍ୱରୂପ ନିର୍ମାଣ କରାଯାଇଛି । ଅଧିକନ୍ତୁ ଏହା ସେହି ଦିବ୍ୟ କରୁଣା ଯାହା ମନୁଷ୍ୟର କର୍ମ ଆରମ୍ଭ ହେବା ପୂର୍ବରୁ ପ୍ରକାଶିତ ହୋଇ ସାରିଛି, ମାତ୍ର ତାହା କାହାର କୌଣସି କର୍ମର ପରିଣାମ ନୁହେଁ । (୨) ଦ୍ୱିତୀୟ ପ୍ରକାର ଈଶ୍ୱରଙ୍କ ଦୟା ଓ ଅନୁକମ୍ପା ମନୁଷ୍ୟ କର୍ମର ପ୍ରତିଫଳିତ ସ୍ୱରୂପ କାର୍ଯ୍ୟକାରୀ ହୋଇଥାଏ । ଏହାର କୌଣସି ବିଶଦ ବ୍ୟାଖ୍ୟାର ଆବଶ୍ୟକତା ନାହିଁ ।

## ଅଲ୍ଲାଃ ସକଳ ଦୋଷତ୍ରୁଟିରୁ ମୁକ୍ତ

ଏହିପରି ପବିତ୍ର କୁରଆନରେ ଉଲ୍ଲେଖ ରହିଛି ଯେ ଈଶ୍ୱରଙ୍କ ବ୍ୟକ୍ତିତ୍ୱ ପ୍ରତ୍ୟେକ ଦୋଷତ୍ରୁଟିରୁ ପବିତ୍ର ଓ ପ୍ରତ୍ୟେକ କ୍ଷତିଜନିତ କାରଣ ଠାରୁ ତାଙ୍କୁ ଅବ୍ୟାହତି ଦିଆଯାଇଛି । ତେଣୁ ଈଶ୍ୱର ଚାହାନ୍ତି ଯେ ମନୁଷ୍ୟ ତାହାଙ୍କ ନିର୍ଦ୍ଦେଶଗୁଡିକୁ ପାଳନ କରି ସେ ସମସ୍ତ ଦୋଷ ଦୁର୍ବଳତା ପରିହାର ପୂର୍ବକ ନିଜକୁ ଶୁଦ୍ଧ ଓ ପବିତ୍ର କରୁ । ତେଣୁ ଈଶ୍ୱର କହିଛନ୍ତି :

وَمَنْ كَانَ فِىْ هٰذِهٖٓ اَعْمٰى فَهُوَ فِى الْاٰخِرَةِ اَعْمٰى وَاَضَلُّ سَبِيْلًا

**ମନ୍ କା'ନା ଫିହାଜେହୀ ଆ' ମା ଫହୁଓ୍ୱା ଫିଲ୍ ଆଖିରତି ଆ'ମା ଓ୍ୱଆଜଲ୍ଲୁ ସବୀଲା ।** *(ବନି ଇସ୍ରାଇଲ୍ 17:73)*

ଅର୍ଥାତ 'ଯେଉଁ ବ୍ୟକ୍ତି ଏହି ପୃଥିବୀରେ ଅନ୍ଧ ହୋଇ ରହିବ ଓ ସେହି ଉତ୍କୃଷ୍ଟ ପରମସତ୍ତାଙ୍କୁ ଦର୍ଶନ କରିବାକୁ ଅକ୍ଷମ, ସେ ମୃତ୍ୟୁ ପରେ ମଧ୍ୟ ଅନ୍ଧ ହେବ ଏବଂ ଅନ୍ଧକାର ମଧ୍ୟରେ ଆଚ୍ଛାଦିତ ହୋଇ ରହିବ ।' କାରଣ ଈଶ୍ୱରଙ୍କୁ ଦେଖିବା ପାଇଁ ଇହକାଳ ଜୀବନରେ ଅନ୍ତର୍ଦୃଷ୍ଟି ଅର୍ପଣ କରାଯାଇଛି । ଯେଉଁ ବ୍ୟକ୍ତି ଏହି ଅନ୍ତର୍ଦୃଷ୍ଟିକୁ ଦୁନିଆରୁ ସାଙ୍ଗରେ ନେଇଯିବ ନାହିଁ, ସେ ପରକାଳରେ ଈଶ୍ୱରଙ୍କୁ ଦେଖି ପାରିବ ନାହିଁ । ଏହି କୁରଆନ ପଙ୍‌କ୍ତିରେ ପ୍ରଭୁ ସ୍ପଷ୍ଟ ରୂପେ ବୁଝାଇ ଦେଇଛନ୍ତି ଯେ ଈଶ୍ୱର ମନୁଷ୍ୟ ଠାରୁ କେଉଁ ପ୍ରକାର ଅଗ୍ରଗତି ଚାହାନ୍ତି । ମନୁଷ୍ୟ କେତେ ଦୂର ଈଶ୍ୱରଙ୍କ ଶିକ୍ଷାରେ ଅନୁପ୍ରାଣିତ ହୋଇ ତାହା ହାସଲ କରିପାରିବ ? ପୁଣି ଏହା ପରେ ସେ ପବିତ୍ର କୁରଆନରେ ଏହି ଶିକ୍ଷା ପ୍ରଦାନ କରିଛନ୍ତି, ଯାହା ମାଧ୍ୟମରେ ଓ ଯାହା ଉପରେ ପାଳନ କରିବା ଦ୍ୱାରା ଏହି ସାଂସାରିକ ଜୀବନରେ ଈଶ୍ୱରଙ୍କୁ ସାକ୍ଷାତ ଦର୍ଶନ କରିବାର ଅବସର ମିଳିପାରିବ । ସୁତରାଂ ଈଶ୍ୱର କହିଛନ୍ତି :

مَنْ كَانَ يَرْجُوْا لِقَآءَ رَبِّهٖ فَلْيَعْمَلْ عَمَلًا صَالِحًا وَّلَا يُشْرِكْ بِعِبَادَةِ رَبِّهٖٓ اَحَدًا

**ମନ୍‌କାନା ୟର୍‌ଜୁ ଲିକାଆ ରବ୍‌ବିହୀ ଫଲ୍‌ୟାମଲ୍ ଅମଲନ୍ ସ୍ୱାଲିହନ୍ ଓ୍ୱଲା ୟୁଶ୍‌ରିକ୍ ବିଇବାଦତି ରବ୍‌ବିହୀ ଅହଦା ।** *(ଅଲ କହଫ୍ 18:111)*

ଅର୍ଥାତ 'ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ଏହି ଭବ ସଂସାରରେ ଦର୍ଶନ ଲାଭ କରିବାର ଇପ୍‌ସିତ କାମନା କରୁଛି ଯେକି ବାସ୍ତବରେ ସୃଷ୍ଟିକର୍ତ୍ତା, ସେ ଏପରି

ସତ୍‌କର୍ମ କରୁ ଯହିଁରେ କୌଣସି ପ୍ରକାର ବିଶୃଙ୍ଖଳାର ଆବିଳତା ନଥିବ । ଅର୍ଥାତ ତା'ର କର୍ମ ଲୋକ ଦେଖାଣିଆ ହୋଇ ନଥିବ ଅଥବା ତାହା ଯୋଗୁଁ ତା'ହୃଦୟରେ ଅହଙ୍କାର ସୃଷ୍ଟି ହୋଇ ନଥିବ ଯେ ମୁଁ ଏମିତି ସେମିତି । ତାହାର ଆଚରଣ ମଧ୍ୟ ତ୍ରୁଟିଜନକ ଓ ଅସଂପୂର୍ଣ୍ଣ ହୋଇ ନଥିବ । ସେଥିରେ ଏପରି କୌଣସି ଦୁର୍ଗନ୍ଧ କଳୁଷର କାଳୀମା ନଥିବ, ଯାହା ତା'ର ବ୍ୟକ୍ତିଗତ ଈଶ୍ୱର ପ୍ରେମରେ ଅସ୍ଥିରତା ଓ ଅସଂଗତି ଦେଖାଉଥିବ । ତାହା ବିଶ୍ୱସନୀୟତାରେ ଅ ବଶ୍ୟ ଭରପୁର ହୋଇଥିବ । ତା'ର ସମସ୍ତ କର୍ମ କେବଳ ଅଲ୍ଲାଃଙ୍କ ପାଇଁ ଅଭିପ୍ରେତ ଓ କର୍ତ୍ତବ୍ୟରେ ଭକ୍ତିଭାବ ଦେଖା ଯାଉଥିବ । ତତ୍‌ସହିତ ସେ ସମସ୍ତ ପ୍ରକାର ଶିର୍କ (ଅଲ୍ଲାଃଙ୍କ ସହିତ ଅନ୍ୟକୁ ସମକକ୍ଷ ମନେକରିବା)ରୁ ବଞ୍ଚିତ ହୋଇଥିବ । ସୂର୍ଯ୍ୟ, ଚନ୍ଦ୍ର, ତାରକା, ବାୟୁ, ଅଗ୍ନି, ଜଳ ନା ଅନ୍ୟ କୌଣସି ପାର୍ଥିବ ବସ୍ତୁକୁ ଉପାସ୍ୟ ରୂପେ ବିବେଚନା କରାଯିବ ନା କୌଣସି ସାଂସାରିକ ଭୋଗ୍ୟ ବସ୍ତୁକୁ ଏପରି ସମ୍ମାନ ଦିଆଯିବ ଓ ସେଗୁଡିକ ଉପରେ ଏପରି ଭରସା କରାଯିବ, ଯେପରି କି ତାହା ଈଶ୍ୱରଙ୍କ ସମକକ୍ଷ ହୋଇଗଲେ । ସୁତରାଂ ନିଜର ପ୍ରୟାସ ଓ ସାହାସକୁ ଏପରି ଶ୍ରେୟ ନଦିଆଯାଉ, ଯାହା ଏକପ୍ରକାର ଶିର୍କ ବା ପ୍ରତୀମା ପୂଜାର ସ୍ଥାନ ନେଇଥାଏ । ବରଂ ସବୁକିଛି କରିସାରି ଓ ସର୍ବସ୍ୱ ଆଜାଡି ଦେଇ ମଧ୍ୟ ଏହା ଭାବିବା ଉଚିତ ଯେ ଆମେ କିଛି ବି କରି ନାହୁଁ । ନା ନିଜର ଜ୍ଞାନ ସକାଶେ ଗର୍ବ କରିବା ନା ନିଜର କର୍ମ ପାଇଁ ବଡପଣି ଦେଖାଇବା । ବରଂ ନିଜକୁ ପ୍ରକୃତରେ ଏକ ଅଜ୍ଞାନୀ, ମୂର୍ଖ ତଥା କର୍ମକାତର ମନେ କରିବା ଉଚିତ । ସେ ଈଶ୍ୱରଙ୍କ ଛାମୁରେ ସବୁ ସମୟରେ ଅଧିଆ ପଡି ରହିଥିବ ଓ ପ୍ରାର୍ଥନା କରିବା ସହିତ ତାହାଙ୍କ ଦିବ୍ୟ ଅନୁଗ୍ରହକୁ ନିଜ ଆଡକୁ ଟାଣି ଆଣୁଥିବ । ସେ ସେହି ବ୍ୟକ୍ତି ସଦୃଶ ହୋଇଯିବ, ଯିଏ ଅସହାୟ ଓ ତୃଷାର୍ତ୍ତ ପ୍ରାଣରେ ଡହକ ବିକଳ ହେଉଥିବ ଓ ଯାହା ସମ୍ମୁଖରେ ମଧୁର ଓ ଶୀତଳ ଜଳର ପରିଷ୍କାର ଝରଣା ଦୃଷ୍ଟିଗୋଚର ହେଉଥିବ । ସେହି ଝରଣା ନିକଟକୁ ସେ ଗୁରୁଣ୍ଡି ଗୁରୁଣ୍ଡି ଯିବ ଓ ନିଜର ଶୋଷିଲା ଓଠକୁ ଲଗାଇ ସେ ପର୍ଯ୍ୟନ୍ତ ଜଳପାନ କରିବ ଯେ ପର୍ଯ୍ୟନ୍ତ ତା'ର ତୃଷା ନିବାରଣ ନହୋଇଛି ଓ ସେ ଆତ୍ମସନ୍ତୋଷ ଲାଭ ନକରିଛି ।

ପୁନଶ୍ଚ ଈଶ୍ୱର ପବିତ୍ର କୁରଆନରେ ଆପଣା ସଦଗୁଣାବଳୀ ବର୍ଣ୍ଣନା କରି କହିଛନ୍ତି:

قُلْ هُوَ اللّٰهُ اَحَدٌ ـ اَللّٰهُ الصَّمَدُ ـ لَمْ يَلِدْ وَلَمْ يُوْلَدْ ـ وَلَمْ يَكُنْ لَّهٗ كُفُوًا اَحَدٌ

କୁଲ ହୁଅଲ୍ଲାହୁ ଆହାଦ୍ । ଅଲ୍ଲାହୁସ୍ ସମଦ୍ । ଲମ୍ୟଲଦ୍ ୱ୍ୱଲମ୍ ୟୁଲଦ୍ ;
ୱ୍ୱଲମ୍ ୟକୁଲ୍ଲହୁ କୁଫୁୱ୍ୱନ୍ ଆହାଦ୍ । *(ଇଖ୍‌ଲାସ 112: 2-5)*

ଅର୍ଥାତ 'ତୁମ ଈଶ୍ୱର ଏକ ଓ ଅଦ୍ୱିତୀୟ । ନିଜ ଅସ୍ତିତ୍ୱ ଓ ଗୁଣାବଳୀ ଦୃଷ୍ଟିରୁ ଅନନ୍ୟ । ନା କେହି ତାହାଙ୍କ ସଦୃଶ ଅମର ଓ ଚିରସ୍ଥାୟୀ (ଅର୍ଥାତ ଅନାଦି ଓ ଅକାଳ-ଲେଖକ) ହୋଇଛନ୍ତି । ନା କାହାର ଗୁଣ ତାହାଙ୍କ ନୈସର୍ଗୀକ ଗୁଣର ସରି ହୋଇଛି ।'

ମନୁଷ୍ୟର ଜ୍ଞାନ ଆହରଣ କରିବା ଜଣେ ଶିକ୍ଷକ ଉପରେ ନିର୍ଭରଶୀଳ, କିନ୍ତୁ ତାହା ସୀମିତ । ମାତ୍ର ଈଶ୍ୱରୀୟ ଜ୍ଞାନ କୌଣସି ଶିକ୍ଷକ ଆବଶ୍ୟକ କରେ ନାହିଁ ଏବଂ ତାହା ଅସୀମିତ । ମନୁଷ୍ୟର ଶ୍ରବଣ ଶକ୍ତି ବାୟୁର ପ୍ରବାହ ଉପରେ ନିର୍ଭର କରେ, କିନ୍ତୁ ତାହା ଏକ ସୀମିତ ପରିସର ମଧ୍ୟରେ ଶୁଣାଯାଏ । ଅଥଚ ଈଶ୍ୱରଙ୍କ ଶ୍ରବଣ ଶକ୍ତି ତାଙ୍କର ସହଜାତ ପ୍ରବୃତ୍ତି, ଯାହା ବାୟୁ ମଧ୍ୟରେ ସୀମାବଦ୍ଧ ନୁହେଁ । ସେହିପରି ମନୁଷ୍ୟର ପାର୍ଥିବ ଚକ୍ଷୁରେ ଦେଖିବା ସୂର୍ଯ୍ୟ କିମ୍ବା ଅନ୍ୟ କୌଣସି ଆଲୋକର ମାଧ୍ୟମ ଆବଶ୍ୟକ କରିଥାଏ ଓ ତାହା ପୁଣି ସୀମାବଦ୍ଧ । କିନ୍ତୁ ଈଶ୍ୱରଙ୍କ ଦୃଶ୍ୟାବଲୋକନ ତାହାଙ୍କ ନିଜସ୍ୱ ଦିବ୍ୟଚକ୍ଷୁ ଦ୍ୱାରା ହିଁ ସମ୍ଭବ, ଯେଉଁ ଦୃଷ୍ଟିଶକ୍ତି ଅପରିସୀମ । ମନୁଷ୍ୟର ସୃଷ୍ଟି କରିବା କାର୍ଯ୍ୟ କେତେକ ପଦାର୍ଥ ଉପରେ ନିର୍ଭର କରିଥାଏ, ଯାହା ପାଇଁ ସମୟର ଆବଶ୍ୟକତା ପଡ଼େ ଓ ତାହାର ଏକ ସୀମା ମଧ୍ୟ ଅଛି । କିନ୍ତୁ ଈଶ୍ୱରଙ୍କ ସୃଜନୀ ଶକ୍ତି ଅପରିମିତ । ନା ଏହା କୌଣସି ପାର୍ଥିବ ବସ୍ତୁ ଉପରେ ନିର୍ଭର କରିଥାଏ ନା ସେଥିପାଇଁ ସମୟର ଆବଶ୍ୟକତା ଅଛି । ବରଂ ତାଙ୍କର ଅନନ୍ତ ରହସ୍ୟମୟ ସୃଷ୍ଟିର କାରଣ କୌଣସି ସୀମା ମଧ୍ୟରେ ଆବଦ୍ଧ ନୁହେଁ । ତେଣୁ ଏହାର ପରମ କାରଣ ହେଉଛି ପରମେଶ୍ୱରଙ୍କ ଯେତେସବୁ ଐଶିଗୁଣ ରହିଛି, ତାହାର କୌଣସି ସାଦୃଶ୍ୟ ନାହିଁ । ଯେପରି ତାଙ୍କର କୌଣସି ଉପମା ନାହିଁ ଓ ସେ କାହା ସହିତ ସମାନ ବା ତୁଳନୀୟ ନୁହନ୍ତି, ସେହିପରି ତାଙ୍କର ଗୁଣାବଳୀର ମଧ୍ୟ କୌଣସି ତୁଳନା ନାହିଁ । ଯଦି ଗୋଟିଏ ଗୁଣ ତାଙ୍କର ତ୍ରୁଟିଯୁକ୍ତ ହୋଇଥିବ, ତା'ହେଲେ ତାହାଙ୍କ ସମସ୍ତ ଗୁଣାବଳୀ ତ୍ରୁଟିପୂର୍ଣ୍ଣ ହୋଇଯିବେ । ସେଥିପାଇଁ ତାଙ୍କର ଏକତ୍ୱ ସେ ପର୍ଯ୍ୟନ୍ତ ପ୍ରତିଷ୍ଠା କରାଯାଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ କି ତାଙ୍କ ଅସ୍ତିତ୍ୱ

ସଦୃଶ ନିଜର ସମସ୍ତ ସଦ୍‌ଗୁଣାବଳୀ ଅନୁପମସିଦ୍ଧ ହୋଇ ନାହାନ୍ତି ଓ ତାଙ୍କର ସମବିଦ୍ୟମାନତା ପ୍ରତିଷ୍ଠିତ ନହୋଇଛି । ତେବେ ଉକ୍ତ କୁରଆନ ପଙ୍‌କ୍ତିରେ ଆଗକୁ ଏପରି ତାତ୍ପର୍ଯ୍ୟ ରହିଛି ଯେ ଈଶ୍ୱର ନା କାହାର ପୁତ୍ର ନା କେହି ତାଙ୍କର ପୁତ୍ର । ଏହା ହିଁ କୁରଆନ ଶିକ୍ଷାର ଅନନ୍ୟ ବୈଶିଷ୍ଟ୍ୟ ପ୍ରତିପାଦନ କରେ ଯେ ସେ ସ୍ୱୟଂ ସଂପୂର୍ଣ୍ଣ ଓ ଆତ୍ମ ନିର୍ଭରଶୀଳ । ତେଣୁ ତାଙ୍କୁ ନା କୌଣସି ପିତାର ଆବଶ୍ୟକତା ଅଛି ନା କୌଣସି ପୁତ୍ରର ଆବଶ୍ୟକତା ଅଛି । ଏହା ହିଁ ଆମ ଶିକ୍ଷାର ମୂଳାଧାର ।

(ଲେକଚର ଲାହୋର, ରୁହାନୀ ଖଜାଇନ୍, ଖଣ୍ଡ ୨୦, ପୃ ୧୫୨-୧୫୩)

ମୁଁ ମୋ ଜମାଅତର ଲୋକମାନଙ୍କୁ ଏହା ଜଣାଇ ଦେବାକୁ ଚାହେଁ ଯେ ଅଲ୍ଲାଃ ମୋତେ ସମ୍ବୋଧନ କରି କହିଛନ୍ତି, ଯେଉଁ ଲୋକମାନେ ଏପରି ବିଶ୍ୱାସ ସ୍ଥାପନ କରିଛନ୍ତି ଯହିଁରେ ସାଂସାରିକ ବିଷୟର ମିଶ୍ରଣ ନାହିଁ ଓ ସେହି ବିଶ୍ୱାସ ବିଦ୍ୱେଷ ବା କାପୁରୁଷତା ଦ୍ୱାରା ପ୍ରଦୂଷିତ ହୋଇ ନାହିଁ ଓ ସେହି ବିଶ୍ୱାସରେ ଯେକୌଣସି ସ୍ତରର ଆଜ୍ଞାବହ ହେବାରେ ଅଭାବ ନାହିଁ, ସେହି ଲୋକମାନେ ଅଲ୍ଲାଃଙ୍କର ଅଧିକ ପ୍ରିୟପାତ୍ର । ଈଶ୍ୱର କହିଛନ୍ତି ଯେ ସେହିମାନେ ହିଁ ସତ୍ୟ ଉପରେ ପାଦ ଥାପିଛନ୍ତି, ଯାହା ଯଥାର୍ଥ ଓ ଉଚିତ ପଦକ୍ଷେପ ।

ହେ ଶ୍ରୋତାଗଣ ! ଅଲ୍ଲାଃ ତୁମମାନଙ୍କ ଠାରୁ କ'ଣ ଚାହୁଁଛନ୍ତି ଶୁଣ । କେବଳ ଏତିକି ଯେ ତୁମେମାନେ ତାହାଙ୍କର ହୋଇଯାଅ । ତାହାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କର ନାହିଁ; ନା ଆକାଶରେ ନା ଭୂପୃଷ୍ଠରେ । ଆମମାନଙ୍କର ଅଲ୍ଲାଃ ଏବେ ମଧ୍ୟ ସେହିପରି ଜୀବିତ ଅଛନ୍ତି, ଯେପରି ସେ ପୂର୍ବରୁ ଜୀବିତ ଥିଲେ । ପୂର୍ବରୁ ସେ ଯେପରି କହୁଥିଲେ ଆଜି ମଧ୍ୟ ସେହିପରି କହୁଛନ୍ତି । ପୂର୍ବରୁ ସେ ଯେପରି ଶୁଣୁଥିଲେ ଆଜି ମଧ୍ୟ ସେହିପରି ଶୁଣୁଛନ୍ତି । ସେ ଏହି ଯୁଗରେ ଶୁଣୁଛନ୍ତି କିନ୍ତୁ କହୁନାହାନ୍ତି ବୋଲି ଧାରଣା କରିବା ନିରର୍ଥକ । ବସ୍ତୁତଃ ଏବେ ବି ସେ ଶୁଣୁଛନ୍ତି ଓ କହୁଛନ୍ତି । ତାଙ୍କର ସମସ୍ତ ଗୁଣାବଳୀ ପ୍ରାରମ୍ଭରୁ ବିଦ୍ୟମାନ ଅଛି ଓ ଶେଷ ପର୍ଯ୍ୟନ୍ତ ରହିବ । କୌଣସି ଗୁଣ ସାମୟିକ ଅବରୋଧ ହୋଇନାହିଁ କି କେବେ ହେବ ନାହିଁ । ସେ ହିଁ ଏକ ଓ ଅଦ୍ୱିତୀୟ, ଯାହାଙ୍କର କେହି ସମକକ୍ଷ ନୁହନ୍ତି । ତାଙ୍କର କୌଣସି ପୁତ୍ର ନାହିଁ କି କୌଣସି ପତ୍ନୀ । ସେ ଅନନ୍ୟ ଓ ଅତୁଳନୀୟ । ଅନ୍ୟ କୌଣସି ବ୍ୟକ୍ତିଠାରେ ତାହାଙ୍କ ସଦୃଶ କୌଣସି ସ୍ୱତନ୍ତ୍ର ଗୁଣ

ନାହିଁ । କେହି ତାଙ୍କ ସହ ସମାନ ନୁହେଁ । ଅନ୍ୟ କେହି ତାଙ୍କ ଗୁଣାବଳୀରେ ଭୂଷିତ ନୁହନ୍ତି । ତାଙ୍କର କୌଣସି ଶକ୍ତି ହ୍ରାସ ପାଇ ନାହିଁ । ଦୂରରେ ଥିଲେ ମଧ୍ୟ ସେ ନିକଟରେ ଥାଆନ୍ତି । ନିକଟରେ ଥିଲେ ମଧ୍ୟ ସେ ଦୂରରେ ଥାଆନ୍ତି । ସେ 'ଅହଲେ କସ୍‌ଫ୍' ଅର୍ଥାତ ସେହି ଅଦୃଶ୍ୟ ସତ୍ତା ଅର୍ଦ୍ଧଚେତନ ଅବସ୍ଥାରେ ଭକ୍ତଙ୍କୁ ଅଲୌକିକ ଦୃଶ୍ୟ ମାଧ୍ୟମରେ ଦେଖା ଦିଅନ୍ତି । ପରନ୍ତୁ ସେଥିପାଇଁ ନା ତାଙ୍କର ନିଜର କୌଣସି ଶରୀର ଅଛି ନା ରୂପ ଅଛି । ସେ ସମସ୍ତଙ୍କର ଉର୍ଦ୍ଧ୍ୱରେ, କିନ୍ତୁ କହିହେବ ନାହିଁ ଯେ ତାଙ୍କ ତଳେ ଅନ୍ୟ କେହି ବି ଅଛି । ସେ 'ଅର୍ଶ୍'(ସିଂହାସନ) ଉପରେ ବିଦ୍ୟମାନ ଅଥଚ ସେ ଭୂପୃଷ୍ଠରେ ନାହାନ୍ତି ବୋଲି କୁହାଯାଇ ପାରିବ ନାହିଁ । ସକଳ ଶ୍ରେଷ୍ଠ ଗୁଣାବଳୀ ତାଙ୍କଠାରେ ଠୁଳ ହୋଇଛି । ସେ ହିଁ ସମସ୍ତ ପ୍ରଶଂସନୀୟ ଗୁଣର ପ୍ରକାଶ ସ୍ଥଳୀ । ସେ ହିଁ ସକାଳ ଉତ୍କର୍ଷତାର ଉତ୍ପତ୍ତି ସ୍ଥଳ । ସମସ୍ତ ଶକ୍ତି ତାଙ୍କଠାରେ ଏକତ୍ରୀତ ହୋଇଛି । ସେ ହିଁ ସକଳ କୃପାର ଉଦ୍‌ଗମ ସ୍ଥଳ । ସେ ହିଁ ପ୍ରତ୍ୟେକ ବିଷୟର ଆଶ୍ରୟ ସ୍ଥଳ । ସେ ହିଁ ପ୍ରତ୍ୟେକ ରାଜ୍ୟର ଅଧୀଶ୍ୱର । ସେ ହିଁ ପ୍ରତ୍ୟେକ ପ୍ରକାର ଶ୍ରେଷ୍ଠତା ଠାରୁ ଅଧିକ ଶ୍ରେଷ୍ଠ । ସେ ପ୍ରତ୍ୟେକ ପ୍ରକାର ଦୋଷ ଦୁର୍ବଳତାରୁ ମୁକ୍ତ । ତାଙ୍କର ସ୍ୱାତନ୍ତ୍ର୍ୟ ଏହି ଯେ କି ଦେବଲୋକ ବା ଇହଲୋକ ସମସ୍ତଙ୍କର ସେ ହିଁ ଏକମାତ୍ର ଉପାସ୍ୟ । ତାଙ୍କ ପାଇଁ କୌଣସି କାର୍ଯ୍ୟ ବା ବିଷୟ ଅସାଧ୍ୟ ନୁହେଁ । ସମସ୍ତ ଆତ୍ମା ଓ ତହିଁରେ ଥିବା ଶକ୍ତି ତଥା ସମସ୍ତ ଅଣୁ ଓ ତହିଁରେ ଥିବା ଶକ୍ତିକୁ ସେ ହିଁ ଜନ୍ମ ଦେଇଛନ୍ତି । ତାହାଙ୍କ ବ୍ୟତିରେକେ କୌଣସି ବିଷୟ ପ୍ରକଟିତ ହୁଏ ନାହିଁ । ସେ ନିଜର ଶକ୍ତି, ନିଜର ସାର୍ବଭୌମତ୍ୱ କ୍ଷମତା ଓ ନିଜର ନିଦର୍ଶନ ଦ୍ୱାରା ସ୍ୱୟଂ ନିଜକୁ ପ୍ରକଟିତ କରାନ୍ତି ଓ ଆମେ ତାହାଙ୍କୁ ତାଙ୍କରି ମାଧ୍ୟମରେ ପାଇପାରୁ । ସେ ସତ୍ୟନିଷ୍ଠଙ୍କ ଉପରେ ସର୍ବଦା ନିଜର ଅସ୍ତିତ୍ୱକୁ ପ୍ରକଟିତ କରୁଥାନ୍ତି ଓ ସେମାନଙ୍କୁ ସର୍ବଶକ୍ତିମାନ ହେବା ପ୍ରଦର୍ଶନ କରନ୍ତି । ଏହିସବୁ ବୈଶିଷ୍ଟ୍ୟରୁ ହିଁ ତାଙ୍କୁ ଚିହ୍ନି ହୁଏ । ଏଥିରୁ ହିଁ ତାଙ୍କ ମନପସନ୍ଦ ମାର୍ଗକୁ ପରଖି ନିଆ ଯାଇପାରେ । ପାର୍ଥିବ ଚକ୍ଷୁ ନଥାଇ ସେ ଦେଖିପାରନ୍ତି ଓ ପାର୍ଥିବ କର୍ଣ୍ଣ ନଥାଇ ସେ ଶୁଣିପାରନ୍ତି ଓ ପାର୍ଥିବ ଜିହ୍ୱା ନଥାଇ ସେ କହିପାରନ୍ତି । ଏହି ରୂପେ ଅବିଦ୍ୟମାନତାକୁ ବିଦ୍ୟମାନତାରେ ପରିଣତ କରିବା ତାଙ୍କର କାର୍ଯ୍ୟ । କୌଣସି ଭୌତିକ ବସ୍ତୁ ନଥାଇ ସ୍ୱପ୍ନରେ ଏକ ପରିବେଶର ସୃଷ୍ଟିକୁ ତୁମେମାନେ ଦୃଶ୍ୟ ଆକାରରେ ଦେଖିବାକୁ ପାଉଛ ଓ ପ୍ରତ୍ୟେକ କ୍ଷୟଶୀଳ

ତଥା ବିଲୁପ୍ତ ବସ୍ତୁକୁ ସେ ଅସ୍ତିତ୍ୱବାନ୍ ରୂପରେ ପ୍ରଦର୍ଶନ କରାନ୍ତି । ଏହି ରୂପେ ସେ ସମସ୍ତ ଶକ୍ତିର ଅଧିକାରୀ ହୋଇଛନ୍ତି । ଯେଉଁ ବ୍ୟକ୍ତି ତାହାଙ୍କର ଶକ୍ତିକୁ ଅସ୍ୱୀକାର କରେ, ସେ ଅନ୍ଧ । ଯେଉଁ ବ୍ୟକ୍ତି ତାଙ୍କର ଅକଳନୀୟ ଶକ୍ତି ସମ୍ପର୍କରେ ଅବଗତ ନୁହେଁ, ସେ ଅନ୍ଧ । ଯେଉଁ ସବୁ କାର୍ଯ୍ୟ ତାଙ୍କ ମର୍ଯ୍ୟାଦାର ପରିପନ୍ଥୀ ବା ପ୍ରତିଶ୍ରୁତିର ବିରୁଦ୍ଧାଚରଣ କରୁଛି, ତାହା ବ୍ୟତିରେକେ ସେ ଅନ୍ୟ ସବୁକିଛି କରନ୍ତି ତଥା କରିପାରନ୍ତି । ନିଜର ଅସ୍ତିତ୍ୱ, ଗୁଣାବଳୀ, କାର୍ଯ୍ୟାବଳୀ ଓ ଶକ୍ତିସମୂହ ଦୃଷ୍ଟିରୁ ସେ ଅଦ୍ୱିତୀୟ । ତାହାଙ୍କ ନିକଟରେ ପହଞ୍ଚିବା ପାଇଁ ସମସ୍ତ ଦ୍ୱାର ବନ୍ଦ ରହିଛି, ମାତ୍ର ସେଥିପାଇଁ ପବିତ୍ର କୁରଆନ ଏକ ଦ୍ୱାର ଖୋଲିଛି ।

(ଅଲ ଓ୍ୱସିୟତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୦, ପୃ ୩୦୯-୩୧୧)

## ଅଲ୍ଲାଃ ସକଳ ପ୍ରଶଂସାର ଅଧିକାରୀ :

ସକଳ ପ୍ରଶଂସା ସେହି ବାସ୍ତବ ଈଶ୍ୱରଙ୍କ ପ୍ରତି ଅଭିପ୍ରେତ, ଯିଏ ସମସ୍ତ ନୈସର୍ଗୀକ ଗୁଣର ସମାହାର ଓ ତାହାଙ୍କ ନାମ ହିଁ ଅଲ୍ଲାଃ । ଆମେ ପ୍ରଥମରୁ ଏହା ବର୍ଣ୍ଣନା କରିଛୁ ଯେ ପବିତ୍ର କୁରଆନର ଅଭିବ୍ୟକ୍ତି ଅନୁସାରେ ଅଲ୍ଲାଃ ସେହି ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ଅସ୍ତିତ୍ୱର ନାମ, ଯିଏ ନିଜର ସଦ୍‌ଗୁଣାବଳୀକୁ ସର୍ବଶ୍ରେଷ୍ଠ ଦକ୍ଷତା ସହିତ ନିଖୁଣ ଭାବରେ ପ୍ରଦର୍ଶନ କରିଥାନ୍ତି । ସେ ହିଁ ପ୍ରକୃତ ଉପାସନାର ଯୋଗ୍ୟ, ଯାହାଙ୍କର କେହି ସହାୟକ ନାହାନ୍ତି ଓ ସେ ସର୍ବଗୁଣସଂପନ୍ନ ସର୍ବାଙ୍ଗ ସତ୍ତା । ସେ ହିଁ ସମସ୍ତ ଆଶୀର୍ବାଦର ଉତ୍ସ, ବଦାନ୍ୟତାର ନିର୍ଝର ଓ ସକଳ ହିତକାରକ ଓ କଲ୍ୟାଣମୟୀ ଶକ୍ତିର ଉତ୍ପତ୍ତି ସ୍ଥଳ । କାରଣ ସର୍ବଶକ୍ତିମାନ 'ଅଲ୍ଲାଃ' ତାହାଙ୍କ ଦ୍ୱାରା ଅବତୀର୍ଣ୍ଣ ପବିତ୍ର ପୁସ୍ତକରେ ନିଜ ନାମ ଅଲ୍ଲାଃ ରଖିଛନ୍ତି, ଯାହାକୁ ଅନ୍ୟ ସମସ୍ତ ନାମ ଓ ଗୁଣ ଉପରେ ଗୁଣବାଚକ ବିଶେଷ୍ୟ ରୂପେ ଆଖ୍ୟାୟୀତ କରିଛନ୍ତି । ଅନ୍ୟ କୌଣସି ନାମକୁ କୌଣସି ସ୍ଥାନରେ ଏପରି ଉଚ୍ଚ ମାନ୍ୟତା ଦିଆଯାଇ ନାହିଁ । ସୁତରାଂ 'ଅଲ୍ଲାଃ' ନାମ ଅନ୍ୟ ସମସ୍ତ ଉତ୍କୃଷ୍ଟ ଗୁଣାବଳୀକୁ ବ୍ୟାପକ ଭାବେ ଧାରଣ କରି ରଖିଛି ।

ସୁତରାଂ 'ଅଲ୍‌ହମ୍‌ଦୁଲିଲ୍ଲାଃ'ର ସାରାଂଶ ଅର୍ଥ ଏହା ବାହାରୁଛି ଯେ ସମସ୍ତ ପ୍ରକାରର ପ୍ରଶଂସା, ତାହା ପ୍ରକାଶ୍ୟ ଭାବରେ ହେଉ କି ଗୁପ୍ତ ଭାବରେ,

ତାହା ବ୍ୟକ୍ତିଗତ ପରିପୂର୍ଣ୍ଣତା ଦୃଷ୍ଟିକୋଣରୁ ହୋଇଥାଉ କି ପ୍ରାକୃତିକ ବିସ୍ମୟ ଦୃଷ୍ଟିକୋଣରୁ, ସେ ସବୁ ଅଲ୍ଲାଃଙ୍କର ବିଶେଷତ୍ୱ । ଏହି ବିଷୟରେ ତାହାଙ୍କ ସହିତ କାହାର ବି ସଂପୃକ୍ତି ନାହିଁ । ଏହାର ଯଥାର୍ଥ ଭାବ ହେଉଛି ଯେ ସମସ୍ତ ପ୍ରକାର ସତ୍‌ପ୍ରଶଂସା ତଥା ପରିପୂର୍ଣ୍ଣ ସଦ୍‌ଗୁଣାବଳୀ ଯାହାକୁ ଜଣେ ବିଜ୍ଞତାସଂପନ୍ନ ବ୍ୟକ୍ତି ଚିନ୍ତା କରିପାରିବ ଅଥବା ଜଣେ ଚିନ୍ତାଶୀଳ ବ୍ୟକ୍ତିଙ୍କ ଧାରଣାରେ ତାହା ପ୍ରତିଫଳିତ ହୋଇପାରିବ, ସେସବୁ ଅଲ୍ଲାଃଙ୍କ ଠାରେ ରହିଛି । ଏପରି କୌଣସି ଗୁଣର ଉତ୍କର୍ଷତା ନାହିଁ, ଯାହାକୁ ପ୍ରମାଣ ଦ୍ୱାରା ସମର୍ଥନ କରିବା ମନୁଷ୍ୟ ପକ୍ଷେ ସମ୍ଭାବନା ରହିଛି । ବରଂ ସର୍ବଶକ୍ତିମାନ ଈଶ୍ୱର ଜଣେ ହତଭାଗା ମନୁଷ୍ୟ ପରି ଏହି ସଦ୍‌ଗୁଣାବଳୀରୁ କେବେ ବଞ୍ଚିତ ହୋଇନାହାନ୍ତି । କୌଣସି ବିଦ୍ୱାନ ବ୍ୟକ୍ତିର ବୁଦ୍ଧିମତା ସେହି ଉତ୍କର୍ଷ ଗୁଣାଦି ଆଡ଼କୁ କଦାପି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବ ନାହିଁ, ଯାହା ଈଶ୍ୱରଙ୍କ ଠାରେ ମିଳେ ନାହିଁ । ସେ ସମସ୍ତ ସଦ୍‌ଗୁଣାବଳୀର ସର୍ବାଧିକ ସ୍ଥିତିରେ ରହିଛନ୍ତି, ଯେଉଁ ପର୍ଯ୍ୟନ୍ତ ମନୁଷ୍ୟର ଧୀଶକ୍ତି ବୁଝିପାରେ । ସେ ପ୍ରତ୍ୟେକ ଦୃଷ୍ଟିକୋଣରୁ ତାଙ୍କ ଅସ୍ତିତ୍ୱରେ, ଗୁଣାବଳୀରେ ଓ ମହିମାରେ ଶ୍ରେଷ୍ଠତାର ଶୀର୍ଷ ସ୍ଥାନରେ ବିରାଜମାନ ହୋଇଛନ୍ତି । ସେ ସମସ୍ତ ଅବଗୁଣରୁ ମୁକ୍ତ ଓ ଦୋଷ ଦୁର୍ବଳତାରୁ ପବିତ୍ର ହୋଇଥିବାର ଗୌରବ ଲାଭ କରିଛନ୍ତି । ଏବେ ଦେଖନ୍ତୁ ଏହା କିପରି ସତ୍ୟତାର ପ୍ରଦର୍ଶନ, ଯହିଁରୁ ସତ୍ୟ ଓ ମିଥ୍ୟା ଧର୍ମର ସ୍ପଷ୍ଟ ପରିପ୍ରକାଶ ହୋଇଥାଏ ।

## ଅନ୍ୟ ଧର୍ମମାନଙ୍କରେ ଈଶ୍ୱର ସମ୍ବନ୍ଧୀୟ ତ୍ରୁଟିପୂର୍ଣ୍ଣ ଧାରଣା

ସମସ୍ତ ଧର୍ମ ଉପରେ ଗଭୀର ଭାବେ ଚିନ୍ତା କଲେ ଏହା ଜଣାପଡ଼େ ଯେ ଇସଲାମ ବ୍ୟତୀତ ଦୁନିଆରେ ଏପରି କୌଣସି ଧର୍ମ ନାହିଁ, ଯାହା ଏହି ଶିକ୍ଷା ଦିଏ ଯେ ସର୍ବଶକ୍ତିମାନ ଈଶ୍ୱର ସକଳ ପ୍ରକାର ଦୋଷ ଦୁର୍ଗୁଣରୁ ମୁକ୍ତ । ସେ ସମସ୍ତ ମଳିନତା ଓ ଆବିଳତାରୁ ସ୍ୱଚ୍ଛ ଓ ପବିତ୍ର । ସମସ୍ତ ପ୍ରକାର ଦିବ୍ୟ ପ୍ରଶଂସନୀୟ ଗୁଣରେ ସେ ପରିପୂର୍ଣ୍ଣତା ଲାଭ କରିଛନ୍ତି ।

## ହିନ୍ଦୁ ଓ ଆର୍ଯ୍ୟସମାଜୀଙ୍କ ଧର୍ମଧାରଣା :

ଜଣେ ସାଧାରଣ ହିନ୍ଦୁ ବୁଝିଥାଏ ଯେ ତାଙ୍କ ଦେବାଦେବୀଙ୍କୁ ଏକ ପାଳନକର୍ତ୍ତା ରୂପେ ଗ୍ରହଣ କରାଯାଇ ପାରିବ ଯେ କି ସଭିଙ୍କୁ ପରିତ୍ରାଣ କରିବାରେ ଏକ ଅଂଶୀଦାର ଏବଂ ସେମାନେ ପରମେଶ୍ୱରଙ୍କ ସକଳ କାର୍ଯ୍ୟରେ ଅଂଶଗ୍ରହଣ କରିଥାନ୍ତି । ସେମାନଙ୍କ ଠାରେ ଈଶ୍ୱରଙ୍କ ନିର୍ମାଣ କୌଶଳ ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାର କ୍ଷମତା ରହିଛି । ତାହାଙ୍କ କାର୍ଯ୍ୟକୁ ସ୍ଥାୟୀ ରୂପେ ପ୍ରଭାବିତ କରାଯାଇ ପାରିବ ତଥା ସେଥିରେ ହସ୍ତକ୍ଷେପ କରାଯାଇ ପାରିବ । ହିନ୍ଦୁମାନେ ଏହା ମଧ୍ୟ ବିବେଚନା କରିଥାନ୍ତି ଯେ ସେମାନଙ୍କ ଉପାସ୍ୟ ପ୍ରତୀମାଙ୍କ ଠାରେ ଏହି ଶକ୍ତି ରହିଛି ଯେ ଈଶ୍ୱରଙ୍କ ବିଧାନଗତ ନିଷ୍ପତ୍ତିକୁ ସେମାନେ ଓଲଟ ପାଲଟ କରି ଦେଇ ପାରିବେ । ସେମାନଙ୍କ ମତରେ ପରମେଶ୍ୱର ଅତୀତ ଯୁଗରେ ଜନ୍ମାନ୍ତର ପ୍ରାପ୍ତି ମାଧ୍ୟମରେ ମନୁଷ୍ୟ ରୂପରେ ଜନ୍ମ ହୋଇଥିଲେ ଅଥବା କେବେ ପଶୁ ରୂପରେ । କୌଣସି ଏକ ଯୁଗରେ ସେମାନଙ୍କ ପରମେଶ୍ୱର ଏପରି ନାନାଦି ଯୋନି ମଧ୍ୟରେ ପ୍ରବେଶ କରି ଆତ୍ମାଦେହୀ ଶରୀର ପ୍ରାପ୍ତ କରିଥିଲେ । ଯେପରି କି ଅପରିଷ୍କୃତ ଆବର୍ଜନାମୟ ପଙ୍କରେ ଲୋଟୁଥିବା ଘୁଷୁରୀ ! ମନ୍ଦ ଅଭ୍ୟାସରେ ଜଡ଼ିତ ରୁଗ୍ଣ ମାନସିକ ଜୀବ ! ସେହି ଜୀବ ସଦୃଶ ତାଙ୍କ ଠାରେ ଭୋକ ଶୋଷ, ଦୁଃଖ ଦରଦ, ଭୟ ଶୋକ, ରୋଗ ମୃତ୍ୟୁ, ଲଜ୍ୟା ଅପମାନ, ଅସହାୟତା ଓ ଦୁର୍ବଳତା ଇତ୍ୟାଦି ସବୁକିଛି ଦୁର୍ଦ୍ଦଶାରେ ସେ ଆକ୍ରାନ୍ତ ଦେଖାଯାଉଥିବ । ତେଣୁ ଏହା ସ୍ୱାଭାବିକ ଯେ ଏପରି ଅବଧାରଣା ଓ ଭ୍ରାନ୍ତ ବିଶ୍ୱାସ ଈଶ୍ୱରଙ୍କ ଉଚ୍ଚ ଗୁଣାବଳୀକୁ ତଳିତଳାନ୍ତ କରିଦିଏ ଓ ତାଙ୍କର ଶାଶ୍ୱତ ତଥା ଚିରସ୍ଥାୟୀ ଗୌରବ ଓ ମହିମାକୁ ହ୍ରାସ କରାଇଥାଏ ।

ସେମାନଙ୍କର ଭ୍ରାତୃ ଗୋଷ୍ଠୀ ଆର୍ଯ୍ୟ ସମାଜୀ ଯେଉଁମାନେ ବେଦକୁ କଡ଼ାକଡ଼ି ଭାବରେ ଅନୁସରଣ କରନ୍ତି, ସେମାନେ ସର୍ବଶକ୍ତିମାନ ଈଶ୍ୱରଙ୍କର ସୃଷ୍ଟି କରିବା କ୍ଷମତାକୁ ବିକେନ୍ଦ୍ରୀକରଣ କରିଥାନ୍ତି । ସେମାନେ ଏହି ମତପୋଷଣ କରିଥାନ୍ତି ଯେ ଆତ୍ମାକୁ ସୃଷ୍ଟି କରାଯାଇ ନାହିଁ, ବରଂ ଏହା ଆପଣା ଛାଏଁ ସତ୍ତାକୁ ଆସିଛି ଯେପରି ଭାବରେ ସ୍ୱୟଂ ଈଶ୍ୱରଙ୍କ ଅସ୍ତିତ୍ୱ ରହିଛି । ଅଥଚ ବୌଦ୍ଧିକ ଦୃଷ୍ଟିକୋଣରୁ ଦେଖିଲେ ତାଙ୍କ ଠାରେ ଦୋଷ ଦୁର୍ବଳତା ରହିଥିବାର ବିଚାର କରାଯାଇ ପାରିବ । ଯେତେବେଳେ କି ଈଶ୍ୱର ବିଶ୍ୱର ସର୍ବକର୍ତ୍ତୃକ ମାଲିକ ବୋଲାଉଥିଲେ

ସୁଦ୍ଧା ସେ କାହାର ପାଳନକର୍ତ୍ତା ଓ ସୃଷ୍ଟିକର୍ତ୍ତା ହୋଇପାରିବେ ନାହିଁ । ବରଂ ଏହି ସଂସାରିକ ଜୀବନ ତାଙ୍କ ଆଶ୍ରା ଓ ଭରସାରେ ପରିଚାଳିତ ନହୋଇ ନିଜର ଅସ୍ତିତ୍ୱ ବଳରେ ତିଷ୍ଠି ରହିଛି । ଯଦି ପ୍ରକୃତିସ୍ଥ ବୁଦ୍ଧି ବିବେକ ଆଗରେ ଏପରି ପ୍ରଶ୍ନ ଉତ୍ଥାପନ କରାଯିବ । ( ୧ ) ପ୍ରଥମତଃ ଏହା ଅଧିକ ଯୁକ୍ତିସଂଗତ ତତ୍ତ୍ୱ ହୋଇପାରେ ଯେ ପୂର୍ଣ୍ଣତାପ୍ରାପ୍ତ ପ୍ରଶଂସାରେ ବିମଣ୍ଡିତ ମହାଶକ୍ତି ସଂପନ୍ନ ଏୖଶି ସତ୍ତା ସମଗ୍ର ବିଶ୍ୱକୁ ନିଜର ଅପାର କ୍ଷମତା ବଳରେ କରାୟତ୍ତ କରି ରଖିଛନ୍ତି ଓ ସେମାନଙ୍କ ଅସ୍ତିତ୍ୱକୁ ପ୍ରକାଶିତ କରିଛନ୍ତି, ଯଦ୍ଦ୍ୱାରା ସେ ସେମାନଙ୍କ ପରମ ସ୍ରଷ୍ଟା ଓ ପାଳନକର୍ତ୍ତା ବୋଲାଇ ପାରିବେ । ସକଳ ସୃଷ୍ଟିଜଗତ ତାଙ୍କର ପ୍ରତିପାଳନ ଅଧୀନକୁ ଆସି ତାଙ୍କୁ ବିଧାତା ରୂପେ ପ୍ରତିପାଦନ କରିବ ଏବଂ ତାହାଙ୍କ ସୃଜନକ୍ଷମ ଗୁଣ ଓ ସୃଜନୀ ଶକ୍ତି ତାଙ୍କର ସହଜାତ ପ୍ରବୃତ୍ତି ରୂପେ ତାଙ୍କରି ମଧ୍ୟରେ ଠୁଳ ହୋଇ ରହିଥିବ । ସେ ମଧ୍ୟ ଜନ୍ମ ଓ ମରଣରୁ ପବିତ୍ର ହୋଇଥିବେ । ( ୨ ) ଦ୍ୱିତୀୟ ପ୍ରଶ୍ନ ମନରେ ଉଠିପାରେ ଯେ ଏହା ମଧ୍ୟ ତାଙ୍କ ପଦମର୍ଯ୍ୟାଦାର ଅଧିକ ଅନୁବର୍ତ୍ତୀ ହେବ ଯେ ସମଗ୍ର ସୃଷ୍ଟିଜଗତ ଯାହା ତାହାଙ୍କ ନିୟନ୍ତ୍ରଣାଧୀନରେ ରହିଛି, ତାଙ୍କ ଦ୍ୱାରା ସଂରଚନା କରାଯାଇ ନାହିଁ । ଏବଂ ଅସ୍ତିତ୍ୱ ଧାରଣ କରିବାରେ ତାହା ତାଙ୍କ ଉପରେ ନିର୍ଭରଶୀଳ ନୁହେଁ । ଆଉ ସେଥିଯୋଗୁଁ ସେ ସ୍ରଷ୍ଟା କି ପାଳନକର୍ତ୍ତା ନୁହନ୍ତି । ତେଣୁ ଏହା ମଧ୍ୟ ହୋଇ ନଥିବ ଯେ ସୃଷ୍ଟି କରିବାର ଗୁଣ ଓ ଶକ୍ତି ତାଙ୍କ କ୍ଷମତା ପରିସର ଅନ୍ତର୍ଭୁକ୍ତ ହେବ ନା ଜନ୍ମ ଓ ମରଣ ଜନିତ ଦୋଷ ଦୁର୍ବଳତାରୁ ସେ ମୁକ୍ତ ହୋଇଥିବେ ।

ସୁତରାଂ ଉପରୋକ୍ତ ଦୁଇଟି ସମ୍ଭାବନା ମଧ୍ୟରୁ କେଉଁଟି ତାତ୍ତ୍ୱିକ ପ୍ରମାଣ ଆଧାରରେ ଯୋଗ୍ୟ ସାବ୍ୟସ୍ତ ହେବ, ସେ ସମ୍ବନ୍ଧରେ ଆମର ବୁଦ୍ଧି ଓ ବିଚାର ଶକ୍ତି ଏହି ତତ୍ତ୍ୱକୁ କଦାପି ଗ୍ରହଣ କରିବ ନାହିଁ ଯେ ସେହି ପରମସତ୍ତା ଯେ କି ବିଶ୍ୱ ବିଧାତା ଓ ସମଗ୍ର ସଂସାରର ମାଲିକ, ଏହାର ସ୍ରଷ୍ଟା ନୁହନ୍ତି । ହଜାର ହଜାର ଆଶ୍ଚର୍ଯ୍ୟଜନକ ସ୍ୱାଭାବିକ ଗୁଣଗ୍ରାମ ଯାହା ଜୀବନ, ଆତ୍ମା ଓ ଶରୀରରେ ଦେଖିବାକୁ ମିଳିଥାଏ, ସେସବୁ ସ୍ୱୟଂ ସତ୍ତାଧାରୀ ଅର୍ଥାତ ଆପଣା ଛାଏଁ ବିଦ୍ୟମାନ ଅଛନ୍ତି । ଏପରି କେହି ନାହିଁ ଯିଏ ଏସବୁକୁ ସୃଷ୍ଟି କରିଛି ? ସେହି ଈଶ୍ୱର ଯିଏ ଏସବୁ ବିଷୟର ମାଲିକ ବୋଲାଉଛନ୍ତି, ସେ କେବଳ ନାମକୁ ମାତ୍ର ମୁନିବ ବା ପ୍ରଭୁ ରୂପେ ଆପଣାକୁ ଆଖ୍ୟାୟିତ କରୁଛନ୍ତି !

ଏହା ମଧ୍ୟ ଧରାଯିବ ନାହିଁ ଯେ ସୃଷ୍ଟି କରିବାର ଶକ୍ତି ତାଙ୍କଠାରେ ନାହିଁ କିମ୍ବା ସେ ଅସହାୟ ଓ ତ୍ରୁଟିଯୁକ୍ତ । ସେ ଅକ୍ଷୟ ନୁହନ୍ତି ଅର୍ଥାତ ସମସ୍ତ ଦୁଷିତ ପଦାର୍ଥ ଦିନେ ନା ଦିନେ କ୍ଷୟ ହୋଇଯିବା ଭଳି ସେ ମଧ୍ୟ କ୍ଷୟଗ୍ରସ୍ତ ହୋଇ ନିଃଶେଷ ହୋଇଯିବେ । କୌଣସି କୁତ୍ସିତ ଓ ଅଶୋଭନୀୟ ଆଚରଣ ଜନିତ କଦର୍ଯ୍ୟ ଅଭ୍ୟାସକୁ ତାଙ୍କରି ଆଡ଼କୁ ଆରୋପିତ କରାଯିବ ଅଥବା ମୃତ୍ୟୁ, ଶୋକ, ଦୁଃଖ, ଯନ୍ତ୍ରଣା, ନିଷ୍କ୍ରିୟତା କିମ୍ବା ଅଜ୍ଞାନତା ଆଦିକୁ ତାଙ୍କ ପ୍ରତି ଯଥାର୍ଥ ବୋଲି ଆମେ ଦର୍ଶାଇବା । ବରଂ ଏହାର ବିପରୀତରେ ସ୍ୱଷ୍ଟ ରୂପେ ଏହି ସାକ୍ଷ୍ୟ ପ୍ରମାଣିତ କରୁଛି ଯେ ଈଶ୍ୱର ଏହି ସବୁ ନୀଚ ଗୁଣ ଓ ନିକୃଷ୍ଟ ବିଷୟରୁ ପବିତ୍ର ହେବା ଉଚିତ ଏବଂ ଏଥିରେ ପରିପୂର୍ଣ୍ଣତା ଲାଭ କରିବା ଉଚିତ । ସଂପୂର୍ଣ୍ଣ ନିଖୁଣ ଓ ତ୍ରୁଟିହୀନ ହେବାର ସାମର୍ଥ୍ୟ ଅର୍ଜନ କରିବାକୁ ହେଲେ ପୂର୍ଣ୍ଣତଃ ଶକ୍ତି ଧାରଣର ଅଧିକାର ହାସଲ କରିବାକୁ ହୋଇଥାଏ । ଯଦି ଈଶ୍ୱରଙ୍କ ଠାରେ ସଂପୂର୍ଣ୍ଣ ଶକ୍ତି ହାସଲ କରିବାର ଅଧିକାର ନରହିଲା, ଯଦ୍ଦ୍ୱାରା ସେ କୌଣସି ପଦାର୍ଥକୁ ସୃଷ୍ଟି କରି ନପାରିଲେ ଏବଂ ନିଜର ଅସ୍ତିତ୍ୱକୁ ପ୍ରତ୍ୟେକ ପ୍ରକାରର କ୍ଷତି ଓ ଦୋଷତ୍ରୁଟିରୁ ମୁକ୍ତ କରି ରଖି ନପାରିଲେ, ତେବେ ସେଥିରେ ସଂପୂର୍ଣ୍ଣ ଦିବ୍ୟଶକ୍ତି ଲାଭ କରିବାର କ୍ଷମତା ରହିବ ନାହିଁ । ଯଦି ତାହା ସଂପୂର୍ଣ୍ଣ ଶକ୍ତିଶାଳୀ ହେବାର ଗୌରବ ବହନ କରିବ ନାହିଁ, ତା'ହେଲେ ସେ ସୃଷ୍ଟିକର୍ତ୍ତା ବୋଲାଇବା କିମ୍ବା ସଂପୂର୍ଣ୍ଣ ପ୍ରଶଂସାଯୋଗ୍ୟ ଗୁଣାବଳୀ ପ୍ରାପ୍ତ କରିଥିବାର ସୌଭାଗ୍ୟରୁ ବଞ୍ଚିତ ହୋଇ ରହିଗଲେ ବୋଲି ଧାରଣା କରାଯିବ ।

## ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଧାରଣା

ଏହା ଥିଲା ହିନ୍ଦୁ ଓ ଆର୍ଯ୍ୟସମାଜୀଙ୍କ ମତବାଦ । କିନ୍ତୁ ଖ୍ରୀଷ୍ଟିୟାନମାନେ ଯେପରି ଉପାୟରେ ଈଶ୍ୱରଙ୍କ ବୈଶିଷ୍ଟ୍ୟ ପ୍ରତିପାଦନ କରିଥାନ୍ତି, ତାହା ତାଙ୍କ ଗୌରବ ଓ ଗୁଣକୀର୍ତ୍ତନ ମାଧ୍ୟମରେ । ଏହା ଏପରି ଏକ ବିଷୟ ଯାହାକୁ କେବଳ ଗୋଟିଏ ପ୍ରଶ୍ନ ଦ୍ୱାରା ଜଣେ ବିଜ୍ଞ ବ୍ୟକ୍ତିକୁ ପଚରାଯିବ ଯେ ଈଶ୍ୱର ଯେ କି ସ୍ୱୟଂ ସଂପୂର୍ଣ୍ଣ, ଚିରସ୍ଥାୟୀ, ଅପର୍ଯ୍ୟାପ୍ତ, ପ୍ରାଚୁର୍ଯ୍ୟମୟ, ବୈଭବଶାଳୀ ଏବଂ ସେ ଅନାଦି କାଳ ମଧ୍ୟରେ ସମସ୍ତ ମହତ୍ୱପୂର୍ଣ୍ଣ କାର୍ଯ୍ୟ ସ୍ୱୟଂ ସମ୍ପାଦନ କରି ଆସୁଛନ୍ତି । ସେ ସ୍ୱୟଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ କୌଣସି ପିତା ବା ପୁତ୍ରର ବିନା ସହାୟତାରେ ସୃଷ୍ଟି କରିଛନ୍ତି । ସେହିପରି ସମସ୍ତ ଶରୀର ଓ ଆତ୍ମାକୁ ସେହି ଶକ୍ତି ପ୍ରଦାନ କରିଛନ୍ତି, ଯାହାର ସେମାନଙ୍କୁ ଆବଶ୍ୟକତା

ଥିଲା ଏବଂ ସେ ସ୍ୱୟଂ ବିଶ୍ୱର ତତ୍ତ୍ୱାବଧାରକ, ପୃଷ୍ଠପୋଷକ ତଥା ସଂରକ୍ଷକ ରୂପେ ଅବସ୍ଥାପିତ ହେଲେ । ବରଂ ଏସବୁ ପଦାର୍ଥ ସତ୍ତାକୁ ଆସିବା ପୂର୍ବରୁ ଯାହାକିଛି ସେମାନଙ୍କ ଜୀବନ ଧାରଣ ପାଇଁ ଆବଶ୍ୟକ କରୁଥିଲା, ସେ ସମସ୍ତ ଉପାଦାନକୁ ନିଜର ବିଶେଷ ଦୟା ବଳରେ ପରିପ୍ରକାଶ କଲେ । କୌଣସି ନିର୍ମାଣ କର୍ମୀର କାର୍ଯ୍ୟକୁ ଅପେକ୍ଷା ନକରି ସୂର୍ଯ୍ୟ ଚନ୍ଦ୍ର, ଅଗଣିତ ଗ୍ରହ ନକ୍ଷତ୍ର, ସଚରାଚର ପୃଥିବୀ ଓ ତହିଁରେ ଉପଲବ୍ଧ ହେଉଥିବା ହଜାରେ ପ୍ରକାର ବଦାନ୍ୟଗ୍ରାହୀ ସାମଗ୍ରୀ ଇତ୍ୟାଦି କେବଳ ନିଜର କରୁଣା ବଳରେ ଈଶ୍ୱର ମନୁଷ୍ୟ ପାଇଁ ସୃଷ୍ଟି କରିଛନ୍ତି । ଏହି ସବୁ କାର୍ଯ୍ୟ ପାଇଁ ଯେତେବେଳେ ସେ କୌଣସି ପୁତ୍ରର ସାହାଯ୍ୟତା ଲୋଡ଼ି ନାହାନ୍ତି, ସେପରି ସ୍ଥଳେ ଅନ୍ତିମ ଯୁଗରେ ସେହି ସ୍ୱୟଂସଂପୂର୍ଣ୍ଣ ଈଶ୍ୱର ନିଜର ସକଳ ଗୌରବ ଓ ଶକ୍ତିକୁ ପ୍ରତ୍ୟାଖ୍ୟାନ କରି  କିପରି ଭାବରେ ମାନବଜାତିର ମୁକ୍ତି ଓ ପରିତ୍ରାଣ ସକାଶେ ଜଣେ ପୁତ୍ର ଉପରେ ନିର୍ଭର କଲେ ? ସେପରି ଧରଣର ପୁତ୍ର ଯେ କି ଏପରି ନିକୃଷ୍ଟ ଗୁଣ ବିଶିଷ୍ଟ ଏବଂ ଯିଏ ନିଜ ପିତାଙ୍କର କୌଣସି ପ୍ରକାରେ ସାଦୃଶ୍ୟ ରକ୍ଷା କରିପାରୁ ନାହାନ୍ତି, ସେ ଏପରି ତ୍ରୁଟିପୂର୍ଣ୍ଣ ଦୁର୍ବଳ ପ୍ରାଣୀ ଯେ କି ପିତାଙ୍କ ପରି ଆକାଶ କିମ୍ବା ପୃଥିବୀର କୌଣସି ଏକ ଭାଗ ସୃଷ୍ଟି କରିବାକୁ ଅସମର୍ଥ । ସେଥିପାଇଁ ତାଙ୍କର ଈଶ୍ୱରତ୍ୱ ପ୍ରମାଣ କରିବା ଉଚିତ ଥିଲା । କିନ୍ତୁ ଏହା ପରିବର୍ତ୍ତେ ତାଙ୍କର ଅସହାୟତା ବ୍ୟକ୍ତ କରିବା ବାଇବେଲର ମାର୍କ ଲିଖିତ ସୁସମାଚାର ୮:୧୨ରେ ଏହିପରି ବର୍ଣ୍ଣନା କରାଯାଇଛି । ଯୀଶୁ ମସିହ ଦୀର୍ଘଶ୍ୱାସ ନେଇ ଲୋକମାନଙ୍କୁ କହିଥିଲେ:'ଏ ଯୁଗର ଲୋକମାନେ କାହିଁକି ମୋ ଠାରୁ ନିଦର୍ଶନ ଚାହୁଁଛନ୍ତି ? ମୁଁ ତୁମକୁ ସତ୍ୟ କହୁଛି, ଏହି ଯୁଗର ଲୋକମାନଙ୍କୁ କୌଣସି ଚିହ୍ନ ପ୍ରଦାନ କରାଯିବ ନାହିଁ ।'

ଯେତେବେଳେ ତାଙ୍କୁ କ୍ରୁଶ ଉପରେ ଚଢ଼ାଗଲା, ଇହୁଦିମାନେ କହିଲେ ଯେ ଯଦି ଆମ ସମକ୍ଷରେ ସେ ଜୀବିତ ହୋଇ ଫେରି ଆସନ୍ତି, ତା'ହେଲେ ଆମେ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବୁ । କିନ୍ତୁ ସେ ନିଜର ମୃତ୍ୟୁକାଳୀନ ଅସହାୟତା ପ୍ରକାଶ କଲେ ସିନା ଜୀବିତ ହେବାର ଚିହ୍ନ ସେମାନଙ୍କୁ ଦେଖାଇ ପାରିଲେ ନାହିଁ । ଏବଂ ନିଜ ଈଶ୍ୱରତ୍ୱକୁ ପ୍ରମାଣିତ କରିପାରିଲେ ନାହିଁ ନତୁବା ପ୍ରଭୁ ହୋଇଥିବାର ନିଜ ଶକ୍ତିକୁ ତିଳେ ମାତ୍ର ପ୍ରଦର୍ଶନ କରିପାରି ନଥିଲେ । ଯଦିଚ ସେ କେତେକ ଚମତ୍କାରୀତା ଦେଖାଇଥିଲେ, ଯାହାକୁ ତାଙ୍କ ପୂର୍ବବର୍ତ୍ତୀ ଅବତାରଗଣ ମଧ୍ୟ ବହୁମାତ୍ରାରେ

ଦେଖାଇ ଯାଇଛନ୍ତି । ବରଂ ଯୋହନ ଲିଖିତ ସମାଚାରରେ ଲେଖାଅଛି ଯେ ପୂର୍ବ ଯୁଗରେ ସେହି ଏକା ପ୍ରକାରର ଚମତ୍କାରୀତା ଓ ଅଲୌକିକ ଚିହ୍ନ ପୋଖରୀର ପାଣି ସଦୃଶ ପ୍ରକାଶିତ ହେଉଥିଲା । ଯୀଶୁ ଏହା ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କର ପ୍ରଭୁ ହେବା ସପକ୍ଷରେ କୌଣସି ଚିହ୍ନ ଦେଖାଇବାରେ ସେ ଅସମର୍ଥ ଥିଲେ । ଏପରିକି ସେ ଏକ ଚରିତ୍ରହୀନା ପାପପ୍ରବଣା ନାରୀ ଗର୍ଭରୁ ଜାତ ହୋଇଥିବାର ଧାରଣା ରଖି ଖ୍ରୀଷ୍ଟସମାଜ ତାଙ୍କୁ ବଦନାମ କରିଥାନ୍ତି । ସେହିପରି ଯୀଶୁ ଜୀବନସାରା ଲଜ୍ଜିତ ଓ ଅପମାନିତ ହେଲେ ଏବଂ ନିନ୍ଦା ଓ ଅପବାଦର କଳଙ୍କ ବହନ କଲେ । ସର୍ବଦା ହୀନମନ୍ୟତାର ଶୀକାର ହେଲେ, ଯେପରି ଜଣେ ଦୁର୍ଭାଗ୍ୟଶାଳୀ ବ୍ୟକ୍ତିର ଜୀବନରେ ଘଟିଥାଏ । ମାତୃଗର୍ଭର ଅନ୍ଧାର କୋଠରୀରେ ସେ ଦୀର୍ଘଦିନ ଧରି ବନ୍ଦୀ ହୋଇ ପଡ଼ି ରହିଲେ । ପୁଣି ଦୂଷିତମୟ ପରିସ୍ରାଦ୍ୱାର ଦେଇ ଜନ୍ମ ହେଲେ, ଠିକ ଯେପରି ଅବସ୍ଥାଚକ୍ର ମଧ୍ୟରେ ଜଣେ ମନୁଷ୍ୟ ଜନ୍ମ ହେବା ସମୟରେ ଗତି କରିଥାଏ । ପ୍ରତ୍ୟେକ ପ୍ରକାରର ପାପ ପଙ୍କିଳ ଓ କଳୁଷିତ ଜୀବନର ବୋଝ ମୁଣ୍ଡାଇଲେ । ଯୀଶୁ ତାଙ୍କର ସ୍ୱଳ୍ପବୁଦ୍ଧି, ଜ୍ଞାନର ଅପରିପକ୍ୱତା ଓ ଶକ୍ତିହୀନତା ସମ୍ବନ୍ଧରେ ନିଜ ପୁସ୍ତକରେ ସ୍ୱୟଂ ସ୍ୱୀକାର କରିଛନ୍ତି ଓ ନିଜ ଅସତ୍‌କର୍ମକୁ ପ୍ରକାଶ କରିଛନ୍ତି । ଏପରି ଜଣେ ଈଶ୍ୱରଙ୍କ ବିନମ୍ର ସେବକ କୌଣସି କାରଣ ନଥାଇ କିପରି ଆପଣାକୁ ଈଶ୍ୱର ପୁତ୍ର ବୋଲି ବର୍ଣ୍ଣନା କଲେ ? ସେ ନିଜ ଜ୍ଞାନ, ବ୍ୟୁତ୍ପତ୍ତି ଓ ବୋଧଶକ୍ତିରେ ଅନ୍ୟ ବରିଷ୍ଠ ଅବତାରମାନଙ୍କ ଠାରୁ ନ୍ୟୁନ ଓ କର୍ମକ୍ଷେତ୍ରରେ ମଧ୍ୟ ଊଣା ଥିଲେ । ତାଙ୍କର ଶିକ୍ଷା ମଧ୍ୟ ଅସଂପୂର୍ଣ୍ଣ ଥିଲା, ଯାହା ତାଙ୍କର ପୂର୍ବବର୍ତ୍ତୀ ଅବତାର ମୋସେସଙ୍କ ନିୟମ ବା ଧର୍ମୀୟ ବିଧାନର କେବଳ ଆଂଶିକ ରୂପରେ ଏକ ଶାଖା ହୋଇ ରହିଯାଇଛି ।

ତେଣୁ ଏହିସବୁ ଦୃଷ୍ଟିକୋଣରୁ ଦେଖିଲେ ଏହା କିପରି ଅନୁମତିଯୋଗ୍ୟ ହେବ ଯେ ସେହି ଅନନ୍ତ, ଅକ୍ଷୟ ଓ ଅନାଦି ଈଶ୍ୱର ଯେ କି ଜ୍ଞାନ ନୈପୁଣ୍ୟରେ ପରିପୂର୍ଣ୍ଣ, ପୂର୍ଣ୍ଣାଙ୍ଗ ଶକ୍ତିସଂପନ୍ନ ଓ ମହା ପରାକ୍ରମୀ ସର୍ବୋଚ୍ଚ କର୍ତ୍ତାଙ୍କ ପ୍ରତି ଏହି ଅପବାଦର କଳଙ୍କ ଲଗାଯିବ ଯେ ସେ ନିଜ ଅସ୍ତିତ୍ୱରେ ଓ ଗୁଣାବଳୀରେ ସ୍ୱୟଂସଂପୂର୍ଣ୍ଣ ଓ ବୈଭବଶାଳୀ ହୋଇଥିଲେ ସୁଦ୍ଧା ଶେଷରେ ଏପରି ଏକ ଦୁର୍ବଳ ଓ ତ୍ରୁଟିଯୁକ୍ତ ପୁତ୍ର ଉପରେ ନିର୍ଭରଶୀଳ ହୋଇଗଲେ ! ନିଜର ସମସ୍ତ ଗୌରବ ଓ ଶ୍ରେଷ୍ଠତ୍ୱକୁ ଅକସ୍ମାତ ହରାଇ ବସିଲେ । ମୁଁ ଏହା କଦାପି ବିଶ୍ୱାସ କରେ ନାହିଁ ଯେ କୌଣସି ହିତାହିତ

ଜ୍ଞାନ ଥିବା ବ୍ୟକ୍ତି ଏପରି ଅପଦସ୍ଥ ମୂଳକ ତତ୍ତ୍ୱର କଳ୍ପନା କରିପାରିବ ଯେ ସକଳ ନୈସର୍ଗୀକ ଗୁଣରେ ପରିପୂର୍ଣ୍ଣ, ଶାଶ୍ୱତ ମହିମାର ଅଧିକାରୀ ତଥା ଅପରିମିତ ଶକ୍ତି ବହନ କରିଥିବା ସର୍ବାଧିଶ୍ୱରଙ୍କ ପ୍ରତି କେହି ଏପରି ଦୋଷାରୋପ କରିପାରିବ ।

(ବରାହିନେ ଅହମଦିୟା ,ରୁହାନି ଖଜାଇନ୍, ଗ୍ରନ୍ଥ ଖଣ୍ଡ ୧, ପୃ ୪୩୫-୪୪୧,ପାଦଟିକା )

# ଈଶ୍ୱରଙ୍କ ନୈସର୍ଗୀକ ଗୁଣାବଳୀ

ସୁତରାଂ ଏହି ପ୍ରସଙ୍ଗରେ କୌଣସି ଅଧିକ ବିତର୍କ ନକରି ଏହା ଗ୍ରହଣ କରିନେବା ଆବଶ୍ୟକ ଯେ ସେହି ପରମତପ ସତ୍ୟ ଓ ସ୍ୱୟଂସଂପୂର୍ଣ୍ଣ ଜଗଦୀଶ୍ୱର, ଯାହାଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିବା ଜଣେ ଭକ୍ତର ପରମ କର୍ତ୍ତବ୍ୟ । ସେ ହେଉଛନ୍ତି ସମଗ୍ର ବିଶ୍ୱ ବ୍ରହ୍ମାଣର ପ୍ରତିପାଳକ ଈଶ୍ୱର ଓ ତାଙ୍କର ଦୈବିକୃତ ଯୋଜନାର ମହିମା କୌଣସି ନିର୍ଦ୍ଦିଷ୍ଟ ଜାତି ଠାରେ ସୀମାବଦ୍ଧ ହୋଇ ରହିନାହିଁ । ସେହି ପରିସୀମା ନା କୌଣସି ନିର୍ଦ୍ଦିଷ୍ଟ ଯୁଗ ପ୍ରତି ନା କୌଣସି ଦେଶ କିମ୍ବା ଦେଶବାସୀଙ୍କ ପ୍ରତି ନିର୍ଦ୍ଧାରଣ କରାଯାଇଛି । ପ୍ରକୃତରେ ସେ ହେଉଛନ୍ତି ସମସ୍ତ ଜାତିର ଓ ସବୁ ଯୁଗର ପୃଷ୍ଠପୋଷକ । ସକଳ ସ୍ଥାନ, ଯୁଗ ସନ୍ଧିର ସମୟ ତାହାଙ୍କ ଶ୍ରୀକରରେ ସଂସ୍ଥାପିତ । ସେ ସକଳ ଅନୁଗ୍ରହର ନିର୍ଝର । ପ୍ରତ୍ୟେକ ଭୌତିକ ଓ ଆଧ୍ୟାତ୍ମିକ ଶକ୍ତିର ସେ ଆଧାର । ସମସ୍ତ ଜୀବ ଜଗତ ସ୍ଥାବର ଜଙ୍ଗମର ଅସ୍ତିତ୍ୱକୁ ସେ ଧାରଣ କରି ରଖିଛନ୍ତି । ସବୁରି ପ୍ରାଣର ସେ ସ୍ପନ୍ଦନ ଓ ସୃଷ୍ଟିର ପ୍ରତ୍ୟେକ ରେଣୁ ତାଙ୍କ ଠାରୁ ଜୀବନଶକ୍ତି ପାଏ । ସକଳ ସୃଷ୍ଟିର ଉପାଦାନର ରକ୍ଷଣାବେକ୍ଷଣ ଦାୟୀତ୍ୱ ତାଙ୍କ ଉପରେ ନ୍ୟସ୍ତ । ପ୍ରତ୍ୟେକ ପ୍ରକୃତିର ଜୀବସତ୍ତା ତାଙ୍କରି ଚରଣାଶ୍ରୀତ ।

ଈଶ୍ୱରଙ୍କ ଅନୁଗ୍ରହ ସାଧାରଣ ଭାବେ ସମସ୍ତ ଜାତି, ସମସ୍ତ ଦେଶ ଓ ସବୁ ଯୁଗରେ ଆଚ୍ଛାଦିତ ହୋଇଥାଏ । ତାହାଙ୍କ କର୍ତ୍ତୃତ୍ୱ ସର୍ବତ୍ର ସମାନ ଭାବରେ ଅନୁଭୂତ ହେବାର କାରଣ କୌଣସି ଜାତିକୁ ଏହା ଉପରେ ଆପତ୍ତି ଉଠାଇବାର ଅବସର ମିଳିବ ନାହିଁ । ଏବଂ ଏହା ମଧ୍ୟ କେହି କହିବାର ସୁଯୋଗ ପାଇବେ ନାହିଁ ଯେ ପ୍ରଭୁ ଅମୁକ ଜାତି ପ୍ରତି ଅନୁଗ୍ରହ କଲେ, ମାତ୍ର ଆମେ ସେଥିରୁ ବଞ୍ଚିତ ହୋଇ ରହିଗଲୁ । ଅମୁକ ଜାତି ବା ସଂପ୍ରଦାୟରେ ଅନୁଗାମୀଙ୍କ ସତ୍‌ଶିକ୍ଷା ଲାଭ ସକାଶେ

ଐଶି ପୁସ୍ତକ ତ ଆସିଲା ଅଥଚ ଆମକୁ ତାହା ମିଳିଲା ନାହିଁ ଅଥବା ଅମୁକ ଯୁଗରେ ଈଶ୍ୱର ନିଜର ଶାଶ୍ୱତ ବାଣୀ ତଥା ଅଲୌକିକ ନିଦର୍ଶନ ସହିତ ପ୍ରକଟିତ ହେଲେ, ମାତ୍ର ଆମ ଯୁଗରେ ତାଙ୍କ ଦିବ୍ୟ ପ୍ରକାଶ ରହସ୍ୟାବୃତ୍ତ ହୋଇ ରହିଗଲା । ସୁତରାଂ ଈଶ୍ୱର ନିଜର ଅନୁକମ୍ପାକୁ ସାଧାରଣ କରି ଦେଖାଇବା ଫଳରେ ଲୋକମାନଙ୍କ ସମସ୍ତ ଅଭିଯୋଗ ଅଚିରେ ଦୂରିଭୂତ ହୋଇଗଲା । ମହିମାମୟ ପ୍ରଭୁ ନିଜର ଆଦର୍ଶ ଗୁଣାବଳୀକୁ ଏପରି ବ୍ୟାପକ କରି ଦେଖାଇଲେ, ଯଦ୍ୱାରା କୌଣସି ଜାତି ବା ସଂପ୍ରଦାୟ ତାହାଙ୍କ ବଦାନ୍ୟତା ତଥା ଆଶୀର୍ବାଦରୁ ବଞ୍ଚିତ ହୋଇ ରହିଲା ନାହିଁ କି କୌଣସି ଯୁଗକୁ ସେ ନିର୍ଦ୍ଦିଷ୍ଟ ଭାବରେ ଦୁର୍ଭାଗ୍ୟର କଷାଘାତରେ ପକାଇଲେ ନାହିଁ । ଆଉ ସେ ମଧ୍ୟ ସେହି ଦୁର୍ଦ୍ଦିନର ସମୟକୁ ଭାଗ୍ୟର ବିଡ଼ମ୍ବନା ରୂପେ ଠଉରାଇଲେ ନାହିଁ । (ପୈଗାମେ ସୁଲହା, ରୁହାନି ଖଜାଇନ୍, ଗ୍ରନ୍ଥ ଖଣ୍ଡ ୨୩, ପୃ ୪୪୨)

## ଅଲ୍ଲାଙ୍କ ବଦାନ୍ୟତା ପାଇଁ ଧନ୍ୟବାଦ (ଉର୍ଦ୍ଦୁ ପଦ୍ୟ)

اے خدا اے کار ساز وعیب پوش و کردگار
اے مِرے پیارے مِرے مُحسن مِرے پروردگار

یہ سراسر فضل و احساں ہے کہ میں آیا پسند
ورنہ درگہ میں تیری کچھ کم نہ تھے خدمت گزار

دوستی کا دَم جو بھرتے تھے وہ سب دشمن ہوئے
پر نہ چھوڑا ساتھ تُو نے اے مِرے حاجت برار

اے مِرے یارِ یگانہ اے مِری جاں کی پنہ
بس ہے تُو میرے لئے مجھ کو نہیں تجھ بِن بکار

میں تو مَر کر خاک ہوتا گر نہ ہوتا تیرا لُطف
پھر خدا جانے کہاں یہ پھینک دی جاتی غبار

اے فدا ہو تیری راہ میں میرا جسم وجان و دِل
میں نہیں پاتا کہ تجھ سا کوئی کرتا ہو پیار

ابتداء سے تیرے ہی سایہ میں میرے دِن کٹے
گود میں تیری رہا مَیں مثلِ طفلِ شِیر خوار

نسلِ انساں میں نہیں دیکھی وفا جو تجھ میں ہے
تیرے بِن دیکھا نہیں کوئی بھی یارِ غمگسار

لوگ کہتے ہیں کہ نالائق نہیں ہوتا قبول
میں تو نالائق بھی ہو کر پا گیا درگہ میں بار

اِس قدر مجھ پر ہوئیں تیری عنایات و کرم
جن کا مشکل ہے کہ تا روزِ قیامت ہو شمار

(روحانی خزائن جلد۲۱ براہین احمدیہ حصہ پنجم صفحہ ۱۲۷)

ଅଏ ଖୁଦା, ଅଏ କାର୍‌ସାଜୋ ଅଏବେପୋଶୋ କିରଦିଗାର୍ ।
ଅଏ ମେରେ ପ୍ୟାରେ ମେରେ ମୋହସିନ୍ ମେରେ ପରୱରିଦିଗାର ॥
ୟହ ସରାସର୍ ଫଜଲୋ ଏହସାଁ ହୈ କି ମୈଁ ଆୟା ପସନ୍ଦ ।
ୱର୍‌ନା ଦରଗାହ୍ ମୈ କୁଛ୍ କମ୍ ନ ଥେ ଖିଦମତ୍ ଗୁଜାର୍ ॥
ଦୋସ୍ତିକା ଦମ୍ ଯୋ ଭର୍‌ତେ ଥେ ୱହ ସବ୍ ଦୁଶ୍‌ମନ୍ ହୁଏ ।
ପର୍ ନା ଛୋଡା ସାଥ ତୁନେ ଅଏ ମେରେ ହାଜତ ବରାର୍ ॥
ଅଏ ମେରେ ୟାରେ ୟାଗାନା ଅଏ ମେରି ଜାଁ କି ପନାହ୍ ।
ବସ୍ ହୈ ତୁ ମେରେ ଲିଏ ମୁଝକୋ ନେହିଁ ତୁଝବିନ ବକାର୍ ॥
ମୈଁ ତୋ ମର୍ କର୍ ଖାକ୍ ହୋତା ଗର୍ ନା ହୋତା ତେରା ଲୁତଫ୍ ।
ଫିର୍ ଖୁଦା ଜାନେ କାହାଁ ୟେ ଫେଙ୍କ୍‌ଦି ଯାତି ଗୁବାର୍ ॥
ଅଏ ଫିଦା ହୋ ତେରି ରାହ ମେଁ ମେରା ଜିସ୍ମ ଓ ଜାନ୍ ଓ ଦିଲ୍ ।
ମୈଁ ନେହିଁ ପାତା କି ତୁଝ୍‌ସା କୋଇ କରତା ହୋ ପ୍ୟାର ॥
ଇବ୍‌ତିଦା ସେ ତେରେ ହି ସାୟାମେ ମେରେ ଦିନ୍ କଟେ ।
ଗୋଦ୍ ମେଁ ତେରି ରାହା ମେଁ ମିସ୍‌ଲ ତିଫ୍‌ଲ-ଏ-ଶୀର୍‌ଖ୍ୱାର ॥
ନସ୍‌ଲ ଇନସାଁ ମେଁ ନେହିଁ ଦେଖି ୱଫା ଯୋ ତୁଝମେ ହୈ ।
ତେରେ ବିନ୍ ଦେଖା ନେହିଁ କୋଇଭି ୟାର ଏ ଗମ୍‌ଗୁସାର୍ ॥
ଲୋଗ୍ କହତେ ହୈଁ କି ନାଲାୟକ୍ ନେହିଁ ହୋତା କବୁଲ ।
ମୈଁ ତୋ ନାଲାୟକ ଭି ହୋକର୍ ପାଗୟା ଦରଗାହ୍ ମେଁ ବାର୍ ॥
ଇସ୍ କଦର୍ ମୁଝ୍ ପର୍ ହୁଇ ତେରି ଇନାୟତୋ କରମ ।
ଜିନକା ମୁଶକିଲ୍ ହୈ କି ତା'ରୋଜେ କୟାମତ୍ ହୋ ଶୁମାର ॥

ଆହେ ପ୍ରଭୁ ଆହେ ସୃଷ୍ଟି କରତା,
ଦୋଷ ଘୋଡ଼ାଉଛ ଭାଗ୍ୟ ବିଧାତା ।
ଆହେ ପ୍ରିୟବନ୍ତ ପ୍ରଜା ପାଳକ,
ସାରା ପୃଥିବୀର ହିତ ସାଧକ ।
କେବଳ ତୁମରି ଅନୁଗ୍ରହରେ,
ମନୋନୀତ ହେଲି ଏହି ସଂସାରରେ ।
ଅନ୍ୟଥା ତୁମରି ଦରବାରରେ,

ଅଭାବ ନଥିଲେ ଭକତ ବୀରେ ।
ବନ୍ଧୁ ବନ୍ଧୁ ବୋଲି ଯେ କହୁଥିଲେ,
ସେହିମାନେ ସବୁ ଶତ୍ରୁ ପାଲଟିଲେ ।
ମୋ କଷଣ ବେଳ ସଖା ଉତ୍ତମ,
ଛାଡ଼ି ନାହିଁ କେବେ ଏହି ଅଧମ ।
ଆହେ ପ୍ରିୟତମ ତୁମ ସଙ୍ଗରେ,
ସରି ନାହିଁ ଜଣେ କେହି ସଂସାରେ ।
ତୁମ ଚରଣରେ ଦେଇ ଶରଣ,
ରଖିଅଛ ପ୍ରଭୁ ମୋର ଜୀବନ ।
ତୁମେ ମୋ ଜୀବନେ ଅଟ ସକଳ,
ମୋ ଜୀବନ ତୁମ ବିନା ବିଫଳ ।
ମରି ମାଟି ହୋଇ ଥାଆନ୍ତି ମୁହିଁ,
ଯଦି ଦୟାକରି ନ ଥା'ନ୍ତେ ବିହି ।
ପଡ଼ିଥା'ନ୍ତା କାହିଁ ମାଟି ଶରୀର,
ଜାଣି ଥା'ନ୍ତେ ଅବା ଦୟା-ସାଗର ।
ମିଶୁ ମୋର ଦେହ ମନ ଜୀବନ,
ତୁମ ପଥେ ଏକା ମୋ ନିବେଦନ ।
ପାଉ ନାହିଁ କାରେ ତୁମ ସମାନ,
ଯିଏ ପ୍ରେମ କରି କିଣେ ମୋ ମନ ।
ଆରମ୍ଭରୁ ଦିନ କଟିଛି ମୋର,
ତୁମ ଛାୟାଶ୍ରୟେ ପରମେଶ୍ୱର ।
କ୍ଷୀରଖିଆ ଶିଶୁ ସନ୍ତାନ ଭଳି,
ତୁମ କୋଳେ ବସି ଖେଳୁଛି ଦୋଳି ।
ଯେଉଁ ନିଷ୍ଠା ନାହିଁ ଜନ ସମାଜେ,
ସେହି ନିଷ୍ଠା ତୁମ ଠାରେ ବିରାଜେ ।
ତୁମ ସମ ନାହିଁ ଜଣେ ବାନ୍ଧବ,
ମୋର ଦୁଃଖେ ଦୁଃଖୀ କ୍ଷଣେ ହୋଇବ ।
କହୁଛନ୍ତି ଜନେ ଗୁଣ ନଥିଲେ,
ଅନାଦୃତ ହୁଏ ଜାଣି ଥା ଭଲେ ।
ନ ଥାଇ ମୋହର କିଛି ସୁଗୁଣ,

ତୁମ ଦରବାରେ ମିଳିଲା ସ୍ଥାନ ।
ଏତେ ଅନୁକମ୍ପା କୃପା କରିଣ,
ଅଭିଭୂତ କରି ଦେଲ ଆପଣ ।
ଗଣି ପାରିବ କି କେତେ ଦେଲ ହେ,
ରହିଥିବ ଧରା ଯେତେ କାଳ ହେ ।।

(ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୧, ପୃ ୧୨୭)

## ସ୍ୱର୍ଗୀୟ ଗୁଣ ଦୁଇ ପ୍ରକାରର :

ଉତ୍କୃଷ୍ଟ ଚରିତ୍ରଗତ ଓ ଐଶ୍ୱରିକ ମହିମାସମ୍ପନ୍ନ ପରମେଶ୍ୱର ବିନୟୀ ପ୍ରାଣୀ ମନୁଷ୍ୟକୁ ସଂପୂର୍ଣ୍ଣ ବ୍ରହ୍ମଜ୍ଞାନ ପ୍ରଦାନ କରିବା ପାଇଁ ପବିତ୍ର କୁରଆନରେ ତାଙ୍କ ସ୍ୱର୍ଗୀୟ ଗୁଣାବଳୀର ଦୁଇଟି ରୂପ ବର୍ଣ୍ଣନା କରିଛନ୍ତି । ତହିଁରୁ ପ୍ରଥମଟି ହେଉଛି ଏପରି ତୁଳନାତ୍ମକ ଭାବରେ ପ୍ରକାଶ ପାଉଥିବା ଗୁଣ, ଯାହା ସୃଷ୍ଟଜ ପ୍ରାଣୀର କେତୋଟି ସ୍ୱାଭାବିକ ଗୁଣ ସହିତ ସାମଞ୍ଜସ୍ୟ ରକ୍ଷା କରିଥାଏ । ଉଦାହରଣ ସ୍ୱରୂପ ଯେପରି ଈଶ୍ୱର ଉଦାରବନ୍ତ, ଦୟାଳୁ ଓ ଦାନଶୀଳ, ତାଙ୍କଠାରେ କ୍ରୋଧ ବି ରହିଥାଏ ଓ ପ୍ରେମ ଭାବ ବି ପ୍ରକାଶ ପାଇଥାଏ । ଯେପରି ତାଙ୍କର ହସ୍ତ ଓ ନେତ୍ର, ପାଦ ଓ କର୍ଣ୍ଣ ଆଦି ଅଧିଭୌତିକ ଅଙ୍ଗପ୍ରତ୍ୟଙ୍ଗ ଅଛି । ସେ ବିଶେଷ ରୂପେ ଅନନ୍ତ କାଳରୁ ସୃଷ୍ଟି କରି ଆସିଛନ୍ତି ଅର୍ଥାତ ସୃଷ୍ଟି କରିବା ତାଙ୍କର ଚିରାଚରିତ ବିଧାନ । ମାତ୍ର ତାହାଙ୍କ ସୃଷ୍ଟଜମାନେ ଆଂଶିକ ଭାବରେ ତଥା ସାମୟିକ ବିଧି ରୂପେ ଏହି କାର୍ଯ୍ୟ ସଂପାଦନ କରିଥାନ୍ତି । ଈଶ୍ୱରଙ୍କ ମୁକାବିଲାରେ ଏପରି କ୍ଷମତା କାହାକୁ ଦିଆଯାଇ ନାହିଁ, ଯିଏ ତାଙ୍କ ସମକକ୍ଷ କୌଣସି ସ୍ୱତନ୍ତ୍ର ଗୁଣାତ୍ମକ କାର୍ଯ୍ୟ ତୁଲାଇ ପାରିବ । ଅନାଦି କାଳରୁ କୌଣସି ଗୋଟିଏ ହେଲେ ପଦାର୍ଥ ତାଙ୍କ ସହିତ ସମବିଦ୍ୟମାନ ନୁହନ୍ତି । ତଥାପି ଏହା ଈଶ୍ୱରଙ୍କ ସୃଜନଶୀଳ ଗୁଣ ସକାଶେ ଅନିବାର୍ଯ୍ୟ ନୁହେଁ । କାରଣ 'ଖଲକ୍' ଅର୍ଥାତ ସୃଷ୍ଟି କରିବା ହେଉଛି ତାଙ୍କ ଗୁଣାବଳୀର ଅନ୍ତର୍ଭୁକ୍ତ । ସେହିପରି କୌଣସି ଏକ ସମୟରେ ତାହାଙ୍କ ଏକତ୍ୱର ମହିମା ଓ ଏକକ ସତ୍ତାର ଗୁଣ ପରିପ୍ରକାଶ ହେବା ତାହାଙ୍କ ଐଶ୍ୱରିକ ଗୁଣାବଳୀର ଏକ ଅଂଶବିଶେଷ । ତାଙ୍କର କୌଣସି ଦିବ୍ୟଗୁଣର ସ୍ଥାୟୀ ଗତିରେ ଅବରୋଧ ହେବା ଆଦୌ ସମିଚୀନ ନୁହେଁ । କିନ୍ତୁ ଏହି ପ୍ରବାହମାନ ଗତିଶୀଳ ଅବସ୍ଥାରେ ଅସ୍ଥାୟୀ ବିରାମ ଆସିବା ଅବଶ୍ୟ ଅନୁମୋଦନୀୟ ।

ଈଶ୍ୱର ମନୁଷ୍ୟକୁ ସୃଷ୍ଟି କରି ନିଜର ସାମଞ୍ଜସ୍ୟ ଜନିତ ସେହି ଦିବ୍ୟ ଗୁଣକୁ ତା'ଉପରେ ସ୍ୱଷ୍ଟ ରୂପେ ପ୍ରକଟ କରିଛନ୍ତି, ଯେଉଁ ଗୁଣଗୁଡିକ ସହିତ ମନୁଷ୍ୟ ପ୍ରକାଶ୍ୟରେ ସାଦୃଶ୍ୟ ରକ୍ଷା କରିଥାଏ । ଯେପରି ସୃଷ୍ଟି କରିବା ଏକ କାରଣ, ମନୁଷ୍ୟ ମଧ୍ୟ କେତେକ ସୀମା ପର୍ଯ୍ୟନ୍ତ କେତେକ ବସ୍ତୁ ଗଢିଥାଏ ଓ ଏହି ଗଢଣ ଶୈଳୀର ସେ ହେଉଛି ସ୍ରଷ୍ଟା । ସେହିପରି ମନୁଷ୍ୟକୁ 'କରିମ୍' ଅର୍ଥାତ ଉଦାରବନ୍ତ ବୋଲି ମଧ୍ୟ କୁହାଯାଇ ପାରିବ । କାରଣ ସେ ନିଜର ଏକ ସୀମା ପର୍ଯ୍ୟନ୍ତ ଉଦାରତା ବା ବଦାନ୍ୟତାର ଗୁଣ ମଧ୍ୟ ଆପଣା ଭିତରେ ସାଇତି ରଖିଛି । ତଦନୁରୂପ ମନୁଷ୍ୟକୁ 'ରହୀମ୍' ମଧ୍ୟ କୁହାଯାଇ ପାରିବ, ଅର୍ଥାତ ସେ ଦୟାଳୁ ଗୁଣ ନିଜ ଭିତରେ ରଖିଥାଏ । ତା'ଠାରେ କ୍ରୋଧ କରିବା ଗୁଣ ମଧ୍ୟ ରହିଛି । ସେହିପରି ମନୁଷ୍ୟର ଆଖି କାନ ଆଦି ସବୁକିଛି ରହିଛି । ସୁତରାଂ ଏପରି ସାଦୃଶ୍ୟ ମୂଳକ ଗୁଣାବଳୀ ଦେଖି କାହାରି ମନରେ ଏହା ମଧ୍ୟ ସଂଶୟ ଜାତ ହୋଇପାରେ, ସତେ ଯେପରି ମନୁଷ୍ୟ ଏହିସବୁ ଗୁଣରେ ଈଶ୍ୱରଙ୍କ ସଦୃଶ ଓ ସମକକ୍ଷ ହୋଇପାରିବ ଏବଂ ଈଶ୍ୱର ମଧ୍ୟ ମନୁଷ୍ୟ ସହିତ ତୁଳନୀୟ ହୋଇ ପାରନ୍ତି । ସେଥିଯୋଗୁଁ ଏହି ସଂଶୟ ଦୂର କରିବା ପାଇଁ ଈଶ୍ୱର ସେହିସବୁ ଗୁଣର ମୁକାବିଲାରେ ପବିତ୍ର କୁରଆନରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବାରେ ସବୁ ସୀମା ଟପିଯାଇ ଏପରି ବୈଶିଷ୍ଟ୍ୟ ବର୍ଣ୍ଣନା କରିଛନ୍ତି । ଯେଉଁଥିରୁ ଏହା ସାବ୍ୟସ୍ତ ହେଉଛି ଯେ ତାଙ୍କର ଅ ସ୍ତିତ୍ୱ କିମ୍ୱା ମହାନତାରେ କୌଣସି ଗୁଣରେ ବି ମନୁଷ୍ୟ ତାହାଙ୍କ ସହିତ ସରି ହେବ ନାହିଁ କି ସମଭାଗୀ ହେବ ନାହିଁ । କାରଣ ଈଶ୍ୱର ସମ ତାଙ୍କର ସହଭାଗୀତାରେ ସେ କଦାଚିତ ସାମିଲ ହୋଇପାରିବ ନାହିଁ । ନା ଈଶ୍ୱରଙ୍କ ସୃଷ୍ଟି କରିବା ମନୁଷ୍ୟର ସୃଷ୍ଟି କରିବା ସହିତ ସମାନ ହୋଇପାରିବ ନା ଈଶ୍ୱରଙ୍କ ଦୟା କରିବା ଗୁଣ ମନୁଷ୍ୟର ଦୟା କରିବା ସଦୃଶ ହୋଇପାରିବ । ନା ତାଙ୍କର ପ୍ରଚଣ୍ଡ କ୍ରୋଧର ପ୍ରକୋପ ମନୁଷ୍ୟ କ୍ରୋଧ ସହିତ ସମାନ ନା ତାଙ୍କର ପ୍ରେମ କରିବା ମନୁଷ୍ୟର ପ୍ରେମ ପରି ହେବ ଆଉ ନା ସେ ମନୁଷ୍ୟ ପରି ସ୍ଥାନ ଆବଶ୍ୟକ କରନ୍ତି ।

ସୁତରାଂ ଈଶ୍ୱରଙ୍କ ନିଜସ୍ୱ ଗୁଣାବଳୀ ଠାରୁ ମନୁଷ୍ୟ ସଂପୂର୍ଣ୍ଣ ପୃଥକ ହେବା ସଂବନ୍ଧରେ ପବିତ୍ର କୁରଆନର ଏହି ପଙ୍କ୍ତିରେ ବ୍ୟାଖ୍ୟା କରାଯାଇଛି । ସେଗୁଡିକ ଏହିପରି:

لَيۡسَ كَمِثۡلِهِۦ شَيۡءٞۖ وَهُوَ ٱلسَّمِيعُ ٱلۡبَصِيرُ

୧) ଲୈସା କମିସ୍‌ଲିହୀ ଶୈଉନ୍ ; ଓ୍ୱହୁଓ୍ୱସ୍ ସମିଉଲ୍ ବସିର୍ ।

ଅର୍ଥ : 'ତାହାଙ୍କ ସଦୃଶ କେହି ନାହାନ୍ତି । ସେ ହିଁ ମହାନ ଶ୍ରୋତା ଓ ମହାନ ଦ୍ରଷ୍ଟା' *(ଅଶ୍ ଶୁରା 42: 12)*

ٱللَّهُ لَآ إِلَٰهَ إِلَّا هُوَ ٱلۡحَيُّ ٱلۡقَيُّومُۚ لَا تَأۡخُذُهُۥ سِنَةٞ وَلَا نَوۡمٞۚ لَّهُۥ مَا فِي ٱلسَّمَٰوَٰتِ وَمَا فِي ٱلۡأَرۡضِۗ مَن ذَا ٱلَّذِي يَشۡفَعُ عِندَهُۥٓ إِلَّا بِإِذۡنِهِۦۚ يَعۡلَمُ مَا بَيۡنَ أَيۡدِيهِمۡ وَمَا خَلۡفَهُمۡۖ وَلَا يُحِيطُونَ بِشَيۡءٖ مِّنۡ عِلۡمِهِۦٓ إِلَّا بِمَا شَآءَۚ وَسِعَ كُرۡسِيُّهُ ٱلسَّمَٰوَٰتِ وَٱلۡأَرۡضَۖ وَلَا يَـُٔودُهُۥ حِفۡظُهُمَاۚ وَهُوَ ٱلۡعَلِيُّ ٱلۡعَظِيمُ

୨) ଅଲ୍ଲାହୁ ଲାଇଲାହା ଇଲ୍ଲାହୁଓ୍ୱା ଅଲ୍‌ହୟୁଲ୍ କୟୁମ୍ ଲା ତା'ଖୁଜୁହୁ ସିନତୁଁ ଓ୍ୱଲା ନୌମ୍ । ଲହୁ ମାଫିସ୍ ସମାଓ୍ୱାତି ଓ୍ୱମା ଫିଲ୍ ଆର୍‌ଜି ମନ୍‌ଜଲ୍‌ଜି ୟଶ୍‌ଫଉ ଇନ୍ଦହୁଇଲ୍ଲା ବେଇଜ୍‌ନେହୀ ୟାଲମୁ ମାବୈନା ଅଇଦିହିମ୍ ଓ୍ୱମା ଖଲଫହୁମ୍ , ଓ୍ୱଲା ୟୁହିତୁନା ବିଶୈଇମ୍ ମିନ୍ ଇଲ୍‌ମିହୀ ଇଲ୍ଲା ବିମାଶାଆ ; ଓ୍ୱସିଆ କୁର୍‌ସିୟହୁସ୍ ସମାଓ୍ୱାତି ଓ୍ୱଲ୍‌ଅରଜା ଓ୍ୱଲା ୟଉଦୁହୂ ହିଫ୍‌ଜୁହୁମା ଓ୍ୱହୁଓ୍ୱଲ୍ ଅଲିୟୁଲ୍ ଅଜିମ୍ । *(ଅଲ ବକରା 2: 256)*

ଅର୍ଥ:ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ଚିରଞ୍ଜୀବି, (ଓ ସେ ସ୍ୱୟଂ) ପ୍ରତିଷ୍ଠିତ (ଓ ସମସ୍ତଙ୍କର) ପ୍ରତିଷ୍ଠାତା; ତାହାଙ୍କୁ ତନ୍ଦ୍ରା ଓ ନିଦ୍ରା ସ୍ପର୍ଶ କରେ ନାହିଁ । ଯାହାକିଛି ଆକାଶରେ ଓ ଯାହାକିଛି ପୃଥିବୀରେ ଅଛି ତାହା ତାଙ୍କରି; ତାହାଙ୍କର ବିନାନୁମତିରେ କିଏ ତାହାଙ୍କ ସମୀପରେ ସୁପାରିଶ କରିପାରିବ ? ସେମାନଙ୍କ ସମ୍ମୁଖରେ ଯାହା ଅଛି ଓ ସେମାନଙ୍କ ପଶ୍ଚାତରେ ଯାହା ଅଛି, ସେ ତାହାକୁ ଜାଣନ୍ତି ଏବଂ ସେମାନେ ତାହାଙ୍କର ଇଚ୍ଛା ବିନା ତାହାଙ୍କ ଜ୍ଞାନର କୌଣସି ଅଂଶକୁ ପାଇପାରିବେ ନାହିଁ । ତାହାଙ୍କର ଜ୍ଞାନ ଆକାଶ ଓ ପୃଥିବୀରେ ବ୍ୟାପୀ ରହିଛି ଏବଂ ଏଗୁଡ଼ିକର ରକ୍ଷଣାବେକ୍ଷଣ ତାହାଙ୍କୁ କ୍ଲାନ୍ତ କରେ ନାହିଁ ଏବଂ ସେ ହିଁ ଅତ୍ୟୁଚ୍ଚ ଓ ମହାନ ।

**ଅଲ୍ଲାଃଙ୍କ ସିଂହାସନ :** (ତାହାଙ୍କ ଏକକ ସତ୍ତାର ସ୍ଥାନ ଏବଂ ସକଳ ସୀମାତିକ୍ରମ ସ୍ଥିତି )

ଅନ୍ୟ ଏକ ସ୍ଥାନରେ ଈଶ୍ୱର କହିଛନ୍ତି :

إِنَّ رَبَّكُمُ اللهُ الَّذِيْ خَلَقَ السَّمَاوَاتِ وَالأَرْضَ فِي سِتَّةِ أَيَّامٍ ثُمَّ اسْتَوىٰ عَلَى الْعَرْشِ

**ଇନ୍ନା ରବବ୍‌କୁମୁଲ୍ଲାହୁଲ୍ଲଜି ଖଲକସ୍ ସମାଓ୍ୱାତି ଓ୍ୱଲ୍‌ଅର୍‌ଜା ଫିସିତ୍‌ତତିନ୍ ଅୟାମିନ୍ ସୁମ୍ମସ୍‌ତଓ୍ୱା ଅଲଲ୍ ଅରଶ୍ ।** *(ଅଲ ଆରାଫ 7: 55)*

ଅର୍ଥାତ 'ବାସ୍ତବରେ ତୁମମାନଙ୍କ ପାଳନକର୍ତ୍ତା ହେଉଛନ୍ତି ଅଲ୍ଲାଃ । ଯିଏ ଆକାଶ ଓ ପୃଥିବୀକୁ ଛଅଗୋଟି ଅବଧି ମଧ୍ୟରେ ସୃଷ୍ଟି କରିଛନ୍ତି ଏବଂ ତା'ପରେ ସିଂହାସନ ଉପରେ ସ୍ୱୟଂ ଦୃଢ଼ ଭାବରେ ଅଧିଷ୍ଠିତ ହୋଇଛନ୍ତି ।'

ତେବେ ଏହାର ମର୍ମାର୍ଥ ହେଉଛି : ସେ ଆକାଶ ଓ ପୃଥିବୀ ତଥା ଯାହା କିଛି ତନ୍ମଧ୍ୟରେ ଅଛି, ସେ ସବୁକୁ ସର୍ଜନା କରି ସାରିବା ପରେ ଏବଂ ତାଙ୍କର ସାଦୃଶ୍ୟ ରକ୍ଷା କରି ଦିବ୍ୟ ଗୁଣଗୁଡିକୁ ସ୍ପଷ୍ଟ ରୂପେ ପ୍ରଦର୍ଶିତ କରିବା ପରେ ତାଙ୍କର ସର୍ବୋତ୍କୃଷ୍ଟ ଐଶି ଗୁଣକୁ ପ୍ରମାଣିତ କରିବା ପାଇଁ ପୁନଶ୍ଚ ମାନବଜ୍ଞାନ ବହିର୍ଭୁତ ଓ ପାର୍ଥିବଜଗତ ବାହାରେ ଆଧ୍ୟାତ୍ମିକ ଜ୍ଞାନଲବ୍ଧ ସବୁ ସୀମା ଲଂଘନ କରିବା ସ୍ଥିତିରେ ପହଞ୍ଚିଗଲେ । ଏକାକୀ ନିଃସଙ୍ଗ ରହିବା ସ୍ଥାନରେ ଅବସ୍ଥାପିତ ହେବାର ଘୋଷଣା  କଲେ । ତାଙ୍କର ସର୍ବୋଚ୍ଚ ସ୍ଥାନ ନିରୂପଣ କରିବାର ଏହି ସ୍ୱର୍ଗୀୟ ଗୁଣ ଦ୍ୱାରା ସେହି ସ୍ଥାନରେ ସ୍ୱୟଂ ବିରାଜମାନ ହେବାର ଉଦ୍ଦେଶ୍ୟ ନିହିତ ଥିଲା, ଯେଉଁ ତତ୍ତ୍ୱକୁ ବୁଝିବା ଦୁରୁହରୁ ଆହୁରି ଦୁରୁହ ବ୍ୟାପାର । ତାହା ବହୁ ଦୂରରେ ଅବସ୍ଥିତ ଏକ ନିଭୃତ ସ୍ଥାନ ଏବଂ ଏହି ସର୍ବୋଚ୍ଚତମ ସ୍ଥାନର ନାମ 'ଅର୍‌ଶ' ବା ସିଂହାସନ ରୂପେ ସୁବିଦିତ । ତାହା ଏପରି ସ୍ଥାନ ଯାହା ପ୍ରତ୍ୟେକ ଭୁବନ ଅପେକ୍ଷା ଉଚ୍ଚତର ଓ ଉଚ୍ଚସ୍ତରୀୟ ।

ଏହାର ଭାବାର୍ଥ ହେଉଛି, ସୃଷ୍ଟିର ଆରମ୍ଭ ଅବିଦ୍ୟମାନ ସ୍ଥିତିରେ ଥିଲା । ଈଶ୍ୱର ନିଜକୁ ଏପରି ଏକ ଶୂନ୍ୟସ୍ଥାନରେ ପ୍ରକଟ କଲେ, ଯେଉଁଠାରେ ତାହାଙ୍କ ଅସ୍ତିତ୍ୱ ବ୍ୟତୀତ ଅନ୍ୟ କିଛି ନଥିଲା । ମହାଶୂନ୍ୟତାର ଅନ୍ଧକାର ମଧ୍ୟରେ କେବଳ ତାଙ୍କର ପ୍ରକାଶମାନ ଜ୍ୟୋତି ବିରାଜୁଥିଲା । ପୁଣି ସେ ଧରଣୀ ଓ ଆକାଶ ତଥା ତନ୍ମଧ୍ୟରେ ରହିଥିବା ସକଳ ଉପାଦାନକୁ ସୃଷ୍ଟି କଲେ । ପୁଣି ଯେତେବେଳେ ସକଳ

ସୃଷ୍ଟଜ ପଦାର୍ଥ ସତ୍ତାକୁ ଆସିଲେ, ସେ ଆପଣାକୁ ଲୁଚାଇ ରଖିଲେ । କାରଣ ସେ ଇଚ୍ଛା କଲେ ଯେ ନିଜର ସୃଷ୍ଟିଜଗତ ମାଧ୍ୟମରେ ତାଙ୍କର ପରିଚୟ ପ୍ରକାଶ ପାଉ ।

ଏହା ନିଶ୍ଚିତ ରୂପେ ମନେ ରଖିବାକୁ ହେବ ଯେ ସ୍ୱର୍ଗୀୟ ଗୁଣାବଳୀର ପ୍ରଚଳନ ସ୍ଥାୟୀ ଭାବରେ ଅବରୋଧ ହୋଇ ନଥାଏ । ଇଶ୍ୱରଙ୍କୁ ଛାଡ଼ି ଅନ୍ୟ କୌଣସି ବିଷୟରେ ବ୍ୟକ୍ତିଗତ ସତ୍ତାର ସ୍ଥାୟୀତ୍ୱକୁ ଉପଭୋଗ କରାଯାଇ ପାରିବ ନାହିଁ । କିନ୍ତୁ ଅନ୍ୟ ଜାତିର ପ୍ରାଣୀମାନଙ୍କ ସ୍ଥାୟୀତ୍ୱ ମଧ୍ୟ ପ୍ରୟୋଜନୀୟ । ଇଶ୍ୱରଙ୍କର କୌଣସି ଗୁଣ ସକାଶେ ସ୍ଥାୟୀ ପ୍ରବାହର ପ୍ରତିରୋଧ ହେବା ସମୀଚିନ ନୁହେଁ । ମାତ୍ର ସାମୟିକ ବିରାମର ଆବଶ୍ୟକତା ରହିଛି । ଯେହେତୁ ସୃଜନ ଗୁଣ ଓ ବିନାଶକ ଗୁଣର ପରସ୍ପର ମଧ୍ୟରେ ଅସଂଗତି ଓ ବିରୋଧାଭାସ ଦେଖାଯାଇଥାଏ, ତେଣୁ ଯେତେବେଳେ ବିନାଶକ ଗୁଣ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୁଏ, ସେତେବେଳେ ଇଶ୍ୱରଙ୍କ ସୃଜନଶୀଳ ଗୁଣ କିଛି ଅବଧି ପାଇଁ ଆଉ ଚଳନକ୍ଷମ ହୁଏ ନାହିଁ ଏବଂ ତାହା ଅବ୍ୟବହୃତ ଅବସ୍ଥାରେ ପଡ଼ିରହେ । ସଂକ୍ଷେପରେ କହିବାକୁ ଗଲେ ସୃଷ୍ଟିର ପ୍ରାରମ୍ଭରେ ଇଶ୍ୱରଙ୍କ ଏକକ ସତ୍ତାର ଗୁଣ କାର୍ଯ୍ୟକାରୀ ହେଉଥିଲା । ଏବଂ ଆମେ ଏହା କହିପାରିବା ନାହିଁ ଯେ ସେହି ସମୟର ପ୍ରଚଳନରେ କେତେଥର ପୁନରାବୃତ୍ତି ଘଟିଛି । ବରଂ ସେହି ସମୟ ଚିରନ୍ତନ ଓ ସୀମାହୀନ, ଯାହା ଯୋଗୁଁ ଏକକ ସତ୍ତାଧାରୀ ଗୁଣର ଅବଧିକୁ ଅନ୍ୟାନ୍ୟ ଗୁଣଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯାଇଛି । ସୁତରାଂ ଏହି ତତ୍ତ୍ୱକୁ ଆଧାର କରି କୁହାଯାଏ ଯେ ପ୍ରାରମ୍ଭିକ କାଳରେ ଇଶ୍ୱର ଏକାକୀ ଥିଲେ ଓ ତାଙ୍କ ସହିତ କେହି ନଥିଲେ । ତା'ପରେ ସେ ଆକାଶ ଓ ପୃଥିବୀ ତଥା ତହିଁରେ ଉପଲବ୍ଧ ସକଳ ବସ୍ତୁକୁ ସୃଷ୍ଟି କଲେ । ସେହି ସନ୍ଦର୍ଭରେ ସେ ଐଶି ଗୁଣାବଳୀକୁ ପ୍ରଦର୍ଶନ କଲେ, ଯେପରିକି ସେ ବଦାନ୍ୟଶୀଳ, ପରମ ଦୟାଳୁ, ମହାନ କ୍ଷମାଦାତା, ପ୍ରାୟଶ୍ଚିତ ଗ୍ରହୀତା ଇତ୍ୟାଦି ନାମରେ ଅଭିହିତ ହେଲେ । ମାତ୍ର ଯେଉଁ ବ୍ୟକ୍ତି ପାପକର୍ମରେ ଲିପ୍ତ ରହିଥାଏ ଓ ଏଥିରୁ ଆଦୌ କ୍ଷାନ୍ତ ହୁଏ ନାହିଁ, ତାକୁ ଶାସ୍ତି ଭୋଗ କରିବାକୁ ପଡ଼ିଥାଏ । କିନ୍ତୁ ଯେଉଁମାନେ ନିଜକୃତ କର୍ମ ପାଇଁ ଅନୁତାପ କରନ୍ତି, ସେ ତାଙ୍କ ପ୍ରତି ସଦୟ ଗୁଣରେ ପ୍ରେମଭାବ ପ୍ରଦର୍ଶନ କରନ୍ତି । ତାଙ୍କର ଶାସ୍ତିର ପ୍ରକୋପ କେବଳ ସେମାନଙ୍କ ଉପରେ ପଡ଼ିଥାଏ, ଯେଉଁମାନେ ଅତ୍ୟାଚାର, ଦୁଷ୍ଟାମି ଓ ଅସତକର୍ମରୁ ନିବୃତ୍ତ ହୁଅନ୍ତି ନାହିଁ ।...

# ଅଲ୍ଲାଃଙ୍କ ନୈସର୍ଗୀକ ଗୁଣାବଳୀର କେହି ନିକଟବର୍ତ୍ତୀ ନୁହେଁ

ଅଲ୍ଲାଃଙ୍କ ସଦ୍‌ଗୁଣାବଳୀ ତାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବିଶେଷ କାର୍ଯ୍ୟରେ ନିୟୋଜିତ ଥାଇ ଉପଯୁକ୍ତ ପରିସ୍ଥିତି ପାଇଁ ଯୋଗ୍ୟ ବିବେଚିତ କରାଇଛି । ସେଗୁଡ଼ିକ ମାନବୀୟ ଗୁଣ ସଦୃଶ ନୁହନ୍ତି ଓ କେବଳ ତାଙ୍କ କ୍ଷେତ୍ରରେ ହିଁ ପ୍ରଯୁଜ୍ୟ ହୋଇଥାନ୍ତି । ତାହାଙ୍କର କୌଣସି ପାର୍ଥିବ ଚକ୍ଷୁ ନଥାଏ ଓ କୌଣସି ଶାରୀରିକ କଳେବର ମଧ୍ୟ ନାହିଁ । ତାଙ୍କର କୌଣସି ଗୁଣର ଅନୁରୂପ ମନୁଷ୍ୟର କୌଣସି ଗୁଣରେ ପରିଲକ୍ଷିତ ହୁଏ ନାହିଁ । ଉଦାହରଣ ସ୍ୱରୂପ, ମନୁଷ୍ୟ କ୍ରୋଧ ସମୟରେ ପ୍ରଥମେ ସେହି କ୍ରୋଧର ଜ୍ୱାଳା ନିଜେ ଉଠାଇଥାଏ । ସେ କ୍ରୋଧିତ ଓ ଉତ୍ତେଜିତ ହେବା ଯୋଗୁଁ କାଣ୍ଡଜ୍ଞାନ ହରାଇବା ଫଳରେ ସଂଗେସଂଗେ ତା'ର ମାନସିକ ଶାନ୍ତି ଉଭେଇ ଯାଏ ଓ ତା'ହୃଦୟରେ ଏକ ଅଶାନ୍ତିର ଜ୍ୱାଳା ଉତ୍ପନ୍ନ ହୋଇଥାଏ । ତା'ର ମନମସ୍ତିଷ୍କରେ ଏପରି ଉତ୍ପୀଡନ ଆରମ୍ଭ ହୋଇଯାଏ ଯେ ସେ ଖାଲି ରକ୍ତଗରଳ ଘେବାଉଥାଏ । ତେଣୁ ସେ ଏକ ବିଚଳିତ ଓ ଉତ୍ତେଜିତ ଅବସ୍ଥା ମଧ୍ୟରେ ଗତି କରେ । ମାତ୍ର ଈଶ୍ୱର ଏହିସବୁ ପରିବର୍ତ୍ତନୀୟ ଅବସ୍ଥାରୁ ପବିତ୍ର । ତାଙ୍କର କ୍ରୋଧ ଏହି ଅର୍ଥରେ ପ୍ରକାଶ ପାଏ ଯେ ଯେଉଁ ଦୁର୍ବୃତ୍ତ ନିଜର ଖଳ ପ୍ରବୃତ୍ତିକୁ ପରିହାର କରେ ନାହିଁ, ଈଶ୍ୱର ତା'ଠାରୁ ନିଜର ଶ୍ରଦ୍ଧା ଓ ସମର୍ଥନ ପ୍ରତ୍ୟାହାର କରିନିଅନ୍ତି । ପ୍ରକୃତିର ଚିରନ୍ତନ ନିୟମ ଅନୁରୂପ ତା'ସହିତ ଏପରି ବ୍ୟବହାର କରନ୍ତି, ଯେପରି କ୍ରୋଧବଶତଃ ଜଣେ ବ୍ୟକ୍ତି ଅନ୍ୟକୁ କ୍ଷୁବ୍‌ଧ କରିପକାଏ । ଏହାକୁ ଆଳଙ୍କରିକ ଅର୍ଥରେ ଐଶି ପ୍ରକୋପ କୁହାଯାଏ । ସେହିପରି ତାହାଙ୍କ ପ୍ରେମ ଓ ଭଲ ପାଇବା ମନୁଷ୍ୟର ଭଲ ପାଇବା ସଦୃଶ ନୁହେଁ । କାରଣ ମନୁଷ୍ୟ ତ ପ୍ରେମରେ ବିଭୋର ହୋଇ ଅନେକ ଦୁଃଖ ଉଠାଏ ଏବଂ ପ୍ରେମିକା ଠାରୁ ଅଲଗା ହେବାର ବିରହ ବିଚ୍ଛେଦରେ ତା'ର ପ୍ରାଣକୁ ବହୁତ ଦୁଃଖ ପହଞ୍ଚିଥାଏ । କିନ୍ତୁ ଈଶ୍ୱର ଏପରି ସାଂସାରିକ ଦୁଃଖ ବେଦନାରୁ ପବିତ୍ର । ସେହିପରି ତାଙ୍କ ସାନିଧ୍ୟ ଲାଭ କରିବା ବା ନିକଟତର ହେବ ମଧ୍ୟ ମନୁଷ୍ୟର ନିକଟତର ହେବା ପରି ନୁହେଁ । ତାହା ଏଥିଯୋଗୁଁ ଯେ ମନୁଷ୍ୟ ଯଦି କାହାର ନିକଟବର୍ତ୍ତୀ ହୋଇ ତା'ର ଅନ୍ତରଙ୍ଗ ବନ୍ଧୁ ହୋଇଯାଏ, ସେହି

ସ୍ଥିତିରେ ସେ ତାର ପୂର୍ବ ଅଧିକୃତ ସ୍ଥାନ ଛାଡିଦିଏ । ମାତ୍ର ଈଶ୍ୱର ନିକଟତର ଥାଇ ସୁଦ୍ଧା ଦୂରରେ ଓ ଦୂରରେ ଥାଇ ସୁଦ୍ଧା ନିକଟରେ ଥାଆନ୍ତି । ସଂକ୍ଷେପରେ କହିବାକୁ ଗଲେ ପ୍ରତ୍ୟେକ ସ୍ୱର୍ଗୀୟ ଗୁଣ ମାନବୀୟ ଗୁଣ ଠାରୁ ସଂପୂର୍ଣ୍ଣ ଅଲଗା । ଅନୁରୂପ ହେବା ବା ସାଦୃଶ୍ୟ ରକ୍ଷା କରିବା କେବଳ ବାଚନିକ ଉକ୍ତି, ଏହାଠାରୁ ଅଧିକ ନୁହେଁ । ସେଥିପାଇଁ ଈଶ୍ୱର ପବିତ୍ର କୁରଆନରେ କହିଛନ୍ତି :

**ଲୈସା କମିସ୍‌ଲିହୀ ଶୈଇନ୍** لَيۡسَ كَمِثۡلِهٖ شَيۡءٌ

ଅର୍ଥାତ 'କୌଣସି ବିଷୟ ନିଜ ବ୍ୟକ୍ତିତ୍ୱରେ ବା ଗୁଣରେ ଅଲ୍ଲାଃଙ୍କ ସହିତ ସମାନ ନୁହେଁ' । *(ଅଶ୍ ଶୋରା 42:12)*

(ଚଶମାଏ ମାରିଫତ୍ ,ରୁହାନି ଖଜାଇନ୍ , ଗ୍ରନ୍ଥଖଣ୍ଡ ୨୩, ପୃ ୨୭୨- ୨୭୬)

# ଅଲ୍ଲାଃଙ୍କ ସଦ୍‌ଗୁଣାବଳୀ ଚିରସ୍ଥାୟୀ

ଈଶ୍ୱର କୌଣସି କାର୍ଯ୍ୟ ସଂପାଦନ କରିବାରୁ କ୍ଷାନ୍ତ ହୁଅନ୍ତି ନାହିଁ । ବରଂ ତାଙ୍କ ଐଶିଗୁଣାବଳୀକୁ ଅବିରତ ଭାବେ ସେ ଉପଯୋଗ କରି ଚାଲିଥାନ୍ତି । ସେ ସଦା ସୃଷ୍ଟିକର୍ତ୍ତା, ସଦା ପାଳନକର୍ତ୍ତା, ସଦା ପ୍ରତିପୋଷଣକାରୀ, ସଦା କରୁଣାମୟ, ସଦା ଦୟାବାନ ହୋଇ ରହିଥିବେ । ତେଣୁ ମୋ ମତରେ ଏପରି ଜଣେ ମହାପରାକ୍ରମୀ ପ୍ରତିପତ୍ତିଶୀଳ କର୍ତ୍ତାଙ୍କ ପ୍ରତି ବିତର୍କ କରିବା ପାପର ଅନ୍ତର୍ଭୁକ୍ତ । ଈଶ୍ୱର ଏପରି କୌଣସି ଆସ୍ଥା ଓ ବିଶ୍ୱାସ ମତକୁ କାହା ଉପରେ ଲଦିଦେଇ ନାହାନ୍ତି । ଯାହାର ଦୃଷ୍ଟାନ୍ତ ସେ ଏଠାରେ ପ୍ରଦର୍ଶନ କରିନାହାନ୍ତି ।

(ମଲ୍‌ଫୁଜାତ୍,ଦ୍ୱିତୀୟ ଖଣ୍ଡ, ପୃ ୬୩୭,୨୦୦୩ ସଂସ୍କରଣ )

ଏହା ମନେ ରଖିବାକୁ ହେବ, ଯେପରି ନକ୍ଷତ୍ର ପିଣ୍ଡଗୁଡିକ ପର୍ଯ୍ୟାୟ କ୍ରମେ ଉଦିତ ହୁଅନ୍ତି, ସେହିପରି ଈଶ୍ୱରୀୟ ଗୁଣଗୁଡିକ ମଧ୍ୟ ଥରକୁ ଥର ପ୍ରତୀତ ହୋଇଥାନ୍ତି । କେତେବେଳେ ମନୁଷ୍ୟ ଈଶ୍ୱରଙ୍କ ଗୌରବ ଓ ସ୍ୱୟଂ ପର୍ଯ୍ୟାପ୍ତ ଛାୟାଧୀନକୁ ଆସିଥାଏ ତ ପୁଣି କେବେ ମନୁଷ୍ୟ ତାହାଙ୍କ ସୁଦର୍ଶନ କାନ୍ତି ବହନକାରୀ ଐଶ୍ୱର୍ଯ୍ୟମୟ ଗୁଣ ଭିତ୍ତିକ ଛାୟାର ପ୍ରଭାବ ଅଧିନରେ ଆସି ରହିଯାଏ । ସେଥିପ୍ରତି ଏହି ପଙ୍‌କ୍ତି ସଙ୍କେତ କରେ : كُلَّ يَوۡمٍ هُوَ فِيۡ شَاۡنٍ

କୁଲ୍ଲା ୟୋମିନ୍ ହୁଓ୍ୱା ଫୀଶାନ୍ (ଅର୍ ରହମାନ୍ *55:30*)

ଏପରି ଧାରଣା ନିର୍ବୋଧତାର ପରିଚୟ ଦିଏ ଯେ ପାପୀମାନେ ନର୍କରେ ପଡିବା ପରେ ଦୟା ଓ କ୍ଷମାଭିତ୍ତିକ ଐଶିଗୁଣର ପ୍ରକ୍ରିୟା ଚିରଦିନ ପାଇଁ ବନ୍ଦ ହୋଇଯିବ ଓ ତାର ପ୍ରଭାବ କଦାପି ରହିବ ନାହିଁ । ଯେହେତୁ ସ୍ୱର୍ଗୀୟ ଗୁଣଗୁଡିକର ସ୍ଥାୟୀ ପ୍ରଚଳନର ପ୍ରକିୟା କେବେ ଗତିରୋଧ ହେବା ଅନୁମତି ଯୋଗ୍ୟ ନୁହେଁ, ବରଂ ଈଶ୍ୱରଙ୍କ ବାସ୍ତବ ଗୁଣ ହେଉଛି ପ୍ରେମ ଓ କରୁଣା ଏବଂ ତାହା ହିଁ ସକଳ ଦିବ୍ୟ ଗୁଣର ଜନନୀ । ତାହା ମାନବୀୟ ସୁଧାର ସକାଶେ ଈଶ୍ୱରଙ୍କ ଐଶ୍ୱର୍ଯ୍ୟ ଓ ମହାକୋପ ଜନିତ ଗୁଣ ସ୍ୱରୂପ କାର୍ଯ୍ୟ କରିଥାଏ ଏବଂ ସୁଧାର ହୋଇଯିବା ପରେ ଐଶି ପ୍ରେମ ତା'ର ନିଜ ରୂପରେ ଦେଖାଦିଏ । ପୁଣି ଏହା ଆଶୀର୍ବାଦର ଝରଣା ହୋଇ ଚିରଦିନ ସକାଶେ ଚାଲୁ ରହେ । ଈଶ୍ୱର କେବେ ଚିଡଚିଡା ସ୍ୱଭାବର ମନୁଷ୍ୟ ପରି ବଦ୍‌ମିଜାଜ ନୁହନ୍ତି, ଯିଏ କି କେବେ ଅଯଥାଟାରେ ଶାସ୍ତି ଦେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ସେ କାହା ଉପରେ ଅତ୍ୟାଚାର କରନ୍ତି ନାହିଁ । ବରଂ ଲୋକେ ନିଜ ପ୍ରତି ଅତ୍ୟାଚାର କରନ୍ତି । ତାହାଙ୍କୁ ପ୍ରେମ କଲେ ସକଳ ମୁକ୍ତି ଓ ତାଙ୍କୁ ତ୍ୟାଗ କଲେ ସକଳ ଶାସ୍ତି ରହିଛି ।

(ଚଶମାଏ ମସିହ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୦, ପୃ ୩୬୯-୩୭୦)

## ପବିତ୍ର କୁରଆନରେ ବର୍ଣ୍ଣିତ ଐଶ୍ୱରିକ ଗୁଣାବଳୀ

ଏହାପରେ ଏହି କଥା ମଧ୍ୟ ଜାଣିବା ଉଚିତ ଯେ ଯେଉଁ ଈଶ୍ୱରଙ୍କ ଆଡକୁ ଆମକୁ ପବିତ୍ର କୁରଆନ ଡାକୁଛି, ସେ ତାହାଙ୍କ ବିଶେଷତ୍ୱଗୁଡିକ ବତାଇଛନ୍ତି;

هُوَ اللّٰهُ الَّذِیْ لَاۤ اِلٰهَ اِلَّا هُوَ ۚ عٰلِمُ الْغَیْبِ وَالشَّهَادَةِ ۚ هُوَ الرَّحْمٰنُ الرَّحِیْمُ

*(ଅଲ ହସର୍ 59:23)*

مٰلِكِ یَوْمِ الدِّیْنِ

*(ଅଲ ଫାତିହା 1:4)*

اَلْمَلِكُ الْقُدُّوْسُ السَّلٰمُ الْمُؤْمِنُ الْمُهَیْمِنُ الْعَزِیْزُ الْجَبَّارُ الْمُتَكَبِّرُ

*(ଅଲ ହସର୍ 59:24)*

هُوَ اللّٰهُ الْخَالِقُ الْبَارِئُ الْمُصَوِّرُ لَهُ الْاَسْمَآءُ الْحُسْنٰى ؕ
یُسَبِّحُ لَهٗ مَا فِی السَّمٰوٰتِ وَ الْاَرْضِ وَ هُوَ الْعَزِیْزُ الْحَكِیْمُ

*(ଅଲ ହସର୍ 59:25)*

عَلٰى كُلِّ شَىْءٍ قَدِيْرٌ *(ଅଲ ବକ୍ରା 2:21)*

رَبِّ الْعٰلَمِيْنَ الرَّحْمٰنِ الرَّحِيْمِ مٰلِكِ يَوْمِ الدِّيْنِ

*(ଅଲ ଫାତିହା 1:2-4)*

اُجِيْبُ دَعْوَةَ الدَّاعِ اِذَا دَعَانِ

*(ଅଲ ବକ୍ରା 2:187)*

اَلْحَىُّ الْقَيُّوْمُ *(ଅଲ ବକ୍ରା 2:256)*

قُلْ هُوَ اللّٰهُ اَحَدٌ اَللّٰهُ الصَّمَدُ لَمْ يَلِدْ وَلَمْ يُوْلَدْ وَلَمْ يَكُنْ لَّهٗ كُفُوًا اَحَدٌ

*(ଅଲ ଇଖ୍ଲାସ 112: 2-5)*

ଅର୍ଥାତ୍ 'ସେହିଁ ଈଶ୍ୱର ଯେ ଅଦ୍ୱିତୀୟ ଓ ଯାହାଙ୍କ ସମକକ୍ଷ କେହି ନାହିଁ । ତାଙ୍କ ବ୍ୟତୀତ ଉପାସନା ଓ ଆନୁଗତ୍ୟର ଯୋଗ୍ୟ ମଧ୍ୟ କେହି ନାହିଁ । ଏହା ଏଥିପାଇଁ କୁହାଯାଇଛି ଯେ ଯଦି ସେ ସମକକ୍ଷ ବିହୀନ ନହୁଅନ୍ତି, ତେବେ ହୁଏତ ତାଙ୍କର ଶକ୍ତି ଉପରେ ଶତ୍ରୁର ଶକ୍ତି ପ୍ରାଧାନ୍ୟ ବିସ୍ତାର କରିନେବ । ଏପରି ଅବସ୍ଥାରେ ଈଶ୍ୱରତ୍ୱ ବିପଦଗ୍ରସ୍ତ ରହିବ । ପୁନଶ୍ଚ ଯାହା କୁହାଯାଇଛି ଯେ ତାଙ୍କ ବ୍ୟତୀତ କେହି ଉପାସନାର ଯୋଗ୍ୟ ନୁହେଁ, ତା'ର ଅର୍ଥ ହେଉଛି ସେ ଏପରି ଏକ ସମ୍ପୂର୍ଣ୍ଣ ଈଶ୍ୱର ଯାହାଙ୍କ ଚାରିତ୍ରିକ ଗୁଣାବଳୀ ଓ ଉତ୍କର୍ଷମାନ ଏପରି ଉଚ୍ଚ ଓ ଶ୍ରେଷ୍ଠ ଶ୍ରେଣୀର ଯେ ଯଦି ବ୍ରହ୍ମାଣ୍ଡ ମଧ୍ୟରୁ ସର୍ବୋତ୍କୃଷ୍ଟ ଗୁଣସମ୍ପନ୍ନ ଜଣେ କେହି ଈଶ୍ୱରଙ୍କୁ ବାଛିବାକୁ ହୁଏ କିମ୍ବା ଯଦି ସର୍ବାଧିକ ସମ୍ଭବ ଐଶ୍ୱରିକ ଗୁଣାବଳୀର କଳ୍ପନା କରାଯାଏ, ତେବେ ତାହା ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ ରହିବ । ଯାହାଠାରୁ ଆଉ ଅଧିକ ଉତ୍ତମ କେହି ହୋଇପାରିବ ନାହିଁ । ସେ ହିଁ ହେବେ ସେହି ଈଶ୍ୱର, ଯାହାଙ୍କ ଉପାସନାରେ ଇତର ପ୍ରାଣୀଙ୍କୁ ସମକକ୍ଷ କରିବା ଅପରାଧ ହେବ । ପୁନଶ୍ଚ କୁହାଯାଇଛି ଯେ ସେ ଅନ୍ତର୍ଯ୍ୟାମୀ । ତାହାଙ୍କ ଅସ୍ତିତ୍ୱ ତାଙ୍କୁ ହିଁ ଗୋଚର ଯାହାକୁ କେହି କଳନା କରିପାରିବ ନାହିଁ । ଆମେ ସୂର୍ଯ୍ୟ ଚନ୍ଦ୍ରାଦି ପ୍ରତ୍ୟେକ ସୃଷ୍ଟିକୁ ସାମଗ୍ରିକ ରୂପେ ଦେଖିବା । କିନ୍ତୁ ଈଶ୍ୱରଙ୍କୁ ସାମଗ୍ରିକ ରୂପେ ଦେଖିବା ପାଇଁ ଆମେ ଅସମର୍ଥ । ପୁନଶ୍ଚ କୁରଆନ କୁହେ, 'ଆଲିମୁଲ ଶହାଦତ' ଅର୍ଥାତ ତାଙ୍କ ଦୃଷ୍ଟି ଅନ୍ତରାଳରେ କୌଣସି ବସ୍ତୁ ନାହିଁ । ଏହା ଉଚିତ୍ ହେବ ନାହିଁ ଯେ ଈଶ୍ୱର ବୋଲାଇ ନିଜେ ବାସ୍ତୁଜ୍ଞାନ ସମ୍ବନ୍ଧରେ ଅଜ୍ଞାତ ଥିବେ । ଏହି ବିଶ୍ୱବ୍ରହ୍ମାଣ୍ଡର

କ୍ଷୁଦ୍ରାତିକ୍ଷୁଦ୍ର କଣିକା ପ୍ରତି ମଧ୍ୟ ସେ ତାଙ୍କ ନଜର ରଖିଛନ୍ତି, ଅଥଚ ମନୁଷ୍ୟ ରଖିପାରିବ ନାହିଁ । ସେ ଜାଣନ୍ତି କେତେବେଳେ ସେ ଏହି ବ୍ୟବସ୍ଥାକୁ ଭାଙ୍ଗିବେ ଓ ପ୍ରଳୟ ରଚନା କରିବେ । ତାହାଙ୍କ ବ୍ୟତୀତ କେହି ଜାଣି ନାହିଁ ଯେ ଏହା କେବେ ହେବ ? ସୁତରାଂ ସେ ହିଁ ଈଶ୍ୱର ଯେ ଏ ସମସ୍ତ ସମୟକୁ ଜାଣନ୍ତି । ପୁଣି କୁହାଯାଇଛି ଯେ 'ସେ ହେଉଛନ୍ତି କରୁଣାମୟ' । ଅର୍ଥାତ ପ୍ରାଣୀର ସୃଷ୍ଟି ପୂର୍ବରୁ ଓ ତାର କୌଣସି କର୍ମ ଆରମ୍ଭ ହେବା ପୂର୍ବରୁ କେବଳ ଆପଣା ଦୟା ହେତୁ ଈଶ୍ୱର ତା'ସକାଶେ ଆରାମଦାୟକ ସାମଗ୍ରୀମାନ ଯୋଗାଇ ଦେଉଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ଆମର ଅସ୍ତିତ୍ୱ ପୂର୍ବରୁ ତଥା ଆମ କର୍ମର ସ୍ଥିତି ପ୍ରକଟ ହେବା ପୂର୍ବରୁ ସେ ଆମ ପାଇଁ ସୂର୍ଯ୍ୟ, ପୃଥିବୀ ଓ ଅନ୍ୟାନ୍ୟ ସବୁ ବସ୍ତୁଗୁଡିକୁ ସୃଷ୍ଟି କରିଦେଲେ । ଈଶ୍ୱରଙ୍କ ଗ୍ରନ୍ଥରେ ଏହି ଦାନର ନାମ ଦୟାଶୀଳତା (ରହ୍‌ମାନିୟତ୍) ରଖାଯାଇଛି । ଏହି କାର୍ଯ୍ୟ ହେତୁ ଈଶ୍ୱର ଦୟାବାନ୍ (ରହ୍‌ମାନ୍) ବୋଲାନ୍ତି । ସେହିପରି ତାଙ୍କୁ 'ଅର ରହିମ୍' କୁହାଯାଇଛି । ଅର୍ଥାତ ସେହି ଈଶ୍ୱର ସତ୍‌କର୍ମ ସକାଶେ ତା'ଠାରୁ ବଳି ସୁଫଳ ପ୍ରଦାନ କରନ୍ତି । କାହାରି ପରିଶ୍ରମକୁ ନଷ୍ଟ କରାଇ ଦିଅନ୍ତି ନାହିଁ । ଏହି ଗୁଣ ଯୋଗୁଁ ସେ 'ରହିମ୍' ବୋଲାନ୍ତି ଏବଂ ଗୁଣ 'ରହିମିୟତ୍' ନାମରେ ବିଦିତ । ପୁଣି କୁହାଯାଇଛି **ମାଲିକେ ୟୋମିଦ୍‌ଦୀନ୍** 'ବିଚାର ଦିବସର ପ୍ରଭୁ' । ଅର୍ଥାତ ସେହି ଈଶ୍ୱର ପ୍ରତ୍ୟେକ ପ୍ରାଣୀର ଅନ୍ତିମ ନିଷ୍ପତ୍ତି ନିଜ ହାତରେ ରଖିଛନ୍ତି । ତାଙ୍କର ଏପରି କୌଣସି କର୍ମଚାରୀ ନିଯୁକ୍ତ ହୋଇ ନାହିଁ, ଯାହାକୁ ସେ ପୃଥିବୀ ଓ ଆକାଶର ଶାସନଭାର ଅର୍ପଣ କରିଛନ୍ତି । ସ୍ୱୟଂ ଅଲଗା ହୋଇ ବସିଛନ୍ତି ତଥା ନିଜେ କିଛି କରୁନାହାନ୍ତି । ସେହି ଏକକ କର୍ମଚାରୀ ହିଁ ବ୍ୟବସ୍ଥାପକ ତଥା ସର୍ବୋଚ୍ଚ ନ୍ୟାୟାଧୀଶ ରୂପେ ପୁରସ୍କାର ଓ ଶାସ୍ତିବିଧାନ କରୁଛନ୍ତି ଅଥବା ତାହା ଭବିଷ୍ୟତରେ କରିବେ । ପୁଣି ଈଶ୍ୱରଙ୍କ ଅନ୍ୟ ଏକ ଗୁଣ ସମ୍ବନ୍ଧରେ ପବିତ୍ର କୁରଆନ କହିଛି: **ଅଲ୍ ମଲିକୁଲ୍ କୁଦ୍ଦୁସ୍ ।** ଅର୍ଥାତ 'ସେହି ଈଶ୍ୱର ସମ୍ରାଟ ହୋଇଛନ୍ତି ସମଗ୍ର ବିଶ୍ୱ ଭୂବନର । ଯାହାଙ୍କ ଠାରେ କୌଣସି ଦୋଷତ୍ରୁଟି ପରିଲକ୍ଷିତ ହୁଏ ନାହିଁ ।' ଏକଥା ସ୍ପଷ୍ଟ ଯେ ମନୁଷ୍ୟର ରାଜପଦ ଦୋଷମୁକ୍ତ ନୁହେଁ । ଉଦାହରଣ ସ୍ୱରୂପ, ଯଦି ସମସ୍ତ ପ୍ରଜା ଦେଶ ଛାଡି ଅନ୍ୟ ଦେଶକୁ ପଳାୟନ କରନ୍ତି, ତେବେ ତାଙ୍କର ସମ୍ରାଟ ପଦ ତିଷ୍ଠି ରହିପାରିବ ନାହିଁ । ଅଥବା ଯଦି ସମସ୍ତ ପ୍ରଜା ଦୂର୍ଭିକ୍ଷରେ ପୀଡିତ ହୋଇଯାଆନ୍ତି,

ତେବେ ରାଜସ୍ୱ ବ୍ୟୟ ଆସିବ କେଉଁଠୁ ? ପୁଣି ଯଦି ପ୍ରଜାଗଣ ତା ସହିତ ଯୁକ୍ତି କରି ବସନ୍ତି ଯେ ତୁମେ କେଉଁ ଗୁଣେ ଆମଠାରୁ ଅଧିକ, ତା'ହେଲେ ସେ ନିଜର କେଉଁ ଦକ୍ଷତା ସାବ୍ୟସ୍ତ କରିବ ? ସୁତରାଂ ଈଶ୍ୱରଙ୍କ ସମ୍ରାଟତ୍ୱ ଏଭଳି ଧରଣର ନୁହେଁ । ସେ ନିମିଷକ ମଧ୍ୟରେ ସମସ୍ତ ସାମ୍ରାଜ୍ୟକୁ ଲୋପ କରିଦେଇ ଅନ୍ୟ ଗୋଟିଏ ଜୀବଜଗତ ସୃଷ୍ଟି କରିଦେଇ ପାରନ୍ତି । ଯଦି ସେ ଏଭଳି ସ୍ରଷ୍ଟା ଓ ଶକ୍ତିମାନ ନହୋଇଥାନ୍ତେ, ତେବେ ତାଙ୍କ ରାଜତ୍ୱ ଅନ୍ୟାୟ ଅତ୍ୟାଚାର ବିନା ଚାଲିପାରନ୍ତା ନାହିଁ । କାରଣ ସେ ଦୁନିଆକୁ ଥରେ କ୍ଷମା ଓ ମୋକ୍ଷ ଦେଇ ସାରିଲା ପରେ ପୁଣି ଆଉ ଗୋଟିଏ ଦୁନିଆ କେଉଁଠାରୁ ଆଣନ୍ତେ ? କ'ଣ ମୋକ୍ଷ ପାଇଥିବା ଲୋକମାନଙ୍କୁ ଦୁନିଆକୁ ପଠାଇବା ପାଇଁ ଆଉ ଥରେ ଧରି ଆଣନ୍ତେ ଏବଂ ନିଜର କ୍ଷମା ଓ ମୋକ୍ଷ ପ୍ରଦାନକୁ ଅନ୍ୟାୟ ଉପାୟରେ ଫେରାଇ ନେଇଥାନ୍ତେ ? ଏପରି କଲେ ତାଙ୍କ ଈଶ୍ୱରତ୍ୱ ଉପରେ ହିଁ ଆଞ୍ଚ ଆସନ୍ତା ଓ ସେ ପୃଥିବୀର ସମ୍ରାଟମାନଙ୍କ ସଦୃଶ ଗୋଟିଏ ଦୋଷଯୁକ୍ତ ସମ୍ରାଟ ହୁଅନ୍ତେ । ଯେଉଁମାନେ ସାଂସାରିକ ନିୟମ ତିଆରି କରନ୍ତି ଓ କଥା କଥାକେ ରାଗି ଉଠନ୍ତି ତଥା ନିଜ ସ୍ୱାର୍ଥସିଦ୍ଧି ବେଳେ ଯଦି ଦେଖନ୍ତି ଯେ ଅନ୍ୟାୟ ବିନା ଆନ ଗତି ନାହିଁ, ସେତେବେଳେ ଅନ୍ୟାୟକୁ ମାଆ କ୍ଷୀର ସମାନ ଭାବି ଆକଣ୍ଠ ପାନ କରନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ରାଷ୍ଟ୍ରର ନିୟମ ଅନୁଯାୟୀ ଏହା ବୈଧ ଯେ ଗୋଟିଏ ଜାହାଜକୁ ବଞ୍ଚାଇବା ଲାଗି ଗୋଟିଏ ନୌକାର ଯାତ୍ରୀମାନଙ୍କୁ ଧ୍ୱଂସମୁଖକୁ ଠେଲି ଦିଆଯାଇପାରେ ଓ ମାରି ଦିଆଯାଏ । କିନ୍ତୁ ଈଶ୍ୱରଙ୍କୁ ଏପରି କଥା ବିବଶ କରିପାରିବ ନାହିଁ । ଯଦି ଈଶ୍ୱର ପୂର୍ଣ୍ଣ ଶକ୍ତିମାନ ଶୂନ୍ୟରୁ ସୃଷ୍ଟିକାରୀ ମହାନ ସତ୍ତା ନହୋଇଥାନ୍ତେ, ତାହେଲେ ସେ ହୁଏତ ଶକ୍ତିହୀନ ରାଜାଙ୍କ ପରି ବଳ ପରାକ୍ରମ ଦେଖାଇବା ପରିବର୍ତ୍ତେ ଅତ୍ୟାଚାର ପୂର୍ଣ୍ଣ କାମ କରନ୍ତେ କିମ୍ବା ହୁଏତ ନ୍ୟାୟକର୍ତ୍ତା ସାଜି ପ୍ରଭୁତ୍ୱକୁ ହିଁ ଛାଡି ବସିଥାନ୍ତେ । ମାତ୍ର ଈଶ୍ୱରଙ୍କ ସଂସାର ରୂପକ ଜାହାଜ ସମସ୍ତ ଶକ୍ତି ବହନ କରି ସତ୍ୟ ଓ ନ୍ୟାୟ ଉପରେ ଚାଲୁଅଛି । ପୁଣି କୁହାଯାଇଛି **'ଅସ୍ ସଲାମ'** ଅର୍ଥାତ ସେହି ପରମେଶ୍ୱର ସମସ୍ତ ବିପତ୍ତି ଓ ସଂକଟମାନଙ୍କରୁ ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି, ଏପରି କି ସେ ସ୍ୱୟଂ ସୁରକ୍ଷାଦାତା । ଏହାର ଅର୍ଥ ଅତି ସ୍ପଷ୍ଟ । କାରଣ ଯଦି ଈଶ୍ୱର ନିଜେ ବିପଦଗ୍ରସ୍ତ, ଲୋକମାନଙ୍କ ହାତରେ ଯଦି ତାଙ୍କୁ ସଂହାର କରାଯାଏ ଓ ସେ ନିଜର ସମସ୍ତ ପ୍ରୟାସରେ ଯଦି ବିଫଳ ହୁଏ, ତେବେ ଏପରି

ଦୃଷ୍ଟାନ୍ତମାନ ଦେଖି ମନ କିପରି ଥୟ ଧରିବ ଯେ ଏଭଳି ଇଶ୍ୱର ଆମକୁ ଆମର ସକଳ ବିପଦମାନରୁ ନିଶ୍ଚୟ ମୁକୁଳାଇ ଆଣିବେ ? ସୁତରାଂ ମିଥ୍ୟା ଉପାସ୍ୟମାନଙ୍କ ସମ୍ପର୍କରେ ଈଶ୍ୱର କହିଛନ୍ତି;

إِنَّ الَّذِينَ تَدْعُونَ مِن دُونِ اللَّهِ لَن يَخْلُقُوا ذُبَابًا وَلَوِ اجْتَمَعُوا لَهُ

وَإِن يَسْلُبْهُمُ الذُّبَابُ شَيْئًا لَّا يَسْتَنقِذُوهُ مِنْهُ ضَعُفَ الطَّالِبُ

وَالْمَطْلُوبُ مَا قَدَرُوا اللَّهَ حَقَّ قَدْرِهِ إِنَّ اللَّهَ لَقَوِيٌّ عَزِيزٌ

*(ଅଲ ହଜ୍ 22: 74-75)*

ଅର୍ଥାତ 'ଯେଉଁ ଲୋକମାନଙ୍କୁ ତୁମେମାନେ ଈଶ୍ୱର କରି ବସିଛ, ସେମାନେ ଏପରି ହୋଇଥାନ୍ତି ଯେ ଯଦି ସେମାନେ ସମସ୍ତେ ଏକତ୍ରିତ ହୋଇ ଗୋଟିଏ ମକ୍ଷୀକା ସୃଷ୍ଟି କରିବାକୁ ଚାହିଁବେ, କେବେ ବି ସୃଷ୍ଟି କରିପାରିବେ ନାହିଁ । ଯଦିଚ ସେମାନେ ଏପରି ପ୍ରୟାସରେ ପରସ୍ପରକୁ ସାହାଯ୍ୟ ବି କରନ୍ତି । ବରଂ ମାଛି ଯଦି ତାଙ୍କର କୌଣସି ଦ୍ରବ୍ୟ ଛଡାଇ ନେଇଯାଏ, ତେବେ ତାଙ୍କଠାରେ ଏତିକି ବି ଶକ୍ତି ନାହିଁ ଯେ ସେମାନେ ମାଛି ଠାରୁ ଉକ୍ତ ଦ୍ରବ୍ୟକୁ ଫେରସ୍ତ ଆଣିପାରିବେ । ଦୂର୍ବଳମତି ସମ୍ପନ୍ନ ସେମାନଙ୍କ ଉପାସକଗଣ ଓ ଦୂର୍ବଳ ଶକ୍ତିସମ୍ପନ୍ନ ହୋଇଥିବା ସେମାନଙ୍କର ଈଶ୍ୱର କ'ଣ ଏପରି ହୁଅନ୍ତି ? ଈଶ୍ୱରଙ୍କ ତ ପରିଚୟ ଏପରି ଯେ ସବୁ ବଳବାନମାନଙ୍କ ଠାରୁ ମଧ୍ୟ ଅଧିକ ବଳଶାଳୀ ଓ ସମସ୍ତେ ତାଙ୍କ କରଗତ । ତାଙ୍କୁ କେହି ଧରିପାରେ ନାହିଁ ନା ତାଙ୍କୁ କେହି ମାରିପାରେ । ଏଭଳି ଭ୍ରାନ୍ତିରେ ଯେଉଁ ଲୋକମାନେ ପଡିଛନ୍ତି, ସେମାନେ ଈଶ୍ୱରଙ୍କ ମହତ୍ତ୍ୱ ବିଷୟରେ ଅବଗତ ନାହାନ୍ତି ଏବଂ ଜାଣନ୍ତି ନାହିଁ ଯେ ଈଶ୍ୱର କିଭଳି ହେବା ଉଚିତ । ଏହା ମଧ୍ୟ କୁହାଯାଇଛି ଯେ ଈଶ୍ୱର ହେଉଛନ୍ତି ଶାନ୍ତି ପ୍ରଦାୟକ ଏବଂ ନିଜର ଚମତ୍କାରୀତାରେ ଓ ନିଜ ଏକତ୍ୱକୁ ସିଦ୍ଧ କରିବାରେ ସେ ସଂପୂର୍ଣ୍ଣ ରୂପେ ସକ୍ଷମ । ଏହା ଏଥିପ୍ରତି ସଂକେତ ଦିଏ ଯେ ସତ୍ୟ ଈଶ୍ୱରଙ୍କୁ ମାନୁଥିବା ବ୍ୟକ୍ତି କୌଣସି ସଭାରେ ଅପଦସ୍ତ ହୋଇପାରିବ ନାହିଁ କିମ୍ବା ଈଶ୍ୱରଙ୍କ ସମକ୍ଷରେ ମଧ୍ୟ ସେ ଲଜ୍ଜିତ ହେବ ନାହିଁ । କାରଣ ତା'ନିକଟରେ ବଳିଷ୍ଠ ପ୍ରମାଣମାନ ରହିଛି । କିନ୍ତୁ କୃତ୍ରିମ ଈଶ୍ୱରଙ୍କୁ ମାନୁଥିବା ବ୍ୟକ୍ତି ଅତିଶୟ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଥାଏ । ପ୍ରମାଣ ଉପସ୍ଥାପନ କରିବା ପରିବର୍ତ୍ତେ ପ୍ରତ୍ୟେକ

ଅସଙ୍ଗତ କଥାକୁ ସେ ରହସ୍ୟ ଘେରରେ ରଖେ, ଯେପରିକି ତାହା ବିଦ୍ରୂପ ନହେଉ ଓ ପ୍ରମାଣସିଦ୍ଧ ତ୍ରୁଟିଗୁଡିକୁ ସେ ଲୁଚାଇବାକୁ ଚାହେଁ ।

ପୁନଶ୍ଚ କୁହାଯାଇଛି ଯେ

الْمُهَيْمِنُ الْعَزِيْزُ الْجَبَّارُ الْمُتَكَبِّرُ

*(ଅଲ ହଶର୍ 59:24)*

ଅର୍ଥାତ 'ସେ ସମସ୍ତଙ୍କର ତତ୍ତ୍ୱାବଧାରକ ସମସ୍ତଙ୍କ ଉପରେ ବିଜୟୀ, ବିଘ୍ନ ବିନାଶକ ଏବଂ ତାଙ୍କର ସତ୍ତା ଅତ୍ୟନ୍ତ ନିଃସ୍ପୃହ ।' ପୁଣି କୁହାଯାଇଛି:

هُوَ اللّٰهُ الْخَالِقُ الْبَارِئُ الْمُصَوِّرُ لَهُ الْاَسْمَآءُ الْحُسْنٰى

*(ଅଲ ହଶର୍ 59:25)*

ଅର୍ଥାତ 'ସେ ଏପରି ଈଶ୍ୱର ଯେ କି ଶରୀରର ମଧ୍ୟ ସ୍ରଷ୍ଟା ଓ ଆତ୍ମାର ମଧ୍ୟ ସ୍ରଷ୍ଟା । ମାତୃଗର୍ଭରେ ସେ ଆକୃତି ପ୍ରଦାନ କରନ୍ତି ଓ ଯେପରି ଚାହାନ୍ତି ରୂପରେଖର ସ୍ପର୍ଶ ଦେଇଥାନ୍ତି । ମାନସପଟରେ ସମ୍ଭବ ସମସ୍ତ ଶୁଭ ନାମ ତାଙ୍କରି ।' ପୁଣି ଉଲ୍ଲେଖ ଅଛି ।

يُسَبِّحُ لَهٗ مَا فِى السَّمٰوٰتِ وَ الْاَرْضِ ۚ وَ هُوَ الْعَزِيْزُ الْحَكِيْمُ

*(ଅଲ ହଶର୍ 59:25)*

ଅର୍ଥାତ 'ଆକାଶର ଲୋକମାନେ ତାଙ୍କ ନାମକୁ ପବିତ୍ରତା ସହ ସ୍ମରଣ କରନ୍ତି ଏବଂ ମର୍ତ୍ତ୍ୟର ଲୋକମାନେ ମଧ୍ୟ । ଆକାଶର ଅନ୍ୟାନ୍ୟ ଗ୍ରହ ନକ୍ଷତ୍ର ମଧ୍ୟରେ ଯେ ଜନବସତି ରହିଛି ଏବଂ ସେମାନେ ମଧ୍ୟ ଈଶ୍ୱରଙ୍କ ଆଦେଶଗୁଡିକୁ ପାଳନ କରୁଛନ୍ତି ।' ଏଥିପ୍ରତି ଏହି ପଙ୍କ୍ତିରେ ସୂଚନା ରହିଛି । ପୁନଶ୍ଚ କୁହାଯାଇଛି:

عَلٰى كُلِّ شَىْءٍ قَدِيْرٌ

*(ଅଲ ବକ୍‌ରା ୨:୨୧)*

ଅର୍ଥାତ 'ଈଶ୍ୱର ଅତ୍ୟନ୍ତ ସାମର୍ଥ୍ୟବାନ ।' ତେବେ ଉପାସକମାନଙ୍କ ପାଇଁ ଏହା ଏକ ସାନ୍ତ୍ୱନାର ବାଣୀ । କାରଣ ଈଶ୍ୱର ଯଦି ଦୁର୍ବଳ ଓ କର୍ତ୍ତୃତ୍ୱହୀନ ହୁଅନ୍ତି, ତେବେ ଏଭଳି ଈଶ୍ୱରଙ୍କ ଠାରୁ ଆମେ କଣ ବା ଆଶା ରଖିବା ? ପୁଣି କୁହାଯାଇଛି;

رَبِّ الْعٰلَمِيْنَ الرَّحْمٰنِ الرَّحِيْمِ مٰلِكِ يَوْمِ الدِّيْنِ

*(ଅଲ ଫାତିହା 1:2-4)*

اُجِيْبُ دَعْوَةَ الدَّاعِ اِذَا دَعَانِ

*(ଅଲ ବକ୍ରା 2:187)*

ଅର୍ଥାତ 'ସେ ହିଁ ଈଶ୍ୱର ଯେକି ସମସ୍ତ ଜଗତର ପାଳନକର୍ତ୍ତା, ଦୟାବାନ, କରୁଣାମୟ ଓ ବିଚାର ଦିବସର ସ୍ୱୟଂ ପ୍ରଭୁ । ଏହି କ୍ଷମତା ସେ ଅନ୍ୟ କାହାରିକୁ ଦେଇ ନାହାନ୍ତି । ପ୍ରତ୍ୟେକ ଡାକୁଥିବା ବ୍ୟକ୍ତିର ଡାକକୁ ସେ ଶୁଣନ୍ତି ଏବଂ ଉତ୍ତର ମଧ୍ୟ ଦିଅନ୍ତି ।' ଅର୍ଥାତ୍ ସେ ପ୍ରାର୍ଥନା ଗ୍ରହଣକାରୀ । ପୁଣି ଉଲ୍ଲେଖ ଅଛି:

اَلْحَيُّ الْقَيُّوْمُ

*(ଅଲ ବକ୍ରା 2:256)*

ଅର୍ଥାତ 'ସେ ଚିରଂଜୀବି, ସମସ୍ତ ଜୀବମାନଙ୍କର ଜୀବନ, ସମସ୍ତଙ୍କ ପ୍ରାଣର ଆଶ୍ରୟ ।' ଏହା ଏଥି ସକାଶେ କୁହାଯାଇଛି ଯେ ଯଦି ସେ ଚିରଂଜୀବି ନହୁଅନ୍ତି, ତେବେ ତାଙ୍କ ଜୀବନ ସମ୍ବନ୍ଧରେ ସର୍ବଦା ଏହି ସଂଶୟ ଲାଗି ରହିବ ଯେ କାଳେ ଆମ ପୂର୍ବରୁ ସେ ମରିଯିବେ । ଏହା ମଧ୍ୟ କୁହାଯାଇଛି ଯେ ଈଶ୍ୱର ହେଉଛନ୍ତି ଅଦ୍ୱିତୀୟ । ସେ କାହାରି ପୁତ୍ର ନୁହନ୍ତି ଏବଂ କେହି ତାଙ୍କର ପୁତ୍ର ନୁହେଁ । କେହି ତାଙ୍କର ସମକକ୍ଷ ନୁହନ୍ତି, ନା କେହି ତାଙ୍କ ସମଜାତୀୟ ।

(ଇସଲାମୀ ଉସୁଲ୍‌କି ଫଲାସଫି, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ୧୦, ପୃ,୩୭୨-୩୭୬)

## ଅଲ୍ଲାଃଙ୍କର ଚରିଗୋଟି ଅତି ବିଶିଷ୍ଟ ଗୁଣ :

ପରମେଶ୍ୱରଙ୍କ ଦିବ୍ୟ ଗୁଣାବଳୀ ମଧ୍ୟରେ ମୁଖ୍ୟତଃ ଚରିଗୋଟି ଉଚ୍ଚକୋଟିର ଗୁଣ ପରିଲକ୍ଷିତ ହୋଇଥାଏ । ଏହାକୁ 'ଉମ୍ମୁସ୍ ସିଫାତ୍' ଅର୍ଥାତ ଗୁଣମାନଙ୍କ ଜନନୀ ବୋଲି କୁହାଯାଏ । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ଗୁଣ ମାନବୋଚିତ ପ୍ରବୃତ୍ତି ସଂପନ୍ନ ବୈଶିଷ୍ଟ୍ୟ ପ୍ରତିପାଦିତ କରିଥାଏ । ସେଗୁଡିକ ହେଲା: ରବୁବିୟତ୍, ରହମାନିୟତ୍, ରହମିୟତ ଓ ମାଲିକେ ୟୋମିଦ୍‌ଦୀନ୍ ।

**୧) ରବୁବିୟତ୍ :** ଏହି ଦିବ୍ୟ ଗୁଣଟିକୁ ସ୍ପଷ୍ଟ ରୂପେ ପ୍ରକାଶ କରିବାକୁ ହେଲେ 'ରବୁବିୟତ୍' ଅର୍ଥାତ ପାଳନକର୍ତ୍ତା ହେବା ଗୁଣ କେବଳ ଏକ ମହାଶୂନ୍ୟତା ବା ଅବିଦ୍ୟମାନ ଅବସ୍ଥାକୁ ଆବଶ୍ୟକ କରିଥାଏ ଅଥବା ଏକ ଶୂନ୍ୟତାର ସାଦୃଶ୍ୟ ରକ୍ଷା କରିଥିବା ସ୍ଥିତିକୁ ବୁଝାଇଥାଏ, ଯେଉଁ ମହାଶୂନ୍ୟ ମାଧ୍ୟମରେ ସୃଷ୍ଟିର ପ୍ରତ୍ୟେକ ଉପାଦାନ ତାହା ସଜୀବ ହେଉ କି ନିର୍ଜୀବ ନିଜ ସତ୍ତାକୁ ଆସିଥାନ୍ତି ।

**୨) ରହମାନିୟତ୍ :** ଅଲ୍ଲାଙ୍କର ଏହି ବୈଶିଷ୍ଟ୍ୟର ସ୍ପଷ୍ଟ ପରିପ୍ରକାଶ କରିବାକୁ ହେଲେ 'ରହମାନିୟତ୍' ଅର୍ଥାତ ଅଶେଷ ଦୟାବାନ ହେବା ଗୁଣଟି ଅସ୍ତିତ୍ୱ ଧାରଣର ଅଭାବ ଆବଶ୍ୟକ କରିଥାଏ । ତାହା ଏପରି ଏକ ଅବସ୍ଥାକୁ ବୁଝାଏ, ଯେଉଁ ସମୟରେ ଅସ୍ତିତ୍ୱର କୌଣସି ପ୍ରଭାବ ଦେଖାଯାଇ ନଥିଲା । ଏହାର ସଂପର୍କ ସଜୀବ ପଦାର୍ଥ ସହିତ ରହିଛି ଓ ଏହା କୌଣସି ଜଡ ବସ୍ତୁ ସହିତ ସମ୍ବନ୍ଧିତ ନୁହେଁ ।

**୩) ରହମିୟତ୍ :** ଏହା ସ୍ପଷ୍ଟ ପ୍ରଦର୍ଶିତ କରେ ସେହି ଦୃଢ଼ ସ୍ୱୀକାରୋକ୍ତିକୁ, ଯାହାଦ୍ୱାରା ମହାଶୂନ୍ୟତା ଓ ଅବିଦ୍ୟମାନତା ମଧ୍ୟରୁ ସୃଷ୍ଟିର ଉତ୍ପତ୍ତି ହେବା ସମ୍ବନ୍ଧରେ କାରଣ ଖୋଜି ବାହାର କରିବା ତତ୍ତ୍ୱ ମାନବୀୟ ବିଚାରଶକ୍ତି ଦ୍ୱାରା ପ୍ରମାଣିତ ହୋଇଛି । ତେଣୁ ଏହା କେବଳ ମନୁଷ୍ୟ ସହିତ ଜଡ଼ିତ ।

**୪) ମାଲିକିୟତ୍ :** ଅନ୍ତିମ ବିଚାର ଦିବସର ପ୍ରଭୁ ହେବା ବୈଶିଷ୍ଟ୍ୟର ସ୍ପଷ୍ଟ ପ୍ରତିପାଦନ ସକାଶେ ତାହାଙ୍କ ନିକଟରେ ସାନୁନୟ ପ୍ରାର୍ଥନା ଓ ଭକ୍ତିର ଅର୍ଘ୍ୟ ଢ଼ାଳିବା ଆବଶ୍ୟକ ହୋଇଥାଏ, ଯାହା କେବଳ ମାନବଜାତି ସହିତ ସଂପୃକ୍ତ । ସେହି ପରମବ୍ରହ୍ମ ଏକକ ସତ୍ତାଙ୍କ ଛାମୁରେ ମନୁଷ୍ୟ ଭିକ୍ଷା ମାଗି ବୁଲୁଥିବା ଭିକାରିଟିଏ ପରି ପଡ଼ି ରହିଥାଏ । ସେ ନିଜକୁ ଏକ ସର୍ବହରା ଶୂନ୍ୟହସ୍ତ ମନେକରି ତାଙ୍କଠାରେ ଗଭୀର ନିଷ୍ଠାର ସହିତ ନିଜର ଗୁହାରି ଜଣାଇଥାଏ, ଯେପରି କି ସେ ଈଶ୍ୱରଙ୍କ କରୁଣା ଲାଭ କରିବ ଓ ତାହାଙ୍କ 'ମାଲିକିୟତ୍' ଗୁଣ ଉପରେ ବିଶ୍ୱାସ ସ୍ଥାପନ କରିବ ।

ଉପରେ ଆଲୋଚିତ ଚାରୋଟିଯାକ ଐଶିଗୁଣ ସଦାସର୍ବଦା କାର୍ଯ୍ୟକାରୀ ହୋଇ ଆସୁଛି । ସେଥିମଧ୍ୟରୁ 'ରହମିୟତ୍' ଗୁଣ ଜଣେ ବ୍ୟକ୍ତିକୁ ପ୍ରାର୍ଥନା କରିବା ପାଇଁ ପ୍ରବର୍ତ୍ତାଇ ଥାଏ ଏବଂ 'ମାଲିକିୟତ୍' ଗୁଣଟି ଭୟ ଓ ଆତଙ୍କର ନିଆଁରେ ଜଳାଇ ତା'ଠାରେ ବିନୟ ଭାବ ସୃଷ୍ଟି କରାଏ । କାରଣ ଏହି ଗୁଣଟିରୁ ଏହା ସାବ୍ୟସ୍ତ ହୁଏ ଯେ ଈଶ୍ୱର ମନୁଷ୍ୟ କର୍ମର ପ୍ରତିଫଳ ସ୍ୱରୂପ ପୁରସ୍କାର ଦେବାରେ ପ୍ରଭୁତ୍ୱ ରଖିଛନ୍ତି । ତେଣୁ ଏଥିରେ କାହାର କୌଣସି ଦାବି କରିବାର ଅଧିକାର ନାହିଁ । ଅଲ୍ଲାଃଙ୍କ କରୁଣା ହିଁ କେବଳ ମନୁଷ୍ୟକୁ କ୍ଷମା ଓ ମୁକ୍ତି ଦେଇପାରେ । (ଅୟାମୁସ୍ ସୁଲ୍‌ହା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୪, ପୃ ୨୪୨-୨୪୩)

ପବିତ୍ର କୁରଆନର ସୁରଃ ଫାତିହାରେ ଅଲ୍ଲାଃ ପରମବ୍ରହ୍ମ ନିଜର ଚାରୋଟି ବୈଶିଷ୍ଟ୍ୟ ବର୍ଣ୍ଣନା କରିଛନ୍ତି । ସେଗୁଡ଼ିକ ହେଲା : **ରବ୍‌ବୁଲ୍ ଆଲମିନ୍,**

**ଅର୍ ରହମାନ୍, ଅର୍ ରହିମ୍, ମାଲିକେ ୟୋମିଦ୍‌ଦୀନ** । ଯେଉଁ କ୍ରମାନ୍ୱୟରେ ଏହି ନାମଗୁଡ଼ିକ ଉଲ୍ଲେଖ କରାଯାଇଛି, ସେହି ଚାରୋଟି ଦିବ୍ୟଗୁଣଗୁଡିକର ନାମ ସାଧାରଣ କ୍ରମରେ ସଜାଡି ହୋଇ ରହିଛନ୍ତି ଓ ଏହି କ୍ରମରେ ହିଁ ସେଗୁଡିକୁ ପ୍ରଦର୍ଶିତ କରାଯାଇଛି । ପ୍ରଥମେ 'ରବ୍‌ବୁଲ୍ ଆଲମିନ୍'କୁ ପ୍ରାଧାନ୍ୟ ଦିଆଗଲା । ତା'ପରେ 'ରହମାନ୍'ଗୁଣର କଥା ଆସିଲା । ଏହାପରେ 'ରହିମ୍' ଗୁଣର ବୈଶିଷ୍ଟ୍ୟ ବର୍ଣ୍ଣନା କରାଗଲା ଏବଂ ସର୍ବଶେଷରେ 'ମାଲିକେ ୟୋମିଦ୍‌ଦୀନ୍'କୁ ଐଶ୍ୱର୍ଯ୍ୟମୟ ଈଶ୍ୱରଙ୍କ ଅତି ବିଶିଷ୍ଟ ଗୁଣର ପରିସର ମଧ୍ୟକୁ ଅଣାଗଲା । ତେବେ ଏପରି ଗୁଣଗୁଡ଼ିକର କ୍ରମବିନ୍ୟାସ କାହିଁକି କରାଗଲା, ତାହା ବୁଝିବାକୁ ହେବ । ସୁତରାଂ ଏହାର ଗୂଢ଼ତତ୍ତ୍ୱ ହେଉଛି ଯେ ଚାରୋଟିଯାକ ଗୁଣର କ୍ରମ ସ୍ୱାଭାବିକ ଅବସ୍ଥାରେ ରହିଛି ଏବଂ ଅବିକଳ ଏପରି ଢ଼ଙ୍ଗରେ ସଜାଇ ରଖିବାରେ ସେହି ଗୁଣଗୁଡିକ ପ୍ରକାଶମାନ ହୋଇଥାନ୍ତି । ଏହା ହିଁ ବିଧିଗତ ଶୃଙ୍ଖଳା ବୋଲି ମାନିବାକୁ ହେବ ।

ଏହି ବିଷୟକୁ ବିଶଦଭାବେ ବ୍ୟାଖ୍ୟା କଲେ ଜଣାପଡେ ଯେ ସମଗ୍ର ସଂସାର ଉପରେ ମୁଖ୍ୟତଃ ଚାରୋଟି ଉପାୟରେ ଈଶ୍ୱରଙ୍କ ମହିମାର ସ୍ୱଷ୍ଟ ପରିପ୍ରକାଶ ହୋଇଥାଏ । ଏହାକୁ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଗଭୀର ଅନୁଧ୍ୟାନ କଲେ ବୁଝିପାରିବ । ତେବେ ପ୍ରଥମ ଐଶ୍ୱରିକ ବଦାନ୍ୟତା ମୂଳକ ପୁରସ୍କାର ହେଉଛି ଅତି ସାଧାରଣ ଭଗବତ୍ କୃପା ବା' ଫୈଜାନେ ଆମ୍' । ଗଗନରୁ ନେଇ ଧରଣୀ ପର୍ଯ୍ୟନ୍ତ ଜୀବ ହେଉ କି ଜଡ଼ ହେଉ, ବିନା ବାଛ ବିଚାରରେ ଏହି ଐଶି ଅନୁଗ୍ରହ ସୃଷ୍ଟିର ସକଳ ଉପାଦାନ ଉପରେ ଅନବରତ ଭାବେ ପରିବ୍ୟାପ୍ତ ହୋଇ ରହିଛି । ଅବିଦ୍ୟମାନତାରୁ ସୃଷ୍ଟିର କ୍ରମବିକାଶ ଘଟି ସଂପୂର୍ଣ୍ଣ ଅସ୍ତିତ୍ୱ ଧାରଣ କରିବା ସ୍ଥିତି ପର୍ଯ୍ୟନ୍ତ ପହଞ୍ଚିବା କେବଳ ଏହି 'ଫୈଜାନ୍' ବା ଭଗବତ କୃପା ମାଧ୍ୟମରେ ହିଁ ସମ୍ଭବ ହୋଇଛି । ଯାହା ଦ୍ୱାରା ଅତୀତ କାଳରୁ ଆତ୍ମା ଓ ଶରୀରର ସ୍ୱଷ୍ଟ ପରିପ୍ରକାଶ ହେଉଥିଲା ଓ ତାହା ଏବେ ମଧ୍ୟ ହୋଇ ଚାଲିଛି । ସେହି ଦିବ୍ୟ ଅନୁଗ୍ରହ ଯୋଗୁଁ ସକଳ ସୃଷ୍ଟିର କ୍ରମବିକାଶ ଘଟିଥିଲା ଓ ତାହା ବର୍ତ୍ତମାନ ମଧ୍ୟ ଘଟୁଛି । ତେଣୁ ଏହି ଐଶି ପୁରସ୍କାର ହେଉଛି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପ୍ରାଣକେନ୍ଦ୍ର । ଯଦି ଗୋଟିଏ ମୂହୁର୍ତ୍ତ ପାଇଁ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ, ସକଳ ଜୀବଜଗତ ଧ୍ୱଂସ ହୋଇଯିବ । କାରଣ ଯଦି ଈଶ୍ୱରଙ୍କର ଏହି ଅନୁଗ୍ରହ ନଥା'ନ୍ତା, ତେବେ

ସୃଷ୍ଟି କେବେ ସମ୍ଭବ ହୋଇ ନ ଥା'ନ୍ତା । ପବିତ୍ର କୁରଆନରେ ଏହାର ନାମ ରବୁବିୟତ୍ ଓ ଏହା କାର୍ଯ୍ୟକାରୀ ହେବା ଯୋଗୁଁ ଈଶ୍ୱରଙ୍କୁ 'ରବ୍‌ବୁଲ୍ ଆଲମୀନ' ରୂପେ ଆଖ୍ୟାୟିତ କରାଯାଇଛି । ଯେପରି ସେ ଅନ୍ୟ ସ୍ଥାନରେ ସ୍ୱୟଂ ଏହିପରି କହିଛନ୍ତି :

**'ଓ୍ୱହୁଓ୍ୱା ରବ୍‌ବୁ କୁଲ୍ଲି ଶୈୟିନ୍'** **وَهُوَ رَبُّ كُلِّ شَيْءٍ**

*(ଅଲ ଅନ୍‌ଆମ୍ 6:165)*

ଅର୍ଥାତ 'ଈଶ୍ୱର ପ୍ରତ୍ୟେକ ପଦାର୍ଥର ପାଳନକର୍ତ୍ତା'। ଏହି ବିଶ୍ୱରେ କିଛିହେଲେ ତାହାଙ୍କ 'ରବୁବିୟତ୍' ବାହାରେ ନାହିଁ । ସୁତରାଂ ସୁରଃ ଫାତିହାରେ ଈଶ୍ୱର ସର୍ବପ୍ରଥମେ ଆପଣାକୁ 'ରବ୍‌ବୁଲ୍ ଆଲମୀନ୍' ଗୁଣର ଅଧିକାରୀ ବୋଲି ବର୍ଣ୍ଣନା କରିବା ସହିତ ଏହିପରି ଘୋଷଣା କରିଛନ୍ତି :

**ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆ'ଲମୀନ୍ । اَلْحَمْدُ لِلّٰہِ رَبِّ الْعٰلَمِیْنَ**

*(ଅଲ ଫାତିହା 1:2)*

ଏହା ଏଥି ସକାଶେ କୁହାଯାଇଛି ଯେ ସମସ୍ତ ଅନୁଗ୍ରହୀତ ଦିବ୍ୟଗୁଣ ମଧ୍ୟରେ ସ୍ୱାଭାବିକ ରୂପେ 'ରବୁବିୟତ୍' ହିଁ ପ୍ରାଧାନ୍ୟ ହାସଲ କରିଛି । କାରଣ ପ୍ରକାଶମାନ ହେବା ଦୃଷ୍ଟିରୁ ଏହି ଗୁଣଟି ପ୍ରଥମେ ଆତ୍ମପ୍ରକାଶ ଲାଭ କରିଥିଲା । ସମସ୍ତ ଅନବଦ୍ୟ ଗୁଣ ମଧ୍ୟରେ ଏହା ସବୁଠାରୁ ଅତି ସାଧାରଣ ଭଗବତ କୃପା, ଯାହା ପ୍ରତ୍ୟେକ ପଦାର୍ଥ ତାହା ସଜୀବ ହୋଇଥାଉ କି ନିର୍ଜୀବ, ସବୁରିକୁ ବ୍ୟାପକ ଭାବେ ଧରି ରଖିଛି ।

ପୁନଶ୍ଚ ଦ୍ୱିତୀୟ ପ୍ରକାର ଐଶି ପୁରସ୍କାର ହେଉଛି ଜୀବଜଗତ ପ୍ରତି ସାଧାରଣ ଅନୁକମ୍ପାମୂଳକ ଦିବ୍ୟଗୁଣ । ଏପରି ଧରଣର ଅନୁଗ୍ରହ ଓ ପୂର୍ବବର୍ତ୍ତୀ ସାଧାରଣ କୃପା ମଧ୍ୟରେ ପାର୍ଥକ୍ୟ ହେଉଛି ଯେ ପ୍ରଥମଟି ସକଳ ସୃଷ୍ଟିକୁ ଧାରଣ କରିଛି । କିନ୍ତୁ ଦ୍ୱିତୀୟଟି ଏପରି ଧରଣର ଦିବ୍ୟଗୁଣ, ଯାହା କେବଳ ସଚରାଚର ପ୍ରାଣୀମାନଙ୍କ ପ୍ରତି ଅର୍ପଣ କରାଯାଇଛି । ଅନ୍ୟ ଅର୍ଥରେ କହିଲେ ଈଶ୍ୱରଙ୍କ ବିଶେଷ କୃପାଦୃଷ୍ଟି ଏହି ଦିବ୍ୟଗୁଣ ମାଧ୍ୟମରେ ପ୍ରାଣୀ ଜଗତ ଉପରେ ପକାଯାଇଛି । ଯାହାକୁ 'ଫୈଜାନେ ଆମ୍' ବା ସାଧାରଣ ଅନୁକମ୍ପା କୁହାଯାଏ । କାହାର କୌଣସି ଅଧିକାର ମାଗିବା ବିନା ସକଳ ସଚରାଚର ପ୍ରାଣୀଙ୍କ ଆବଶ୍ୟକତା ଅନୁଯାୟୀ ଏହି

ଦୈବି ଅନୁଗ୍ରହକୁ ଅଯାଚିତ ପଣେ ଦାତା ସ୍ୱରୂପ ଲାଗୁ କରାଯାଇଛି । ଏହା କୌଣସି ଜୀବର କର୍ମର ପରିମାଣ ନୁହେଁ କି ପ୍ରତିଫଳ ନୁହେଁ । ଏହି ସ୍ୱର୍ଗୀୟ ପୁରସ୍କାର ଜୀବଜଗତ ପାଇଁ ଆଶୀର୍ବାଦର ଝରଣା ହୋଇ ଆସିଥାଏ, ଯାହା ଫଳରେ ପ୍ରତ୍ୟେକ ଜୀବିତ ବସ୍ତୁ ବଞ୍ଚେ, ଖାଏ, ପିଏ ଓ ବିପଦ ଆପଦରୁ ନିଜକୁ ରକ୍ଷା କରେ ତଥା ନିଜର ସମସ୍ତ ଅଭାବ ଅସୁବିଧା ମଧ୍ୟ ପୂରଣ କରିଥାଏ । ଜୀବନ ଧାରଣର ଯାବତୀୟ ସାମଗ୍ରୀ ଯାହା ତା'ପାଇଁ କିମ୍ବା ତା'ଜାତିର ବଞ୍ଚିବା ପାଇଁ ପ୍ରୟୋଜନ, ସେ ସବୁ ଖଞ୍ଜି ଦିଆଯାଇ ଥିବାର ଦୃଷ୍ଟିଗୋଚର ହୋଇଥାଏ । ଏସବୁ ସେହି ଭଗବତ କୃପାର ପ୍ରତିଦାନ ସ୍ୱରୂପ ଯାହା ଜୀବାତ୍ମାର ଶାରୀରିକ ଅଭିବୃଦ୍ଧି ତଥା ତା'ର ସଂସ୍କାର ପାଇଁ ଆବଶ୍ୟକ ହୋଇଥାଏ । ସେହି କୃପା ଆଧ୍ୟାତ୍ମିକ ଉନ୍ନତି କରିବାର ସାମର୍ଥ୍ୟ ମଧ୍ୟ ବହନ କରିଥାଏ । ତେବେ ସେଥିପାଇଁ ଆବାହମାନ କାଳରୁ ସଠିକ ସମୟରେ ଆବଶ୍ୟକତା ଅନୁଯାୟୀ ଐଶ୍ୱରିକ ବାଣୀ ଅବତୀର୍ଣ୍ଣ ହୋଇଥାଏ ।

ତେବେ 'ରହମାନିୟତ୍' ଗୁଣ ବିଶିଷ୍ଟ ଏହି ଭଗବତ କୃପା ମାଧ୍ୟମରେ ମନୁଷ୍ୟ ନିଜର କୋଟି କୋଟି ଆବଶ୍ୟକତା ମେଣ୍ଟାଇବାରେ ସଫଳ ହୋଇଛି । ମନୁଷ୍ୟ ନିଜର ସହାବସ୍ଥାନ ପାଇଁ ବିସ୍ତୀର୍ଣ୍ଣ ଭୂମି, ଆଲୋକ ପାଇଁ ସୂର୍ଯ୍ୟ ଚନ୍ଦ୍ର, ଶ୍ୱାସକ୍ରୀୟା ପାଇଁ ବାୟୁ, ପିଇବା ପାଇଁ ଜଳ, ନିଜର ଆହାର ପାଇଁ ଅନେକ ପ୍ରକାର ଜୀବିକା ଓ ରୋଗୀର ନିଦାନ ପାଇଁ ଲକ୍ଷେ ପ୍ରକାର ଔଷଧ । ପିନ୍ଧିବା ସକାଶେ ଭଳିକି ଭଳି ବେଶପୋଷାକ ଓ ସତ୍‌ଶିକ୍ଷା ପାଇବା ପାଇଁ ଧର୍ମଗ୍ରନ୍ଥ ରଖାଯାଇଛି । କିନ୍ତୁ କୌଣସି ବ୍ୟକ୍ତି ଏହା ଦାବି କରିପାରିବ ନାହିଁ ଯେ ଏ ସମସ୍ତ ବସ୍ତୁ ମୋ କର୍ମର ପ୍ରତିଫଳ ସ୍ୱରୂପ ସୃଷ୍ଟି ହୋଇଛି । ମୁଁ ପୂର୍ବ ଜନ୍ମରେ କୌଣସି ପୁଣ୍ୟକର୍ମ କରିଥିଲି, ଯାହାର ପରିଣତ ସ୍ୱରୂପ ଈଶ୍ୱର ମାନବଜାତିକୁ ଏପରି ଅଜସ୍ର ପୁରସ୍କାର ପ୍ରଦାନ କରିଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଯେ ସମସ୍ତ ସଜୀବ ପ୍ରାଣୀଙ୍କ ଆରାମ ଓ ସୁଖ ସୁବିଧା ପାଇଁ ହଜାରେ ପ୍ରକାର ମାର୍ଗ ଦେଇ ପ୍ରଦର୍ଶିତ ହେଉଥିବା ଏହି ଅନୁଗ୍ରହ କେବଳ ଈଶ୍ୱରଙ୍କ ଅନୁପମ ବରଦାନ । ଏହା କୌଣସି କର୍ମର ପରିଣତି ସ୍ୱରୂପ ଅର୍ପଣ କରାଯାଇ ନାହିଁ । ବରଂ କେବଳ ଐଶି କରୁଣାର ଆବେଗ, ଯଦ୍ୱାରା ପ୍ରତ୍ୟେକ ସଜୀବ ବସ୍ତୁ ନିଜର ପ୍ରକୃତିଗତ ଲକ୍ଷ୍ୟ ହାସଲ କରିପାରିବ । ଯାହାକିଛି ଆବଶ୍ୟକତା ତା'ର ସହଜାତ ପ୍ରବୃତ୍ତି ରହୁଛି, ସେସବୁ ପୂରଣ ହୋଇ

ପାରିବ । ସମସ୍ତ ମାନବଜାତି ଓ ପଶୁପକ୍ଷୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ, ଯଦ୍ୱାରା ସେମାନଙ୍କ କାର୍ଯ୍ୟ ଦକ୍ଷତା ଆପଣା ଅନ୍ତର୍ନିହିତ ଶକ୍ତିର ପରିସର ମଧ୍ୟରେ ଆଉ ସୀମାବଦ୍ଧ ହୋଇରହିବ ନାହିଁ ।

ପ୍ରକୃତିର ନିୟମକୁ ପର୍ଯ୍ୟବେକ୍ଷଣ କଲେ, ଈଶ୍ୱରଙ୍କ ସତ୍ତାରେ ଏହି ଦିବ୍ୟଗୁଣଗୁଡ଼ିକର ସ୍ଥାୟୀତ୍ୱ ପ୍ରତିପାଦିତ ହୋଇଥାଏ । କୌଣସି ବୁଦ୍ଧିମାନ ବ୍ୟକ୍ତି ଏହାକୁ ଅସ୍ୱୀକାର କରିବ ନାହିଁ ଯେ ଯାହା କିଛି ଚନ୍ଦ୍ର, ସୂର୍ଯ୍ୟ, ପୃଥିବୀ ତଥା ପାର୍ଥିବ ଉପାଦାନ ବିଶ୍ୱରେ ଦେଖିବାକୁ ମିଳିଥାଏ, ଯେଉଁ ସବୁ ପଦାର୍ଥ ଉପରେ ଜୀବଜଗତର ବଞ୍ଚି ରହିବା ସଂପୂର୍ଣ୍ଣ ନିର୍ଭରଶୀଳ, ତାହା କେବଳ ଏହି ଭଗବତ୍ କୃପାର ପ୍ରଭାବ ଯୋଗୁଁ ଦୃଷ୍ଟିଗୋଚର ହୋଇଥାନ୍ତି । ପ୍ରତ୍ୟେକ ମନୁଷ୍ୟ ଓ ପଶୁ, ବିଶ୍ୱାସକାରୀ ଅବିଶ୍ୱାସକାରୀ, ସତ୍ ଅସତ୍ ଇତ୍ୟାଦି ତାଙ୍କ ମୌଳିକ ଆବଶ୍ୟକତା ଅନୁସାରେ ଏହି ଉପକାରରୁ ଫାଇଦା ଉଠାଇଥାନ୍ତି ଏବଂ କୌଣସି ପ୍ରାଣୀ ଏଥିରୁ ବଞ୍ଚିତ ହୋଇ ରହି ନାହାନ୍ତି । ଏହି ଅନୁଗ୍ରହର ନାମ ପବିତ୍ର କୁରଆନରେ 'ରହମାନିୟତ୍' ରଖାଯାଇଛି । ଏହି କାରଣରୁ ଈଶ୍ୱରଙ୍କ ନାମ ସୁରଃ ଫାତିହାରେ 'ରବ୍‌ବୁଲ୍ ଆଲମୀନ୍' ପରେ 'ରହମାନ୍' ଆସିଛି । ଯେପରି କୁହାଯାଇଛି : 'ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମୀନ୍' । ତେବେ ଏହି ଦିବ୍ୟଗୁଣ 'ଅର୍ ରହମାନ୍' ଶବ୍ଦର ପବିତ୍ର କୁରଆନରେ ଅନ୍ୟତ୍ର ବହୁ ସ୍ଥାନରେ ଉଲ୍ଲେଖ ରହିଛି । ଦୃଷ୍ଟାନ୍ତ ସ୍ୱରୂପ,

وَإِذَا قِيلَ لَهُمُ اسْجُدُوا لِلرَّحْمٰنِ قَالُوا وَمَا الرَّحْمٰنُ أَنَسْجُدُ لِمَا تَأْمُرُنَا

وَزَادَهُمْ نُفُورًا ـ تَبَارَكَ الَّذِيْ جَعَلَ فِي السَّمَاءِ بُرُوْجًا وَّجَعَلَ فِيْهَا سِرَاجًا وَّقَمَرًا

مُّنِيرًا ـ وَهُوَ الَّذِيْ جَعَلَ اللَّيْلَ وَالنَّهَارَ خِلْفَةً لِّمَنْ أَرَادَ أَنْ يَّذَّكَّرَ أَوْ أَرَادَ شُكُوْرًا ـ

وَعِبَادُ الرَّحْمٰنِ الَّذِيْنَ يَمْشُوْنَ عَلَى الْأَرْضِ هَوْنًا وَّإِذَا خَاطَبَهُمُ الْجَاهِلُوْنَ قَالُوْا

سَلَامًا ـ

ଓ୍ୱଇଜା କି'ଲା ଲହୁମୁସ୍‌ଜୁଦୁ ଲିର୍‌ରହମାନି- କାଲୁ ଓ୍ୱମର୍ ରହ୍‌ମାନୁ ଅନସ୍‌ଜୁଦୁ ଲିମାତା'ମୁରୁନା ଓ୍ୱଜାଦହୁମ୍ ନୁଫୁରା-ତବାରକଲ୍ଲଜି ଜାଆଲା ଫିସ୍‌ସମାଏ ବୁରୁଜୌଁ ଓ୍ୱ ଜାଆଲା ଫୀହା ସିରାଜୌଁ ଓ୍ୱକମରମ୍ ମୁନୀରା । ଓ୍ୱହୁଓ୍ୱଲ୍ଲଜି ଜାଆଲଲ୍ ଲୈଲା ଓ୍ୱନ୍‌ନହରା ଖିଲଫତଲ୍ ଲିମନ୍ ଅରଦା ଅଇଁ ୟଜ୍‌ଜକ୍‌କରା

ଅଓଅରାଦା ଶକୁରା-ଓ୍ୱଇବାଦୁର୍ ରହମାନିଲ୍ଲଜିନା ୟମ୍ଶୁନା ଅଲଲ୍
ଅର୍ଜେ ହଓନୌଁ ଓ୍ୱଇଜା ଖାତବହୁମୁଲ୍ ଜାହିଲୁନା କା'ଲୁ ସଲାମା'

*(ଅଲ ଫୁରକାନ୍ 25: 61 -64)*

ଅର୍ଥାତ : 'ଯେତେବେଳେ ବିଶ୍ୱାସକାରୀ, ବେଧର୍ମୀ ଓ ନାସ୍ତିକବାଦୀମାନଙ୍କୁ କୁହାଯାଏ ଯେ ତୁମେ 'ରହମାନ୍' ଦୟାବାନଙ୍କୁ ସଜଦା (ଭୂମିଷ୍ଠ ପ୍ରଣିପାତ) କର, ତେବେ ସେ ରହମାନ ନାମରୁ ବିମୁଖ ହୋଇ ବିରକ୍ତିରେ ପ୍ରଶ୍ନ ପଚାରନ୍ତି ଯେ 'କିଏ ସେହି ରହମାନ ?' ପୁଣି (ଏହାର ଉତ୍ତରରେ କୁହାଯାଏ) ରହମାନ ଆଶୀଷ ଦାୟକ ତଥା ମଙ୍ଗଳମୟ ଅସ୍ତିତ୍ୱ । ସମସ୍ତ କଲ୍ୟାଣର ଚିରସ୍ଥାୟୀ ଉତ୍ସ ଏବଂ ଯିଏ ଆକାଶରେ ବିଶାଳକାୟ ଓ ଚମତ୍କାର ଭବନ ନିର୍ମାଣ କରିଛନ୍ତି ଓ ତନ୍ମଧ୍ୟରେ ସୂର୍ଯ୍ୟ ଓ ଚନ୍ଦ୍ରକୁ ଅବସ୍ଥାପିତ କରିଛନ୍ତି । ଯାହାକି ସମଗ୍ର ସୃଷ୍ଟିଜଗତକୁ ବିଶ୍ୱାସକାରୀ ଓ ଅବିଶ୍ୱାସକାରୀ ମଧ୍ୟରେ କୌଣସି ଭେଦଭାବ ନରଖି ଆଲୋକମୟ ଦିବ୍ୟ ଜ୍ୟୋତି ପ୍ରଦାନ କରୁଛନ୍ତି । ସେହି ଦୟାବାନ ତୁମ ପାଇଁ ଅର୍ଥାତ ସକଳ ମାନବଜାତି ସକାଶେ ଦିନ ଓ ରାତିକୁ ସୃଷ୍ଟି କରିଛନ୍ତି । ଯହିଁରେ ଗୋଟିକୁ ଅନ୍ୟଟି ଅନୁସରଣ କରେ । ଏହା ଫଳରେ ଜ୍ଞାନର ଅନ୍ୱେଷଣକାରୀ ଏଥିରୁ ଲାଭ ଉଠାନ୍ତି ଓ ଏହି ଚମତ୍କାର ବ୍ୟବସ୍ଥାକୁ ଦେଖି ସେମାନଙ୍କ ଅଜ୍ଞାନତା ଉଭେଇ ଯାଏ ଓ ମତପାର୍ଥକ୍ୟ ଦୂର ହୋଇଯାଏ । ତେଣୁ ପ୍ରକୃତିର ଏହି ବରଦାନ ପାଇଁ କୃତଜ୍ଞ ହେବାର ସୁଯୋଗ ଲାଭ କରିବା ଉଚିତ ।'

ରହମାନ ଈଶ୍ୱରଙ୍କ ପ୍ରକୃତ ଉପାସନାକାରୀ ସେହିମାନେ, ଯିଏ ଭୂପୃଷ୍ଠ ଉପରେ ବିନୟୀ ହୋଇ ଚାଲନ୍ତି । ଯେତେବେଳେ ଅଜ୍ଞାନୀ ଲୋକମାନେ ସେମାନଙ୍କ ସହିତ କଟୁ ଭାଷାରେ ସମ୍ବୋଧନ କରନ୍ତି, ସେମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ବକ ସେମାନଙ୍କୁ ଉତ୍ତର ଦିଅନ୍ତି । ଅର୍ଥାତ କଠୋର ପରିବର୍ତ୍ତେ କୋମଳ ଓ ଗାଳି ପରିବର୍ତ୍ତେ ପ୍ରାର୍ଥନାର ବାକ୍ୟ ପ୍ରୟୋଗ କରନ୍ତି । ଏହିପରି ଭାବରେ ସେମାନେ ତିରସ୍କାର ପ୍ରତି ବଦଳରେ ଦୟାଗୁଣ ଦେଖାନ୍ତି । କାରଣ ରହମାନ ବା ଦୟାବାନ ଈଶ୍ୱର କୌଣସି ସତ୍ ଓ ଅସତ୍‌ର ବାଛବିଚାର ବିନା ନିଜର ସମସ୍ତ ଭକ୍ତଜନଙ୍କୁ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ତଥା ଅନ୍ୟାନ୍ୟ ଅଜସ୍ର ପୁରସ୍କାରରୁ ଉପକାର ପହଞ୍ଚାଇଥାନ୍ତି ।

ସୁତରାଂ ଏହି କୁରଆନ ପଙ୍‌କ୍ତିରେ ଈଶ୍ୱର ଅତି ପ୍ରାଞ୍ଜଳ ଭାବରେ କହିଛନ୍ତି ଯେ 'ରହମାନ୍' ଶବ୍ଦ ଈଶ୍ୱରଙ୍କ ପାଇଁ ବ୍ୟବହୃତ ହୁଏ, ଯେହେତୁ ତାଙ୍କର ଦୟା ଓ କରୁଣା ସମସ୍ତ ଭଲ ଓ ମନ୍ଦକୁ ପରିବେଷ୍ଟନ କରିଛି । ସୁତରାଂ ଅନ୍ୟ ଏକ ସ୍ଥାନରେ ଏହି କରୁଣାର ଭାବ ନିମ୍ନୋକ୍ତ ପଙ୍‌କ୍ତିରେ ଫୁଟି ଉଠିଛି :

عَذَابِيٓ أُصِيبُ بِهِۦ مَنْ أَشَآءُ ۖ وَرَحْمَتِي وَسِعَتْ كُلَّ شَيْءٍ

**ଅଜାବି ଓସୀବୁ ବିହୀ ମନ୍‌ଅଶାଉ, ୱ୍ୱରହମତି ୱ୍ୱସିଅତ୍ କୁଲ୍ଲା ଶୈଇନ୍**

*(ଅଲ ଆରାଫ୍ 7: 157)*

ଅର୍ଥାତ୍ 'ଆମ୍ଭେ ଯାହାଠାରେ ସୁଧାର ପାଇଁ ଶାସ୍ତି ଆବଶ୍ୟକ ହେଉଥିବାର ଦେଖିଥାଉଁ, ତାକୁ ଆମ୍ଭେ ପ୍ରକୋପିତ ଶାସ୍ତିର ତାଡନାରେ କବଳିତ କରିଥାଉ । ଏବଂ ଆମ୍ଭର ଦୟା ସମସ୍ତଙ୍କୁ ଆବଶ୍ୟ ଆଚ୍ଛାଦିତ କରି ରଖିଥାଏ ।'

ଅନ୍ୟତ୍ର ଏହିପରି ଲେଖାଅଛି :

قُلْ مَنْ يَكْلَؤُكُمْ بِالَّيْلِ وَالنَّهَارِ مِنَ الرَّحْمٰنِ۔

**କୁଲ୍ ମୈଁୟକ୍‌ଲଉକୁମ୍ ବିଲ୍‌ଲୈଲେ ୱ୍ୱନ୍‌ନହାରେ ମିନର୍ ରହ୍‌ମାନି ।**

*(ଅଲ ଅମ୍ବିଆ 21:43)*

ଅର୍ଥାତ 'ସେହି ଅବିଶ୍ୱାସକାରୀ ଓ ଅବଜ୍ଞାକାରୀମାନଙ୍କୁ କୁହ, ଯଦି ଈଶ୍ୱରଙ୍କ ଠାରେ ରହମାନିୟତ୍‌ର ନୈସର୍ଗୀକ ଗୁଣ ନଥାନ୍ତା, ତା'ହେଲେ ତୁମେମାନେ ଦୈବି ଦଣ୍ଡରୁ ସୁରକ୍ଷିତ ରହିବା କଦାପି ସମ୍ଭବ ହୋଇ ନଥାନ୍ତା ।' ଅନ୍ୟ ଅର୍ଥରେ କହିଲେ ତାଙ୍କର ରହମାନିୟତ୍‌ର ପ୍ରଭାବ ବଳରେ ହିଁ ସେ ଅବିଶ୍ୱାସକାରୀ ଓ ବିଧର୍ମୀମାନଙ୍କୁ ଶାସ୍ତି ଦେବା ମନ୍ଥର କରି ଦେଇଛନ୍ତି ଓ ସେମାନଙ୍କୁ ସହସା ଧରନ୍ତି ନାହିଁ । ପୁଣି ଅନ୍ୟ ଏକ ସ୍ଥାନରେ ଏହି ରହମାନିୟତ୍ ପ୍ରତି ସଙ୍କେତ ଦେଇଛନ୍ତି :

أَوَلَمْ يَرَوْا إِلَى الطَّيْرِ فَوْقَهُمْ صَافَّاتٍ وَّيَقْبِضْنَ ط مَا يُمْسِكُهُنَّ إِلَّا الرَّحْمٰنُ۔

**ଅଓଲମ୍ ୟରୌ ଇଲତ୍‌ତୈରି ଫଓକହୁମ୍ ସାଫ୍‌ଫାତିଉଁ ୱ୍ୱୟକ୍‌ବିଜ୍‌ନା ;**
**ମା ୟୁମ୍‌ସିକୁହୁନ୍‌ନା ଇଲ୍ଲର୍‌ରହ୍‌ମାନୁ ।**

*(ଅଲ ମୂଲକ୍ 67:20)*

ଅର୍ଥାତ 'କ'ଣ ସେହି ଲୋକମାନେ ନିଜ ମୁଣ୍ଡ ଉପରେ ସେହି ପକ୍ଷୀମାନଙ୍କୁ ଉଡୁଥିବାର ଦେଖିନାହାନ୍ତି, ଯେମିତିକି କେବେ ସେମାନେ ଡେଣା ମେଲାଇ ରଖନ୍ତି ତ ଆଉ କେବେ ଡେଣାକୁ ଜାକି ଦିଅନ୍ତି । ରହମାନ୍ ହିଁ କେବଳ ସେମାନଙ୍କୁ ତଳେ ପଡିଯିବାରୁ ରକ୍ଷା କରନ୍ତି' । ଅର୍ଥାତ 'ଫୈଜାନେ ରହମାନିୟତ୍' (ଦୟାଜନିତ ଭଗବତ୍ କୃପା) ହିଁ ଏ ସମସ୍ତ ସଚରାଚର ଜୀବଙ୍କୁ ଆଚ୍ଛାଦିତ କରି ରଖିଛି । ଯଦ୍ୱାରା ପକ୍ଷୀଟିଏ ମଧ୍ୟ ଯାହାର କି ପଇସାଟାକର ମୂଲ୍ୟ ଥାଏ, ଏହି କରୁଣାର ବିସ୍ତୀର୍ଣ୍ଣ ମହାସାଗର ପ୍ରବାହରେ ଭାସି ଭାସି ଆନନ୍ଦରେ ଉଡି ବୁଲନ୍ତି । ଯେହେତୁ 'ରବୁବିୟତ୍' ପରେ ଏହି ଦୈବି ଅନୁକମ୍ପାର ସ୍ୱାଭାବିକ ସ୍ତର ରହିଛି, ତେଣୁ ସୁରଃ 'ଅଲ୍ ଫାତିହା' ରେ ଏହି କ୍ରମରେ ଉଲ୍ଲେଖ କରାଯାଇଛି ।

**ତୃତୀୟ ପ୍ରକାର ଐଶି ଅନୁଗ୍ରହ ହେଉଛି 'ଫୈଜାନେ ଖାସ୍'** । ଅର୍ଥାତ ବିଶେଷ ଭଗବତ୍ କୃପା । ଏହି ଅନୁଗ୍ରହ ଏବଂ ଅନ୍ୟ ସାଧାରଣ ଅନୁଗ୍ରହ ମଧ୍ୟରେ ପାର୍ଥକ୍ୟ ହେଉଛି ଯେ ସାଧାରଣ ଅନୁଗ୍ରହ ଦ୍ୱାରା ଉପକୃତ ହେଉଥିବା ବ୍ୟକ୍ତି ପକ୍ଷେ ଏହା ଜରୁରୀ ନୁହେଁ ଯେ ସେ ପୁଣ୍ୟକର୍ମ କରି ନିଜ ଅବସ୍ଥାରେ ପରିବର୍ତ୍ତନ ଆଣିବ କିମ୍ବା ନିଜ ଆତ୍ମାକୁ ଅଜ୍ଞାନତାର ଅନ୍ଧକାର ମଧ୍ୟରୁ ବାହାର କରି ଆଣିବ ଅଥବା ଏହି ବିଭୁ କୃପା ହାସଲ କରିବା ସକାଶେ କୌଣସି ପ୍ରକାର ସଂଘର୍ଷ କରିବାକୁ ଉଦ୍ୟମ କରିବ । ବରଂ ଏହି ଅନୁଗ୍ରହରେ ଯେପରି କି ମୁଁ ଏବେ ବର୍ଣ୍ଣନା କରି ସାରିଛି, ପରମେଶ୍ୱର ପ୍ରତ୍ୟେକ ଜୀବନ୍ତ ପ୍ରାଣୀର ଆବଶ୍ୟକତା ଯାହାକୁ ସ୍ୱଭାବତଃ ସେ ପାଇବା ଆଶାରେ ବଞ୍ଚିଥାଏ, ସେ ସବୁ ଅଭାବ ମେଣ୍ଟାଇଥାନ୍ତି ଓ ତା'ର ସମସ୍ତ ଜରୁରୀ ଆବଶ୍ୟକତା ପୂରଣ କରିଥାନ୍ତି । ତାଙ୍କୁ ମାଗିବା ବିନା ଓ ପ୍ରାଣୀର ବିନା ପ୍ରଚେଷ୍ଟାରେ ଈଶ୍ୱର ସେସବୁ ଯୋଗାଇ ଦେଇଥାନ୍ତି । କିନ୍ତୁ 'ଫୈଜାନେ ଖାସ୍'ବା ବିଶେଷ ଅନୁଗ୍ରହ କ୍ଷେତ୍ରରେ ସଂଘର୍ଷ, ପ୍ରୟାସ, ଆତ୍ମଶୁଦ୍ଧି, ପ୍ରାର୍ଥନା, ଈଶ୍ୱରଙ୍କ ପ୍ରତି ନିଷ୍ଠା ଓ ଭକ୍ତି ତଥା ସକଳ ପ୍ରକାର ସମୁଚିତ ଉଦ୍ୟମ ଆବଶ୍ୟକ । ଯିଏ ଏହି ଅନୁଗ୍ରହକୁ ଖୋଜିଥାଏ, ସେ ହିଁ ଏକା ତାକୁ ପାଇଥାଏ । ଯିଏ ଏଥି ସକାଶେ ପରିଶ୍ରମ କରେ, ତାହା ଉପରେ ହିଁ ଏହି ବଦାନ୍ୟତା ପ୍ରକଟିତ ହୋଇଥାଏ । ପ୍ରକୃତିର ନିୟମକୁ ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ମଧ୍ୟ ଏହି ବିଶେଷ ଅନୁଗ୍ରହର ସତ୍ତା ଅନୁଭୂତ ହେଉଥିବାର ପ୍ରମାଣ ମିଳେ । ତେଣୁ ଏହା ସ୍ୱାଭାବିକ

ଯେ ଈଶ୍ୱରଙ୍କ ମାର୍ଗରେ ଦୃଢ଼ ଭାବରେ ଚେଷ୍ଟା କରୁଥିବା ବ୍ୟକ୍ତି ଏବଂ ସେଥିପ୍ରତି ବିତୃଷ୍ଣା ଭାବ ପ୍ରକାଶ କରୁଥିବା ବ୍ୟକ୍ତି-ଦୁହେଁ କେବେ ସମାନ ହୋଇ ପାରିବେ ନାହିଁ । ନିଃସନ୍ଦେହରେ ଯେଉଁ ବ୍ୟକ୍ତି ସ୍ୱଚ୍ଛ ହୃଦୟରେ ଈଶ୍ୱରଙ୍କ ମାର୍ଗରେ ପ୍ରଚେଷ୍ଟା କରନ୍ତି ଏବଂ ପ୍ରତ୍ୟେକ ପ୍ରକାର ବିଶୃଙ୍ଖଳା ଓ ଅଧର୍ମାଚରଣର ଅନ୍ଧାର ଠାରୁ ଦୂରେଇ ଯା'ନ୍ତି, ସେମାନଙ୍କ ପ୍ରତି ଏକ ବିଶେଷ କୃପା ଯୋଡି ହୋଇଥାଏ । ଏହି ଅନୁଗ୍ରହ ଆଧାରରେ ଈଶ୍ୱରଙ୍କ ନାମ ପବିତ୍ର କୁରଆନରେ 'ରହୀମ୍'(ସଦା କରୁଣାମୟ) ରଖାଯାଇଛି । ଏହି ଦିବ୍ୟ କରୁଣାମୟ ଗୁଣଟି ବିଶେଷ ସମ୍ମାନର ଅଧିକାରୀ ହୋଇଥିବା ଦୃଷ୍ଟିରୁ ତଥା କେତେକ ନିର୍ଦ୍ଦିଷ୍ଟ ସର୍ତ୍ତକୁ ପୂରଣ କରୁଥିବା ଉଚ୍ଚସ୍ତରୀୟ ଗୁଣସଂପନ୍ନ ହେବା ଯୋଗୁଁ ଏହା 'ରହମାନିୟତ୍' ପଛରେ ଆସିଛି । କାରଣ ଈଶ୍ୱରଙ୍କ ତରଫରୁ ପ୍ରଥମେ ରହମାନିୟତ୍ (ଅଶେଷ ଦୟାବାନ) ଗୁଣ ପ୍ରକାଶ ପାଇଲା ଓ ତା'ପରେ ରହମିୟତ୍ (ସଦା କରୁଣାମୟ) ଗୁଣର ପରିପ୍ରକାଶ ଘଟିଲା । ସୁତରାଂ ଏହି କ୍ରମାନୁଯାୟୀ ସୁରଃ ଫାତିହାରେ ପ୍ରକୃତିଗତ ଭାବେ ରହମିୟତ୍ ଗୁଣକୁ ରହମାନିୟତ୍ ଗୁଣ ପରେ ଦର୍ଶାଯାଇଛି । ଏହାକୁ ଈଶ୍ୱର ନିଜର ପ୍ରାକୃତିକ ବିଧାନ ରୂପେ ବର୍ଣ୍ଣନା କରିଛନ୍ତି । ତେଣୁ ଏହିପରି କହିଛନ୍ତି : **ଅର୍‌ରହ୍‌ମା ନିର୍‌ରହୀମ୍ ।** ସେହି ରହମିୟତ୍ ଗୁଣ ସମ୍ବନ୍ଧରେ ପବିତ୍ର କୁରଆନର ଅନେକ ସ୍ଥାନରେ ଉଲ୍ଲେଖ ରହିଛି । ଯେପରି ଏକ ସ୍ଥାନରେ ଏହିପରି କୁହାଯାଇଛି :

**ଓ୍ୱକାନା ବିଲ୍ ମୁ' ମିନିନା ରହୀମା** وَكَانَ بِالْمُؤْمِنِيْنَ رَحِيْمًا۔

*(ଅଲ ଅହଜାବ୍ 33:44)*

ଅର୍ଥାତ 'ଈଶ୍ୱରଙ୍କ 'ରହମିୟତ୍' କେବଳ ଈଶ୍ୱର ବିଶ୍ୱାସୀଙ୍କ ପାଇଁ ପ୍ରଣିଧାନଯୋଗ୍ୟ ଓ ସୀମିତ ।' କିନ୍ତୁ ଅବିଶ୍ୱାସକାରୀ ତଥା ବିଦ୍ରୋହୀମାନଙ୍କର ଏଥିରେ କୌଣସି ଭାଗ ନାହିଁ ।

ଏଠାରେ ସୂଚନା ଯୋଗ୍ୟ ଯେ କେବଳ ବିଶ୍ୱାସକାରୀଙ୍କ କ୍ଷେତ୍ରରେ ରହମିୟତ୍ ଗୁଣକୁ କାର୍ଯ୍ୟକାରୀ କରିବା ସୀମିତ ରଖାଯାଇଛି । କିନ୍ତୁ ରହମାନିୟତ୍‌କୁ କୌଣସିମତେ ବିଶ୍ୱାସକାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇ ନାହିଁ । କୌଣସି ସ୍ଥାନରେ ଏହା କୁହାଯାଇ ନାହିଁ ଯେ ଈଶ୍ୱର କେବଳ ବିଶ୍ୱାସକାରୀଙ୍କ ରହମାନ୍ । ବରଂ ଯେଉଁଠାରେ ରହମତ୍ (ଐଶି କରୁଣା) ବିଶେଷ ଭାବରେ ବିଶ୍ୱାସକାରୀଙ୍କ ସହିତ ସଂବନ୍ଧିତ ହୋଇଥାଏ,

ତାହାକୁ ସର୍ବଦା 'ରହମିୟତ୍' ରୂପେ ବର୍ଣ୍ଣନା କରାଯାଏ । ତେଣୁ ଅନ୍ୟତ୍ର ଏହିପରି କହିଛନ୍ତି :

اِنَّ رَحْمَتَ اللّٰهِ قَرِيْبٌ مِّنَ الْمُحْسِنِيْنَ۔

**ଇନ୍ନା ରହମତଲ୍ଲାହି କରିବୁମ୍ ମିନଲ୍ ମୁହ୍‌ସିନୀନ୍ ।** *(ଅଲ ଆରାଫ୍ 7:57)*

ଅର୍ଥାତ 'ଈଶ୍ୱରଙ୍କ କରୁଣା ସେମାନଙ୍କର ଅତି ନିକଟରେ ଥାଏ, ଯେଉଁମାନେ ସତକର୍ମ ଦ୍ୱାରା ନିଜ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି ।' ଅନ୍ୟ ଏକ ସ୍ଥାନରେ ଏହିପରି କୁହାଯାଇଛି :

اِنَّ الَّذِيْنَ اٰمَنُوْا وَالَّذِيْنَ هَاجَرُوْا وَجٰهَدُوْا فِيْ سَبِيْلِ اللّٰهِ ۙ اُولٰٓئِكَ
يَرْجُوْنَ رَحْمَتَ اللّٰهِ ؕ وَاللّٰهُ غَفُوْرٌ رَّحِيْمٌ

**ଇନ୍‌ନଲ୍ଲଜିନା ଆମନୁ ୱଲ୍ଲଜିନା ହାଜରୁ ୱଜାହଦୁ ଫୀସବିଲିଲ୍ଲାହି -**

**ଉ'ଲାଇକା ୟର୍‌ଜୁନା ରହ୍‌ମତଲ୍ଲାହି, ଓଲ୍ଲାହୁ ଗଫୁରୁର୍ ରହୀମ୍ ।**

*(ଅଲ ବକରା 2:219 )*

ଅର୍ଥାତ 'ଯେଉଁ ଲୋକମାନେ ବିଶ୍ୱାସ ଆଣିଛନ୍ତି ଏବଂ ଈଶ୍ୱରଙ୍କ ସକାଶେ ନିଜ ଗୃହ ତେଜ୍ୟା କରିଛନ୍ତି ଓ ଆତ୍ମସ୍ୱାର୍ଥ ପରିତ୍ୟାଗ କରିଛନ୍ତି ଏବଂ ଈଶ୍ୱରଙ୍କ କରୁଣାର ଆଶାୟୀ ହୋଇ ତାଙ୍କ ମାର୍ଗରେ ପ୍ରବଳ ଉଦ୍ୟମ କରିଛନ୍ତି, ତେବେ ଅବଶ୍ୟ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।'

ଏହାର ତାତ୍ପର୍ଯ୍ୟ ହେଉଛି ଯେ ଈଶ୍ୱରଙ୍କ ରହମିୟତ ଜନିତ ଅନୁଗ୍ରହ ନିଶ୍ଚିତ ଭାବରେ ସେମାନଙ୍କୁ ଅର୍ପଣ କରାଯାଏ, ଯେଉଁମାନେ ତାହା ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଏପରି କେହି ନାହିଁ ଯିଏ ତାହାଙ୍କୁ ଅନ୍ୱେଷଣ କରେ, ଅଥଚ ପାଏ ନାହିଁ ।

عاشق کہ شد کہ یار بحالش نظر نہ کرد     اے خواجہ درد نیست وگرنہ طبیب ہست

**ଆଶିକ୍‌କେ ଶୁଦ୍ କେ ୟାର୍ ବହାଲିଶ୍ ନଜର୍ ନକରଦ୍**

**ଅଏ ଖ୍ୱାଜା ଦର୍‌ଦେ ନିସ୍ତ ୱଗର୍‌ନା ତବୀବ୍ ହସ୍ତ**

ଅର୍ଥାତ 'ଏପରି କେଉଁ ପ୍ରେମିକ ଅଛି, ଯିଏ ପ୍ରେମିକାର ଅବସ୍ଥା ପ୍ରତି ଧ୍ୟାନ ଦେବ ନାହିଁ? ଆମ'ଠାରେ ବେଦନା ହିଁ ନାହିଁ, ନଚେତ ଏହାର ଉପଶମ ପାଇଁ ଚିକିତ୍ସକ ତ ଅନେକ ଅଛନ୍ତି ।'

**ଚତୁର୍ଥ ପ୍ରକାର ଅନୁଗ୍ରହ ହେଉଛି** 'ଫୈଜାନେ ଅଖସ୍' ଅର୍ଥାତ ସବୁଠାରୁ ସ୍ୱତନ୍ତ୍ର ଅନୁଗ୍ରହ । ଏହା ଅଲ୍ଲାଃଙ୍କର ଏପରି ଅନୁଗ୍ରହ ଯାହା କେବଳ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ହାସଲ କରାଯାଇ ପାରିବ ନାହିଁ । ଏହାର ସ୍ୱଷ୍ଟ ପ୍ରଦର୍ଶନ ଓ ଦୃଢ଼ ସୁରକ୍ଷା କବଚ ସକାଶେ ପ୍ରଥମ ସର୍ତ୍ତ ହେଉଛି, ଏହି ପାର୍ଥିବ ଦୁନିଆର ପ୍ରଚଣ୍ଡ ପ୍ରଭାବ ଯାହା ବିଳାସ ବ୍ୟସନ ମୂଳକ ଏକ ସଂକୀର୍ଣ୍ଣ ଓ ଅନ୍ଧକାରମୟ ସ୍ଥାନ, ତାହାର ସମୂଳେ ବିନାଶ ହେଉ ଓ ଏକତ୍ୱର ଅଧିଶ୍ୱରଙ୍କ ସଂପୂର୍ଣ୍ଣ କ୍ଷମତା ଉନ୍ମୁକ୍ତ ଓ ଉଜ୍ଜ୍ୱଳ ଦିପ୍ତି ସହିତ ତଥା ଅନ୍ୟ କୌଣସି ବିଷୟର ଅନଧିକାର ପ୍ରବେଶ ବିନା ସ୍ୱଷ୍ଟ ରୂପେ ଝଟକୁଥାଉ । ଏହି ଚୁଡାନ୍ତ ସୋପାନରେ ପହଞ୍ଚିଥିବା ଅନୁଗ୍ରହ ଯହିଁରେ ଅନ୍ୟ ସମସ୍ତ ଅନୁଗ୍ରହର ଅନ୍ତ ଘଟିଛି, ନିଜର ବିଶେଷ ଗୁଣାତ୍ମକ ମାନ ଦ୍ୱାରା ଅନ୍ୟ ଅନୁଗ୍ରହ ଠାରୁ ପ୍ରଭେଦ ଦର୍ଶାଇଥାଏ । ମନୁଷ୍ୟର ଇନ୍ଦ୍ରୀୟାନୁଭୂତି ଦ୍ୱାରା ଏହା ସଂପୂର୍ଣ୍ଣ ଉତ୍କର୍ଷତା ଓ ନିଖୁଣତାର ପରିଚୟ ଦେଇଥାଏ । ଯେଉଁ ଦୃଷ୍ଟିରୁ ଏହା ଉନ୍ମୁକ୍ତ ଓ ସ୍ୱଷ୍ଟ ରୂପେ ପ୍ରଦର୍ଶିତ ହୋଇଥାଏ ଏବଂ ସେଥିରେ କୌଣସି ଛଦ୍ମଭାବ ବା ନିଅଣ୍ଟ ହେବାର ସମ୍ଭାବନା ନଥାଏ ଅଥବା ଦୋଷତ୍ରୁଟି କିମ୍ୱା କୌଣସି ଅଭାବ ପରିଲକ୍ଷିତ ହୋଇ ନଥାଏ । ତାହା ଏପରି କୁହାଯିବ ଯେ ଏହି ବିଶେଷ ଅନୁଗ୍ରହ ଅର୍ପଣ କରାଯିବାରେ ଦୃଢ଼ ପ୍ରତିଜ୍ଞା ବା ଅବିଚଳିତ ରହିବା ସଂକ୍ରାନ୍ତରେ କୌଣସି ସଂଶୟ ବାକି ରହେ ନାହିଁ । ଅଥବା ଏହି ଅନୁଗ୍ରହର ବାସ୍ତବିକତା, ଶୁଦ୍ଧତା ଓ ସଂପୂର୍ଣ୍ଣ ଦୟାଶୀଳତା ତଥା ସହାନୁଭୂତି ପ୍ରଦର୍ଶନରେ ମଧ୍ୟ କୌଣସି ସନ୍ଦେହର ଅବକାଶ ନଥାଏ । ବରଂ ଯେଉଁ ଚିରନ୍ତନ ଈଶ୍ୱର ତଥା ବିଶ୍ୱନିୟନ୍ତା ପ୍ରଭୁଙ୍କ ତରଫରୁ ବଦାନ୍ୟତା ଓ ଉତ୍ତମ ଫଳ ପ୍ରଦାୟକ ଦିବ୍ୟଶକ୍ତି ସଂଚରିତ ହୋଇଥାଏ, ତାଙ୍କର ଏହି ମହାନ ଉଦାରପଣ ଓ କରୁଣା ବିତରଣର ଲୀଳା ସ୍ୱଷ୍ଟ ଦିବାଲୋକ ପରି ଉଦ୍ଭାସିତ ହୁଏ । ସେହି ବଦାନ୍ୟ ଗ୍ରହୀତା ବ୍ୟକ୍ତି ଦୃଢ଼ ନିଶ୍ଚିତ ଭାବେ ଏହା ଜାଣିବା ଉଚିତ ଓ ଏହି ସୁସ୍ୱଷ୍ଟ ଘୋଷଣାକୁ ନିଜେ ଅନୁଭବ କରିବା ଉଚିତ ଯେ ସେହି ବିଶ୍ୱ ସମ୍ରାଟ ତାଙ୍କ ଦିବ୍ୟ ଅନୁଗ୍ରହ ମୂଳକ ଉତ୍କୃଷ୍ଟ ଅବଦାନ ଅର୍ପଣ କରିଛନ୍ତି । ଏବଂ ପରମ

ଆନନ୍ଦଦାୟକ ବସ୍ତୁ ତାଙ୍କ ଉପରେ ଅଜାଡି ଦେଇଛନ୍ତି । ଏହା ସେହି ପରମସ୍ରଷ୍ଟା ଓ ବିଶ୍ୱବିଧାତାଙ୍କର ମହାନ ସଂକଳ୍ପ, ଦୃଢ଼ ମନୋନିବେଶ ତଥା ଅସାଧାରଣ କ୍ଷମତା ସଂପନ୍ନ ପରାକ୍ରମର ନିଦର୍ଶନ । ମନୁଷ୍ୟ କେବଳ ତା'ର ନୀତିନିଷ୍ଠ ଆଚରଣ ଯୋଗୁଁ ତଥା ନୈତିକ କର୍ମର ପ୍ରତିଫଳ ସ୍ୱରୂପ ଏହି ପୁରସ୍କାର ଗ୍ରହଣ କରିଥାଏ । ଯାହା ସ୍ୱୟଂ ସଂପୂର୍ଣ୍ଣ ଓ ଚିରସ୍ଥାୟୀ, ଅତ୍ୟନ୍ତ ସ୍ୱଷ୍ଟ ଓ ଉତ୍କୃଷ୍ଟ ମାନସଂପନ୍ନ, ଅତୀବ ବାଞ୍ଛନୀୟ ଓ ତାହାର ପ୍ରିୟ ବସ୍ତୁ ଯହିଁରେ କୌଣସି ପ୍ରକାର ପରୀକ୍ଷାମୂଳକ ପ୍ରୟୋଗର ଜିଜ୍ଞାସା ନାହିଁ ।

ସେହି ସଂପୂର୍ଣ୍ଣ, ନିଖୁଣ, ଚିରସ୍ଥାୟୀ ଓ ସର୍ବୋତ୍ତମ ଅନୁଗ୍ରହରୁ ଉପକୃତ ହେବା ପାଇଁ ହେଲେ ସଂପୃକ୍ତ ବ୍ୟକ୍ତି ପକ୍ଷେ ଏହା ଆବଶ୍ୟକ ଯେ ଏହି ତ୍ରୁଟିପୂର୍ଣ୍ଣ, ଅସ୍ୱଚ୍ଛ, ସଂକୀର୍ଣ୍ଣ, ମରଣଶୀଳ, କାରାବାସ ଓ ସନ୍ଧୀହୀନ ଦୁନିଆରୁ ନିର୍ବାସନ ନେଇ ସେହି ଅନ୍ୟ ଜଗତକୁ ଚାଲିଯିବା ଉଚିତ । କାରଣ ଏହି ଅନୁଗ୍ରହ ନିର୍ଭୁଲ ଭାବରେ ଜାଣି ହେଉଥିବା ଏକ ସର୍ବଶ୍ରେଷ୍ଠ ଓ ସ୍ୱଷ୍ଟ ଐଶ୍ୱରିକ ପ୍ରଦର୍ଶନ । ଯେଉଁ ଅନୁଭବରେ ସେହି ପ୍ରକୃତ ହିତସାଧକଙ୍କର ସୌନ୍ଦର୍ଯ୍ୟ ସ୍ୱଷ୍ଟ ରୂପେ ଦେଖାଯିବା ଉଚିତ । ତତ୍‌ସହିତ ଏହା ପ୍ରତି ଦୃଢ଼ ଆସ୍ଥାମୂଳକ ଅନୁଭୂତି ଅର୍ଜନ କରିବା ଉଚିତ । ଯଦ୍ଦ୍ୱାରା କୌଣସି ସ୍ତରରେ ବିଶ୍ୱାସ ଦୃଢ଼ିଭୂତ ହେବାରୁ ବଞ୍ଚିତ ରହି ନଯାଉ ଏବଂ କୌଣସି ପାର୍ଥିବ ଉପାଦାନର ଆବରଣ ଏହାକୁ ଲୁଚାଇ ରଖିପାରିବ ନାହିଁ କିମ୍ବା ଦିବ୍ୟ ଅନୁଗ୍ରହ ପ୍ରଦର୍ଶିତ ହେବା ପଥରେ ଅବରୋଧ କରିବ ନାହିଁ ।

ସଂପୂର୍ଣ୍ଣ ଦିବ୍ୟଜ୍ଞାନର ପ୍ରତ୍ୟେକ ବିସ୍ତୃତ ତଥ୍ୟ ନିଜର ପୂର୍ଣ୍ଣ ଶକ୍ତି ଖଟାଇ କାର୍ଯ୍ୟକାରୀ ହେବା ଉଚିତ । ଏହି ଦୈବିଶକ୍ତିର ସ୍ୱଷ୍ଟପ୍ରକାଶ ଏପରି ସ୍ୱଚ୍ଛ, ନିଶ୍ଚିତ ଓ ସ୍ଥିରୀକୃତ ହେବା ଉଚିତ, ଯଦ୍ଦ୍ୱାରା ସ୍ୱୟଂ ଈଶ୍ୱର ଏହା ଜଣାଇ ଦେଇଥିବେ ଯେ ସେଗୁଡିକ ପ୍ରତ୍ୟେକ ପ୍ରକାର ପରୀକ୍ଷା ନିରୀକ୍ଷାରୁ ମୁକ୍ତ । ଏହି ଦୈବି ପ୍ରଦର୍ଶନ ନିଜ ସହିତ ଏପରି ଉଚ୍ଚମାନର ପରମାନନ୍ଦ ବହନ କରିଥିବ, ଯଦ୍ଦ୍ୱାରା ଜଣେ ଭକ୍ତର ମନ ଓ ହୃଦୟକୁ ତାହା ସଂପୂର୍ଣ୍ଣ ରୂପେ ଘାରୁଥିବ । ତା'ଠାରେ ରହିଥିବା ଅନ୍ତର୍ନିହିତ ଶାରୀରିକ ଓ ଆଧାତ୍ମିକ ଶକ୍ତି ପ୍ରତ୍ୟେକ ଭାବପ୍ରବଣତା ସହିତ ଏପରି ଉଚ୍ଚ ସ୍ତରକୁ ଅଧିକାର କରିନେବ, ଯାହାଠାରୁ ଅଧିକ କେବେ ସମ୍ଭବପର ହୋଇପାରିବ ନାହିଁ ।

ଏହା ଭବସଂସାର ଯାହାର ମୌଳିକ ପ୍ରକୃତି କ୍ଷଣଭଙ୍ଗୁର ଓ ତ୍ରୁଟିପୂର୍ଣ୍ଣ, ଯାହାର ବାହ୍ୟ ରୂପ ଅତ୍ୟନ୍ତ ଅସ୍ପଷ୍ଟ ଓ ତମସାଚ୍ଛନ୍ନ, ଯାହାର ପାର୍ଥିବ ସତ୍ତା କ୍ଷଣସ୍ଥାୟୀ, ଯାହାର ସ୍ଥିତାବସ୍ଥା ସନ୍ଦେହାସ୍ପଦ, ଯାହାର କର୍ମ ପରିସର ସଂକୀର୍ଣ୍ଣ, ତାହା ଈଶ୍ୱରଙ୍କର ଏହି ଚମତ୍କାର ପ୍ରଦର୍ଶନକୁ କେବେ ସମ୍ଭାଳି ରଖିପାରିବ ନାହିଁ । ବିଶୁଦ୍ଧତାରେ ପରିପୂର୍ଣ୍ଣ ସ୍ୱର୍ଗୀୟ ଆଲୋକ, ବଦାନ୍ୟତାରେ ଭରପୁର ଶାଶ୍ୱତ ପୁରସ୍କାର, ଦିବ୍ୟ ଅନୁଗ୍ରହରୁ ବିଚ୍ଛୁରିତ ସଂପୂର୍ଣ୍ଣ ଜ୍ୟୋତିର୍ମୟ କିରଣ ଆଦି ଯାବତୀୟ ବସ୍ତୁକୁ ଏହି ପୃଥିବୀ ଆପଣା ଭିତରେ ଧାରଣ କରି ରଖିପାରିବ ନାହିଁ । ଏହି ଐଶ୍ୱରିକ ପ୍ରଦର୍ଶନ ପାଇଁ ଅନ୍ୟ ଏକ ପୃଥିବୀର ଆବଶ୍ୟକତା ରହିଛି । ଯେଉଁ ବିକଳ୍ପ ଦୁନିଆ ବସ୍ତୁବାଦର ଅନ୍ଧକାର ମଧ୍ୟରୁ ସଂପୂର୍ଣ୍ଣ ମୁକ୍ତ ହେବା ଉଚିତ । ଏହାର ସ୍ଥାୟୀତ୍ୱ ସର୍ବାଙ୍ଗ ସୁନ୍ଦର ହୋଇଥିବା ଉଚିତ ଏବଂ ସେହି ଏକକ ସର୍ବୋଚ୍ଚ କର୍ତ୍ତାଙ୍କର ଏକ ବିଶୁଦ୍ଧ ଓ ପୂର୍ଣ୍ଣାଙ୍ଗ ଶକ୍ତିର ପରିଚାୟକ ହୋଇଥିବା ଆବଶ୍ୟକ ।

ସବୁଠାରୁ ସ୍ୱତନ୍ତ୍ର ଅନୁଗ୍ରହ **ଫୈଜାନେ ଅଖସ୍**ର ଆଶୀଷକୁ ପାଥେୟ କରିଥିବା ସଂପୂର୍ଣ୍ଣ ଗୁଣଗ୍ରାହୀ ମାନବଗଣ କେତେକ ଉଚ୍ଚ ମାନର ଇହକାଳ ଜୀବନକୁ ଉପଭୋଗ କରିଥାନ୍ତି । ସେହି ବିଶେଷ ବ୍ୟକ୍ତିତ୍ୱର ଅଧିକାରୀ ଯଥାଯଥ ଭାବେ ସତ୍ୟ ପଥରେ ପାଦ ପକାଇଥାନ୍ତି । ସେମାନେ ନିଜର ସ୍ୱାର୍ଥଜଡିତ କାମନାକୁ ପରିହାର କରି ଈଶ୍ୱରଙ୍କ ଛାମୁରେ ନତମସ୍ତକ ହୋଇଥାନ୍ତି । ସେମାନେ ନିଜ ମରଣ ପୂର୍ବରୁ ଆଉ ଏକ ମୃତ୍ୟୁକୁ ଆଲିଙ୍ଗନ କରିଥାନ୍ତି । ଇହଲୋକରେ ସେମାନେ ପ୍ରକାଶ୍ୟ ରୂପେ ଥିଲେ ସୁଦ୍ଧା ବାସ୍ତବ ପକ୍ଷେ ଅନ୍ୟ ଦୁନିଆରେ ଶାନ୍ତିରେ ବିଚରଣ କରୁଥାନ୍ତି । ସୁତରାଂ ସେମାନେ ଆପଣା ହୃଦୟକୁ ଏହି ବସ୍ତୁବାଦ ଦୁନିଆର ମୋହରୁ ଛଡାଇ ନିଅନ୍ତି ଓ ମାନବ ସୁଲଭ ଅଭ୍ୟାସ ସବୁ ଭାଙ୍ଗି ଦେଇ ତଥା ଈଶ୍ୱର ବିହୀନ ବିଷୟରୁ ବିମୁଖ ହୋଇ ସବୁ ପ୍ରକାର ହୀନମନ୍ୟତାରୁ ଉର୍ଦ୍ଧ୍ୱରେ ରହିଥିବା ଆଦର୍ଶକୁ ଆପଣାଇ ନେଇଥାନ୍ତି । ସର୍ବଶକ୍ତିମାନ ଈଶ୍ୱର ମଧ୍ୟ ସେମାନଙ୍କ ସହିତ ସମାନ ଭାବରେ ଆଚରଣ ପ୍ରଦର୍ଶନ କରନ୍ତି । ଏପରି ଅସାଧାରଣ ଭାବରେ ସେହି ଜ୍ୟୋତିଗୁଡିକୁ ସେମାନଙ୍କ ନିକଟରେ ପ୍ରକାଶ କରନ୍ତି, ଯାହା ଅନ୍ୟମାନଙ୍କ ମରଣ ଉପରାନ୍ତେ ପ୍ରକାଶିତ ହୋଇଥାଏ । ସେହି ହିତାଧିକାରୀ ଏହି ସ୍ୱତନ୍ତ୍ର ମାନର ଅନୁଗ୍ରହର ଜ୍ୟୋତିରୁ କେତେକାଂଶରେ ଏହି ଭବସଂସାରରେ ପାଇଯାଆନ୍ତି ।

ଏହି ଅନୁଗ୍ରହ ଅତ୍ୟନ୍ତ ଅନୁପମ ଓ ସମସ୍ତ ଅନୁଗ୍ରହ ମଧ୍ୟରେ ଚୂଡାନ୍ତ । ଏହି ଅନବଦ୍ୟ ପୁରସ୍କାର ହାସଲ କରିଥିବା ଭକ୍ତଜନ ସୌଭାଗ୍ୟର ଶ୍ରେଷ୍ଠତମ ସ୍ଥାନରେ ପହଞ୍ଚି ଯାଇଥାଏ । ସେ ଚିରସ୍ଥାୟୀ ସୁଖ ସଂପଦକୁ ଉପଭୋଗ କରେ ଯାହା କି ସମସ୍ତ ଆନନ୍ଦର ନିର୍ଝର ଏବଂ ଯେଉଁ ବ୍ୟକ୍ତି ଏଥିରୁ ବଞ୍ଚିତ ରହିଲା, ସେ ସଦାସର୍ବଦା ନିନ୍ଦିତ ହୋଇ ନର୍କରେ ପଡିଥାଏ । ତେଣୁ ଏହି ଅନୁଗ୍ରହ ଯୋଗୁ ପରମେଶ୍ୱର ପବିତ୍ର କୁରଆନରେ ନିଜ ନାମ 'ମାଲିକେ ୟଓମିଦ୍‌ଦୀନ୍' ରୂପେ ବର୍ଣ୍ଣନା କରିଛନ୍ତି । କର୍ମର ପ୍ରତିଫଳ ସ୍ୱରୂପ ପୁରସ୍କାର ଦେବା କିମ୍ବା ଦଣ୍ଡ ବିଧାନ କରିବା ଏଠାରେ ଈଶ୍ୱରଙ୍କ ଅନ୍ତିମ ବିଚାର ଦିବସର କ୍ଷମତାକୁ ବୁଝାଉଛି, ଯହିଁରେ ଆରବୀ ଶବ୍ଦ 'ଦୀନ୍' ପୂର୍ବରୁ ଅଲିଫ୍ ଓ ଲାମ୍ ଅକ୍ଷରକୁ ଅଣାଯାଇଛି ଓ ପାଖାପାଖି ଉପସ୍ଥାପନ କରାଯାଇଛି । ଯଦ୍ଦ୍ୱାରା ଏହି ମର୍ମାର୍ଥ ବୁଝା ପଡିବ ଯେ 'ଜଜା' ଅର୍ଥାତ ପ୍ରତିଫଳ ପ୍ରଦାନ କରିବାର ତାତ୍ପର୍ଯ୍ୟ ହେଉଛି 'ସଂପୂର୍ଣ୍ଣ ପ୍ରତିଫଳ ବା ନିର୍ଣ୍ଣାୟକ ବିଚାର କରିବା ।' ଏହାର ବିସ୍ତୃତ ବ୍ୟାଖ୍ୟା ପବିତ୍ର କୁରଆନରେ କରାଯାଇଛି । ସେହି ସଂପୂର୍ଣ୍ଣ ପ୍ରତିଫଳର ବିଧାନ ଈଶ୍ୱରଙ୍କ ସଂପୂର୍ଣ୍ଣ ପ୍ରଭୁତ୍ୱ ବିସ୍ତାର ବିନା ପ୍ରଦର୍ଶିତ ହୋଇପାରିବ ନାହିଁ । ଏହି ବିଷୟରେ ଅନ୍ୟତ୍ର ମଧ୍ୟ ଉଲ୍ଲେଖ ଅଛି:

لِمَنِ الْمُلْكُ الْيَوْمَ ۖ لِلَّهِ الْوَاحِدِ الْقَهَّارِ

**ଲିମନିଲ୍ ମୁଲ୍‌କୁଲ୍ ୟୋମ; ଲିଲ୍ଲାହିଲ୍ ଓ୍ୱାହିଦିଲ୍ କହ୍‌ହାର୍**

*(ଅଲ ମୁମିନ୍ 40:17)*

ଅର୍ଥାତ 'ଈଶ୍ୱରଙ୍କର ସେହି ଅନ୍ତିମ ବିଚାର ଦିବସର ପ୍ରଭୁତ୍ୱ (ରବୁବିୟତ୍) କୌଣସି ଜଡ ବସ୍ତୁର ହସ୍ତକ୍ଷେପ ବିନା ସ୍ୱଷ୍ଟ ରୂପେ ପ୍ରଦର୍ଶିତ ହୋଇଥାଏ ଓ ଆପଣା ଛାଏଁ ସର୍ବତ୍ର ଦୃଷ୍ଟିଗୋଚର ହୁଏ' । ଏହା ମଧ୍ୟ ଅନୁଭୂତ ହୁଏ ଯେ ଅଲ୍ଲାଃଙ୍କ ପ୍ରଚଣ୍ଡ ଶକ୍ତି ଓ ଅଖଣ୍ଡ କ୍ଷମତା ବ୍ୟତୀତ ପ୍ରତ୍ୟେକ ବସ୍ତୁ ଅସ୍ତିତ୍ୱହୀନ ଜଣାପଡନ୍ତି ।

ତା'ପରେ ସମସ୍ତ ପ୍ରକାର ଆରାମ ଓ ସୁଖ ସ୍ୱାଚ୍ଛନ୍ଦ୍ୟ, ସମସ୍ତ ପୁରସ୍କାର ଓ ଶାସ୍ତିବିଧାନ ଇତ୍ୟାଦି ବିଷୟ ଅତି ସ୍ୱଷ୍ଟ ରୂପେ ଈଶ୍ୱରଙ୍କ ତରଫରୁ ପ୍ରତୀୟମାନ ହେବ । କୌଣସି ପ୍ରକାର ପରଦାର ଆଢୁଆଳରେ ଥିବା ପ୍ରତିବନ୍ଧକ ଏଥିରେ ରହିବ ନାହିଁ ଏବଂ କୌଣସି ସନ୍ଦେହର ଅବକାଶ ମଧ୍ୟ ରହିବ ନାହିଁ । ସେ ସମୟରେ

ଯେଉଁମାନେ ନିଜ ପରମାତ୍ମାଙ୍କ ସକାଶେ ପ୍ରତ୍ୟେକ ବିଷୟରୁ ନିଜକୁ ବିଚ୍ଛିନ୍ନ କରି ଦେଇଥିଲେ, ସେମାନେ ସ୍ୱଚକ୍ଷୁରେ ସେହି ପରମ ସୌଭାଗ୍ୟର ଉଚ୍ଚସ୍ତରୀୟ ପରିବେଶ ମଧ୍ୟରେ ଆପଣାକୁ ଦେଖିବେ । ଯାହା ସେମାନଙ୍କ ଶରୀର ଓ ପ୍ରାଣକୁ ଆଚ୍ଛନ୍ନ କରି ରଖିଥିବ । ଯାହା ସେମାନଙ୍କ ପ୍ରକାଶ୍ୟ ଓ ଗୋପନ ଅବସ୍ଥାକୁ ଆବୋରି ଧରିଥିବ । ସେମାନଙ୍କ ଅସ୍ତିତ୍ୱର କୌଣସି ଏପରି ଅଂଶ ନଥିବ, ଯାହା ସେହି ଅପାର ସୌଭାଗ୍ୟକୁ ପ୍ରାପ୍ତ କରିବାରୁ ବଞ୍ଚିତ ରହିବ ।

ଏଠାରେ **'ମାଲିକେ ୟଓମିଦ୍‌ଦୀନ୍'** ଏହା ମଧ୍ୟ ସଂକେତ ଦେଉଛି ଯେ ସେହି ଦିନ ଆରାମ କିମ୍ବା କଷ୍ଟ, ଆନନ୍ଦ କିମ୍ବା ଯନ୍ତ୍ରଣା ଯାହା ବି ମନୁଷ୍ୟକୁ ପହଞ୍ଚିବ, ତାହା ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରୁ ସିଧା ସଳଖ ଆସିବ । ସେହିପରି ସକଳ ପରିସ୍ଥିତି ଯାହା ବି ଉପୁଜିବ, ସେ ସବୁର ମୁନିବ ହେଉଛନ୍ତି ସ୍ୱୟଂ ପ୍ରଭୁ । ଅନ୍ୟ ଅର୍ଥରେ କହିଲେ ତାହାଙ୍କୁ ସାକ୍ଷାତ କରିବା କିମ୍ବା ବର୍ଜନ କରିବାର କାରଣ ଚିରସ୍ଥାୟୀ ସୌଭାଗ୍ୟ ହୋଇପାରେ ନତୁବା ଚିରସ୍ଥାୟୀ ଦୁର୍ଭାଗ୍ୟ ହୋଇପାରେ । ତାହା ଏହି ପ୍ରକାରେ ଯେ ଯେଉଁମାନେ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ ତଥା ଏକେଶ୍ୱରବାଦ ଅବଲମ୍ବନ କରିଥିଲେ ଓ ତାହାଙ୍କ ବିଶୁଦ୍ଧ ପ୍ରେମର ରଙ୍ଗରେ ନିଜ ହୃଦୟକୁ ରଙ୍ଗାୟୀତ କରି ଦେଇଥିଲେ, ସେମାନଙ୍କ ଉପରେ ତାଙ୍କ କରୁଣାର ଜ୍ୟୋତି ଅତି ସ୍ପଷ୍ଟରୂପେ ଓ ଖୋଲାଖୋଲି ଭାବରେ ସଂଚରିତ ହେବ । କିନ୍ତୁ ଯେଉଁମାନେ ଈଶ୍ୱର ବିଶ୍ୱାସ ଓ ଈଶ୍ୱର ପ୍ରେମ ପ୍ରାପ୍ତ କରିନାହାନ୍ତି, ସେହି ଆନନ୍ଦ ଓ ସୁଖ ସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ ରହିବେ ତଥା ଚରମ ଶାସ୍ତିର ପ୍ରକୋପରେ କବଳିତ ହେବେ ।

ଏହା ହେଉଛି ସେହି ଚାରୋଟି ଅନୁଗ୍ରହ ଯାହାକୁ ମୁଁ ବିସ୍ତାରପୂର୍ବକ ଉଲ୍ଲେଖ କରିଦେଇଛି । ସୁତରାଂ ଏବେ ଦେଖାଯିବ ଯେ 'ରହୀମ୍'ର ଗୁଣ ଉପରେ 'ରହମାନ୍' ଗୁଣକୁ ଅଗ୍ରାଧିକାର ଦିଆଯିବା ଅତ୍ୟନ୍ତ ଆବଶ୍ୟକ ହୋଇ ପଡୁଛି ଏବଂ ଏହା ଏକ ଉତ୍ତମ ଶବ୍ଦବିନ୍ୟାସ, ଯାହା ଏକ ପୂର୍ଣ୍ଣାଙ୍ଗ ପରିପାଟୀରେ ସଜାଇ ହୋଇ ରହିଛନ୍ତି । କାରଣ ପ୍ରକୃତିର ବିଧିବିଧାନ ଶାସ୍ତ୍ରକୁ ଅଧ୍ୟୟନ କଲେ ଈଶ୍ୱରଙ୍କ ପ୍ରଥମ ଗୁଣ 'ରବୁବିୟତ୍' ଅର୍ଥାତ ପାଳନକର୍ତ୍ତା ହୋଇଥିବାର ଆମ ଦୃଷ୍ଟିକୁ ଆସେ । ପୁଣି ତାହାଙ୍କ ରହମାନିୟତ୍ (ଅଶେଷ ଦୟାବାନ) ଉପରେ ଦୃଷ୍ଟି ପଡେ । ପୁଣି ତାଙ୍କର 'ରହମିୟତ୍' (ସଦା କରୁଣାମୟ) ହୋଇଥିବାର ଗୁଣ ଉପରେ । ପୁନଶ୍ଚ ସେ

'ମାଲିକେ ୟୋମିଦ୍‌ଦୀନ୍' (ଅନ୍ତିମ ବିଚାର ଦିବସର ପ୍ରଭୁ) ହେବା ଉପରେ । ଏହି ଦୃଷ୍ଟିକୋଣରୁ ସେହି ଦିବ୍ୟ ଅନୁଗ୍ରହର ସମାହାର ଅତ୍ୟନ୍ତ ଯୁକ୍ତିଯୁକ୍ତ ହୋଇଥିବାର ଦାବି କରେ । ପ୍ରକୃତିର ପୁସ୍ତକରେ ଏହାର ଯଥାର୍ଥତା ଯେପରି ପ୍ରତିପାଦିତ ହୋଇଛି, ସେହିପରି ଐଶ୍ୱରିକ ଗ୍ରନ୍ଥ ମଧ୍ୟରେ ସେହି ସଂଯୋଜନାକୁ ସାଇତି ରଖାଯିବା ମଧ୍ୟ ସ୍ୱାଭାବିକ । କାରଣ ଈଶ୍ୱରୀୟ ବାକ୍ୟର ସ୍ୱାଭାବିକ କ୍ରମକୁ ଓଲଟାଇବା ଅର୍ଥ ସତେ ଯେପରି ପ୍ରକୃତିର ନିୟମକୁ ଓଲଟାଇ ଦେବା ଓ ଐଶି ବିଧାନଗତ ବ୍ୟବସ୍ଥାକୁ ବିପରୀତ ଦିଗରେ ନେଇଯିବା । ଏକ ସଂପୂର୍ଣ୍ଣ ଓ ଯଥାର୍ଥ ସଂଯୋଜନା ସକାଶେ ଏହା ଅତ୍ୟନ୍ତ ଜରୁରୀ ଯେ ଏହି ଐଶିବାକ୍ୟ ସଂଯୋଜନାର କ୍ରମ ଏପରି ସମନ୍ୱୀତ ବିଧିବ୍ୟବସ୍ଥା ସହିତ ପ୍ରବୃତ୍ତ ଭାବରେ ମେଳ ଖାଇବା ଉଚିତ । ସତେ ଯେପରି ଏହା ତା'ର ପ୍ରତିଛବି ଓ ଦର୍ପଣରେ ଦେଖାଯାଉଥିବା ପ୍ରକୃତିର ପ୍ରତିବିମ୍ବ । ଯାହା ବର୍ଣ୍ଣନାତ୍ମକ ଭିତ୍ତିରେ ଗୋଟିକରେ ଆଗୁଆ ଥିଲେ ଅନ୍ୟଟିରେ ମଧ୍ୟ ଆଗୁଆ ରଖାଯିବ । ସୁତରାଂ ପବିତ୍ର କୁରଆନରେ ଏହି ପଙ୍‌କ୍ତିରେ ଶବ୍ଦ ପ୍ରୟୋଗର ଦକ୍ଷତା ଓ ବାକପଟୁତାକୁ ଦର୍ଶାଯାଇଛି, ଯହିଁରେ ପ୍ରକୃତିର ଶୃଙ୍ଖଳିତ ଅବସ୍ଥାକୁ ସଠିକ ରୂପେ ଜାଣି ହେଉଛି । ତେଣୁ ସଂପୃକ୍ତ ପଙ୍‌କ୍ତିରେ ଏକ ଉଚ୍ଚ ସ୍ତରର ଅତ୍ୟନ୍ତ ମନୋରମ ଓ ଆଳଙ୍କରିକ ପ୍ରକାଶଭଙ୍ଗୀ ଦେଖିବାକୁ ମିଳିଥାଏ । ଯେପରି କି ଏହି ଗୁଢ଼ତତ୍ତ୍ୱକୁ ଜାଣିବା ପାଇଁ ମନ ମୁଗ୍‌ଧକର ଭାଷାରେ ବର୍ଣ୍ଣନା କରାଯାଇଥିବା ସତ୍ତ୍ୱେ ପ୍ରକୃତ କ୍ରମବିନ୍ୟାସର ନକ୍‌ସା ଅଙ୍କନ କରି ଦେଖାଇ ଦିଆଯାଇଛି । ଏଠାରେ ସେହି ବର୍ଣ୍ଣନାଶୈଳୀ ପ୍ରୟୋଗ କରାଯାଇଛି, ଯାହାକୁ ପ୍ରତ୍ୟେକ ଅନୁଭବୀ ଦେଖଣାହାରୀ ନିଜ ଅନ୍ତର୍ଦୃଷ୍ଟି ଦ୍ୱାରା ପ୍ରକୃତିର ସେହି କ୍ରମ ଅନୁଯାୟୀ ଦେଖି ପାରିବ । ଏହା କ'ଣ ସେହି ସରଳ ମାର୍ଗ ନୁହେଁ, ଯେଉଁ କ୍ରମରେ ଐଶି ପୁରସ୍କାର ପ୍ରକୃତିର ପୁସ୍ତକରେ ରହିଥାଏ ସେହି କ୍ରମରେ ଧର୍ମଗ୍ରନ୍ଥରେ ମଧ୍ୟ ରହିଥିବ ? ସୁତରାଂ ଏପରି ଉଚ୍ଚ କୋଟିର ସମ୍ମାନସୂଚକ ଓ ବିଜ୍ଞତାରେ ପରିପୂର୍ଣ୍ଣ କ୍ରମବିନ୍ୟାସ ବିଷୟରେ ଅଭିଯୋଗ କରିବା ପ୍ରକୃତରେ ସେହି ଅନ୍ଧ ବ୍ୟକ୍ତିର କାର୍ଯ୍ୟ, ଯେଉଁମାନେ ନିଜର ଉଭୟ ଦୃଷ୍ଟିଶକ୍ତି ଓ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଶକ୍ତିକୁ ଦୈବାତ ହରାଇ ବସିଛନ୍ତି ।

چشم بد اندیش کہ برکندہ باد　　عیب نماید ہنرش در نظر

**ଚଶ୍‌ମେ ବଦ୍ ଅନ୍ଦେଶ୍ କେ ବର୍ କୁନିନ୍ଦା ବାଦ୍**
**ଅଏବେ ନୁମାଇଦ୍ ହୁନରଶ ଦର୍ ନଜର୍ ।।**

ଅର୍ଥାତ "ମନ୍ଦ ଅଭିଳାଷ ଥିଲେ ତା'ନଜର ଯେଉଁଠି ବି ପଡିଯାଏ
ଯେତେ ଯାହା ଭଲ କଳା ଥିଲେ କିସ ଖୁଣ ତାକୁ ଦେଖାଯାଏ !"

ବର୍ତ୍ତମାନ ଆମେ ସେହି ପ୍ରସଙ୍ଗକୁ ପ୍ରତ୍ୟାବର୍ତ୍ତନ କରୁଛୁ ଓ ଏହା ବ୍ୟାଖ୍ୟା କରୁଛୁ ଯେ ଈଶ୍ୱର ଯାହାକିଛି ସୁରଃ ଫାତିହାରେ ରବ୍‌ବୁଲ ଆଲମୀନ୍ ଗୁଣରୁ ନେଇ ମାଲିକେ ୟଓମିଦ୍‌ଦୀନ୍ ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି, ତାହା ପବିତ୍ର କୁରଆନର ସ୍ୱଷ୍ଟୀକରଣ ଦୃଷ୍ଟିରୁ ଚାରୋଟି ଶ୍ରେଷ୍ଠ ମୌଳିକ ସତ୍ୟତା ଉପରେ ପ୍ରତିଷ୍ଠିତ । ଯାହାକୁ ଏଠାରେ ସଂପୂର୍ଣ୍ଣ ଭାବେ ଖୋଲି ବର୍ଣ୍ଣନା କରିବା ଆମ ରଚନାର ଆଭିମୁଖ୍ୟ ।

**ପ୍ରଥମ ସତ୍ୟତା** ସ୍ୱରୂପ ପରମେଶ୍ୱର ହେଉଛନ୍ତି ରବ୍‌ବୁଲ୍ ଆଲମୀନ୍ । ଅର୍ଥାତ ଯାହାକିଛି ବିଶ୍ୱ ବ୍ରହ୍ମାଣ୍ଡରେ ରହିଛି, ସେ ସବୁର ସେ ରବ୍ (ପାଳନକର୍ତ୍ତା) ଓ ମାଲିକ୍ (ବିଶ୍ୱ ବିଧାତା) । ଯାହା କିଛି ଜଗତରେ ପ୍ରତୀୟମାନ ହେଉଛି, ଦେଖାଯାଉଛି, ଅନୁଭୂତ ହେଉଛି କିମ୍ବା ଯଥାର୍ଥ କାରଣ ଦ୍ୱାରା ଉପଲବ୍ଧି କରି ହେଉଛି, ସେ ସବୁ ହେଉଛନ୍ତି ତାଙ୍କର ଅନବଦ୍ୟ ସୃଷ୍ଟି । ପ୍ରକୃତ ଅସ୍ତିତ୍ୱ ସେହି ଏକମାତ୍ର ସର୍ବଶକ୍ତିମାନ ଈଶ୍ୱରଙ୍କର ଓ ଅନ୍ୟ କାହା ପାଇଁ ତାହା ଉଦ୍ଦିଷ୍ଟ ନୁହେଁ । ତାଙ୍କରି ପରମସତ୍ତା ଅନ୍ୟ କେଉଁ ବସ୍ତୁ ପାଖରୁ ହାସଲ ହୁଏ ନାହିଁ । ଏହିପରି ସଂକ୍ଷେପରେ କହିବାକୁ ଗଲେ ବିଶ୍ୱଜଗତର ସକଳ ଉପାଦାନ ତାଙ୍କରି ସୃଷ୍ଟି । ତେଣୁ ଈଶ୍ୱର ପରମ ସ୍ରଷ୍ଟା । ସୃଷ୍ଟି ଜଗତର ଏପରି କୌଣସି ଅଂଶ ନାହିଁ, ଯାହା ଈଶ୍ୱରଙ୍କ ସୃଷ୍ଟି ନୁହେଁ । ସଂପୂର୍ଣ୍ଣ 'ରବୁବିୟତ୍'ର ପରାକାଷ୍ଠା ବଳରେ ସେ ବିଶ୍ୱର କ୍ଷୁଦ୍ରାତିକ୍ଷୁଦ୍ର ରେଣୁ ଉପରେ ନିଜର ନିୟନ୍ତ୍ରଣ ରଖିଛନ୍ତି । କୌଣସି ଦ୍ରବ୍ୟର କ୍ଷୁଦ୍ରତମ ଅଂଶକୁ ମଧ୍ୟ ନିଜ ଶାସନାଧୀନରେ ରଖି ପରିଚାଳନା କରୁଛନ୍ତି ।

ତେବେ ତାଙ୍କର ପ୍ରତିପାଳକ ହେବା ବୈଶିଷ୍ଟ୍ୟ ପ୍ରତ୍ୟେକ ସମୟରେ କାର୍ଯ୍ୟରତ ଥିବାର ଜଣାପଡେ । ଏହା କେବେ ନୁହେଁ ଯେ ଈଶ୍ୱର ସଂସାରକୁ ସର୍ଜନା କରିଦେଇ ଏହାର ବ୍ୟବସ୍ଥାରୁ ଅଲଗା ହୋଇ ବସି ଯାଇଛନ୍ତି । ଏହାର ପରିଚାଳନା ଦାୟୀତ୍ୱକୁ ପ୍ରକୃତିର ନିୟମ ଉପରେ ଏପରି ନ୍ୟସ୍ତ କରି ଦେଇଛନ୍ତି ଯେ ସ୍ୱୟଂ କୌଣସି କାର୍ଯ୍ୟରେ କେବେ ବି ହସ୍ତକ୍ଷେପ କରୁନାହାନ୍ତି । ଏହା ସେପରି କଥା

ନୁହେଁ ଯେ ଏକ ମେସିନର ନିର୍ମାତା ଭଳି ଯନ୍ତ୍ରପାତି ତିଆରି କରିଦେବା ପରେ ଏହାର କୌଣସି ଯତ୍ନ ନନେଇ ସେହିପରି ଅବସ୍ଥାରେ ଛାଡି ଦେଇଛନ୍ତି । ଯେପରି ଜଣେ ନିର୍ମାତା ତା'ର ସୃଷ୍ଟଜ ବସ୍ତୁଠାରୁ କେବେହେଲେ ସଂଯୋଗ ବିଚ୍ଛିନ୍ନ କରନ୍ତି ନାହିଁ, ସେହିପରି ସେହି ପରମ ସ୍ରଷ୍ଟାଙ୍କର ସକଳ ସୃଷ୍ଟି ତାଙ୍କଠାରୁ ବିଚ୍ଛିନ୍ନ ହୋଇ ରହନ୍ତି ନାହିଁ । ତେଣୁ 'ରବ୍‌ବୁଲ୍ ଆ'ଲମୀନ୍' (ସମସ୍ତ ଜଗତର ପାଳନକର୍ତ୍ତା) ସଦା ସର୍ବଦା ନିଜର 'ରବୁବିୟତ୍' ଗୁଣକୁ ସମଗ୍ର ବିଶ୍ୱ ଉପରେ ପ୍ରୟୋଗ କରିଥାନ୍ତି । ତାହାଙ୍କ 'ରବୁବିୟତ୍' ସମଗ୍ର ବିଶ୍ୱ ଉପରେ ଆଶୀଷର ବାରିଧାରା ହୋଇ ନିରବଚ୍ଛିନ୍ନ ଭାବରେ ବର୍ଷିଥାଏ । ବିଶ୍ୱ କେବେ ହେଲେ ବି ତାହାଙ୍କ ଅନୁଗ୍ରହର ଉପକାରରୁ ବଞ୍ଚିତ ହୋଇ ରହି ନାହିଁ । ଏପରିକି ବିଶ୍ୱକୁ ସର୍ଜନା କରିବା ପରେ ମଧ୍ୟ ତାଙ୍କ ଅନୁଗ୍ରହର ମୂଳଉତ୍ସ ପ୍ରତ୍ୟେକ ମୂହୁର୍ତ୍ତରେ  ଆବଶ୍ୟକ ହୋଇଥାଏ ବିନା କୌଣସି ବାଧାବିଘ୍ନରେ । ଏପରି ଲାଗେ ସତେ ଯେପରି ସେ ଏପର୍ଯ୍ୟନ୍ତ କିଛିହେଲେ ସୃଷ୍ଟି କରି ନାହାନ୍ତି । ଯେପରି ପୃଥିବୀ ନିଜ ସତ୍ତାକୁ ଆସିବା ପାଇଁ ତାହାଙ୍କ 'ରବୁବିୟତ୍' ଉପରେ ନିର୍ଭରଶୀଳ ହୋଇଥାଏ, ସେହିପରି ସମାନ ଭାବେ ତାକୁ ଅବିରତ ତିଷ୍ଠି ରହିବା ଓ ନିଜର ସ୍ଥାୟୀତ୍ୱକୁ ବଜାୟ ରଖିବା ସକାଶେ ମଧ୍ୟ ତାହାଙ୍କ 'ରବୁବିୟତ୍' ଅର୍ଥାତ ତ୍ରାଣକର୍ତ୍ତା ରୂପେ ରହିଥିବା କର୍ତ୍ତୃତ୍ୱ ଉପରେ ନିର୍ଭରଶୀଳ ହେବାକୁ ପଡିଥାଏ । ସେହିଁ ବିଶ୍ୱବିଧାତା, ଯିଏ ପ୍ରତିକ୍ଷଣ ସଂସାରକୁ ସମ୍ଭାଳି ରଖିଛନ୍ତି । ବିଶ୍ୱର ପ୍ରତ୍ୟେକ ଅଣୁ ପରମାଣୁ ମଧ୍ୟ କେବଳ ତାଙ୍କରି ଯୋଗୁଁ ହିଁ ସତେଜ ଓ ସମୃଦ୍ଧିଶାଳୀ ହୋଇଥାନ୍ତି । ସେ ନିଜର ଇଚ୍ଛା ଓ ସଂକଳ୍ପ ଅନୁଯାୟୀ ଦୃଢ଼ ମନୋଯୋଗ ପୂର୍ବକ ପ୍ରତ୍ୟେକ ପଦାର୍ଥର ସୁପରିଚାଳନା କରନ୍ତି । ଏହା ନୁହେଁ ଯେ ତାଙ୍କର ଅଭିପ୍ରାୟ ବିନା ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ରବୁବିୟତ୍ କାର୍ଯ୍ୟକାରୀ ହୁଏ । ସୁତରାଂ କୁରଆନ ବାଣୀର ଆଧାରରେ, ଯାହାର ଏବେ ଆମେ ସାରାଂଶ ବର୍ଣ୍ଣନା କରୁଛୁ, ସେହି ସତ୍ୟତାର ତାତ୍ପର୍ଯ୍ୟ ହେଉଛି ଯେ ବିଶ୍ୱରେ ଦେଖାଯାଉଥିବା ପ୍ରତ୍ୟେକ ବସ୍ତୁ ହେଉଛି ଈଶ୍ୱର ସୃଷ୍ଟ । ଏବଂ ସବୁ କାଳରେ ଏହାର ଉତ୍କର୍ଷତା ଅନୁଭୂତ ହୁଏ ଓ ତାହା ଅବସ୍ଥା ଭିତ୍ତିରେ ସର୍ବଶକ୍ତିମାନ ଈଶ୍ୱରଙ୍କ ରବୁବିୟତ୍ ଉପରେ ନିର୍ଭରଶୀଳ । ସେହି ପରମ ନିୟନ୍ତ୍ରକ ପ୍ରଭୁଙ୍କର ଦୃଢ଼ ଓ ଚୂଡ଼ାନ୍ତ ନିଷ୍ପତ୍ତି ବ୍ୟତିରେକେ ଏପରି କୌଣସି ଆଧ୍ୟାତ୍ମିକ କିମ୍ବା ଶାରୀରିକ ଉତ୍କର୍ଷତା ନାହିଁ,  ଯାହାକୁ କୌଣସି ସୃଷ୍ଟଜ ବସ୍ତୁ ଅର୍ଜନ

କରିପାରିବ । ଏତଦ୍‌ବ୍ୟତୀତ ପ୍ରଚ୍ଛନ୍ନ ଭାବ ବ୍ୟକ୍ତି କରୁଥିବା ଏହି ଦିବ୍ୟବାଣୀରେ ସଂପୃକ୍ତ ଥିବା ସତ୍ୟତା ଓ ଏହିପରି ଅନ୍ୟ ସତ୍ୟତାଗୁଡିକ ମଧ୍ୟରେ ଏହି ଅର୍ଥ ମଧ୍ୟ ନିହିତ ଅଛି ଯେ 'ରବ୍‌ବୁଲ୍ ଆ'ଲମୀନ' ଇତ୍ୟାଦି ଐଶିଗୁଣାବଳୀ ଯାହା ଇଶ୍ୱରଙ୍କ ନିକଟରେ ଦେଖିବାକୁ ମିଳେ, ଏହା କେବଳ ତାଙ୍କ ଏକକ ଓ ଅନନ୍ୟ ସତ୍ତାରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି ଏବଂ ଏଥିରେ ଅନ୍ୟ କେହି ସଂଶ୍ଲିଷ୍ଟ ହୋଇ ପାରିବେ ନାହିଁ । ଯେପରିକି ଏହି ଅଧ୍ୟାୟର ପ୍ରାରମ୍ଭିକ ପଙ୍କ୍ତିରେ ସ୍ପଷ୍ଟ ରୂପେ କୁହାଯାଇଛି ଓ 'ଅଲ୍‌ହମଦୁ ଲିଲ୍ଲାହ୍'ରେ ବର୍ଣ୍ଣନା କରାଯାଇଛି ଯେ ସକଳ ପ୍ରକାର ପ୍ରଶଂସା ପାଇବାର ଯୋଗ୍ୟତା କେବଳ ଇଶ୍ୱରଙ୍କ ଠାରେ ରହିଛି ତଥା ଉପଯୁକ୍ତ ସମ୍ମାନ ଓ ପର୍ଯ୍ୟାପ୍ତ ଗୌରବର ଅଧିକାରୀ ହେବାରେ ସେ ସଂପୂର୍ଣ୍ଣ ସ୍ୱତନ୍ତ୍ର ।

**ଦ୍ୱିତୀୟ ସତ୍ୟତା** ହେଉଛି **'ରହମାନ୍'** ଯାହାକୁ **ରବ୍‌ବୁଲ ଆଲମୀନ୍** ପରେ ବର୍ଣ୍ଣନା କରାଯାଇଛି । ତେବେ ରହମାନ୍‌ର ଅର୍ଥ ଯେପରି ଆମେ ଆଗରୁ ବି ବର୍ଣ୍ଣନା କରିସାରିଛୁ, ତାହା ହେଉଛି ଯେ ଯେତେ ସବୁ ସଜୀବ ରହିଛନ୍ତି, ସେମାନେ ଚେତନା ଥିବା ଜୀବ ହୁଅନ୍ତୁ କି ଚେତନାଶୂନ୍ୟ ଜୀବ, ସେମାନେ ଭଲ ହୋଇଥାନ୍ତୁ କି ମନ୍ଦ, ସେ ସମସ୍ତ ଜୀବମାନଙ୍କର ସଂରକ୍ଷଣ, ପ୍ରତିପାଳନ ତଥା ପ୍ରଜାତି ସମୂହର ତିଷ୍ଠି ରହିବା ସକାଶେ ଯାହା ସବୁ ଆବଶ୍ୟକ, ଇଶ୍ୱରଙ୍କ ସାଧାରଣ ଦୟା ବଳରେ ସେପରି ପ୍ରତ୍ୟେକ ପ୍ରକାର ପ୍ରୟୋଜନୀୟ ବସ୍ତୁ ଯୋଗାଇ ଦିଆଯାଇଛି ଓ ଆଗକୁ ମଧ୍ୟ ଯୋଗାଇ ଦିଆଯାଉଥିବ । ଏସବୁ ଇଶ୍ୱରଙ୍କ ବରଦାନ, ଯାହା କାହାର କର୍ମର ପ୍ରତିଫଳ ସ୍ୱରୂପ ଦିଆଯାଇ ନାହିଁ ।

**ତୃତୀୟ ସତ୍ୟତା** ହେଉଛି **ରହୀମ୍,** ଯାହାର **'ରହମାନ୍'** ପରେ ଉଲ୍ଲେଖ କରାଯାଇଛି । ଏହାର ଅର୍ଥ ହେଉଛି, ଇଶ୍ୱର ତାଙ୍କ ସୃଷ୍ଟଜ ପ୍ରାଣୀଙ୍କ ସମୁଚିତ ଉଦ୍ୟମର ପରିଣତି ସ୍ୱରୂପ ମହାନ ପ୍ରତିଫଳ ପ୍ରଦାନ କରିଥାନ୍ତି । ଯେଉଁମାନେ ନିଜ କର୍ମ ପାଇଁ ପ୍ରାୟଶ୍ଚିତ କରନ୍ତି, ସେ ତାଙ୍କ ପାପକୁ କ୍ଷମା କରିଦିଅନ୍ତି । ଯେଉଁମାନେ ମାଗୁଣି କରନ୍ତି, ସେ ସେମାନଙ୍କୁ ଦାନ କରନ୍ତି । ଯେଉଁମାନେ ତାହାଙ୍କ ଦ୍ୱାର ଠକ୍ ଠକ୍ କରନ୍ତି, ସେ ନିଜ ଦ୍ୱାରା ସେମାନଙ୍କ ପାଇଁ ଖୋଲି ଦିଅନ୍ତି ।

**ଚତୁର୍ଥ ସତ୍ୟତା** ଥିବା ଗୁଣର ପରିପ୍ରକାଶ ହେଉଛି, **'ମାଲିକେ ୟୋମିଦ୍‌ଦୀନ'** ଯାହା ସୁରଃ ଫାତିହାରେ ବର୍ଣ୍ଣିତ । ଅର୍ଥାତ ସେହି ସର୍ବଶକ୍ତିମାନ

ଈଶ୍ୱର କର୍ମର ମହାନ ପ୍ରତିଦାନ ସ୍ୱରୂପ ପୁରସ୍କାର ଓ ଦଣ୍ଡବିଧାନ କରିବାକୁ ଥିବା ଅନ୍ତିମ ବିଚାର ଦିବସର ପ୍ରଭୁ । ଯିଏ ପ୍ରତ୍ୟେକ ପ୍ରକାର ପରୀକ୍ଷା, ବିପତ୍ତିର ସମ୍ମୁଖୀନ ହେବାରୁ ମୁକ୍ତ । ପ୍ରତାରଣାର ପଥ ଆପଣାଉଥିବା ବ୍ୟକ୍ତିଙ୍କର ଫଳାଫଳ ପରିବର୍ତ୍ତନ କରିବାରୁ ସେ ନିବୃତ୍ତ ହୋଇଥାନ୍ତି । ସେହିପରି ସେ କଳୁଷନାଶନ ପ୍ରଭୁ ହୋଇଥିବାରୁ ସମସ୍ତ ପ୍ରକାର ଆବିଳତା, ଦୁଷିତମୟ ପଥ ଓ ଅପବିତ୍ର ପଣରୁ ମୁକ୍ତ ହୋଇ ସ୍ୱଚ୍ଛତା ଦେଖାଇଥାନ୍ତି । ସେ ମଧ୍ୟ ସମସ୍ତ ସନ୍ଦେହାସ୍ପଦ ବିଷୟ ଓ ଦୋଷତ୍ରୁଟିରୁ ପବିତ୍ର । ପୁଣି ସର୍ବଶ୍ରେଷ୍ଠ ଶକ୍ତିମାନ ହୋଇଥିବାରୁ ନିଜର ବିଶ୍ୱରୂପ ପ୍ରଦର୍ଶନ କରିଥାନ୍ତି । ତାହାଙ୍କ ଠାରେ ଚୁଡାନ୍ତ ପ୍ରତିଫଳ ଜନିତ ପ୍ରଭୁତ୍ୱର ସ୍ପଷ୍ଟ ପରିପ୍ରକାଶ ହେବାର କୌଣସି ପ୍ରକାର ଅଭାବ ପରିଲକ୍ଷିତ ହୋଇ ନଥାଏ । ଅର୍ଥାତ କର୍ମର ସଂପୂର୍ଣ୍ଣ ପ୍ରତିଫଳ, ଯାହା ସ୍ପଷ୍ଟ ଦିବାଲୋକ ପରି ଉଜ୍ଜ୍ୱଳ, ତାହା ସେ ସ୍ୱୟଂ ପ୍ରକାଶ କରିଦିଅନ୍ତି । ଏହି ମହାନ ସତ୍ୟତା ପ୍ରକାଶ କରିବାର ଏହି ଅର୍ଥ ହେଉଛି, ଯଦ୍ଦ୍ୱାରା ପ୍ରତ୍ୟେକ ପ୍ରାଣ ଉପରେ ଦୃଢ଼ ନିଶ୍ଚିତ ସତ୍ୟର ସ୍ପଷ୍ଟ ପ୍ରଭାବ ପଡିବ ଏବଂ ସବୁ ଗୂଢ଼ତତ୍ତ୍ୱ ଉନ୍ମୋଚିତ ହୋଇଯିବ ।

ପ୍ରଥମତଃ ପୁରସ୍କାର ଓ ଦଣ୍ଡବିଧାନ ସୁନିଶ୍ଚିତ କଥା । ଏହା ବାସ୍ତବ ମୁନିବଙ୍କ ତରଫରୁ ତାଙ୍କ ଦୃଢ଼ ଇଚ୍ଛା ବଳରେ ଭକ୍ତଗଣଙ୍କ ପ୍ରତି ଲାଗୁ ହୋଇଥାଏ । ଏପରି ସାର୍ବଜନୀନ ଭାବରେ ଉନ୍ମୋଚନ ହେବା ଏହି ପୃଥିବୀରେ ସମ୍ଭବ ନୁହେଁ । କାରଣ ଏହି ବିଷୟ ସାଧାରଣ ଲୋକଙ୍କ ଉପରେ ପ୍ରକଟିତ ହୋଇପାରେ ନାହିଁ ଯେ ଯାହାକିଛି ଭଲମନ୍ଦ, ଆରାମ ଓ ଦୁଃଖ ଇତ୍ୟାଦି ଜଣେ ଲୋକ ପାଖରେ କେବେ ଓ କାହିଁକି ପହଞ୍ଚିଥାଏ ଏବଂ ଏସବୁ କାହାର ଆଦେଶ ଓ କ୍ଷମତା ବଳରେ ପହଞ୍ଚୁଛି । ସେମାନଙ୍କ ମଧ୍ୟରୁ କେହି ଏକଥା ଶୁଣିବାକୁ ଅକ୍ଷମ ଥାଏ ଯେ ସେ ଭଲ କର୍ମ ଯୋଗୁଁ ପୁରସ୍କାର ପାଉଛି ଏବଂ ସେହିପରି କେହି ଏହା ମଧ୍ୟ ଅନୁଭବ କରିପାରେ ନାହିଁ ଯେ ଯାହା କିଛି ତାକୁ ଭୋଗିବାକୁ ପଡୁଛି, ତାହା ପ୍ରକୃତରେ ସେ କରିଥିବା ନିଜ କର୍ମର ଫଳ ।

ଦ୍ୱିତୀୟତଃ ଏହି ସତ୍ୟତା ମଧ୍ୟରେ ଏହି ତଥ୍ୟ ଉନ୍ମୋଚିତ ହେବାର ଅଭିପ୍ରାୟ ହେଉଛି ଯେ ବସ୍ତୁବାଦ କିଛି ନୁହେଁ ଓ ତାହା ଅପ୍ରାସଙ୍ଗୀକ ବିଷୟ । ଅସଲରେ ହେଉଛନ୍ତି ସେହି ପରମସ୍ରଷ୍ଟା, ଯିଏ କି ସକଳ ଅନୁଗ୍ରହର ମୂଳ ଉତ୍ସ ଓ ପ୍ରତ୍ୟେକ ପ୍ରତିଫଳ ଓ ଅନ୍ତିମ ବିଚାର ଦିବସର ପ୍ରଭୁ ।

ତୃତୀୟତଃ ଏହି ସତ୍ୟତାରେ ଏହାର ସ୍ପଷ୍ଟ ବ୍ୟାଖ୍ୟା କରିବା ସମିଚୀନ ହେବ ଯେ କେଉଁଟି ସବୁଠାରୁ ବଡ଼ ସୌଭାଗ୍ୟ ଓ କେଉଁଟି ସବୁଠାରୁ ବଡ ଦୁର୍ଭାଗ୍ୟର ବିଷୟ । ସୌଭାଗ୍ୟ ସେହି ବିଜୟ ଉଲ୍ଲାସର ଚରମ ଅବସ୍ଥାକୁ ବୁଝାଏ, ଯହିଁରେ ଜ୍ୟୋତି, ତୃପ୍ତି, ଆନନ୍ଦ ଓ ଆରାମ ଇତ୍ୟାଦି ମନୁଷ୍ୟର ଅନ୍ତର ଓ ବାହାର, ଶରୀର ଓ ପ୍ରାଣକୁ ଘେରି ରହିଥାଏ ଏବଂ କୌଣସି ଅଙ୍ଗପ୍ରତ୍ୟଙ୍ଗ କିମ୍ବା ଶାରୀରିକ କ୍ଷମତା ଏହାର ବାହାରେ ରହେ ନାହିଁ । କିନ୍ତୁ ବଡ ଦୁର୍ଭାଗ୍ୟପୂର୍ଣ୍ଣ ହେଉଛି ସେହି ଯନ୍ତ୍ରଣାରେ ଜର୍ଜରିତ ଅବସ୍ଥା, ଯାହା ଆଦେଶ ଅବଜ୍ଞାକାରୀ ସେହି ଅପବିତ୍ର ବା ଦୂଷିତମୟ ଜୀବନ ଜଞ୍ଜାଳରେ ଘାଣ୍ଟି ହେଉଥିବା ସ୍ୱାର୍ଥପର ମଣିଷ ଅନ୍ୟ ଠାରୁ ବ୍ୟବଧାନ ରଖି ସ୍ନେହାବିଳ ସଂପର୍କରେ ବିଚ୍ଛେଦ ଘଟାଇଛି । ଏହା ତା'ର ହୃଦୟକୁ ଉତ୍ତେଜିତ କରି ଦେଇଛି ଓ ତା'ର ଶରୀରକୁ ଏପରି ଆଚ୍ଛନ୍ନ କରି ରଖିଛି, ଯଦ୍ଦ୍ୱାରା ତା'ର ସର୍ବାଙ୍ଗ ଶରୀର ଉତ୍ତପ୍ତ ଅଗ୍ନିରେ ଜଳୁଥିବାର ସେ ଅନୁଭବ କରେ ଓ ନର୍କର ଜ୍ୱାଳା ତାକୁ ବିବ୍ରତ କରି ପକାଏ ।

ଏହିସବୁ ପ୍ରକାଶ୍ୟ ଅଭିବ୍ୟକ୍ତିର ଘୋଷଣା ଇହଧାମରେ ପ୍ରକଟ ହୁଏ ନାହିଁ । କାରଣ ଏହି ସଂକୀର୍ଣ୍ଣ, ସଂକୁଚିତ ଓ ଅସ୍ୱଚ୍ଛ ଦୁନିଆ ଯାହା ପାର୍ଥିବ ସାମଗ୍ରୀର ବାହ୍ୟ ଆବରଣ ଦ୍ୱାରା ଘୋଡାଇ ହୋଇ ଏକ ପରିତ୍ୟକ୍ତ ଓ ଅପୂର୍ଣ୍ଣ ଅବସ୍ଥାରେ ପଡି ରହିଛି, ଏମାନଙ୍କ ଦିବ୍ୟ ପ୍ରକାଶମାନ ସ୍ଥିତିକୁ କଦାପି ସମ୍ଭାଳି ରଖିପାରିବ ନାହିଁ । ବରଂ ଏହି ଭବସଂସାର ଏକ ବିଷମ ପରୀକ୍ଷାର ସ୍ଥାନ । ଏହାର ଆରାମ ଓ ଯନ୍ତ୍ରଣା ଉଭୟ କ୍ଷଣସ୍ଥାୟୀ ତଥା ତ୍ରୁଟିପୂର୍ଣ୍ଣ । ଜଣେ ବ୍ୟକ୍ତି ଯାହା ବି ଏହି ଇହକାଳ ଜୀବନରେ ଭୋଗ କରେ, ତାହା ବସ୍ତୁବାଦର ପରଦା ଆଢୁଆଳରେ ରହିଥାଏ, ତାହାକୁ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ପ୍ରତିଦାନର ମାଲିକଙ୍କ ଚେହେରା ଠାରୁ ଲୁଚାଇ ରଖାଯାଏ । ତେଣୁ ସେଥିପାଇଁ ଏହି ପୃଥିବୀ ବିଶୁଦ୍ଧ, ସଂପୂର୍ଣ୍ଣ ଓ ଉନ୍ମୁକ୍ତ ପ୍ରତିଫଳ ଦିବସ ବୋଲାଇ ପାରିବ ନାହିଁ । ବରଂ ସେହି ସଂପୂର୍ଣ୍ଣ ସ୍ୱଚ୍ଛ ଓ ବାସ୍ତବ ବିଚାର ଦିବସ ଅର୍ଥାତ କର୍ମଫଳ ଜନିତ ପୁରସ୍କାରର ବିଧାନ ଦିବସ ଏହାର ପରକାଳ ଦୁନିଆରେ ଆସିବ । ସେହି ଦୁନିଆ ଯାହାକୁ 'ଆଲମେ ତଜଲ୍ଲିୟାତେ ଉଜ୍‌ମା' କୁହାଯାଏ, ତାହା ଏକ ଅତି ଉଚ୍ଚ କୋଟିର ସୁସ୍ପଷ୍ଟ ପ୍ରଦର୍ଶନର ସ୍ଥାନ ହେବ ଓ ଏହାର ଗୌରବ ତଥା ସୌନ୍ଦର୍ଯ୍ୟର ପରିପ୍ରକାଶକୁ ଚମତ୍କାର ଭାବେ ପ୍ରତିପାଦନ କରି ଦେଖାଇବ ।

ଯେହେତୁ ଏହି ସଂସାର ନିଜ ଗୁରୁତ୍ୱ ଦୃଷ୍ଟିକୋଣରୁ ପୁରସ୍କାର ବିଧାନର ପ୍ରକୃଷ୍ଟ ସ୍ଥାନ ନୁହେଁ ବରଂ ଏକ ଗହନ ବିପତ୍ତିର ସ୍ଥାନ । ତେଣୁ ମନୁଷ୍ୟ ଯାହାକିଛି ଏହି ଭବସଂସାରରେ ଦୁଃଖକଷ୍ଟ ବା ସୁଖସ୍ୱାଛନ୍ଦ୍ୟ, ଯନ୍ତ୍ରଣା ବା ବିଳାସବ୍ୟସନ, ଶୋକ ସନ୍ତାପ ବା ଆନନ୍ଦ ଲାଭ କରିଥାଏ, ତାହା ଈଶ୍ୱରଙ୍କ ବରଦାନ ବା ପ୍ରକୋପ ବୋଲି କେବେ କୁହାଯାଇ ପାରିବ ନାହିଁ । ଉଦାହରଣ ସ୍ୱରୂପ, କେହି ବ୍ୟକ୍ତି ଧନଶାଳୀ ହୋଇଯିବା ଏହାର ପ୍ରମାଣ ନୁହେଁ ଯେ ଈଶ୍ୱର ତା'ଉପରେ ଖୁସି ଅଛନ୍ତି । ଅଥବା ଏହା ମଧ୍ୟ ନୁହେଁ ଯେ କାହାର ଦାରୀଦ୍ର୍ୟ ବା ଅଭାବ ଅନାଟନ ଏହି କାରଣ ଯୋଗୁଁ ହୋଇଛି ଯେ ଈଶ୍ୱରଙ୍କ ଅସନ୍ତୋଷ ତା'ଉପରେ ପଡିଛି । ବରଂ ଏହି ଦୁଇଟିଯାକ ପରିସ୍ଥିତି ତାଙ୍କ ପାଇଁ ପରୀକ୍ଷାର ସଙ୍କଟ ସ୍ୱରୂପ, ଯଦ୍ୱାରା ଧନବାନକୁ ତାହାର ଧନ ଦ୍ୱାରା ଓ ଗରୀବକୁ ତାହାର ଅଭାବ ଦ୍ୱାରା ପରଖା ଯାଇପାରିବ । ସୁତରାଂ ଉପରେ ବର୍ଣ୍ଣିତ ଏହି ଚରୋଟିଯାକ ସତ୍ୟତା ପବିତ୍ର କୁରଆନରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି ।

(ବରାହିନେ ଅହମଦିୟା, ରୁହାନି ଖଜାଇନ୍, ପ୍ରଥମ ଖଣ୍ଡ, ପୃ ୪୪୪-୪୬୧, ପାଦଟିକା)

ଏହି ବିଷୟ ସ୍ଥାୟୀ ଭାବରେ ପ୍ରମାଣସିଦ୍ଧ ଯେ ବ୍ରହ୍ମାଣ୍ଡରେ ଦୃଷ୍ଟିଗୋଚର ହେଉଥିବା ଭୌତିକ ପଦାର୍ଥର ସ୍ଥାୟୀତ୍ୱ ଅପରିହାର୍ଯ୍ୟ ନୁହେଁ । ଉଦାହରଣ ସ୍ୱରୂପ, ପୃଥିବୀ ଏକ ବୃତ୍ତାକାର ପିଣ୍ଡ ଏବଂ କେତେକ ଭୂତତ୍ତ୍ୱବିତ୍‌ଙ୍କର ଆକଳନ ଅନୁଯାୟୀ ଏହାର ବ୍ୟାସ ପ୍ରାୟ ଆଠ ହଜାର ମାଇଲ । ତେବେ ଏହାର ଆକାର କାହିଁକି ଏପରି ହେଲା ତାହାର କୌଣସି ବଳିଷ୍ଠ କାରଣ ନାହିଁ । ଏହି ମୋଟେଇ କାହିଁକି ଆବଶ୍ୟକ ଓ ଏହା ଆକାରରେ ଆହୁରି ଅଧିକ ବଡ ହେବା ବା ଏହା ଠାରୁ ସାନ ହେବା କାହିଁକି ଅନୁମତି ସାପେକ୍ଷ ନୁହେଁ । ଏହି ଗୋଲାକାର ପିଣ୍ଡର ଆକୃତି ଏକ ଭିନ୍ନ ରୂପ ନେଲା ନାହିଁ କାହିଁକି ? ଯେତେବେଳେ ଏହା ସପକ୍ଷରେ କୌଣସି ଦଲିଲ୍ ସାବ୍ୟସ୍ତ ହୋଇନାହିଁ ଯେ ଏପରି ନିର୍ଦ୍ଦିଷ୍ଟ ବର୍ତ୍ତୁଳାକାର ଓ ମୋଟେଇ ଯାହା ମିଳିତ ହେବା ଫଳରେ ଏହାର ଅସ୍ତିତ୍ୱ ଗଠନ ସମ୍ଭବ ହୋଇଛି, ସେତେବେଳେ ପୃଥିବୀ ପାଇଁ ଏସବୁର ଆବଶ୍ୟକତା ରହିଲା ନାହିଁ ।

ତଦନୁରୂପ ସମସ୍ତ ବସ୍ତୁର ଅସ୍ତିତ୍ୱ ଓ କ୍ରମାଗତ ସଂଗଳନ ଅଦରକାରୀ ଜଣାପଡେ । ଏପରି କେତେକ ପରିସ୍ଥିତି ଉପୁଜୁଥିବାର ଆମ ନଜରକୁ ଆସେ ଯେ

ଅଧିକାଂଶ ବସ୍ତୁ ବିଲୋପ ହେବା ପାଇଁ ଆବଶ୍ୟକ ଉପାଦାନ ପ୍ରସ୍ତୁତ ହୋଇଯାଏ ଓ ଏହାର କ୍ରମାନ୍ୱୟ ପ୍ରକ୍ରୀୟା ବନ୍ଦ କରି ଦେବାର ଭୟ ସୃଷ୍ଟି ହୁଏ । ଅଥଚ ବିନାଶ ହେବା ସ୍ଥିତିରେ ତାହା ମୂଳପୋଛ ହୁଏ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, ଭୟଙ୍କର ମରୁଡି ଓ ଦୁର୍ବିପାକ ଆରମ୍ଭରୁ ପଡିଥିବା ସମୟରେ ମଧ୍ୟ ପ୍ରତ୍ୟେକ ପ୍ରକାର ଶସ୍ୟର ବୀଜ ତଥାପି ବଞ୍ଚିଯାଏ ଓ ସଦାସର୍ବଦା ଅକ୍ଷତ ଅବସ୍ଥାରେ ରହିଥାଏ । ବରଂ ଏହା ବୁଦ୍ଧିମାନର କଥା ଓ ଦାବି କରିବା ଅନିବାର୍ଯ୍ୟ ହୋଇଥାନ୍ତା ଯେ ହଜାର ହଜାର ଦୁଃଖ କ୍ଳେଶ ଓ ବିପତ୍ତି ଯାହା ଆରମ୍ଭରୁ ହିଁ ପୃଥିବୀକୁ ଆସୁଛି, ତାହା ଭୟଙ୍କର ମରୁଡି ଓ ଅନାହାରରେ ପ୍ରପୀଡିତ କରାଇଥାଏ । ଅଥଚ ସେହି ଫସଲହାନୀ ଦ୍ୱାରା ମନୁଷ୍ୟ ଜୀବନଧାରଣ ପନ୍ଥାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ଯୋଗୁଁ କେବେ କେବେ ଖାଦ୍ୟସାମଗ୍ରୀ ସଂପୂର୍ଣ୍ଣ ରୂପେ ଉଭେଇ ଯାଆନ୍ତା କିମ୍ବା ଉତ୍କଟ ମହାମାରୀ ଦ୍ୱାରା ମନୁଷ୍ୟ ଜାତିର ଅସ୍ତିତ୍ୱ ସଂପୂର୍ଣ୍ଣ ଲୋପ ପାଇଯାଆନ୍ତା ଅଥବା କେତେକ ପଶୁଙ୍କ ପ୍ରଜାତି ମୂଳରୁ ନିଶ୍ଚିହ୍ନ ହୋଇଯାଆନ୍ତା । ଏପରିକି ଦୈବାତ ସୂର୍ଯ୍ୟ ବା ଚନ୍ଦ୍ରର ସୁସଂଗଠିତ କାର୍ଯ୍ୟପ୍ରଣାଳୀ ସଂପୂର୍ଣ୍ଣ ବିଗିଡି ଯାଆନ୍ତା । ସେହିପରି ଅନ୍ୟାନ୍ୟ ଅସଂଖ୍ୟ ପଦାର୍ଥ ଯାହା ବିଶ୍ୱବ୍ରହ୍ମାଣ୍ଡର ସୁପରିଚାଳନା ପାଇଁ ଆବଶ୍ୟକ, ସେଥିମଧ୍ୟରୁ କେତେକ ଅଚଳ ହୋଇ ପଡନ୍ତା । କିନ୍ତୁ ଅପରପକ୍ଷେ ଦେଖାଯାଏ ଯେ ଏହି ସମ୍ଭାବନାର ବିପରୀତରେ କୋଟି କୋଟି ସଂଖ୍ୟକ ପଦାର୍ଥ ଏପରି ବିଶୃଙ୍ଖଳା ଓ ବିଭ୍ରାଟରୁ ମୁକ୍ତ ରହିଥାନ୍ତି ତଥା ସେଗୁଡିକ ଉପରେ କୌଣସି ବିପତ୍ତି ଆଦୌ ପଡି ନଥାଏ ।

ତେବେ ଏହାର ସାରମର୍ମ ହେଉଛି, ଯେଉଁ ପଦାର୍ଥ ନା କେବେ ତିଷ୍ଠି ରହିବା ଜରୁରୀ ନା ଚାଲୁ ରହିବା ଜରୁରୀ, ବରଂ ସେଗୁଡିକର କେବେ ନା କେବେ ବିଗିଡି ଯିବାର ସମ୍ଭାବନା ସେମାନଙ୍କର ଚାଲୁ ରହିବା ଅପେକ୍ଷା ଅଧିକ ରହିଥାଏ । ସେଗୁଡିକ ଉପରେ କୌଣସି ସମୟରେ ବିଳୟ ନଆସିବା, ସେମାନେ ସୁସଂଗଠିତ ଉପାୟରେ ସତ୍ତାକୁ ଆସିବା ଓ ଏକ ସୁଶୃଙ୍ଖଳିତ ଉପାୟରେ ନିଜ ସ୍ଥିତିରେ ଚାଲୁ ରହିବା ଏବଂ ତତ୍‌ସହିତ ବିଶ୍ୱଜଗତର କୋଟି କୋଟି ଅତ୍ୟାବଶ୍ୟକ ବସ୍ତୁ କ୍ରମାଗତ ଭାବରେ ଉପଲବ୍ଧ ହେବା ଇତ୍ୟାଦି ଏହାର ସ୍ପଷ୍ଟ ପ୍ରମାଣ ଦେଉଛି ଯେ ସେଗୁଡିକ ସକାଶେ ଏକ ଜୀବନ ପ୍ରଦାୟକ, ସଂରକ୍ଷକ ତଥା ପ୍ରତିପାଳକ ପରମସତ୍ତା ବିଦ୍ୟମାନ ଅଛନ୍ତି ଯେ କି ସର୍ବଗୁଣସଂପନ୍ନ ବିଶ୍ୱ ପରିଚାଳକ ପ୍ରଭୁ । ସେ ସର୍ବଜ୍ଞ,

ଅନନ୍ତ ଦୟାସାଗର, ସଦା କରୁଣାମୟ ଈଶ୍ୱର । ତାହାଙ୍କ ଉପରେ କଦାପି ମୃତ୍ୟୁ ଆସେ ନାହିଁ କି ତାଙ୍କର କେବେ କ୍ଷୟ ନାହିଁ । ତେଣୁ ସେ ଅମର, ଅକ୍ଷୟ, ଅବିନଶ୍ୱର । ଏପରି ସକଳ ଦୋଷତ୍ରୁଟିରୁ ସେ ପବିତ୍ର । ଏପରିକି ତାଙ୍କୁ ନିଦ୍ରା କିମ୍ବା ତନ୍ଦ୍ରା ଗ୍ରାସ କରେ ନାହିଁ, ଯାହା ମୃତବତ୍ ଅବସ୍ଥାରେ ପକାଇ ଦେଇଥାଏ ।

ସୁତରାଂ ସେ ହିଁ ସଂପୂର୍ଣ୍ଣ ନୈସର୍ଗୀକ ଗୁଣର ସମାହାର, ଯିଏ ନିଜର ପରିପୂର୍ଣ୍ଣ ବୌଦ୍ଧିକ ଶକ୍ତି ଓ ଜ୍ଞାନକୌଶଳ ଦ୍ୱାରା ବ୍ରହ୍ମାଣ୍ଡକୁ ସତ୍ତାକୁ ଆଣିଲେ ଏବଂ ଅବିଦ୍ୟମାନତାର ଅସ୍ତିତ୍ୱକୁ ଆସିବା ପାଇଁ ସଠିକ୍ ନିରୁପଣ ଦ୍ୱାରା ଓ ସମୁଚିତ ଉପାୟରେ ସୃଷ୍ଟିର ସଂରଚନା କଲେ । ତାହାଙ୍କର ନିଖୁଣ କାରୁକାର୍ଯ୍ୟ, ସର୍ବଶ୍ରେଷ୍ଠ ସୃଜନାତ୍ମକ ଶୈଳୀ, ତାହାଙ୍କ ରବୁବିୟତ୍ (ପାଳନକର୍ତ୍ତା) ହେବାର ବୈଶିଷ୍ଟ୍ୟ ପ୍ରତିପାଦନ କରେ । ସେ ସ୍ୱୟଂ ପ୍ରତିଷ୍ଠିତ ହୋଇଥିବାର ପ୍ରଦର୍ଶନ ଏବଂ ତାହାଙ୍କ ଏକକ ସତ୍ତାର ଘୋଷଣା ଦୃଷ୍ଟିରୁ ସେ ହିଁ ଏକମାତ୍ର ଉପାସନାର ଅଧିକାରୀ ବୋଲି ସାବ୍ୟସ୍ତ ହେଉଛି ।

ଏହି ପ୍ରସଙ୍ଗରେ ପବିତ୍ର କୁରଆନର ନିମ୍ନୋକ୍ତ ପଙ୍କ୍ତିର ଅନୁବାଦ ଏହିପରି ଦେଖିବାକୁ ମିଳିଥାଏ ।

اَللّٰهُ لَآ اِلٰهَ اِلَّا هُوَ ۚ اَلْحَیُّ الْقَیُّوْمُ ۚ۬ لَا تَاْخُذُهٗ سِنَةٌ وَّلَا نَوْمٌ ؕ
لَهٗ مَا فِی السَّمٰوٰتِ وَمَا فِی الْاَرْضِ

**ଅଲ୍ଲାହୁ ଲା' ଇଲାହା ଇଲ୍ଲାହୁୱା ଅଲ୍‌ହୟୁଲ୍ କୟୁମ୍; ଲା ତା'ଖୁଜୁହୂ ସିନତୁଁ ୱଲାନୌମ; ଲହୁ ମା'ଫିସ୍ ସମାୱାତି ୱମା ଫିଲ୍‌ଅରଜ୍**

*(ଅଲ ବକରା 2:256)*

ଅର୍ଥାତ 'ସେହି ଅଲ୍ଲାଃ, ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ, ସେ ଚିରଞ୍ଜୀବି ଓ ସ୍ୱୟଂ ପ୍ରତିଷ୍ଠିତ; ସେ ସମସ୍ତଙ୍କର ପ୍ରତିଷ୍ଠାତା । ତାଙ୍କୁ ତନ୍ଦ୍ରା ଓ ନିଦ୍ରା ସ୍ପର୍ଶ କରେ ନାହିଁ, ଯାହା କିଛି ଆକାଶରେ ଓ ଯାହା କିଛି ପୃଥିବୀରେ ଅଛି, ତାହା ତାଙ୍କରି ।'

ଏହାକୁ ନ୍ୟାୟପୂର୍ଣ୍ଣ ଦୃଷ୍ଟିରେ ଦେଖିଲେ ଜଣାପଡେ ଯେ ପବିତ୍ର କୁରଆନର ଏହି ପଙ୍କ୍ତି କେତେ ସୁନ୍ଦର ଓ ସାବଲୀଳ ଢ଼ଙ୍ଗରେ ସୃଷ୍ଟିକର୍ତ୍ତାଙ୍କ ଅସ୍ତିତ୍ୱକୁ ଉଚ୍ଚ ମର୍ଯ୍ୟାଦା ସହକାରେ ବର୍ଣ୍ଣନା କରିଛି । ପରମ ସ୍ରଷ୍ଟାଙ୍କ ନିର୍ଭୁଲ କାରୁକାର୍ଯ୍ୟର

ସମର୍ଥନରେ କିପରି ଏହି ଐଶି ପରାକାଷ୍ଠାର ପ୍ରଦର୍ଶନ ଯୋଗୁଁ ତାଙ୍କ ନିଜସ୍ୱ ଗୁଣାବଳୀର ସୌନ୍ଦର୍ଯ୍ୟ ଫୁଟି ଉଠିଛି । ଏହି ଦିବ୍ୟ ପଙ୍କ୍ତିର ମାତ୍ର ଅଳ୍ପ କେତୋଟି ଶବ୍ଦ ମଧ୍ୟରେ କିଭଳି ଲୁଚି ରହିଛି ଅଗାଧ ଜ୍ଞାନର ରହସ୍ୟ! ଜଣେ ପରିପକ୍ୱ ବିଜ୍ଞାଣୀ ପରି ତାଙ୍କ ବାଣୀରେ କିପରି ଭରି ରହିଛି ବିଶ୍ୱ ନିର୍ମାଣ କୌଶଳଜନିତ ସୂକ୍ଷ୍ମତତ୍ତ୍ୱ! ସେହି ପରମ ବିଶ୍ୱକର୍ମାଙ୍କ ଦକ୍ଷତାର ପ୍ରମାଣରେ ଏହି ମହାପଙ୍କ୍ତି କିପରି ହୋଇ ଯାଇଛି ଋଦ୍ଧିମନ୍ତ! 'ମା' ଫିସ୍ ସମାୱାତି ୱମାଫିଲ୍ ଅର୍‌ଜେ' ଅର୍ଥାତ ଯାହାକିଛି ଆକାଶରେ ଓ ଯାହା କିଛି ପୃଥିବୀରେ ଅଛି; ସେ ସବୁରି ପାଇଁ ଏପରି ବଳିଷ୍ଠ ପ୍ରମାଣ ଦ୍ୱାରା ଏକ ସଂପୂର୍ଣ୍ଣ ସୃଜନାତ୍ମକ ଗୁଣଧାରୀ ବିଧାତାଙ୍କ ଅସ୍ତିତ୍ୱକୁ ସାବ୍ୟସ୍ତ କରି ଦେଖାଇଲେ, ଯାହାର ଉତ୍କୃଷ୍ଟ ଓ ବ୍ୟାପକ ବ୍ୟାଖ୍ୟାନର ସମ ପରିମାଣରେ କୌଣସି ଦାର୍ଶନିକ ଆଜି ପର୍ଯ୍ୟନ୍ତ ବର୍ଣ୍ଣନା କରିବାକୁ ସକ୍ଷମ ହୋଇନାହାନ୍ତି ।

ବରଂ ତ୍ରୁଟିଯୁକ୍ତ ବୁଦ୍ଧିସଂପନ୍ନ ଦାର୍ଶନିକମାନେ ଏହି କଥା ଭଲ ବୋଲି ବିଚାରିବାକୁ ସକ୍ଷମ ହୋଇ ନାହାନ୍ତି ଯେ ଆତ୍ମା ଓ ଶରୀରକୁ ସୃଷ୍ଟି କରାଯାଇଛି ତଥା ସେମାନେ ଚିରସ୍ଥାୟୀ କି ଅମର ନୁହନ୍ତି । ସେହିସବୁ ତତ୍ତ୍ୱବିତ୍‌ମାନଙ୍କ ପାଇଁ ଏହି ଭେଦ ଅଜଣା ହୋଇ ରହି ଆସିଛି ଯେ ବାସ୍ତବ ଜୀବନ, ବାସ୍ତବ ଅସ୍ତିତ୍ୱ ଓ ପ୍ରକୃତ ତିଷ୍ଠି ରହିବାର ପନ୍ଥା କେବଳ ଈଶ୍ୱରଙ୍କ ନିମନ୍ତେ ପ୍ରଣୀଧାନ । ଏହି ଗଭୀର ତାତ୍ତ୍ୱିକ ଜ୍ଞାନ ଉପରୋକ୍ତ ପଙ୍କ୍ତିରୁ ମନୁଷ୍ୟକୁ ହାସଲ ହୋଇଥାଏ, ଯହିଁରେ ଈଶ୍ୱର କହିଛନ୍ତି ଯେ ଜୀବନର ବାସ୍ତବ ସ୍ୱରୂପ ଓ ବଞ୍ଚି ରହିବାର ପ୍ରକୃତ ସାଧନ କେବଳ ଅଲ୍ଲାଃଙ୍କ ନିମନ୍ତେ ପ୍ରାପ୍ତ ହୋଇଥାଏ ଯେ କି ପରିପୂର୍ଣ୍ଣ ଗୁଣାବଳୀର ସମାହାର । ତାହାଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁକୁ ବାସ୍ତବ ସତ୍ତା ଓ ବାସ୍ତବ ପ୍ରତିଷ୍ଠା ହାସଲ ହୁଏ ନାହିଁ । ଏହି ବିଷୟକୁ ବିଶ୍ୱସ୍ରଷ୍ଟାଙ୍କ ଆବଶ୍ୟକତା ସକାଶେ ତର୍କସିଦ୍ଧ ଓ ଯୁକ୍ତିଯୁକ୍ତ ପ୍ରମାଣ ଦିଆଯାଇଛି ଏବଂ କୁହାଯାଇଛି ଯେ **'ଲହୁ ମା'ଫିସ୍ ସମାୱାତି ୱଲ୍ ଅର୍ଜ'** । ଏହାର ତାତ୍ପର୍ଯ୍ୟ ହେଉଛି, ବିଶ୍ୱ ନା ବାସ୍ତବରେ ସ୍ୱୟଂ ବିଦ୍ୟମାନ ବା ଆପଣା ଛାଏଁ ସତ୍ତାକୁ ଆସିଛି ନା ବାସ୍ତବରେ ପ୍ରାଣ ଧାରଣ କରିଛି । ବରଂ ନିଶ୍ଚିତ ଭାବରେ ଏହା ଆବଶ୍ୟକ କରେ ଏକ କର୍ମ ନୈପୁଣ୍ୟର କାରଣକୁ, ଯାହା ମାଧ୍ୟମରେ ବିଶ୍ୱ ଜୀବନଶକ୍ତି ପାଏ ଓ ଅବିରତ ଭାବେ ଏହି ପ୍ରକ୍ରୀୟା ଚାଲୁ ରହେ । ଏହା ମଧ୍ୟ ଆବଶ୍ୟକ ହୁଏ ଯେ ଏହି ଦକ୍ଷତାର କାରଣ ଯୋଗୁଁ ସମସ୍ତ ନୈସର୍ଗୀକ ଗୁଣାବଳୀ

ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ହୋଇଥିବାର ବୁଝାପଡିବ । ତେବେ ଏହି କର୍ମ କୁଶଳତାର କାରଣ ସେହି ପରମସତ୍ତାଙ୍କ ଇଚ୍ଛାରେ ପରିଚାଳିତ ବୋଲି ବିଶ୍ୱକୁ ନିୟନ୍ତ୍ରଣ କରିବା ଉଚିତ । ସେହି କାରଣ ଏକ ସର୍ବଜ୍ଞ ଓ ଅଦୃଶ୍ୟ ରହସ୍ୟମୟ ତତ୍ତ୍ୱ ବୋଲି ଜାଣିବା ଉଚିତ । ସେ ହିଁ ନିଶ୍ଚିତ ରୂପେ ଅଲ୍ଲାଃ, ଅନାଦି ପରମ କାରଣ ।

ପବିତ୍ର କୁରଆନର ଏହା ହିଁ ଭାଷାଗତ ବିଶେଷ ରୀତିର ପ୍ରୟୋଗ, ଯହିଁରେ ଅଲ୍ଲାଃ ପରମବ୍ରହ୍ମ ହେଉଛି ସେହି ଅସ୍ତିତ୍ୱର ନାମ ଯେକି ସମସ୍ତ ଉତ୍କର୍ଷତାର ପ୍ରତୀକ, ଏକ ପରିପୂର୍ଣ୍ଣ ବୋଧଗମ୍ୟତାର ମୂଳ ଉତ୍ସ । ଏହି କାରଣରୁ ପବିତ୍ର କୁରଆନରେ ଅଲ୍ଲାଃଙ୍କ ନାମକୁ ସକଳ ଐଶି ଗୁଣାବଳୀର ପରିପୂର୍ଣ୍ଣ ସମାହାର ରୂପେ ଅଭିହିତ କରାଯାଇଛି । ଅନେକ ସ୍ଥାନରେ କୁହାଯାଇଛି ଯେ ଅଲ୍ଲାଃ ହେଉଛନ୍ତି ସେହି ଯେକି 'ରବ୍‌ବୁଲ୍ ଆ'ଲମିନ୍' (ସମସ୍ତ ଜଗତର ପାଳନକର୍ତ୍ତା), ସେ ରହମାନ (ଅଶେଷ ଦୟାବାନ), ସେ ରହିମ୍ (ସଦା କରୁଣାମୟ), ତାଙ୍କ ଇଚ୍ଛାରେ ସମଗ୍ର ବିଶ୍ୱର ପରିଚାଳନା ନିୟନ୍ତ୍ରିତ, ସେ ସର୍ବଜ୍ଞ, ସର୍ବକର୍ତ୍ତୃକ ଓ ସର୍ବଶକ୍ତିମାନ । ସେ ଅଦୃଶ୍ୟ ରହସ୍ୟମୟ, ସେ ଅନନ୍ତ, ଶାଶ୍ୱତ ଓ ସଦା ପ୍ରତିଷ୍ଠିତ ଇତ୍ୟାଦି । ସୁତରାଂ ପବିତ୍ର କୁରଆନର ଏହା ଏକ ଭାଷା ଚାତୁରୀର ନିଦର୍ଶନ ଯେ ଅଲ୍ଲାଃ ଏପରି ଏକ ପୂର୍ଣ୍ଣାଙ୍ଗ ଅସ୍ତିତ୍ୱ ଯାହାଙ୍କ ନାମ ହେଉଛି ସକଳ ଦିବ୍ୟଗୁଣର ବ୍ୟାପକ ସମାହାର । ସେଥିଯୋଗୁଁ ଏହି କୁରଆନ ପଙ୍‌କ୍ତି ଅଲ୍ଲାଃଙ୍କ ନାମ ସହିତ ଆରମ୍ଭ ହୋଇଛି ଓ ଆଗକୁ ଏହିପରି କୁହାଯାଇଛି:

اَللّٰهُ لَآ اِلٰهَ اِلَّا هُوَ ۚ اَلْحَیُّ الْقَیُّوْمُ

**ଅଲ୍ଲାହୁ ଲାଇଲାହା ଇଲ୍ଲାହୁୱା ଅଲ୍‌ହୟୁଲ୍ କୟୁମ୍;**

ଅର୍ଥାତ 'ଏହି କ୍ଷଣିକ ଭବସଂସାରକୁ ବଜାୟ ରଖିଥିବା ଏକ ଜୀବନ ସଂରକ୍ଷକ, ଯାହାଙ୍କ ଠାରେ ସମସ୍ତ ଉତ୍କର୍ଷତା ଠୁଳ ହୋଇ ରହିଛି ।'

ଏହା ସେହି ବିଷୟ ଆଡକୁ ସଙ୍କେତ କରୁଛି ଯେ ଏପରି ଅସ୍ପଷ୍ଟ ଧାରଣା ପୋଷଣ କରିବା ଭୁଲ ହେବ, ଯେତେବେଳେ ଏହି ବିଶ୍ୱ ଏକ ନିର୍ଭୁଲ କ୍ରମରେ ସଂଚାଳିତ ହେବା ଦେଖାଯାଉଛି ଓ ଯେପରି ସୁଶୃଙ୍ଖଳିତ ଉପାୟରେ ସଜ୍ଜିତ ହୋଇ ରହିଛି । ସେପରି ସ୍ଥଳେ ସେଥି ମଧ୍ୟରୁ କେତେକ ପଦାର୍ଥ ଅନ୍ୟ କେତେକ

ପଦାର୍ଥ ଠାରୁ ଉତ୍ପନ୍ନ ହେବାର କାରଣ କିପରି ହୋଇପାରିବ ? ବରଂ ସୃଷ୍ଟିର ଘଟଣା ଯାହା ଗୁଢ଼ ରହସ୍ୟରେ ଭରି ରହିଛି, ତାହାର ଉତ୍ପତ୍ତି ପାଇଁ ଜଣେ ସୃଷ୍ଟିକର୍ତ୍ତା ଆବଶ୍ୟକ ହେଉଛି ଯିଏ କି ସମଗ୍ର ସୃଷ୍ଟି ଜଗତକୁ ନିଜ ନିୟନ୍ତ୍ରଣାଧୀନରେ ରଖି ନିଜ ଇଚ୍ଛାରେ ପରିଚାଳନା କରୁଛନ୍ତି । ସେ ନିଶ୍ଚିତ ରୂପେ ସର୍ବଜ୍ଞ ଓ ଚତୁର ବୁଦ୍ଧିସଂପନ୍ନ ଅଦୃଶ୍ୟ ସତ୍ତା ହୋଇଥିବେ । ସେ ସଦା କରୁଣାମୟ ଓ ଚିର ଶାଶ୍ୱତମୟ ପ୍ରଭୁ, ନିଜର ସକଳ ଗୁଣଗାରିମା ଦ୍ୱାରା ବିଶ୍ୱକୁ ପରିବେଷ୍ଟନ କରି ରଖିଛନ୍ତି । ସେ ହିଁ ଏକାକୀ ଅଲ୍ଲାଃ ଜଗଦୀଶ୍ୱର, ଯିଏ ନିଜ ଅସ୍ତିତ୍ୱରେ ସର୍ବଶ୍ରେଷ୍ଠ ପରିପୂର୍ଣ୍ଣତା ଲାଭ କରିଛନ୍ତି ।

ବିଶ୍ୱର ସୃଷ୍ଟିକର୍ତ୍ତା ରୂପେ ସ୍ୱୟଂ ଅଧିଷ୍ଠିତ ହେବା ପରେ ଓ ତାହାଙ୍କ ଅସ୍ତିତ୍ୱର ନିଚ୍ଛକ ପ୍ରମାଣ ପାଇବା ପରେ ଜଣେ ସତ୍ୟର ସନ୍ଧାନୀକୁ ଏହା ବୁଝିବା ଜରୁରୀ ଥିଲା ଯେ ସେହି ସ୍ରଷ୍ଟାଙ୍କର କେହି କୌଣସି ପ୍ରକାରେ ସମକକ୍ଷ ହେବା କଦାପି ସମ୍ଭବ ନୁହେଁ । କାରଣ ସେ ସଂପୂର୍ଣ୍ଣ ଆତ୍ମ ନିର୍ଭରଶୀଳ ଓ ତାଙ୍କର କେହି ସହଯୋଗୀ ନଥିବା କାରଣରୁ ସେ ପ୍ରତ୍ୟେକ ପ୍ରକାର ସଂଯୋଗୀକରଣ ବା ସଂଶ୍ଳିଷ୍ଟ ହେବା ପ୍ରକ୍ରୀୟାରୁ ପବିତ୍ର ।

ଏ ସଂକ୍ରାନ୍ତରେ ନିମ୍ନୋକ୍ତ ବାଣୀରୁ ସୂଚନା ମିଳିଥାଏ :

قُلْ هُوَ اللّٰهُ اَحَدٌ - اَللّٰهُ الصَّمَدُ - ١ - ٢

**କୁଲହୁ ଅଲ୍ଲାହୁ ଆହଦ୍ ; ଅଲ୍ଲାହୁସ୍ ସମଦ୍ ।** *(ଅଲ ଇଖଲାସ୍ 112: 2-5)*

ଅର୍ଥାତ 'ତୁମେ କହୁଥାଅ, ଅଲ୍ଲାଃ ଏକ ଓ ଅଦ୍ୱିତୀୟ । ସେ ସ୍ୱାଧୀନ ଓ କାହାରି ଉପରେ ନିର୍ଭରଶୀଳ ନୁହନ୍ତି ।' ଏଠାରେ ଧ୍ୟାନ ଦେବାକୁ ହେବ ଯେ ଏହି ସଂକ୍ଷୀପ୍ତ ବାକ୍ୟରେ କିପରି ସୂକ୍ଷ୍ମ ଓ ଉଚ୍ଚକୋଟୀର ବ୍ୟାଖ୍ୟା କରାଯାଇ ଇଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ରୂପେ ପ୍ରଦର୍ଶିତ କରାଯାଇଛି । ସେ ପ୍ରତ୍ୟେକ ପ୍ରକାର ସହଯୋଗୀତା ଓ ସହଭାଗୀତାରୁ ମୁକ୍ତ ବୋଲି ଦର୍ଶାଯାଇଛି । ଏହି ସହଯୋଗର ସଂପର୍କକୁ ବୁଦ୍ଧି ଦ୍ୱାରା ବିବେଚନା କଲେ ତାହା ଚାରିପ୍ରକାର ହେବ । ଏହି ସହଭାଗୀତା କେବେ ସଂଖ୍ୟାଗତ ଦୃଷ୍ଟିରୁ ହୋଇପାରେ ତ ଆଉ କେବେ ପଦ, ସ୍ତର, ମାନ୍ୟତା କିମ୍ବା ପ୍ରଭାବ ଦୃଷ୍ଟିରୁ । ସୁତରାଂ ଏହି ଅଧ୍ୟାୟରେ ସେହି ଚାରିପ୍ରକାରର ସହଭାଗୀତାରୁ ଇଶ୍ୱର ପବିତ୍ର ହେବା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଏହା ମଧ୍ୟ ସ୍ପଷ୍ଟ ରୂପେ

ଦର୍ଶାଇ ଦିଆଯାଇଛି ଯେ ଈଶ୍ୱର ସଂଖ୍ୟା ଦୃଷ୍ଟିରୁ ଏକ ଏବଂ ଅଦ୍ୱିତୀୟ । ସେ ସଂଖ୍ୟାରେ ଦୁଇ କିମ୍ବା ତିନି ନୁହନ୍ତି । ଅର୍ଥାତ ତାଙ୍କୁ ଭାଗ ଭାଗ କରି ହେବ ନାହିଁ କି ବହୁଗୁଣିତ କରି ହେବ ନାହିଁ । ସେ ପୁଣି **'ସମଦ୍'** ଅର୍ଥାତ ସମସ୍ତେ ତାହାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ । କିନ୍ତୁ ସେ କାହା ଉପରେ ନିର୍ଭରଶୀଳ ନୁହନ୍ତି । ସେ ଏକାକୀ ସ୍ୱୟଂ ବିଦ୍ୟମାନ, ଯେତେବେଳେ କି ପ୍ରତ୍ୟେକ ପ୍ରାଣୀ ପରିସ୍ଥିତିର ଦାସ ଓ ଅନିଶ୍ଚିତ ଘଟଣା ଉପରେ ନିର୍ଭର କରିଥାନ୍ତି । ତେଣୁ ପ୍ରତ୍ୟେକ ପଦାର୍ଥ ମୃତ୍ୟୁର ଅଧୀନ ଓ ତାହାଙ୍କ ଉପରେ ସଦା ନିର୍ଭରଶୀଳ । ପୁନଶ୍ଚ ସେ **'ଲମ୍ ୟଲିଦ୍'** ଅର୍ଥାତ ତାଙ୍କର କେହି ପୁତ୍ର ନାହାନ୍ତି ଯେ କି ତାଙ୍କର ଅଂଶୀଦାର ବୋଲି ଦାବି କରିପାରିବ । ସେ ପୁଣି **'ଲମ୍ ୟୁଲଦ୍'** ଯାହାର ଅର୍ଥ ତାଙ୍କର କେହି ପିତା ନାହାନ୍ତି, ଯଦ୍ୱାରା ତାଙ୍କର ଅଖଣ୍ଡ କ୍ଷମତାକୁ କେହି ବିଭାଜିତ କରିପାରିବ । ଏବଂ ସେ **'ୱ୍ଲମ୍ ୟକୁଲ୍ଲହୁ କୁଫୁଓ୍ୱନ୍'** ଅର୍ଥାତ ତାହାଙ୍କ କାର୍ଯ୍ୟରେ ନା କେହି କେବେ ସମାନ ହୋଇପାରିବେ, ଯିଏକି ଶକ୍ତି ଓ ପାରଦର୍ଶୀତାରେ ସମଭାଗୀ ହୋଇଥିବାର ଦାବି କରିବ । ସୁତରାଂ ଏଥିରୁ ସ୍ପଷ୍ଟ ହୋଇଗଲା ଯେ ଏହି ଚରିପ୍ରକାର ସହଭାଗୀତା ମଧ୍ୟରୁ ଯେ କୌଣସି ଗୋଟିକରେ ହେଲେ ସୁଦ୍ଧା ସେ ତହିଁରୁ ମୁକ୍ତ । ପୁନଶ୍ଚ ସେ ଏକ ଓ ଅଭିନ୍ନ, ସେ ଅନନ୍ୟ ଓ ଅଦ୍ୱିତୀୟ, ଯାହାଙ୍କର କେହିହେଲେ ସହଯୋଗୀ ନାହାନ୍ତି ।

ତେବେ ତାଙ୍କର କେହି ସମକକ୍ଷ ନଥିବା ଓ ତାହାଙ୍କ ଏକତ୍ୱର ସମର୍ଥନରେ ପବିତ୍ର କୁରଆନ ନିମ୍ନୋକ୍ତ ପଙ୍କ୍ତିରେ ଏକ ବଳିଷ୍ଠ ଯୁକ୍ତି ବାଢ଼ିଥାଏ ।

لَوْ كَانَ فِيهِمَآ ءَالِهَةٌ إِلَّا ٱللَّهُ لَفَسَدَتَا

**ଲୌ କା' ନା ଫିହୀମା ଆଲିହତୁନ୍ ଇଲ୍ଲଲ୍ଲାହୁଲ ଫସଦତା**

*(ଅଲ ଅମ୍ବିଯା **21:23**)*

وَمَا كَانَ مَعَهُۥ مِنْ إِلَٰهٍ ـ

**ମା' କା ନା ମାଆହୁ ମିନ୍ ଇଲାହିନ୍ ।** *(ଅଲ ମୁ'ମିନୁନ୍ **23:92**)*

ଅର୍ଥାତ 'ଯଦି ଆକାଶ ଓ ପୃଥିବୀରେ ଉତ୍କୃଷ୍ଟ ଗୁଣାବଳୀର ସମାହାର ହୋଇଥିବା ପରମସତ୍ତା ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଥା'ନ୍ତେ, ତା'ହେଲେ ଏହି ଦୁଇଟିଯାକ ବିଗିଡି ଯାଇଥା'ନ୍ତେ ଓ କେବେ ଠାରୁ ଧ୍ୱଂସ ହୋଇ ଯାଆନ୍ତେ ।'

କାରଣ ଦୁଇ ବା ତତୋଽଧିକ ଈଶ୍ୱରୀୟ ଗୋଷ୍ଠୀ ଗୋଟିଏ ଅନ୍ୟଟିର ବିରୁଦ୍ଧରେ କାର୍ଯ୍ୟ କରିବା ଦ୍ୱାରା ଏହି ପରସ୍ପର ବିରୋଧି ଆଚରଣ ଯୋଗୁଁ ବିଶ୍ୱ ସଂରଚନା ଓ ପରିଚାଳନାଗତ ବିଭ୍ରାଟ ସୃଷ୍ଟି ହୋଇଥାଆନ୍ତା । ଅଧିକନ୍ତୁ ଭିନ୍ନ ଭିନ୍ନ ସ୍ରଷ୍ଟା ହୋଇଥିଲେ ତନ୍ମଧ୍ୟରୁ ପ୍ରତ୍ୟେକ ଆପଣାକୁ ଏକତ୍ୱର ଦ୍ୱାହି ଦେଇ ସ୍ୱୟଂକୃତ ସୃଷ୍ଟିର କଲ୍ୟାଣ ଚାହୁଥା'ନ୍ତା ଓ ସେମାନଙ୍କ ଆରାମ ପାଇଁ ଅନ୍ୟମାନଙ୍କୁ ନଷ୍ଟଭ୍ରଷ୍ଟ କରି ଚାଲନ୍ତା । ଏପରି ଭାବରେ ତାହା ବିଶ୍ୱରେ ମହାଜାଗତିକ ବିଶୃଙ୍ଖଳାର କାରଣ ହୋଇଥା'ନ୍ତା ।

ତା'ପରେ ଏପରି କୁହାଯାଇଛି :

قُلِ ادْعُوا الَّذِيْنَ زَعَمْتُمْ مِّنْ دُوْنِهٖ فَلَا يَمْلِكُوْنَ كَشْفَ الضُّرِّ عَنْكُمْ وَلَا تَحْوِيْلًا

**କୁଲିଦ୍ ଉଲ୍‌ଲଜିନା ଜା ଅମ୍‌ତୁମ୍ ମିନ୍‌ଦୁନିହୀ ଫଲା ୟମ୍‌ଲିକୁନା କଶ୍ ଫଜ୍‌ଜୁର୍‌ରେ ଅନ୍‌କୁମ ୱ୍ଲା' ତହ୍‌ୱିଲା ।** *(ବନି ଇସ୍ରାଇଲ୍ 17:57)*

ଅର୍ଥାତ 'ଯେଉଁମାନେ ମୁଶରିକ୍ ଓ ମୁନ୍‌କିର (ଅନେକେଶ୍ୱରବାଦୀ ଓ ଏକ ଈଶ୍ୱରଙ୍କର ଅସ୍ତିତ୍ୱର ଅମାନ୍ୟକାରୀ) ତୁମେ ସେମାନଙ୍କୁ କୁହ ଯେ ଯଦି ଈଶ୍ୱରଙ୍କ କାରଖାନାରେ ଅନ୍ୟ କେହି ବି ସମକକ୍ଷ ଥିବାର କିମ୍ବା ବର୍ତ୍ତମାନର ପାର୍ଥିବ ଉପାଦାନ ସ୍ୱୟଂପର୍ଯ୍ୟାପ୍ତ ବୋଲି ଦାବି କରାଯାଉଛି, ଯେବେ କି ଇସଲାମର ସତ୍ୟତାର ପ୍ରମାଣ ଓ ଏହାର ଗୌରବକୁ ତୁଳନା କରି ତୁମେମାନେ କୋପଗ୍ରସ୍ତ ହେଉଅଛ । ତେବେ ତୁମେ ଉପରୋକ୍ତ ସହଯୋଗୀମାନଙ୍କୁ ନିଜର ସହାୟତା ପାଇଁ ଡାକ ଏବଂ ମନେରଖ ଯେ ସେ କଦାପି ତୁମ ଦୁର୍ଦ୍ଦଶାକୁ ଲାଘବ କରିପାରିବେ ନାହିଁ କି ତୁମ ମୁଣ୍ଡ ଉପରେ ଝୁଲୁଥିବା ବିପଦକୁ ଟାଳି ପାରିବେ ନାହିଁ ।'

ହେ ରସୁଲ ! ସେହି ମୁଶରିକମାନଙ୍କୁ କହିଦିଅ ଯେ ଈଶ୍ୱରଙ୍କ ସହିତ ସମକକ୍ଷ ମନେ କରୁଥିବା ସେହି ଦ୍ୱିତୀୟ ଈଶ୍ୱରମାନଙ୍କୁ ଯେଉଁମାନଙ୍କର ତୁମେ ପୂଜା କରୁଅଛ, ମୋର ମୁକାବିଲା ପାଇଁ ଡାକ ଏବଂ ଆମକୁ ପରାସ୍ତ କରିବାର ଯେତେ ଯାହା ଫନ୍ଦିଫିକର କରିବାର ଅଛି, ସେ ସବୁ ଅବଶ୍ୟ କର ଓ ଏହି ଗତିରେ ବିରାମ ପାଇଁ କାହାକୁ ପ୍ରଶୟ ଦିଅ ନାହିଁ । ତଥାପି ଏହା ବୁଝିନିଅ ଯେ ମୋର ସାହାଯ୍ୟକାରୀ ଓ ସମର୍ଥକ ହେଉଛନ୍ତି ସେହି ଈଶ୍ୱର ଯେ କି ପବିତ୍ର କୁରଆନ ବାଣୀ ଅବତୀର୍ଣ୍ଣ କରିଛନ୍ତି ।

ସେ ନିଜର ସତ୍ୟନିଷ୍ଠ ଅବତାର ଓ ପୂଣ୍ୟାତ୍ମା ରସୁଲମାନଙ୍କର ସାହାଯ୍ୟକର୍ତ୍ତା ସାଜିଛନ୍ତି ଓ ସେମାନଙ୍କର ପୃଷ୍ଠପୋଷକତା କରୁଛନ୍ତି । ମାତ୍ର ଯେଉଁମାନଙ୍କ ଠାରୁ ତୁମେ ସହାୟତା ଲୋଡୁଅଛ, ସେମାନଙ୍କର ନା ତୁମକୁ ସାହାଯ୍ୟ କରିବାର ଶକ୍ତି ଅଛି ନା ସେ ସ୍ୱୟଂ ଆପଣାକୁ ସାହାଯ୍ୟ କରିପାରିବେ ।

ତତ୍‌ପରେ ପବିତ୍ର କୁରଆନ ପ୍ରକୃତିର ନିୟମ ମାଧ୍ୟମରେ ଏହା ପ୍ରମାଣିତ କରେ ଯେ ପରମେଶ୍ୱର ପ୍ରତ୍ୟେକ ପ୍ରକାର ଦୋଷତ୍ରୁଟିରୁ ପବିତ୍ର ଓ ଅଭାବ ଶୂନ୍ୟ ।

**تُسَبِّحُ لَهُ السَّمٰوٰتُ السَّبْعُ وَالْاَرْضُ وَمَنْ فِيْهِنَّ الخ-**

**ତୁସବ୍‌ବିହୁ ଲହୁସ୍ ସମାୱାତୁସ୍ ସବ୍‌ଉ ୱଲ୍ ଅର୍‌ଜୁ ୱମନ୍ ଫିହିନ୍ନା ।**

*(ବନି ଇସ୍ରାଇଲ୍ 17:45)*

'ସପ୍ତ ଆକାଶ ଓ ପୃଥିବୀ ତଥା ତହିଁରେ ଥିବା ସକଳ ଉପାଦାନ ତାହାଙ୍କର ଗୁଣଗାନ କରୁଛନ୍ତି । ଏପରି କିଛି ହେଲେ ନାହିଁ, ଯାହା ତାଙ୍କର ପ୍ରଶଂସାଗାନ କରୁନାହାନ୍ତି । କିନ୍ତୁ ସେହି ଗୁଣଗାନର ମହତ୍ତ୍ୱକୁ ତୁମେ ହୃଦୟଙ୍ଗମ କରୁନାହଁ ।'

ଅନ୍ୟ ଅର୍ଥରେ ପୃଥିବୀ ଓ ଆକାଶ ପ୍ରତି ଅନୁଧ୍ୟାନ କଲେ ଈଶ୍ୱର ସ୍ୱୟଂ ସଂପୂର୍ଣ୍ଣ ଓ ପବିତ୍ର ହେବା ତଥା ତାଙ୍କର କେହି ଜନ୍ମିତ ପୁତ୍ର ଓ ସହାୟକ ନଥିବା ବିଷୟ ପ୍ରମାଣିତ ହେଉଛି । କିନ୍ତୁ ଏହି ତତ୍ତ୍ୱ କେବଳ ସେହିମାନଙ୍କ ସକାଶେ ପ୍ରଜୁଯ୍ୟ, ଯେଉଁମାନେ ବୁଝିବାର ସାମର୍ଥ୍ୟ ରଖିଛନ୍ତି । ପୁଣି ଏହାପରେ ଈଶ୍ୱର ଆଂଶିକ ରୂପେ ସୃଷ୍ଟିର ଉପାସକମାନଙ୍କୁ ଦୋଷୀ ସାବ୍ୟସ୍ତ କଲେ ଓ ସେମାନେ ଅପରାଧ କରିଥିବାର ପ୍ରକାଶ କଲେ । ଏବଂ କହିଲେ :

**قَالُوا اتَّخَذَ اللّٰهُ وَلَدًا سُبْحٰنَهٗ هُوَ الْغَنِيُّ الخ-**

**କାଲୁତ୍ ତଖଜଲ୍ଲାହୁ ୱଲଦନ୍ ସୁବ୍‌ହାନହୂ ; ହୁୱଲ୍ ଗନୀୟୁ...**

*(ୟୁନୁସ୍ 10:69)*

ଅର୍ଥାତ 'କେତେକ ଲୋକ କହୁଛନ୍ତି ଯେ ଈଶ୍ୱର ସନ୍ତାନ ଗ୍ରହଣ କରିଛନ୍ତି, ସେ ଏହି ବିଷୟରୁ ଉର୍ଦ୍ଧ୍ୱରେ ଓ ପବିତ୍ର । ସେ ଆତ୍ମନିର୍ଭରଶୀଳ ।' ତେବେ ଏକ ପୁତ୍ର ଉପରେ ନିର୍ଭରଶୀଳ ହେବା ଏକ ଅଭାବକୁ ସୂଚାଉଛି । ଅଥଚ ଈଶ୍ୱର ତ ପ୍ରତ୍ୟେକ ଅଭାବ ଓ ଅବକ୍ଷୟରୁ ପବିତ୍ର । ସେ ସ୍ୱୟଂ ପର୍ଯ୍ୟାପ୍ତ ଓ ସ୍ୱାଧୀନ, ଯାହାଙ୍କୁ କାହାରି

ଆବଶ୍ୟକତା ନାହିଁ । ଆକାଶ ଓ ପୃଥିବୀରେ ଯାହାକିଛି ଅଛି, ତାହା ତାଙ୍କରି । କ'ଣ ତୁମେ ଈଶ୍ୱରଙ୍କ ଉପରେ ଏପରି ଆରୋପ ଲଗାଉଛ, ଯାହା ସମ୍ବନ୍ଧରେ ତୁମକୁ କିଛି ଜଣା ନାହିଁ ? ଈଶ୍ୱରତ୍ୱର କର୍ତ୍ତବ୍ୟ ନିର୍ବାହ କରିବାରେ ସେ ଏକାକୀ ଯଥେଷ୍ଟ । ଏଥିପାଇଁ ଅନ୍ୟ କୌଣସି ଯୋଜନା ଆବଶ୍ୟକ କରନ୍ତି ନାହିଁ କି ଅନ୍ୟ କାହାର ପରାମର୍ଶ ଲୋଡନ୍ତି ନାହିଁ ।

'କେତେକ ଲୋକ କହନ୍ତି ଯେ ଈଶ୍ୱର କନ୍ୟା ଗ୍ରହଣ କରିଛନ୍ତି । ଅଥଚ ସେ ଏହି ସବୁ କ୍ଷୁର୍ଣ୍ଣତାର ଅବଗୁଣରୁ ପବିତ୍ର । କ'ଣ ତୁମେ ନିଜ ପାଇଁ ପୁତ୍ର ଦାବି କରୁଥିବା ବେଳେ କନ୍ୟାର ଭାର ତାଙ୍କ ଉପରେ ଲଦି ଦେଉଛ ? ଏହି ବିଭାଜନ ମୂଳକ ଆବଣ୍ଟନ ତ ଠିକ୍ ହେଲା ନାହିଁ ।' *(ନଜମ୍ 53:22-23)*

'ହେ ଲୋକମାନେ ! ତୁମେ ସେହି ସମକକ୍ଷ ବିହୀନ ଏକ ଈଶ୍ୱରଙ୍କର ଉପାସନା କର । ଯିଏ ତୁମକୁ ଓ ତୁମ ପିତୃପିତାମହଙ୍କୁ ସୃଷ୍ଟି କରିଛନ୍ତି । ତୁମେ ସେହି ସର୍ବକ୍ଷମତାଶାଳୀ ଈଶ୍ୱରଙ୍କୁ ଭୟ କର, ଯିଏ କି ଭୂପୃଷ୍ଠକୁ ତୁମ ପାଇଁ ବିଛଣା କରିଛନ୍ତି ଓ ଆକାଶକୁ ତୁମ ସକାଶେ ଛାତ ରୂପେ ନିର୍ମାଣ କରିଛନ୍ତି । ଏବଂ ମେଘରୁ ଜଳ ବୃଷ୍ଟି କରାଇ ତୁମମାନଙ୍କ ଜୀବନଧାରଣ ସକାଶେ ନାନାଦି ଫଳ ଉପୁଜାଇଛନ୍ତି । ତେଣୁ ତୁମେମାନେ ଜାଣିଶୁଣି ଅନ୍ୟ କାହାକୁ ଈଶ୍ୱରଙ୍କ ସମକକ୍ଷ କର ନାହିଁ । ଯାହା କି ତୁମମାନଙ୍କ ଉପକାର ପାଇଁ ସୃଷ୍ଟି କରାଯାଇଛି ।' *(ଅଲ ବକରା 2:22-23)*

'ଈଶ୍ୱର ଏକ, ଯାହାଙ୍କର କେହି ସମକକ୍ଷ ନାହାନ୍ତି । ସେ ହିଁ ଏକମାତ୍ର ଉପାସ୍ୟ । ସେ ହିଁ ଆକାଶରେ ଈଶ୍ୱର ଓ ସେ ହିଁ ପୃଥିବୀରେ ଈଶ୍ୱର ।'

*(ଅଲ ଜୁଖରୁଫ୍ 43:85)*

'ସେ ହିଁ ଆଦି ଓ ସେ ହିଁ ଅନ୍ତ । ସେ ହିଁ ପ୍ରକାଶ୍ୟ ଓ ସେ ହିଁ ଗୁପ୍ତ ।'

*(ଅଲ ହଦିଦ୍ 57:4)*

'ଦୃଷ୍ଟି ତାଙ୍କ ମୌଳିକ ସତ୍ତା ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । କିନ୍ତୁ ସେ ଦୃଷ୍ଟିର ବାସ୍ତବତା ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି ।' *(ଅଲ ଅନଆମ୍ 6:104)*

'ସେ ହିଁ ପ୍ରତ୍ୟେକ ବସ୍ତୁର ସୃଷ୍ଟିକର୍ତ୍ତା । ଏବଂ କୌଣସି ବସ୍ତୁ ତାଙ୍କ ପରି ନୁହେଁ । ସେ ସୃଷ୍ଟିକର୍ତ୍ତା ହେବାରେ ଏହା ଏକ ସ୍ପଷ୍ଟ ପ୍ରମାଣ ଯେ ପ୍ରତ୍ୟେକ

ବସ୍ତୁକୁ ଏକ ନିର୍ଦ୍ଦିଷ୍ଟ ଆକଳନ ଦ୍ୱାରା ସୃଷ୍ଟି କରାଯାଇଛି ଓ ତାହା ପାଇଁ ସେ ଏକ ନିର୍ଦ୍ଧାରିତ ସୀମା ନିରୂପଣ କରିଛନ୍ତି ।' *(ଅଲ ଫୁରକାନ୍ 25:3)* । ସେ ଏକ ମାନଦଣ୍ଡ ନିରୁପଣକାରୀ ପରିମାପ କାରକ ସୀମା ନିର୍ଦ୍ଧାରଣକାରୀ ହୋଇଥିବାର ପ୍ରମାଣସିଦ୍ଧ ହୁଏ । ଏହା ମଧ୍ୟ ପ୍ରମାଣିତ ହୁଏ ଯେ ସେ ସକଳ ପ୍ରଶଂସାର ଅଧିକାରୀ ଏବଂ ଇହକାଳ ଓ ପରକାଳର ପ୍ରକୃତ ହିତସାଧକ । ତାହାଙ୍କ ହସ୍ତରେ ପ୍ରତ୍ୟେକ ଆଦେଶ ନିହିତ ଓ ସକଳ ବସ୍ତୁ ତାଙ୍କ ନିକଟକୁ ଲେଉଟି ଯିବେ ।

'ଈଶ୍ୱର ଯାହାଙ୍କ ପାଇଁ ଇଚ୍ଛା କରିବେ, ତା'ର ପ୍ରତ୍ୟେକ ପାପକୁ କ୍ଷମା କରିଦେବେ । କିନ୍ତୁ ଶିର୍କକୁ କଦାପି କ୍ଷମା କରିବେ ନାହିଁ । ଯେହେତୁ ସେ କଦାପି ଚାହାନ୍ତି ନାହିଁ ଯେ ତାଙ୍କ ସହିତ କାହାକୁ ସମକକ୍ଷ ମନେ କରାଯାଉ ।'

*(ଅନ୍ ନିସା 4:49)*

'ଯେଉଁ ବ୍ୟକ୍ତି ନିଜ ପାଳନକର୍ତ୍ତାଙ୍କ ସହିତ ସାକ୍ଷାତ କରିବାର ଆଶା ରଖିଥାଏ, ତାହା ପକ୍ଷରେ ସତକର୍ମ ସମ୍ପାଦନ କରିବା ଉଚିତ । ଯହିଁରେ କୌଣସି ପ୍ରକାର ବିଶୃଙ୍ଖଳା ନଥିବ ଏବଂ ସେ ନିଜ ପାଳନକର୍ତ୍ତାଙ୍କ ଉପାସନାରେ ଅନ୍ୟ କାହାକୁ ସମକକ୍ଷ ମନେ ନକରୁ ।' *(ଅଲ କହଫ୍ 18:111)*

'ତୁମେ ଈଶ୍ୱରଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କର ନାହିଁ । ଏହା ହେଉଛି ମହାପାପ ।' *(ଲୁକମାନ୍ 31:14)*

'ତୁମେ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ସାହାଯ୍ୟ ଭିକ୍ଷା କର ନାହିଁ ଓ କାହା ପାଖରେ ଗୁହାରୀ କର ନାହିଁ । କେବଳ ତାହାଙ୍କ ବ୍ୟତୀତ ଅନ୍ୟସବୁ ପାର୍ଥିବ ବସ୍ତୁ ବିନାଶଶୀଳ । ସେ ହିଁ ଆଦେଶ ପ୍ରଦାନକାରୀ ଯାହା ତାଙ୍କ କର୍ତ୍ତୃତ୍ୱାଧୀନ ଏବଂ ତାହାଙ୍କ ନିକଟକୁ ଆମ ସମସ୍ତଙ୍କୁ ଲେଉଟି ଯିବାକୁ ହେବ ।'

*(ଅଲ କସସ୍ 28:89)*

(ବରାହିନେ ଅହମଦିୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧, ପୃ ୫୧୫-୫୨୧, ପାଦଟିକା)

# ଈଶ୍ୱରଙ୍କ ସୌନ୍ଦର୍ଯ୍ୟ ଓ ବଦାନ୍ୟତା

ଈଶ୍ୱରଙ୍କ ପ୍ରାକୃତିକ ନିୟମ ଓ ପ୍ରକୃତି ଶାସ୍ତ୍ର, ଯାହା ମନୁଷ୍ୟ ସୃଷ୍ଟି ହେବା ବେଳ ଠାରୁ ପ୍ରଚଳିତ ହୋଇ ଆସୁଛି, ଆମକୁ ଏହି ଶିକ୍ଷା ଦିଏ ଯେ ଈଶ୍ୱରଙ୍କ ସହିତ ନିବିଡ ସଂପର୍କ ସ୍ଥାପନ କରିବାକୁ ହେଲେ ଏହା ଜରୁରୀ ଯେ ତାଙ୍କର ସୌନ୍ଦର୍ଯ୍ୟ ଓ ଉପକାରକୁ ଉପଲବ୍ଧି କରିବାକୁ ହେବ । ଏବେ ଆମେ ଯେପରି ଉଲ୍ଲେଖ କରିଥିଲୁ ଯେ ବଦାନ୍ୟତା ବା ଐଶି ଅନୁଗ୍ରହ କହିଲେ ଈଶ୍ୱରଙ୍କର ସେହି ନୈତିକ ଆଦର୍ଶକୁ ବୁଝାଏ, ଯାହାକୁ କୌଣସି ମନୁଷ୍ୟ ସ୍ୱଚକ୍ଷୁରେ ସ୍ୱୟଂ ନିଜଠାରେ ଦେଖିବାକୁ ପାଇଥାଏ । ଉଦାହରଣ ସ୍ୱରୂପ, ଈଶ୍ୱର ତା'ର ଦୁଃଖ ସମୟରେ ଅଭିଭାବକ ହୋଇ ଛିଡା ହୁଅନ୍ତି । ଯେତେବେଳେ କି ସେ ଅତ୍ୟନ୍ତ ଅସହାୟ, ଦୁର୍ବଳ ଓ ଏକାନ୍ତ ଅନାଥ ହୋଇ ଯାଇଥାଏ । ଅଥବା ଅଭାବ ଅନାଟନ ସମୟରେ ଈଶ୍ୱର ତା'ର ସମସ୍ତ ଆବଶ୍ୟକତାକୁ ପୂରଣ କରି ଦିଅନ୍ତି । କିମ୍ବା ସେ ମହାଦୁଃଖରେ ପଡିଥିବା ବେଳେ ଈଶ୍ୱର ତା'ର ସହାୟତା କରନ୍ତି । ଏମିତି ବି ହେଇଥାଏ ଯେ କୌଣସି ଉପଦେଶଦାତା ଗୁରୁଙ୍କ ହସ୍ତକ୍ଷେପ ବିନା ସ୍ୱୟଂ ଈଶ୍ୱର ତାକୁ ସାହାଯ୍ୟ କରିଥାନ୍ତି, ଯେତେବେଳେ ସେ ଈଶ୍ୱରଙ୍କୁ ଅନ୍ୱେଷଣ କରେ ।

ଈଶ୍ୱରଙ୍କ ସୌନ୍ଦର୍ଯ୍ୟର ପରିପ୍ରକାଶ ହେବା ଦ୍ୱାରା ତାଙ୍କର ନୈସର୍ଗୀକ ଗୁଣାବଳୀର ତାତ୍ପର୍ଯ୍ୟ ବୁଝିହୁଏ, ଯାହାର ବାହ୍ୟ ଚେହେରା ଦିବ୍ୟ ଅନୁଗ୍ରହ ବା ଉପକାର ରୂପେ ପ୍ରତୀୟମାନ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ, ଈଶ୍ୱରଙ୍କ ସେହି ପରମଶକ୍ତି ଓ ପରାକ୍ରମ କିମ୍ବା ତାଙ୍କ କୋମଳତା କିମ୍ବା ତାଙ୍କର ଦୟା ଓ ଅନୁକମ୍ପା କିମ୍ବା ତାଙ୍କର 'ରବୁବିୟତ୍' କିମ୍ବା ତାଙ୍କର କରୁଣା ଓ ସହାନୁଭୂତି ଇତ୍ୟାଦି ଯାହା ତାହାଙ୍କ ଠାରେ ଦେଖିବାକୁ ମିଳିଥାଏ । ତାଙ୍କର ସେହି ସାଧାରଣ ରବୁବିୟତ୍ ଯାହାକି ଜଗତରେ ପରିଦୃଷ୍ଟ ହୋଇଥାଏ ଓ ସେହି ସାଧାରଣ ଅନବଦ୍ୟ ପୁରସ୍କାର ଯାହା ଅଜସ୍ର ସଂଖ୍ୟାରେ ମନୁଷ୍ୟର ସୁଖଶାନ୍ତି ତଥା ଆରାମଦାୟକ ଜୀବନ ପାଇଁ ଉପଲବ୍ଧ ହୋଇଥାଏ ଓ ତାଙ୍କର ଦିବ୍ୟଜ୍ଞାନ ଯାହାକୁ ମନୁଷ୍ୟ ନବୀମାନଙ୍କ ମାଧ୍ୟମରେ ହାସଲ କରିଥାଏ, ଯାହା ବଳରେ ସେ ମୃତ୍ୟୁର କରାଳ ଓ ଧ୍ୱଂସର ବିଭୀଷିକାରୁ ନିଜକୁ ରକ୍ଷା କରିଥାଏ । ପ୍ରଭୁଙ୍କର ସେହି ଗୁଣର ମହିମା ଯୋଗୁଁ ସେ ଅସ୍ଥିରପ୍ରାଣ ତଥା ବିଷାଦଗ୍ରସ୍ତ ମଣିଷର ପ୍ରାର୍ଥନାକୁ ଗ୍ରହଣ କରିଥାନ୍ତି । ତାଙ୍କର ଏହା ମଧ୍ୟ ଏକ

ଉତ୍କର୍ଷ ଚରିତ୍ର ଯେ ଯେଉଁମାନେ ତାଙ୍କ ଆଡକୁ ଝୁଙ୍କିଥା'ନ୍ତି, ସେ ମଧ୍ୟ ସେମାନଙ୍କ ଅପେକ୍ଷା ଅଧିକ ଭାବପ୍ରବଣ ହୋଇ ତାଙ୍କ ପ୍ରତି ଢ଼ଳିଥାନ୍ତି । ଏହି ସମସ୍ତ ଗୁଣ ଈଶ୍ୱରଙ୍କ ସୌନ୍ଦର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ପୁଣି ସେହି ସମାନ ଧରଣର ଗୁଣାବଳୀ ଦ୍ୱାରା ଯେତେବେଳେ ଜଣେ ବ୍ୟକ୍ତି ଅନୁଗ୍ରହୀତ ହୋଇଯାଏ ବା ଉପକାର ଲାଭ କରେ, ସେହି ଗୁଣ ତା'ପାଇଁ ଦିବ୍ୟ ଅନୁଗ୍ରହ ବୋଲାଇଥାଏ । ମାତ୍ର ଅନ୍ୟମାନଙ୍କ କ୍ଷେତ୍ରରେ ତାହା କେବଳ ଈଶ୍ୱରଙ୍କ ସୌନ୍ଦର୍ଯ୍ୟର ପରିଭାଷା ମାତ୍ର । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଏହି ଗୁଣାବଳୀକୁ ଯାହା ପ୍ରକୃତରେ ଈଶ୍ୱରଙ୍କ ଅପରୂପ ଶୋଭା ଓ ଅନୁପମ କାନ୍ତିକୁ ଦର୍ଶାଇଥାଏ, ସେ ଦିବ୍ୟ ଅନୁଗ୍ରହ ରୂପେ ମଧ୍ୟ ସେଗୁଡିକୁ ଦେଖି ନେଇଥାଏ । ସେତେବେଳେ ତାହାର ବିଶ୍ୱାସ ଅତ୍ୟନ୍ତ ସୁଦୃଢ଼ ଓ ସଶକ୍ତ ହୋଇଯାଏ । ସେ ପ୍ରଭୁଙ୍କ ଆଡକୁ ଏପରି ଆକର୍ଷିତ ହୋଇଯାଏ, ଯେପରି ଏକ ଲୁହା ଚୁମ୍ବକ ଆଡକୁ ଟାଣିହୋଇ ଚାଲିଯାଏ । ଈଶ୍ୱରଙ୍କ ସହିତ ତା'ର ପ୍ରେମ ବହୁତ ବଢ଼ିଯାଏ ଓ ତା'ର ଭରସା ପ୍ରଭୁଙ୍କ ଉପରେ ଦୃଢ଼ିଭୂତ ହୋଇଯାଏ । ଯେହେତୁ ସେ ଏହି କଥାକୁ ପରଖି ନିଏ ଯେ ତା'ର ସମସ୍ତ କଲ୍ୟାଣ ପ୍ରଭୁଙ୍କ ଠାରେ ନିହିତ, ସେଥିଯୋଗୁଁ ତା'ର ଆଶା ଫଳବତୀ ହେବାର ଜିଜ୍ଞାସା ଅତ୍ୟଧିକ ବୃଦ୍ଧିପାଏ ଓ ପ୍ରଭୁଙ୍କ ପ୍ରତି ତା'ର ବିଶ୍ୱାସ ସୁଦୃଢ଼ ହୋଇଥାଏ । ସେ ସ୍ୱାଭାବିକ ଭାବରେ ବିନା କୌଣସି ଛଳନା କିମ୍ବା ଲୋକ ଦେଖାଣିଆ ଭାବ ବ୍ୟକ୍ତ ନକରି ଈଶ୍ୱରଙ୍କ ଆଡ଼କୁ ଝୁଙ୍କି ରହିଥାଏ । ନିଜକୁ ପ୍ରତିକ୍ଷଣ ଈଶ୍ୱରଙ୍କ ସାହାଯ୍ୟ ଉପରେ ନିର୍ଭର କରୁଥିବା ସ୍ଥିତିରେ ଦେଖିବାକୁ ପାଏ । ଐଶି ଗୁଣାବଳୀକୁ ଗଭୀର ଅନୁଧ୍ୟାନ କରି ସେ ମନରେ ଏହି ଦୃଢ଼ ଆସ୍ଥା ରଖିଥାଏ ଯେ ସେ ଜୀବନରେ ନିଶ୍ଚୟ ସଫଳତା ଅର୍ଜନ କରିବ । କାରଣ ଈଶ୍ୱରଙ୍କ କରୁଣା, ସଦିଚ୍ଛା ଓ ଉଦାରତାର ଅନେକ ଘଟଣା ସେ ସ୍ୱଚକ୍ଷୁରେ ଦେଖି ଜୀବନରେ ବହୁ ଅଭିଜ୍ଞତା ହାସଲ କରିଥାଏ । ତେଣୁ ତା'ର ପ୍ରାର୍ଥନାର ସ୍ରୋତ ଶକ୍ତି ଓ ବିଶ୍ୱାସର ଝରଣାରୁ ନିର୍ଗତ ହୁଏ । ସୁତରାଂ ଭକ୍ତର ଦୃଢ଼ ଇଚ୍ଛାଶକ୍ତି ଓ ମାନସିକ ସ୍ତରରେ ବିଶ୍ଳେଷଣ ଅତ୍ୟନ୍ତ ସଶକ୍ତ, ଅଟଳ ଓ ସୁସଂଗଠିତ ହୋଇଥାଏ ।

ପରିଶେଷରେ ଈଶ୍ୱରଙ୍କ ସମର୍ଥନ ସୂଚକ ନିଦର୍ଶନ ଓ ଐଶି ପୁରସ୍କାରକୁ ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ବିଶ୍ୱାସର ଜ୍ୟୋତି ପ୍ରବଳ ବେଗରେ ତା'ଅନ୍ତରରେ ପ୍ରବେଶ କରିଯାଏ ଏବଂ ତା'ର ଅହଙ୍କାର ଏକବାରକେ ଲୋପ ପାଇଯାଏ ।

ଈଶ୍ୱରଙ୍କ ଶ୍ରେଷ୍ଠତ୍ୱ ଓ ଶକ୍ତିର ମହିମା ବିଚାରକୁ ନେଇ ବାରମ୍ବାର ଧ୍ୟାନମଗ୍ନ ହେବା ଫଳରେ ତା'ର ହୃଦୟ ଈଶ୍ୱରଙ୍କ ଘର ପାଲଟି ଯାଏ । ଯେପରି ମନୁଷ୍ୟର ଆତ୍ମା ସେ ଜୀବିତ ଥିବା ଅବସ୍ଥାରେ କଦାପି ତା'ର ପିଣ୍ଡରୁ ଅଲଗା ହୋଇ ନଥାଏ, ସେହିପରି ଭାବରେ ସର୍ବଶକ୍ତିମାନ ଓ ଗୌରବମୟ ଈଶ୍ୱରଙ୍କ ସମକ୍ଷରୁ ଯେଉଁ ବିଶ୍ୱାସ ତା'ର ଅନ୍ତରରେ ବସା ବାନ୍ଧିଥାଏ, ତାହା ତା'ଠାରୁ କସ୍ମିନକାଳେ ପୃଥକ ହୁଏ ନାହିଁ । ସବୁ ସମୟରେ ପବିତ୍ର ଆତ୍ମା ତା'ମଧ୍ୟରେ ସମୁଦ୍ରର ଉତ୍ତାଳ ତରଙ୍ଗ ପରି ଉଛୁଳୁଥାଏ । ସେହି ପବିତ୍ର ଆତ୍ମାର ସ୍ୱରଲିପି ନିର୍ଦ୍ଦେଶରେ ସେ କଥା କୁହେ । ମୌଳିକ ସତ୍ୟ ଓ ତତ୍ତ୍ୱଜ୍ଞାନ ତା'ର ଅନ୍ତର୍ଦୃଷ୍ଟିରୁ ପ୍ରବାହିତ ହୁଏ । ପ୍ରଭୁ ପରମେଶ୍ୱରଙ୍କ ପ୍ରତି ନିଷ୍ଠା, ଶ୍ରଦ୍ଧା, ସମ୍ମାନ ଓ ଗାରିମା ତା'ର ହୃଦୟ କନ୍ଦରରେ ଚିରକାଳ ଅବସ୍ଥାପିତ ହୋଇଯାଏ । **'ଜୁଲ୍ ଇଜ୍‌ଜତ ଓ୍ୱଲ୍ ଜବ୍‌ରୁତ୍'**ର ଗୌରବ ସଦାସର୍ବଦା ତା'ମନର ଶିବିରରେ ଲାଖି ରହେ । ତା'ର ଅନ୍ତରରେ ଦୃଢ଼ ଆସ୍ଥା, ଆନ୍ତରିକତା ଓ ପ୍ରେମର ଫଲ୍‌ଗୁ ଏପରି ଉଲ୍ଲାସ ସହିତ ପ୍ରବାହିତ ହୁଏ, ଯେପରି ଜଳ ସିଞ୍ଚନ ଦ୍ୱାରା ଜୀବର ପ୍ରତ୍ୟେକ ଅବୟବ ପରିପୃଷ୍ଟ ହୋଇଥାଏ । ସେହି ପ୍ରତିପୋଷଣର ଉଜ୍ଜଳ କାନ୍ତି ତା'ର ନୟନ ଯୁଗଳରୁ ବିଚ୍ଛୁରିତ ହୋଇଥାଏ । ସେହି ପରିପୁଷ୍ଟନ ଜ୍ୟୋତିର ଆଭା ତା'ର ମସ୍ତକରୁ ସ୍ୱତନ୍ତ୍ର ଭାବରେ ଉଦ୍‌ଭାସିତ ହୁଏ । ତା'ର ମୁଖର ଭାବରୁ ଏପରି ପ୍ରତୀତ ହୁଏ, ଯେପରି ଐଶ୍ୱରିକ ପ୍ରେମ ବାରିଧାରା ବର୍ଷିବାରେ ଲାଗିଛି । ତା'ର ଜିହ୍ୱା ଏହି ସତେଜତାରେ ଯେପରି ସଂପୂର୍ଣ୍ଣ ଭାଗୀଦାର ହୋଇଛି । ତଦନୁରୂପ ତାହାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଏହାର ଉଜ୍ଜ୍ୱଳ ଦୀପ୍ତି ଦ୍ୱାରା ଏପରି ଝଟକୁଛନ୍ତି, ଯେପରି ବସନ୍ତର ମଳୟ ବହିବା ପରେ ବସନ୍ତ ଋତୁର ଆଗମନରେ ବୃକ୍ଷଲତାରେ ଶାଖା, ପ୍ରଶାଖା, ପତ୍ର ଓ ପୁଷ୍ପ ଦ୍ୱାରା ପଲ୍ଲବିତ ହୋଇଉଠେ ଏବଂ ସବୁଜିମାରେ ଏକ ମନମୁଗ୍ଧକର ସତେଜତା ଭରିଯାଏ ।

କିନ୍ତୁ ଯେଉଁ ବ୍ୟକ୍ତିର ଶରୀରରେ ଏହି ଆତ୍ମା ଅବତରଣ କରେ ନାହିଁ ଓ ସେ ଏହାର ସତେଜତାର ସୁଗନ୍ଧ ଅନୁଭବ କରେ ନାହିଁ, ସେ ଏକ ମୃତ ଶବ ସଦୃଶ ପଡି ରହେ । ଏହି ପରିପୁଷ୍ଟତା, ସତେଜତା ଓ ଆନନ୍ଦ ଉଲ୍ଲାସ ଯାହାକୁ କଲମ ମୁନରେ ବର୍ଣ୍ଣନା କରାଯାଇ ପାରିବ ନାହିଁ, ତାହା ସେହି ମୃତ ହୃଦୟକୁ ମିଳିପାରିବ ନାହିଁ, ଯାହାକୁ ବିଶ୍ୱାସ ଜ୍ୟୋତିର ନିର୍ଝର ଜଳପ୍ଲାବିତ କଲା ନାହିଁ । ବରଂ ଏହାର

ବିପରୀତରେ ପଚିସଢ଼ି ଯାଇଥିବା ଦୁର୍ଗନ୍ଧ ଏଥିରୁ ବାହାରୁଥାଏ । ମାତ୍ର ଯେଉଁ ବ୍ୟକ୍ତିକୁ ଏହି ଜ୍ୟୋତି ପ୍ରଦାନ କରାଯାଇଛି ଓ ଯାହା ଭିତରେ ଏହି ଝରଣା ଫୁଟି ବାହାରିଛି, ତାହାର ପ୍ରକାଶ ପାଉଥିବା ଲକ୍ଷଣମାନଙ୍କ ମଧ୍ୟରୁ ଗୋଟିଏ ଲକ୍ଷଣ ହୋଉଛି ଯେ ସବୁ ସମୟରେ ଓ ପ୍ରତ୍ୟେକ ବିଷୟରେ ତା'ର ପ୍ରତ୍ୟେକ ଉଚ୍ଚାରଣ ଓ ପ୍ରତ୍ୟେକ ଆଚରଣରେ ଅର୍ଥାତ କହିବା ଓ କରିବାରେ ସେ ଈଶ୍ୱରଙ୍କ ଠାରୁ ଶକ୍ତିପ୍ରାପ୍ତ କରିବାକୁ ତା'ର ମନ ଚାହୁଥାଏ । ଏଥିରେ ହିଁ ତା'ର ପରମ ତୃପ୍ତି ଓ ମାନସିକ ଆବେଗରୁ ମୁକ୍ତି । ଏହା ବିନା ସେ ବଞ୍ଚି ରହିପାରିବ ନାହିଁ ।

(ଅସମତୁଲ୍ ଅମ୍ବିୟା,ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୮, ପୃ ୬୬୮-୬୭୧/
***Review of Religion, Urdu***, ଖଣ୍ଡ ୧, ପୃ ୧୮୬-୧୮୭)

ସର୍ବଶ୍ରେଷ୍ଠ ପ୍ରଶଂସା ଦୁଇ ପ୍ରକାର ସଦଗୁଣ ସକାଶେ ଉଦ୍ଦିଷ୍ଟ ହୋଇଥାଏ । ଗୋଟିଏ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣତା ଓ ଦ୍ୱିତୀୟଟି ବଦାନ୍ୟତାରେ ପରିପୂର୍ଣ୍ଣତା । ଯଦି କାହା ପାଖରେ ଏହି ଦୁଇଟିଯାକ ସଦ୍‌ଗୁଣ ରହିଥାଏ, ଜଣେ ବ୍ୟକ୍ତି ତା'ପ୍ରତି ପ୍ରେମାସକ୍ତ ହୋଇଯାଏ । ପବିତ୍ର କୁରଆନର ମୌଳିକ ଆଭିମୁଖ୍ୟ ହେଉଛି ଯେ ଈଶ୍ୱର ଦୁଇ କିସମର ସଦ୍‌ଗୁଣ ସତ୍ୟାନ୍ୱେଷୀମାନଙ୍କ ଉପରେ ପ୍ରକାଶ କରନ୍ତୁ । ଯଦ୍ଦ୍ୱାରା ସେହି ପରମ ସତ୍ତାଙ୍କ ପ୍ରତି ଲୋକମାନେ ଆକୃଷ୍ଟ ହୁଅନ୍ତୁ । ଯାହାଙ୍କର କୌଣସି ଉପମା ନାହିଁ କି ସାଦୃଶ୍ୟ ନାହିଁ । ମନରେ ଗଭୀର ଆବେଗ ଓ ପ୍ରଲୁବଧ ଆତ୍ମାର ନିବେଦନ ସହ ତାଙ୍କର ଉପାସନା କରିବାକୁ ହେବ । ସେଥିପାଇଁ ତ ପବିତ୍ର କୁରଆନ ସେହି ପରମେଶ୍ୱରଙ୍କ ଆଡକୁ ଭକ୍ତଙ୍କୁ ଡାକୁଛି, ଯାହାଙ୍କ ଉତ୍କର୍ଷତାର ଅତ୍ୟନ୍ତ ସୂକ୍ଷ୍ମ ଭେଦ ପ୍ରତି ପ୍ରଥମ ଅଧ୍ୟାୟରେ ନକ୍‌ସା ଅଙ୍କନ କରାଯାଇଛି । ସେ କିପରି ଅସାଧାରଣ ଗୁଣ ଗାରିମାକୁ ନିଜ ଭିତରେ ସାଇତି ରଖିଛନ୍ତି, ସେଥିପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି । ସେହି କାରଣରୁ ହିଁ ଏହି ଅଧ୍ୟାୟକୁ 'ଅଲହମ୍‌ଦୁ ଲିଲ୍ଲାହି' ପଙ୍‌କ୍ତିରୁ ଆରମ୍ଭ କରାଯାଇଛି । ଏହାର ଅର୍ଥ ହେଉଛି ଯେ ସକଳ ପ୍ରଶଂସା ସେହି ପରମସତ୍ତାଙ୍କ ପ୍ରତି ପ୍ରଣିଧାନଯୋଗ୍ୟ, ଯାହାଙ୍କ ନାମ ଅଲ୍ଲାଃ । ପବିତ୍ର କୁରଆନରେ ପ୍ରଚଳିତ ରୁଢ଼ି ପ୍ରୟୋଗ ଅନୁସାରେ ଏହି ଅଭିବ୍ୟକ୍ତିର ବୈଶିଷ୍ଟ୍ୟ ଯେ ଅଲ୍ଲାଃ ସେହି ଅସ୍ତିତ୍ୱର ନାମ, ଯାହାଙ୍କ ଶ୍ରେଷ୍ଠତ୍ୱକୁ ଦର୍ଶାଇ ପ୍ରଭୁଙ୍କ ସୌନ୍ଦର୍ଯ୍ୟ ଓ ବଦାନ୍ୟତାର ଗୁଣ ପରିପୂର୍ଣ୍ଣତାର ଶୀର୍ଷରେ ପହଞ୍ଚି ଯାଇଛି । ଯେଉଁ ସତ୍ତା ଦୋଷତ୍ରୁଟି ଶୂନ୍ୟ ଓ ଯହିଁରେ କୌଣସି ଅଭାବ ପରିଲକ୍ଷିତ ହୁଏ ନାହିଁ । ପବିତ୍ର

କୁରଆନ ସମସ୍ତ ଐଶି ଗୁଣାବଳୀକୁ ଅଲ୍ଲାଃଙ୍କ ନାମ ସହିତ ବିଧିବଦ୍ଧ ଭାବରେ ଅବସ୍ଥାପିତ କରିଛି । ଯଦ୍ୱାରା ଏହା ସଙ୍କେତ ଦେବ ଯେ ଅଲ୍ଲାଃଙ୍କ ନାମ ସେତେବେଳେ ପ୍ରମାଣସିଦ୍ଧ ଓ ବୋଧଗମ୍ୟ ହେବ, ଯେବେ ସମସ୍ତ ସଂପୂର୍ଣ୍ଣ ଗୁଣାବଳୀ ତାହାଙ୍କ ଠାରେ ଦେଖିବାକୁ ମିଳିବ । ସୁତରାଂ ଯେହେତୁ ପ୍ରତ୍ୟେକ ପ୍ରକାର ଦିବ୍ୟଗୁଣ ସେ ବହନ କରିଛନ୍ତି, ତେଣୁ ସେ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହେବା ସ୍ୱାଭାବିକ । ଏହି ସୌମ୍ୟ ସ୍ୱଭାବଜନିତ ଗୁଣ ରହିଥିବା ହେତୁ ପବିତ୍ର କୁରଆନରେ ଅଲ୍ଲାଃଙ୍କ ନାମ ହେଉଛି 'ଜ୍ୟୋତି' । ଯେପରି କୁହାଯାଇଛି:

اَللّٰهُ نُوْرُ السَّمٰوٰتِ وَالْاَرْضِ۔

**ଅଲ୍ଲାହୁ ନୁରୁସ୍ ସମାଓ୍ୱାତି ଓ୍ୱଲ୍ଅରଜ୍** *(ଅନ୍ ନୁର୍ 24:36)*

ଅର୍ଥାତ: 'ଅଲ୍ଲାଃ ହେଉଛନ୍ତି ଆକାଶ ଓ ପୃଥିବୀର ଜ୍ୟୋତି । ପ୍ରତ୍ୟେକ ପ୍ରକାର ଜ୍ୟୋତି ତାଙ୍କରି ଜ୍ୟୋତିରୁ ପ୍ରତିଫଳିତ ହୋଇଛି ।'

## ସର୍ବଶକ୍ତିମାନ ଅଲ୍ଲାଃଙ୍କ ଆଶୀର୍ବାଦ ଗୁଣ

ଅଲ୍ଲାଃତାଲାଙ୍କ ମଧ୍ୟରେ ଆଶୀର୍ବାଦ ବା ଅନୁଗ୍ରହ ଜନିତ ଗୁଣ ବହୁତ ରହିଛି । ଯାହା ମଧ୍ୟରୁ ଚାରୋଟି ମୌଳିକ ଗୁଣ ଉଲ୍ଲେଖଯୋଗ୍ୟ । ସେମାନଙ୍କ ସ୍ୱାଭାବିକ କ୍ରମ ଅନୁସାରେ **ପ୍ରଥମ ଆଦର୍ଶ ଗୁଣଟି** ସୁରଃ ଫାତିହା (ପ୍ରଥମ ଆଧ୍ୟାୟ)ରେ **'ଅଲହମ୍‌ଦୁ ଲିଲ୍ଲାହି'** ବାକ୍ୟାଂଶରେ ବର୍ଣ୍ଣନା କରାଯାଇଛି । ତାହା ହେଉଛି ଈଶ୍ୱରଙ୍କ **'ରବୁବିୟତ୍'** ଅର୍ଥାତ ସୃଷ୍ଟି କରିବା ଓ ଏହାକୁ ପୂର୍ଣ୍ଣାଙ୍ଗ ପ୍ରାପ୍ତିର ଶୀର୍ଷ ସ୍ଥାନରେ ପହଞ୍ଚାଇବା ଆଦି ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ସର୍ବଦା କାର୍ଯ୍ୟକାରୀ ହେଉଅଛି । ସ୍ୱର୍ଗ ଓ ମର୍ତ୍ତ୍ୟଲୋକ, ଶରୀର ଓ ଆତ୍ମାର ଦୁନିଆ, ପଶୁପକ୍ଷୀ, ସବୁଜ ପନିପରିବା ଓ ଖଣିଜ ପଦାର୍ଥର ଦୁନିଆ ତଥା ଅନ୍ୟାନ୍ୟ ସମସ୍ତ ପ୍ରାଣୀଜଗତ ତାହାଙ୍କ ରବୁବିୟତ୍‌ରୁ ପ୍ରତିପୋଷଣ ହେଉଛନ୍ତି । ଏପରିକି ସେହି ଦୁନିଆ ଦେଇ ଗତି କରିଥିବା ମନୁଷ୍ୟ ଯିଏ ଜନ୍ମରୁ ମୂଳ ଅବସ୍ଥା ବୀର୍ଯ୍ୟ କଣିକାରୁ ଆକୃତି ଲାଭ କରିବା ପୂର୍ବରୁ ନେଇ ତା'ର ମୃତ୍ୟୁ ପର୍ଯ୍ୟନ୍ତ କିମ୍ବା ଦ୍ୱିତୀୟ ପ୍ରକାର ଜନ୍ମର ଅବସ୍ଥାକୁ ଆସିବା ପର୍ଯ୍ୟନ୍ତ ଏ ସମସ୍ତ ପ୍ରକ୍ରିୟାର ଉତ୍ସ ରବୁବିୟତ୍‌ର ମୂଳ କେନ୍ଦ୍ରରୁ ଆସିଛି ଓ ସେମାନଙ୍କ ଆକୃତି ଗଠନ କ୍ରମେ ପରିପୁଷ୍ଟ ହୋଇ ସୃଜନାତ୍ମକ ଗୁଣର ପ୍ରମାଣ ଦେଉଛି । ଈଶ୍ୱରଙ୍କ ସେହି ରବୁବିୟତ୍‌ର

ଆଶୀର୍ବାଦ ଯେହେତୁ ଶରୀର ଓ ଆତ୍ମା, ମନୁଷ୍ୟ ଓ ପଶୁ, ପରିବା ଓ ଖଣିଜ ପଦାର୍ଥ ଇତ୍ୟାଦି ସମସ୍ତ ଉପାଦାନ ଉପରେ ପର୍ଯ୍ୟବସିତ । ତେଣୁ ଏହି ଗୁଣକୁ **'ଫୈଜାନେ ଆମ୍'** ଅର୍ଥାତ 'ସବୁଠାରୁ ସାଧାରଣ ଅନୁଗ୍ରହ' ଭାବେ ଅଭିହିତ କରାଯାଇଛି । କାରଣ ଯାହାକିଛି ବିଦ୍ୟମାନ ଅଛି ପ୍ରତ୍ୟେକ ତାଙ୍କ ଠାରୁ ଅନୁଗ୍ରହୀତ ଏବଂ ଏହାରି ମାଧ୍ୟମରେ ପ୍ରତ୍ୟେକ ପଦାର୍ଥ ସତ୍ତାକୁ ଆସିଛି । ଏହି ଐଶି ରବୁବିୟତ୍ ସତ୍ତାଧାରୀ ପ୍ରତ୍ୟେକ ବସ୍ତୁର ପ୍ରବର୍ତ୍ତକ, ପ୍ରତିପାଳକ ଓ ଜୀବନ ରକ୍ଷକ ହୋଇଥିଲେ ସୁଦ୍ଧା ମନୁଷ୍ୟ ସବୁଠାରୁ ବଡ ହିତାଧିକାରୀ । କାରଣ ଈଶ୍ୱରଙ୍କ ସମସ୍ତ ସୃଷ୍ଟଜ ପଦାର୍ଥ ଠାରୁ ମନୁଷ୍ୟ ଉପକାର ପାଉଛି । ସେଥିପାଇଁ ମନୁଷ୍ୟକୁ ଏହା ବାରମ୍ବାର ସ୍ମରଣ କରାଇ ଦିଆଯାଉଛି  ଯେ ସେ ହେଉଛନ୍ତି 'ରବ୍‌ବୁଲ୍ ଆ'ଲମୀନ୍', ଯଦ୍ୱାରା ମନୁଷ୍ୟକୁ ଏହା ବିଶ୍ୱାସ କରିବା ପାଇଁ ପ୍ରେରଣା ମିଳିବ ଓ ତା'ମନରେ ଏହି ଆଶା ଅଧିକ ସୁଦୃଢ଼ ହେବ ଯେ ଆମମାନଙ୍କ ଉପକାର ସକାଶେ ଈଶ୍ୱରଙ୍କ ସାମର୍ଥ୍ୟ ବ୍ୟାପକ ଏବଂ ସେ ବିଭିନ୍ନ କିସମର ବ୍ୟବହାରଯୋଗ୍ୟ ସାମଗ୍ରୀ ଆମର ବଞ୍ଚିବାର ସାଧନ ରୂପେ ଯୋଗାଇ ଦେଇ ପାରନ୍ତି ।

ଈଶ୍ୱରଙ୍କ **ଦ୍ୱିତୀୟ ଆଦର୍ଶ ଗୁଣଟି** ଯାହା ଦ୍ୱିତୀୟ ଶ୍ରେଣୀର ଅନୁଗ୍ରହ, ତାକୁ 'ଫୈଜାନେ ଆମ୍' ବା ସାଧାରଣ ଅନୁଗ୍ରହ ରୂପେ ଅଭିହିତ କରାଯାଇ ପାରିବ ଏବଂ ତାହା ହେଉଛି ରହମାନିୟତ୍ । ଏହାକୁ ସୁରଃ ଫାତିହାରେ 'ରହମାନ୍' ନାମରେ ବର୍ଣ୍ଣନା କରାଯାଇଛି । ପବିତ୍ର କୁରଆନରେ ପ୍ରଚଳିତ ଅଭିବ୍ୟକ୍ତିର ବୈଶିଷ୍ଟ୍ୟ ଅନୁଯାୟୀ ଈଶ୍ୱରଙ୍କୁ ରହମାନ (ଦୟାବାନ) କୁହାଯାଏ । ତାହା ଏଇଥି ପାଇଁ ଯେ ସେ ପ୍ରତ୍ୟେକ ସଜୀବ ଯାହା ମଧ୍ୟରେ ମନୁଷ୍ୟ ଅନ୍ତର୍ଭୁକ୍ତ, ତାଙ୍କର ଉପଯୁକ୍ତ ରୂପ ଓ ଗୁଣ ଅର୍ପଣ କରାଯାଇଛି । ଅର୍ଥାତ ଯେଉଁ ପ୍ରକାର ଜୀବନ ଶୈଳୀ ତାଙ୍କ ପାଇଁ ମନସ୍ଥ କରାଯାଇଛି, ତଦନୁସାରେ ଉପଯୁକ୍ତ ପରିସ୍ଥିତି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମୁଚିତ ଦୈହିକ ଓ ମାନସିକ ଶକ୍ତି ପ୍ରଦାନ କରାଯାଇଛି । ଯେଉଁ ପ୍ରକାର ନକ୍‌ସାର ପରିକଳ୍ପନା କରାଯାଇଛି, ତଦନୁରୂପ ସେମାନଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗର ଆକୃତି ଗଠନ କରାଯାଇ ସେମାନଙ୍କୁ ଯଥାର୍ଥ ରୂପରେଖ ଦିଆଯାଇଛି । ତାଙ୍କର ରକ୍ଷଣାବେକ୍ଷଣ ପାଇଁ ଯାହାକିଛି ଆବଶ୍ୟକ, ସେସବୁ ଯୋଗାଇ ଦିଆଯାଇଛି । ପଶୁ, ପକ୍ଷୀ ଓ ମନୁଷ୍ୟ-ଯାହା ପାଇଁ ଯାହା ଉପଯୁକ୍ତ, ସେମାନଙ୍କ ସାମର୍ଥ୍ୟ ଭିତ୍ତିରେ ସେସବୁ ଶକ୍ତି

ପ୍ରଦାନ କରାଯାଇଛି । କେବଳ ସେତିକି ନୁହେଁ, ଅଧିକନ୍ତୁ ଏହି ସଜୀବ ପ୍ରାଣୀ ଅସ୍ତିତ୍ୱ ଧାରଣ କରିବାର ହଜାର ହଜାର ବର୍ଷ ପୂର୍ବରୁ ପରମେଶ୍ୱର ନିଜର ରହମାନିୟତ୍ ଗୁଣ ବଳରେ ଆକାଶୀୟ ଓ ଭୂପୃଷ୍ଠର ପାର୍ଥିବ ପିଣ୍ଡ ସୃଷ୍ଟି କଲେ, ଯଦ୍ଦ୍ୱାରା ଏହିସବୁ ସଜୀବ ପ୍ରାଣୀମାନଙ୍କୁ ସୁରକ୍ଷିତ ରଖାଯାଇ ପାରିବ । ସୁତରାଂ ଏହି ଅନୁସନ୍ଧାନରୁ ଜଣା ପଡିଲା ଯେ ପ୍ରଭୁଙ୍କ 'ରହମାନିୟତ୍' ରେ କାହାର କୌଣସି କର୍ମର କିଛିହେଲେ ଦଖଲ ନାହିଁ । ଏହା ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ କରୁଣା, ଯାହା ଜୀବଜଗତର ସକଳ ପଦାର୍ଥ ସୃଷ୍ଟି ହେବାର ବହୁ ପୂର୍ବରୁ ଆସିଥିଲା । ହଁ, ଅବଶ୍ୟ ମନୁଷ୍ୟ ଉପରେ ଈଶ୍ୱରଙ୍କ ରହମାନିୟତ୍‌ର ସର୍ବାଧିକ ପ୍ରଭାବ ପଡିଛି ଓ ସେ ପ୍ରଭୁଙ୍କ ଦୟା ଓ କରୁଣାର ଅଧିକ ଭାଗୀଦାର । କାରଣ ପ୍ରତ୍ୟେକ ପଦାର୍ଥ ତା'ର ସଫଳତା ପାଇଁ ଉତ୍ସର୍ଗୀକୃତ ତ୍ୟାଗ ସ୍ୱୀକାର କରିଛି । ସେଥିପାଇଁ ମନୁଷ୍ୟକୁ ସ୍ମରଣ କରାଇ ଦିଆଗଲା ଯେ ତୁମ ଈଶ୍ୱର ଅଶେଷ ଦୟାବାନ୍ ।

**ତୃତୀୟ ଆଦର୍ଶ ଗୁଣଟି** ଯାହାକୁ ଆମେ ତୃତୀୟ ସ୍ତରର ଅନୁଗ୍ରହ ବୋଲି କହିପାରିବା, ତାହା ହେଉଛି 'ରହମିୟତ୍'। ଏହି ଦିବ୍ୟଗୁଣର ଆଧାରରେ ସୁରଃ ଫାତିହାରେ ଈଶ୍ୱରଙ୍କୁ 'ରହୀମ୍' ନାମ ଦିଆଯାଇଛି । ପବିତ୍ର କୁରଆନର ପ୍ରୟୋଗାତ୍ମକ ଅଭିବ୍ୟକ୍ତି ଦୃଷ୍ଟିକୋଣରୁ ଈଶ୍ୱରଙ୍କୁ 'ରହୀମ୍' (ସଦା କରୁଣାମୟ) ସେହି ଅବସ୍ଥାରେ କୁହାଯିବ, ଯେବେ କି ଲୋକମାନଙ୍କ ଆକୁଳ ପ୍ରାର୍ଥନା, ଭକ୍ତର ସମର୍ପିତ ଭାବନା ଓ ମନୁଷ୍ୟର ସତ୍‌କର୍ମ ଈଶ୍ୱରଙ୍କ ଠାରେ ଗୃହୀତ ହେବା ସହିତ ସେ ମନୁଷ୍ୟକୁ ଯାବତୀୟ ବିପତ୍ତି, ଦୁର୍ଦ୍ଦଶା ଓ ଦୁଷ୍କର୍ମଜନିତ ପାପରୁ ସୁରକ୍ଷିତ ରଖିବେ । ଏହି ଅନୁଗ୍ରହକୁ ଅନ୍ୟ ଶବ୍ଦରେ 'ଫୈଜେ ଖାସ୍' (ବିଶେଷ ଅନୁଗ୍ରହ) ରୂପେ ଅଭିହିତ କରାଯାଇଛି । ଏହା କେବଳ ମନୁଷ୍ୟ ଜାତି ପାଇଁ ସୀମିତ ରଖାଯାଇଛି । ଈଶ୍ୱର ଉପାସନା, ସାନୁନୟ ପ୍ରାର୍ଥନା ଓ ସତ୍‌କର୍ମ କରିବାର ପ୍ରବୃତ୍ତି ଅନ୍ୟ କାହାରିକୁ ଅର୍ପଣ କରାଯାଇ ନାହିଁ । କେବଳ ମନୁଷ୍ୟକୁ ଏଥିପାଇଁ ସମୁଚିତ ଦୈହିକ ଓ ମାନସିକ ଶକ୍ତି ଦିଆଯାଇଛି । ମନୁଷ୍ୟ ସ୍ପଷ୍ଟ ରୂପେ ନିଜ ଭାବ ବ୍ୟକ୍ତ କରୁଥିବା ପ୍ରାଣୀ । କଥା କହିବାର ପ୍ରବୃତ୍ତି ଥିବା ଯୋଗୁଁ ସେ ଈଶ୍ୱରଙ୍କ ଅନୁଗ୍ରହ ଲାଭ କରିପାରିବ । ଏହି ସାମର୍ଥ୍ୟ ଅନ୍ୟ ପ୍ରାଣୀ ଠାରେ ନାହିଁ । ତେଣୁ ଏଥିରୁ ସ୍ପଷ୍ଟ ଯେ ମନୁଷ୍ୟର ପ୍ରାର୍ଥନା କରିବା ତା'ର ଏକ ମାନବୀୟ ଗୁଣ, ଯାହା ତା'ର ସ୍ୱଭାବରେ ରଖାଯାଇଛି । ଏହା ହିଁ ତା'ର ଅନ୍ତର୍ନିହିତ ପ୍ରତିଭା ଯେ

ସେ ପ୍ରଭୁଙ୍କ ଠାରେ ଗୁହାରି କରି ନିଜ ଦୁଃଖ ଜଣାଇପାରିବ । ଯେପରି ଈଶ୍ୱରଙ୍କ ଠାରେ ରହିଥିବା ରବୁବିୟତ୍ ଓ ରହମାନିୟତ୍ ଗୁଣରୁ ଉପକାର ମିଳିଥାଏ, ସେହିପରି 'ରହମିୟତ୍' ଗୁଣରୁ ମଧ୍ୟ ଉପକାର ପ୍ରାପ୍ତ ହୋଇଥାଏ । କେବଳ ଫରକ ଏତିକି ଯେ ରବୁବିୟତ୍ ଓ ରହମାନିୟତ୍ ଗୁଣଗୁଡିକ ଭକ୍ତଙ୍କ ଠାରୁ ପ୍ରାର୍ଥନା ଚାହାନ୍ତି ନାହିଁ । କାରଣ ଏହି ଦୁଇଟିଯାକ ଗୁଣ ମନୁଷ୍ୟ ଠାରେ କୌଣସି ବିଶେଷ ପାର୍ଥକ୍ୟ ସୂଚକ ସ୍ୱଭାବ ଦେଖନ୍ତି ନାହିଁ ଏବଂ ସମସ୍ତ ଜୀବଜନ୍ତୁ ପଶୁପକ୍ଷୀ ଆଦି ଜୀବନ୍ତ ପ୍ରାଣୀ ଉପରେ ଅଶେଷ କୃପା କରିଥାନ୍ତି । ଏପରି ରବୁବିୟତ୍ ଗୁଣ ଦ୍ୱାରା ସମସ୍ତ ସଚରାଚର ପ୍ରାଣୀ ଫଳ ପନିପରିବା, ଖଣିଜ ସମ୍ପଦ ତଥା ଆକାଶୀୟ ପିଣ୍ଡ ଓ ଭୁପୃଷ୍ଠର ସମସ୍ତ ପାର୍ଥିବ ଅଂଶ ଉପରେ ଦୟାଶୀଳ ଭାବ ଦେଖାଇଛନ୍ତି । ଏବଂ କୌଣସି ବସ୍ତୁ ତାଙ୍କ କୃପାରୁ ବହିର୍ଭୁତ ନୁହେଁ । କିନ୍ତୁ ତୁଳନାତ୍ମକ ଭାବରେ ଦେଖିଲେ ରହମିୟତ୍ ଗୁଣ ହେଉଛି ମନୁଷ୍ୟ ପାଇଁ ଏକ ବିଶେଷ ସମ୍ମାନର ସ୍ତର । ଯଦି ସେ ମନୁଷ୍ୟ ହୋଇ ମଧ୍ୟ ଏହି ଗୁଣରୁ ଫାଇଦା ନଉଠାଉଛି, ତା'ହେଲେ ସେ ପଶୁ ସ୍ତରକୁ ଖସିଯାଏ । ଏପରିକି ଖଣିର ଅଲୋଡା ପଥର ସହିତ ସମାନ ହୋଇଯାଏ ।

ଯେବେ କି ପରମେଶ୍ୱର ନିଜ ମଧ୍ୟରେ ସେହି ଚାରୋଟି ଆଦର୍ଶ ଗୁଣଯୁକ୍ତ ହିତସାଧନ କାର୍ଯ୍ୟ ସାଇତି ରଖିଛନ୍ତି । କିନ୍ତୁ ରହମିୟତ୍‌ର ପ୍ରକ୍ରୀୟା କେବଳ ମନୁଷ୍ୟ ପାଇଁ ନିର୍ଦ୍ଧାରିତ କରାଯାଇଛି ଓ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରାର୍ଥନା କରିବା ଏକାନ୍ତ ଜରୁରୀ । ତେଣୁ ଏଥିରୁ ସ୍ପଷ୍ଟ ଯେ ଏହା ଏପରି ଧରଣର ଐଶି ଅନୁଗ୍ରହ, ଯାହା ପ୍ରାର୍ଥନା ସହିତ ଜଡିତ ଓ ସର୍ତ୍ତସାପେକ୍ଷ । ଏହା ପ୍ରାର୍ଥନା ବ୍ୟତିରେକେ କୌଣସି ଉପାୟରେ ମିଳିପାରିବ ନାହିଁ । ଏହା ହିଁ ଅଲ୍ଲାଃଙ୍କର ଅନୁସୃତ ପନ୍ଥା ଓ ବିଧିର ବିଧାନ ଯାହାକୁ ଉଲଂଘନ କରିବାର ଅନୁମତି ନାହିଁ । ଏହି କାରଣ ଯୋଗୁଁ ଅବତାରଗଣ ନିଜ ସଂପ୍ରଦାୟର ଅନୁଗାମୀମାନଙ୍କ ପାଇଁ ପ୍ରାର୍ଥନା ଭିକ୍ଷା କରୁଥିଲେ । ତୋରାହ ଗ୍ରନ୍ଥ ପଢ଼ନ୍ତୁ, ବହୁବାର ଇସ୍ରାଇଲୀୟ ସନ୍ତାନମାନେ ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରି ତାଙ୍କ କ୍ରୋଧର ଶରବ୍ୟ ହେଲେ ଓ ପ୍ରକୋପିତ ଶାସ୍ତିର ନିକଟରେ ପହଞ୍ଚିଗଲେ । ମାତ୍ର ହଜରତ ମୋସେସଙ୍କ ଆକୁଳ ପ୍ରାର୍ଥନା ଓ ସାଷ୍ଟାଙ୍ଗ ପ୍ରଣିପାତ ଯୋଗୁଁ ସେହି ଶାସ୍ତି ଟଳିଗଲା । ଅଥଚ ବାରମ୍ବାର ଈଶ୍ୱର ଘୋଷଣା ପୂର୍ବକ ଚେତାଇ ଦେଇଥିଲେ ଯେ ସେ ଇସ୍ରାଇଲୀୟମାନଙ୍କୁ ଧ୍ୱଂସ କରିଦେବେ ।

ଏବେ ଏହି ସମସ୍ତ ଘଟଣାରୁ ସ୍ପଷ୍ଟ ବାରିହୋଇ ପଡୁଛି ଯେ ଦୁଆ ବା ପ୍ରାର୍ଥନା ଏକ ସାମାନ୍ୟ କଥା ନୁହେଁ । ତାହା କେବେ ହେଁ ଉପାସନା ନୁହେଁ, ଯାହା ଉପରେ କୌଣସି କୃପା ଅବତୀର୍ଣ୍ଣ ହୁଏ ନାହିଁ । ଏହା ସେହି ଲୋକମାନଙ୍କ ଚିନ୍ତାଧାରା ଯେଉଁମାନେ ଈଶ୍ୱରଙ୍କୁ ତାଙ୍କର ଉପଯୁକ୍ତ ମାନ୍ୟତା ଅନୁସାରେ ଆକଳନ କରନ୍ତି ନାହିଁ ଓ ଯେଉଁମାନେ ଈଶ୍ୱରଙ୍କ ବାଣୀକୁ ଯଥୋଚିତ ଶ୍ରଦ୍ଧା ଓ ଭକ୍ତି ପ୍ରଦର୍ଶନ କରନ୍ତି ନାହିଁ କି ଗଭୀର ମନଧ୍ୟାନ ସହକାରେ ଦେଖନ୍ତି ନାହିଁ ଏବଂ ନା ସେ କେବେ ପ୍ରକୃତିର ନିୟମକୁ ଅଧ୍ୟୟନ କରିଛନ୍ତି । ପ୍ରକୃତ କଥା ହେଉଛି ଯେ ଐଶି କୃପା ପ୍ରାର୍ଥନା ଉପରେ ଗଭୀର ପ୍ରଭାବ ପକାଏ ଓ ଏହାର ଜବାବରେ ଆମମାନଙ୍କୁ ମୁକ୍ତି ପ୍ରଦାନ କରିଥାଏ । ଏହା ହିଁ ରହ୍‌ମିୟତ ଜନିତ କରୁଣା, ଯାହା ଯୋଗୁଁ ମନୁଷ୍ୟ ପ୍ରଗତି ଲାଭ କରିଥାଏ । ଏହି ଦୈବୀ କୃପା ମାଧ୍ୟମରେ ମନୁଷ୍ୟ 'ୱିଲାୟତ୍' ଅର୍ଥାତ ଋଷିତୁଲ୍ୟ ସିଦ୍ଧପୁରୁଷର ଆସ୍ଥାନରେ ପହଞ୍ଚି ଯାଇଥାଏ । ପରମେଶ୍ୱରଙ୍କ ପ୍ରତି ଏପରି ଆସ୍ଥା ପ୍ରକଟ କରିଥାଏ ସତେ ଯେପରି ତାଙ୍କର ସାକ୍ଷାତ ଦର୍ଶନ କରୁଛି । କୌଣସି ମଧ୍ୟସ୍ଥତା କରିବା କିମ୍ବା ଭଲଲୋକି ଦେଖାଇବା ମଧ୍ୟ ଏହି ରହମିୟତ୍ ଗୁଣ ଉପରେ ନିର୍ଭର କରିଥାଏ । 'ରହମିୟତ୍'ରେ ବିଭୁଷିତ ସଦା କରୁଣାମୟ ଈଶ୍ୱର ଏହା ଆବଶ୍ୟକ କରନ୍ତି ଯେ ଭଲ ଲୋକ ଖରାପ ଲୋକଙ୍କ ପାଇଁ ମଧ୍ୟସ୍ଥତା କରନ୍ତୁ ।

**ଚତୁର୍ଥ ଅନୁଗ୍ରହ** ଯାହା ଈଶ୍ୱରଙ୍କ ଚତୁର୍ଥ ଗୁଣକୁ ପ୍ରଦର୍ଶିତ କରିଥାଏ, ତାହା 'ଫୈଜାନେ ଅଖସ୍' ନାମରେ ପରିଚିତ । ଏହାକୁ ଆମେ ଅତି ବିଶିଷ୍ଟ ଦିବ୍ୟଗୁଣ କହିପାରିବା ଏବଂ ତାହା ହେଉଛି 'ମାଲିକିୟତ ୟୋମିଦ୍ଦିନ୍' ଯାହା ସୁରଃ ଫାତିହାର ପଙ୍କ୍ତି 'ମାଲିକେ ୟୋମିଦ୍‌ଦୀନ୍'ରେ ବର୍ଣ୍ଣନା କରାଯାଇଛି । ଏହି ଗୁଣ ଓ 'ରହମିୟତ୍' ଗୁଣ ମଧ୍ୟରେ ପାର୍ଥକ୍ୟ ଏତିକି ଯେ ରହମିୟତ୍ (ସଦା କରୁଣାମୟ) ରେ ପ୍ରାର୍ଥନା ଓ ଉପାସନା ଜରିଆରେ ସଫଳତାର ମୂଲ୍ୟାଙ୍କନ କରାଯାଇଥାଏ । କିନ୍ତୁ ମାଲିକିୟତ୍ ଦ୍ୱାରା ପ୍ରତିଫଳ ପ୍ରଦାନ କରାଯାଏ । ଏହାର ଏପରି ଦୃଷ୍ଟାନ୍ତ ଦିଆଯାଇପାରେ ଯେ ରହମିୟତ୍ କାର୍ଯ୍ୟକାରୀ ହେବା ଦ୍ୱାରା ଜଣେ ବ୍ୟକ୍ତି ଏପରି ସଫଳତା ଅର୍ଜନ କରିବା ପାଇଁ ଯୋଗ୍ୟ ବିବେଚିତ ହୁଏ, ଠିକ୍ ଯେପରି ଜଣେ ବ୍ୟକ୍ତି ସରକାରଙ୍କ ଏକ ଆଇନକୁ ମନେରଖିବା ପାଇଁ କଠିନ ପରିଶ୍ରମ ଓ ସଂଘର୍ଷ କରି ପରୀକ୍ଷା ଦେଇଥାଏ ଓ ସେଥିରେ କୃତକାର୍ଯ୍ୟ ହୁଏ । ସୁତରାଂ ରହମିୟତ୍‌ର ପ୍ରଭାବରେ କେହି

ସଫଳତାର ଅଧିକାର ପ୍ରତିଷ୍ଠା କରିବା, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହିତ ସମାନ । ସେହି ଉତ୍ତୀର୍ଣ୍ଣ ହେବା ଦ୍ୱାରା କୌଣସି ସ୍ଥାନ ଅଧିକାର କରିବା ମନୁଷ୍ୟର ଦିବ୍ୟ ଅନୁଗ୍ରହ ଲାଭ କରିବାର ଅବସ୍ଥାକୁ ବୁଝାଉଛି, ଯାହା 'ମାଲିକିୟତ୍ ୟୋମିଦ୍‌ଦୀନ୍' ଅର୍ଥାତ କର୍ମର ପ୍ରତିଫଳ ଜନିତ ଅନ୍ତିମ ବିଚାର ଦିବସର ପ୍ରଭୁତ୍ୱ ଅର୍ଜନକାରୀ ଗୁଣ ବଳରେ ହାସଲ ହୋଇଥାଏ । ଏହି ଦୁଇଟିଯାକ ଗୁଣ 'ରହମିୟତ୍' ଓ 'ମାଲିକିୟତ୍ ୟୋମିଦ୍‌ଦୀନ' ମଧ୍ୟରେ ଏହି ସଙ୍କେତ ରହିଛି ଯେ 'ରହମିୟତ୍' ଭିତ୍ତିକ ଅନୁଗ୍ରହ ଈଶ୍ୱରଙ୍କ ଦୟାରୁ ହାସଲ ହୋଇଥାଏ ଏବଂ 'ମାଲିକିୟତ୍ ୟୋମିଦ୍‌ଦୀନ'ର ଅନୁଗ୍ରହ ଈଶ୍ୱରଙ୍କ କରୁଣାରୁ ହାସଲ ହୋଇଥାଏ । ତେବେ 'ମାଲିକିୟତ୍' ନିଜର ଗୁଣକୁ ଅତି ବ୍ୟାପକ ଓ ସଂପୂର୍ଣ୍ଣ ରୂପେ ପରକାଳରେ ପ୍ରଦର୍ଶିତ କରିବ ସତ, ମାତ୍ର ଇହକାଳର ଏହି ପାର୍ଥିବ ଦୁନିଆରେ ନିଜର ସୀମିତ ପରିମାପ ଅନୁଯାୟୀ ଉପରେ ଆଲୋଚିତ ଚାରୋଟିଯାକ ଐଶି ଗୁଣାବଳୀ ଏହି ଭବସଂସାରରେ ମଧ୍ୟ ଆପଣାକୁ ପ୍ରଦର୍ଶିତ କରିବେ । (ଅୟାମୁସ୍ ସୁଲ୍‌ହା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୪, ପୃ ୨୪୭-୨୫୧)

## ଈଶ୍ୱରଙ୍କ ଇଚ୍ଛା ଓ ଶକ୍ତି ପ୍ରଦର୍ଶନ

ପରମେଶ୍ୱର ଦୁନିଆରେ ତିନିପ୍ରକାର ଦକ୍ଷତାଭିତ୍ତିକ କାର୍ଯ୍ୟ କରିଥାନ୍ତି । ପ୍ରଥମଟି ଈଶ୍ୱରୀୟ କ୍ଷମତା ଭିତ୍ତିରେ, ଦ୍ୱିତୀୟଟି ବନ୍ଧୁ ହେବାର କ୍ଷମତା ଭିତ୍ତିରେ ଓ ତୃତୀୟଟି ଶତ୍ରୁର କ୍ଷମତା ଭିତ୍ତିରେ । ଯେଉଁ କାର୍ଯ୍ୟ ସାଧାରଣ ସୃଷ୍ଟିର ପ୍ରାଣୀ କରିଥାନ୍ତି, ତାହା କେବଳ ଈଶ୍ୱରୀୟ କ୍ଷମତା ଯୋଗୁଁ ସମ୍ଭବ ହୋଇଥାଏ । ଦ୍ୱିତୀୟତଃ ତାଙ୍କର ଆଚରଣ ସେହି କ୍ଷମତା ଭିତ୍ତିରେ ହୋଇଥାଏ, ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ଓ ଈଶ୍ୱର ସେମାନଙ୍କୁ ପ୍ରେମ କରନ୍ତି । ନା କେବଳ ତାହା ଈଶ୍ୱରୀୟ କ୍ଷମତା ଦ୍ୱାରା ହୋଇଥାଏ, ବରଂ ଜଣେ ସଖା ହେବାର କ୍ଷମତା ରଖିଥିବା ସେହି ଈଶ୍ୱର ନିଜ ଶକ୍ତିଶାଳୀ ଉପାୟରେ ସେମାନଙ୍କ ଉପରେ ବନ୍ଧୁତ୍ୱର ଗାରିମା ବଜାୟ ରଖିଥାନ୍ତି । ଏହା ଦେଖି ଦୁନିଆ ଭାବିନିଏ ଯେ ଈଶ୍ୱର ସେହି ଲୋକଙ୍କୁ ନିଜର ପରମ ସଖା ଭାବରେ ସମର୍ଥନ କରନ୍ତି । ପୁନଶ୍ଚ ଯେଉଁ କାର୍ଯ୍ୟ ଶତ୍ରୁତା ଜନିତ କ୍ଷମତା ରୂପେ ହୋଇଥାଏ, ସେମାନଙ୍କ ସହିତ ଏକ ଯନ୍ତ୍ରଣାଦାୟକ ଶାସ୍ତି ଭୋଗ କରିବା ସ୍ୱରୂପ ତାହାକୁ ଚିତ୍ରଣ କରାଯାଇଥାଏ । ସେତେବେଳେ ଏପରି ଚିହ୍ନ ଦେଖାଯାଏ, ଯେଉଁଥିରୁ ଏହା ପ୍ରତୀତ ହୁଏ ଯେ ପରମେଶ୍ୱର ସେହି ଜାତି,

ସଂପ୍ରଦାୟ କିମ୍ବା ସେହି ବ୍ୟକ୍ତି ସହିତ ଶତ୍ରୁତା ଆଚରଣ କରୁଛନ୍ତି । ଅନେକ ସମୟରେ ପ୍ରଭୁ ତାଙ୍କ ସଖାଙ୍କର ଏପରି ପରୀକ୍ଷା ନିଅନ୍ତି ଯେ ସାରା ଜଗତ ତାଙ୍କ ବିପକ୍ଷରେ ଶତ୍ରୁ ସାଜି ଛିଡା ହୋଇଯାଏ ଏବଂ କେତେକ ଅବଧି ପର୍ଯ୍ୟନ୍ତ ସେମାନଙ୍କ ହାତ ଓ ତୁଣ୍ଡ ଦ୍ୱାରା ତାକୁ ଦମନ କରିଥାନ୍ତି । ଈଶ୍ୱର ନିଜ ସଖାକୁ ନଷ୍ଟଭ୍ରଷ୍ଟ କରିଦେବାର ଉଦ୍ଦେଶ୍ୟ ରଖି ଏହା ଆଦୌ କରିବାକୁ ଚାହାନ୍ତି ନାହିଁ କିମ୍ବା ଏଥିଯୋଗୁଁ ଏହି କାଣ୍ଡ ଭିଆଇ ନଥା'ନ୍ତି ଯେ ଆପଣା ଭକ୍ତକୁ ଅପମାନିତ କିମ୍ବା ପଦଦଳିତ କରିଦେବେ । ବରଂ ଏଥି ସକାଶେ ତାହା ହୋଇଥାଏ ଯେ ଈଶ୍ୱର ନିଜ ଚିହ୍ନ ଦେଖାଇଥାନ୍ତି, ଯଦ୍ଦ୍ୱାରା ଉଦ୍ଧତ ବିରୋଧି ଏହା ଉପଲବ୍ଧି କରିପାରିବେ ଯେ ସେମାନଙ୍କର ପାରୁ ପର୍ଯ୍ୟନ୍ତ ସକଳ ଉଦ୍ୟମ ସତ୍ତ୍ୱେ ସେମାନେ ସେହି ବ୍ୟକ୍ତିକୁ କାଣିଚାଏ ହେଲେ କ୍ଷତି ପହଞ୍ଚାଇ ପାରିଲେ ନାହିଁ ।

(ନୋଜୁଲୁଲ୍ ମସିହ,ରୁହାନି ଖଜାଇନ, ଗ୍ରନ୍ଥଖଣ୍ଡ ୧୮, ପୃ ୫୧୭-୫୧୮)

ପବିତ୍ର କୁରଆନରେ ସର୍ବଶକ୍ତିମାନ ଈଶ୍ୱରଙ୍କର ଗୁଣାବଳୀକୁ କର୍ତ୍ତାକାରକ ଭାବେ ଦର୍ଶାଯାଇଛି, କର୍ମକାରକ ଭାବେ ନୁହେଁ । ଯେପରି ସେ ହେଉଛନ୍ତି 'କୁଦ୍‌ଦୁସ' ଅର୍ଥାତ ପବିତ୍ରମୟ । କିନ୍ତୁ ଏହା କୁହାଯାଇ ନାହିଁ ଯେ ସେ 'ମାସୁମ୍' (ସ୍ୱୟଂ ସୁରକ୍ଷିତ) । କାରଣ ତା'ହେଲେ ତାଙ୍କର ସୁରକ୍ଷାକାରୀ ଅନ୍ୟ କେହି ହେବାକୁ ପଡିବ ।

(ମଲଫୁଜାତ୍, ଭାଗ ୨, ପୃ ୪୪୭, ୨୦୦୩)

ଆମ ଈଶ୍ୱରଙ୍କର ପ୍ରତ୍ୟେକ ବିଷୟ ଉପରେ କର୍ତ୍ତୃତ୍ୱ ରହିଛି । ସେହି ଲୋକମାନେ ମିଥ୍ୟାବାଦୀ, ଯେଉଁମାନେ କୁହନ୍ତି ଯେ ସେ ଆତ୍ମାକୁ କି ଶରୀରର କୌଣସି କ୍ଷୁଦ୍ରତମ ଅଂଶକୁ ବି ସୃଷ୍ଟି କରିନାହାନ୍ତି । ସେମାନେ ଈଶ୍ୱରଙ୍କ ବିଷୟରେ ସଂପୂର୍ଣ୍ଣ ଅଜ୍ଞ । ଆମେ ପ୍ରତିଦିନ ନୂଆ ନୂଆ ସୃଷ୍ଟି ଦେଖୁଛୁ । ସେ ସମୃଦ୍ଧିର ନିତ୍ୟ ନୂତନ ଆତ୍ମା ଆମ ଅନ୍ତରରେ ଫୁଙ୍କି ଦିଅନ୍ତି । କ'ଣ ତେବେ ଅବିଦ୍ୟମାନତାରୁ ବିଦ୍ୟମାନତାକୁ ଆଣିବାର କ୍ଷମତା ତାଙ୍କ ଠାରେ ନାହିଁ ? ତାହା ନହୋଇଥିଲେ ଆମେ ଜୀବିତ ଥାଇ ସୁଦ୍ଧା ମରିଯାଆନ୍ତେ ! ଆମ ପରମେଶ୍ୱର କେତେ ଅଦ୍ଭୁତ ସତେ ! କିଏ ଅଛି ଯେ କି ତାହାଙ୍କ ସରି ହେବ ? କାହାର କାର୍ଯ୍ୟ ତାହା ସହିତ ସମାନ ହେବ ? ସ୍ୱୟଂସମ୍ଭୁତ ପରମ ଶକ୍ତିସମ୍ପନ୍ନ ଆମ ପ୍ରଭୁ !

(ନସୀମ୍ ଏ ଦାଓ୍ୱତ୍, ରୁହାନୀ ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃ ୪୩୫)

ଅନ୍ୟ ଦେବାଦେବୀ ପ୍ରତୀମାମାନଙ୍କୁ ପୂଜା କରିବା ତଥା ଦେହାନ୍ତର ପ୍ରାପ୍ତି ହେବା ଅର୍ଥାତ ଆତ୍ମା ଗୋଟିଏ ଶରୀର ତ୍ୟାଗ କରି ଅନ୍ୟ ଶରୀରରେ ପ୍ରବେଶ କରିବାର ସିଦ୍ଧାନ୍ତ ଉପରେ ବିଶ୍ୱାସ କରିବା ହେଉଛି ଐଶି ଗୁଣାବଳୀକୁ ପ୍ରକାରାନ୍ତେ ଅସ୍ୱୀକାର କରିବା । ଯେତେବେଳେ ଏହା ବିବେଚନା କରାଗଲା ଯେ ସର୍ବଶକ୍ତିମାନ ଓ ସର୍ବକର୍ତ୍ତୃକ ଈଶ୍ୱର ସମସ୍ତ ବିଶ୍ୱର ସଂଚାଳନ ଓ ସଂପୂର୍ଣ୍ଣ ନିୟନ୍ତ୍ରଣ କରିବା କ୍ଷମତାକୁ ହରାଇ ବସିଛନ୍ତି ଏବଂ ଯେତେବେଳେ ଏହି ବିଚାର ମନକୁ ଆସିଲା ଯେ ଈଶ୍ୱର ସର୍ବଜ୍ଞ ଓ ସଂପୂର୍ଣ୍ଣ ନ୍ୟାୟଶୀଳ ହୋଇ ଆଉ ରହିନାହାନ୍ତି, ସେତେବେଳେ ମନୁଷ୍ୟ ନିଜର ଆବଶ୍ୟକତାକୁ ପୂରଣ କରିବା ସନ୍ଧାନରେ ବାହାରି ପଡିଲା । ପୁଣି ନିଜର ଗୁହାରୀ ଜଣାଇବା ପାଇଁ ବିଭିନ୍ନ ଦେବାଦେବୀଙ୍କ ପ୍ରତୀମା ଗଢ଼ା ହେଲେ । ପ୍ରାକୃତିକ ପରିବର୍ତ୍ତନ ପାଇଁ ଭାଗ୍ୟକୁ ଦୋଷୀ କରାଗଲା ଓ ପୂର୍ବଜନ୍ମରେ କରିଥିବା କର୍ମର ଫଳ ରୂପେ ଏହାକୁ ବର୍ଣ୍ଣନା କରାଗଲା । ଏହି ଗୋଟିଏ ମୂଳ ଭ୍ରାନ୍ତଧାରଣା ଯୋଗୁଁ ଦୁଇଟି ମନ୍ଦ କର୍ମକାଣ୍ଡ ଓ ଅପସଂସ୍କୃତି ଜନ୍ମ ନେଲା । ତେବେ ସମାଜରେ ପ୍ରଚଳିତ ସେହି ଦୁଇଟି ଅପସଂସ୍କୃତି ହେଉଛି ଆତ୍ମାର ଦେହାନ୍ତର ହେବା ତତ୍ତ୍ୱ ଓ ବିଭିନ୍ନ ପ୍ରତୀମା ପୂଜାର ପ୍ରଚଳନ ।

(ଶାହନାଏ ହକ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ୨, ପୃ ୪୦୭ - ୪୦୮)

କୁଦରତ୍ ସେ ଅପନୀ ଜାତ୍ କା ଦେତା ହୈ ହକ୍ ସବୁତ୍ ।
ଉସ୍ ବେନିଶାଁ କି ଚେହ୍‌ରା ନୁମାଇଁ ୟହି ତୋ ହୈ ॥

*ନିଜ ଅସ୍ତିତ୍ୱର ସତ୍ୟର ପ୍ରମାଣ ଦେଇଥାନ୍ତି ଶକ୍ତି ବଳେ ।*
*ଚିହ୍ନ ନାହିଁ ଯା'ର ବିଶ୍ୱରୂପ ତା'ର ଦର୍ଶନ ଦିଅନ୍ତି ବାରେ ॥*

ୟିସ ବାତ୍ କୋ କହେ କେ କରୁଁଗା ୟେ ମୈଁ ଜରୁର୍ ।
ଟଲ୍‌ତି ନେହିଁ ୱହ୍ ବାତ୍ ଖୁଦାଇ ୟହି ତୋ ହୈ ॥

*ଯାହା ମୁଁ କହଇ ତାହା ମୁଁ କରଇ ଅଟଳ ମୋହର ଗୀର ।*
*ପଣ ଏ ମୋ କେବେ ହୁଏନି ଅନ୍ୟଥା ଈଶ୍ୱରତ୍ୱ ଏକା ସାର ॥*

(ପଦ୍ୟଗ୍ରନ୍ଥ- 'ଦୁର୍‌ରେ ଶମୀନ୍', ପୃ ୧୫୮)

ଆମ ଈଶ୍ୱରଙ୍କ ଠାରେ ଅନେକ ଅଲୌକିକ ଶକ୍ତି ରହିଛି, ଯାହା ଅତ୍ୟନ୍ତ ବିସ୍ମୟଜନକ । କିନ୍ତୁ ସେହି ବ୍ୟକ୍ତିମାନଙ୍କୁ ଏହା ଦୃଶ୍ୟମାନ ହୁଏ, ଯେଉଁମାନେ ତାଙ୍କ ଠାରେ ନିଷ୍ଠା ଓ ଭକ୍ତି ରଖିଥା'ନ୍ତି । କିନ୍ତୁ ଏହି ଅଲୌକିକ ଶକ୍ତିକୁ ସେ ସେମାନଙ୍କ ଠାରେ ପ୍ରଦର୍ଶନ କରନ୍ତି ନାହିଁ, ଯେଉଁମାନେ ସେହି ଶକ୍ତି ଉପରେ ବିଶ୍ୱାସ ରଖନ୍ତି ନାହିଁ ଏବଂ ଯେଉଁମାନଙ୍କର ତାଙ୍କଠାରେ ନିଷ୍ଠା ଓ ଭକ୍ତିଭାବ ନଥାଏ । ସେହି ବ୍ୟକ୍ତି କେତେ ହତଭାଗା, ଯାହାକୁ ଜଣା ନାହିଁ ଯେ ତା'ର ଏକ ଈଶ୍ୱର ଅଛନ୍ତି ଓ ସେ ପ୍ରତ୍ୟେକ ବିଷୟ କରିବାର ଅଖଣ୍ଡ କ୍ଷମତା ରଖିଛନ୍ତି ।

(କଶ୍ତୀ ନୁହ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃ ୨୧)

ତାଙ୍କର ଶକ୍ତି ଅସୀମ । ତାଙ୍କର ବିସ୍ମୟକର କାର୍ଯ୍ୟ ଦକ୍ଷତାର କୌଣସି ଅନ୍ତ ନାହିଁ । ସେ ନିଜର ବିଶିଷ୍ଟ ଭକ୍ତମାନଙ୍କ ସକାଶ ନିଜର ନିୟମ ପରିବର୍ତ୍ତନ କରି ଦିଅନ୍ତି । କିନ୍ତୁ ସେହି ପରିବର୍ତ୍ତନ ମଧ୍ୟ ତାଙ୍କ ସ୍ୱର୍ଗୀୟ ବିଧାନ ଅନ୍ତର୍ଗତ । ଯେତେବେଳେ ଜଣେ ବ୍ୟକ୍ତି ତାଙ୍କ ଶ୍ରୀଛାମୁରେ ଏକ ନୂତନ ଆତ୍ମା ନେଇ ଶରଣାଗତ ହୁଏ ଓ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନିଜ ଅନ୍ତରରେ ଏକ ବିଶେଷ ପରିବର୍ତ୍ତନ ସୃଷ୍ଟି କରେ, ତେବେ ଈଶ୍ୱର ମଧ୍ୟ ତା'ପାଇଁ ଏପରି ଏକ ପରିବର୍ତ୍ତନ ଆଣନ୍ତି, ସତେ ଯେପରି ସେହି ଈଶ୍ୱର ଯିଏ ତା'ସମ୍ମୁଖରେ ଦେଖା ଯାଉଛନ୍ତି । ସେ ନୁହନ୍ତି, ବରଂ ଅନ୍ୟ ଏକ ଈଶ୍ୱରଙ୍କର ଆବିର୍ଭାବ ଘଟିଛି । ଯାହାର ବିଶ୍ୱାସ ଦୁର୍ବଳ, ଈଶ୍ୱର ତାକୁ ଦୁର୍ବଳ ହୋଇ ପ୍ରତୀତ ହୁଅନ୍ତି । କିନ୍ତୁ ଯାହାର ବିଶ୍ୱାସ ଦୃଢ଼, ତାକୁ ସେ ଦେଖାଇ ଦିଅନ୍ତି ଯେ ମୁଁ ମଧ୍ୟ ତୋ ପାଇଁ ଶକ୍ତିମାନ ହୋଇ ତୋର ସହାୟକ ରୂପେ ଛିଡା ହୋଇଛି । ସେହିପରି ମନୁଷ୍ୟ ଜୀବନରେ ପରିବର୍ତ୍ତନ ଆସିଲେ, ତଦନୁରୂପେ ତାହାଙ୍କ ଐଶି ଗୁଣାବଳୀରେ ମଧ୍ୟ ପରିବର୍ତ୍ତନ ଆସେ । ଯାହାର ବିଶ୍ୱାସର ଅବସ୍ଥା ଶକ୍ତିହୀନ ଓ ନିର୍ଜୀବ ପ୍ରାୟ ହୋଇଯାଏ, ପ୍ରଭୁ ମଧ୍ୟ ନିଜର ସହାୟତା ଓ ସମର୍ଥନ ତା'ଠାରୁ କାଢ଼ି ନିଅନ୍ତି ଓ ଏପରି ନୀରବ ହୋଇଯାଆନ୍ତି, ସତେ ଯେପରି ସେ ମରିଯାଇଛି (ଈଶ୍ୱର ନକରନ୍ତୁ) । ମାତ୍ର ଏ ସମସ୍ତ ପରିବର୍ତ୍ତନ ସେ ନିଜର ବିଧାନ ଅନ୍ତର୍ଗତ ପବିତ୍ରତା ଅନୁଯାୟୀ ସଂପାଦନ କରିଥାନ୍ତି । ଯେହେତୁ ଈଶ୍ୱରଙ୍କ ବିଧାନକୁ କେହି ସୀମାବଦ୍ଧ କରି ରଖିପାରିବେ ନାହିଁ, ତେଣୁ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥାଇ ଅଭିଯୋଗ କରିବା ଯେ ଅମୁକ ବିଷୟ ପ୍ରାକୃତିକ ବିଧାନର ବହିର୍ଭୁତ, ଯାହା ଐଶି

ନିୟମକୁ ବିରୋଧ କରୁଛି, ତାହା କେବଳ ଏକ ନିର୍ବୋଧତା । ଯେଉଁ ବିଷୟର କୌଣସି ସୀମା ନିର୍ଦ୍ଧାରଣ କରାଯାଇ ନାହିଁ ଓ ଯାହା କୌଣସି ନିର୍ଣ୍ଣାୟକ ସିଦ୍ଧାନ୍ତରେ ପହଞ୍ଚି ନାହିଁ, ସେପରି ବିଷୟ ଉପରେ କିଏ ତର୍କବିତର୍କ କରିପାରିବ ?

(ଚଶ୍‌ମାଏ ମାରିଫତ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃ ୧୦୪-୧୦୫)

ଯଦି ଈଶ୍ୱରଙ୍କୁ ସର୍ବଶକ୍ତିମାନ ରୂପେ ବିବେଚନା କରା ନଯାଏ, ତେବେ ଆମର ତାହାଙ୍କ ଠାରୁ ସମସ୍ତ ଆଶା ବ୍ୟର୍ଥ ହୋଇଯିବ । କାରଣ ଆମ ପ୍ରାର୍ଥନା ଗ୍ରହୀତ ହେବା ଏହି ତତ୍ତ୍ୱ ଉପରେ ନିର୍ଭର କରେ ଯେ ପ୍ରଭୁ ଯେତେବେଳେ ଇଚ୍ଛା କରିବେ, ଶରୀରର କ୍ଷୁଦ୍ରତମ ଅଂଶ କିମ୍ବା ଆତ୍ମାର ଅନ୍ତର୍ନିହିତ ଶକ୍ତିକୁ ମଧ୍ୟ ସୃଷ୍ଟି କରିପାରନ୍ତି, ଯାହା ସେମାନଙ୍କ ମଧ୍ୟରେ ନଥାଏ । ଉଦାହରଣ ସ୍ୱରୂପ, ଆମେ ଜଣେ ରୋଗାକ୍ରାନ୍ତ ବ୍ୟକ୍ତିର ଆଶୁ ଆରୋଗ୍ୟ କାମନା କରି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥାଇଁ ଓ ଯେତେବେଳେ ସେ ମରିବା ଅବସ୍ଥାରେ ପହଞ୍ଚି ଥିବାର ଦେଖାଯାଏ, ସେତେବେଳେ ଆମେ ଈଶ୍ୱରଙ୍କୁ ନିବେଦନ କରୁ ଯେ ସେହି ବ୍ୟକ୍ତିର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ ଏପରି ବଳ ଆଣିଦିଅ, ଯଦ୍ୱାରା ସେ ମୃତ୍ୟୁ ମୁଖରୁ ରକ୍ଷା ପାଇଯିବ । ସେତେବେଳେ ଦେଖାଯାଇଛି ଯେ ପ୍ରାୟତଃ ଅଧିକାଂଶ ସମୟରେ ଓ ବାରମ୍ବାର ସେହି ପ୍ରାର୍ଥନା ଗ୍ରହୀତ ହୋଇଯାଏ । ଅନେକ ସମୟରେ ଆମକୁ ଜଣାଇ ଦିଆଯାଏ ଯେ ଏହି ବ୍ୟକ୍ତିଟି ସତେ ଯେମିତି ଏହିକ୍ଷଣି ମରିଯିବ ଓ ତା'ର ଜୀବନଶକ୍ତି ଲୋପ ପାଇବାକୁ ବସିଲାଣି । କିନ୍ତୁ ଆମର ଆକୁଳ ପ୍ରାର୍ଥନା ଯେତେବେଳେ ଅତ୍ୟଧିକ ବଢ଼ିଯାଏ ଓ ଚରମ ସୀମାରେ ପହଞ୍ଚିଯାଏ, ଏପରି କି ଅତ୍ୟନ୍ତ ହୃଦୟ ବିଦାରକ ସ୍ଥିତି ଯୋଗୁଁ ଆମ ଅବସ୍ଥା ମୃତ୍ୟୁ ସଦୃଶ ହୋଇଯାଏ, ସେତେବେଳେ ଆମକୁ ପ୍ରଭୁଙ୍କ ଠାରୁ ଦୈବିବାଣୀ ପ୍ରାପ୍ତ ହୁଏ ଯେ ଏହି ବ୍ୟକ୍ତିର ପିଣ୍ଡରେ ପୁଣି ଥରେ ଜୀବନଶକ୍ତି ସଂଚର କରାଯାଇଛି । ତଦ୍ୱାରା ଅକସ୍ମାତ ସେ ଏକବାରକେ ସୁସ୍ଥ ହୋଇ ଉଠିଯିବାର ଲକ୍ଷଣ ତା'ଠାରେ ପ୍ରକାଶ ପାଏ । ସତେ ଯେପରି ସେ ମୃତରୁ ଜୀବିତ ହୋଇଗଲା । ଏହି ପରିପ୍ରେକ୍ଷୀରେ ଏକ ଘଟଣା ମୋର ମନେ ପଡୁଛି । ପଞ୍ଜାବରେ ପ୍ଲେଗ ରୋଗ ବ୍ୟାପିଥିବା ସମୟରେ ମୁଁ ପ୍ରାର୍ଥନା କଲି, 'ହେ ସର୍ବଶକ୍ତିମାନ ଈଶ୍ୱର ! ଆମମାନଙ୍କୁ ଏହି ବିପତ୍ତିରୁ ରକ୍ଷାକର ଏବଂ ଆମ ଶରୀରରେ ଏପରି ରୋଗ ନିରୋଧକ ଶକ୍ତି ସୃଷ୍ଟି କର, ଯଦ୍ୱାରା ଆମେ

ପ୍ଲେଗଜନିତ ବିଷର ଜ୍ୱାଳାରୁ ରକ୍ଷା ପାଇଯିବୁ ।' ତା'ପରେ ଈଶ୍ୱର ଆମ ଭିତରେ ସେହି ବିଷ ନିରୋଧକ ଔଷଧର ପ୍ରଭାବ ଜାତ କରାଇଲେ ଓ କହିଲେ, 'ମୁଁ ତୁମକୁ ପ୍ଲେଗ ଦ୍ୱାରା ଆସନ୍ନ ମୃତ୍ୟୁରୁ ସୁରକ୍ଷା ପ୍ରଦାନ କରିବି' । ପୁଣି କହିଲେ, 'ତୁମ ଗୃହର ଚାରିକାନ୍ଥ ମଧ୍ୟରେ ରହୁଥିବା ଲୋକ ଯେଉଁମାନେ ଅହଙ୍କାର କରନ୍ତି ନାହିଁ, ଅର୍ଥାତ ଈଶ୍ୱରଙ୍କ ଆଜ୍ଞାବହ ହେବାରେ ଧୃଷ୍ଟତା କରନ୍ତି ନାହିଁ ଓ ସେମାନଙ୍କ ହୃଦୟ ପବିତ୍ର ଓ ଶୁଦ୍ଧପୂତ ସେ ସମସ୍ତଙ୍କୁ ମୁଁ ରକ୍ଷା କରିବି । ତତ୍‌ସହିତ କାଦିୟାନ ଗ୍ରାମକୁ ପ୍ଲେଗର ପ୍ରଚଣ୍ଡ ପ୍ରାଦୁର୍ଭାବ ଓ ମୃତ୍ୟୁର ବିଭୀଷିକାରୁ ସୁରକ୍ଷିତ ରଖିବି ।' ଅର୍ଥାତ ସେହି ବିନାଶକାୟ ଲୀଳା ଯାହା ଅନ୍ୟ ଗ୍ରାମମାନଙ୍କରେ ମୃତ୍ୟୁର କାୟା ବିସ୍ତାର କରିଥିବ, ସେପରି ମାତ୍ରାରେ ମୃତ୍ୟୁ କାଦିୟାନରେ ଘଟିବ ନାହିଁ ।

ସୁତରାଂ ଆମେ ଦେଖିଲୁ ଓ ପ୍ରଭୁଙ୍କର ଏହି ସମସ୍ତ ବିଷୟକୁ ଅଙ୍ଗେ ନିଭାଇଲୁ । ତେବେ ଆମ ଈଶ୍ୱର ଏହିପରି ଯିଏ ନିତ୍ୟନୂତନ ଶକ୍ତି, ଗୁଣ ଓ ବିଶେଷତ୍ୱ ବହନ କରି ବିଶ୍ୱର କ୍ଷୁଦ୍ର ଉପାଦାନରେ ମଧ୍ୟ ତାହାର ପ୍ରଭାବ ସୃଷ୍ଟି କରିଥାନ୍ତି । ଆମେ ସେହି ସ୍ୱୟଂ ସଂପୂର୍ଣ୍ଣ ଈଶ୍ୱରଙ୍କ ଠାରୁ ଆଶ୍ୱସ୍ତି ପାଇଁ ପ୍ଲେଗ ପ୍ରତିଷେଧକ ଟୀକା ନେବାକୁ ବର୍ଜନ କଲୁ । କିନ୍ତୁ ଟୀକା ନେଇଥିବା ଲୋକଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କଲେ, ଅଥଚ ଈଶ୍ୱରଙ୍କ କୃପାରୁ ଆମେ ଆଜି ପର୍ଯ୍ୟନ୍ତ ଜୀବିତ ରହିଛୁ । ତେଣୁ ସର୍ବଶକ୍ତିମାନ ଈଶ୍ୱର ଅତି କ୍ଷୁଦ୍ରାଂଶ ମଧ୍ୟ ସୃଷ୍ଟି କରିଥାନ୍ତି, ଯେପରି କି ସେ ଆମ ଶରୀର ମଧ୍ୟରେ ରୋଗ ନିରୋଧକ ଔଷଧ ଅନୁରୂପ କ୍ଷୁଦ୍ର କଣିକା ସୃଷ୍ଟି କଲେ । ସେହିପରି ସେ ମଧ୍ୟ ଆତ୍ମାକୁ ସୃଷ୍ଟି କରନ୍ତି, ଯେପରି ସେ ମୋ ଶରୀରରେ ବିଶୁଦ୍ଧ ଆତ୍ମା ଫୁଙ୍କି ଦେଲେ, ଯଦ୍ୱାରା ମୁଁ ଜୀବନ ପାଇଲି । କେବଳ ଆମେ ଏତିକି ଆବଶ୍ୟକ କରୁ ନାହୁଁ ଯେ ସେ ଆତ୍ମାକୁ ସୃଷ୍ଟି କରି ଆମ ଶରୀରକୁ ଜୀବନ୍ୟାସ ଦେଲେ । ବରଂ ଆମ ଆତ୍ମା ମଧ୍ୟ ଅନ୍ୟ ଏକ ଆତ୍ମା ଆବଶ୍ୟକ କରିଥାଏ, ଯଦ୍ୱାରା ସେହି ମୃତ ଆତ୍ମା ପୁଣି ଥରେ ଜୀବନ୍ୟାସ ପାଉ ଓ ଜୀବିତ ହୋଇ ଉଠୁ । ତେଣୁ ଏହି ଦୁଇଟିଯାକ ଆତ୍ମାକୁ ଈଶ୍ୱର ସୃଷ୍ଟି କରିଥାନ୍ତି । ଯିଏ ଏହି ଭେଦକୁ ବୁଝିପାରେ ନାହିଁ ସେ ଈଶ୍ୱରଙ୍କ ଶକ୍ତିରୁ ଅଜ୍ଞାତ ରହିଛି ଓ ଈଶ୍ୱରଙ୍କ ଅମନଯୋଗୀ ହୋଇ ରହିଛି ।

(ନସୀମ ଏ ଦାଓ୍ୱତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃ ୩୯୦-୩୯୧)

# ଐଶି ଗୁଣାବଳୀର ସ୍ପଷ୍ଟ ପରିପ୍ରକାଶ

ଐଶ୍ୱରିକ ଅନୁଭବ ତଥା ଈଶ୍ୱରତ୍ୱ ତାହାଙ୍କ ସୀମାହୀନ ଶକ୍ତି ଓ ଅଗଣିତ ରହସ୍ୟ ସହିତ ଯୋଡିହୋଇ ରହିଛନ୍ତି । ଯାହାକୁ ପ୍ରାକୃତିକ ନିୟମ ରୂପେ ସୀମାବଦ୍ଧ କରି ରଖିବା ମନୁଷ୍ୟ ପକ୍ଷେ ସମ୍ଭବପର ନୁହେଁ । ଈଶ୍ୱରଙ୍କ ପରିଚୟ ପାଇବାର ଏକ ମହତ୍ତ୍ୱପୂର୍ଣ୍ଣ ଓ ମୌଳିକ ନିୟମ ହେଉଛି, ଗୌରବଶାଳୀ ଈଶ୍ୱରଙ୍କ ଶକ୍ତି ପରାକ୍ରମ ଓ ବିଜ୍ଞତା ଅପରିସୀମ, ଅନ୍ତହୀନ । ଏହି ନିୟମର ବାସ୍ତବିକତାକୁ ବୁଝିଗଲେ ଓ ଏହାକୁ ଗଭୀର ଭାବେ ଅନୁଧ୍ୟାନ କଲେ ସବୁକଥା ସ୍ପଷ୍ଟ ହୋଇଯାଏ ଓ ମନୁଷ୍ୟ ମନରେ ରହିଥିବା ସଂକୀର୍ଣ୍ଣ ତଥା ଅଡୁଆ ଧାରଣା ଦୂରିଭୁତ ହୋଇଯାଏ । ଏହା ଫଳରେ ଜଣେ ସତ୍ୟର ଅନୁସନ୍ଧିସ୍ନୁ ସଳଖ ପଥ ଦେଖିବାକୁ ସମର୍ଥ ହୁଏ ଓ ସେ ସତ୍ୟର ପୂଜାରୀ ହୋଇଯାଏ ।

ଆମେ ଏଠାରେ ଏହା ଅସ୍ୱୀକାର କରୁ ନାହୁଁ ଯେ ଈଶ୍ୱର ନିଜର ଚିରନ୍ତନ ଗୁଣାବଳୀ ଅନୁଯାୟୀ କାର୍ଯ୍ୟ କରିଥାନ୍ତି । ଯଦି ଆମେ ଅନ୍ୟ ଶବ୍ଦରେ ଏହି ଚିର ଶାଶ୍ୱତ ଗୁଣାବଳୀ ଉପରେ ପରିଚାଳିତ ହେବାର ନାମ ଐଶ୍ୱରିକ ନିୟମ ବୋଲି ରଖୁ, ତାହା ଅଯୌକ୍ତିକ ହେବ ନାହିଁ । ମାତ୍ର ଆମ ତର୍କର ପ୍ରଶ୍ନ ହେଉଛି ଯେ ସେହି ଚିରସ୍ଥାୟୀ ଗୁଣର ପ୍ରଭାବ କିମ୍ବା ଏପରି କହିପାର ଯେ ବିଧାତାଙ୍କର ସେହି ଅପରିବର୍ତ୍ତନୀୟ ନିୟମ ସୀମିତ ଓ ସଠିକ ନିର୍ଦ୍ଧାରଣ କରାଯିବା ବିଷୟକୁ ଆମେ କାହିଁକି ମାନିବା ? ହଁ, ନିଃସନ୍ଦେହରେ ଆମେ ଏହା ବିଶ୍ୱାସ କରୁଛୁ ଓ ଏହା ସ୍ୱୀକାର କରିବା ଉଚିତ ମଧ୍ୟ ଯେ ଯେଉଁସବୁ ଗୁଣାବଳୀ ଈଶ୍ୱରଙ୍କ ସତ୍ତାରେ ଅନୁଭୂତ ହୁଏ ଓ ଯାହାର ପ୍ରଭାବ ଅସୀମ, ଅନନ୍ତ, ସେଗୁଡିକ ନିଜ ନିଜର ଉପଯୁକ୍ତ ସମୟରେ ପ୍ରଦର୍ଶିତ ହୋଇଥାନ୍ତି ଓ ସେଗୁଡିକର ବାହାରେ କିଛି ଘଟେ ନାହିଁ । ସେହି ଦିବ୍ୟ ଗୁଣାବଳୀ ଆକାଶ ଓ ପୃଥିବୀରେ ଥିବା ପ୍ରତ୍ୟେକ ସୃଷ୍ଟିର ଉପାଦାନ ଉପରେ ପ୍ରତିଫଳିତ ହୋଇଥାଏ । ସେହିସବୁ ଗୁଣାବଳୀର କାର୍ଯ୍ୟକାରୀ ପ୍ରଭାବ ତଥା ଫଳାଫଳର ନାମ ହେଉଛି 'ସୁନ୍ନତୁଲ୍ଲାଃ' ଅର୍ଥାତ ଅଲ୍ଲାଃଙ୍କ ନିର୍ଦ୍ଦେଶିତ ପନ୍ଥା ଅଥବା 'କାନୁନ କୁଦ୍‌ରତ୍' ଅର୍ଥାତ ବିଧିର ବିଧାନ । ମାତ୍ର ଯେହେତୁ ଈଶ୍ୱର ନିଜର ନିଖୁଣ ଓ ସଂପୂର୍ଣ୍ଣ ଗୁଣାବଳୀ ସମେତ ସ୍ୱୟଂ ସୀମାହୀନ ଓ ଅନ୍ତହୀନ, ତେଣୁ ଏହା ଆମ ପକ୍ଷେ ମୂର୍ଖତା ହେବ, ଯଦି ଆମେ ଏହା ଦାବି କରିବା ଯେ ସେସବୁ ଦୈବିଗୁଣର ପ୍ରଭାବ ଅର୍ଥାତ ପ୍ରାକୃତିକ ନିୟମ ଆମର ଅଭିଜ୍ଞତା, ବୁଦ୍ଧି କିମ୍ବା ଅନୁଧ୍ୟାନ ଠାରୁ ଅଧିକ ଆଗକୁ ବଳି ଯାଇପାରିବ ନାହିଁ ।

ଆଜିକାଲିର ଦର୍ଶନ ତତ୍ତ୍ୱରେ ରଚି ରଖୁଥିବା ବ୍ୟକ୍ତିମାନେ ଏକ ମସ୍ତବଡ ଭୁଲ କରି ବସିଛନ୍ତି ଯେ ପ୍ରଥମତଃ ସେମାନେ ପ୍ରାକୃତିକ ନିୟମକୁ ସଂପୂର୍ଣ୍ଣ ସ୍ୱତଃସିଦ୍ଧ ପ୍ରାମାଣିକ ତଥ୍ୟ ରୂପେ ବିବେଚନା କରନ୍ତି ଓ ଦ୍ୱିତୀୟରେ ପରବର୍ତ୍ତୀ କାଳରେ ଯେଉଁ ନୂତନ ତତ୍ତ୍ୱ ଉଦ୍‌ଘାଟିତ ହୁଏ, ତାକୁ ଆଦୌ ମାନନ୍ତି ନାହିଁ ତଥା ଅପ୍ରତ୍ୟାଶିତ ଭାବରେ ଏହାର ସମ୍ମୁଖୀନ ହୁଅନ୍ତି । ତେଣୁ ସେମାନଙ୍କର ଏହି ଧାରଣା ଉଚିତ ମାର୍ଗରେ ନଥିବା ସ୍ୱାଭାବିକ । ଯଦି ଏହି କଥା ସତ ହୋଇଥାନ୍ତା, ତା'ହେଲେ କୌଣସି ନୂତନ ତତ୍ତ୍ୱକୁ ଗ୍ରହଣ କରିବା ପଥ ଉନ୍ମୁକ୍ତ ହୋଇ ରହନ୍ତା ନାହିଁ ଏବଂ କୌଣସି ନୂତନ ବିଷୟ ଆବିଷ୍କାର କରିବା ଅସମ୍ଭବ ହୋଇ ପଡନ୍ତା । ଏହି ପରିସ୍ଥିତିରେ ପ୍ରତ୍ୟେକ ନୂତନ ତଥ୍ୟ ପ୍ରାକୃତିକ ନିୟମକୁ ବିରୁଦ୍ଧାଚରଣ କରୁଥିବାର ନଜରକୁ ଆସିବ । ଏହାକୁ ପ୍ରତ୍ୟାଖ୍ୟାନ କରିବା ଅର୍ଥ ଏକ ନବାଗତ ସତ୍ୟକୁ ଅସ୍ୱୀକାର କରିବାକୁ ପଡିବ ।... ଯଦି ପ୍ରାକ ଐତିହାସିକ ଯୁଗର ଘଟଣାବଳୀ ଜାଣିବା ପାଇଁ କୌଣସି ତତ୍‌କାଳୀନ ଶାସକଙ୍କ ଜୀବନ ଇତିହାସକୁ ଅନୁଧ୍ୟାନ କରାଯାଏ, ତେବେ ଜଣାପଡିବ ଯେ ସେମାନଙ୍କ ମାନସିକ ଚିନ୍ତାଧାରା ସଂପନ୍ନ ଗାଡି କେତେ ପ୍ରକାର ଅଙ୍କାବଙ୍କା ରାସ୍ତା ଦେଇ ଗତି କରେ ଅଥବା ସେମାନେ ଲଜ୍ୟାରେ ଲୋକଲୋଚନରୁ ଦୂରେଇ ଯାଇ ଚାଲବାଜି କରି ଏଣେତେଣେ ଧାଇଁ ଯାଆନ୍ତି । ତତ୍‌ସହିତ ସେମାନେ କିପରି ନିଜର ଟାଳଟୁଳ ନୀତିରେ ଗୋଟିଏ ମତକୁ ଅନ୍ୟ ମତରେ ବଦଳାଇ ଚାଲିଥାନ୍ତି । କାରଣ ସେମାନେ ବହୁ ସମୟ ଧରି କୌଣସି ତତ୍ତ୍ୱକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ ଓ ପ୍ରାକୃତିକ ନିୟମ ବହିର୍ଭୁତ ବୋଲି କେତେକ ବିଷୟକୁ ଅବଶ୍ୟ ଭାବୁଥିଲେ । କିନ୍ତୁ ପରିଶେଷରେ ନିଜ ଭୁଲ ପାଇଁ ଅନୁତପ୍ତ ହେବା ସହିତ ତାକୁ ପୁଣି ଥରେ ଗ୍ରହଣ କରି ନେଉଥିଲେ । ତେଣୁ ଏହି ପରିବର୍ତ୍ତନର କାରଣ କ'ଣ ହୋଇପାରେ ? ଯାହା କିଛି ବି ସେମାନେ ବୁଝିଥିଲେ, ଏହା ତ ତାଙ୍କର ମନଗଢ଼ା କଥା ଥିଲା ଓ ସେହି ବିଷୟକୁ ଆଜିର ଆଧୁନିକ ପର୍ଯ୍ୟବେକ୍ଷଣ ଦ୍ୱାରା ଖଣ୍ଡନ କରାଯାଉଛି । ତେଣୁ ଯେଉଁ ରୂପ ଓ ଅବସ୍ଥା ଦେଇ ସେହି ନୂତନ ଅନୁଭବ ପ୍ରକାଶ୍ୟମାନ ହେଉଥିଲା, ସେମାନଙ୍କ ଚିନ୍ତାଧାରା ମଧ୍ୟ ତଦନୁସାରେ ବଦଳୁଥିଲା ଓ ଓଲଟ ପାଲଟ ହେଉଥିଲା । ସେହି ନୂଆ ଅଭିଜ୍ଞତାର ଦିଗର ମୋଡ ଯେଉଁ ଆଡକୁ ପରିବର୍ତ୍ତନ ହେଉଥିଲା, ସେମାନଙ୍କ ଭାବନାର

ଗତି ସେହି ଆଡକୁ ମୋଡି ହୋଇ ଯାଉଥିଲା । ଏହିପରି ଭାବରେ ଦାର୍ଶନିକମାନଙ୍କ ଭାବନାର ଲଗାମ ସର୍ବଦା ନୂତନ ରୂପେ ପ୍ରକାଶିତ ତଥ୍ୟର ହାତରେ ରହି ଆସିଛି । ଏବେ ମଧ୍ୟ ଅନେକ କିଛି ନୂତନ ତତ୍ତ୍ୱ ସେମାନଙ୍କ ଦୃଷ୍ଟିର ଅନ୍ତରାଳରେ ଲୁଚି ରହିଛି । ଏଥି ସମ୍ବନ୍ଧରେ ଏତିକି ଆଶା କରାଯାଇପାରେ ଯେ ସେହି ଦର୍ଶନ ତତ୍ତ୍ୱବିଦ୍‌ମାନେ ନିଜର ପଥଚ୍ୟୁତ ଧାରଣା ଯୋଗୁଁ ଅନେକ ଠୋକର ଖାଇବା ପରେ ଅପମାନର ଗଞ୍ଜଣା ଭୋଗ କରି ଶେଷରେ ଏହି ନୂତନ ସତ୍ୟର ତାତ୍ତ୍ୱିକ ଭାବଧାରାକୁ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ।

ଅଦ୍ୟାବଧି ପ୍ରାକୃତିକ ନିୟମ ମନୁଷ୍ୟ ବୁଦ୍ଧିର ପରିସର ମଧ୍ୟରେ ସେପରି ସୁଦୃଢ଼ ହୋଇ ନାହିଁ, ନା କେବେ ହୋଇ ପାରିବ । ଯାହାକୁ ଭିତ୍ତି କରି ଆଧୁନିକ ଗବେଷଣା କ୍ଷେତ୍ରରେ କିଛି ନୂତନ ଆଶା ସଂଚର ହେବ ! କ'ଣ କେହି ବୁଦ୍ଧିମାନ ବ୍ୟକ୍ତି ଏହା କଳ୍ପନା କରିପାରିବ ଯେ ପୃଥିବୀର ଏହି ପାଠଶାଳାରେ ନିଜର ସ୍ୱଳ୍ପ ଆୟୁ ମଧ୍ୟରେ ଥାଇ ସୁଦ୍ଧା ମନୁଷ୍ୟ ଚିରନ୍ତନ ରହସ୍ୟର ଜ୍ଞାନକୁ ସଂପୂର୍ଣ୍ଣ ରୂପେ ସାଉଁଟି ପାରିଛି ? ଏବଂ ଆଲୌକିକ ଶକ୍ତି ସମ୍ବନ୍ଧରେ ଅଭିଜ୍ଞତା ହାସଲ କରିବାରେ ସେ କ'ଣ ଏପରି ସକ୍ଷମ ହୋଇ ପାରିଛି, ଯଦ୍ଦ୍ୱାରା ଯାହାକିଛି ତା'ର ଅନୁଭୂତିର ବ୍ୟାପକ ପରିସର ବାହାରେ ରହିଛି, ସେସବୁ ଦୈବି ଶକ୍ତି ଓ ଐଶି ପରାକ୍ରମର ବାହାରେ ମଧ୍ୟ ଥିବ । ମୁଁ ଜାଣିଛି ଯେ ଏପରି ଧାରଣା ଜଣେ ନିର୍ଲ୍ଲଜ ଓ ନିର୍ବୋଧ ଲୋକକୁ ଛାଡିଦେଲେ ଅନ୍ୟ କେହି ଚିନ୍ତାଶୀଳ ବୁଦ୍ଧିଜୀବି ମନରେ ପୋଷଣ କରିପାରିବ ନାହିଁ । ଦାର୍ଶନିକମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ପ୍ରକୃତରେ ସତ୍ୟନିଷ୍ଠ ଓ ବିଜ୍ଞ ଅଛନ୍ତି ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ, ସେମାନେ ଏହା ସ୍ୱୀକାର କରିଛନ୍ତି ଯେ ସେମାନଙ୍କ ବିଚାର ଭାବନା ଅତି ସୀମିତ ଓ ଏକ ଅନିଶ୍ଚିତତା ମଧ୍ୟ ଦେଇ ଗତି କରିଥାଏ । ତାହା କଦାପି ଈଶ୍ୱରଙ୍କୁ ଚିହ୍ନିବା ଓ ତାଙ୍କ ଅନନ୍ତ ସତ୍ତାକୁ ଉପଲବ୍ଧି କରିବାର ରହସ୍ୟକୁ ଭେଦ କରିବାର ମାଧ୍ୟମ ହୋଇପାରିବ ନାହିଁ ।...

ଏହା ଏକ ନିରାଟ ସତ୍ୟ ଯେ ପ୍ରତ୍ୟେକ ପଦାର୍ଥ ନିଜ ମଧ୍ୟରେ ଏପରି ଏକ ଗୁଣ ରଖିଥାଏ, ଯାହା ସେହି ପରମ ସତ୍ତାଙ୍କ ଅସୀମ ଶକ୍ତି ଦ୍ୱାରା ପ୍ରଭାବିତ ହୋଇଥାଏ । ସେହି ବସ୍ତୁର ଗୁଣଗୁଡିକର କୌଣସି ଅନ୍ତ ନାହିଁ, ଯାହାକୁ ଆମେ ଜାଣିବାକୁ ପାଇଥାଉ ଅବା ନଜାଣିଥାଉ, ଏଥିରୁ ତାହା ସାବ୍ୟସ୍ତ ହୋଇଥାଏ । ବଡ

ଲାଲ ଫୁଲର ଦାନା ହେଉ କିମ୍ବା ଦୁଧିଆ କ୍ଷୀର ଓ ଛୋଟ କଳା ମଞ୍ଜି ଥିବା ଗଛର ଶସ୍ୟ, ତାହାର ଗୁଣର ବିଶେଷତ୍ୱ ଆବିଷ୍କାର କରିବା ପାଇଁ ଯଦି ସମସ୍ତ ପୁରାତନ ଓ ନୂତନ ଦର୍ଶନ ତତ୍ତ୍ୱବିଦ୍‌ମାନେ ନିଜ ଜ୍ଞାନକୌଶଳ ଓ ସାମର୍ଥ୍ୟ ଖଟାଇ ଅନ୍ତିମ ପ୍ରଳୟର ସମୟ ପର୍ଯ୍ୟନ୍ତ ଲାଗି ପଡନ୍ତି, ତଥାପି କୌଣସି ବୁଦ୍ଧିମାନ ବ୍ୟକ୍ତି ଏହା ବିଶ୍ୱାସ କରିବ ନାହିଁ ଯେ ସେହିସବୁ ଗୁଣ ସମ୍ବନ୍ଧରେ ସଂପୂର୍ଣ୍ଣ ରୂପେ ବୁଝିବାରେ ସେମାନେ ସକ୍ଷମ ହୋଇଛନ୍ତି । ତେଣୁ ଏହା ଭାବିବା ବୋକାମି ଠାରୁ କିଛି ଅଧିକ ନୁହେଁ ଯେ ଭୂପୃଷ୍ଠ ଓ ଆକାଶୀୟ ପିଣ୍ଡଗୁଡିକର ସେହିସବୁ ଗୁଣ ସମ୍ବନ୍ଧରେ ଯାହା କିଛି ଜ୍ୟୋତିର୍ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ଦ୍ୱାରା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଛି, ସେତିକି ଜ୍ଞାନରେ ହିଁ ସୀମାବଦ୍ଧ ହୋଇ ରହିଛି ।

ସଂକ୍ଷେପରେ କହିବାକୁ ଗଲେ, ପ୍ରାକୃତିକ ନିୟମର ପ୍ରଚଳିତ ଧାରା ଏପରି ନୁହେଁ ଯେ ତାହା ଏକ ପ୍ରାମାଣିକ ସତ୍ୟକୁ ସାମନା କରି ତିଷ୍ଠି ପାରିବ । ପ୍ରାକୃତିକ ନିୟମ ଈଶ୍ୱରଙ୍କ ସେହି କାର୍ଯ୍ୟକୁ ବୁଝାଏ, ଯାହା ସ୍ୱାଭାବିକ ଭାବେ ସତ୍ତାକୁ ଆସିଛି କିମ୍ବା ଆଗକୁ ଆସିବାର ଅଛି । କିନ୍ତୁ ସର୍ବଶକ୍ତିମାନ ଈଶ୍ୱର ତାଙ୍କ ଶକ୍ତି ପ୍ରଦର୍ଶନ କରିବାରେ କ୍ଳାନ୍ତ ଅନୁଭବ କରନ୍ତି ନାହିଁ ଅଥବା ସେ କେବେ ଏହା କରିବା ପାଇଁ ନିଜର ଅକ୍ଷମତା ପ୍ରକାଶ କରନ୍ତି ନାହିଁ । ସେ କେବେ ଶୋଇ ପଡନ୍ତି ନାହିଁ କି ଏକ କୋଣକୁ ଖସି ପଳାନ୍ତି ନାହିଁ । ଏଥିପାଇଁ ସେ ମାତ୍ରାଧିକ କର୍ତ୍ତୃତ୍ୱ ଦେଖାନ୍ତି ନାହିଁ କି ତାଙ୍କ ଅଲୌକିକ ଶକ୍ତି ପ୍ରଦର୍ଶନ ପାଇଁ କୌଣସି ଋପର ବଶବର୍ତ୍ତୀ ହୁଅନ୍ତି ନାହିଁ । ନତୁବା ପରମେଶ୍ୱର ଆମମାନଙ୍କ ସକାଶେ ସେହି ଅଳ୍ପ କେତେକ ଶତାବ୍ଦୀ ମଧ୍ୟରେ ନିଜର କାର୍ଯ୍ୟ ଦକ୍ଷତାକୁ ଛାଡି ଅଲଗା ହୋଇ ଋଲି ଯାଇଛନ୍ତି । ତେଣୁ ସେଥି ସକାଶେ ଆମର ସମସ୍ତ ବିଜ୍ଞତା, ପାରଦର୍ଶିତା, ଦର୍ଶନତତ୍ତ୍ୱ, ସାହିତ୍ୟ, ଶିକ୍ଷା ଓ ପାଣ୍ଡିତ୍ୟ ବଳରେ ସୃଷ୍ଟିର ଉପାଦାନ ମଧ୍ୟରେ ଥିବା ବିଧାତାଙ୍କ ନିୟମକୁ ଆବଦ୍ଧ କରି ରଖି ପାରିବା ନାହିଁ କିମ୍ବା ପ୍ରତ୍ୟକ୍ଷ ଭାବରେ ପରିଦୃଷ୍ଟ କିଞ୍ଚିତ ମାତ୍ର ଅସାଧାରଣ ଘଟଣାକୁ ପ୍ରାକୃତିକ ନିୟମର ସମାହାର ରୂପେ ବିବେଚନା କରିପାରିବା ନାହିଁ । ଅଜ୍ଞାନୀ ଲୋକଙ୍କ ପରି ଜିଦ କର ନାହିଁ ଯେ ଆମର ପ୍ରକୃତିଗତ ପର୍ଯ୍ୟବେକ୍ଷଣ ତଥା ଅନୁସନ୍ଧାନ ମୂଳକ ନୂତନ ତତ୍ତ୍ୱକୁ ଈଶ୍ୱରଙ୍କ କାର୍ଯ୍ୟ କେବେ ଟପି ଯାଇପାରିବ ନାହିଁ ।

ମୋତେ ଆଚମ୍ବିତ ଲାଗୁଛି ଯେ କିପରି ଏହିସବୁ ବିଷୟ ତଥାପି ନିଜ ଆଡୁ ଏହାର ସଂପୂର୍ଣ୍ଣ ଅର୍ଥ ପ୍ରକାଶ କରିବା ଅପେକ୍ଷାରେ ରହିଛି, ଯାହା ସଂପୂର୍ଣ୍ଣ ସତ୍ୟର ମାନଦଣ୍ଡ ହୋଇପାରେ ଅଥବା ନିର୍ଣ୍ଣାୟକ ଭାବେ ନୀତି ନିର୍ଦ୍ଧାରଣ କରିପାରେ ? ଏହି ଜଟିଳ ସମସ୍ୟା ଘେରରେ ରହିଥିବା ଗବେଷକମାନଙ୍କୁ ଅନେକ ଦ୍ୱନ୍ଦ୍ୱରେ ପକାଇ ଦେଇଛି । ସେମାନଙ୍କ ମଧ୍ୟରୁ ପଞ୍ଚମ ଶତାବ୍ଦୀର ଗ୍ରୀକ ଦାର୍ଶନିକ ନିଜର ଭ୍ରାନ୍ତ ଯୁକ୍ତି ସମ୍ବଳିତ ବସ୍ତୁତ୍ୱର ଗୁଣ ତତ୍ତ୍ୱକୁ ଏକବାରକେ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି, ଯାହାଙ୍କୁ sophists କୁହାଯାଏ । ଗୁଣଯୁକ୍ତ ଅସ୍ତିତ୍ୱର ପ୍ରମାଣ ଖଣ୍ଡନକାରୀ ଏହି ଗୋଷ୍ଠୀର କେତେକ ଗବେଷକ ଏହା ମଧ୍ୟ କହନ୍ତି ଯେ ଯଦିଓ ପାର୍ଥିବ ଉପାଦାନ କେତେକ ବୈଶିଷ୍ଟ୍ୟ ବହନ କରିଥିବା ପ୍ରମାଣସିଦ୍ଧ, ତଥାପି ଏହାର ସ୍ଥାୟୀ ରୂପେ କୌଣସି ପ୍ରମାଣ ମିଳିବ ନାହିଁ । କାରଣ ପାଣି ନିଆଁକୁ ଲିଭାଇ ଦେଉଛି । ମାତ୍ର ଏହା ମଧ୍ୟ ସମ୍ଭବ ଯେ ପୃଥିବୀ ଓ ଆକାଶର ପ୍ରଭାବରେ କୌଣସି ଝରଣାର ଜଳ ଏହି ବୈଶିଷ୍ଟ୍ୟ ଓ ଗୁଣାତ୍ମକ ମାନଠାରୁ ବାହାରେ ରହିଥାଏ । ସେହିପରି ନିଆଁ କାଠକୁ ଜଳାଏ, ମାତ୍ର ଏହା ହୋଇପାରେ ଯେ କେତେକ ବାହ୍ୟ ଓ ଆଭ୍ୟନ୍ତରୀଣ ପ୍ରଭାବ ଯୋଗୁଁ ହୁଏ ତ ସେହି ଅଗ୍ନି ନିଜର ଦହନୀୟ ଗୁଣକୁ ପ୍ରଦର୍ଶିତ କରିପାରେ ନାହିଁ । ଏହି ଅଦ୍ଭୁତ ପ୍ରକାର ବ୍ୟତିକ୍ରମର ଘଟଣା ଥରକୁ ଥର ଘଟି ଚାଲେ ।

ଦାର୍ଶନିକମାନେ ଏହା ମଧ୍ୟ କହିଛନ୍ତି କେତେକ ଆକାଶୀୟ ଓ ପାର୍ଥିବ ଗୁଣର ପ୍ରଭାବ ହଜାର ନୁହେଁ, ବରଂ ଲକ୍ଷ ଲକ୍ଷ ବର୍ଷ ପରେ ପ୍ରକାଶମାନ ହୋଇଛି । ସେମାନେ ଅତି ଅଦ୍ଭୁତ, ଅପରୀକ୍ଷିତ ଓ ଅଜଣା ଘଟଣା ରୂପେ ଦୃଷ୍ଟିଗୋଚର ହୁଅନ୍ତି । କେତେକ ଯୁଗରେ କେବେ କେବେ ଏପରି କିଛି ଅଲୌକିକ ଘଟଣା ଆକାଶରେ କିମ୍ବା ପୃଥିବୀ ପୃଷ୍ଠରେ ଘଟିଥାଏ, ଯାହା ବଡ ବଡ ଦାର୍ଶନିକମାନଙ୍କୁ ଅତି ଆଶ୍ଚର୍ଯ୍ୟରେ ପକାଇ ଦିଏ ତଥା ସେମାନଙ୍କ ବୁଦ୍ଧି ବଣା ହୋଇଯାଏ । ସେମାନେ ବାଧ୍ୟ ହୋଇ ପଦାର୍ଥ ଓ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ କେତେକ ନିୟମ ଉଦ୍ଭାବନ କରି ନିଜ ଗବେଷଣା ମୂଳକ ତତ୍ତ୍ୱକୁ ଏପରି ଖାପ ଖୁଆଇ ନିଅନ୍ତି, ଯେପରିକି ସେମାନଙ୍କ ପ୍ରକୃତିର ନିୟମରେ କିଛି ବ୍ୟତିକ୍ରମ ହେବ ନାହିଁ ।

ସେହିପରି ଏହି ଲୋକମାନେ ନୂତନ ତଥ୍ୟକୁ ଏପଟ ସେପଟ କରି କୌଣସି ଜ୍ଞାନର ପ୍ରସଙ୍ଗ ରୂପେ ଜୋର ଜବରଦସ୍ତି ପୁରାଇ ଦିଅନ୍ତି । ଯେ ପର୍ଯ୍ୟନ୍ତ

ମାଛଟିଏ ଉଡୁଥିବାର ଦୃଶ୍ୟ ଦେଖାଯାଇ ନାହିଁ, କୌଣସି ବୈଜ୍ଞାନିକ ତାହାର ଅସ୍ତିତ୍ୱକୁ ସ୍ୱୀକାର କରିବ ନାହିଁ । ଯେ ପର୍ଯ୍ୟନ୍ତ କେତେକ କୁକୁରର ଲାଞ୍ଜ ବାରମ୍ବାର କଟାଯାଇ ଏହାର ଫଳ ସ୍ୱରୂପ ଲାଞ୍ଜହୀନ କୁକୁର ସୃଷ୍ଟି କରା ନଯାଇଛି, ସେ ପର୍ଯ୍ୟନ୍ତ ସେହି ଗୁଣସଂପନ୍ନ କୁକୁର ଜାତ ହେବାର ସମ୍ଭାବନାକୁ କୌଣସି ବୈଜ୍ଞାନିକ ଗ୍ରହଣ କରିବ ନାହିଁ । ଭୂପୃଷ୍ଠ ଉପରେ କୌଣସି ଭୟାବହ ଭୂମିକମ୍ପ ହେବା ଯୋଗୁଁ ଯେ ପର୍ଯ୍ୟନ୍ତ ଏପରି କୌଣସି ଅଗ୍ନି ଉଦ୍‌ଗୀରଣ ନହୋଇଛି ଯାହା ପଥରକୁ ମଧ୍ୟ ତରଳାଇ ଦେଇଥାଏ, ଅଥଚ ଅନ୍ୟପକ୍ଷେ ସେହି ନିଆଁ ଗଛପତ୍ର ଜଳାଏ ନାହିଁ । ସେହିପରି ଗୁଣର ବୈଚିତ୍ର୍ୟ ଅଗ୍ନିରେ ରହିଥିବା କଥାକୁ ସେମାନେ ପ୍ରାକୃତିକ ନିୟମର ବିପରୀତ ବୋଲି ବୁଝିଥାନ୍ତି । ଯେତେବେଳ ଯାଏଁ Aspirator (ଶୋଷକ ଯନ୍ତ୍ର) ଉଦ୍ଭାବନ ହୋଇ ନଥିଲା, କେଉଁ ଦର୍ଶନବିତ୍‌କୁ ଏହା ଜଣାଥିଲା ଯେ Transfusion of Blood (ଜଣକ ଦେହରୁ ଅନ୍ୟ ଦେହକୁ ରକ୍ତ ନେବା) ପ୍ରକ୍ରୀୟା ପ୍ରକୃତିର ନିୟମ ଅନ୍ତର୍ଭୁକ୍ତ ? କେହି ବ୍ୟକ୍ତି ଏପରି କୌଣସି ଦାର୍ଶନିକର ନାମ କହିପାରିବ, ଯିଏ ଏହି ତତ୍ତ୍ୱକୁ ସମର୍ଥନ କରୁଥିବ ଯେ ବିଦ୍ୟୁତ ଶକ୍ତି ବାହାରିବା ପୂର୍ବରୁ ବିଦ୍ୟୁତ ଦ୍ୱାରା ଚାଲୁଥିବା କୌଣସି ଯନ୍ତ୍ର ଲଗାଇବାର ସମ୍ଭାବନା ଥାଇପାରେ ?

ଜଣେ ପ୍ରଖ୍ୟାତ ପଦାର୍ଥ ବିଜ୍ଞାନୀ ତଥା ମହାନ ଦାର୍ଶନିକ 'ଅଲ୍ଲାମା ଶାରେହ କାନୁନ୍' ତାଙ୍କ ପୁସ୍ତକରେ ଏହା ଉଲ୍ଲେଖ କରିଛନ୍ତି ଯେ ଗ୍ରୀକମାନଙ୍କ ମଧ୍ୟରେ ଏହି କାହାଣୀ ବେଶ ପ୍ରଚଳିତ ରହିଛି ଯେ ଅନେକ ସତୀସାଧ୍ୱୀ ଓ ପୁଣ୍ୟବତୀ ନାରୀ କୌଣସି ପୁରୁଷର ସଂସର୍ଗ ବିନା ଗର୍ଭବତୀ ହୋଇ ସନ୍ତାନ ଜାତ କରିଥିଲେ । ପୁଣି ଅଲ୍ଲାମା ଏହା ଉପରେ ନିଜର ମତାମତ ଦେଇ ଲେଖିଛନ୍ତି ଯେ ଏହିସବୁ ଘଟଣା ମିଥ୍ୟା କାହାଣୀ ଉପରେ ଆଧାରିତ ବୋଲି କଦାପି କୁହାଯାଇ ପାରିବ ନାହିଁ । କାରଣ କୌଣସି ମୌଳିକ ସତ୍ୟ ନଥିଲେ ବିଭିନ୍ନ ଲୋକ ମୁଖରୁ ଓ ଜାତି ବା ସଂପ୍ରଦାୟ ମଧ୍ୟରେ ଏହାର ଏପରି ଚାହିଦା ବୃଦ୍ଧି ହେବ ନାହିଁ କି ଦୃଢ଼ ଅଭିବ୍ୟକ୍ତି ପ୍ରକାଶ ପାଇପାରିବ ନାହିଁ ।...ଏହି ସବୁ ଲୋକକଥା ସଂକ୍ରାନ୍ତରେ କୌଣସି ଅମାନ୍ୟକାରୀର ଯାହା ବି ମତାମତ ଥିଲେ ସୁଦ୍ଧା ତାହା ଚମତ୍କାର ପ୍ରଦର୍ଶନକାରୀ ଓ ବିସ୍ମୟଜନକ ଘଟଣା ହୋଇଥିବା ଯୋଗୁଁ ସେହି ସମସ୍ତ ବିଷୟକୁ ରଦ୍ଦ କରାଯାଇ ପାରିବ ନାହିଁ । ଯଦିଓ ସମସ୍ତ ମନୁଷ୍ୟ ସମଜାତୀୟ ପ୍ରାଣୀ ଓ ସେମାନେ ଏକା ଧରଣର, ତଥାପି

କ୍ୱଚିତ ଦେଖାଯାଇଛି ଯେ ସେମାନଙ୍କ ସାମର୍ଥ୍ୟ ଅତି ଉଚ୍ଚକୋଟିର ଓ ସେମାନଙ୍କୁ ଅସାଧାରଣ ଶକ୍ତି ପ୍ରଦାନ କରାଯାଇଥାଏ । ଯାହା ସାଧାରଣତଃ ବାକି ସମସ୍ତ ମନୁଷ୍ୟ ସହିତ ସମସାମୟିକ ଭାବେ ମେଳ ଖାଏ ନାହିଁ ।

ଆଧୁନିକ ଯୁଗରେ ଏହା ବହୁ ପରୀକ୍ଷିତ ଯେ କେତେକ କ୍ଷେତ୍ରରେ ଜଣେ ମନୁଷ୍ୟ ତିନିଶହ ବର୍ଷରୁ ଅଧିକ ବୟସ ପର୍ଯ୍ୟନ୍ତ ବଞ୍ଚିଛି । ଏହା ଅତି ଅସାଧାରଣ ବିଷୟ ନିଶ୍ଚୟ । ଏହି ଧରଣର ଲୋକଙ୍କ ମଧ୍ୟରେ ଅତି ଅଦ୍ଭୁତ କ୍ଷମତା ରହିଥାଏ । ଏପରି ବିରଳ ଘଟଣା ଶହେ ବା ହଜାରେ ବର୍ଷ ପରେ ଲୋକଲୋଚନକୁ ଆସିଥାଏ । ସେମାନଙ୍କ ସ୍ମରଣଶକ୍ତି ଓ ଦୃଷ୍ଟିଶକ୍ତି ଅତି ପ୍ରଖର, ଯାହାକୁ ଅନ୍ୟମାନଙ୍କ ସହିତ ତୁଳନା କରାଯାଇ ପାରିବ ନାହିଁ । ଯେହେତୁ ସାଧାରଣ ଲୋକଙ୍କ ମନରେ ବହୁଳ ମାତ୍ରାରେ ଘଟୁଥିବା ଘଟଣା ଉପରେ ନଜର ପଡୁଥାଏ, ତେଣୁ ବାରମ୍ବାର ସେମାନେ ଏସବୁକୁ ପ୍ରାକୃତିକ ନିୟମ ଅଧୀନର ମାନ୍ୟତା ଦେଇଥାନ୍ତି । ଏହାର ସତ୍ୟତା ଉପରେ ସେମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଥାଏ, ସେଥିପାଇଁ ଅନ୍ୟ ବିରଳ ଘଟଣାର ଚମତ୍କାରୀତାକୁ ସନ୍ଦେହ ଦୃଷ୍ଟିରେ ଦେଖାଯାଏ ଏବଂ ଏହାର ସ୍ଥିତିକୁ ଜୀର୍ଣ୍ଣ, ଅବସନ୍ନ ଏପରିକି ମିଥ୍ୟା ରୂପେ ବିବେଚନା କରାଯାଏ । ଏହି କାରଣରୁ କେବଳ ସାଧାରଣ ଜନତା ନୁହନ୍ତି, ବରଂ ପ୍ରତିଷ୍ଠିତ ଲୋକମାନଙ୍କ ମନରେ ମଧ୍ୟ ସେମାନଙ୍କ ଅସ୍ତିତ୍ୱ ପ୍ରତି ମିଥ୍ୟା ଆଶଙ୍କା ଓ ସନ୍ଦେହ ଉପୁଜିଥାଏ ।

ଦାର୍ଶନିକମାନେ ଯେଉଁ ଭୁଲ କରି ବସନ୍ତି, ତାହା ହେଉଛି ଯେ ଏପରି ବିରଳ ଘଟଣା ଉପରେ ଅନୁସନ୍ଧାନ କରିବାରେ ବିଫଳ ହୋଇଥାନ୍ତି ଏବଂ ଏହାକୁ କେବଳ ଢ଼ଗଢ଼ମାଳି ଓ ଗଳ୍ପ ରୂପେ ବର୍ଣ୍ଣନା କରି ଏହି କଥାକୁ ମୁଣ୍ଡ ଉପରୁ ଟାଳି ଦିଅନ୍ତି । ଅଥଚ ଈଶ୍ୱରଙ୍କର ଏହା ଚିରାଚରିତ ବିଧି ଯାହା ସାଧାରଣ ଭାବେ ପ୍ରବଳ ମାତ୍ରାରେ ଘଟାଉଥିବା କାଣ୍ଡ ସହିତ କ୍ୱଚିତ ଘଟୁଥିବା ଅଲୌକିକ କାଣ୍ଡକୁ ମଧ୍ୟ କେବେ କେବେ ପ୍ରଦର୍ଶିତ କରାଇଥାନ୍ତି । ତାହାର ଦୃଷ୍ଟାନ୍ତ ଅନେକ, ଯାହାକୁ ଉଲ୍ଲେଖ କରିବା ପାଇଁ ଦୀର୍ଘ ସମୟର ଆବଶ୍ୟକତା ରହିଛି । ହିପୋକ୍ରେଟିସ ନାମକ ଜଣେ ଗ୍ରୀସ ଦେଶୀୟ ଡାକ୍ତର ତାଙ୍କର ଏକ ମେଡିସିନ ପୁସ୍ତକରେ ଏପରି କେତେକ ଚକ୍ଷୁସ ବ୍ୟାଧି ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି, ଯାହା ଚିକିତ୍ସାର ବିଧି ଓ ଚିକିତ୍ସକଙ୍କ ଅଭିଜ୍ଞତା ଦୃଷ୍ଟିକୋଣରୁ ଦେଖିଲେ ଆଦୌ ଚିକିତ୍ସା କରିବା ସମ୍ଭବ ନଥିଲା । ମାତ୍ର

ସେହି ରୋଗର ନିଦାନ ଏପରି ଚମତ୍କାର ଭାବେ ରୋଗରେ ପୀଡିତ ବ୍ୟକ୍ତିକୁ ଆରୋଗ୍ୟ କରିଦେଲା, ଯାହା ସମ୍ବନ୍ଧରେ ସେମାନଙ୍କ ଧାରଣା ହୋଇଗଲା ଯେ ଏହି ଦୁଃସାଧ୍ୟ ବ୍ୟାଧିରୁ ଆରୋଗ୍ୟ ଲାଭ କରିବା କେତେକ ଆକାଶ ଓ ପୃଥିବୀର ଅଲୌକିକ ପ୍ରଭାବ ଯୋଗୁଁ ସମ୍ଭବପର ହେଉଛି । ଏଠାରେ ଏହା ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛୁ ଯେ ଏହି ବିଷୟ କେବଳ ମାନବଜାତି ମଧ୍ୟରେ ସୀମିତ ହୋଇ ରହି ନାହିଁ । ଅତ୍ୟଧିକ ମାତ୍ରାରେ ଘଟୁଥିବା ବିଷୟ ହେଉ କି ଅତି ଅଦ୍ଭୁତ ଭାବେ ଘଟୁଥିବା ବିରଳ ଘଟଣାର ପରମ୍ପରା କେବଳ ମନୁଷ୍ୟ ପାଇଁ ପ୍ରଚଳିତ ହୋଇ ଆସୁନାହିଁ । ବରଂ ଅନୁଧ୍ୟାନ କଲେ ଜଣାପଡେ ଯେ ଏହି ଦ୍ୱୈତ ପ୍ରକ୍ରୀୟା ପ୍ରତ୍ୟେକ ଜାତି ପ୍ରଜାତିର ସଜୀବଙ୍କ ଠାରେ ମଧ୍ୟ ଦେଖାଯାଏ । ଉଦାହରଣ ସ୍ୱରୂପ, ଉଦ୍ଭିଦମାନଙ୍କ ମଧ୍ୟରେ ଆକ୍ ବୃକ୍ଷକୁ ଦେଖନ୍ତୁ ! କିପରି ତାହା ଅତ୍ୟନ୍ତ ତିକ୍ତ ଓ ବିଷାକ୍ତ । କିନ୍ତୁ କେବେ କେବେ ବହୁ ସମୟ ପରେ ସେଥିରେ ଏକପ୍ରକାର ଲତା ଜାତୀୟ ପରିବା ଉତ୍ପନ୍ନ ହୁଏ, ଯାହା ଅତି ମିଠା ଓ ସୁସ୍ୱାଦୁ । ଜଣେ ବ୍ୟକ୍ତି ଯିଏ ସେହି ଗଛକୁ କେବେ ଦେଖି ନଥିବ କେବଳ ଗଛର ପୂର୍ବ ତିକ୍ତତାକୁ ଦେଖି ଆସିଥିବ, ସେ ନିଃସନ୍ଦେହରେ ସେଥିରେ ଉପୁଜିଥିବା ନୂଆ ଖାଇବା ଉପଯୋଗୀ ଉଦ୍ଭିଦକୁ ପ୍ରକୃତିର ନିୟମ ବିରୋଧି ବୋଲି ଭାବିବ । ଠିକ୍ ଏହିପରି ଭାବରେ ଅନ୍ୟାନ୍ୟ ପ୍ରଜାତୀର ପ୍ରାଣୀମାନଙ୍କ ଠାରେ ମଧ୍ୟ ବହୁ ସମୟ ବିତିଯିବା ପରେ କୌଣସି ଏକ ବିଶେଷ ଧରଣର ଅଦ୍ଭୁତ ଜୀବ ଜାତ ହେବାର ଦେଖିବାକୁ ମିଳିଥାଏ । ଏଇ ମାତ୍ର କିଛି ଦିନ ପୂର୍ବେ ମୁଜଫର୍‌ଗଡରେ ଏପରି ଏକ ଅଣ୍ଡିରା ଛେଳି ଜନ୍ମ ହେଲା, ଯିଏ ମାଈ ଛେଳି ପରି କ୍ଷୀର ଦେଉଥିଲା । ସହରରେ ଯେତେବେଳେ ଏହାର ଚର୍ଚ୍ଚା ଜୋର ଧରିଲା, ସେଠାକାର ଡେପୁଟି କମିଶନର ମକାଲିଫ ସାହେବ ଏହା ଜାଣିବା ପରେ ଏହି କଥା ପ୍ରକୃତିର ନିୟମ ବିରୁଦ୍ଧ ବୋଲି ଭାବି ନିଜ ସାମନାକୁ ଡାକି ସେହି ଅଣ୍ଡିରା ଛେଳି ଠାରୁ ପ୍ରାୟ ଦେଢ଼ ସେର ଦୁଧ ଦୁହାଁଇଲା ।...

ତା'ପରେ ତିନିଜଣ ଅତି ବିଶ୍ୱସ୍ତ, ଚିନ୍ତାଶୀଳ ଭଦ୍ର ବ୍ୟକ୍ତି ମୋ ନିକଟରେ ଏହା ବର୍ଣ୍ଣନା କରିଛନ୍ତି ଯେ ଆମେ କେତେକ ପୁରୁଷ ବ୍ୟକ୍ତିଙ୍କୁ ସ୍ତ୍ରୀ ଲୋକ ପରି ସ୍ତନରୁ ଦୁଧ ବାହାର କରୁଥିବାର ସ୍ୱଚକ୍ଷୁରେ ଦେଖିଛୁ । ଏହିପରି କେତେକ ବ୍ୟକ୍ତି ନିଜର ଅନୁଭୂତି ପ୍ରକାଶ କରିଛନ୍ତି ଯେ କେତେକ ରେଶମର ମାଈପୋକ

ଅଣ୍ଡିରା ପୋକ ସହିତ ପ୍ରଜନନ ବିନା ଅଣ୍ଡା ଦେଇ ଦିଅନ୍ତି ଓ ସେଥିରୁ ବହୁତ ଶାବକ ଜନ୍ମ ହୁଅନ୍ତି । ଅନ୍ୟ କେତେକ ଏହା ମଧ୍ୟ ଦେଖିଛନ୍ତି ଯେ ମୂଷା ଶୁଖିଲା ମାଟିରୁ ସୃଷ୍ଟି ହେଲା, ଯାହାର ଅଧା ଶରୀର ମୂଷା ହୋଇଗଲା ଓ ବାକି ଅଧକ ମାଟି ହିଁ ହୋଇ ରହିଲା । ଚିକିତ୍ସା ବିଜ୍ଞାନୀ କ୍ୱାରଶି କିମ୍ବା ବୋଧହୁଏ ଅଲ୍ଲାମା ଲେଖିଛନ୍ତି ଯେ ସେ ଏକ ରୋଗୀ ଦେଖିଲେ, ଯାହାର କାନ ଶ୍ରବଣଶକ୍ତି ହରାଇ କାମ କରିବା ବନ୍ଦ କରିଦେଲା । କିନ୍ତୁ ଏହାର ପରବର୍ତ୍ତୀ ସମୟରେ ତା'ର କାନ ତଳେ ଏକ ରନ୍ଧ୍ର ବାହାରିଲା, ଯାହା ଦ୍ୱାରା ସେ ପୁଣି ଶୁଣି ପାରିଲା । ଏହିପରି ଭାବରେ ଈଶ୍ୱର ତା'ପାଇଁ ଦ୍ୱିତୀୟ କାନ ଅର୍ପଣ କଲେ ।...

ଜାଲିନୋସ (Galen)ଙ୍କୁ ପଚରାଗଲା, କ'ଣ ମନୁଷ୍ୟ ଆଖି ଦ୍ୱାରା ଶୁଣି ପାରିବ ? ସେ ଉତ୍ତର ଦେଲେ, ସାଂପ୍ରତିକ ଗବେଷଣା ଏହାକୁ ସମର୍ଥନ କରେ ନାହିଁ । କିନ୍ତୁ ଏହା ସମ୍ଭବ ଯେ କାନ ଓ ଆଖି ମଧ୍ୟରେ ଏପରି କୌଣସି ଗୁପ୍ତ ସଂପର୍କ ରହିପାରିଥାଏ, ଯାହା ଅସ୍ତ୍ରୋପଚାର ଫଳରେ ହେଉ ଅଥବା କୌଣସି ସ୍ୱର୍ଗୀୟ ପ୍ରଭାବର ହସ୍ତକ୍ଷେପ ମାଧ୍ୟମରେ ନିଜକୁ ଏହି ରୂପରେ ପ୍ରଦର୍ଶିତ କରିପାରେ । କାରଣ ଶରୀର ତତ୍ତ୍ୱ ସମ୍ବନ୍ଧୀୟ ଜ୍ଞାନ ଏଯାବତ୍ ସଂପୂର୍ଣ୍ଣ ହୋଇ ନାହିଁ ।

ଡକ୍ଟର୍ ବର୍ଣ୍ଣିଆର୍ ନିଜର ଯାତ୍ରା କାହାଣୀ କାଶ୍ମୀରରେ ପୀର୍‌ପଞ୍ଜାଲ୍ ଆରୋହଣ ସମ୍ବନ୍ଧରେ ନିଜର ଏକ ବିସ୍ମୟକର ଘଟଣା ବର୍ଣ୍ଣନା କରି ଏହିପରି ଲେଖିଛନ୍ତି, ଯାହା ସେହି ପୁସ୍ତକର ୮୦ ପୃଷ୍ଠାରେ ଲେଖାଅଛି: 'ଥରେ ପାହାଡ ଚଢୁ ଚଢୁ ଏକ ସ୍ଥାନରେ ପଥରକୁ ଘୁଞ୍ଚା ଘୁଞ୍ଚି କରି ହଲାଇବା ସମୟରେ ଏକ କଳା ବିଛା ଉପରେ ଆମର ଦୃଷ୍ଟି ପଡିଲା । ଯାହାକୁ ମୋର ଜଣେ ପରିଚିତ ମୋଗଲ ଯୁବକ ନିଜ ହାତ ମୁଠାରେ ଧରି ଚାପି ରଖିଲା । ପୁଣି ତାକୁ ମୋର ଚାକର ଓ ମୋ ହାତରେ ଆଣି ରଖିଲା । ମାତ୍ର ସେହି ବିଛାଟି ଆମମାନଙ୍କ ମଧ୍ୟରୁ କାହାରିକୁ ହେଲେ କାମୁଡିଲା ନାହିଁ ।' ସେହି ଆରୋହୀ ଯୁବକ ଏହାର କାରଣ ବତାଇଲା ଯେ 'ମୁଁ ତା'ଉପରେ ପବିତ୍ର କୁରଆନର ଆୟତ୍ ପଢ଼ି ଫୁଙ୍କି ଦେଇଛି । ଏହିପରି ଭାବରେ ଫୁଙ୍କି ମୁଁ ଅନେକ ବିଛାକୁ ଧରି ନେଉଛି ।' ଜଣେ ପ୍ରଖ୍ୟାତ ଦାର୍ଶନିକ ଓ ରହସ୍ୟ ସନ୍ଧାନୀ ଗବେଷକଙ୍କ ରଚିତ ପୁସ୍ତକ 'ଫୁତୁହାତ୍' ଓ 'ଫୁସୁସ୍'ରେ ସେ ଲେଖିଛନ୍ତି ଯେ ତାଙ୍କ ଘରେ ଅଗ୍ନିର ଦହନୀୟ ଗୁଣ ଉପରେ ଜଣେ ଦାର୍ଶନିକ ଓ

ଅନ୍ୟ ଏକ ବ୍ୟକ୍ତିଙ୍କ ମଧ୍ୟରେ ଆଲୋଚନା ହେଉଥିଲା । ସେହି ବ୍ୟକ୍ତି ଜଣକ ଏକ ଚମତ୍କାରୀତା ଦେଖାଇବା ପାଇଁ ଦାର୍ଶନିକଙ୍କ ହାତକୁ ନିଜ ହାତ ସହିତ ଜଡାଇ ଧରି ଆମ ସାମନାରେ ରହିଥିବା ଜଳନ୍ତା ଷ୍ଟୋଭରେ କୋଇଲାର ନିଆଁ ଭିତରେ ନେଇ ଥୋଇଦେଲା ଓ କିଛି ସମୟ ଧରି ଏପରି ରଖିଲା । କିନ୍ତୁ ସେହି ଦୁଇଜଣଙ୍କ ହାତ ମଧ୍ୟରୁ କାହାରି ହାତ ଉପରେ ସେହି ନିଆଁର କୌଣସି ପ୍ରଭାବ ପଡି ନଥିଲା ।

ମୁଁ ଏପରି ଜଣେ ସାଧୁଙ୍କୁ ଦେଖିଛି, ଯିଏ ପ୍ରବଳ ଗରମ ଦିନରେ ଏହି କୁରଆନ୍ ବାଣୀକୁ ଆବୃତ୍ତି କରୁଥିଲେ :

وَإِذَا بَطَشْتُمْ بَطَشْتُمْ جَبَّارِينَ-

**'ୱ୍ୱଇଜା ବତଶ୍‌ତୁମ୍ ବତଶ୍‌ତୁମ୍ ଜବ୍‌ବାରୀନା'**

*(ଅଶ୍ ଶୋଅରା **26:131**)*

ଅର୍ଥାତ 'ଏବଂ ଯେତେବେଳେ ତୁମେ ଜବରଦସ୍ତି କାହାକୁ ହାତରେ ଜାବୁଡି ଧରି ପକାଉଛ, ଅତ୍ୟନ୍ତ କଠୋର ହୋଇ ତାକୁ କବଳିତ କରୁଅଛ ।'

ଏହି ପଙ୍‌କ୍ତିକୁ ପଢ଼ି ସେ ବିରୁଡିକୁ ଧରି ପକାଉଥିଲେ । ମାତ୍ର ତା'ର ବିଷାକ୍ତ ଦଂଶନରୁ ମୁକ୍ତି ପାଇ ଯାଉଥିଲେ । ମୁଁ ଏହିପରି କୁରଆନ ବାଣୀର ଅନେକ ଆଶ୍ଚର୍ଯ୍ୟଜନକ ପ୍ରଭାବକୁ ଅନୁଭବ କରିଛି, ଯାହା ଗୌରବଶାଳୀ ଈଶ୍ୱରଙ୍କ ଶକ୍ତି ଓ ପରାକ୍ରମର ବିସ୍ମୟକର କାଣ୍ଡକୁ ଦର୍ଶାଉଛି । ପୃଥିବୀର ଏହି ବିଶାଳ ସଂଗ୍ରହାଳୟଟି ଅସଂଖ୍ୟ ଅଲୌକିକ ଘଟଣା ପ୍ରସୂତ ବିସ୍ମୟରେ ଭରି ରହିଛି । ଉଚ୍ଚ ଆଭିଜାତ୍ୟ ସଂପନ୍ନ ଉଦାରବାଦୀ ଓ ବିଜ୍ଞ ଦାର୍ଶନିକ ତାଙ୍କର ସୀମିତ ଜ୍ଞାନ ପାଇଁ କେବେ ଗର୍ବ କରନ୍ତି ନାହିଁ । ଏହି ବିଷୟକୁ ସେମାନେ ଅତି ଅଲାଜୁକ ଓ ଧୃଷ୍ଟତା ବୋଲି ଭାବନ୍ତି, ଯେପରିକି ନିଜର ସୀମିତ ଅଭିଜ୍ଞତାକୁ ଈଶ୍ୱରଙ୍କ ପ୍ରାକୃତିକ ନିୟମର ନାମ ଦେବା ଏକ ଅବାନ୍ତର ଯୁକ୍ତି ମାତ୍ର ।

ପରମେଶ୍ୱରଙ୍କ ଚମତ୍କାର ଶୋଭନୀୟ ଆକାଶ ଯାହା ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରରାଜି ଦ୍ୱାରା ସୁସଜ୍ଜିତ ହୋଇ ବିଧାତାଙ୍କ ସୃଷ୍ଟିର କମନୀୟ ଦୀପ୍ତିକୁ ଝଲମଲ ପ୍ରକାଶ ଦ୍ୱାରା ଉଦ୍‌ଭାସିତ କରୁଛି ଏବଂ ତଦନୁରୂପ ସସାଗରା ଧରା ଏହି ପୃଥିବୀ ଉଦ୍ୟାନର ମାଳୀକୁ ଈର୍ଷାକାତର କରାଇ ନିଜ ସୃଷ୍ଟିର ରଙ୍ଗବେରଙ୍ଗ ଉପାଦାନ

ଦ୍ୱାରା ଆବୃତ୍ତ କରି ରଖିଛି । କ'ଣ ତାହା କିଞ୍ଚିତ ମାତ୍ର ସଯତ୍ନ ପ୍ରୟାସ ବିନା କେବଳ ତାଙ୍କ ଇଚ୍ଛାଶକ୍ତିର ପ୍ରୟୋଗ ଦ୍ୱାରା ସୃଷ୍ଟି ହୋଇଗଲା ? କ'ଣ ତାଙ୍କ ଦୈବିଶକ୍ତିର ଅନନ୍ତ ସୀମାକୁ କେହି କେବେ ପ୍ରାପ୍ତ କରିପାରିବ ?

(ସୁର୍‌ମା ଚଶମା ଆରିୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨, ପୃ ୯୦-୧୦୧)

# ସୃଷ୍ଟି ଏବଂ ଈଶ୍ୱରଙ୍କ ବାକ୍ୟ

ଏହା ହିଁ 'ରବୁବିୟତ୍'ର ରହସ୍ୟ ଯାହକୁ କେନ୍ଦ୍ର କରି ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଦିବ୍ୟ ସୃଷ୍ଟି ପ୍ରତିଭାତ ହୁଏ । ଏହାର ତାତ୍ପର୍ଯ୍ୟରୁ ଜାଣିହୁଏ ଯେ ସୃଷ୍ଟି ହେଉଛି ଈଶ୍ୱରଙ୍କ ବାକ୍ୟର ପ୍ରତିଫଳନ । ଅନ୍ୟ ଅର୍ଥରେ ଈଶ୍ୱର ବାକ୍ୟ ସ୍ୱୟଂ ଐଶି ଶକ୍ତି ବଳରେ ସୃଷ୍ଟିର ଆକାର ଧାରଣ କରିଥାନ୍ତି । ପବିତ୍ର କୁରଆନ ବାଣୀ ଏହି ଦୁଇଟିଯାକ ଅର୍ଥକୁ ବୁଝିବା ପାଇଁ ଯଥେଷ୍ଟ । କୁରଆନ ବାଣୀ ଅନେକ ସ୍ଥାନରେ ସୃଜନଶୀଳତାକୁ ଈଶ୍ୱରଙ୍କ ବାକ୍ୟ ରୂପେ ଅଭିହିତ କରିଛି । 'ରବୁବିୟତ୍' ର ସ୍ୱଷ୍ଟ ପ୍ରକାଶ ମାଧ୍ୟମରେ ଏହା ଦୈବି ଶକ୍ତି ଦ୍ୱାରା ନୂତନ ଗୁଣ ଓ ବୈଶିଷ୍ଟ୍ୟ ହାସଲ କରି ସୃଷ୍ଟଜ ସକଳ ଉପାଦାନର ଚରିତ୍ରରେ ସଂପୂର୍ଣ୍ଣ ରଂଗାୟୀତ ହୋଇଯାଏ । ସୃଜନ ଗୁଣର ରହସ୍ୟ ମଧ୍ୟରୁ ଏହା ଗୋଟିଏ, ଯାହାକୁ ବୁଦ୍ଧିମତାର କଷୋଟିରେ ପରଖି ସହଜରେ ବୁଝିହେବ ନାହିଁ । ଜନସାଧାରଣଙ୍କ ନିମନ୍ତେ ବୁଝି ପାରିବାର ସହଜ ସଳଖ ବାଟ ହେଉଛି ଯେ ଈଶ୍ୱର ଯାହାକିଛି ସୃଷ୍ଟି କରିବାକୁ ଇଚ୍ଛା କଲେ, ତାହା ହୋଇଗଲା । ସବୁକିଛି ତାହାଙ୍କ ଦ୍ୱାରା ସୃଷ୍ଟି କରାଯାଇଛି । ତାଙ୍କରି ସୃଷ୍ଟିଜ ବସ୍ତୁ ଓ ପ୍ରତ୍ୟେକ ଉପାଦାନ ତାହାଙ୍କ ସୃଜନୀ ଶକ୍ତିର ଉଦ୍‌ଗମ ସ୍ଥଳରୁ ବାହାରିଛି ।

କିନ୍ତୁ ବୁଝିବା ଲୋକ ସକାଶେ ସ୍ୱପ୍ନର ଦୃଶ୍ୟ ମାଧ୍ୟମରେ ସେମାନଙ୍କ ଶୃଙ୍ଖଳିତ ଓ ଅବିରତ ସଂଗ୍ରାମ କରିବା ପରେ ଏହି ସୃଷ୍ଟିର ରହସ୍ୟ ଖୋଲିଯାଏ । ସେମାନେ ଏକଥା ଅନୁଭବ କରନ୍ତି ଯେ ଏ ସମସ୍ତ ଆତ୍ମା ଓ ଶରୀରଗୁଡିକ ବିଶ୍ୱ ବିଧାତାଙ୍କ ବାକ୍ୟ, ଯାହାକୁ ସଂପୂର୍ଣ୍ଣ ଦୈବିକ ବିଜ୍ଞତା ମାଧ୍ୟମରେ ସୃଜନଶୀଳ ପାର୍ଥିବ ବସ୍ତୁ ରୂପକ ପୋଷାକ ପରିଧାନ କରାଯାଇଛି । ମାତ୍ର ଅସଲରେ ଏହି ମୌଳିକ ମତ ଉପରେ ଆମେ ଦୃଢ଼ ପ୍ରତିଷ୍ଠିତ ହେବା ଜରୁରୀ, ଯାହାକୁ ମନୁଷ୍ୟର ଦୃଷ୍ଟିଶକ୍ତି

ଓ ବିଚାରଶକ୍ତି ସମର୍ଥନ କରୁଥିବ । ଅର୍ଥାତ ଈଶ୍ୱର ପ୍ରତ୍ୟେକ ପଦାର୍ଥର ସୃଷ୍ଟିକର୍ତ୍ତା ଓ ସକଳ ନୂତନ ପ୍ରକ୍ରୀୟାର ପ୍ରବର୍ତ୍ତକ । ତାହାଙ୍କ ବିନା ଶରୀର ଓ ଆତ୍ମାର ଅସ୍ତିତ୍ୱ ସମ୍ଭବ ନୁହେଁ ଓ ସେଗୁଡିକ କୌଣସି ସତ୍ତା ଧାରଣ କରି ନାହାନ୍ତି କି କରିପାରିବେ ନାହିଁ । କାରଣ ଐଶ୍ୱରିକ ବାଣୀର ଶବ୍ଦବିନ୍ୟାସ ଏଠାରେ ତାଙ୍କର ବହୁମୁଖୀ ପ୍ରତିଭାକୁ ଦର୍ଶାଉଛି । କିନ୍ତୁ ପବିତ୍ର କୁରଆନ ଚୂଡାନ୍ତ ଭାବରେ ଓ ଦୃଢତାର ସହ ଏହି ଭାବ ବ୍ୟକ୍ତ କରୁଛି ଯେ ପ୍ରତ୍ୟେକ ପଦାର୍ଥ ପରମେଶ୍ୱରଙ୍କ ଠାରୁ ପ୍ରକାଶମାନ ହୋଇଛି ଓ ସତ୍ତାକୁ ଆସିଛି ଏବଂ କୌଣସି ପଦାର୍ଥ ତାହାଙ୍କ ଆଦେଶ ବିନା ସତ୍ତାକୁ ଆସି ନାହିଁ ଓ ଆପଣା ଛାଏଁ ଉପୂର୍ଣ୍ଣ ହୋଇ ନାହିଁ । ଏହି ତତ୍ତ୍ୱ ହିଁ ସୃଷ୍ଟିର ପ୍ରାରମ୍ଭିକ ତଥ୍ୟ ଉଦ୍‌ଘାଟନ ପାଇଁ ଯଥେଷ୍ଟ । ପୁଣି ଆଗକୁ ଯାଇ ଯେଉଁ ବ୍ୟକ୍ତି ଗଭୀର ଜ୍ଞାନର ସମୁଦ୍ରରେ ଯାତ୍ରା କରିବ, ବିଭିନ୍ନ ମୌଳିକ ସୂତ୍ର ଖୋଜିବାରେ ଦୃଢ଼ ପ୍ରଚେଷ୍ଟା ପରେ ଏହି ରହସ୍ୟ ଉନ୍ମୋଚିତ ହୋଇ ଚାଲିଥିବ । କାରଣ ଅଲ୍ଲାଃ ପରମବ୍ରହ୍ମ ଏହିପରି କହିଛନ୍ତି :

وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا۔

**ୱଲ୍ଲଜିନା ଜାହଦୁ ଫୀନା ଲନହ୍‌ଦିୟନ୍ ନହୁମ୍ ସୁବୁଲନା ।**

*(ଅଲ ଅନ୍‌କବୁତ୍ 29:70)*

ଅର୍ଥାତ 'ଏବଂ ଯେଉଁମାନେ ଆମ୍ଭ ସହିତ ମିଳିତ ହେବା ପାଇଁ ଉଦ୍ୟମ କରନ୍ତି, ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାକୁ ସୁଯୋଗ ଦେବୁ ।' (ସୁରମା ଚଶମା ଆର୍‌ୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ୨, ପୃଷ୍ଠା ୧୭୩-୧୭୫)

ଏଠାରେ ଏହି ବିଷୟ ବର୍ଣ୍ଣନା କରିବା ଆବଶ୍ୟକ ଯେ ସେହି ପରମେଶ୍ୱର ଯିଏ ଅନାଦି ପରମ କାରଣ, ସବୁ ଆଧାରର ମୂଳ ଆଧାର ଏବଂ ଯାହାଙ୍କ ପରମ ସତ୍ତା ସହିତ ସମସ୍ତ ଅସ୍ତିତ୍ୱ ଜଡିତ । ଯେତେବେଳେ ସେ କାହାକୁ ସୃଷ୍ଟି କରିବା ପାଇଁ ଅଗ୍ରସର ହୁଅନ୍ତି ଯଦି ତାହା ପୂର୍ଣ୍ଣ ମାତ୍ରାରେ ଗତିଶୀଳ ହୋଇଥାଏ, ତା'ହେଲେ ସେ ସକଳ ସୃଷ୍ଟିର ଚରମ କାରଣ ଘଟାଇଥାନ୍ତି । କିନ୍ତୁ ଯଦି ତାକୁ ସେ ଆଂଶିକ ଭାବେ ଗତିଶୀଳ କରାଇଥାନ୍ତି, ତେବେ ବିଶ୍ୱବ୍ରହ୍ମାଣ୍ଡର କେତେକ ଅଂଶ ଚଳନକ୍ଷମ ହୋଇଥାଏ । ପ୍ରକୃତ କଥା ହେଉଛି, ମହିୟାନ ଈଶ୍ୱରଙ୍କ ସହିତ ତାଙ୍କର ସମସ୍ତ

ସୃଷ୍ଟଜ ବସ୍ତୁ ଓ ସକଳ ବିଶ୍ୱର ଯେଉଁ ଅଞ୍ଚଳ ରହିଛି, ତାହାର ସାମଞ୍ଜସ୍ୟ ସେହି ଅଞ୍ଚଳ ସହିତ ରହିଥାଏ, ଯାହା ଆତ୍ମାକୁ ଶରୀର ସହିତ ପରିବେଷ୍ଟନ କରି ରଖିଥାଏ । ଯେପରି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଆତ୍ମାର ଅନୁଗତ ହୋଇଥା'ନ୍ତି ଏବଂ ଯେଉଁ ଆଡକୁ ଆତ୍ମା ଝୁଙ୍କି ପଡେ, ସେହି ଆଡକୁ ସେମାନେ ମଧ୍ୟ ଝୁଙ୍କି ଯା'ନ୍ତି । ତଦନୁରୂପ ସଂକେତ ସେହି ପରମସ୍ରଷ୍ଟା ଓ ତାହାଙ୍କ ସୃଷ୍ଟଜଙ୍କ ଠାରେ ମଧ୍ୟ ଦେଖିବାକୁ ମିଳିଥାଏ ।

ସେହି ଅନାଦି ପରମ କାରଣ ବିଶ୍ୱକର୍ମାଙ୍କ ସମ୍ବନ୍ଧରେ ମୁଁ 'ଫୋସୁସ୍'ର ଲେଖକଙ୍କ ପରି ଏହା କୁହେ ନାହିଁ ଯେ : خَلَقَ الْاَشْيَآءَ وَهُوَ عَيْنُهَا

**'ଖଲକଲ୍ ଅଶ୍ୟାଆ ୱହୁୱା ଅଇନୁହା'** ଅର୍ଥାତ 'ସେ ପଦାର୍ଥଗୁଡିକୁ ସୃଷ୍ଟି କରିଛନ୍ତି ଓ ସେ ହିଁ ସ୍ୱୟଂ ସେହି ପଦାର୍ଥର ଅବିକଳ ସମାହାର ।' ବରଂ ମୁଁ ଏହିପରି  ନିଶ୍ଚିତ ରୂପେ କୁହେ :

خَلَقَ الْاَشْيَآءَ وَهُوَ كَعَيْنِهَا۔ هٰذَا الْعَالَمُ كَصَرْحٍ مُّمَرَّدٍ مِنْ قَوَارِيْرَ وَمَا
الطَّاقَةُ الْعُظْمٰى يَجْرِىْ تَحْتَهَا وَ يَفْعَلُ مَايُرِيْدُ يُخَيَّلُ فِىْ عُيُوْنٍ قَاصِرَةٍ كَاَنَّهَا هُوَ۔
يَحْسَبُوْنَ الشَّمْسَ وَالْقَمَرَ وَالنُّجُوْمَ مُؤَثِّرَاتٍ بِذَاتِهَا وَلَامُؤَثِّرَ اِلَّا هُوَ۔

**ଖଲକଲ୍ ଅଶ୍ୟାଆ ୱହୁୱା କାଅଇନିହା ହାଜଲ୍ ଆ'ଲମୁ କସର୍ ହିମ୍ ମୁମର୍ ରଦିନ୍ ମିନ୍ କୱାରିରା ୱମତ୍ ତାକତୁ ଉଜ୍‌ମା ୟଜ୍‌ରି ତହ୍‌ତହା ୱୟଫ୍‌ଅଲୁ ମାୟୁରିଦୁ ୟୁଖୈୟଲୁ ଫୀ ଉୟୁନିନ୍ କାସିରତିନ୍ କା'ଅନ୍‌ନହା ହୁୱା - ୟହ୍‌ସବୁନସ୍ ଶମ୍‌ସା ୱଲ୍‌କମରା ନୁଜୁମା ମୁଅସ୍ ସିରାତିନ୍ ବିଜାତିହା ୱଲା ମୁଓ୍ୱସ୍‌ସିରା ଇଲ୍ଲାହୁୱା**

ସର୍ବଜ୍ଞ, ସର୍ବବ୍ୟାପୀ ଈଶ୍ୱର ମୋ ପ୍ରତି ଏହି ଭେଦ ଖୋଲି ଦେଇଛନ୍ତି ଯେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଏହାର ବିଭିନ୍ନାଂଶ ସମେତ ଏପରି ନକ୍‌ସା ଅଙ୍କନ କରାଯାଇଛି, ଯଦ୍ୱାରା ସେହି ଅନାଦି ପରମ କାରଣ ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟ ଚରିତାର୍ଥ ହୋଇପାରିବ । ତାଙ୍କ ଅଭିଳଷିତ ଲକ୍ଷ୍ୟ ପୂରଣ ଦିଗରେ ସତକୁ ସତ ତାଙ୍କ ଅସ୍ତିତ୍ୱ ସୃଷ୍ଟିଜଗତର ସେହି ଅଙ୍ଗପ୍ରତ୍ୟଙ୍ଗ ସଦୃଶ ରହିଥିବ, ଯାହା ଆପଣା ଛାଏଁ ପ୍ରତିଷ୍ଠିତ ହୋଇ ନାହିଁ । ବରଂ ତାହାଙ୍କ ଅସାଧାରଣ ସାମର୍ଥ୍ୟ ବିଶିଷ୍ଟ ଆତ୍ମା

ଅନବରତ ଯୋଗାଇ ଦେଉଥିବା ଶକ୍ତି ଲାଭ କରି ଆସୁଛି । ଯେପରି ଶରୀରର ସମସ୍ତ ଶକ୍ତି ସେହି ସଂଜୀବନୀ ଆତ୍ମାର ନିର୍ଦ୍ଦେଶରେ ପରିଚାଳିତ ହେଉଅଛି ଏବଂ ଯେପରି ଏହି ବିଶ୍ୱ ସେହି ପରମସତ୍ତାଙ୍କ ଅଙ୍ଗପ୍ରତ୍ୟଙ୍ଗର ପ୍ରତିବଦଳ ସ୍ୱରୂପ କାର୍ଯ୍ୟ କରୁଛି । ତନ୍ମଧ୍ୟରେ ଏପରି କେତେକ ବସ୍ତୁ ରହିଛନ୍ତି, ସତେ ଯେପରି ତାଙ୍କ ଚେହେରାରେ ଝଟକୁଥିବା ଜ୍ୟୋତି । ଯାହା ପ୍ରକାଶ୍ୟରେ ଓ ଗୁପ୍ତ ଭାବେ ତାହାଙ୍କ ଇଚ୍ଛା ଅନୁସାରେ ଆଲୋକର କାର୍ଯ୍ୟ କରିଥାଏ । ସେଥି ମଧ୍ୟରୁ କେତେକ ତାହାଙ୍କ ହସ୍ତ, କେତେକ ତାଙ୍କର ପାଦ ତଥା ଅନ୍ୟ କେତେକ ନିଃଶ୍ୱାସ ସଦୃଶ । ସଂକ୍ଷେପରେ କହିବାକୁ ଗଲେ ଏହି ବିଶ୍ୱବ୍ରହ୍ମାଣ୍ଡ ସାମୁହିକ ଭାବରେ ପରମେଶ୍ୱରଙ୍କ ଶରୀର ସଦୃଶ ଆକାର ଧାରଣ କରିଛି । ସେହି ପରମ ଆତ୍ମାଙ୍କ ଉତ୍ସରୁ ସମସ୍ତ ଗୌରବ ଓ ପାର୍ଥିବ ଜୀବନ ପ୍ରାପ୍ତ ହୋଇଛି, ଯେକି ଜୀବନ ଧାରଣର ପନ୍ଥା ଯୋଗାଇଛନ୍ତି । କାରଣ ସେ ହିଁ ସ୍ୱୟଂ ପ୍ରତିଷ୍ଠିତ ଓ ସକଳ ପ୍ରାଣର ତତ୍ତ୍ୱାବଧାରକ । ଯାହା କିଛି ଏହି ଚିର ପ୍ରତିଷ୍ଠିତ ସତ୍ତାଧାରୀଙ୍କ ଇଚ୍ଛାରେ ଗତିଶୀଳ ହୋଇଥାଏ, ସେହି ଚଳମାନ ଅବସ୍ଥା ଉକ୍ତ ଶରୀରରେ ସବୁ ଅଙ୍ଗ କିମ୍ବା ଆଂଶିକ ରୂପେ କେତେକ ଅଙ୍ଗରେ ମଧ୍ୟ ପ୍ରତୀୟମାନ ହୋଇଥାଏ ।

ଏହି ବିଷୟକୁ ବ୍ୟାଖ୍ୟାମୂଳକ ଭାବରେ ଦୃଶ୍ୟାଙ୍କନ କରିବା ପାଇଁ ଆମେ କେବଳ ଏତିକି କଳ୍ପନା କରିପାରିବା ଯେ ବିଶ୍ୱର ଜୀବନ ସଂରକ୍ଷକ ଈଶ୍ୱର ହେଉଛନ୍ତି ଏପରି ମହାନ ଅସ୍ତିତ୍ୱଧାରୀ, ଯାହାଙ୍କର ଅଗଣିତ ହସ୍ତ ପଦାଦି ଅବୟବ ତଥା ବହୁଳ ପରିମାଣରେ ପ୍ରତ୍ୟେକ ପ୍ରକାରର ଅଙ୍ଗପ୍ରତ୍ୟଙ୍ଗ ରହିଛି, ଯାହା ଗଣନାରେ ଅପରିମିତ । ଯାହାର ଦୈର୍ଘ୍ୟ ଓ ପ୍ରସ୍ଥ ଅପରିସୀମ ଏବଂ ଏକ ବିଶାଳ ସାମୁଦ୍ରିକ ଜୀବ ଅକ୍ଟୋପସ୍ ପରି ତାଙ୍କର ସେହି ଅଷ୍ଟବାହୁ ଜୀବଜଗତର ସମସ୍ତ କୋଣ ଅନୁକୋଣରେ ପ୍ରସାରିତ ହୋଇ ଚାଲିଛି ଏବଂ ପ୍ରତ୍ୟେକ ବସ୍ତୁକୁ ନିଜ ଆଡକୁ ଟାଣିବାରେ ଲାଗିଛି । ଏହି ବିଭିନ୍ନାଂଶକୁ ଅନ୍ୟ ଶବ୍ଦରେ ବିଶ୍ୱ ରୂପେ ନାମାଙ୍କନ କରାଯାଇ ପାରିବ । ଯେବେ ବିଶ୍ୱର ସଂରକ୍ଷକ ଆଂଶିକ ବା ପୂର୍ଣ୍ଣ ମାତ୍ରାରେ ଗତିଶୀଳ ହୋଇଥାନ୍ତି, ସେତେବେଳେ ଅପରିହାର୍ଯ୍ୟ ଭାବରେ ସେହି ଗତି ତାଙ୍କ ଶ୍ରୀଅଙ୍ଗରେ ସଂଚରିତ ହୋଇଯାଏ । ଯଦ୍ଦ୍ୱାରା ସେ ନିଜର ସମସ୍ତ ଅଭିପ୍ରାୟକୁ ସେହି ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା ପ୍ରଦର୍ଶନ କରିଥାନ୍ତି ଓ ତାହାଙ୍କ ସମସ୍ତ ପରିକଳ୍ପନା

ଯଥାର୍ଥ ରୂପ ଗ୍ରହଣ କରେ, ଯାହା ଅନ୍ୟ କୌଣସି ଉପାୟରେ ସାଧିତ ହୁଏ ନାହିଁ । ସୁତରାଂ ଏହା ହିଁ ସହଜରେ ବୁଝି ହେଉଥିବା ଆଧ୍ୟାତ୍ମିକତାର ବାସ୍ତବ ରୂପରେଖ । ଏଥିରେ କୁହାଯାଇଛି ଯେ ସୃଷ୍ଟିଜଗତରେ ପ୍ରତ୍ୟେକ ଭାଗ ଈଶ୍ୱରଙ୍କ ଇଚ୍ଛାଧୀନରେ ପରିଚାଳିତ । ତାଙ୍କର ଗୁପ୍ତ ଯୋଜନାକୁ ସେ ନିଜର ବିଶ୍ୱରୂପ ଦେଖାଇ ପ୍ରକାଶ କରୁଥାନ୍ତି । ଏବଂ ଅତ୍ୟନ୍ତ ଉଚ୍ଚକୋଟିର ଆଜ୍ଞାନୁବର୍ତ୍ତିତା ସହିତ ତାହାଙ୍କ ଇଚ୍ଛା କାର୍ଯ୍ୟକାରୀ ହୋଇଥାଏ । ଏହି ଆଜ୍ଞାବହତା କୌଣସି ଶାସନ ନୀତି କିମ୍ବା ବଳପ୍ରୟୋଗ ଉପରେ ଆଧାରିତ ନୁହେଁ । ପ୍ରତ୍ୟେକ ପଦାର୍ଥ ସର୍ବଶକ୍ତିମାନ ଈଶ୍ୱରଙ୍କ ଆଡକୁ ଏପରି ଆକର୍ଷିତ ହୋଇଯାଏ, ଯେପରି ଚୁମ୍ବକୀୟ ଶକ୍ତି ନିଜ ଆଡକୁ ଟାଣୁଛି । ଯେପରି ଶରୀର ପ୍ରତି ଏହାର ଅଙ୍ଗପ୍ରତ୍ୟଙ୍ଗ ଝୁଙ୍କି ପଡନ୍ତି, ସେହିପରି ପ୍ରତ୍ୟେକ ଅଣୁ ପରମାଣୁ ସ୍ୱାଭାବିକ ରୂପେ ଈଶ୍ୱରୀୟ ସତ୍ତା ଆଡକୁ ଆପେ ନଇଁଯାଇ ନିଜର ବିନୟ ଭାବ ପ୍ରକାଶ କରନ୍ତି । ସୁତରାଂ ପ୍ରକୃତରେ ଏହା ହିଁ ସତ୍ୟ ଯେ ସମଗ୍ର ବିଶ୍ୱ ସେହି ପରମ ବିଧାତାଙ୍କ ପାଇଁ ବିଶାଳ ଅଙ୍ଗ ସ୍ୱରୂପ ତିଷ୍ଠି ରହିଛି । ଏହି କାରଣରୁ ସେ ଆପଣାକୁ **'କୟୁମଲ୍ ଆଲମୀନ୍'** (ବିଶ୍ୱ ବିଧାତା) ବୋଲାଇଥାନ୍ତି । କାରଣ ଯେପରି ପିଣ୍ଡ ପାଇଁ ପ୍ରାଣ ବଜାୟ ରହିବା ଆବଶ୍ୟକ, ଯେଉଁଥିପାଇଁ ଏହାକୁ ପ୍ରାଣ ସଂରକ୍ଷଣ କୁହାଯାଏ, ସେହିପରି ଈଶ୍ୱର ସମସ୍ତ ସୃଷ୍ଟିର ସଂରକ୍ଷଣକୁ ବଜାୟ ରଖିଥାନ୍ତି । ଯଦି ଏପରି ହୋଇ ନଥାନ୍ତା, ତା'ହେଲେ ବିଶ୍ୱ ସଂଚାଳନ ବ୍ୟବସ୍ଥା ସଂପୂର୍ଣ୍ଣ ବିଗିଡି ଯାଇଥା'ନ୍ତା ।

ଈଶ୍ୱରଙ୍କ ପ୍ରତ୍ୟେକ ଉଦ୍ଦେଶ୍ୟ ତାହା ପ୍ରକାଶ୍ୟ ହେଉ କି ଗୁପ୍ତ ହେଉ, ତାହା ଧାର୍ମିକ ହେଉ କି ସାଂସାରିକ ଏହି ସୃଷ୍ଟିର ସଂରଚନା ମାଧ୍ୟମରେ ପ୍ରକାଶମାନ ହୋଇଥାଏ । ଏପରି କୌଣସି ଅଭିପ୍ରାୟ ନାହିଁ ଯାହା ଏହି ମାଧ୍ୟମ ବିନା ଐଶି ଯୋଜନାକୁ ପୃଥିବୀରେ ପ୍ରକାଶିତ କରିପାରିବ । ଏହା ହିଁ ବିଧାତାଙ୍କ ଚିରନ୍ତନ ନିୟମ ଯାହା ଆରମ୍ଭରୁ କାର୍ଯ୍ୟକାରୀ ହୋଇ ଆସୁଛି ।

(ତୌଜି ଏ ମରାମ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୩, ପୃଷ୍ଠା ୮୮-୯୧)

ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ଯାହାକିଛି ଗୁଣ ଆକାଶୀୟ ପିଣ୍ଡ ଓ ବିଭିନ୍ନ ପ୍ରକାର ମୌଳିକ ଉପାଦାନ ଯଥା: ମାଟି, ଜଳ, ବାୟୁ, ଅଗ୍ନି ଓ ବ୍ୟୋମ ଆଦିର ମୂଳତତ୍ତ୍ୱ ଶାରୀରିକ ଓ ମରଣଶୀଳ ଭାବରେ ଦେଖାଯା'ନ୍ତି, ତାହା ଆଧ୍ୟାତ୍ମିକ ଓ ଚିରସ୍ଥାୟୀ ରୂପେ ଈଶ୍ୱରଙ୍କ ଠାରେ ବିଦ୍ୟମାନ । ଯେପରି ପରମାତ୍ମା

ଆମ ପାଖରେ ଏହାକୁ ସୃଷ୍ଟି ରୂପେ ଖୋଲି ଦେଇଛନ୍ତି ଯେ ସୂର୍ଯ୍ୟ ଚନ୍ଦ୍ର ଆଦିଙ୍କର ନିଜର ମୂଳ ଅସ୍ତିତ୍ୱ କିଛିହେଲେ ନାହିଁ । ଏହା କେବଳ ତାଙ୍କରି ସର୍ବୋଚ୍ଚ ଅପ୍ରତିହତ ଶକ୍ତି ଯାହା ପରଦା ଅନ୍ତରାଳରେ ରହି କାର୍ଯ୍ୟ କରୁଛି । **ସେ ହେଉଛନ୍ତି ସେହି ପରମସତ୍ତା** ଯେ କି ତାଙ୍କ ଅସ୍ତିତ୍ୱକୁ ଆବୃତ କରି ରଖିବା ସକାଶେ ଚନ୍ଦ୍ରମାକୁ ପରଦା ରୂପେ ବ୍ୟବହାର କରିଛନ୍ତି ଓ ରାତ୍ରୀର ଅମାଅନ୍ଧକାରକୁ ଜ୍ୟୋସ୍ନାର ଆଲୋକ ଦ୍ୱାରା ଆଲୋକିତ କରନ୍ତି । ଠିକ୍ ଯେପରି ତମସାଚ୍ଛନ୍ନ ହୃଦୟରେ ସ୍ୱୟଂ ପ୍ରବେଶ କରି ନିଜ ଦିବ୍ୟଜ୍ୟୋତିରେ ଉଦ୍‌ଭାସିତ କରନ୍ତି ଏବଂ ମନୁଷ୍ୟ ଅନ୍ତରରେ ସ୍ୱୟଂ କଥା କୁହନ୍ତି । **ସେ ହେଉଛନ୍ତି ସେହି ଦିବ୍ୟସତ୍ତା,** ଯେ କି ନିଜର ଶକ୍ତିରୁ ପରଦା ସୂର୍ଯ୍ୟ ଉପରେ ପକାଇ ପରମ ଆଲୋକ ଦ୍ୱାରା ଦିନକୁ ପ୍ରଦର୍ଶିତ କରାନ୍ତି । ବିଭିନ୍ନ ଋତୁରେ ଫସଲ ଉପୁଜାଇ ତନ୍ମଧ୍ୟରେ ନିଜ କାର୍ଯ୍ୟ ପ୍ରତିଫଳିତ କରାନ୍ତି । ଏହା ହିଁ ତାଙ୍କର ପରମଶକ୍ତି ଯାହା ଆକାଶରୁ ବରଷିଥାଏ ଓ ତାହାକୁ ବର୍ଷାର ସୁଶୀତଳ ବାରିଧାରା କୁହାଯାଏ । ଶୁଷ୍କ ଭୂମିକୁ ସବୁଜ ବନାନୀରେ ପଲ୍ଲବିତ କରିଥାଏ ଓ ଶୋଷିଲା ଲୋକର ତୃଷାର୍ତ୍ତ ପ୍ରାଣକୁ ତୃପ୍ତ କରାଏ । ଏହା ହିଁ ତାଙ୍କର ଦିବ୍ୟ ଶକ୍ତି, ଯାହା ଅଗ୍ନି ରୂପେ ପ୍ରଜ୍ୱଳିତ ହୁଏ, ବାୟୁ ରୂପେ ଶ୍ୱାସପ୍ରଶ୍ୱାସକୁ ପ୍ରାଣବନ୍ତ କରାଏ । ପୁଷ୍ପକୁ କୁସୁମିତ କରାଏ, ଯଦ୍ୱାରା ଏହାର ସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ ହୁଏ । ମେଘମାଳାକୁ ଉର୍ଦ୍ଧ୍ୱଗାମୀ କରାଏ । ରୁଣୁଝୁଣୁ ଶବ୍ଦର ତାନ କାନରେ ଗୁଞ୍ଜରିତ କରାଏ । ଏହା ହିଁ ତାଙ୍କର ଅପାର ଶକ୍ତିର ପରାକାଷ୍ଠା, ଯାହା ପୃଥିବୀ ଆକାରରେ ପ୍ରତୀୟମାନ ହୋଇ ମାନବଜାତି ଓ ଜୀବଜନ୍ତୁଙ୍କୁ ନିଜ ପୃଷ୍ଠରେ ଉଠାଇ ରଖିଛି । କିନ୍ତୁ ଏମାନେ କ'ଣ ଈଶ୍ୱର ? ନାଁ, ଏମାନେ ତାହାଙ୍କ ସୃଷ୍ଟି । ମାତ୍ର ଏମାନଙ୍କ ଶରୀରରେ ଈଶ୍ୱରୀୟ ଶକ୍ତି ଏପରି ସଞ୍ଚାରିତ ହୁଏ, ଯେପରି ହାତ ଦ୍ୱାରା କଲମ ଚଳନା ହୁଏ । ଯଦିଓ ଆମେ ଏହା କହିପାରିବା ଯେ କଲମ ଲେଖୁଛି, ମାତ୍ର କଲମ ଲେଖେ ନାହିଁ ବରଂ ହାତ ଲେଖିଥାଏ । କିମ୍ବା ଉଦାହରଣ ସ୍ୱରୂପ ଏକ ଲୁହାଖଣ୍ଡ ଯାହାକୁ ନିଆଁରେ ପକାଇଲେ ତାହା ନିଆଁର ରୂପ ଧାରଣ କରିଥାଏ । ଆମେ କହିପାରିବା ଯେ ତାହା ଜଳି ନିଆଁର ଆଲୋକ ଦେଇଥାଏ ସତ, ମାତ୍ର ଲୁହାଖଣ୍ଡରେ ଏହି ଜଳାଇବା ଗୁଣ ନଥାଏ, ବରଂ ଅଗ୍ନିରେ ସେହି ଦହନୀୟ ଶକ୍ତି ରହିଥାଏ । ତେଣୁ ଗବେଷଣା ଦୃଷ୍ଟିରୁ ଏହା ମଧ୍ୟ ସତ୍ୟ ଯେ ସମସ୍ତ ଆକାଶୀୟ ପିଣ୍ଡ ତଥା ପାର୍ଥିବ

ଉପାଦାନ, ଏପରିକି ଭୂପୃଷ୍ଠର ଉପରି ଭାଗ ଓ ନିମ୍ନ ଭାଗରେ ରହିଥିବା ପ୍ରତ୍ୟେକ ଅଣୁ ପରମାଣୁର କଣିକାରେ ଯାହାକୁ ଦେଖିହୁଏ ଓ ଯାହାକୁ ଅନୁଭବ କରି ହୁଏ, ନିଜର ବିବିଧ ଗୁଣ ବା ବୈଶିଷ୍ଟ୍ୟ ଯୋଗୁଁ ତାହା ଈଶ୍ୱରଙ୍କ ନାମ ବହନ କରିଥାଏ । ସେ ସବୁରେ ଐଶି ଗୁଣାବଳୀ ପରିଲକ୍ଷିତ ହୋଇଥାଏ । ଈଶ୍ୱରଙ୍କ ଶକ୍ତି ମଧ୍ୟ ନିହିତ ଅଛି, ଯାହା ସେଗୁଡିକ ଭିତରେ ଲୁକ୍କାୟିତ ଭାବରେ ରହି ଆପଣାକୁ ପ୍ରଦର୍ଶିତ କରାଇଲେ । ସେଗୁଡିକ ସମସ୍ତେ ପ୍ରାରମ୍ଭରେ ଈଶ୍ୱରଙ୍କ ବାକ୍ୟ ଥିଲେ ଏବଂ ତାଙ୍କ ଦିବ୍ୟଶକ୍ତି ବିଭିନ୍ନ ରଙ୍ଗରେ ରୂପାୟିତ ହୋଇ ସେଗୁଡିକୁ ପ୍ରକାଶ କରି ଦେଇଛି ।

ଜଣେ ନିର୍ବୋଧ ଏହା ପ୍ରଶ୍ନ କରିପାରେ ଯେ ଈଶ୍ୱରଙ୍କ ବାକ୍ୟକୁ କିପରି ଭୌତିକ କଳେବର ରୂପେ ଦର୍ଶାଯାଇ ପାରିବ ? ତାଙ୍କ ଅସ୍ତିତ୍ୱରୁ ସେମାନଙ୍କୁ ପୃଥକ୍ କରିଦେଇ କ'ଣ ଈଶ୍ୱର କ୍ଷୟ ହେଲେ ନାହିଁ ? ସେମାନଙ୍କୁ ନିଜ ବ୍ୟକ୍ତିତ୍ୱରୁ ଅଲଗା କଲେ କ'ଣ ତାଙ୍କ ଖ୍ୟାତି କମିଯାଉ ନାହିଁ ? ମାତ୍ର ସେହି ମନୁଷ୍ୟ ଚିନ୍ତା କରିବା ଉଚିତ ଯେ ଅତି ତୀବ୍ରତର କରି ଦେଖାଇବା ପାଇଁ ଉଦ୍ଦିଷ୍ଟ ଅଭିବର୍ଦ୍ଧକ ଯବକାଚ ଦ୍ୱାରା ସୂର୍ଯ୍ୟର ଉଦ୍ଦିପ୍ତ ଅଗ୍ନି ହାସଲ କରିନେବା ଫଳରେ ସୂର୍ଯ୍ୟର କିଛିହେଲେ ଉଣା ହୋଇଯାଏ ନାହିଁ । ଠିକ୍ ସେହିପରି ଅବିକଳ ଭାବରେ ଚନ୍ଦ୍ରମା କିରଣର ପ୍ରଭାବ କୌଣସି ଫଳ ଉପରେ ପଡି ଏହାକୁ ଅଧିକ ହୃଷ୍ଟପୃଷ୍ଟ କରିବା ଦ୍ୱାରା ଚନ୍ଦ୍ର ଦେହରେ କୌଣସି ଦୁର୍ବଳତା ଆସେ ନାହିଁ । ପ୍ରଭୁ ପରମେଶ୍ୱରଙ୍କୁ ଚିହ୍ନିବାର ଏହା ହେଉଛି ସୂକ୍ଷ୍ମ ଭେଦ ଏବଂ ଏହା ସମସ୍ତ ଆଧ୍ୟାତ୍ମିକ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ହୋଇଥିବାରୁ ଆମେ ଏହା ବୁଝିବାରେ ସକ୍ଷମ ହୋଇଛୁ ଯେ ଈଶ୍ୱରଙ୍କ ଦିବ୍ୟ ବାକ୍ୟ ଦ୍ୱାରା ହିଁ ବିଶ୍ୱ ଜଗତର ସୃଷ୍ଟି ସମ୍ଭବ ହୋଇପାରିଛି ।

(ନସୀମେ ଦାଓ୍ୱତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୪୨୩-୪୨୪)

ଯେତେବେଳେ ମୁଁ ଏହିସବୁ ବିଶାଳକାୟ ପିଣ୍ଡମାନଙ୍କୁ ଅବଲୋକନ କରୁଛି ଏବଂ ସେମାନଙ୍କ ବୃହଦାକାର ସ୍ଥିତି ଓ ଅଦ୍ଭୁତ କାଣ୍ଡ ବିଷୟରେ ଚିନ୍ତା କରୁଛି, ସେତେବେଳେ ମୁଁ ଏହା ଉପଲବ୍ଧି କରୁଛି ଯେ ସେସବୁ ଈଶ୍ୱରଙ୍କ ପରିକଳ୍ପିତ ଯୋଜନା ଓ ଇଚ୍ଛା ଅନୁଯାୟୀ ସୃଷ୍ଟି ହୋଇଛନ୍ତି ଏବଂ ତାଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି । ସେତେବେଳେ ମୋର ଅନ୍ତରାତ୍ମା ଅନାୟାସରେ କହିଉଠୁଛି ଯେ 'ହେ ଆମ୍ଭ ସର୍ବକର୍ତ୍ତୃକ ଈଶ୍ୱର ! ତୁମ୍ଭେ କେଡେ ମହୀୟାନ ଓ ଅପାର ଶକ୍ତିରେ ବଳୀୟାନ

ସତେ ! କେତେ ଅଭୁତ ଅପାର ତୁମ୍ଭର ଲୀଳା ! କି ଆଶ୍ଚର୍ଯ୍ୟଜନକ ତୁମ୍ଭ କାର୍ଯ୍ୟ, ଯାହାର କୌଣସି ଅନ୍ତ ନାହିଁ ! ଯାହା କଳ୍ପନାତୀତ ଓ ସମସ୍ତ ବୌଦ୍ଧିକ ଚେତନାରୁ ଉର୍ଦ୍ଧ୍ୱରେ । ସେହି ବ୍ୟକ୍ତି ହିଁ ନିର୍ବୋଧ, ଯିଏ ତୁମ୍ଭ ଶକ୍ତିକୁ ପ୍ରତ୍ୟାଖ୍ୟାନ କରେ । ସେ ଅଜ୍ଞାନୀ, ଯିଏ ତୁମ୍ଭ ସଂକ୍ରାନ୍ତରେ ଏହି ଅଭିଯୋଗ କରେ ଯେ ସେ କେଉଁ ପଦାର୍ଥରୁ ଏସବୁ ନିର୍ମାଣ କରିଛି ?

(ନସୀମେ ଦାୱ୍ୱତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃ ୪୨୫, ପାଦଟିକା)

ଯେଉଁ ଦିବ୍ୟସତ୍ତା ଆମର ପ୍ରଭୁ ବୋଲାଉଛନ୍ତି, ତାଙ୍କ ପ୍ରଭୁତ୍ୱର ଏହା ହିଁ ବାସ୍ତବିକତା ଯେ ସେ ସକଳ ଅନୁଗ୍ରହର ମୂଳଉତ୍ସ, ଯାହାଙ୍କ ହସ୍ତରୁ ସମସ୍ତଙ୍କର ଅସ୍ତିତ୍ୱ ବାହାରିଛନ୍ତି । ସେଥିପାଇଁ ସେ ହିଁ କେବଳ ଆମର ଏକମାତ୍ର ଉପାସନାର ଅଧିକାରୀ । ଆମ୍ଭେ ଏହା ଆନନ୍ଦର ସହିତ ସ୍ୱୀକାର କରୁଛୁ ଯେ ତାହାଙ୍କର ଆତ୍ମା, ଶରୀର ଓ ହୃଦୟ ଉପରେ ଦଖଲ କରିବାର ଯଥୋଚିତ ଅଧିକାର ଅଛି । କାରଣ ଆମେ କିଛି ବି ନଥିଲୁ ଓ ଆମର କୌଣସି ଅସ୍ତିତ୍ୱ ହିଁ ନଥିଲା । ସେ ହିଁ ଆମକୁ ଅସ୍ତିତ୍ୱ ଅର୍ପଣ କଲେ । ତେଣୁ ଯେ ଅବିଦ୍ୟମାନତାରୁ ଆମକୁ ଆଣି ସତ୍ତାଧାରୀ ରୂପେ ବିଦ୍ୟାମାନ କରାଇଲେ, ସେ ହିଁ ଯଥାର୍ଥ ଭାବରେ ଆମର ମୁନିବ ।

(ଶାହନାଏ ହକ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ୨, ପୃଷ୍ଠା ୪୨୮-୪୨୯)

ଅସଲ କଥା ହେଉଛି, ଈଶ୍ୱରଙ୍କ ଶକ୍ତିରେ ଯେଉଁ ବିଶେଷତ୍ୱ ଭରି ରହିଛି ଯାହା ଯୋଗୁଁ ସେ ସ୍ୱୟଂ ଈଶ୍ୱର ବୋଲାଇଥାନ୍ତି, ତାହା ଆଧ୍ୟାତ୍ମିକ ଓ ଶାରୀରିକ ଶକ୍ତି ଉତ୍ପନ୍ନ କରିବାର କ୍ଷମତା ରଖିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ସଜୀବ ପ୍ରାଣୀଙ୍କୁ ଚକ୍ଷୁ ପ୍ରଦାନ କରିବାରେ ତାଙ୍କର ପ୍ରକୃତ ଶ୍ରେଷ୍ଠତା ପ୍ରତିପାଦିତ ହୁଏ ନାହିଁ ଯେ ସେ କେବଳ ଆଖି ତିଆରି କଲେ । ବରଂ ଶରୀରର ଜୀବକୋଷରେ ସେ ବହୁ ପୂର୍ବରୁ ଦୃଷ୍ଟିଶକ୍ତିର ଗୋପନୀୟ କ୍ଷମତା ଭରି ଦେଇ ନିଜର ସୃଜନାତ୍ମକ ଉତ୍କର୍ଷତା ଦେଖାଇଛନ୍ତି, ଯଦ୍ୱାରା ଆଖିର ଜ୍ୟୋତି ସୃଷ୍ଟି ହୋଇପାରିବ । କିନ୍ତୁ ଯଦି ଏହି ଶକ୍ତି ଗୁଡିକ ସ୍ୱୟଂ ବିଦ୍ୟମାନ ଓ ଆପଣା ଛାଏଁ ଏହି ଶକ୍ତିଗୁଡିକର ଉଦ୍ଭବ ହୋଇଛି, ତା'ହେଲେ ଈଶ୍ୱର ତ କିଛି ବି ନୁହନ୍ତି । ଅର୍ଥାତ ଅନ୍ୟ ଜଣେ ଭୁଲ ବ୍ୟକ୍ତି ଏହାର ବାହାଦୁରି ନେବ । ଏହି ଦାବିକୁ ସମର୍ଥନ କରିବାକୁ ପଡିବ ଯେ ସେମାନଙ୍କ ନିଜସ୍ୱ ଶକ୍ତି ବଳରେ ଦେଖିବା ପାଇଁ ଚକ୍ଷୁ ପ୍ରଦାନ କରାଯାଇଛି ଓ ଈଶ୍ୱରଙ୍କର

ସେଥିରେ କିଛି ହେଲେ ଦଖଲ ନାହିଁ । ଏବଂ ଯଦି ବିଶ୍ୱର ପଦାର୍ଥ କଣିକାରେ ସେହି ଶକ୍ତିଗୁଡିକ ରହି ନଥା'ନ୍ତା, ଈଶ୍ୱରଙ୍କ ଈଶ୍ୱରପଣିଆ ବ୍ୟର୍ଥ ଓ ମୂଲ୍ୟହୀନ ହୋଇଯାଆନ୍ତା । ତେଣୁ ଏଥିରୁ ଏହା ସ୍ପଷ୍ଟ ଯେ ଈଶ୍ୱରତ୍ୱ ଏହି ତତ୍ତ୍ୱ ଉପରେ ପର୍ଯ୍ୟବସିତ । ତାହା ମଧ୍ୟ ଯେ ସକଳ ଜୀବାତ୍ମା ଓ ବିଶ୍ୱକଣିକାର ସମସ୍ତ ଶକ୍ତି ଈଶ୍ୱର ସ୍ୱୟଂ ଉତ୍ପନ୍ନ କରିଛନ୍ତି ଓ କରି ଆସୁଛନ୍ତି । ସେ ସ୍ୱୟଂ ସେଗୁଡିକରେ ବିଭିନ୍ନ ପ୍ରକାରର ବୈଶିଷ୍ଟ୍ୟ ରଖିଛନ୍ତି ଓ କେତେକ କ୍ଷମତା ଅବଶ୍ୟ ରଖି ଚାଲିଥିବେ । ସୁତରାଂ ଏହି ବିଶେଷ ଗୁଣ ସମୂହକୁ ପାଖାପାଖି ରଖିଲେ ସେମାନେ ନିଜର ଚମତ୍କାରୀତା ଦେଖାନ୍ତି । ଏହି କାରଣ ଯୋଗୁଁ ହିଁ କୌଣସି ଉଦ୍ଭାବକ ଈଶ୍ୱରଙ୍କ ସହିତ ସମାନ ହୋଇପାରିବ ନାହିଁ ।

କୌଣସି କଳକବ୍‌ଜା ବା ଆଧୁନିକ ଯନ୍ତ୍ରପାତି ଯେପରି କି ରେଳ ଇଞ୍ଜିନ, ଟେଲିଗ୍ରାଫ, ଫୋଟୋଗ୍ରାଫି, ପ୍ରିଣ୍ଟିଂ ପ୍ରେସ କିମ୍ବା ଅନ୍ୟ କୌଣସି ଯନ୍ତ୍ରର ଉଦ୍ଭାବକକୁ ଏହା ସ୍ୱୀକାର କରିବାକୁ ପଡିଥାଏ ଯେ ସେ ସେହି ଶକ୍ତିର ଉଦ୍ଭାବନକାରୀ ନୁହେଁ, ଯାହାକୁ ବ୍ୟବହାର କରି ସେ ସେହି ନୂତନ ଯନ୍ତ୍ରଟି ପ୍ରସ୍ତୁତ କରିଛି । ସମସ୍ତ ଉଦ୍ଭାବନକାରୀ ଯନ୍ତ୍ର ତିଆରି ସକାଶେ ଆଗରୁ ରହିଥିବା କ୍ଷମତାର ସହାୟତା ନେଇଥାଏ । ଯେପରି କି ରେଳ ଇଞ୍ଜିନ ତିଆରି କରିବାରେ ବାଷ୍ପୀୟ ଶକ୍ତି ବିନିଯୋଗ ହୋଇଥାନ୍ତି । ଯେଉଁ ଶକ୍ତି ବଳରେ ଇଞ୍ଜିନ ଚାଲିଥାଏ । ଫରକ ହେଉଛି ଏତିକି ଯେ ଈଶ୍ୱର ସ୍ୱୟଂ ଏହି କ୍ଷମତାକୁ ପାର୍ଥିବ ଉପାଦାନ ମଧ୍ୟରେ ସୃଷ୍ଟି କରିଛନ୍ତି । ମାତ୍ର ଏହି ବ୍ୟକ୍ତିମାନେ ନିଜେ ଏହି ଶକ୍ତି ଓ କ୍ଷମତାକୁ ଉତ୍ପନ୍ନ କରିବାରେ ସକ୍ଷମ ନୁହନ୍ତି । ସୁତରାଂ ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କୁ ବିଶ୍ୱ କଣିକାର ଶକ୍ତି ଓ କ୍ଷମତା ସର୍ଜନାକାରୀ ରୂପେ ଗ୍ରହଣ କରାଯାଇ ନାହିଁ ଓ ସେ ଆତ୍ମାକୁ ସୃଷ୍ଟି କରିଥିବାର ବିଶ୍ୱାସ କରାଯିବ ନାହିଁ, ସେ ପର୍ଯ୍ୟନ୍ତ ତାହାଙ୍କ ଈଶ୍ୱରତ୍ୱ ଆଦୌ ପ୍ରମାଣିତ ହୋଇପାରିବ ନାହିଁ । ଏହି ପରିସ୍ଥିତିରେ ତାଙ୍କୁ  କେବଳ ଏକ କୁଶଳୀ କାରିଗର କୁହାଯିବ । ଯେପରି ରାଜମିସ୍ତ୍ରୀ, ବଢ଼େଇ, କମାର କିମ୍ବା କୁମ୍ଭାର ଠାରୁ ତାଙ୍କୁ ଅଧିକ ମାନ୍ୟତା ଦିଆଯିବ ନାହିଁ । ଏହା ଏକ ସ୍ୱାଭାବିକ କଥା, ଯାହା ଖଣ୍ଡନ କରାଯିବାର ଯୋଗ୍ୟତା ଆଦୌ ରଖେ ନାହିଁ ।

(ନସୀମେ ଦାଓ୍ୱତ, ରୁହାନି ଖଜାଇନ୍, ଖ୍ରନ୍ଥଖଣ୍ଡ୧୯, ପୃଷ୍ଠା ୩୮୩,୩୮୪)

ଆମେ ନିଜର ସଂପୂର୍ଣ୍ଣ ବିଶ୍ୱାସ ଓ ଶକ୍ତି ଦ୍ୱାରା ଏହା ସାକ୍ଷ୍ୟ ଦେଉଛୁ ଯେ ଆର୍ଯ୍ୟ ସମାଜୀଙ୍କ ଏହି ବିବାଦୀୟ ଯୁକ୍ତି ଆଦୌ ସତ୍ୟ ଉପରେ ଆଧାରିତ ନୁହେଁ ଯେ ଆତ୍ମା ଓ ଉପାଦାନ କଣିକା ତଥା ସେଗୁଡିକ ମଧ୍ୟରେ ନିହିତ ଶକ୍ତିଗୁଡିକ ଚିରସ୍ଥାୟୀ, ସ୍ୱୟଂ ବିଦ୍ୟମାନ ଓ କେବେ ସୃଷ୍ଟି ହୋଇ ନାହାନ୍ତି । ଏହି ଧାରଣା ଦ୍ୱାରା ଈଶ୍ୱର ଓ ତାଙ୍କ ସୃଷ୍ଟଜ ପ୍ରାଣୀଙ୍କ ମଧ୍ୟରେ ରହିଥିବା ସମ୍ପର୍କ ତୁଟିଯାଏ । ଏହା ଏକ ନୂତନ ଓ ପ୍ରତ୍ୟାଖ୍ୟାତ ସିଦ୍ଧାନ୍ତ ଯାହାକୁ ପଣ୍ଡିତ ଦୟାନନ୍ଦ ସରସ୍ୱତୀ ଉପସ୍ଥାପନ କରିଛନ୍ତି । ଆମେ ଜାଣି ନାହୁଁ ଯେ ଏହି ଧାର୍ମିକ ସମ୍ପ୍ରଦାୟର ବେଦ ସହିତ କି ସମ୍ବନ୍ଧ ରହିଛି । କିନ୍ତୁ ଏଠାରେ ଆମେ ଏହା ଉପରେ ତର୍କ କରିବାକୁ ଚାହୁଁଛୁ ଯେ ଏହି ଧର୍ମୀୟ ନୀତି ଯାହାକୁ ଆର୍ଯ୍ୟ ସମାଜୀମାନେ ନିଜ ହାତରେ ଲେଖି ପ୍ରକାଶିତ କରିବାରେ ଲାଗିଛନ୍ତି । ଏହି ବିଷୟରେ ସଂପୂର୍ଣ୍ଣ ଅନୁଧ୍ୟାନ କରିବା, ଏହାକୁ ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରିବା ତଥା ଗୁରୁତର ଭାବେ ଚିନ୍ତା କରିବା ପରେ ଆମର ବୁଦ୍ଧିବିଚାର ଆଗରେ ସେମାନଙ୍କର ଏହି ସିଦ୍ଧାନ୍ତ ସଂପୂର୍ଣ୍ଣ ନିରର୍ଥକ ଓ ଭୁଲ ସାବ୍ୟସ୍ତ ହେବ ।

ସନାତନ ଧର୍ମ ଏହାର ମୁକାବିଲାରେ ଠିକ ବିପରୀତ । ଯଦିଓ ବେଦାନ୍ତ ଓ ବୈଦିକ ଧର୍ମଗୁରୁମାନେ ଏହି ଧର୍ମକୁ ଅତିରଞ୍ଜିତ କରି ପକାଇଛନ୍ତି ଓ ଏହା ନାନା ପ୍ରକାର ଅଭିଯୋଗର ଶରବ୍ୟ ହୋଇଛି, ତଥାପି ଏଥିରେ ସତ୍ୟର ଝଲକ ନିଶ୍ଚୟ ରହିଛି । ଯଦି ସେମାନଙ୍କ ସିଦ୍ଧାନ୍ତକୁ ସରଳୀକୃତ କରାଯାଏ ଓ ଅଯଥା ତତ୍ତ୍ୱକୁ ସେଥିରୁ ବାଦ ଦିଆଯାଏ, ତା'ହେଲେ ଏହାର ନିଷ୍କର୍ଷ ଏତିକି ବାହାରିବ ଯେ ପ୍ରତ୍ୟେକ ପଦାର୍ଥକୁ ପରମେଶ୍ୱର ହିଁ ସୃଷ୍ଟି କରିଛନ୍ତି । ଏହି ଦୃଷ୍ଟିକୋଣରୁ ସମସ୍ତ ସନ୍ଦେହ ଦୂରୀଭୁତ ହୋଇଯାଏ ଓ ଏହା ଆମକୁ ଅବଶ୍ୟ ମାନିବାକୁ ପଡିବ ଯେ ସନାତନ ଧର୍ମର ମୌଳିକ ନିୟମ ଅନୁଯାୟୀ ବେଦର ମଧ୍ୟ ଏହି ସିଦ୍ଧାନ୍ତ ରହିଛି ଯେ ସମସ୍ତ ଜୀବାତ୍ମା, ଶରୀରର ଉପାଦାନ ଓ ସେମାନଙ୍କ ଶକ୍ତି ଓ ଗୁଣାବଳୀ ପରମାତ୍ମାଙ୍କ ନିକଟରୁ ଅଭିପ୍ରେତ ।

(ନସୀମେ ଦାୱ୍ୱତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୩୮୭)

ପବିତ୍ର କୁରଆନ ଆମକୁ ଏହା ଶିଖାଇଛି ଯେ ମନୁଷ୍ୟ ତା'ର ଆତ୍ମା, ସକଳ ସାମର୍ଥ୍ୟ ତଥା ତା'ର ଶରୀରର ପ୍ରତ୍ୟେକ ଉପାଦାନରେ ସଞ୍ଚିତ ଶକ୍ତି ସମେତ ଈଶ୍ୱରଙ୍କ ସୃଷ୍ଟଜ ପ୍ରାଣୀ ରୂପେ ବିଦ୍ୟମାନ, ଯାହାକୁ ସେ ସୃଷ୍ଟି କରି ନିଜର

ସୃଜନାତ୍ମକ ପରାକାଷ୍ଠା ଦେଖାଇଛନ୍ତି । ସୁତରାଂ ପବିତ୍ର କୁରଆନର ଶିକ୍ଷା ଦୃଷ୍ଟିରୁ ଆମେ ହେଉଛୁ ଈଶ୍ୱରଙ୍କ ବହୁମୂଲ୍ୟ ସମ୍ପଦ ଓ ତାହାଙ୍କ ଅଧୀନରେ ପରିଚାଳିତ । ତାହାଙ୍କ ଉପରେ ଆମର କୌଣସି ଅଧିକାର ନାହିଁ ଯାହା ଆମେ ତାଙ୍କ ଠାରୁ ଦାବି କରିପାରିବା । ଅଥବା ଯାହା ପରିଶୋଧ ନକଲେ ଆମେ ତାଙ୍କୁ ସେଥିପାଇଁ ଦାୟୀ କରିପାରିବା । ସେଥିପାଇଁ ଆମେ ନିଜ ତୁଳନାରେ ଈଶ୍ୱରଙ୍କୁ କେବଳ ଯଥାର୍ଥ ବୋଲି କହିପାରିବା ନାହିଁ । ବରଂ ଆମେ ସଂପୂର୍ଣ୍ଣ ଶୂନ୍ୟହସ୍ତ ଥିବା ଯୋଗୁଁ ଏହାଠାରୁ ଅଧିକ ତାଙ୍କୁ 'ରହୀମ୍' ବୋଲି ଡାକିବା । କେବଳ ତାଙ୍କୁ ନ୍ୟାୟସଙ୍ଗତ ବା ଠିକ ବୋଲି କହିବା ଦ୍ୱାରା ଏତିକି ଉହ୍ୟ ରହିଯିବ, ଯେପରି କି ଆମେ ତାହାଙ୍କ ପ୍ରତି ଆମର କୌଣସି ଅଧିକାର ସାବ୍ୟସ୍ତ କରୁଛେ । ସେହି ଅଧିକାର ପୂରଣ ନହେବା ସ୍ଥିତିରେ ସେ ଆମର ଦୋଷୀ ହୋଇଯିବେ ।

(ଚଶ୍‌ମା ଏ ମାରିଫତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୩୮୭)

ବେଦ ଗ୍ରନ୍ଥ ପରି ପବିତ୍ର କୁରଆନ ସ୍ୱେଚ୍ଛାଚାରୀତା ଭାବେ ଓ ବିନା କାରଣରେ ଈଶ୍ୱରଙ୍କୁ ମହୀୟାନ ବା ଗୌରବଶାଳୀ ବୋଲି ବର୍ଣ୍ଣନା କରେ ନାହିଁ । ବରଂ ସେ ସବୁରି ଆତ୍ମାର ପ୍ରଭୁ ଓ ସକଳ ଶରୀରର ଜୀବକୋଷର ମୁନିବ । ସର୍ବଶକ୍ତିମାନ ଅଲ୍ଲାଃ ଏହାର କାରଣ ଦର୍ଶାଇ କହିଛନ୍ତି :

لَهٗ مُلْكُ السَّمٰوٰتِ وَالْاَرْضِ۔

**ଲହୁ ମୁଲକୁସ୍ ସମାୱାତି ୱଲ ଅରଜ୍** *(ଅଲ ହଦିଦ୍ 57:3)*

خَلَقَ كُلَّ شَيْءٍ فَقَدَّرَهٗ تَقْدِيْرًا۔

**ଖଲକା କୁଲ୍ଲା ଶୈଇନ୍ ଫକଦ୍ ଦରହୁ ତକ୍‌ଦିରା** *(ଅଲ ଫୁରକାନ୍ 25:3)*

ଏହାର ଅର୍ଥ ହେଉଛି 'ଆକାଶ ଓ ପୃଥିବୀ ଏବଂ ତନ୍ମଧ୍ୟରେ ଯାହାକିଛି ଅଛି, ସେସବୁ ତାଙ୍କର । ସେ ହିଁ ସକଳ ବସ୍ତୁକୁ ସୃଷ୍ଟି କରିଛନ୍ତି ଏବଂ ତାହା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରିଛନ୍ତି ।' ପୁଣି ପ୍ରତ୍ୟେକ ସୃଷ୍ଟଜ ବସ୍ତୁର କ୍ଷମତା ଓ କାର୍ଯ୍ୟ କରିବା ଶକ୍ତିର ଏକ ସୀମା ଧାର୍ଯ୍ୟ କରି ଦେଇଛନ୍ତି । ଯଦ୍ଦ୍ୱାରା ସେହି ସୀମିତ ବସ୍ତୁ ଜଣେ ସୀମା ନିର୍ଦ୍ଧାରକଙ୍କୁ ପ୍ରମାଣସିଦ୍ଧ କରିପାରିବ । ସେ ହିଁ କେବଳ ସର୍ବକର୍ତ୍ତୃକ ଈଶ୍ୱର । ପୁଣି ଆମେ ଦେଖୁଛୁ, ଯେପରି ଶରୀର ତା'ର ନିଜ ପରିସର

ମଧ୍ୟରେ ସୀମାବଦ୍ଧ ଓ ତା'ର ସୀମା ବାହାରକୁ ଯାଇପାରିବ ନାହିଁ, ଠିକ ସେହିପରି ଆତ୍ମାଗୁଡିକ ମଧ୍ୟ ସୀମିତ ପରିସର ମଧ୍ୟରେ ରହିଥାନ୍ତି ଏବଂ ସେମାନଙ୍କ ପ୍ରତି ନିର୍ଦ୍ଧାରିତ ହୋଇଥିବା ଶକ୍ତି ଓ କ୍ଷମତା ଠାରୁ ବାହାରକୁ ଯାଇ ଅଧିକ ଶକ୍ତି ଆହରଣ କରିପାରିବେ ନାହିଁ । ଉଦାହରଣ ସ୍ୱରୂପ, ଚନ୍ଦ୍ର ନିଜ କକ୍ଷ ପଥରେ ଥରେ ସଂପୂର୍ଣ୍ଣ ଘୂରି ଆସିବା ପାଇଁ ଏକ ମାସ ଅର୍ଥାତ ୨୯ କିମ୍ବା ୩୦ ଦିନ ସମୟ ନିଏ । କିନ୍ତୁ ସୂର୍ଯ୍ୟ ନିଜ କକ୍ଷରେ ୩୬୪ ଦିନରେ ନିଜର ପରିକ୍ରମଣ ସଂପୂର୍ଣ୍ଣ କରେ । ଅଥଚ ସେ ନିଜ କକ୍ଷ ପଥକୁ ଚନ୍ଦ୍ର ପରି ହ୍ରାସ କରିପାରିବ ନାହିଁ । ସେହିପରି ଚନ୍ଦ୍ରର ମଧ୍ୟ ଶକ୍ତି ନାହିଁ ଯେ ସେ ସୂର୍ଯ୍ୟ ପରି ନିଜ କକ୍ଷପଥକୁ ସେତିକି ବୃଦ୍ଧି କରିପାରିବ, ଯେତିକି ଦିନର ସମୟ ସୀମା ତାକୁ ଦିଆଯାଇଛି । ଯଦି ସମଗ୍ର ପୃଥିବୀ ଏହି ଦୁଇଟି ଆକାଶୀୟ ପିଣ୍ଡର କକ୍ଷପଥକୁ ଊଣା ଅଧିକ କରିବା ପାଇଁ ଏକମତ ହୁଅନ୍ତି, ତେବେ ସୁଦ୍ଧା ଏହା କରିବା ଆଦୌ ସମ୍ଭବ ନୁହେଁ । ଆଉ ନା ସୂର୍ଯ୍ୟ କିମ୍ବା ଚନ୍ଦ୍ରର ଏହି ଶକ୍ତି ଅଛି ଯେ ସେମାନେ ନିଜନିଜ କକ୍ଷପଥରେ ପରିକ୍ରମାକୁ ବଦଳାଇ ଦେଇ ପାରିବେ ।

ସୁତରାଂ ସେହି ପରମ ବିଧାତା ଯେ ସମସ୍ତ ନକ୍ଷତ୍ରରାଶିଙ୍କୁ ନିଜ ନିଜ ସୀମା ମଧ୍ୟରେ ଆବଦ୍ଧ କରି ରଖିଛନ୍ତି, ସେ ହିଁ ପରମେଶ୍ୱର । ତଦନୁରୂପ ମନୁଷ୍ୟର ଶରୀର ଓ ହାତୀର ଶରୀର ମଧ୍ୟରେ ବହୁତ ବଡ ପାର୍ଥକ୍ୟ ରହିଛି । ଯଦି ସମସ୍ତ ଡାକ୍ତର ଏଥିପାଇଁ ଏକଜୁଟ ହୋଇ ଯାଆନ୍ତି ଯେ ମନୁଷ୍ୟ ନିଜର ଶାରୀରିକ ଶକ୍ତି ଓ ସ୍ଥୂଳତାରେ ହାତୀ ସହିତ ସମାନ ହୋଇଯିବ, ତା'ହେଲେ ସେମାନଙ୍କ ପକ୍ଷେ ଏହା ଅସମ୍ଭବ । ଯଦି ସେମାନେ ଋହିବେ ଯେ ହାତୀ ମନୁଷ୍ୟ ଆକାରର ପିଣ୍ଡରେ ସୀମିତ ହୋଇ ରହିବେ, ଏହା ମଧ୍ୟ ଅସମ୍ଭବ । ତେବେ ଏଠାରେ ମଧ୍ୟ ଏକ ସୀମାବଦ୍ଧତା ଅଛି ଅର୍ଥାତ ଏକ ସୀମା ଭିତରେ ଆବଦ୍ଧ ହୋଇ ରହିବା । ଯେପରି କି ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ଏକ ସୀମାରେଖା ଟଣାଯାଇଛି ଓ ତାହା ଜଣେ ସୀମା ଧାର୍ଯ୍ୟକାରୀଙ୍କୁ ପ୍ରମାଣସିଦ୍ଧ କରୁଛି । ଅର୍ଥାତ ସେହି ଅସ୍ତିତ୍ୱ ପ୍ରତି ସଙ୍କେତ ଦେଉଛି, ଯିଏ କି ହାତୀକୁ ଏକ ପୃଥୁଳକାୟ ଶରୀର ପ୍ରଦାନ କରିଛନ୍ତି ଓ ଏହାଠାରୁ ପୃଥକ ଅନ୍ୟ ଏକ ପିଣ୍ଡ ମନୁଷ୍ୟକୁ ।

ଯଦି ଧ୍ୟାନ ସହକାରେ ଦେଖାଯାଏ, ତେବେ ସେହି ସମସ୍ତ ପାର୍ଥିବ ବସ୍ତୁ ମଧ୍ୟରେ ଅଦ୍ଭୁତ ଭାବରେ ଈଶ୍ୱର ଅତି ଗୋପନୀୟ ନିୟନ୍ତ୍ରଣ ରେଖା ଟାଣିଥାନ୍ତି ତଥା

ସମତୁଲ ରକ୍ଷା କରିଥାନ୍ତି, ଯାହା ଦ୍ୱାରା ଏକ ଆଶ୍ଚର୍ଯ୍ୟଜନକ ସୀମା ନିର୍ଦ୍ଧାରଣ ମଧ୍ୟ ଦେଖିବାକୁ ମିଳିଥାଏ । କ୍ଷୁଦ୍ରାତିକ୍ଷୁଦ୍ର ଜୀବ କୀଟ ଠାରୁ ଆରମ୍ଭ କରି ଯାହାକୁ ଅଣୁବିକ୍ଷଣ ଯନ୍ତ୍ରର ବିନା ସହାୟତାରେ ଦେଖାଯାଇ ପାରିବ ନାହିଁ, ବୃହତ ମାଛ ପରି ପ୍ରକାଣ୍ଡ ସାମୁଦ୍ରିକ ଜୀବ ପର୍ଯ୍ୟନ୍ତ ଯାହା ଏକ ବିରାଟକାୟ ଜାହାଜକୁ ମଧ୍ୟ ନିଜ ପାଟିରେ ପୁଳାଏ କରି ଗିଳିଦେଇ ପାରିବ, ସେହି ଜୀବଜନ୍ତୁଙ୍କ ମଧ୍ୟରେ ସୀମାବଦ୍ଧ କରୁଥିବା ସ୍ଥିତିର ଅତି ଚମତ୍କାର ଦୃଶ୍ୟ ଦୃଷ୍ଟିଗୋଚର ହୋଇଥାଏ । କୌଣସି ବନ୍ୟପ୍ରାଣୀ ନିଜ ଶରୀର ଗଠନ ଦୃଷ୍ଟିରୁ ନିଜ ସୀମାରୁ ବାହାରକୁ ଯାଇପାରିବ ନାହିଁ । ସେହିପରି ଆକାଶରେ ଦେଖାଯାଉଥିବା ସମସ୍ତ ନକ୍ଷତ୍ର ପିଣ୍ଡ ନିଜ ନିଜର ସୀମା ଅତିକ୍ରମ କରିପାରିବେ ନାହିଁ । ସୁତରାଂ ସୀମାବଦ୍ଧତାର ଏହି ପରଦା ଅନ୍ତରାଳେ କେହି ଜଣେ ସୀମା ବାନ୍ଧୁଥିବା ସତ୍ତା ରହିଛନ୍ତି । ଉପରେ ଆଲୋଚିତ କୁରଆନ ପଙ୍କ୍ତିରେ ଏହି ଭାବ ପ୍ରକାଶ ପାଉଛି :

خَلَقَ كُلَّ شَيْءٍ فَقَدَّرَهُ تَقْدِيرًا

**'ଖଲକା କୁଲ୍ଲା ଶୈଇନ୍ ଫକଦ୍‌ଦରହୂ ତକ୍‌ଦୀରା'** *(ଅଲ ଫୁରକାନ୍ 25:3)*

ଏଥିରୁ ଏହା ସ୍ପଷ୍ଟ ହୋଇଗଲା ଯେ ଯେପରି ଏହି ସୀମାବଦ୍ଧତା ଶରୀରରେ ଦେଖାଯାଏ, ସେହିପରି ଆତ୍ମାମାନଙ୍କ ପରିସରକୁ ମଧ୍ୟ ସୀମିତ କରାଯାଇଛି । ତୁମେ ଏହା ସହଜରେ ବୁଝିପାର ଯେ ଯେପରି ମାନବ ଆତ୍ମା ନିଜର ଶ୍ରେଷ୍ଠ କଳା ପ୍ରଦର୍ଶନ କରିପାରେ, କିମ୍ବା ଏପରି ମଧ୍ୟ କହିପାର ଯେପରି ଉତ୍କର୍ଷତା ଆଡକୁ ଏହା ଉନ୍ନତି କରିପାରେ, ସେହିପରି ହାତୀର ଆତ୍ମାରେ ସେହି ଜୀବର ପ୍ରକାଣ୍ଡକାୟ ଶାରୀରିକ ଗଠନ ଥିଲେ ସୁଦ୍ଧା ସେ ସେପରି ଧରଣର ଶ୍ରେଷ୍ଠତା ହାସଲ କରିପାରିବ ନାହିଁ । ଏହିପରି ଭାବରେ ପ୍ରତ୍ୟେକ ପଶୁର ଆତ୍ମା ନିଜ ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ସେହି ଜାତିର ସୀମା ମଧ୍ୟରେ ଆବଦ୍ଧ । ସେହି ପ୍ରଜାତିର ଜୀବାତ୍ମା ପାଇଁ ଯେଉଁ ପ୍ରକାର ଶ୍ରେଷ୍ଠତା ନିର୍ଦ୍ଧାରଣ କରାଯାଇଛି, ତାହା କେବଳ ସେତିକି ଉତ୍କୃଷ୍ଟ ଗୁଣ ହାସଲ କରିପାରିବ । ଯେପରି ଭାବରେ ଭୌତିକ ଶରୀର ଧାରଣର ସୀମାବଦ୍ଧତା ଏହା ପ୍ରମାଣ କରୁଛି ଯେ ଏହାର କେହି ଜଣେ ସୀମାବଦ୍ଧକାରୀ ସ୍ରଷ୍ଟା ଅଛନ୍ତି, ସେହିପରି ଆତ୍ମାମାନଙ୍କର ଶକ୍ତିର ପରିସରକୁ ବାନ୍ଧି ରଖି ପାରୁଥିବା ଜଣେ ସୀମା ନିର୍ଦ୍ଧାରଣକାରୀ ସୃଷ୍ଟିକର୍ତ୍ତା ରହିଥିବାର ପ୍ରମାଣ ମିଳୁଛି ।

(ଚଶ୍‌ମା ଏ ମାରିଫତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃ ୧୭-୧୯)

# ସୃଷ୍ଟି ଓ ତାହାର ସ୍ତରମାନଙ୍କ ମଧ୍ୟରେ ପ୍ରଭେଦ

ଯଦି ହୃଦୟରେ ଏହି ଶଙ୍କା ଦେଖାଦେବ ଯେ ଈଶ୍ୱର କାହିଁକି ବିଭିନ୍ନ ପ୍ରକାର କ୍ଷମତାର ପ୍ରଭେଦକୁ ସୃଷ୍ଟି କରିଛନ୍ତି ଏବଂ କାହିଁକି ସମସ୍ତଙ୍କୁ ଏପରି ଶକ୍ତି ଓ କ୍ଷମତା ଦେଇ ନାହାନ୍ତି ଯଦ୍ୱାରା ଈଶ୍ୱରଙ୍କୁ ବୁଝିବାର ସଂପୂର୍ଣ୍ଣ ଜ୍ଞାନ ହାସଲ କରିବା ଓ ତାଙ୍କ ପ୍ରତି ସଂପୂର୍ଣ୍ଣ ପ୍ରେମଭାବ ପ୍ରକଟ କରିବା ସ୍ତରରେ ପହଞ୍ଚିବାକୁ ସକ୍ଷମ ହୋଇପାରିବ । ତା'ହେଲେ ଏହି ପ୍ରଶ୍ନ ଈଶ୍ୱରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ଓ ଏକ ଅବାନ୍ତର ଯୁକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ, ଯାହା ଆଦୌ ଅନୁମତି ଯୋଗ୍ୟ ନୁହେଁ । ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏହା ବୁଝିପାରିବ ଯେ ସମସ୍ତ ସୃଷ୍ଟିଜ ପ୍ରାଣୀଙ୍କୁ ଗୋଟିଏ ସ୍ତରରେ ରଖିବା ଓ ସମସ୍ତଙ୍କୁ ଉଚ୍ଚତର ଶ୍ରେଷ୍ଠତା ପ୍ରଦାନ କରିବା କ୍ଷେତ୍ରରେ ଈଶ୍ୱରଙ୍କୁ ପ୍ରଶ୍ନ କରିବାର ଅଧିକାର କାହାକୁ ଦିଆଯାଇ ନାହିଁ । ଏହା ତ କେବଳ ଈଶ୍ୱରଙ୍କ କରୁଣା, ସେ ଯାହାକୁ ଇଚ୍ଛା କରିବେ ତାକୁ ପ୍ରଦାନ କରିବେ । ଉଦାହରଣ ସ୍ୱରୂପ, ତୁମକୁ ଈଶ୍ୱର ମନୁଷ୍ୟ କରି ଗଢ଼ିଲେ କିନ୍ତୁ ଗଧକୁ ମନୁଷ୍ୟ କଲେ ନାହିଁ । ତୁମକୁ ବୁଦ୍ଧି ବିବେକ ଦେଇଛନ୍ତି, କିନ୍ତୁ ତା'କୁ ତାହା ଦେଇନାହାନ୍ତି । ତୁମେ ଜ୍ଞାନ ଅନ୍ୱେଷଣ କରିପାରିବ, କିନ୍ତୁ ସେ ନୁହେଁ । ଏହା ସବୁ ଜଗତର ମାଲିକଙ୍କ ଇଚ୍ଛା ଶକ୍ତି ଉପରେ ନିର୍ଭର କରେ । ଏହା ଏପରି ଅଧିକାର ନୁହେଁ ଯାହା ତୁମର ଥିଲା, କିନ୍ତୁ ତାହାର ନଥିଲା । ଈଶ୍ୱରଙ୍କ ସୃଷ୍ଟିରେ ସ୍ତରମାନଙ୍କରେ ଯେଉଁ ସ୍ଥିତିରେ ସ୍ପଷ୍ଟ ପାର୍ଥକ୍ୟ ଦର୍ଶାଯାଇଛି, ତାହାକୁ ବୁଝିବା ଓ ସ୍ୱୀକାର କରିବା ବ୍ୟତୀତ ଜଣେ ବୁଦ୍ଧିମାନ ବ୍ୟକ୍ତିର ଅନ୍ୟ କୌଣସି ରାସ୍ତା ନାହିଁ । ଏପରି ସ୍ଥଳେ ସୃଷ୍ଟିର କୌଣସି ଅଂଶ ଯାହାକୁ ସ୍ୱୟଂ ବିଦ୍ୟମାନ ଥିବାର ଅଧିକାର ବି ହାସଲ ହୋଇ ନାହିଁ, ସେ ଏକାକୀ ଏତେ ଉଚ୍ଚସ୍ତର ପାଇବାର ଅଧିକାର କେଉଁଠୁ ପାଇବ ତଥା ଏଥିପାଇଁ ସେହି ସର୍ବକର୍ତ୍ତୃକ ମୁନିବଙ୍କ ଛାମୁରେ କୌଣସି ଅଭିଯୋଗ ଉଠାଇବାର ସାହସ କିପରି କରିପାରିବ ? ଈଶ୍ୱର ନିଜ ପ୍ରାଣୀଙ୍କ ସତ୍ତା ଧାରଣ କରିବା ଅର୍ଥାତ ବିଦ୍ୟମାନ ହେବାର ସମ୍ମାନସୂଚକ ପୋଷାକ ପିନ୍ଧାଇବା ହେଉଛି ତାଙ୍କର ଏକ ବରଦାନ ଓ ଆଶୀର୍ବାଦ । ତେଣୁ ଏହା ସ୍ୱାଭାବିକ ଯେ ବଦାନ୍ୟଶୀଳ ଓ ଅନୁଗ୍ରହୀତ ପ୍ରଭୁ ତାଙ୍କ କୃପାଶୀଷରେ କିଛି ଊଣା ଅଧିକ କରିବାର ଅଧିକାର ରଖିଛନ୍ତି । ଯଦି ତା'ଙ୍କ ଆଶୀର୍ବାଦରୁ କମ୍ କରିଦେବାରେ ତାଙ୍କର କିଛି କର୍ତ୍ତୃତ୍ୱ ନାହିଁ, ତା'ହେଲେ ଅଧିକ

ଦେବାର ମଧ୍ୟ କର୍ତ୍ତୃତ୍ୱ ନଥିବ । ଏହି ପରିସ୍ଥିତିରେ ସେ ନିଜ ପ୍ରଭୁତ୍ୱ ଜାହିର କରିବାର ଅଧିକାର ଦେଖାଇବାରେ ଅକ୍ଷମତା ପ୍ରକାଶ କରିବେ ।

ଯଦି ସୃଷ୍ଟିକୁ ସ୍ରଷ୍ଟାଙ୍କ ବିରୁଦ୍ଧରେ କୌଣସି କ୍ଷମତାକୈନ୍ଦ୍ରିକ ବିଷୟ ପାଇଁ ଅଧିକାରଭୁକ୍ତ କରାଯାଇଥାନ୍ତା, ତା'ହେଲେ ସେହି ସୃଷ୍ଟିର ବସ୍ତୁ କ୍ରମାଗତ ଭାବେ ଦାବି କରି ବସିବା ଅପରିହାର୍ଯ୍ୟ ହୋଇଥା'ନ୍ତା । କାରଣ ସ୍ରଷ୍ଟା ଯେଉଁ ସ୍ତରର ମାନ୍ୟତା ଦେଇ କୌଣସି ପ୍ରାଣୀକୁ ଗଢ଼ିବେ, ସେହି ସ୍ତରକୁ ଯାଇ ସେହି ସୃଷ୍ଟି ଦାବି କରି କହିପାରିବ ଯେ ମୁଁ ଏହାଠାରୁ ଅଧିକ କ୍ଷମତା ପାଇବାକୁ ହକଦାର । ଯେହେତୁ ଈଶ୍ୱର ସୀମାହୀନ ସ୍ତରକୁ ଯାଇ ସୃଷ୍ଟି କରିପାରନ୍ତି ଏବଂ କେବଳ ମନୁଷ୍ୟକୁ ସୃଷ୍ଟି କରିବାରେ ତାହାଙ୍କ ଅନନ୍ତ ସୃଜନ ଶକ୍ତି କେବେ ଶେଷ ହୋଇଯାଏ ନାହିଁ, ତେବେ ସେପରି ସ୍ଥଳେ ସୃଷ୍ଟଜ ପ୍ରାଣୀଙ୍କ ଦାବି କରିବାର କ୍ରମାଗତ ଧାରା କଦାପି ଅନ୍ତ ହେବ ନାହିଁ । ତତ୍‌ସହିତ ପ୍ରତ୍ୟେକ ଥର ସୃଷ୍ଟି ପ୍ରକ୍ରୀୟା ଚାଲୁ ରହିବା ବେଳେ ସେହି ସୃଷ୍ଟଜଙ୍କୁ ନିଜ ଅଧିକାର ଦାବି କରିବା ଆବଶ୍ୟକ ପଡିବ ଓ ଏହା ହିଁ ସୃଷ୍ଟିଜଗତର କ୍ରମାଗତ ପ୍ରକ୍ରୀୟା ।

ହଁ, ଯଦି ଏହା ଅନୁସନ୍ଧାନ କରାଯାଏ ଯେ ଏହି ସ୍ୱତନ୍ତ୍ର ମାନ୍ୟତାର ସ୍ତରମାନଙ୍କ ବିଭେଦକରଣରେ ସୂକ୍ଷ୍ମତତ୍ତ୍ୱ କ'ଣ ରହିଛି, ତେବେ ଏହା ବୁଝିବାକୁ ହେବ ଯେ ଏହା ସମ୍ବନ୍ଧରେ ପବିତ୍ର କୁରଆନରେ ତିନୋଟି ରହସ୍ୟ ବର୍ଣ୍ଣନା କରାଯାଇଛି । ଏହି ତତ୍ତ୍ୱଜ୍ଞାନ ସ୍ୱାଭାବିକ ଓ ଅତି ସ୍ୱଷ୍ଟ, ଯାହାକୁ କୌଣସି ବିଜ୍ଞ ବ୍ୟକ୍ତି ଅସ୍ୱୀକାର କରିପାରିବ ନାହିଁ । ନିମ୍ନରେ ବିଶଦ ଭାବରେ ତାହାର ଉଲ୍ଲେଖ କରାଯାଉଛି ।

ପ୍ରଥମଟି ହେଉଛି, ପୃଥିବୀର ଘଟଣା ପ୍ରସୂତ ବିଷୟବସ୍ତୁକୁ ଉତ୍ତମ ରୂପରେ ନିୟନ୍ତ୍ରଣ କରି ରଖାଯାଇ ପାରେ । ଯେପରି କୁହାଯାଇଛି :

وَقَالُوْا لَوْلَا نُزِّلَ هٰذَا الْقُرْاٰنُ عَلٰى رَجُلٍ مِّنَ الْقَرْيَتَيْنِ عَظِيْمٍ ○ اَهُمْ يَقْسِمُوْنَ رَحْمَتَ رَبِّكَ ۚ نَحْنُ قَسَمْنَا بَيْنَهُمْ مَّعِيْشَتَهُمْ فِى الْحَيٰوةِ الدُّنْيَا ۙ وَرَفَعْنَا بَعْضَهُمْ فَوْقَ بَعْضٍ دَرَجٰتٍ لِّيَتَّخِذَ بَعْضُهُمْ بَعْضًا سُخْرِيًّا -وَرَحْمَتُ رَبِّكَ خَيْرٌ مِّمَّا يَجْمَعُوْنَ-

'ଓ୍ୱକାଲୁ ଲୌଲା ନୁଜ୍‌ଜିଲା ହାଜଲ୍ କୁରଆନୁ ଅଲା ରଜୁଲିମ୍ ମିନଲ୍ କର୍‌ୟତୈନି ଅଜିମ୍ । ଅହୁମ୍ ୟକ୍‌ସୁିମୁନା ରହ୍‌ମତା ରବ୍‌ବିକା ; ନହ୍‌ନୁ କସମ୍‌ନା ବୈନହୁମ୍ ମା'ୟିସତହୁମ୍ ଫିଲ୍‌ହୟାତିଦ୍ ଦୁନ୍‌ୟା ; ଓ୍ୱ ରଫା'ନା ବା'ଜହୁମ୍ ଫୌକା ବା'ଜିନ୍ ଦରଜାତିଲ୍ ଲିୟତ୍ ତଖିଜା ବା'ଜୁହୁମ୍ ବା'ଜନ୍ ମୁଖ୍‌ରିୟନ୍ - ଓ୍ୱ ରହ୍‌ମତୁ ରବ୍‌ବିକା ଖୈରୁମ୍ ମିମ୍ମା ୟଜ୍‌ମଉ'ନ୍'

*(ଅଲ ଜୁଖରୁଫ୍ 43 : 32-33)*

ଏହାର ଅର୍ଥ ହେଉଛି, ଅବିଶ୍ୱାସକାରୀମାନେ କୁହନ୍ତି ଯେ ଏହି କୁରଆନର ଦିବ୍ୟବାଣୀ ମକ୍କା ଓ ତାୟଫ୍ ସହରର ବଡ ବଡ ଧନଶାଳୀ ଓ ପ୍ରତିପତ୍ତିଶାଳୀ ଲୋକମାନଙ୍କ ମଧ୍ୟରେ ଥିବା କୌଣସି ପ୍ରଧାନ ବ୍ୟକ୍ତିଙ୍କ ଉପରେ କାହିଁକି ଅବତୀର୍ଣ୍ଣ ହେଲା ନାହିଁ ? ଯଦ୍ଦ୍ୱାରା ସେମାନଙ୍କ ଖ୍ୟାତି ଓ ଗୌରବ ଉପଯୁକ୍ତ ବିବେଚିତ ହୁଅନ୍ତା । ପୁଣି ସେମାନଙ୍କ ପଦମର୍ଯ୍ୟାଦା, ବଂଶ ଆଭିଜାତ୍ୟ, ରାଜନୈତିକ ପ୍ରତିଷ୍ଠା ତଥା ଧନ ବ୍ୟୟ କରିବା ଦ୍ୱାରା ଧର୍ମ ଶୀଘ୍ର ଚାରିଆଡେ ବ୍ୟାପିଯା'ନ୍ତା । ଜଣେ ଦରିଦ୍ର ବ୍ୟକ୍ତି (ଅର୍ଥାତ ହଜରତ ମୁହମ୍ମଦ[ସଅ] – ଅନୁବାଦକ) ପାଖରେ ଦୁନିଆର ଧନ ସମ୍ପତ୍ତି ମଧ୍ୟରୁ କାଣି କଉଡିଟାଏ ହେଲେ ନାହିଁ, ତାକୁ କାହିଁକି ଏପରି ଗାରିମାମୟ ପଦବୀରେ ଅଭିଷିକ୍ତ କରାଗଲା ? ପୁନଶ୍ଚ ଆଗକୁ ଏହିପରି କୁହାଗଲା :

أَهُمْ يَقْسِمُونَ رَحْمَتَ رَبِّكَ ۔

'ଅହୁମ ୟକ୍‌ସେମୁନା ରହ୍‌ମତା ରବ୍‌ବିକା'

ଅର୍ଥାତ 'କ'ଣ ପାଳନକର୍ତ୍ତାଙ୍କ କରୁଣାକୁ ବିତରଣ କରିବା ସେମାନଙ୍କ ଅକ୍ତିଆରରେ ଅଛି ?' ଏହାର ତାତ୍ପର୍ଯ୍ୟ ହେଉଛି, ଏହା କୁହାଯାଇପାରେ ଯେ ସର୍ବଜ୍ଞ ଈଶ୍ୱରଙ୍କ କାର୍ଯ୍ୟ ବଳରେ କେତେକ ବ୍ୟକ୍ତିଙ୍କ କ୍ଷମତା ଓ ଶକ୍ତିକୁ ସେ ଏପରି ସୀମିତ କରି ରଖନ୍ତି, ଯଦ୍ଦ୍ୱାରା ଏହି ବସ୍ତୁବାଦୀ ଦୁନିଆର ମୋହରେ ସେମାନେ ବୁଡି ରହନ୍ତି । ସେମାନେ ନିଜକୁ ମୁଖିଆ, ଧନୀ ଓ ବୈଭବଶାଳୀ ବୋଲାଇ ଗର୍ବରେ ଫୁଲି ଉଠନ୍ତି । ଯଦ୍ଦ୍ୱାରା ନିଜର ଅସଲ ଉଦ୍ଦେଶ୍ୟକୁ ସେମାନେ ଭୁଲି ଯାଆନ୍ତି । କିନ୍ତୁ ଅନ୍ୟ କେତେକ ବ୍ୟକ୍ତିଙ୍କୁ ଆଧ୍ୟାତ୍ମିକ ଗାରିମା ପ୍ରଦାନ କଲେ ଓ ପବିତ୍ରତାର ଉଚ୍ଚତର ସ୍ଥାନ ଅର୍ପଣ କଲେ ଏବଂ ସେମାନେ ନିଜର ପ୍ରକୃତ ପ୍ରିୟତମଙ୍କ ପ୍ରେମରେ ମଗ୍ନ

ହୋଇ ତାହାଙ୍କ ସାନିଧ ଲାଭ କଲେ । ପୁଣି ସେହି ଏକବ୍ରହ୍ମଙ୍କ ଶ୍ରୀଛାମୁରେ ଭକ୍ତିର ଅର୍ଘ୍ୟ ଢ଼ାଳି ତାଙ୍କର ସ୍ୱୀକୃତ ସେବକ ହୋଇଗଲେ ।

ପୁଣି ଏହାପରେ ଏହି ସୂକ୍ଷ୍ମ ତତ୍ତ୍ୱ ପ୍ରତି ସଙ୍କେତ ଦେଇଛନ୍ତି, ଯାହା କ୍ଷମତା ଓ ବୈଭବର ବିବିଧତା ମଧ୍ୟରେ ଲୁକ୍‌କାୟୀତ ହୋଇ ରହିଛି :

نَحْنُ قَسَمْنَا بَيْنَهُم مَّعِيشَتَهُمْ الخ۔

**'ନହ୍‌ନୁ କସମ୍‌ନା ବୈନହୁମ୍ ମଈଶତହୁମ୍ ....।**

ଅର୍ଥାତ 'ଆମ୍ଭେ ଏଥିସକାଶେ କେତେକଙ୍କୁ ଧନଶାଳୀ ତ ଅନ୍ୟ କେତେକଙ୍କୁ ଦୀନହୀନ, କେତେକ ବ୍ୟକ୍ତିଙ୍କୁ ଉତ୍ତମ ଗୁଣସମ୍ପନ୍ନ କରିଛୁ ତ ଅନ୍ୟମାନଙ୍କୁ ନିର୍ବୋଧ ବ୍ୟକ୍ତି କରି ସୃଷ୍ଟି କରିଛୁ । କେହି ଭଲ ବ୍ୟବସାୟ ପ୍ରତି ପ୍ରବୃତ୍ତ ହୋଇଥାଏ ତ କାହାର ରୋଜଗାର ପନ୍ଥା ମାନ୍ଦା ହୋଇଥାଏ ।'

ଏହାର ଫଳସ୍ୱରୂପ ସେମାନଙ୍କ ସାମାଜିକ ଚଳଣୀରେ ସନ୍ତୁଳନ ରକ୍ଷା କରାଯାଇ ପାରିବ ଓ ଏହା ସହଜ ହୋଇଯିବ ଯେ ଜଣକର ସେବାରେ ଅନ୍ୟ ଜଣେ ଆଗଭର ହେବ ଓ ପରସ୍ପର ମଧ୍ୟରେ ସହଯୋଗ ମନୋବୃତ୍ତି ରହିପାରିବ । ଜଣକ ଉପରେ ଆଉ ଦାୟୀତ୍ୱର ବୋଝ ରହିବ ନାହିଁ । ଏହିପରି ଭାବରେ ମନୁଷ୍ୟ ଜୀବନଧାରାର ପଥ ସହଜ ଓ ସୁଗମ ହୋଇଯିବ । ଏହି କୁରଆନ ବାଣୀରେ ଶେଷରେ କୁହାଯାଇଛି ଯେ ଏହି ସନ୍ଦର୍ଭରେ ଐଶିଗ୍ରନ୍ଥ ସର୍ବଦା ସଂସାରର ଧନସମ୍ପତ୍ତି ଓ ବୈଭବ ଅପେକ୍ଷା ଅଧିକ ହିତକର ଓ ଆମ ପାଇଁ ଅଧିକ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏହା ଏକ ସୂକ୍ଷ୍ମତତ୍ତ୍ୱ ପ୍ରତି ସଙ୍କେତ ଦେଉଛି, ଯାହା ଦୈବିବାଣୀ ପ୍ରକଟନ ହେବାର ଆବଶ୍ୟକତା ପ୍ରତି ଗୁରୁତ୍ୱାରୋପ କରିଥାଏ ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଏବଂ ପାରସ୍ପରିକ ସହଯୋଗ ବିନା ତା'ର କୌଣସି ବିଷୟ ସଂପୂର୍ଣ୍ଣ ହୋଇପାରିବ ନାହିଁ ବା ସେ ତାହାର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ନାହିଁ । ଉଦାହରଣ ସ୍ୱରୂପ ରୁଟିକୁ ନିଆଯାଉ । ଯାହା ଉପରେ ମନୁଷ୍ୟର ଜୀବନ ଧାରଣ କରିବା ନିର୍ଭରଶୀଳ । ଏହାକୁ ତିଆରି କରିବା ପାଇଁ କେତେ ମାତ୍ରାରେ ସାହାଯ୍ୟ ସହଯୋଗ ଓ ପରିଶ୍ରମ ଲୋଡା ହୋଇଥାଏ । ଜମି ଚାଷ କରି ଫସଲ ଉପୁଜାଇବା ଠାରୁ ଆରମ୍ଭ କରି ଖାଦ୍ୟ ଉପଯୋଗୀ ରୁଟି ପ୍ରସ୍ତୁତ

ହେବା ପର୍ଯ୍ୟନ୍ତ ପେଶାଦାର ଲୋକଙ୍କର ନିଷ୍ଠାପୂର୍ଣ୍ଣ ସହଭାଗୀତା ଜରୁରୀ । ଏଥିରୁ ଜଣାପଡୁଛି ଯେ ସାମାଜିକ ଜୀବନରେ ବିଭିନ୍ନ ପର୍ଯ୍ୟାୟରେ କେତେ ପ୍ରକାର ସାହାଯ୍ୟ ସହଯୋଗ ଓ ଆପୋଷ ବୁଝାମଣାର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସେହି ସର୍ବଜ୍ଞ ସର୍ବମୟ କର୍ତ୍ତା ମନୁଷ୍ୟକୁ ଜୀବନ ନିର୍ବାହର ବିଭିନ୍ନ ଉପାୟ ବତାଇ ଯୋଗ୍ୟତା ଭିତ୍ତିରେ ଭିନ୍ନ ଭିନ୍ନ ସ୍ତରର କ୍ଷମତା ପ୍ରଦାନ ପୂର୍ବକ ସୃଷ୍ଟି କରିଛନ୍ତି । ଯଦ୍ଦ୍ୱାରା କାର୍ଯ୍ୟ ଦକ୍ଷତା ଓ ରୁଚି ଅନୁସାରେ ପ୍ରତ୍ୟେକ ବ୍ୟକ୍ତି କୌଣସି କାର୍ଯ୍ୟକୁ ଖୁସିର ସହିତ ଆପଣାଇବ ଓ ନିଜର ସାଧ୍ୟ ଅନୁସାରେ ସେହି ପେଶାରେ ନିଜକୁ ନିୟୋଜିତ କରିବ । ତେଣୁ କେହି କୃଷିକର୍ମରେ ତ ଅନ୍ୟ କେହି କୃଷି ଉପକରଣ ତିଆରି କରିବାରେ ଲାଗିଥାଏ । କେହି ଅଟା ପେଷିଥାଏ ତ ଆଉ କେହି ପାଣି ବୁହେ । ପୁଣି କେହି ରୁଟି ତିଆରି କରେ । କେହି ସୁତା କାଟେ ତ ଅନ୍ୟ କେହି ଲୁଗା ବୁଣେ । କେହି ଦୋକାନ ଖୋଲେ ତ ଅନ୍ୟ କେହି ସଉଦା କରିବା ସାମଗ୍ରୀ ଆଣେ । କେହି ବ୍ୟକ୍ତି ଚାକିରି କରିଥାଏ ଇତ୍ୟାଦି । ଏହିପରି ଭାବରେ ଜଣେ ଅନ୍ୟର ସହାୟକ ହୋଇଥାନ୍ତି । କେତେକ ବ୍ୟକ୍ତି ଅନ୍ୟ କେତେକଙ୍କୁ ସହାୟତାର ହାତ ବଢ଼ାଇଥାନ୍ତି । ଯେତେବେଳେ ଏହି ସାହାଯ୍ୟ ସହଯୋଗ ଜରୁରୀ ହୋଇପଡିଲା, ସେତେବେଳେ ଆଚାର ବ୍ୟବହାରର ମଧ୍ୟ ପ୍ରଶ୍ନ ଉଠିଲା । ଏହା ଫଳରେ କୌଣସି ଭୁଲକୁ ସଜାଡିବା ଓ କର୍ତ୍ତବ୍ୟରେ ଅବହେଳା ଜନିତ ପ୍ରତିକୂଳ ପରିସ୍ଥିତି ସକାଶେ ବିଧି ବ୍ୟବସ୍ଥାର ଆବଶ୍ୟକ ପଡିଲା ଯଦ୍ଦ୍ୱାରା ଏହି ନିୟମ ଲାଗୁ କରାଯାଇ ମନୁଷ୍ୟ ସମାଜରେ ଉପୁଜୁଥିବା କୁକର୍ମ, ଶତ୍ରୁତା, ବିଦ୍ୱେଷ, ଘୃଣା ଓ ଅତ୍ୟାଚାର ଆଦିକୁ ଦମନ କରାଯାଇ ପାରିବ । ଏହାର ଫଳ ସ୍ୱରୂପ ବିଶ୍ୱର ବିଧି ପ୍ରଣୀତ ବ୍ୟବସ୍ଥାରେ କୌଣସି ବିଶୃଙ୍ଖଳା ଦେଖାଦେବ ନାହିଁ ।

ଆମର ସାମାଜିକ କର୍ତ୍ତବ୍ୟକୁ ଉଜ୍ଜୀବିତ କରିବା ତଥା ସୂଚାରୁ ରୂପେ ଏହି କର୍ତ୍ତବ୍ୟ ସମ୍ପାଦନ କରିବା ଆଦି ସମସ୍ତ ବିଷୟ ନ୍ୟାୟ ଓ ଈଶ୍ୱରଙ୍କୁ ସଠିକ ଅନ୍ୱେଷଣ କରିବା ଉପରେ ନିର୍ଭର କରେ । ଏହା ଏପରି ଏକ ବିଧି ବ୍ୟବସ୍ଥା ଆବଶ୍ୟକ କରୁଛି, ଯାହାକି ଯଥୋଚିତ ନ୍ୟାୟ ଓ ଈଶ୍ୱରଙ୍କୁ ଯଥାର୍ଥ ଉପାୟରେ ବୁଝିବାର ନୀତି ନିୟମ ଯୋଗାଇ ଦେବ । ଏବଂ ଯାହା ପ୍ରତ୍ୟେକ ପ୍ରକାର ଦୋଷତ୍ରୁଟିରୁ ମୁକ୍ତ ଥିବ

ଓ ସେଥିରେ କୌଣସି ପ୍ରକାର ଭୁଲ ଦେଖିବାକୁ ମିଳିବ ନାହିଁ । ଏପରି ଧରଣର ନିୟମ ପ୍ରଣୟନ କରିବା ସେହି ପରମକର୍ତ୍ତାଙ୍କ ଦ୍ୱାରା ହିଁ ସମ୍ଭବ ହୋଇପାରେ, ଯେକି ସମସ୍ତ ପ୍ରକାର ଦୋଷ ଦୁର୍ବଳତା, ଭ୍ରମରେ ପଡିବା ପ୍ରବୃତ୍ତି ତଥା ଅତ୍ୟାଚାର ଓ ଅନଧିକାର ପ୍ରବେଶ ଆଦି ଆବିଳତାରୁ ସଂପୂର୍ଣ୍ଣ ରୂପେ ପବିତ୍ର ହୋଇଥିବ । ପୁଣି ତାହାଙ୍କ ଅସ୍ତିତ୍ୱରେ ଅଜ୍ଞାନୁବର୍ତ୍ତୀତା ଓ ସମ୍ମାନ ପାଇବାର ଯୋଗ୍ୟତା ରହିଥିବ । କାରଣ ଯଦିଓ କୌଣସି ନିୟମ ଉତ୍ତମ ହୋଇଥିବ, ଅଥଚ ସେହି ନିୟମ ପ୍ରଣେତା ଯଦି ଏପରି ହୋଇ ନଥିବ ଯେ ତା'ର ପଦମର୍ଯ୍ୟାଦା ଦୃଷ୍ଟିରୁ ସେ ସମସ୍ତଙ୍କ ଉପରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିପାରିବ ଓ ସେମାନଙ୍କ ଉପରେ ଶାସନ କରିବାର ଅଧିକାର ରଖିଥିବ । ପୁଣି ଏପରି ବି ହୋଇ ନଥିବ ଯେ ସେ ପ୍ରଜାମାନଙ୍କ ନଜରରେ ଯାବତୀୟ ପ୍ରକାର ନିଷ୍ଠୁରତା, ଅନୈତିକତା, ଭ୍ରଷ୍ଟାଚାରୀତା, ଦୁର୍ବଳତା ଓ ସମସ୍ତ ଦୋଷତ୍ରୁଟିରୁ ମୁକ୍ତ ହୋଇଥିବ । ତା'ହେଲେ ତାଙ୍କ ଦ୍ୱାରା ପ୍ରଣୀତ ସେପରି ନିୟମ ଓ ଆଇନ ଶୃଙ୍ଖଳା କଦାପି କାର୍ଯ୍ୟକାରୀ ହୋଇପାରିବ ନାହିଁ । ଯଦି ବା କିଛିଦିନ ପାଇଁ ତାହା ଅବାଧରେ ଚାଲିବ, ତଥାପି ଅଳ୍ପ ସମୟ ଭିତରେ ଭିନ୍ନ ଭିନ୍ନ ପ୍ରକାରର ବିଶୃଙ୍ଖଳା ସୃଷ୍ଟି ହୋଇଯିବ । ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳର କାରଣ ହେବ । ଏହି ସମସ୍ତ ଆଶଙ୍କା ଉପୁଜିବା କାରଣରୁ ଐଶ୍ୱରିକ ଗ୍ରନ୍ଥକୁ ବିଧେୟ କରାଗଲା । କାରଣ ସମସ୍ତ ସଦ୍‌ଗୁଣ ଓ ପ୍ରତ୍ୟେକ ପ୍ରକାର ଉତ୍କର୍ଷତା କେବଳ ଏହି ଦୈବି ପୁସ୍ତକରୁ ହିଁ ମିଳିଥାଏ ।

ଦ୍ୱିତୀୟତଃ, ସ୍ୱରମାନଙ୍କର ପ୍ରକାର ଭେଦରେ ଏପରି କଳାଚାତୁରୀ ରହିଛି, ଯଦ୍ୱାରା ପୁଣ୍ୟବାନ ଓ ସତ୍‌ପୁରୁଷମାନଙ୍କ ସଦ୍‌ଗୁଣାବଳୀ ପ୍ରକାଶ ପାଇବ । କାରଣ ପ୍ରତ୍ୟେକ ସଦ୍‌ଗୁଣ ଏହାର ବୈଷମ୍ୟତାରୁ ହିଁ ଜଣାପଡେ । ଯେପରି କି କୁହାଯାଇଛି :

إِنَّا جَعَلْنَا مَا عَلَى الْأَرْضِ زِينَةً لَّهَا لِنَبْلُوَهُمْ أَيُّهُمْ أَحْسَنُ عَمَلًا -

**ଇନ୍ନା ଯାଅଲ୍‌ନା ମାଅଲଲ୍ ଅର୍‌ଜେ ଜୀନତଲ୍‌ଲହାଲି ନବ୍‌ଲୁୱୁହୁମ୍ ଅୟୁହୁମ୍ ଅହ୍‌ସନୁ ଅମଲନ୍ ।** ***(ଅଲ କହଫ୍ 18:8)***

ଅର୍ଥାତ 'ଆମେ ପ୍ରତ୍ୟେକ ବସ୍ତୁ ଯାହା ଭୂପୃଷ୍ଠରେ ଅଛି, ଏହାର ସୌନ୍ଦର୍ଯ୍ୟରେ ଭୂଷିତ ଅଳଙ୍କାର କରି ଗଢ଼ିଛୁ' । ତଦ୍ୱାରା ଯେଉଁମାନେ ପୁଣ୍ୟବାନ, ସେମାନେ

ପାପୀଲୋକଙ୍କ ତୁଳନାରେ ନିଜର ନୈତିକ ଆଦର୍ଶର ପରିଚୟ ଦେଇ ସହଜରେ ଦୃଶ୍ୟମାନ ହେବେ ।' କାରଣ ଅବାଧ୍ୟ ପଣର ଅସଲ ପରିଚୟ ତାହାର ଅବାଧ୍ୟତା ବା ଜିଦ୍‌ଖୋର ପ୍ରକୃତିରୁ ହିଁ ମିଳିଥାଏ । ନୈତିକତାର ମୂଲ୍ୟବୋଧ, ଅନୈତିକତା ବା ମନ୍ଦ ସହିତ ତୁଳନା କଲେ ହିଁ ଜାଣିହୁଏ ।

ତୃତୀୟତଃ, ସାମାଜିକ ପଦମର୍ଯ୍ୟାଦା ବା ଶ୍ରେଣୀବଦ୍ଧତା ମଧ୍ୟରେ ପାର୍ଥକ୍ୟ ସୂଚାଇବାରେ ଅନ୍ୟ ଏକ କୌଶଳ ଅବଲମ୍ବନ କରିବା । ତାହା ହେଉଛି ବିଭିନ୍ନ ପ୍ରକାର ଶକ୍ତି ପ୍ରଦର୍ଶିତ କରିବା ଏବଂ ଈଶ୍ୱରଙ୍କ ଶ୍ରେଷ୍ଠତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରାଇବା । ଯେପରି କୁହାଯାଇଛି :

مَا لَكُمْ لَا تَرْجُوْنَ لِلّٰهِ وَقَارًا - وَقَدْ خَلَقَكُمْ اَطْوَارًا -

**'ମା ଲକୁମ୍ ଲାତର୍‌ଜୁନା ଲିଲ୍ଲାହି ଓ୍ୱକାରା । ଓ୍ୱକଦ୍ ଖଲକକୁମ୍ ଅତ୍‌ଓ୍ୱାରା**

*(ନୂହ୍ 71: 14,15)*

ଅର୍ଥାତ 'ତୁମର କ'ଣ ହୋଇଛି ଯେ ତୁମେ ଈଶ୍ୱରଙ୍କ ଶ୍ରେଷ୍ଠତ୍ୱକୁ ଗ୍ରହଣ କରୁ ନାହଁ? ଅଥଚ ସେ ନିଜର ଗାରିମା ପ୍ରଦର୍ଶନ କରିବା ପାଇଁ ତୁମମାନଙ୍କୁ ବିଭିନ୍ନ ପ୍ରକାର ରୂପ ଓ ସ୍ୱଭାବ ଦେଇ ସୃଷ୍ଟି କରିଛନ୍ତି ।' ଅର୍ଥାତ ସେହି ସର୍ବଜ୍ଞ ଈଶ୍ୱର ଦକ୍ଷତା ଓ ପ୍ରକୃତିରେ ଏପରି ବୈଚିତ୍ର୍ୟ ଓ ଗୁଣରେ ବିବିଧତା ଭରି ଦେଇଛନ୍ତି, ଯଦ୍ୱାରା ତୁମପକ୍ଷେ ତାଙ୍କ ମହିମା ଓ ଶକ୍ତିକୁ ଚିହ୍ନିବା ସମ୍ଭବ ହୋଇପାରିବ । ସୁତରାଂ ଅନ୍ୟ ଏକ ସ୍ଥାନରେ ଏପରି ମଧ୍ୟ କୁହାଯାଇଛି :

وَاللّٰهُ خَلَقَ كُلَّ دَآبَّةٍ مِّنْ مَّآءٍ ۚ فَمِنْهُمْ مَّنْ يَّمْشِىْ عَلٰى بَطْنِهٖ وَمِنْهُمْ مَّنْ يَّمْشِىْ
عَلٰى رِجْلَيْنِ وَمِنْهُمْ مَّنْ يَّمْشِىْ عَلٰٓى اَرْبَعٍ ؕ يَخْلُقُ اللّٰهُ مَا يَشَآءُ ؕ اِنَّ اللّٰهَ عَلٰى كُلِّ شَىْءٍ قَدِيْرٌ

**'ଓ୍ୱଲ୍ଲାହୁ ଖଲକା କୁଲ୍ଲା ଦାବ୍‌ବତିମ୍ ମିମ୍‌ମାଇନ୍ ; ଫମିନ୍‌ହୁମ ମନ୍‌ୟମ୍‌ଶି ଅଲାବତ୍‌ନିହୀ ଓ୍ୱମିନ୍‌ହୁମ୍ ମନ୍ ୟମ୍‌ଶି ଅଲାରିଜ୍‌ଲୈନୀ ଓ୍ୱମିନ୍‌ହୁମ୍ ମନ୍‌ୟମ୍‌ଶି ଅଲାଅର୍‌ବୟିନ୍, ୟଖ୍‌ଲୁକୁଲ୍ଲାହୁ ମାୟଶାଉ ; ଇନ୍‌ନଲ୍ଲାହା ଅଲାକୁଲ୍ଲି ଶୈଇନ୍ କଦିର୍**

*(ଅନ୍ ନୂର୍ 24:46)*

ଅର୍ଥାତ 'ଅଲ୍ଲାଃ ପ୍ରତ୍ୟେକ ବିଚରଣକାରୀ ପ୍ରାଣୀଙ୍କୁ ଜଳରୁ ସୃଷ୍ଟି କରିଛନ୍ତି । ତେଣୁ କେତେକ ପେଟରେ ଭରା ଦେଇ ଚାଲନ୍ତି ଓ ଅନ୍ୟ କେତେକ ଦୁଇ ପାଦ ସାହାଯ୍ୟରେ ଚାଲନ୍ତି ଓ ଅନ୍ୟ କେତେକ ଚାରି ପାଦରେ ଚାଲନ୍ତି । ଈଶ୍ୱର ଯାହା ଇଚ୍ଛା କରନ୍ତି, ତାହା ସୃଷ୍ଟି କରନ୍ତି । ଈଶ୍ୱର ପ୍ରତ୍ୟେକ ବିଷୟ କରିବାକୁ ସକ୍ଷମ ।'

ଏହା ମଧ୍ୟ ଏହି ବିଷୟ ଆଡକୁ ସଙ୍କେତ ଦେଉଛି ଯେ ପ୍ରଭୁ ଏହିସବୁ ବିଭିନ୍ନ ଜାତିର ପ୍ରାଣୀ ଏଥିସକାଶେ ସୃଷ୍ଟି କରିଛନ୍ତି, ଯଦ୍ଵାରା ତାଙ୍କର ବିଭିନ୍ନ ଶକ୍ତି ପ୍ରଦର୍ଶିତ ହେଉ । ସୁତରାଂ ସୃଷ୍ଟି ହୋଇଥିବା ସଚରାଚର ପ୍ରାଣୀମାନଙ୍କର ବିଭିନ୍ନ ପ୍ରକାର ସ୍ୱଭାବଗତ ଚାଲିଚଳନ ସେମାନଙ୍କ ପ୍ରକୃତିରେ ରଖାଯାଇଛି । ତାହା ଉପରୋକ୍ତ ତିନୋଟି ସୂକ୍ଷ୍ମ ବିଚାର ଉପରେ ପର୍ଯ୍ୟବସିତ, ଯହିଁରେ ଈଶ୍ୱରଙ୍କର ସୃଷ୍ଟି କରିବାର କଳାକୌଶଳ ପ୍ରଦର୍ଶିତ ହେଉଛି ଏବଂ ଈଶ୍ୱର ଏହି ବିଷୟକୁ ଉପରେ ବର୍ଣ୍ଣିତ ପବିତ୍ର କୁରଆନ ପଙ୍କ୍ତି ମାଧ୍ୟମରେ ଦର୍ଶାଇଛନ୍ତି ।

(ବରାହିନେ ଅହମଦିୟା, ରୁହାନୀ ଖଜାଇନ୍, ଗ୍ରନ୍ଥଖଣ୍ଡ ୧, ପୃ ୨୦୩-୨୦୭ ପାଦଟିକା)

# ଆର୍ଯ୍ୟସମାଜୀଙ୍କ ଭ୍ରାନ୍ତଧାରଣାର ଖଣ୍ଡନ

ପଣ୍ଡିତ ଦୟାନନ୍ଦଜୀଙ୍କ ଦ୍ୱାରା ରଚିତ ଉର୍ଦ୍ଦୁ ପୁସ୍ତକ 'ସତ୍ୟାର୍ଥ ପ୍ରକାଶ' ପୃଷ୍ଠା୫୦୧ରେ ଲେଖାଅଛି ଯେ ପରମେଶ୍ୱର କାହାର ପାପ କ୍ଷମା କରିପାରିବେ ନାହିଁ । ଏପରି କଲେ ସେ ଅନ୍ୟାୟ କରିବେ । ତେଣୁ ସେ ଧରି ନେଇଛନ୍ତି ଯେ ପରମେଶ୍ୱର କେବଳ ଏକ ବିଚାରପତି ସଦୃଶ । ସେ କୌଣସି ପ୍ରଭୁତ୍ୱ ହାସଲ କରି ନାହାନ୍ତି । ସେହି ପୁସ୍ତକରେ ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ପରମେଶ୍ୱର କୌଣସି ସୀମିତ କର୍ମର ଫଳ ସ୍ୱରୂପ ଅପରିସୀମ ପୁରସ୍କାର ଦେଇପାରିବେ ନାହିଁ । ତେଣୁ ଏଥିରୁ ଏହା ସ୍ପଷ୍ଟ ଯେ ଯଦି ସେ ମାଲିକ ଓ ପ୍ରଭୁତ୍ୱର ଅଧିକାର ରଖିଛନ୍ତି, ତେବେ ସୀମିତ ସେବା ପାଇଁ ଅପରିମିତ ପୁରସ୍କାର ପ୍ରଦାନ କରିବାରେ କ୍ଷତି କ'ଣ ? କାରଣ ମାଲିକଙ୍କ କାର୍ଯ୍ୟକୁ ନ୍ୟାୟର ମାନଦଣ୍ଡରେ ମପାଯାଇ ପାରିବ ନାହିଁ । ଆମେ ବି ଯଦି ଧନର ମାଲିକ ହୋଇ ଭିକାରୀକୁ କିଛି ଦେବାକୁ ଚାହୁଁଛୁ, ତା'ହେଲେ ସେଥିରେ ଭିକାରୀର ଏପରି ଅଭିଯୋଗ କରିବାର ଅଧିକାର ନାହିଁ ଯେ

ଅମୁକ ଲୋକକୁ ଅଧିକ ଦେଲ, କିନ୍ତୁ ମୋତେ କାହିଁକି କମ୍ ଦେଲ । ସେହିପରି କୌଣସି ଭକ୍ତର ଏହା କହିବାର ଅଧିକାର ନାହିଁ ଯେ ପ୍ରଭୁଙ୍କ ଠାରୁ ନ୍ୟାୟର ଦାବି କରିବ । କାରଣ ଯେଉଁ ପରିସ୍ଥିତିରେ ଯାହା କିଛି ବି ଭକ୍ତର ଅଛି, ସେ ସବୁ ହେଉଛି ଈଶ୍ୱରଙ୍କର । ତେଣୁ କୌଣସି ସେବକର ନ୍ୟାୟ ଦୃଷ୍ଟିରୁ ଈଶ୍ୱରଙ୍କ ଠାରୁ ଚୂଡାନ୍ତ ନିଷ୍ପତ୍ତି ଆଶା କରିବାର ଅଧିକାର ନାହିଁ । ଅଥବା ଈଶ୍ୱର ମଧ୍ୟ ତାଙ୍କ ସୃଷ୍ଟଜ ପ୍ରାଣୀଙ୍କ ନ୍ୟାୟ ଦାବି କରିବାର ଅଧିକାରକୁ ଗ୍ରହଣ କରନ୍ତି ନାହିଁ । ଈଶ୍ୱର ଯାହାକିଛି ପ୍ରାଣୀର କର୍ମ ପାଇଁ ପ୍ରତିଫଳ ପ୍ରଦାନ କରନ୍ତି, ତାହା କେବଳ ତାହାଙ୍କ କୃପା ବଳରେ ଏକ ବଦାନ୍ୟତା ସ୍ୱରୂପ ।

ନଚେତ ଦେଖିବାକୁ ଗଲେ, ସେମାନଙ୍କ କର୍ମ କିଛି ନୁହେଁ । କାରଣ ଈଶ୍ୱରଙ୍କ ସମର୍ଥନ ଓ କରୁଣା ବିନା ମନୁଷ୍ୟର କର୍ମ କିପରି ସମ୍ଭବ ହୋଇପାରିବ ? ପୁଣି ଯେତେବେଳେ ଆମେ ଈଶ୍ୱରଙ୍କ ପ୍ରାକୃତିକ ନିୟମ ଉପରେ ନଜର ପକାଉ, ଆମକୁ ଏହା ସ୍ପଷ୍ଟ ରୂପେ ଜଣାପଡେ ଯେ ପରମେଶ୍ୱର ଆପଣା ଭକ୍ତଙ୍କ ପାଇଁ ଯାହା କିଛି ଖଞ୍ଜି ଦେଇଛନ୍ତି କିମ୍ବା ଏବେ ଯୋଗାଇ ଦେଉଛନ୍ତି, ତାହା ଦୁଇ ପ୍ରକାରର ପୁରସ୍କାର ।

ପ୍ରଥମତଃ, ସେହି କୃପାଜନିତ ପୁରସ୍କାର, ଯାହା ମନୁଷ୍ୟ ଜନ୍ମ ହେବା ପୂର୍ବରୁ ରହିଥିଲା ଏବଂ ସେଥିରେ ମନୁଷ୍ୟକୃତ କର୍ମର କାଣିଚାଏ ହେଲେ ବି ଦଖଲ ନାହିଁ । ଯେପରି ମନୁଷ୍ୟର ଉପକାର ପାଇଁ ସେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ପୃଥିବୀ, ଜଳ, ବାୟୁ ଇତ୍ୟାଦି ସୃଷ୍ଟି କରିଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ ପଦାର୍ଥ ମନୁଷ୍ୟର ଅସ୍ତିତ୍ୱ ଓ କର୍ମର ବହୁ ପୂର୍ବରୁ ସର୍ଜନା କରାଯାଇଛି ଏବଂ ସେଗୁଡିକ ସତ୍ତା ଧାରଣ କରିବା ପରେ ମନୁଷ୍ୟ ଅସ୍ତିତ୍ୱ ଧାରଣ କରିଛି । ଏହା ହିଁ ଗୋଟିଏ କିସମର ଭଗବତ୍ କୃପା, ଯାହାକୁ ପବିତ୍ର କୁରଆନରେ ବ୍ୟବହୃତ ରିତ୍ତି ଅନୁଯାୟୀ 'ରହମାନିୟତ୍' କୁହାଯାଏ । ଅର୍ଥାତ ଏହା ମନୁଷ୍ୟର କର୍ମ ଉପରେ ଆଧାରିତ ନୁହେଁ, ବରଂ ଈଶ୍ୱରଙ୍କ ବିଶୁଦ୍ଧ କରୁଣା ଓ ସଂପୂର୍ଣ୍ଣ ଅନୁଗ୍ରହ ଯୋଗୁଁ ହିଁ ଏହି ପୁରସ୍କାର ପ୍ରଦାନ ସମ୍ଭବ ହୋଇଛି ।

ଦ୍ୱିତୀୟ ପ୍ରକାର ବଦାନ୍ୟତାକୁ ପବିତ୍ର କୁରଆନର ପ୍ରଚଳିତ ଅଭିବ୍ୟକ୍ତି ଅନୁସାରେ 'ରହମିୟତ୍' କୁହାଯାଏ । ଅର୍ଥାତ ଏହା ସେହି କୃପା ଜନିତ ପୁରସ୍କାର,

ଯାହା ମନୁଷ୍ୟର ସତ୍‌କର୍ମ ଯୋଗୁଁ ତାକୁ ଅର୍ପଣ କରାଯାଏ । ସୁତରାଂ ଏପରି ସ୍ଥଳେ ଯେଉଁ ଈଶ୍ୱର ଆପଣା ବଦାନ୍ୟତା ମୂଳକ ପ୍ରଭୁତ୍ୱର ଏପରି ଦୃଷ୍ଟାନ୍ତ ଦେଖାଇଲେ ଯେ ଆପଣା ନିରୀହ ଭକ୍ତମାନଙ୍କ ପ୍ରୟୋଜନାର୍ଥେ ପୃଥିବୀ, ବ୍ୟୋମ, ମରୁତ, ସୂର୍ଯ୍ୟ ଚନ୍ଦ୍ରାଦି ସୃଷ୍ଟି କଲେ । ପୁଣି ତାହା ଏପରି ସମୟରେ ଯେତେବେଳେ କି ସକଳ ସୃଷ୍ଟଜ ପ୍ରାଣୀ ଓ ତାଙ୍କ କର୍ମର କୌଣସି ଚିହ୍ନବର୍ଣ୍ଣ ବି ନଥିଲା । ଅଥଚ ସେ ସେମାନଙ୍କ ଠାରେ ଋଣୀ ହୋଇଗଲେ ଓ କେବଳ ଅଧିକାର ପ୍ରଦାନ କରିବା ସ୍ୱରୂପ ସେମାନଙ୍କୁ ପୁରସ୍କୃତ କଲେ । କିନ୍ତୁ ତାହାଠାରୁ ଅଧିକ କିଛି ନୁହେଁ? କ'ଣ ପ୍ରାଣୀମାନଙ୍କର କୌଣସି ଅଧିକାର ଥିଲା ଯେ ତାହା ପୂରଣ କରିବା ପାଇଁ ଈଶ୍ୱର ଆକାଶ ଓ ପୃଥିବୀ ତିଆରି କରିବେ ଏବଂ ସହସ୍ର କୋଟି ଆକାଶୀୟ ପିଣ୍ଡ ସୁସଜ୍ଜିତ ଆଲୋକ ମାଳାରେ ଝଲମଲ କରିବେ ? ସେହିପରି ପୃଥିବୀରେ ଏପରି ଅପରିମେୟ ବଦାନ୍ୟତାରେ ପରିପୂର୍ଣ୍ଣ ମହାନ ଦାତାଙ୍କୁ କେବଳ ଏକ ସାମାନ୍ୟ ବିଚାରକ ସଦୃଶ ନ୍ୟାୟକର୍ତ୍ତାର ଆଖ୍ୟା ଦେବା ଏବଂ ସେହି ଉଚ୍ଚ ମହିମାସମ୍ପନ୍ନ ପ୍ରଭୁତ୍ୱର ଅଧିକାରୀଙ୍କୁ ଅସ୍ୱୀକାର କରିବା ଦ୍ୱାରା ତାଙ୍କ ପୁରସ୍କାର ପ୍ରତି ଅକୃତଜ୍ଞ ହେବା କେତେ ଦୂର ସମିଚୀନ ?

(ଚଶମା ଏ ମାରିଫତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃ ୨୬-୨୮)

ଏହା ମନେରଖିବାକୁ ହେବ ଯେ ମୁନିବ ବା ପ୍ରଭୁ ଏପରି ଏକ ଶବ୍ଦ ଯାହାର ମୁକାବିଲାରେ ସମସ୍ତ ଅଧିକାର କାଟ ଖାଇଯାଏ । ଏହି ଶବ୍ଦ ସଂପୂର୍ଣ୍ଣ ରୂପେ କେବଳ ଈଶ୍ୱରଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ, ଯେହେତୁ ସେ ହିଁ ସ୍ୱୟଂସଂପୂର୍ଣ୍ଣ ମୁନିବ । ଯେଉଁ ବ୍ୟକ୍ତି ନିଜ ଜୀବନର ପ୍ରଭୁ ରୂପେ ଅନ୍ୟ କାହାକୁ ଗ୍ରହଣ କରେ, ସେ ଏହା ସ୍ୱୀକାର କରେ ଯେ ନିଜ ଜୀବନ ଓ ଧନସଂପତ୍ତି ଉପରେ ତା'ର କୌଣସି ଅଧିକାର ନାହିଁ । ସେ ଏହା ଭାବିଥାଏ ଯେ ଏସବୁ ମୋର ନୁହେଁ, ବରଂ ସବୁକିଛି ମାଲିକର । ଏହି ପରିସ୍ଥିତିରେ ତା'ପକ୍ଷେ ମାଲିକକୁ ଏହା କହିବା ଆଦୌ ଯୁକ୍ତିସଂଗତ ନୁହେଁ ଯେ ଅମୁକ ଧନ ବା ଜୀବନ ସଂକ୍ରାନ୍ତରେ ମୋ ସହିତ ନ୍ୟାୟ କର । କାରଣ ମାଲିକ ପାଖରେ ନ୍ୟାୟ ପାଇଁ ଦାବି କରିବା ତା'ର ଅଧିକାର ଉପରେ ନିର୍ଭର କରେ । କିନ୍ତୁ ସେ ସମସ୍ତ ଅଧିକାରକୁ ହରାଇ ବସିଛି । ତଦନୁରୂପ ମନୁଷ୍ୟ ଯେ କି ନିଜର ପ୍ରକୃତ ମୁନିବଙ୍କ ସମୀପରେ ନିଜର ସର୍ବସ୍ୱକୁ ଜଳାଞ୍ଜଳୀ ଦେଇ ସାରିଛି

ଓ ଯାହାର ସାନିଧ୍ୟ ଲାଭ ପାଇଁ ନିଜକୁ ତାହାଙ୍କ ପରମ ସେବକ ଓ ଭକ୍ତ ରୂପେ ନାମିତ କରିଛି । ସେହି ଈଶ୍ୱରଭକ୍ତ ମୁକ୍ତ କଣ୍ଠରେ ଏହିପରି ସ୍ୱୀକାର କରେ :

اِنَّا لِلّٰهِ وَاِنَّاۤ اِلَيۡهِ رٰجِعُوۡنَ -

**ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହୀ ରାଜେଉନ୍ ।** *(ଅଲ ବକରା 2:157)*

ଅର୍ଥାତ 'ଆମର ଧନ, ଜୀବନ, ଶରୀର ଓ ସନ୍ତାନ ସବୁକିଛି ଈଶ୍ୱରଙ୍କ ସଂପତ୍ତି ।' ଏହି ସ୍ୱୀକାରୋକ୍ତି ପରେ ଈଶ୍ୱରଙ୍କ ନିକଟରେ ଦାବି କରିବାର ଆଉ କୌଣସି ଅଧିକାର ରହିଲା ନାହିଁ । ଏହି କାରଣରୁ ଯେଉଁମାନେ ଏହି ବାସ୍ତବିକତା ବୁଝନ୍ତି, ସେମାନେ ନିଜର ସକଳ ସତ୍‌ଚେଷ୍ଟା, ଉପାସନା ଓ ଦାନଧର୍ମ କରିବା ସତ୍ତ୍ୱେ ଈଶ୍ୱରଙ୍କ କୃପା ଉପରେ ଆପଣାକୁ ଛାଡି ଦିଅନ୍ତି ଓ ତାଙ୍କର ଦୟାଶ୍ରୀତ ହୋଇ ରହନ୍ତି । ନିଜ କର୍ମକୁ କିଛି ବୋଲି ଭାବନ୍ତି ନାହିଁ ଏବଂ କୌଣସି ଦାବି ମଧ୍ୟ କରନ୍ତି ନାହିଁ ଯେ ମୋର ତାଙ୍କ ଠାରେ କିଛି ଅଧିକାର ଅଛି କିମ୍ବା ମୁଁ କିଛି ନିଜର ଅଧିକାର ସାବ୍ୟସ୍ତ କରିବି । କାରଣ ପ୍ରକୃତ ପୁଣ୍ୟ ହେଉଛି ସେହି, ଯାହାର ସାମର୍ଥ୍ୟ ଲାଭ କରି କେହି ସତ୍‌କର୍ମ କରିପାରିବ ଏବଂ ସେ ହିଁ କେବଳ ଈଶ୍ୱର । ସୁତରାଂ ମନୁଷ୍ୟ ନିଜର ବ୍ୟକ୍ତିଗତ ଦକ୍ଷତା ଓ ଯୋଗ୍ୟତା ଭିତ୍ତିରେ ଈଶ୍ୱରଙ୍କ ଠାରୁ ନ୍ୟାୟ ପାଇଁ ଆଦୌ ଦାବି କରିପାରିବ ନାହିଁ । ପବିତ୍ର କୁରଆନ ଦୃଷ୍ଟିରୁ ଈଶ୍ୱରଙ୍କ ସବୁକାର୍ଯ୍ୟ ଉପରେ ସେ ମୁନିବ ପରି କର୍ତ୍ତୃତ୍ୱ ଜାହିର କରିଥାନ୍ତି, ଯେହେତୁ ସେ ସବୁକିଛି କରିବାକୁ ପୂର୍ଣ୍ଣ ସକ୍ଷମ । ଯେପରି ସେ ପାପ ପାଇଁ ଦଣ୍ଡବିଧାନ କରନ୍ତି, ସେହିପରି ସେ ପାପକୁ କ୍ଷମା ବି କରିଦିଅନ୍ତି । ଅର୍ଥାତ ଉଭୟ ଦିଗରୁ ଦେଖିଲେ ସେ କ୍ଷମତାଶାଳୀ ଓ ସର୍ବକର୍ତ୍ତୃକ । ତେଣୁ ସେ ମାଲିକିୟତ୍ ଗୁଣର ଅଧିକାରୀ । ଯଦି ସେ ପାପ ପାଇଁ ସବୁବେଳେ ଦଣ୍ଡବିଧାନ କରିବେ, ମନୁଷ୍ୟ କେବେ ସେଥିରୁ ବର୍ତ୍ତିପାରିବ ନାହିଁ । ତେଣୁ ଈଶ୍ୱର କେତେକ ପାପର ଶାସ୍ତି ଦିଅନ୍ତି ତ ଅନ୍ୟ କେତେକ ପାପକୁ କ୍ଷମା କରନ୍ତି । ଏହା ଦ୍ୱାରା ଜଣେ ଅମନଯୋଗୀ ବ୍ୟକ୍ତି ଏଥିପ୍ରତି ସତର୍କ ରହିବ ଓ ଈଶ୍ୱରଙ୍କୁ ଧ୍ୟାନ କରିବ । ପବିତ୍ର କୁରଆନରେ ଏହିପରି କୁହାଯାଇଛି :

وَمَاۤ اَصَابَكُمۡ مِّنۡ مُّصِيۡبَةٍ فَبِمَا كَسَبَتۡ اَيۡدِيۡكُمۡ وَيَعۡفُوۡا عَنۡ كَثِيۡرٍ

ଓ୍ୱମା ଆସାବକୁମ୍ ମିମ୍ ମୁସିବତିମ୍ ଫବିମା କସବତ୍ ଅଇଦିକୁମ୍ ଓ୍ୱୟା'ଫୁଅନ୍ କସୀର ॥ *(ଅଶ୍ ଶୂରା 42:31)*

ଅର୍ଥାତ 'ଯାହା କିଛି ବିପତ୍ତି ତୁମକୁ ପହଞ୍ଚୁଛି, ତାହା ତୁମ କର୍ମର ପରିଣାମ ସ୍ୱରୂପ । ସେ ତୁମର ବହୁ ମାତ୍ରାରେ ପାପକୁ କ୍ଷମା କରିଦିଅନ୍ତି ଓ କେତେକ ପାପ ପାଇଁ ଦଣ୍ଡିତ କରନ୍ତି ।'

ପୁଣି ସେହି ଅଧ୍ୟାୟରେ ଏପରି ପଙ୍‌କ୍ତି ମଧ୍ୟ ରହିଛି :

**وَهُوَ الَّذِىْ يَقْبَلُ التَّوْبَةَ عَنْ عِبَادِهٖ وَيَعْفُوْا عَنِ السَّيِّاٰتِ**

**ୱହୁୱଲ୍ଲଜି ୟକ୍‌ବଲୁତ୍ ତୌବତା ଅନ୍‌ଇବାଦିହୀ ୱୟା'ଫୁ ଅନିସ୍ ସୈଇଆତ୍ ॥** *(ଅଶ୍ ଶୁରା 42:26)*

ଅର୍ଥାତ 'ସେହିଁ ତୁମ ଈଶ୍ୱର ଯେ ନିଜ ଭକ୍ତଙ୍କ ପ୍ରାୟଶ୍ଚିତକୁ ଗ୍ରହଣ କରନ୍ତି । ଏବଂ ତାଙ୍କ ଅସତ୍‌କର୍ମ ଜନିତ ପାପକୁ କ୍ଷମା କରିଦିଅନ୍ତି ।'

କୌଣସି ବ୍ୟକ୍ତି ଏହି ଦ୍ୱିଧାରେ ପଡିବା ଉଚିତ ନୁହେଁ ଯେ ପବିତ୍ର କୁରଆନରେ ଏହି ପଙ୍‌କ୍ତିର ଉଲ୍ଲେଖ ମଧ୍ୟ ରହିଛି :

**وَمَنْ يَّعْمَلْ مِثْقَالَ ذَرَّةٍ شَرًّا يَّرَهٗ-**

**ୱମେଁ ୟାମଲ୍ ମିସ୍‌କା'ଲା ଜର୍‌ରତିନ୍ ଶର୍‌ରେଁ ୟରହ୍ ॥**

*(ଅଲ ଜିଲ୍‌ଜାଲ୍ 99:9)*

ଅର୍ଥତ 'ଯେ କେହି ଅଣୁ ପରିମାଣରେ ମଧ୍ୟ ପାପକର୍ମ କରିଥିବ, ସେ ତାହାର ଶାସ୍ତିକୁ ଦେଖିନେବ ।'

ଏଠାରେ ମନ ରଖିବାକୁ ହେବ ଯେ ଏହି ପଙ୍‌କ୍ତି ଓ ଅନ୍ୟ ପଙ୍‌କ୍ତିମାନଙ୍କରେ କୌଣସି ମତଭେଦ ନାହିଁ । ଏହି ଦୁଷ୍ଟାମି ଜନିତ ପାପ ସେହି ମନ୍ଦକର୍ମକୁ ବୁଝାଏ, ଯାହାକୁ ସେ କରିବାରୁ ନିବୃତ୍ତ ହୁଏ ନାହିଁ ଓ ଯାହା ସକାଶେ ସେ କେବେ ଅନୁତାପ ମଧ୍ୟ କରେ ନାହିଁ । ସେଥିଯୋଗୁଁ ଏଠାରେ 'ଶର୍‌ର' ଶବ୍ଦ ବ୍ୟବହୃତ ହୋଇଛି 'ଜନ୍‌ବ' ନୁହେଁ । ଯଦ୍ୱାରା ଏହା ଜଣା ପଡିଯିବ ଯେ ଏଠାରେ ଏପରି ଅସତ୍‌କର୍ମ ବିଷୟରେ କୁହାଯାଇଛି, ଯାହା କରିବାରୁ କୌଣସି ଦୁଷ୍ଟ ଲୋକ କେବେ ନିବୃତ୍ତ ହେବାକୁ ଚାହୁଁନାହିଁ । ଅଥଚ ଏହି ନୀତି ଉପଦେଶ ସମ୍ବନ୍ଧରେ ପବିତ୍ର କୁରଆନରେ ଭରି ରହିଛି ଯେ ପଶ୍ଚାତାପ ଓ ଅନୁଶୋଚନା କରିବା, ମନ୍ଦକର୍ମ ପ୍ରତି

ଜିଦ୍‌ଖୋର ମନୋବୃତ୍ତିକୁ ପରିହାର କରିବା ଏବଂ କ୍ଷମା ପ୍ରାର୍ଥନା କଲେ ପାପ ମୋଚନ ହୋଇ ଯାଇଥାଏ । ବରଂ ଅନୁତାପକାରୀଙ୍କୁ ପ୍ରଭୁ ପ୍ରେମ କରନ୍ତି, ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି :

**إِنَّ اللّٰهَ يُحِبُّ التَّوَّابِينَ وَيُحِبُّ الْمُتَطَهِّرِينَ -**

**'ଇନ୍ନଲ୍ଲାହା ୟୁହିବ୍‌ବୁତ୍ ତୱ୍ୱାବିନା ୱ୍ୱ ୟୁହିବ୍‌ବୁଲ୍ ମୁତତହ୍‌ହିରୀନ୍'**

*(ଅଲ ବକରା 2:223)*

ଅର୍ଥାତ 'ଅନୁତାପକାରୀମାନଙ୍କୁ ଅଲ୍ଲାଃ ପରମବ୍ରହ୍ମ ଭଲ ପାଆନ୍ତି ଓ ସେ ସେମାନଙ୍କୁ ଗଭୀର ପ୍ରେମ କରନ୍ତି' । ଯେଉଁମାନେ କୌଣସି ପ୍ରକାର ପାପରୁ ନିସ୍ତାର ପାଇବା ଉପରେ ଗୁରୁତ୍ୱାରୋପ କରନ୍ତି ଓ ପାପରୁ ମୁକ୍ତ ହେବା ପାଇଁ ଶତତ ପ୍ରୟାସରତ ଥାଆନ୍ତି ।

ସଂକ୍ଷେପରେ କହିବାକୁ ଗଲେ ପ୍ରତ୍ୟେକ ମନ୍ଦକର୍ମ ପାଇଁ ଶାସ୍ତି ଦେବା ଈଶ୍ୱରଙ୍କ କ୍ଷମା ଓ କରୁଣାର ବିରୁଦ୍ଧାଚରଣ କରିଥାଏ । କାରଣ ସେ ହେଉଛନ୍ତି ମାଲିକ, ମାତ୍ର ଜଣେ ମାଜିଷ୍ଟ୍ରେଟ ପରି ନୁହନ୍ତି । ଯେପରିକି ସେ ପବିତ୍ର କୁରଆନରେ ନିଜ ନାମ ମାଲିକ (ପ୍ରଭୁ) ରଖିଛନ୍ତି ଓ କହିଛନ୍ତି :

**ମାଲିକି ୟୋମିଦ୍‌ଦୀନ** **مٰلِكِ يَوْمِ الدِّيْنِ -** *(ଅଲ ଫାତିହା 1:4)*

ଅର୍ଥାତ 'ଈଶ୍ୱର କର୍ମର ପ୍ରତିଫଳ ଦେବାର ପ୍ରଭୁ, ଉଭୟ ଶାସ୍ତି ଓ ପୁରସ୍କାର ବିଧାନ କରିବାର ପ୍ରଭୁ । ତେଣୁ ଏହା ସ୍ୱାଭାବିକ ଯେ କେହି ସେ ପର୍ଯ୍ୟନ୍ତ ନିଜକୁ 'ମାଲିକ୍' ବା ପ୍ରଭୁ ବୋଲାଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ ଦୁଇଟିଯାକ ବିଷୟ ଉପରେ ତାଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ନରହିଛି । ଅର୍ଥାତ ସେ ଇଚ୍ଛା କଲେ କାହାକୁ ଧରି ପାରନ୍ତି ଅଥବା ସେ ଇଚ୍ଛା କଲେ କାହାକୁ ଛାଡିଦେଇ ପାରନ୍ତି ।

(ଚଶମା ଏ ମାରିଫତ, ରୁହାନି ଖଜାଇନ୍, ଗ୍ରନ୍ଥ ଖଣ୍ଡ ୨୩, ପୃ ୨୩, ୨୪)

ଏବେ ପୁଣି ଆମେ ଅସଲ ପ୍ରସଙ୍ଗକୁ ଆସିବା । ଆର୍ଯ୍ୟ ସମାଜୀଙ୍କ ମୌଳିକ ନୀତି ଦୃଷ୍ଟିରୁ ବିଚାର କଲେ ସେମାନଙ୍କ ପରମେଶ୍ୱରଙ୍କ ନାମ 'ମାଲିକ୍' ରୂପେ ଆଖ୍ୟାୟୀତ କରାଯାଇ ପାରିବ ନାହିଁ । କାରଣ କେହି ଦାନ ଗ୍ରହୀତାକୁ ତାର ପ୍ରାପ୍ୟ ଅଧିକାର ମିଳିବା ବ୍ୟତୀରେକେ ତାକୁ ପରମେଶ୍ୱର ଦାତା ରୂପେ ନିଜ ଅନୁଗ୍ରହରୁ

ପୁରସ୍କାର ବା ଉପହାର ସ୍ୱରୂପ କିଛି ଅର୍ପଣ କରିପାରିବାର ଶକ୍ତି ତାଙ୍କଠାରେ ନାହିଁ । କିନ୍ତୁ ଆମେ ଦେଖୁଛୁ ଯେ ଯେଉଁ ବ୍ୟକ୍ତି କୌଣସି ଧନର ମାଲିକ ହୋଇଥାଏ, ତାର ଏହି କ୍ଷମତା ରହିଥାଏ ଯେ ସେ ଯାହାକୁ ଯେପରି ଇଚ୍ଛା କରିବ ନିଜ ଧନରୁ କାଢ଼ି ଦାନ କରିପାରିବ । ମାତ୍ର ଆର୍ଯ୍ୟ ଧର୍ମାବଲମ୍ବୀମାନଙ୍କର ପରମେଶ୍ୱରଙ୍କ ସମ୍ବନ୍ଧରେ ଏହି ନୀତି ରହିଛି ଯେ ନା ସେ ପାପ କ୍ଷମା କରିବେ ଆଉ ନା ସେ କାହାରିକୁ କିଛି ବଦାନ୍ୟତା ବା ପୁରସ୍କାର ସ୍ୱରୂପ ଦେଇପାରିବେ । କାରଣ ଯଦି ସେ ଏପରି କରିବେ, ତା'ହେଲେ ସେ ଘୋର ଅନ୍ୟାୟ କରୁଥିବାର ସିଦ୍ଧ ହେବ ।

ଆତ୍ମାର ଦେହାନ୍ତର ପ୍ରାପ୍ତି ଅର୍ଥାତ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀରରେ ପ୍ରବେଶ କରୁଥିବା ମତବାଦକୁ ମାନୁଥିବା ବ୍ୟକ୍ତି କୌଣସି ପ୍ରକାରେ ଏହା କହିପାରିବେ ନାହିଁ ଯେ ପରମେଶ୍ୱର ସକଳ ସୃଷ୍ଟିର ମାଲିକ । ଆମେ ତ ଏହା ବହୁବାର ଲେଖିସାରିଛୁ ଯେ ଜଣେ ମାଲିକ ପକ୍ଷେ ନ୍ୟାୟର ନିୟମ ଅନୁଯାୟୀ କାର୍ଯ୍ୟ କରିବା ଓ ଏହା ସହିତ ଅନୁବନ୍ଧିତ କରିବା ସଂପୂର୍ଣ୍ଣ ଅନୁଚିତ । ହଁ, ଆମେ ମାଲିକର ଗୁଣାବଳୀ ଓ ଦିବ୍ୟ ଚରିତ୍ର ମଧ୍ୟରୁ ଏହା ଅବଶ୍ୟ କହିପାରିବା ଯେ ସେହି ପରମ ମୁନିବ ହେଉଛନ୍ତି 'ରହିମ୍' (ସଦା କରୁଣାମୟ), ସେ 'ଜୱ୍ୱାଦ୍' (ଅର୍ପଣକାରୀ), 'ଫୟାଜ୍' (ଉଦାର ଓ ଦାନଶୀଳ) ଓ ପାପ କ୍ଷମାଶୀଳ । କିନ୍ତୁ ଆମେ ଏହା କହିପାରିବା ନାହିଁ ଯେ ସେ କେବଳ ନ୍ୟାୟ ସହିତ ସଂଯୁକ୍ତ ହୋଇ ରହିଛନ୍ତି । ଯେପରିକି ତାଙ୍କର କ୍ରୀତଦାସ, ଘୋଡା, ଗାଈଙ୍କ ପ୍ରତି ସେ ନ୍ୟାୟଶୀଳ ମନୋଭାବ ପ୍ରଦର୍ଶନ କରିଥାନ୍ତି । ଏହା ପରିବର୍ତ୍ତେ ନ୍ୟାୟ ଶବ୍ଦ କେବଳ ସେହି କ୍ଷେତ୍ରରେ ପ୍ରଯୁଜ୍ୟ ହେବ, ଯେତେବେଳେ ଉଭୟ ପକ୍ଷରୁ ଏକା ପ୍ରକାର ସ୍ୱାଧୀନତା ମିଳିବ । ଉଦାହରଣ ସ୍ୱରୂପ, ଜଣେ ସର୍ବଭୌମ କ୍ଷମତାଶାଳୀ ସମ୍ରାଟ ବା ନରପତିଙ୍କ ସଂକ୍ରାନ୍ତରେ ଏହା କୁହାଯାଇପାରେ ଯେ ସେ ଜଣେ ନ୍ୟାୟବନ୍ତ ଶାସକ ଓ ନିଜ ଦେଶର ପ୍ରଜାଙ୍କ ପ୍ରତି ନ୍ୟାୟପୂର୍ଣ୍ଣ ବ୍ୟବହାର କରନ୍ତି । ଏବଂ ଯେ ପର୍ଯ୍ୟନ୍ତ ପ୍ରଜା ତାଙ୍କର ଆଜ୍ଞାପାଳନ କରୁଥିବେ, ସେମାନଙ୍କ ପାଇଁ ଏହି ନ୍ୟାୟର ବିଧି ଲାଗୁ ହେବ । ସେମାନେ ମଧ୍ୟ ପ୍ରଜାମାନଙ୍କ ଆଜ୍ଞାବହତାର ପ୍ରତିଦାନରେ ସେମାନଙ୍କ ଧନ ଜୀବନକୁ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବେ । ଆବଶ୍ୟକତା ବେଳେ ନିଜ ରାଜକୋଷରୁ ସେମାନଙ୍କୁ ସହାୟତା ପ୍ରଦାନ କରିବେ । ସୁତରାଂ ଏକ ପକ୍ଷେ ସମ୍ରାଟ

ପ୍ରଜାଙ୍କ ଉପରେ ଆଦେଶ ଜାହିର କରନ୍ତି ଏବଂ ଅପର ପକ୍ଷେ ଦେଶର ପ୍ରଜାଗଣ ମଧ୍ୟ ରାଜାଙ୍କ ପ୍ରତି ନିଜର ଇଚ୍ଛା ଜାହିର କରିଥାନ୍ତି । ଯେ ପର୍ଯ୍ୟନ୍ତ ଏହି ଦୁଇ ପକ୍ଷରୁ ସହଯୋଗ ପୂର୍ଣ୍ଣ ସଂପର୍କ ରକ୍ଷା କରାଯାଇଥାଏ, ସେ ପର୍ଯ୍ୟନ୍ତ ସେହି ଦେଶରେ ଶାନ୍ତି ବଜାୟ ରହେ । କିନ୍ତୁ ଯେବେ କୌଣସି ଅସଂହତି ଦୁଇ ପକ୍ଷରୁ ଦେଖାଦିଏ କିମ୍ବା ନିଜ ନିଜର କର୍ତ୍ତବ୍ୟ ପାଳନରେ ବିଚ୍ୟୁତି ଘଟେ, ସେହି ଦେଶରେ ଶାନ୍ତି ବ୍ୟାହତ ହୁଏ ଓ ଅରାଜକତା ଦେଖାଦିଏ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଆମେ ରାଜାଙ୍କୁ ପ୍ରକୃତ ମାଲିକର ଆଖ୍ୟା ଦେଇପାରିବା ନାହିଁ । କାରଣ ରାଜାକୁ ପ୍ରଜା ସହିତ ଓ ପ୍ରଜାଙ୍କୁ ରାଜା ସହିତ ନ୍ୟାୟର କଟକଣା ମଧ୍ୟରେ ରହିବାକୁ ପଡିବ ।

ମାତ୍ର ଈଶ୍ୱର ପ୍ରଭୁତ୍ୱ ଲାଭ କରିବା ଦୃଷ୍ଟିକୋଣରୁ 'ରହିମ୍' ଅର୍ଥାତ ସଦା କରୁଣାମୟ ତ କହିପାରିବା, ମାତ୍ର ନ୍ୟାୟଶୀଳ କହିପାରିବା ନାହିଁ । କୌଣସି ବ୍ୟକ୍ତି ଜଣେ ମାଲିକର ଅଧୀନରେ ରହି ମାଲିକ ଠାରୁ ନ୍ୟାୟ ଦାବି କରିପାରିବ ନାହିଁ । ହଁ, ସେ ଅବଶ୍ୟ ଜଣେ ବିନମ୍ର ସେବକ ଭାବରେ କେବଳ ଦୟା ଭିକ୍ଷା କରିପାରିବ । ଏହି କାରଣରୁ ଈଶ୍ୱର ସମଗ୍ର ପବିତ୍ର କୁରଆନରେ କେଉଁଠାରେ ନିଜ ନାମ 'ମୁସନ୍‌ନଫ୍' (ନ୍ୟାୟଶୀଳ) ରଖି ନାହାନ୍ତି । କାରଣ ନ୍ୟାୟ ଏପରି ଏକ ବିଷୟ, ଯାହା ଦୁଇ ପକ୍ଷରୁ ପରସ୍ପର ମଧ୍ୟରେ ସାମ୍ୟଭାବ ରକ୍ଷା କରିଥାଏ ଓ ଉଭୟଙ୍କ ମଧ୍ୟରେ ସମାନ ପ୍ରତିକ୍ରୀୟା ପୋଷଣ କରେ । ହଁ, ସର୍ବଶକ୍ତିମାନ ଈଶ୍ୱର ଅବଶ୍ୟ ଏହି ଧାରାରେ ନ୍ୟାୟ ପରାୟଣ ହୋଇଥାନ୍ତି ଯେ ସୃଷ୍ଟିର ପ୍ରାଣୀମାନଙ୍କ ମଧ୍ୟରେ ଯେବେ ପରସ୍ପର ଅଧିକାର କଥା ଉଠେ, ସେ ନିରପେକ୍ଷ ଭାବେ ନ୍ୟାୟ ପ୍ରଦାନ କରିଥାନ୍ତି । କିନ୍ତୁ ସେହି ନ୍ୟାୟ ଏପରି କଦାପି ନୁହେଁ ଯେ କେହି ତାଙ୍କ ସହଭାଗୀତାରେ ତାଙ୍କ ଠାରୁ ନିଜ ଅଧିକାର ଦାବି କରି ବସିବ । ସମସ୍ତ ସୃଷ୍ଟଜ ପ୍ରାଣୀ ପରମେଶ୍ୱରଙ୍କ ଅଧୀନ । ସେହି ପରମ ପ୍ରଭୁତ୍ୱ ବିସ୍ତାରକାରୀ ବିଧାତା ନିଜ ଭକ୍ତଙ୍କ ସହିତ ଯେପରି ଇଚ୍ଛା ସେପରି ଆଚରଣ କରିପାରିବେ । ସେ ଦୟା ପରବଶ ହୋଇ ଯାହାକୁ ଇଚ୍ଛା କରନ୍ତି, ରାଜତ୍ୱ ଅର୍ପଣ କରିପାରନ୍ତି । ଯାହାକୁ ଇଚ୍ଛା ତାକୁ ଭିକାରୀ କରି ଦେଇପାରନ୍ତି । ସେ ଇଚ୍ଛା କଲେ କାହାକୁ କମ୍ ବୟସରେ ମୃତ୍ୟୁ ଦିଅନ୍ତି ତ ଅନ୍ୟ କାହାକୁ ଦୀର୍ଘାୟୁ ପ୍ରଦାନ କରନ୍ତି । ଆମେ ମଧ୍ୟ ଯେବେ କୌଣସି ଧନର ମାଲିକ ହୋଇଯାଉ, ତାହାର ଉପଯୋଗ ସକାଶେ ଆମକୁ ପୂର୍ଣ୍ଣ ସ୍ୱାଧୀନତା

ମିଳିଯାଏ । ଯେମିତି ଇଚ୍ଛା ସେମିତି ତାକୁ ଦାନ କରି ଚାଲିଥାଉ । ହଁ, ଈଶ୍ୱର ତ 'ରହୀମ୍' ସେ ସଦା କରୁଣାମୟ ପ୍ରଭୁ । ଏପରିକି ସେ **'ଅର୍‌ହମୁର୍ ରାହେମୀନ୍'** । ସେ ନିଜର ଦୟା ବଳରେ ନା କେବେ ନ୍ୟାୟକୁ ବିଚାରକୁ ନେଇ କିମ୍ବା ନ୍ୟାୟର କୌଣସି ସୀମାକୁ ଆଧାର କରି ନିଜ ପ୍ରଜାମାନଙ୍କୁ ପ୍ରତିପାଳନ କରିଥାନ୍ତି । କାରଣ ଆମେ ବାରମ୍ବାର କହି ଆସିଛୁ ଯେ 'ମାଲିକିୟତ୍' ଗୁଣ ଏବଂ ନ୍ୟାୟଶୀଳ ଗୁଣର ତାତ୍ପର୍ଯ୍ୟ ପରସ୍ପର ବିରୋଧି ହୋଇଥିବାର ସୂଚନା ଦେଇଥାନ୍ତି ଓ ସେହି ଦୁଇଟି ବିଷୟର ଭାବରେ ଅମେଳ ଥାଏ । ଯେବେ କି ଆମେମାନେ ତାଙ୍କ ଦ୍ୱାରା ସୃଷ୍ଟି ହୋଇଛୁ, ତେଣୁ ଆମର କେଉଁ ଅଧିକାର ଅଛି ଯେ ତାଙ୍କଠାରୁ ନ୍ୟାୟର ଦାବି କରିବୁ ? କେବଳ ତାଙ୍କର କରୁଣା ଟିକିଏ ପାଇବା ପାଇଁ ବିନୀତ ଭାବେ ଆମେ ନିଶ୍ଚୟ ପ୍ରାର୍ଥନା କରୁଛୁ ।

ଏହା ଭକ୍ତର ଧୃଷ୍ଟତା ହେବ, ଯଦି ଈଶ୍ୱର ନିଜ ଭକ୍ତଙ୍କ ସହିତ କରୁଥିବା ବ୍ୟବହାର ବା ଆଚରଣ ଢ଼ଙ୍ଗ ସମ୍ବନ୍ଧରେ ନ୍ୟାୟ ପାଇଁ ଦାବି କରି ବସିବ । ଯେହେତୁ ମନୁଷ୍ୟର ସ୍ୱଭାବ ଓ ଚରିତ୍ରଗତ ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ଠାରୁ ଆସିଛି । ସକଳ ପ୍ରକାର ଆଧ୍ୟାତ୍ମିକ ଓ ଶାରୀରିକ ଶକ୍ତି ଈଶ୍ୱର ପ୍ରଦତ୍ତ । ତାଙ୍କରି ଠାରୁ ସାମର୍ଥ୍ୟ ଓ ସମର୍ଥନ ବଳରେ ପ୍ରତ୍ୟେକ ଭଲ କର୍ମ ସମ୍ପାଦନ କରାଯାଇ ପାରିବ । ତେଣୁ ନିଜ କର୍ମ ଉପରେ ଭରସା କରି ତାଙ୍କଠାରୁ ନ୍ୟାୟ ପ୍ରାପ୍ୟ ଆମର ବୋଲି ଦାବି କରି ବସିବା ତାଙ୍କ ପ୍ରତି ଘୋର ଅବିଶ୍ୱାସ ଓ ଅଜ୍ଞାନତାର ପରିଚାୟକ । ଏପରି ଶିକ୍ଷାକୁ ଆମେ ବିଦ୍ୟାରୁ ଲବ୍‌ଧ ଶିକ୍ଷା କହିପାରିବା ନାହିଁ । ବରଂ ଏହି ଶିକ୍ଷା ସତ୍‌ଜ୍ଞାନରୁ ସଂପୂର୍ଣ୍ଣ ବଞ୍ଚିତ ତଥା ଅତ୍ୟନ୍ତ ବୁଦ୍ଧିହୀନ ଆଚରଣରେ ପରିପୂର୍ଣ୍ଣ । ସୁତରାଂ ଈଶ୍ୱର ନିଜର ପବିତ୍ର ଗ୍ରନ୍ଥ କୁରଆନରେ ଏହି ଶିକ୍ଷା ପ୍ରଦାନ କରିଛନ୍ତି ଯେ ପ୍ରାଣୀମାନଙ୍କ ତୁଳନାରେ ଈଶ୍ୱରଙ୍କୁ ନ୍ୟାୟବନ୍ତ ନାମରେ ଡାକିବା କେବଳ ଏକ ପାପ ନୁହେଁ, ବରଂ ଘୋର ଅପବାଦଜନକ କଥା ।

(ଚଶମା ଏ ମାରିଫତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃ ୩୨-୩୪)

# ଖ୍ରୀଷ୍ଟିୟାନମାନଙ୍କ ଭ୍ରାନ୍ତଧାରଣାର ଖଣ୍ଡନ

ଦୂରଦୃଷ୍ଟିହୀନ ଖ୍ରୀଷ୍ଟିୟାନମାନେ ସଠିକ ଚେତନାର ଅଭାବ ଯୋଗୁଁ ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଛନ୍ତି ଯେ ନ୍ୟାୟ ବିଚାର ଓ କରୁଣାର ଧାରା ଈଶ୍ୱରଙ୍କ ଠାରେ ସହ ବିଦ୍ୟମାନ ହୋଇ ଏକତ୍ର ରହିପାରିବେ ନାହିଁ । କାରଣ ନ୍ୟାୟ ଚାହୁଥାଏ ଯେ କିପରି ଦଣ୍ଡବିଧାନ କରାଯାଉ ଏବଂ କରୁଣା ଚାହୁଥାଏ ଯେ କିପରି କ୍ଷମା କରି ଦିଆଯାଉ । ସେମାନଙ୍କର ଏହି ବୃଥା ଚିନ୍ତାଧାରା ଯୋଗୁଁ ସେମାନେ ଏହା ବିଚାର କରିବାରେ ବିଫଳ ହୋଇଛନ୍ତି ଯେ **ସର୍ବଶକ୍ତିମାନ ଈଶ୍ୱରଙ୍କର ପ୍ରଜାଙ୍କ ପ୍ରତି ନ୍ୟାୟ ଦୃଷ୍ଟି ମଧ୍ୟ ଈଶ୍ୱରଙ୍କ ଏକ କରୁଣା,** ଯାହା ସମସ୍ତ ମାନବଜାତିର ହିତ ସକାଶେ ଉଦ୍ଦିଷ୍ଟ । ଉଦାହରଣ ସ୍ୱରୂପ, ଯଦି ଈଶ୍ୱର ଜଣେ ହତ୍ୟାକାରୀ ସକାଶେ ବିଚାର ପରେ ଏହି ନିଷ୍ପତ୍ତି ଶୁଣାନ୍ତି ଯେ ତାଙ୍କୁ ମୃତ୍ୟୁଦଣ୍ଡ ମିଳୁ, ତା'ହେଲେ ସେଥିରୁ ତାଙ୍କ ସର୍ବମୟ ପ୍ରଭୁତ୍ୱକୁ କିଛି ହେଲେ ଲାଭ ମିଳିବ ନାହିଁ । ବରଂ ସେ ଏଥିପାଇଁ ଆଦେଶ ଦିଅନ୍ତି, ଯଦ୍ଦ୍ୱାରା ପରସ୍ପର ମଧ୍ୟରେ ହତ୍ୟା ଓ ରକ୍ତପାତ ଘଟାଇ ମାନବଜାତିର ବିନାଶ ନହେଉ । ତେଣୁ ଏହା ମାନବଜାତି ପକ୍ଷରେ ଦୟାର କାରଣ ହେବ । ସେହି ସର୍ବକର୍ତ୍ତୃକ ପ୍ରଭୁ ତାଙ୍କର ସକଳ ପ୍ରାଣୀଙ୍କ ମଧ୍ୟରେ ପାରସ୍ପରିକ ଅଧିକାର ଏଥିପାଇଁ ପ୍ରତିଷ୍ଠା କରିଛନ୍ତି, ଯଦ୍ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ ଏବଂ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀ ଉପରେ ଅତ୍ୟାଚାର ଚଳାଇ ଦୁନିଆରେ ବିଶୃଙ୍ଖଳାର ବଜାର ସରଗରମ ନକରିବ । ତେଣୁ ସେ ସମସ୍ତ ଅଧିକାର ଓ ଶାସ୍ତି ଯାହା ଧନ, ଜୀବନ ଓ ସମ୍ମାନ ରକ୍ଷା ପାଇଁ ନିର୍ଦ୍ଧାରଣ କରାଯାଇଛି, ତାହା ପ୍ରକୃତରେ ମାନବଜାତି ସକାଶେ ଏକ ଦୟା ଓ କରୁଣାର ଅବଦାନ ସ୍ୱରୂପ ।...

ସୁତରାଂ ଦୈବି ନ୍ୟାୟ ଓ ଭଗବତ୍ କରୁଣା ମଧ୍ୟରେ କୌଣସି ପ୍ରକାର ବିବାଦ ନାହିଁ । ଏହି ଦୁଇଟି ବିଷୟ ସତେ ଯେପରି ଦୁଇ ନଦୀର ଜଳଧାରା ସଦୃଶ ନିଜ ନିଜ ସ୍ଥାନରେ ସମାନ୍ତରାଳରେ ପ୍ରବାହିତ ହୋଇ ଚାଲିଛନ୍ତି ଓ କେହି କାହାର ପ୍ରତିରୋଧ କରୁନାହାନ୍ତି । ପାର୍ଥିବ ଜଗତର ସାମ୍ରାଜ୍ୟମାନଙ୍କରେ ମଧ୍ୟ ସେହି ଏକା ନିୟମ ପ୍ରଚଳିତ ହେଉଥିବାର ଆମେ ଦେଖୁଛୁ । ଅପରାଧିଙ୍କୁ ଶାସ୍ତି ମିଳୁଛି, କିନ୍ତୁ ଯେଉଁମାନେ ଭଲ କାମ କରି ସରକାରଙ୍କୁ ଖୁସି କରି ଦେଉଛନ୍ତି, ସେମାନେ ପୁରସ୍କାର ଲାଭ କରୁଛନ୍ତି ।

ଏହା ମଧ୍ୟ ମନେ ରଖିବାକୁ ହେବ ଯେ ଈଶ୍ୱରଙ୍କ ଅସଲ ଗୁଣ ହେଉଛି ଦୟା । କିନ୍ତୁ ନ୍ୟାୟ ପ୍ରତି ସଚେତନତା ଈଶ୍ୱରଙ୍କ ଦ୍ୱାରା ବୁଦ୍ଧିବିଚାର ଓ ଆଇନକାନୁନ ପ୍ରଦାନ କଲାପରେ ଯାଇ ମନରେ ଉଦ୍ରେକ ହୁଏ । ବାସ୍ତବ ପକ୍ଷେ ତାହା ମଧ୍ୟ ଏକ ପ୍ରକାର ବିଭୁ ଦୟା, ଯାହା ଅନ୍ୟ ରଙ୍ଗରେ ପ୍ରକାଶିତ ହୁଏ । ଯେତେବେଳେ କୌଣସି ମନୁଷ୍ୟକୁ ବୁଦ୍ଧି ପ୍ରଦାନ କରାଯାଏ ତଥା ସେହି ବୁଦ୍ଧି ଓ ବିଚାରଶକ୍ତି ଦ୍ୱାରା ସେ ଈଶ୍ୱରଙ୍କ ବିଧିବିଧାନର ସୀମା ଓ ନୀତିନିୟମ ବିଷୟରେ ଅବଗତ ହୁଏ, ସେହି ଅବସ୍ଥାରେ ସେ ନ୍ୟାୟର ପରିଭାଷା ବୁଝିବାରେ ସମର୍ଥ ହୋଇଥାଏ । କିନ୍ତୁ ଦୟା ଓ କରୁଣା ସକାଶେ ବୁଦ୍ଧି ଓ ନିୟମର ସର୍ତ୍ତ ଲାଗୁ ହୁଏ ନାହିଁ । ଯେହେତୁ ପରମେଶ୍ୱର ନିଜ ଦୟା ପ୍ରଦର୍ଶନ କରି ମନୁଷ୍ୟକୁ ସବୁଠାରୁ ଅଧିକ ଶ୍ରେଷ୍ଠତ୍ୱ ଦେବା ପାଇଁ ଇଚ୍ଛା କଲେ, ସେଥିପାଇଁ ସେ ମନୁଷ୍ୟ ନିମନ୍ତେ ନ୍ୟାୟର ବିଧି ଓ ସୀମା ନିର୍ଦ୍ଧାରଣ କଲେ । ତେଣୁ ନ୍ୟାୟ ଓ କରୁଣା ମଧ୍ୟରେ ବିରୋଧାଭାସ ରହିଛି ବୋଲି ଧାରଣା କରିବା ନିର୍ବୋଧତାର ପରିଚାୟକ ।

(କିତାବୁଲ୍ ବରିୟାଃ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୩, ପୃ ୭୩-୭୪)

## ଐଶ୍ୱରିକ ଜ୍ଞାନ

ଏହା ସତ୍ୟର ଏକ ଅତ୍ୟନ୍ତ ସୂକ୍ଷ୍ମ ରହସ୍ୟ ଯେ ସର୍ବଶକ୍ତିମାନ ଈଶ୍ୱରଙ୍କ ଅବଧୂତ ଜ୍ଞାନ କାହିଁକି ଓ କିପରି ପ୍ରକଟିତ ହେଉଛି । ଯାହାର ପୂର୍ଣ୍ଣାଙ୍ଗ ପ୍ରାପ୍ତି ହେବା ଦ୍ୱାରା ସେ ପ୍ରତ୍ୟେକ ଅଣୁ ପରମାଣୁର ଉଭୟ ପ୍ରକାଶ୍ୟ ଓ ଗୁପ୍ତ ଭେଦ ସମ୍ବନ୍ଧରେ ଜାଣୁଛନ୍ତି । ଯଦିଚ ଏହା ସତ୍ୟ ଯେ ସେହି ଜ୍ଞାନର ପ୍ରକୃତ ସ୍ଥିତି କ'ଣ, ତା'ର କାରଣ ସମ୍ବନ୍ଧରେ କୌଣସି ଧାରଣା କରା ଯାଇପାରେ ନାହିଁ । ତଥାପି ଏତିକି କହିବା ଯଥାର୍ଥ ହେବ ଯେ ସେହି ସମସ୍ତ ଜ୍ଞାନର ପ୍ରକାର ଭେଦ ମଧ୍ୟରୁ କେବଳ ସେହି ଜ୍ଞାନ ବିଷୟରେ ମନରେ ଧାରଣା ସୃଷ୍ଟି କରାଯାଇ ପାରିବ ଯାହା ଅଧିକ ଶକ୍ତିଶାଳୀ, ଅଧିକ ଦୃଢ଼, ଅଧିକ ମାର୍ଜିତ ଓ ଅଧିକ ପରିପୂର୍ଣ୍ଣ । ଯେବେ ଆମେ ନିଜ ଜ୍ଞାନ ଆହରଣର ପନ୍ଥା ଉପରେ ନଜର ପକାଇବା ଓ ଏହାର ନାନାବିଧ ପ୍ରକରଣ ଉପରେ ବିଚାର କରିବା, ତା'ହେଲେ ଆମକୁ ନିଜର ସମସ୍ତ ସାମାନ୍ୟ ଜ୍ଞାନ ମଧ୍ୟରୁ ସବୁଠାରୁ ଶ୍ରେଷ୍ଠ ଓ ଅଧିକ ବିଶ୍ୱାସ ଯୋଗ୍ୟ ସେହି ଜ୍ଞାନ ଦେଖିବାକୁ ମିଳିବ, ଯାହାକୁ ଆମେ ନିଜ ଅସ୍ତିତ୍ୱ ପାଇଁ ସମ୍ଭାଳି ରଖିଥାଉ ।

କାରଣ ଆମେ ବା ଆମପରି ପ୍ରତ୍ୟେକ ମନୁଷ୍ୟ କୌଣସି ପରିସ୍ଥିତିରେ ମଧ୍ୟ ନିଜ ଅସ୍ତିତ୍ୱ ପ୍ରତି ଉପେକ୍ଷିତ ହୋଇ ରହିପାରିବ ନାହିଁ ଅଥବା ଏଥିପ୍ରତି ମନରେ କୌଣସି ସନ୍ଦେହ ରଖିପାରିବ ନାହିଁ । ଯେତେଦୂର ଆମ ବୁଦ୍ଧିର ପରିସର ବୃଦ୍ଧି ପାଉଛି ଆମେ ଏହି ଧରଣର ଜ୍ଞାନକୁ ଅଧିକ ଦୃଢ଼, ଶକ୍ତିଶାଳୀ, ପରିମଣ୍ଡିତ ତଥା ଅଧିକ ପରିପୂର୍ଣ୍ଣ ରୂପେ ପାଇଥାଉ । ଏହି ବିଷୟକୁ ଆମେ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଅସ୍ତିତ୍ୱ ସହିତ ଏପରି ଅସଙ୍ଗତି ଥିବାର ଦେଖିବାକୁ ପାଉଛୁ, ଯେପରି ପ୍ରାଣୀମାନଙ୍କ ତୁଳନାରେ ତାହାଙ୍କ ଜ୍ଞାନର ସ୍ତର ନିକୃଷ୍ଟ ମାନର । ତେଣୁ ଏହା ଏକ ଗୁରୁତର ତ୍ରୁଟିପୂର୍ଣ୍ଣ ବିଷୟ ଯେ ଯେଉଁ ଉଚ୍ଚକୋଟିର ଜ୍ଞାନ ମନୁଷ୍ୟର ମନମସ୍ତିଷ୍କରେ ଆସିପାରେ, ତାହା କିପରି ଈଶ୍ୱରଙ୍କ ଠାରେ ନଥିବ । ଏହା ମଧ୍ୟ ଅଭିଯୋଗ ଆସିପାରେ ଯେ ସେହି ଉଚ୍ଚକୋଟିର ଜ୍ଞାନ ଠାରୁ ଐଶ୍ୱରୀୟ ଜ୍ଞାନ କିପରି ଅବଦମିତ ହୋଇ ରହିଗଲା ? ଏହା ତାଙ୍କ ନିଜ ଇଚ୍ଛାରେ ନା କୌଣସି ବାଧ୍ୟ ବାଧକତା ଯୋଗୁଁ ? ଏହା ତାଙ୍କର ନିଜସ୍ୱ ପରିକଳ୍ପନାରେ ଅବଶ୍ୟ ହୋଇ ନଥିବ । ଯେହେତୁ କେହି ସ୍ୱଇଚ୍ଛାରେ ଏପରି କ୍ଷତିକୁ ଉଦ୍ଦେଶ୍ୟମୂଳକ ଭାବରେ ତା'ନିଜ ପାଇଁ ସହ୍ୟ କରିବାକୁ ପ୍ରଶୟ ଦେବ ? ତା'ହେଲେ ସର୍ବଶକ୍ତିମାନ ଈଶ୍ୱର ଯିଏ ସ୍ୱୟଂ ଦୋଷଶୂନ୍ୟ ହୋଇ ସର୍ବାଙ୍ଗ ସୁନ୍ଦର ପରିପୂର୍ଣ୍ଣତାକୁ ସାଥି କରିଛନ୍ତି, ସେ ନିଜେ କିପରି ଅଭାବଗ୍ରସ୍ତ ହୋଇଥିବା ବିଷୟକୁ ଅନୁମତି ଦେଇଛନ୍ତି ? ଯଦି ଏହା କୁହାଯିବ ଯେ କେହି ବାଧ୍ୟବାଧକତାରେ ପଡିଥିବା ହେତୁ ଏପରି କ୍ଷତିଗ୍ରସ୍ତ ହେବାକୁ ପଡିଲା, ତେବେ ସେହି ବାଧ୍ୟକାରୀ ନିଜ ଶକ୍ତି ଓ ସାମର୍ଥ୍ୟରେ ଈଶ୍ୱରଙ୍କ ଠାରୁ ବଡ ଓ ଉଚ୍ଚ ହୋଇଯିବ । ତଦ୍ୱାରା ସେ ନିଜର ଅତ୍ୟଧିକ ଶକ୍ତି ଯୋଗୁଁ ଈଶ୍ୱରଙ୍କ ଇଚ୍ଛା ଓ ଦୈବି ଯୋଜନାକୁ ପ୍ରତିହତ କରିବାରେ ସମର୍ଥ ହୋଇପାରିବ । କିନ୍ତୁ ତା'ପକ୍ଷେ ଏହା କରିବା ଏଥିଯୋଗୁଁ ଅସମ୍ଭବ ଯେ କେହିହେଲେ ଈଶ୍ୱରଙ୍କ ଠାରୁ ଶ୍ରେଷ୍ଠତର ହୋଇପାରିବ ନାହିଁ । ଯିଏ ପ୍ରତିରୋଧ କରିବା ଦ୍ୱାରା ସେ କୌଣସି ବାଧ୍ୟବାଧକତାର ସମ୍ମୁଖୀନ ହୋଇପାରିବେ । ଏଥିରୁ ଏହା ପ୍ରମାଣସିଦ୍ଧ ହେଉଛି ଯେ ଈଶ୍ୱରଙ୍କ ଜ୍ଞାନ ନିଶ୍ଚିତ ରୂପେ ସ୍ୱୟଂସଂପୂର୍ଣ୍ଣ ଓ ପୂର୍ଣ୍ଣାଙ୍ଗପ୍ରାପ୍ତ ।

ଆମେ ଏବେ ଏହି କଥାକୁ ପ୍ରମାଣିତ କରିସାରିଛୁ ଯେ ସମସ୍ତ ପ୍ରକାର ଜ୍ଞାନ ମଧ୍ୟରେ ସେହି ଜ୍ଞାନ ଯଥାର୍ଥ ଓ ସଂପୂର୍ଣ୍ଣ, ଯାହା ଏପରି ହେବା ଉଚିତ

ଯେପରି ଜଣେ ମନୁଷ୍ୟ ନିଜର ଅସ୍ତିତ୍ୱ ସମ୍ବନ୍ଧରେ ଜ୍ଞାନ ରଖିଥାଏ । ସୁତରାଂ ଏହା ସ୍ୱୀକାର କରିବାକୁ ପଡିଲା ଯେ ଈଶ୍ୱରଙ୍କର ନିଜ ସୃଷ୍ଟି ସମ୍ବନ୍ଧରେ ରଖିଥିବା ଜ୍ଞାନ ଠିକ ସେହିପରି ସାଦୃଶ୍ୟ ରକ୍ଷା କରିଥାଏ, ଯଦିଓ ଏହାର ପ୍ରକୃତିଗତ ଅସଲ ସ୍ଥିତିକୁ ଆମେ ବୁଝି ପାରିବାରେ ସକ୍ଷମ ହୋଇ ନଥାଉ । କିନ୍ତୁ ଆମେ ନିଜ ବୁଦ୍ଧି ବଳରେ ଯାହା ସମ୍ବନ୍ଧରେ ଆମେ ଦୃଢ଼ ନିଶ୍ଚିନ୍ତ ଅଛୁ, ଏତିକି ବୁଝିପାରିବୁ ଯେ ଜ୍ଞାନ ହିଁ ଚରମ ଆସ୍ଥାଜନକ ଓ ସ୍ୱତଃସିଦ୍ଧ ହୋଇଥାଏ । ଯାହା ସମ୍ବନ୍ଧରେ ସଠିକ ଜ୍ଞାନ ରଖୁଥିବା ବ୍ୟକ୍ତି ଓ ସେହି ଜ୍ଞାତବ୍ୟ ତଥ୍ୟ ଅର୍ଥାତ ଜ୍ଞାନୀ ଓ ଜ୍ଞାନ ମଧ୍ୟରେ କୌଣସି ପ୍ରକାର ପ୍ରତିବନ୍ଧକ ଓ ଦୂରତ୍ୱ ନଥିବ । ଯେପରି ଭାବରେ ଜଣେ ମନୁଷ୍ୟକୁ ନିଜ ଅସ୍ତିତ୍ୱ ସମ୍ବନ୍ଧରେ ଅବଗତ ହେବା ପାଇଁ କୌଣସି ଅନ୍ୟ ଉପାୟର ଆବଶ୍ୟକତା ନାହିଁ, ବରଂ ସେ ସଜୀବ ହେବା ଓ ନିଜକୁ ସଜୀବ ବୋଲି ବୁଝିବା ଏହି ଦୁଇଟିଯାକ ବିଷୟ ପରସ୍ପର ଏପରି ପାଖାପାଖି ହୋଇ ରହିଥାନ୍ତି ଯେ ସେମାନଙ୍କ ମଧ୍ୟରେ କାଣିଚାଏ ହେଲେ ଫରକ ନଥାଏ । ସେହିପରି ସମଗ୍ର ବିଶ୍ୱ ଏକକୈନ୍ଦ୍ରୀକ ହୋଇ ଠୁଳ ହେବା ସମ୍ବନ୍ଧରେ ଈଶ୍ୱର ଅବଗତ ହେବା ଅତ୍ୟନ୍ତ ଜରୁରୀ । ଅର୍ଥାତ ଏହି ସ୍ଥାନରେ ମଧ୍ୟ ଜ୍ଞାନୀ ଓ ଜ୍ଞାନ ମଧ୍ୟରେ ଅଣୁମାତ୍ର ପ୍ରଭେଦ ଓ ଦୂରତ୍ୱ ରହିବା ଉଚିତ ନୁହେଁ । ଏବଂ ଏହି ଉଚ୍ଚକୋଟିର ଜ୍ଞାନ, ଯାହା ଈଶ୍ୱର ନିଜ ପ୍ରଭୁତ୍ୱର ଅଧିକାର ସାବ୍ୟସ୍ତ କରିବା ପାଇଁ ଆବଶ୍ୟକ କରିଥାନ୍ତି, ତାହା ତାଙ୍କ ପାଇଁ ମହାସତ୍ୟ ବୋଲି ନିଶ୍ଚିତ ରୂପେ କୁହାଯାଇ ପାରିବ । ଯେତେବେଳେ ତାଙ୍କ ପ୍ରତି ଏପରି ନିବିଡ ସଂପର୍କକୁ ସ୍ୱୀକାର କରିବାକୁ ହେବ ଯେ ସେହି ସ୍ୱୟଂ ସର୍ବଜ୍ଞ ସତ୍ତା ଓ ତାଙ୍କର ଅସୀମ ଜ୍ଞାନ ମଧ୍ୟରେ ଯେଉଁ ମାତ୍ରାରେ ଘନିଷ୍ଠ ସମ୍ବନ୍ଧ ରହିଛି, ଅର୍ଥାତ ସେହି ମହାଜ୍ଞାନୀ ଓ ତାଙ୍କ ମହାଜ୍ଞାନ ଯେପରି ଏକାକାର ହୋଇ ଯାଇଛନ୍ତି, ତାହା ଠାରୁ ଅଧିକ କଳ୍ପନା କରିବା ମଧ୍ୟ ଅସମ୍ଭବ ।

ତାଙ୍କ ପ୍ରଲୁବ୍ଧ ଜ୍ଞାନର ପ୍ରସଙ୍ଗଭିତ୍ତିକ ଏହି ଉତ୍କୃଷ୍ଟ ସଂପର୍କ କେବଳ ସେତେବେଳେ ହିଁ ନିଜର ଅସ୍ତିତ୍ୱ ବଜାୟ ରଖିପାରିବ, ଯେତେବେଳେ ବିଶ୍ୱର ସକଳ ସୃଷ୍ଟି ତାଙ୍କ ଦୈବୀଶକ୍ତିରୁ ଉଦ୍‌ଗମ ହୋଇଥିବେ ଓ ସେସବୁ ତାଙ୍କ ଠାରୁ ହିଁ ସୃଷ୍ଟି ହୋଇଥିବା ପ୍ରାଣୀ । ସେମାନଙ୍କ ଅସ୍ତିତ୍ୱ ତାହାଙ୍କ ପରମ ଅସ୍ତିତ୍ୱ ଉପରେ ନିର୍ଭରଶୀଳ । ଅନ୍ୟ ଅର୍ଥରେ ଏପରି ଅବସ୍ଥା ସୃଷ୍ଟି ହେବ, ଯେତେବେଳେ ସେହି

ବାସ୍ତବ ଅସ୍ତିତ୍ୱ ଏକାନ୍ତ ରୂପେ ତାଙ୍କର ହୋଇଯିବ । ଏବଂ ଅନ୍ୟ ସମସ୍ତ ପଦାର୍ଥ ତାଙ୍କରି ପରମ ଶକ୍ତି ମଧ୍ୟରୁ ଉଦ୍ଭବ ହୋଇ ଚାଲିଛନ୍ତି ତଥା ତାହାଙ୍କ ସହାୟତା ତିଷ୍ଠି ରହିଛନ୍ତି । ଏପରିକି ସେମାନେ ସୃଷ୍ଟି ହେବା ପରେ ମଧ୍ୟ ସ୍ୱାଧୀନ ନୁହନ୍ତି କି ତାଙ୍କ ଠାରୁ ପୃଥକ ନୁହନ୍ତି । ବରଂ ପ୍ରକୃତ ପକ୍ଷେ ସକଳ ସୃଷ୍ଟି ଅସ୍ତିତ୍ୱକୁ ଆସିବା ପରେ ମଧ୍ୟ ସେ ହିଁ ଏକାକୀ ଜୀବିତ ଓ ଅନ୍ୟ ସମସ୍ତ ଜୀବନର ଉତ୍ପତ୍ତି ତାଙ୍କ ଠାରୁ ହିଁ କ୍ରମାଗତ ଧାରାରେ ଆରମ୍ଭ ହୋଇଛି, ଯେଉଁମାନେ କେବଳ ତାହାଙ୍କ ସହାୟତା ବଳରେ ହିଁ ତିଷ୍ଠି ରହିବେ । ସେ ହିଁ ଏକାକୀ କୌଣସି ସୀମା ସରହଦ ଭିତରେ ନାହାନ୍ତି, ଅଥଚ ପ୍ରତ୍ୟେକ ବସ୍ତୁ କି ଜୀବ କି ଜଡ, କି ଆତ୍ମା କି ଶରୀର ତାଙ୍କରି ବାହୁପାଶର ବନ୍ଧନରେ ବାନ୍ଧି ହୋଇ ରହିଛନ୍ତି । ତାଙ୍କରି ନିର୍ଦ୍ଧାରିତ ସୀମା ମଧ୍ୟରେ ସୀମାବଦ୍ଧ ହୋଇଛନ୍ତି । ସେ ସମସ୍ତଙ୍କୁ ବ୍ୟାପକ ରୂପେ ଧାରଣ କରିଛନ୍ତି ଏବଂ ଅନ୍ୟ ସମସ୍ତ ବସ୍ତୁ ତାହାଙ୍କ 'ରବୁବିୟତ୍' (ପ୍ରତିପାଳନ) ଅଧୀନରେ ପରିଚାଳିତ । ଏପରି କିଛି ନାହିଁ, ଯାହା ତାଙ୍କ ହାତରୁ ମୁକୁଳି ପାରିବେ । ଏପରି କେହି ନାହିଁ, ଯିଏ ତାଙ୍କ ରବୁବିୟତ୍‌ର କର୍ତ୍ତୃତ୍ୱାଧୀନରେ ରହିନାହିଁ କିମ୍ବା କେହି ହେଲେ ତାଙ୍କ ସହାୟତା ବିନା ଜୀବିତ ରହିପାରିବ ନାହିଁ । କେବଳ ଯଦି ଏହି ପରିସ୍ଥିତି ସୃଷ୍ଟି ହୁଏ, ତା'ହେଲେ ଯାଇ ଈଶ୍ୱରଙ୍କ ସଂପୂର୍ଣ୍ଣ ଜ୍ଞାନଭିତ୍ତିକ ସଂପର୍କ ତାଙ୍କର ଜ୍ଞାତବ୍ୟ ତଥ୍ୟ ସହିତ ସ୍ଥାପନ ହୋଇଯିବ । ଏହି ସଂପର୍କ ପ୍ରତି ଅଲ୍ଲାଃତାଲା ପବିତ୍ର କୁରଆନରେ ଏକ ସ୍ଥାନରେ ସଙ୍କେତ ଦେଇଛନ୍ତି । ଯେପରିକି କୁହାଯାଇଛି :

وَنَحْنُ اَقْرَبُ اِلَيْهِ مِنْ حَبْلِ الْوَرِيْدِ

**ୱନହ୍‌ନୁ ଅକ୍‌ରବୁ ଇଲୈହି ମିନ୍ ହବ୍‌ଲିଲ୍ ୱରୀଦ୍** *(କାଫ୍ 50:17)*

ଅର୍ଥାତ 'ଆମ୍ଭେ ମନୁଷ୍ୟର ଜୀବନ ନାଡିକା (କଣ୍ଠନାଳୀ) ଠାରୁ ମଧ୍ୟ (ତାହାର) ଅଧିକ ନିକଟବର୍ତ୍ତୀ ।'

ତଦନୁରୂପ ଅନ୍ୟ ଏକ ସ୍ଥାନରେ ଏହିପରି କୁହାଯାଇଛି :

**ହୁୱଲ୍ ହୟୁଲ୍ କୟୁମୁ** هُوَالْحَيُّ الْقَيُّوْمُ *(ଅଲ ବକରା 2:256)*

ଅର୍ଥାତ 'ସେ ହିଁ ଏକାକୀ ପ୍ରକୃତ ଜୀବନ ଧାରଣ କରିଛନ୍ତି ତଥା ସ୍ୱୟଂ ଚିରଞ୍ଜୀବି ।' ସେ ହିଁ ପ୍ରତ୍ୟେକ ପାର୍ଥିବ ଜୀବନର ଉତ୍ପତ୍ତି ସ୍ଥଳ ଓ ପ୍ରତ୍ୟେକ ଜୀବସତ୍ତା

ତାଙ୍କରି ଠାରୁ ହିଁ ବାହାରିଛି ଏବଂ ତାଙ୍କରି ଅସ୍ତିତ୍ୱ ହିଁ ସକଳ ଜୀବନର ପରମ କାରଣ, ଯାହା ତାଙ୍କ ସହିତ ତିଷ୍ଠି ରହିଛନ୍ତି । ବାସ୍ତବରେ ସେହିଁ ସକଳ ପ୍ରାଣୀର ପ୍ରାଣ ଓ ସମସ୍ତ ଶକ୍ତିର ସେ ଶକ୍ତିକେନ୍ଦ୍ର ।...

ଯଦି ଆତ୍ମାର ସୃଷ୍ଟି ହୋଇଛି ବୋଲି ସ୍ୱୀକାର କରା ନଯାଏ, ତେବେ ଏହା କହିବାର କୌଣସି କାରଣ ନାହିଁ ଯେ ଜଣେ ସମ୍ବନ୍ଧବିହୀନ ସତ୍ତାଙ୍କର ପରମେଶ୍ୱର ନାମ ବହନ କରିଥିବା ବିଷୟ କପୋଳକଳ୍ପିତ ହୋଇପାରେ ଯେ କି ଆତ୍ମାର ବାସ୍ତବିକତା ସମ୍ବନ୍ଧରେ କିଛି ହେଲେ ଜ୍ଞାନ ରଖିନାହାନ୍ତି ଅଥବା ଆତ୍ମାର ରହସ୍ୟକୁ ଜାଣିବାର ଚରମ ସୀମାରେ ପହଞ୍ଚିନାହାନ୍ତି । କାରଣ ଜଣେ ବ୍ୟକ୍ତି ଯଦି କୌଣସି ବିଷୟକୁ ସଂପୂର୍ଣ୍ଣ ରୂପେ ଜାଣିଥାଏ, ତେବେ ତାକୁ ଗଠନ କରିବାର ସାମର୍ଥ୍ୟ ମଧ୍ୟ ରଖିଥାଏ । ଯଦି ଏହା କରିବାକୁ  ସେ କେବେ ସମର୍ଥ ହୋଇପାରିବ ନାହିଁ, ତା'ହେଲେ ତା'ର ଜ୍ଞାନରେ ଅବଶ୍ୟ କିଛି ନା କିଛି ତ୍ରୁଟି ରହିଥିବ । ତେଣୁ ସଂପୂର୍ଣ୍ଣ ଜ୍ଞାନର ଅଭାବ ଥିଲେ ସାଦୃଶ୍ୟ ରହିଥିବା ବସ୍ତୁମାନଙ୍କ ମଧ୍ୟରେ ପ୍ରଭେଦ ଦର୍ଶାଇବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇ ପଡିବ । ଯଦି ସର୍ବଶକ୍ତିମାନ ଈଶ୍ୱର ବସ୍ତୁମାନଙ୍କର ସ୍ରଷ୍ଟା ନୁହନ୍ତି, ତେବେ ତାଙ୍କ ଠାରେ କେବଳ ଏହି ଅଭାବ ଦେଖାଯିବ ନାହିଁ ଯେ ତାଙ୍କ ଜ୍ଞାନ ଅସଂପୂର୍ଣ୍ଣ, ବରଂ ତାଙ୍କ ପ୍ରତି ଏହି ଦୋଷ ମଧ୍ୟ ଲାଗୁ ହେବ ଯେ ସେ କୋଟି କୋଟି ଆତ୍ମା ମଧ୍ୟରେ ପ୍ରଭେଦ ଦର୍ଶାଇବାରେ ଓ ସଜୀବର ଗୁଣ ତଥା ସ୍ୱଭାବକୁ ଚିହ୍ନିବାରେ ଦିନକୁ ଦିନ ଧୋକା ଖାଇ ଚାଲିଥିବେ । ସେ ଏପରି ଦ୍ୱନ୍ଦ୍ୱରେ ପଡିବେ ଯେ ଅନେକ ସମୟରେ **'X'**ର ଆତ୍ମାକୁ **'Y'**ର ଆତ୍ମା ବୋଲି ଭାବିବାରେ ଭୁଲକରି ବସିବେ । କାରଣ ଅଧାବିଧା ଜ୍ଞାନ ଯୋଗୁଁ ଏପରି ଅଡୁଆ ତଥା ଗୋଳମାଳିଆ ପରିସ୍ଥିତି ନିଶ୍ଚିୟ ଉପୁଜିଥାଏ । କିନ୍ତୁ ଯଦି କହିବ ଯେ ତାଙ୍କୁ ଏପରି ଧୋକା ଲାଗିବ ନାହିଁ, ତେବେ ସେଥିପାଇଁ କୌଣସି ପ୍ରମାଣ ଦେଖାଅ ଏବଂ ତୁମେ ଏହା ସପକ୍ଷରେ କୌଣସି ଯୁକ୍ତି ଉପସ୍ଥାପନ କର ।

(ସୁର୍ମା ଚଶ୍ମା ଆରିୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ୨, ପୃ୨୨୧-୨୨୬ ପାଦଟିକା)

ହୁଏତ କାହା ହୃଦୟକୁ ଏହି ପ୍ରଶ୍ନ ମଧ୍ୟ ଉଦ୍‌ବିଗ୍ନ କରିପାରେ ଯେ ଯଦି କୌଣସି ବସ୍ତୁ ସଂପୂର୍ଣ୍ଣ ବୁଝିବାର ଜ୍ଞାନ ଦ୍ୱାରା ବଶୀଭୁତ ହୋଇଯିବ, ତା'ହୋଲେ ଯାଇ ସେହି ବସ୍ତୁ ନିଜକୁ ସୃଷ୍ଟଜ ପ୍ରାଣୀ ହୋଇ ଥିବାର ଆଭାସ ଦେବ । ଏଠାରେ

କିନ୍ତୁ ଦେଖିବାକୁ ଗଲେ ପରମେଶ୍ୱରଙ୍କର ନିଜ ଅସ୍ତିତ୍ୱ ସମ୍ବନ୍ଧରେ ଯେହେତୁ ସଂପୂର୍ଣ୍ଣ ଜ୍ଞାନ ରହିଛି, ତେବେ ସେ କ'ଣ ସ୍ୱୟଂ ନିଜକୁ ସୃଷ୍ଟି କରିଥିବାର କ୍ଷମତା ଅଥବା ଆପଣା ସଦୃଶ କୌଣସି ସତ୍ତା ଗଢ଼ିବାର ଶକ୍ତି ବହନ କରିଛନ୍ତି ? ଏଥି ସମ୍ବନ୍ଧରେ ଆସୁଥିବା ଅଭିଯୋଗର ପ୍ରଥମ ଅଂଶର ଉତ୍ତର ହେଉଛି, ଯଦି ଈଶ୍ୱର ନିଜ ଅସ୍ତିତ୍ୱର ସ୍ରଷ୍ଟା, ତେବେ ଏହା ତାଙ୍କ ପକ୍ଷରେ ଅନିବାର୍ଯ୍ୟ ହୋଇ ପଡିବ ଯେ ସେ ନିଜ ସତ୍ତା ଧାରଣ କରିବା ପୂର୍ବରୁ ସ୍ୱୟଂ ବିଦ୍ୟମାନ ରହିଥିବେ । ମାତ୍ର ଏହା ସ୍ପଷ୍ଟତଃ ଏକ ଅସମ୍ଭବ ବ୍ୟାପାର । କୌଣସି ବସ୍ତୁ ସତ୍ତାକୁ ଆସିବା ଆଗରୁ କେବେହେଲେ ବିଦ୍ୟମାନ ହୋଇ ନଥିବେ । ବରଂ ଈଶ୍ୱର ଯିଏ ନିଜ ଅସ୍ତିତ୍ୱର ସଂପୂର୍ଣ୍ଣ ଜ୍ଞାନ ରଖିଛନ୍ତି, ଏହି କ୍ଷେତ୍ରରେ ତାଙ୍କର ସେହି ସର୍ବଜ୍ଞ ହେବା ଗୁଣ, ତାଙ୍କ ଦିବ୍ୟ ଜ୍ଞାନ ଓ ଜ୍ଞାତବ୍ୟ ତଥ୍ୟ ଆଦି ସବୁକିଛି ପରସ୍ପର ସମାନ ଏବଂ ଏଗୁଡିକୁ ପରସ୍ପର ଠାରୁ ପୃଥକ କରାଯାଇ ପାରିବ ନାହିଁ କି ଦ୍ୱିଗୁଣିତ କରାଯାଇ ପାରିବ ନାହିଁ । ତେବେ ପୁଣି ଏଠାରେ ସେହି ଅଲଗା ବସ୍ତୁଟି କ'ଣ ଯାହାକୁ ସୃଷ୍ଟଜ ବୋଲି କୁହାଯିବ ? ତେଣୁ ସେହି ବ୍ୟକ୍ତିଗତ ଜ୍ଞାନ, ଯାହା ଈଶ୍ୱରଙ୍କ ବ୍ୟକ୍ତିତ୍ୱ ବା ଅସ୍ତିତ୍ୱ ସହ ଜଡିତ ଅଛି, ତାକୁ ଅନ୍ୟ କାହା ସହିତ କଦାପି ତୁଳନା କରାଯାଇ ପାରିବ ନାହିଁ । ଏହି ଦୃଷ୍ଟିରୁ ଦେଖିଲେ ଜ୍ଞାନ ବହନକାରୀ କେବେହେଲେ ସେହି ଜ୍ଞାନ ଯାହା ଜାଣିବାକୁ ହୋଇଥାଏ, ତାହା ଠାରୁ ଅଲଗା ହୋଇ ରହିପାରିବ ନାହିଁ । ଅର୍ଥାତ ଜିଜ୍ଞାସାକାରୀ ଠାରୁ ଜିଜ୍ଞାସାକୁ କଦାପି ଦୂରେଇ ରଖାଯାଇ ପାରିବ ନାହିଁ । ଯଦ୍ଦ୍ୱାରା ଜଣକୁ ସ୍ରଷ୍ଟା ଓ ଅନ୍ୟଟିକୁ 'ସୃଷ୍ଟି' ରୂପେ ଆଖ୍ୟାୟୀତ କରାଯିବ । ହଁ, ସେହି ପରମ ଅସ୍ତିତ୍ୱକୁ ସୃଷ୍ଟଜ କହିବା ପରିବର୍ତ୍ତେ ଅସୃଷ୍ଟ କୁହାଯିବା ଉଚିତ ଅର୍ଥାତ ସେ ଅନ୍ୟ କାହାରି ଠାରୁ ସୃଷ୍ଟି ହୋଇ ନାହାନ୍ତି । ବରଂ ସେ ନିଜଆଡୁ ଆପଣା ଛାଏଁ ସୃଷ୍ଟି ହେବା ସହିତ ସ୍ୱୟଂ ପ୍ରତିଷ୍ଠିତ ମଧ୍ୟ ହୋଇଛନ୍ତି । ତେଣୁ ସେ ଚୀରସ୍ଥାୟୀ ଏକକ ସ୍ରଷ୍ଟା, ଯେ ଚିରବିଦ୍ୟମାନ, ସର୍ବବ୍ୟାପକ, ଅବିନଶ୍ୱର ପ୍ରଭୁ । ଏହି କାରଣରୁ ତାଙ୍କୁ 'ଖୁଦା' କୁହାଯାଉଛି, ଯାହାର ଅର୍ଥ ହେଉଛି ସ୍ୱୟଂ ଆସିଥିବା (ଖୁଦ୍ ଆଇନ୍ଦା) ବା ସ୍ୱତଃସ୍ଫୁତ ଭାବେ ଆତ୍ମପ୍ରକାଶ ଲାଭ କରିଥିବା ଅଦୃଶ୍ୟ ପରମବ୍ରହ୍ମ । ଅଭିଯୋଗର ଦ୍ୱିତୀୟ ଫର୍ଦ୍ଦ ହେଉଛି ଯେହେତୁ ସେ ଆପଣା ସଂବନ୍ଧରେ ସଂପୂର୍ଣ୍ଣ ଜ୍ଞାନ ଧାରଣ କରିଛନ୍ତି ଅର୍ଥାତ ନିଜ ଅସ୍ତିତ୍ୱ ସମ୍ବନ୍ଧରେ ସଂପୂର୍ଣ୍ଣ ରୂପେ ଅବଗତ ଅଛନ୍ତି, ତେଣୁ ତାଙ୍କ

ସାଦୃଶ୍ୟରେ ଅନ୍ୟ ଏକ ସତ୍ତା ସର୍ଜନା କରିବାର ଶକ୍ତି ତାଙ୍କ ଠାରେ ରହିଛି । ଏହାର ଉତ୍ତର ହେଉଛି ଯେ ଐଶ୍ୱରିକ ଶକ୍ତି କେବଳ ସେହି ପଦାର୍ଥ ପ୍ରତି ନିବିଷ୍ଟ ହୋଇଥାଏ, ଯାହା ତାଙ୍କ ଚିରନ୍ତର ଗୁଣାବଳୀ ଓ ବୈଶିଷ୍ଟ୍ୟର ବିରୁଦ୍ଧାଚରଣ କରେ ନାହିଁ । ନିଃସନ୍ଦେହରେ ଏହା ମଧ୍ୟ ସତ୍ୟ ଓ ପ୍ରତ୍ୟେକ ଦିଗରୁ ଯୁକ୍ତିଯୁକ୍ତ ତଥା ବିବେକାନୁମୋଦିତ ଯେ ଈଶ୍ୱର ଇଚ୍ଛା କଲେ ସେହି ବସ୍ତୁକୁ ସୃଷ୍ଟି କରିପାରିବେ, ଯାହା ସମ୍ବନ୍ଧରେ ତାଙ୍କର ସଂପୂର୍ଣ୍ଣ ଜ୍ଞାନ ଅଛି । କିନ୍ତୁ ଏହି କଥା ଆଦୌ ଯଥାର୍ଥ ଓ ଜରୁରୀ ନୁହେଁ ଯେ ଯେଉଁ କାର୍ଯ୍ୟ କରିବାରେ ତାଙ୍କର ପୂର୍ଣ୍ଣ କ୍ଷମତା ରହିଛି, ସେ ସମସ୍ତ କାର୍ଯ୍ୟ ନିଜ ଐଶୀ ଗୁଣାବଳୀ ପ୍ରତି ଧ୍ୟାନ ଦେବା ବିନା ମଧ୍ୟ କରି ଦେଖାଇ ଦେବେ । ଏପରିକି ତାଙ୍କର ସକଳ କ୍ଷମତା ପ୍ରୟୋଗ କଲାବେଳେ ଏଥିପ୍ରତି ମଧ୍ୟ ଖୁବ ଯତ୍ନଶୀଳ ହୋଇଥାନ୍ତି ଯେ ସେ ଯେଉଁ କାର୍ଯ୍ୟ କରିବା ପାଇଁ ଇଚ୍ଛା କରନ୍ତି, ତାହା ତାଙ୍କର ସମସ୍ତ ବୈଶିଷ୍ଟ୍ୟର ଗାରିମାକୁ ବିରୋଧ ଓ କ୍ଷୁର୍ଣ୍ଣ କରୁନାହିଁ ତ ! ଦୃଷ୍ଟାନ୍ତ ସ୍ୱରୂପ, ଜଣେ ପୁଣ୍ୟାତ୍ମା ସଦାଚାରୀ ବ୍ୟକ୍ତିଙ୍କୁ ନର୍କର ଅଗ୍ନିରେ ଜଳାଇବାର ଶକ୍ତି ତାଙ୍କର ରହିଛି । କିନ୍ତୁ ଏହି କାର୍ଯ୍ୟ କରିବାରେ ତାଙ୍କର ଦୟା, ନ୍ୟାୟ ତଥା ପୁରସ୍କାର ଆଦି ସଦ୍‌ଗୁଣଯୁକ୍ତ ଆଶୀର୍ବାଦ ଯେହେତୁ ସ୍ୱୟଂ ବାଧା ଦେଉଛି, ତେଣୁ ସେ କଦାପି ଏପରି କାର୍ଯ୍ୟ କରିବେ ନାହିଁ । ସେହିପରି ଈଶ୍ୱରଙ୍କ ଶକ୍ତି ଆପଣାକୁ ବିନାଶ କରିବା ପାଇଁ ପ୍ରବୃତ୍ତ ହେବ ନାହିଁ । କାରଣ ଏହା ତାଙ୍କ ଚିରଞ୍ଜୀବି ହେବା ବୈଶିଷ୍ଟ୍ୟର ବିପରୀତ । ସୁତରାଂ ଏଥିରୁ ବୁଝିବାକୁ ହେବ ଯେ ସେ ନିଜ ସଦୃଶ ଈଶ୍ୱର ମଧ୍ୟ ସୃଷ୍ଟି କରନ୍ତି ନାହିଁ । କାରଣ ତାଙ୍କର ଏକତ୍ୱ, ଅତୁଳନୀୟ ତଥା ଅବସାଦ ହୀନ ଇତ୍ୟାଦି ଯେଉଁ ଚିରଶାଶ୍ୱତ ଗୁଣ ରହିଛି, ସେସବୁ ଏତାଦୃଶ କାର୍ଯ୍ୟ କରିବାର ଭାବନାରୁ ତାଙ୍କୁ ନିବୃତ୍ତ କରୁଛି । ତେଣୁ ଟିକିଏ ଆଖି ଖୋଲି ଦେଖିବା ପରେ ଏହା ବୁଝିବା ଉଚିତ ଯେ କିଛି କରିବାରେ ଅକ୍ଷମତା ପ୍ରକାଶ କରିବା ଏକ ଭିନ୍ନ କଥା । କିନ୍ତୁ ପାରିବାର ଶକ୍ତି ଥାଇ ମଧ୍ୟ ତାହାଙ୍କ ଐଶି ଗୁଣାବଳୀର ବିରୁଦ୍ଧରେ ଯାଉଥିବା କୌଣସି କାର୍ଯ୍ୟ ପ୍ରତି ସେ ମନଯୋଗ ନଦେବା ଏକ ଭିନ୍ନ ବିଷୟ ।

(ସୁରମା ଚଶ୍ମା ଆରିୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ୨, ପୃ୨୩୦-୨୩୩ ପାଦଟିକା)

ନିଜର ବ୍ୟକ୍ତିଗତ ପରାକ୍ରମ ଓ ବ୍ୟକ୍ତିଗତ ବିଶେଷତ୍ୱ ବଳରେ ଅଦୃଶ୍ୟ ଗୋପନ ରହସ୍ୟ ଭେଦ କରିବା ହେଉଛି ଈଶ୍ୱରଙ୍କ ବିଶେଷ ଚାରିତ୍ରିକ ଗୁଣ ।

ଅତୀତ କାଳରୁ ଯେଉଁମାନେ ସତ୍ୟ ଉପରେ ପ୍ରତିଷ୍ଠିତ ଥିଲେ, ସେମାନେ ବିଶ୍ୱାସ କରିଥାନ୍ତି ଯେ ସର୍ବଶକ୍ତିମାନ ଈଶ୍ୱର ଗୁପ୍ତ ଭେଦକୁ ଜାଣିବା ଯଥାର୍ଥ । ଏହା ତାଙ୍କର ଏକ ବ୍ୟକ୍ତିଗତ ସ୍ୱତନ୍ତ୍ର ଗୁଣ । ଏହି ବୈଶିଷ୍ଟ୍ୟ ପ୍ରତିପାଦନ କରିବାରେ ତାଙ୍କର ଅନ୍ୟ କେହି ସହଯୋଗୀ ନାହାନ୍ତି । କାରଣ ଅନ୍ୟ ସବୁ ବୈଶିଷ୍ଟ୍ୟଗୁଡିକରେ ତାଙ୍କର କେହି ସହଭାଗୀତା କରନ୍ତି ନାହିଁ । କୌଣସି ବ୍ୟକ୍ତି ସେ ଅବତାର, ମୁହଦ୍‌ଦିସ କିମ୍ବା ଓ୍ୱଲି ରୂପେ ଯେତେ ବଡ ସିଦ୍ଧପୁରୁଷ ହୋଇଥା'ନ୍ତୁ ପଛକେ ତାଙ୍କ ପକ୍ଷେ ଗୁପ୍ତ ବିଷୟରେ ବ୍ୟକ୍ତିଗତ ଜ୍ଞାନ ରଖିବା ଅସମ୍ଭବ । କିନ୍ତୁ ଏହା ସତ୍ୟ ଯେ ଈଶ୍ୱରଙ୍କ ମନୋନୀତ ବ୍ୟକ୍ତି ବିଶେଷଙ୍କୁ ଦୈବିବାଣୀ ମାଧ୍ୟମରେ ଗୁପ୍ତ ରହସ୍ୟର ଜ୍ଞାନ ପ୍ରଦାନ କରାଯାଇଥାଏ । ଏହି ଧାରା ଅତୀତ କାଳରୁ ଆଜି ପର୍ଯ୍ୟନ୍ତ କ୍ରମାଗତ ଭାବରେ ଚାଲୁ ରହିଛି । ମାତ୍ର ଏହି ଧରଣର ଦୈବି ପ୍ରକ୍ରୀୟା ବର୍ତ୍ତମାନ କେବଳ ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କ ଅନୁଗାମୀଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି ।

(ଏକ୍ ଇସାଇକେ ତିନ୍ ସଓ୍ୱାଲ୍ ଔର ଉନ୍‌କେ ଜଓ୍ୱାବାତ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୪, ପୃ ୪୫୩-୪୫୪)

ଆମର ଚିର ଜୀବିତ ଓ ସଦା ପ୍ରତିଷ୍ଠିତ ଈଶ୍ୱର ମୋ ସହିତ ମନୁଷ୍ୟ ପରି ବାର୍ତ୍ତାଳାପ କରନ୍ତି । ଆମେ ଗୋଟିଏ ବିଷୟରେ ପ୍ରଶ୍ନ କରୁ ତ ସେ ସଶକ୍ତ ଓ ଗୁରୁ ଗମ୍ଭୀର ଶବ୍ଦରେ ଆମ ପ୍ରାର୍ଥନାର ଉତ୍ତର ଦିଅନ୍ତି । ଯଦି ଏହି ପ୍ରକ୍ରୀୟା ହଜାରେ ଥର ବି ଜାରି କରିବାକୁ ପଡିଥାଏ, ତା'ହେଲେ ମଧ୍ୟ ସେ ଉତ୍ତର ଦେବାକୁ କୁଣ୍ଠାବୋଧ କରନ୍ତି ନାହିଁ । ସେ ନିଜ ବାକ୍ୟରେ ଅଦ୍ଭୁତରୁ ଅଦ୍ଭୁତ ଗୁପ୍ତ ଭେଦ ଖୋଲି ଦିଅନ୍ତି । ତାଙ୍କ ଅସାଧାରଣ ଶକ୍ତି ବିଭିନ୍ନ ଦୃଶ୍ୟ ମାଧ୍ୟମରେ ପ୍ରଦର୍ଶନ କରାନ୍ତି । ଏପରିକି ସେ ସ୍ପଷ୍ଟ ରୂପେ ଏହାର ପରିପ୍ରକାଶ କରନ୍ତି ଯେ ସେ ହିଁ ଏକମାତ୍ର ପରମ ବିଧାତା, ଯାହାଙ୍କୁ ଈଶ୍ୱର (ଖୁଦା) କୁହାଯାଏ । ସେ ଭକ୍ତର ପ୍ରାର୍ଥନା ଗ୍ରହଣ କରନ୍ତି ଓ ଗୃହୀତ ହେଲା ବୋଲି ଜଣାଇ ଦିଅନ୍ତି । ସେ ବଡ ବଡ ବିପତ୍ତିର ସମାଧାନ କରିଦିଅନ୍ତି । ଯେଉଁ ବ୍ୟକ୍ତି ମୃତ ବ୍ୟକ୍ତି ସଦୃଶ ରୋଗଗ୍ରସ୍ତ ହୋଇଥା'ନ୍ତି, ବାରମ୍ବାର ପ୍ରାର୍ଥନା ବଳରେ ତାଙ୍କୁ ଜୀବିତ କରାନ୍ତି । ଏହି ସବୁ ଉଦ୍ଦେଶ୍ୟ ସାଧନ କରିବା ବିଷୟ ଯାହା ଭବିଷ୍ୟତରେ ଘଟିବାକୁ ଅଛି, ତାହା ଯଥେଷ୍ଟ ପୂର୍ବରୁ ଜଣାଇ ଦିଅନ୍ତି । ସେହି ଈଶ୍ୱର ହିଁ ଆମମାନଙ୍କ ଈଶ୍ୱର, ଏ କଥାର ସେ ପ୍ରମାଣ ଦିଅନ୍ତି । ସେ ହିଁ ମୋତେ ସମ୍ବୋଧନ କରି କହିଛନ୍ତି, 'ମୁଁ

ତୁମକୁ ତାଉନ (ପ୍ଲେଗ)ର ମାରାତ୍ମକ ରୋଗ ଦାଉରୁ ମୁକ୍ତ କରିବି । ଯେଉଁମାନେ ତୁମ ଗୃହରେ ସତ୍‌କର୍ମ ଓ ପବିତ୍ର ଜୀବନ ଯାପନ କରୁଛନ୍ତି, ସେ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିବି । ଏହି ଯୁଗରେ ଅନ୍ୟ କିଏ ଅଛି, ଯିଏ ମୋ ପ୍ରତି ହୋଇଥିବା ଏହି ଐଶିବାଣୀକୁ ପ୍ରକାଶିତ କରିଛି ? ଏବଂ ଯିଏ ନିଜ ପ୍ରାଣ, ପତ୍ନୀ ଓ ସନ୍ତାନ ତଥା ଅନ୍ୟ ପୂଣ୍ୟବାନ ଲୋକଙ୍କ ସକାଶେ ଯେଉଁମାନେ ତାଙ୍କ ଗୃହର ଚାରିକାନ୍ଥ ମଧ୍ୟରେ ଆଶ୍ରୟ ନେଇଛନ୍ତି, ସେମାନଙ୍କ ପରିବାର ସଂକ୍ରାନ୍ତରେ ଈଶ୍ୱରଙ୍କ ସଂକଳ୍ପକୁ ଜାହିର କରିଛନ୍ତି । (ନସୀମେ ଦାଓ୍ୱତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୪୪୮-୪୪୯)

ମନୁଷ୍ୟର ସ୍ୱାଭାବିକ ଅବସ୍ଥାମାନ ଯାହାକି ତା'ର ପ୍ରକୃତି ସହ ସଂଲଗ୍ନ, ସେଥିମଧ୍ୟରୁ ଗୋଟିଏ ହେଉଛି ଏକ ଏପରି ବୃହତ୍ତର ଅସ୍ତିତ୍ୱର ଅନ୍ୱେଷଣ, ଯାହା ପାଇଁ ତା'ର ଅନ୍ତଃସ୍ଥଳରେ ମନୁଷ୍ୟର ମନ ଭିତରେ ଏକ ଆକର୍ଷଣ ରହିଛି । ଏବଂ ଏହି ଅନ୍ୱେଷଣର ପ୍ରଭାବ ସେହି ସମୟରୁ ଅନୁଭୂତ ହେବାକୁ ଲାଗେ, ଯେତେବେଳେ ଶିଶୁଟି ମାତୃଗର୍ଭରୁ ବାହାରକୁ ଆସେ । କାରଣ ଶିଶୁଟିଏ ଜନ୍ମ ହେବା ମାତ୍ରକେ ପ୍ରଥମେ ନିଜର ଯେଉଁ ଆଧ୍ୟାତ୍ମିକ ଲକ୍ଷଣ ପ୍ରକାଶ କରେ, ତାହା ହେଉଛି ସେ ମାଆ ଆଡକୁ ଢଳିଥାଏ ଓ ସ୍ୱାଭାବିକ ରୂପେ ନିଜ ମାଆ ପ୍ରତି ସ୍ନେହଭାବ ପୋଷଣ କରେ । ପୁନଶ୍ଚ ଯହୁଁ ଯହୁଁ ତା'ଜ୍ଞାନର ଅଭିବୃଦ୍ଧି ଘଟେ ଓ ତା'ସ୍ୱଭାବର କଳିକା ଉନ୍ମୁକ୍ତ ହୋଇଚାଲେ, ଏହି ପ୍ରେମାକର୍ଷଣ ଯାହା ତା'ମଧ୍ୟରେ ଲୁକ୍‌କାୟିତ ଥିଲା, ନିଜ ରୂପରଂଗ ସ୍ପଷ୍ଟ ରୂପେ ପ୍ରତିଭାତ କରିଥାଏ । ତା'ପରେ ଅବସ୍ଥା ଏପରି ହୁଏ ଯେ ନିଜ ମାଆ କୋଳ ବ୍ୟତୀତ ଅନ୍ୟ କୌଣସି ଠାରେ ସେ ଆରାମ ପାଏ ନାହିଁ । ତା'ର ସମସ୍ତ ସୁଖ ତା'ମାଆର ପଣତ କାନି ଆଢୁଆଳରେ ଥାଏ । ଯଦି ମାଆଠାରୁ ତାକୁ ଅଲଗା କରି ଦିଆଯାଏ ଓ ଦୂରେଇ ନିଆଯାଏ, ତେବେ ତାର ସମସ୍ତ ଅୟସ ତିକ୍ତ ହୋଇଯାଏ । ଯଦିବା ତା'ସମ୍ମୁଖରେ ସମ୍ପଦର ଏକ ଭଣ୍ଡାର ଥୋଇ ଦିଆଯାଏ, ତେବେ ମଧ୍ୟ ନିଜର ବାସ୍ତବ ସୁଖ ସେ ମାଆ କୋଳରେ ହିଁ ଦେଖେ ଓ ତା'ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ତାକୁ ଶାନ୍ତି ମିଳେ ନାହିଁ । ସୁତରାଂ ପ୍ରେମର ସେହି ଆକର୍ଷଣ ଯାହା ତା'ମାଆ ପ୍ରତି ତାହା ମଧ୍ୟରେ ଉଦ୍ରେକ ହୁଏ, ସେଇଟି କ'ଣ ?

ବାସ୍ତବରେ ଏହା ହିଁ **ସେହି ଆକର୍ଷଣ**, ଯାହାକୁ ପ୍ରକୃତ ଉପାସ୍ୟ **ଈଶ୍ୱର**ଙ୍କ ପାଇଁ ଶିଶୁର ସ୍ୱଭାବ ମଧ୍ୟରେ ରଖାଯାଇଛି । କେବଳ ଏଠାରେ ନୁହେଁ, ବରଂ ସେଭଳି ପ୍ରତ୍ୟେକ ସ୍ଥାନରେ ଯେଉଁଠାରେ ମନୁଷ୍ୟ ପ୍ରେମର ସମ୍ପର୍କ ସୃଷ୍ଟି କରାଏ, ସେଠାରେ ପ୍ରକୃତ ପକ୍ଷେ ଏହି ଆକର୍ଷଣ ହିଁ କାର୍ଯ୍ୟ କରୁଥାଏ । ଏବଂ ପ୍ରତ୍ୟେକ ସ୍ଥାନରେ ସେ ଏହି ଯେଉଁ **ପ୍ରେମ ବିଗଳିତ ଆବେଗ** ଦେଖାଇଥାଏ, ତାହା ବାସ୍ତବରେ ହେଉଛି ସେହି ନୈସର୍ଗିକ ପ୍ରେମର ଏକ ପ୍ରତିବିମ୍ବ । ମନେହୁଏ ଯେପରି ଅନ୍ୟ ବସ୍ତୁଗୁଡ଼ିକୁ ଉଠାଇ ଉଠାଇ ଏକ ହଜିଯାଇଥିବା ବସ୍ତୁଟିକୁ ସେ ସନ୍ଧାନ କରୁଛି, ଯାହାର ନାମ ସେ ଏବେ ପାଶୋରି ଯାଇଛି । ସୁତରାଂ ମନୁଷ୍ୟର ଧନସମ୍ପତ୍ତି ଅଥବା ସନ୍ତାନ ସନ୍ତତି ଅଥବା ପତ୍ନୀ ପ୍ରତି ପ୍ରେମଭାବ ପୋଷଣ କିମ୍ବା କୌଣସି ସୁଲଳିତ କଣ୍ଠର ସଂଗୀତ ପ୍ରତି ତା'ଆତ୍ମାର ଆକର୍ଷଣ ପ୍ରକୃତ ପକ୍ଷେ ସେହି **ହଜିଯାଇଥିବା ପ୍ରିୟତମର ଅନ୍ୱେଷଣ** ହୋଇଥାଏ । ଅଗ୍ନି ସଦୃଶ ସମସ୍ତ ବସ୍ତୁରେ ଲୁକ୍‌କାୟିତ ଓ ସର୍ବୋପରି ଅଜ୍ଞାତ ସେହି ସୂକ୍ଷ୍ମାତିସୂକ୍ଷ୍ମ ଅସ୍ତିତ୍ୱକୁ ଯେହେତୁ ମନୁଷ୍ୟ ନିଜର ପାର୍ଥିବ ଚକ୍ଷୁରେ ଦେଖିପାରେ ନାହିଁ କିମ୍ବା ନିଜର ଅସମ୍ପୂର୍ଣ୍ଣ ଜ୍ଞାନକୌଶଳ ଖଟାଇ ତାକୁ ପାଇପାରେ ନାହିଁ, ତେଣୁ ତାଙ୍କୁ ଚିହ୍ନିବାରେ ସେ ବଡ ବଡ ଭୁଲ କରିଛି ଓ ଏହି ଭୁଲ ଯୋଗୁଁ ତାହାର ପ୍ରାପ୍ୟ ଅନ୍ୟକୁ ଦିଆଯାଇଛି । ଈଶ୍ୱର ପବିତ୍ର କୁରଆନରେ ଏଥି ସମ୍ପର୍କରେ ଏକ ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି । ପୃଥିବୀ ଏପରି ଏକ କାଚ ମହଲ ସଦୃଶ, ଯାହାର ନିମ୍ନ ଭାଗରେ ଥିବା ଚଟାଣ ଅତିଶୟ ସ୍ୱଚ୍ଛ କାଚ ଦ୍ୱାରା ନିର୍ମିତ । ପୁନଶ୍ଚ ସେହି କାଚଗୁଡ଼ିକର ନିମ୍ନ ଭାଗରେ ଜଳ ପ୍ରବାହିତ କରାଯାଇଛି ଓ ତାହା ଅତି ପ୍ରଖର ବେଗରେ ବହୁଛି । ବର୍ତ୍ତମାନ କାଚ ଉପରେ ପଡୁଥିବା ପ୍ରତ୍ୟେକ ଦୃଷ୍ଟି ନିଜର ଭ୍ରମ ହେତୁ ସେହି କାଚଗୁଡ଼ିକୁ ମଧ୍ୟ ଜଳ ବୋଲି ମନରେ ଭ୍ରମ ସୃଷ୍ଟି କରୁଛି । ପୁଣି ସେହି କାଚ ଉପର ଦେଇ ଚାଲିବାକୁ ମଣିଷ ସେହିପରି ଭୟ କରେ, ଯେପରି ଜଳ ଉପରେ ଚାଲିବାକୁ ଭୟ କରାଯାଏ । ଯଦିଓ ବାସ୍ତବ ପକ୍ଷେ ସେଗୁଡ଼ିକ କେବଳ ପରିଷ୍କାର ଓ ସ୍ୱଚ୍ଛ ମସୃଣ କାଚ ମାତ୍ର ! ସୁତରାଂ ଏହି ଦିଗନ୍ତ ବିସ୍ତାରୀ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର ପରି ଯେଉଁ ବଡ ବଡ ଗ୍ରହ ନକ୍ଷତ୍ରମାନ ଦୃଷ୍ଟିଗୋଚର ହେଉଛନ୍ତି, ସେଗୁଡ଼ିକ ସେହି ସ୍ୱଚ୍ଛ କାଚ ସଦୃଶ ଯେଉଁଗୁଡ଼ିକୁ ଭ୍ରମରେ ପଡି ଉପାସନା କରାଯାଉଛି । ଅପର ପକ୍ଷେ ଏମାନଙ୍କ ତଳେ ଏକ ବୃହତ୍ ଶକ୍ତି କାର୍ଯ୍ୟ କରୁଛି, ଯାହାକି

ସେହି କାଚର ଆବରଣରେ ଥିବା ଜଳ ସଦୃଶ ଅତ୍ୟନ୍ତ ତୀବ୍ର ଗତିରେ ପ୍ରବାହିତ ହେଉଛି । ସୃଷ୍ଟି ଉପାସକଗଣଙ୍କର ଏହା ହେଉଛି ଦୃଷ୍ଟିର ଭ୍ରମ ଯେ ସେହି କାଚ ଆଡକୁ ସେମାନେ ସମ୍ବନ୍ଧିତ କରାଯାଉଛନ୍ତି, ଯାହାକୁ ସେମାନଙ୍କ ନିମ୍ନଦେଶରେ ରହିଥିବା ଶକ୍ତି ପ୍ରକାଶ କରୁଛି । ଏହାର ବ୍ୟାଖ୍ୟା ଏହି କୁରଆନ ପଙ୍କ୍ତିରୁ ମିଳୁଛି :

إِنَّهُ صَرْحٌ مُّمَرَّدٌ مِّن قَوَارِيرَ -

'ଇନ୍ନହୁ ସର୍‌ହୁମ୍ ମୁମର୍‌ରଦୁମ୍ ମିନ୍ କୱାରୀରା'

*(ଅନ୍ ନମଲ୍ 27 : 45)*

ଅର୍ଥାତ 'ଏହାତ ମସୃଣ କାଚର ଚଟାଣ ଦ୍ୱାରା ନିର୍ମିତ ଏକ ପ୍ରାସାଦ ।'

## ଦୃଢ଼ ଆସ୍ଥା ଲାଭ କରିବା ପାଇଁ ଈଶ୍ୱର ପ୍ରକଟିତ ସତ୍ୟର ଆବଶ୍ୟକତା

ଯେହେତୁ ଈଶ୍ୱରଙ୍କ ଅସ୍ତିତ୍ୱ ଅତ୍ୟନ୍ତ ପ୍ରକାଶମାନ ହେବା ସତ୍ତ୍ୱେ ଅତ୍ୟଧିକ ପ୍ରଚ୍ଛନ୍ନ ମଧ୍ୟ ହୋଇଥାଏ । ତେଣୁ ତାଙ୍କର ପରିଚୟ ପାଇବା ପାଇଁ ଆମ ଦୃଷ୍ଟି ସମୀପରେ ଥିବା କେବଳ ଏହି ଭୌତିକ ବ୍ୟବସ୍ଥାମାନ ପର୍ଯ୍ୟାପ୍ତ ନଥିଲା । ଏହା ହିଁ କାରଣ ଥିଲା ଯେ ଏପରି ବ୍ୟବସ୍ଥା ଉପରେ ଭରସା କରୁଥିବା ଲୋକମାନେ ଶତ ଶତ ଚମତ୍କାରୀତା ମୂଳକ ଏହି ନିର୍ଭୂଲ ଓ ସ୍ୱୟଂ ସମ୍ପୂର୍ଣ୍ଣ ଶୃଙ୍ଖଳିତ ବ୍ୟବସ୍ଥାକୁ ଅତ୍ୟନ୍ତ ନିବିଷ୍ଟ ଭାବେ ନିରୀକ୍ଷଣ କରିବା ସତ୍ତ୍ୱେ ତଥା ଜ୍ୟୋତିର୍ବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ଦର୍ଶନ ଶାସ୍ତ୍ରରେ ଏପରି ପାଣ୍ଡିତ୍ୟ ଅର୍ଜନ କରିବା ସତ୍ତ୍ୱେ ଏପରି ଲାଗିବ ସତେ ଅବା ଆକାଶ ଓ ପୃଥିବୀ ଭିତରେ ସେମାନେ ଧସେଇ ପଶି ଯାଇଛନ୍ତି । ତଥାପି ସନ୍ଦେହ ଓ ଆଶଙ୍କାର ଅନ୍ଧକାର ମଧ୍ୟରୁ କେବେବି ମୁକୁଳି ପାରି ନାହାନ୍ତି । ସୁତରାଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଭିନ୍ନ ପ୍ରକାରର ଭ୍ରାନ୍ତି ମଧ୍ୟରେ ନିମଜ୍ଜିତ ହୋଇଗଲେ । ଉଭଟ ଓ ଉଦ୍‌ଭ୍ରାନ୍ତ କଳ୍ପନାଗୁଡିକରେ ପଡି କେଉଁଠାରୁ ଆସି କେଉଁ ଆଡେ ଚାଲିଗଲେ । ଯଦିବା ସେମାନଙ୍କର ଏହି ପରମ ବିଶ୍ୱକର୍ମାଙ୍କ ଅସ୍ତିତ୍ୱ ଆଡକୁ କିଛିଟା ଧ୍ୟାନ ଚାଲିଗଲା, ତଥାପି ଏହି ଉଚ୍ଚକୋଟୀର ଓ ଉତ୍କର୍ଷ ନିର୍ମାଣ କୌଶଳର ବ୍ୟବସ୍ଥିତ ଓ ଶୃଙ୍ଖଳିତ ନିୟମକୁ ଲକ୍ଷ୍ୟ କରି ସେମାନଙ୍କ ପ୍ରତ୍ୟୟ ହେଲା ଯେ ଏହି ବିଶାଳ ଐଶ୍ୱର୍ଯ୍ୟମୟ ସୃଜନ ଧାରା ଯାହା ନିଜ ସହିତ ଅସୀମ

ବିଜ୍ଞତାରେ ପରିପୂର୍ଣ୍ଣ ବ୍ୟବସ୍ଥାମାନଙ୍କୁ ଜଡାଇ ଧରିଛି, ତାହାର କେହି ଜଣେ ସୃଷ୍ଟିକର୍ତ୍ତା ଥିବା ଆବଶ୍ୟକ । ତେବେ ସ୍ପଷ୍ଟତଃ ସେମାନଙ୍କର ଏହି ଧାରଣା ଅସମ୍ପୂର୍ଣ୍ଣ ଓ ଏହି ଜ୍ଞାନ ତ୍ରୁଟିଯୁକ୍ତ । କାରଣ ଏହା କହିବା ଯେ ଏପରି ବ୍ୟବସ୍ଥା ପାଇଁ ଜଣେ ସ୍ରଷ୍ଟାର ଆବଶ୍ୟକତା ରହିଛି, ଏକ ସୀମିତ ଚିନ୍ତାଧାରା ମାତ୍ର । କାରଣ ଏକଥା ସହିତ ଆଦୌ ସମାନ ନୁହେଁ ଯେ ସେହି ପରମ ସ୍ରଷ୍ଟା ବାସ୍ତବରେ ଅଛନ୍ତି । ସୁତରାଂ ଏହା ଥିଲା ସେମାନଙ୍କର କେବଳ ଅନୁମାନଭିତ୍ତିକ ଜ୍ଞାନ, ଯାହା ହୃଦୟକୁ ଶାନ୍ତି ଓ ତୃପ୍ତି ଦେଇପାରିବ ନାହିଁ କିମ୍ବା ସନ୍ଦେହଗୁଡିକୁ ପୂର୍ଣ୍ଣତଃ ହୃଦୟରୁ ହଟାଇ ପାରିବ ନାହିଁ । ଏହା ଏପରି ପାତ୍ର ମଧ୍ୟ ନୁହେଁ ଯହିଁରୁ ତର୍କସିଦ୍ଧ ଜ୍ଞାନର ସେହି ତୃଷ୍ଣା ମେଣ୍ଟି ପାରିବ, ଯାହାକି ମନୁଷ୍ୟର ସ୍ୱଭାବରେ ଜଡିତ କରି ଦିଆଯାଇଛି । ବରଂ ଏପରି ତ୍ରୁଟିମୂଳକ ଜ୍ଞାନ ଅତି ବିପଦପୂର୍ଣ୍ଣ । କାରଣ ଏହି ତତ୍ତ୍ୱ ଉପରେ ସେମାନେ କୋଳାହଳ କଲେ ମଧ୍ୟ ଏଥିରୁ କୌଣସି ଫଳ ମିଳି ନଥାଏ ।

ସୁତରାଂ ଯେପର୍ଯ୍ୟନ୍ତ ଈଶ୍ୱର ନିଜର ଅସ୍ତିତ୍ୱକୁ ନିଜ ବାଣୀ ମାଧ୍ୟମରେ ପ୍ରକାଶ କରିନାହାନ୍ତି, ଯେପରି ସେ ନିଜର କାର୍ଯ୍ୟାବଳୀ ଦ୍ୱାରା ଜାହିର୍ କରିଛନ୍ତି, ସେ ପର୍ଯ୍ୟନ୍ତ କେବଳ ତାଙ୍କ କାର୍ଯ୍ୟଧାରାକୁ ନିରୀକ୍ଷଣ କରିଦେଲେ ମନୁଷ୍ୟକୁ ତାହା ସନ୍ତୋଷ ଦେଇପାରିବ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, ଯଦି ଆମେ ଏକ ବନ୍ଦ କୋଠରୀକୁ ଦେଖୁଁ ଯେଉଁଥିରେ ଏପରି ଏକ ଅଜବ କଥା ଥାଏ ଯେ ଏହାର ଭିତର ପଟୁ ଶିକୁଳି ଲଗା ଯାଇଛି, ତେବେ ପ୍ରଥମତଃ ଆମେ ଭାବିବୁ ଯେ କୌଣସି ବ୍ୟକ୍ତି ଭିତରେ ଅଛି ଯେ କି ଭିତର ଆଡୁ ଜଞ୍ଜିର ଦେଇଛି । କାରଣ ବାହାର ପଟରୁ ଭିତରର ଶିକୁଳି ଦେବା ସମ୍ଭବ ନୁହେଁ । କିନ୍ତୁ ଯଦି ବହୁ ସମୟ ଧରି ଏପରିକି ବର୍ଷ ବର୍ଷ ଧରି ବାରମ୍ବାର ଡାକିବା ସତ୍ତ୍ୱେ ସେହି ଲୋକଆଡୁ କୌଣସି ଉତ୍ତର ନମିଳେ, ତେବେ ଶେଷରେ ଆମର ଏହି ଧାରଣା ବଦଳିଯିବ ଯେ ଭିତରେ କେହି ଜଣେ ବ୍ୟକ୍ତି ଅଛି । ଏବଂ ଆମେ ଏହା ଭାବିବା ଯେ ଭିତରେ କେହି ନାହିଁ ଓ କୌଣସି କୌଶଳ ଦ୍ୱାରା ଭିତରର ଶିକୁଳି ଲଗାଯାଇଛି । ଠିକ୍ ଏପରି ଦଶା ସେହି ଦାର୍ଶନିକମାନଙ୍କ ଠାରେ ଦେଖିବାକୁ ମିଳିଥାଏ, ଯେଉଁମାନେ କେବଳ କାର୍ଯ୍ୟାବଳୀ ନିରୀକ୍ଷଣ ପୂର୍ବକ ନିଜର ଜ୍ଞାନରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଈଶ୍ୱରଙ୍କୁ ମୃତବତ୍ ଭାବିବା ଏକ ମସ୍ତବଡ ଭୁଲ, ଯେଉଁ ମୃତକକୁ କବରରୁ ବାହାର କରିବା କେବଳ ମନୁଷ୍ୟର କାମ । କେବଳ ମନୁଷ୍ୟର

ଉଦ୍ୟମ ଦ୍ୱାରା ଈଶ୍ୱରଙ୍କ ଯେତିକି ସନ୍ଧାନ ମିଳିଛି, ଯଦି ଈଶ୍ୱର ବାସ୍ତବରେ ସେହି ସତ୍ତା ହୋଇଥାନ୍ତି, ତେବେ ସେପରି ଈଶ୍ୱରଙ୍କ ସମ୍ପର୍କରେ ଆମେ ରଖିଥିବା ସମସ୍ତ ଆଶାମାନ ବୃଥା । ବରଂ ସେହି ଈଶ୍ୱର ତ ସର୍ବଦା ଓ ଅନନ୍ତ କାଳରୁ ଆପଣାକୁ 'ମୁଁ ବିଦ୍ୟମାନ' କହି ଲୋକମାନଙ୍କୁ ନିଜ ଆଡକୁ ଡାକିଛନ୍ତି । ଆମର ଏପରି ଭାବିବା ନିତ୍ୟାନ୍ତ ଧୃଷ୍ଟତା ହେବ ଯେ ଈଶ୍ୱରଙ୍କ ଅସ୍ତିତ୍ୱ ପାଇବାରେ ମନୁଷ୍ୟ ଈଶ୍ୱରଙ୍କ ପ୍ରତି ଦୟା କରୁଛି । ସତେ ଯେପରି ଯଦି ଦାର୍ଶନିକଗଣ ନଥାଆନ୍ତେ, ତେବେ ଈଶ୍ୱର ଆଜି ପର୍ଯ୍ୟନ୍ତ ଅଜ୍ଞାତ ହିଁ ରହିଥାଆନ୍ତେ ! ଏପରି କହିବା ମଧ୍ୟ ଅତିଶୟ ଔଦ୍ଧତ୍ୟ ହେବ ଯେ ଈଶ୍ୱର କିପରି କଥା କହିବେ, କ'ଣ ତାଙ୍କର ଜିଭ ରହିଛି ? କ'ଣ ସେ ପାର୍ଥିବ ହସ୍ତ ବିନା ସମଗ୍ର ନଭୋମଣ୍ଡଳୀୟ ଗ୍ରହ, ନକ୍ଷତ୍ର ଓ ପୃଥିବୀକୁ ସୃଷ୍ଟି କରି ନାହାନ୍ତି ? ଚକ୍ଷୁ ବିନା କ'ଣ ସେ ସମଗ୍ର ବିଶ୍ୱକୁ ଦେଖୁ ନାହାନ୍ତି ? ଭୌତିକ କର୍ଣ୍ଣ ନ ଥାଇ କ'ଣ ସେ ଆମର ଡାକ ଶୁଣୁ ନାହାନ୍ତି ? ଅତଏବ ଏହା କ'ଣ ଆବଶ୍ୟକ କରୁ ନାହିଁ ଯେ ସେ ଏହିପରି ଭାବେ କଥା ମଧ୍ୟ କହନ୍ତେ ? ଏକଥା ମଧ୍ୟ ସତ୍ୟ ନୁହେଁ ଯେ ଈଶ୍ୱର ପୂର୍ବେ କଥା କହୁଥିଲେ କିନ୍ତୁ ଏବେ ଆଉ କଥା କହୁନାହାନ୍ତି । ଆମେ ଈଶ୍ୱରଙ୍କ ବାଣୀ ଓ କଥା କହିବାକୁ କୌଣସି କାଳ ପର୍ଯ୍ୟନ୍ତ ସୀମାବଦ୍ଧ କରୁନାହୁଁ । ଏହା ନିଃସନ୍ଦେହ ଯେ ସେ ଏବେ ମଧ୍ୟ ଅନିସନ୍ଧିତ୍ସୁ ବ୍ୟକ୍ତିମାନଙ୍କୁ ଐଶୀବାଣୀର ନିର୍ଝରିଣୀରୁ ଧନଧାନ୍ୟରେ ପୂର୍ଣ୍ଣ ଜଳପ୍ଲାବିତ କରି ଦେବାକୁ ପ୍ରସ୍ତୁତ ରହିଛନ୍ତି, ଯେପରିକି ସେ ପୂର୍ବେ ମଧ୍ୟ ଥିଲେ । ଆଜି ମଧ୍ୟ ତାଙ୍କର ଦୟାର ଦ୍ୱାର ସେହିପରି ଉନ୍ମୁକ୍ତ ଯେପରି ପୂର୍ବରୁ ଥିଲା । ହଁ, ପ୍ରୟୋଜନତା ଶେଷ ହୋଇଯିବା ହେତୁ ନୂତନ ବିଧାନ ଓ ନୀତି ନିର୍ଦ୍ଧାରଣର ପରିସମାପ୍ତି ଘଟିଛି ଏବଂ ସମସ୍ତ ରସୁଲତ୍ୱ ଓ ଅବତାରତ୍ୱ ନିଜ ଶୀର୍ଷ ବିନ୍ଦୁରେ ଆସି ଆମର ମୁନିବ (ତାଙ୍କ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ ହେଉ)ଙ୍କ ସତ୍ତା ଠାରେ ଚରମ ଉତ୍କର୍ଷତା ନେଇ ପହଞ୍ଚିଗଲା ।

(ଇସଲାମୀ ଉସୁଲ୍ କୀ ଫଲାସଫି, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୦, ପୃ ୩୬୩ - ୩୬୭)

ଈଶ୍ୱର ସମ୍ବନ୍ଧୀୟ ପ୍ରକୃତ ଜ୍ଞାନ ଏହି ତତ୍ତ୍ୱ ଉପରେ ନିର୍ଭର କରେ ଯେ ସେହି ଜୀବିତ ଈଶ୍ୱରଙ୍କ ନିକଟରେ ପହଞ୍ଚିବା ପାଇଁ କିପରି ଯୋଗସୂତ୍ର ସ୍ଥାପନ କରାଯିବ, ଯେ କି ନିଜର ପ୍ରିୟ ଭକ୍ତମାନଙ୍କ ସହିତ ସ୍ପଷ୍ଟ ଶବ୍ଦରେ ନିରୋଳାରେ ବାକ୍ୟାଳାପ କରନ୍ତି । ଏବଂ ସେ ନିଜର ଗାମ୍ଭିର୍ଯ୍ୟ ପୂର୍ଣ୍ଣ ଓ ସୁମଧୁର ଦିବ୍ୟ ରସାମୃତ

ବାଣୀ ଦ୍ୱାରା ସେମାନଙ୍କୁ ଆତ୍ମସନ୍ତୋଷ ଓ ଚିତ୍ତ ବିନୋଦନ ପ୍ରଦାନ କରନ୍ତି । ଯେପରି ଜଣେ ମନୁଷ୍ୟ ଅନ୍ୟ ଜଣେ ମନୁଷ୍ୟ ସହିତ କଥାବାର୍ତ୍ତା କରିଥାଏ, ସେହିପରି ସେ ଅତ୍ୟନ୍ତ ବିଶ୍ୱସନୀୟ ଓ ସଂଶୟହୀନ ହୋଇ ବିନା ଦ୍ୱିଧାରେ ସେମାନଙ୍କ ସହିତ ବାର୍ତ୍ତା ବିନିମୟ କରିଥାନ୍ତି । ସେ ସେମାନଙ୍କ କଥା ଶୁଣନ୍ତି, ଉତ୍ତର ଦିଅନ୍ତି ଏବଂ ସେମାନଙ୍କ ପ୍ରାର୍ଥନା ଶୁଣି ଶ୍ରୀଛାମୁରେ ତାକୁ ଗ୍ରହଣ କରିନେଇ ଥିବାର ସୁସମ୍ବାଦ ମଧ ଦେଇଥାନ୍ତି । ଏକ ପକ୍ଷେ ଅତି ମନମୁଗ୍ଧକର ଓ ଗାମ୍ଭିର୍ଯ୍ୟପୂର୍ଣ୍ଣ ବାଣୀ ଦ୍ୱାରା ତ ଅନ୍ୟ ପକ୍ଷେ ବିଭିନ୍ନ ଅଲୌକିକ କାର୍ଯ୍ୟ କରି ସେମାନଙ୍କୁ ନିଜ ଶକ୍ତିର ମହିମା ଓ ପରାକ୍ରମ ପ୍ରଦର୍ଶନ କରନ୍ତି, ଯଦ୍ଦ୍ୱାରା ଏହା ସାବ୍ୟସ୍ତ ହୋଇଯାଏ ସେ ହିଁ ପରମେଶ୍ୱର । ପ୍ରଥମତଃ, ସେ ନିଜ ଭବିଷ୍ୟତ ବାଣୀ ମାଧ୍ୟମରେ ଭକ୍ତମାନଙ୍କ ପ୍ରତି ଅକୁଣ୍ଠ ସାହାଯ୍ୟ, ସମର୍ଥନ ଓ ବିଶେଷ ମାର୍ଗଦର୍ଶନ କରିବାର ପ୍ରତିଶ୍ରୁତି ଦିଅନ୍ତି । ପୁଣି ଅନ୍ୟ ପକ୍ଷେ ନିଜ ପ୍ରତିଶ୍ରୁତିର ଗାରିମା ବଢ଼ାଇବା କଥା ନିଜର ସଂକଳ୍ପର ଦୃଢ଼ତାକୁ ସେମାନଙ୍କ ଉପରେ ପ୍ରକାଶ କରିବା ଉଦ୍ଦେଶ୍ୟରେ ଏକ ଜଗତକୁ ତାଙ୍କର ବିରୁଦ୍ଧାଚରଣ ପାଇଁ ଛିଡା କରାଇ ଦିଅନ୍ତି । ସେହି ପ୍ରତିପକ୍ଷ ବିରୋଧିଗଣ ଈଶ୍ୱରଙ୍କ ସଙ୍କଳ୍ପକୁ ପଣ୍ଡ କରିବା ସକାଶେ ନିଜର ସମସ୍ତ ଶକ୍ତି ଖଟାଇବା ସଂଗେ ସଂଗେ ନାନାପ୍ରକାର କୂଟଚକ୍ରାନ୍ତ, ମିଥ୍ୟା ପ୍ରତାରଣାର ଜାଲ ବିଛାଇ ଦେବାର ବ୍ୟର୍ଥ ଉଦ୍ୟମ କରିଥାନ୍ତି । ଯଦ୍ଦ୍ୱାରା ଈଶ୍ୱରଙ୍କର ଅତି ଆପଣାର ଅନୁଗ୍ରହୀତ ବ୍ୟକ୍ତିଗଣ ତାଙ୍କର ଯାବତୀୟ ସାହାଯ୍ୟ ସମର୍ଥନ ଲାଭ କରିବାରେ ସଫଳ ହୋଇଥାନ୍ତି ଏବଂ ଶତ୍ରୁମାନଙ୍କ ସକଳ ଚେଷ୍ଟା ଧୂଳିସାତ୍ ହୋଇଯାଏ । ସେମାନେ ଦୁଷ୍ଟାମି ଓ ଖଳ ପ୍ରବୃତ୍ତିର ବୀଜ ରୋପଣ କରନ୍ତି ସତ, କିନ୍ତୁ ଈଶ୍ୱର ସେମାନଙ୍କର ସେ ସମସ୍ତ ଅନିଷ୍ଟ ଆଚରଣକୁ ମୂଳରୁ ଉପାଡି ଫିଙ୍ଗିଦିଅନ୍ତି । ସେମାନେ କଳହର ନିଆଁ ଲଗାଇ ଦିଅନ୍ତି ସତ, କିନ୍ତୁ ଈଶ୍ୱର ସେହି ନିଆଁକୁ ଲିଭାଇ ଦିଅନ୍ତି । ସେମାନେ ଆପଣା ପାରୁପର୍ଯ୍ୟନ୍ତ ଜୋର ଲଗାନ୍ତି ସତ, କିନ୍ତୁ ଶେଷରେ ଈଶ୍ୱର ସେମାନଙ୍କ ହୀନ ଉଦ୍ଦେଶ୍ୟ ମୂଳକ ଯୋଜନା ତାଙ୍କ ଉପରକୁ ଓଲଟା ପକାଇ ଦିଅନ୍ତି ।

ଈଶ୍ୱରଙ୍କର ସଦାଚାରୀ ଓ ସତ୍ ପଥଗାମୀ ଭକ୍ତ ଅତ୍ୟନ୍ତ ସାଧା ସିଧା ଓ ସରଳ ସ୍ୱଭାବର ହୋଇଥାନ୍ତି ଏବଂ ଈଶ୍ୱରଙ୍କ ସମ୍ମୁଖରେ ସେହି କୋମଳମତି ପିଲା ସଦୃଶ ହୁଅନ୍ତି, ସତେ ଯେପରି ସେ ମାଆ ପାଖରେ କୋଳାଗ୍ରତ ନିଷ୍ପାପ ଶିଶୁଟିଏ । ସଂସାର

ତାଙ୍କ ପ୍ରତି ଶତ୍ରୁତା ଆଚରଣ କରନ୍ତି ସତ, କାରଣ ସେମାନେ ସଂସାର ମଧ୍ୟରୁ ନୁହନ୍ତି । ନାନାପ୍ରକାର ମନ୍ଦ ଉପାୟ ଓ କୌଶଳ ସେମାନଙ୍କ ବିରୁଦ୍ଧରେ ପ୍ରୟୋଗ କରାଯାଏ ସେମାନଙ୍କୁ ଧ୍ୱଂସ କରିଦେବା ପାଇଁ । ଜନସମୁଦାୟ ଓ ସଂପ୍ରଦାୟଗଣ ଏକତ୍ର ହୋଇ ଅନେକ ଷଡଯନ୍ତ୍ର ରଚନା କରନ୍ତି, ସେମାନଙ୍କୁ ଦୁଃଖଯାତନା ପହଞ୍ଚାଇବା ପାଇଁ । ସମସ୍ତ ଖଳ ପ୍ରକୃତିର ଲୋକମାନେ ଗୋଟିଏ କମାଣରୁ ଶର ନିକ୍ଷେପ କରନ୍ତି । ନାନା ପ୍ରକାର ନିନ୍ଦା ଓ ଅପବାଦର ଗଞ୍ଜଣା ଦ୍ୱାରା ଆରୋପ ଲଗାଯାଏ ସେହି ନିରୀହ ଲୋକମାନଙ୍କ ବିରୁଦ୍ଧରେ । ସେମାନଙ୍କୁ ବିଭିନ୍ନ ମିଥ୍ୟାରୋପରେ ଛନ୍ଦି ଦିଆଯାଏ, ଯେପରିକି ସେମାନେ କୌଣସି ଉପାୟରେ ଲୋପ ପାଇଯିବେ ଓ ସେମାନଙ୍କର କୌଣସି ଚିହ୍ନବର୍ଣ୍ଣ ରହିବ ନାହିଁ । ମାତ୍ର ପ୍ରଭୁ ପରମେଶ୍ୱର ନିଜ ବଚନକୁ ପୂରଣ କରି ଦେଖାଇ ଦିଅନ୍ତି । ଏହିପରି ବଚନବଦ୍ଧତା ସେମାନଙ୍କ ଜୀବନରେ ଯଥାର୍ଥ ଭାବରେ ପୂରଣ ହୋଇଥାଏ । ଏହି ନିର୍ଣ୍ଣାୟକ ଓ ସ୍ୱଷ୍ଟ ବଚନ ଦ୍ୱାରା ଈଶ୍ୱର ସେମାନଙ୍କୁ ସମ୍ମାନିତ କରନ୍ତି । ସେହି ସର୍ବଶକ୍ତିମାନ ଓ ମହା ପରାକ୍ରମଶାଳୀ ଈଶ୍ୱରଙ୍କ ସ୍ୱଷ୍ଟ ବାଣୀ ମାଧ୍ୟମରେ ସେମାନଙ୍କୁ ଗୁପ୍ତ ରହସ୍ୟମୟ ଜ୍ଞାନ ପ୍ରଦାନ କରାଯାଏ, ଯାହା ମନୁଷ୍ୟ ଶକ୍ତି ଓ ସାମର୍ଥ୍ୟର ବାହାରେ । ଅପର ପକ୍ଷେ ସେମାନଙ୍କୁ କୁହାଯାଇଥିବା ଦିବ୍ୟ ବାକ୍ୟଧାରା ଅଲୌକିକ ଘଟଣା ମାଧ୍ୟମରେ ସତ୍ୟରେ ପରିଣତ କରି ଦେଖାଇ ଦିଆଯାଏ । ସେମାନଙ୍କ ବିଶ୍ୱାସର ଜ୍ୟୋତିକୁ ଅଧିକ ପ୍ରଜ୍ୱଳିତ ଓ ଦୃଢ଼ୀଭୂତ କରାଯାଏ । ଈଶ୍ୱରଙ୍କୁ ଚିହ୍ନିବା ସମ୍ବନ୍ଧୀୟ ପ୍ରକୃତ ଜ୍ଞାନ ମାନବୀୟ ସ୍ୱଭାବ ଅନୁଯାୟୀ ସେମାନଙ୍କ ଉପରେ ମୌଖିକ ଓ ତଥ୍ୟଭିତ୍ତିକ ଦୈବି ନିଦର୍ଶନ ମାଧ୍ୟମରେ ପ୍ରକଟିତ ହୁଏ । ଏପରିକି ତା'ମଧ୍ୟରେ ଅଣୁ ମାତ୍ର ଅନ୍ଧକାର ରହେ ନାହିଁ ।

ସେ ହିଁ ପରମେଶ୍ୱର ଯାହାଙ୍କର ସେହି ମୌଖିକ ଓ ତଥ୍ୟଭିତ୍ତିକ ନିଦର୍ଶନ ପରେ ଯାହା ନିଜ ମଧ୍ୟରେ ଅଜସ୍ର ପୁରସ୍କାର ସାଉଁଟି ରଖିଥାଏ ଏବଂ ହୃଦୟ ଉପରେ ଯାହାର ଅତ୍ୟଧିକ ପ୍ରଭାବ ପଡିଥାଏ, ସେ ମନୁଷ୍ୟକୁ ସତ୍‌ବିଶ୍ୱାସ ଓ ଜୀବନ୍ତ ଆସ୍ଥା ଲାଭ କରିବାର ସୌଭାଗ୍ୟ ଅର୍ପଣ କରିଥାନ୍ତି । ପୁଣି ଈଶ୍ୱରଙ୍କ ସହିତ ଘନିଷ୍ଠ ଓ ପବିତ୍ର ସଂପର୍କ ସ୍ଥାପନ ହେବା ଦ୍ୱାରା ମନର ସବୁ ଆବିଳତା ଦୂର ହୋଇଯାଏ । ମନୁଷ୍ୟର ସମସ୍ତ ଦୁର୍ବଳତା ଅଚିରେ ଉଭେଇ ଯାଇ ଆକାଶୀୟ ଆଲୋକର ତେଜଷ୍ମୀୟ କିରଣ ଦ୍ୱାରା ଅନ୍ତରର ଅନ୍ଧକାର ଦୂରୀଭୂତ ହୁଏ ଏବଂ ଏକ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖାଦିଏ ।

ସୁତରାଂ ଯେଉଁ ଧର୍ମ ଏହିସବୁ ନୈସର୍ଗୀକ ଗୁଣ ବହନ କରିଥିବା ଈଶ୍ୱରଙ୍କୁ ଉପସ୍ଥାପନ କରେ ନାହିଁ ଏବଂ ଯେଉଁ ଧର୍ମବିଶ୍ୱାସ କେବଳ ଏକ ପୌରାଣିକ ଗଳ୍ପ ତଥା କାଳ୍ପନିକ କଥାବସ୍ତୁ ମଧ୍ୟରେ ସୀମାବଦ୍ଧ ହୋଇ ରହିଥାଏ । ଯାହାକୁ ଲୋକଶ୍ରୁତିରେ କେବେ କହିବା କିମ୍ୱା ଶୁଣିବାର ଦେଖାଯାଇ ନାହିଁ, ସେହି ଧର୍ମ କେବେ ସତ୍ୟ ଉପରେ ଆଧାରିତ ନୁହେଁ । ସେପରି କୃତ୍ରିମ ଈଶ୍ୱରଙ୍କ ଅନୁଗତ ହେବା ଏକ ମୃତ ଶବ ଠାରୁ ଜୀବନ୍ତ ପ୍ରାଣୀର କାର୍ଯ୍ୟ ଆଶା କରିବା ସଦୃଶ । ସେହି ଈଶ୍ୱରଙ୍କ ସ୍ଥିତି ରହିବା ନରହିବା ସମାନ କଥା । ଯିଏ ସଦା ସର୍ବଦା ନିଜର ଅସ୍ତିତ୍ୱକୁ ସତେଜ କରି ରଖିଥିବାର କଦାପି ପ୍ରମାଣିତ କରେ ନାହିଁ, ତା'ର କ'ଣ ବା ସ୍ଥିତି ଅଛି ? ବରଂ ସେ ଏକ ନିର୍ଜୀବ ପ୍ରତିମା, ଯେ ନା କେବେ କୌଣସି କଥା କହେ ନା ଶୁଣେ ଆଉ ନା କେବେ ପ୍ରଶ୍ନର ଉତ୍ତର ଦେଇଥାଏ ! ସେ କେବେ ଏପରି ଧରଣର ଶକ୍ତି ପ୍ରଦର୍ଶନ କରିପାରେ ନାହିଁ, ଯଦ୍ୱାରା କେହି ଜଣେ ନାସ୍ତିକବାଦୀ ହୋଇଥିଲେ ସୁଦ୍ଧା ଏହି ବିଷୟରେ ସନ୍ଦେହ କରିପାରିବ ନାହିଁ ।

(ବରାହିନେ ଅହମଦିୟା, ପଞ୍ଚମ ଭାଗ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୧, ପୃଷ୍ଠା ୩୧,୩୨)

**ମନରେ ଭଙ୍କି ମାରୁଥିବା ପ୍ରଶ୍ନ** : ମନୁଷ୍ୟ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରିବାର ଧାରଣା ଏକ ଅସମ୍ମାନ ଜନକ ବିଷୟ । ଜଣେ ମରଣଶୀଳ ପ୍ରାଣୀର ଏକ ଚିରସ୍ଥାୟୀ ଓ ଚିରଞ୍ଜୀବି ସତ୍ତାଙ୍କ ସହ କିବା ସଂପର୍କ ? ମୁଠାଏ ଧୂଳିକଣା ଓ ଉଜ୍ୱଳମୟ ଆଲୋକ ମଧ୍ୟରେ କିପରି ସାମଞ୍ଜସ୍ୟ ରହିପାରେ ?

**ଏହାର ଉତ୍ତର ହେଉଛି :** ଏପରି ମନରେ ଧାରଣା କରିବା ସଂପୂର୍ଣ୍ଣ ଭିତ୍ତିହୀନ ଓ ଏହି ଅଭିଯୋଗ ନିରର୍ଥକ । ଏହାକୁ ଦୃଢ଼ ଭାବରେ ଖଣ୍ଡନ କରିବାକୁ ହେଲେ ମନୁଷ୍ୟକୁ ଏହାର ମର୍ମ ବୁଝିବା ଯଥେଷ୍ଟ ହେବ ଯେ ସେହି ମହୀୟାନ ଓ ଦୟାବାନ ଈଶ୍ୱର କେତେକ ଶ୍ରେଷ୍ଠ ସିଦ୍ଧପୁରୁଷ ତଥା ମହାମାନବଙ୍କ ହୃଦୟରେ ନିଜର ପରମସତ୍ତାଙ୍କୁ ଅନୁଭବ କରିବା ଓ ତାହାଙ୍କ ମହିମାକୁ ସମ୍ୟକ ଉପଲବଧି କରିବାର ଅଫୁରନ୍ତ ଆବେଗ ଭରି ଦେଇଛନ୍ତି । ତେବେ ସେ ନିଜ ପ୍ରେମ ମଧୁଫାଶରେ ଏପରି ଆଲିଙ୍ଗନ କରି ସେମାନଙ୍କ ମନରେ ପ୍ରଗାଢ଼ ଭକ୍ତି ଓ ନିଷ୍ଠାର ଉଚ୍ଛ୍ୱସିତ ଭାବନା ସହିତ ନିଜ ଆଡକୁ ଆକର୍ଷିତ କଲେ ଯେ ସେମାନେ ନିଜର ସତ୍ତା ହରାଇ ବସିଲେ । ଏପରି ଅବସ୍ଥାରେ ପହଞ୍ଚିବା ପରେ ଏପରି ମତବ୍ୟକ୍ତ କରିବା ଯେ ଈଶ୍ୱର ସେମାନଙ୍କ

ସହିତ କଥାବାର୍ତ୍ତା କରିବାକୁ ଋହୁନାହାନ୍ତି, ତାହା ଏପରି କହିବା ସହିତ ସମାନ ହେବ ଯେ ସେମାନଙ୍କର ସମସ୍ତ ପ୍ରେମ, ଭକ୍ତି ଓ ଶ୍ରଦ୍ଧାପ୍ଳୁତ ନିବେଦନ ଇତ୍ୟାଦି ସବୁକିଛି ବୃଥା ହୋଇଗଲା । ସେମାନଙ୍କର ସକଳ ବ୍ୟଗ୍ରତା ଓ ପ୍ରେମାତୁର ଭାବ କେବଳ ଏକତରଫା ହୋଇ ରହିଗଲା । ଏହି ଧାରଣା କିପରି ସଂପୂର୍ଣ୍ଣ ଅବାନ୍ତର ଓ ଅତ୍ୟନ୍ତ ନିର୍ବୋଧତାର ପରିଚୟ ଦିଏ, ତାହା ଚିନ୍ତା କରିବା ଉଚିତ । କ'ଣ ଯେଉଁ ଈଶ୍ୱର ମନୁଷ୍ୟକୁ ନିଜ ସାମିପ୍ୟ ଲାଭ କରିବାର ସୌଭାଗ୍ୟ ପ୍ରଦାନ କରିଛନ୍ତି ଏବଂ ନିଜର ପ୍ରେମ ଓ ଶ୍ରଦ୍ଧାର ଆବେଗରେ ଅଧିର କରି ପକାଇଛନ୍ତି, ତାହାଙ୍କ ସହିତ କଥାବାର୍ତ୍ତା କରିବାର ଗୌରବରୁ ତାକୁ ବଞ୍ଚିତ କରି ରଖିପାରିବେ ? କ'ଣ ଏକଥା ସତ୍ୟ ହୋଇପାରେ ଯେ ଈଶ୍ୱର ପ୍ରେମ, ଈଶ୍ୱର ନିଷ୍ଠା ଓ ଭକ୍ତିରେ ନିମଜ୍ଜିତ ହୋଇ ସବୁକିଛି ହଜାଇ ଦେବା ଆଦି ଏ ସମସ୍ତ ବିଷୟ ସମ୍ଭବ ଓ ଯଥାର୍ଥ ହେବ, କିନ୍ତୁ ଈଶ୍ୱରଙ୍କ ପଦମର୍ଯ୍ୟାଦା କିଛି ହାନୀ ହେବ ନାହିଁ ? ମାତ୍ର ନିଜର ସତ୍ୟନିଷ୍ଠ ପ୍ରେମିକର ହୃଦୟରେ ଈଶ୍ୱରଙ୍କ ଦିବ୍ୟ ବାଣୀ ଅବତୀର୍ଣ୍ଣ ହେବା ଅସମ୍ଭବ ତଥା ଅଯୌକ୍ତିକ ବୋଲି ଦର୍ଶାଇ ତାହାଙ୍କ ଗୌରବକୁ କ୍ଷୁର୍ଣ୍ଣ କରୁଥିବ । ଈଶ୍ୱରଙ୍କ ଅସୀମ ଦୟା ଓ ପ୍ରେମର ସାଗରରେ ବୁଡିଯିବା ଓ କୌଣସି ଠାରେ ଅଟକି ନଯିବା ଏହା ପ୍ରମାଣିତ କରୁଛି, ମନୁଷ୍ୟର ଅଦ୍ଭୁତ ଢ଼ଙ୍ଗର ଆତ୍ମା ଈଶ୍ୱରଙ୍କୁ ପ୍ରକୃତ ଅର୍ଥରେ ଚିହ୍ନିବା ଓ ତାଙ୍କ ସତ୍ତାକୁ ଅନୁଭବ କରିବା ପାଇଁ ନିର୍ଦ୍ଦିଷ୍ଟ ଆକୃତିରେ ଗଠିତ ହୋଇଛି । ତେଣୁ ଯଦି ଈଶ୍ୱରଙ୍କୁ ସଠିକ ଉପାୟରେ ଉପଲବ୍ଧି କରିବାର ଜ୍ଞାନ ପ୍ରଦାନ କରାଯାଇ ନଥିବ, ତା'ହେଲେ ଏହା କହିବାକୁ ପଡିବ ଯେ ଈଶ୍ୱର ତାକୁ ଆପଣା ଅସ୍ତିତ୍ୱକୁ ଜାଣିବା ନିମନ୍ତେ ଗଠନ କରିନାହାନ୍ତି । ଏପରିକି ହିନ୍ଦୁ ବ୍ରହ୍ମସମାଜ ଏହି କଥାକୁ ମନା କରନ୍ତି ନାହିଁ ଯେ ମନୁଷ୍ୟର ପ୍ରକୃତ ସ୍ୱଭାବକୁ ଦର୍ଶାଉଥିବା ଆତ୍ମା ଈଶ୍ୱରଙ୍କ ସମ୍ବନ୍ଧରେ ସଠିକ ଜ୍ଞାନ ଆହରଣ କରିବାରେ କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ହୋଇ ରହିଥାଏ ।

ସୁତରାଂ ସେମାନେ ଆପଣା ଛାଏଁ ଏହା ବୁଝିଯିବା ଉଚିତ ଯେ ଜଣେ ନିଷ୍ଠାବାଦୀ ମନୁଷ୍ୟ ଈଶ୍ୱରଙ୍କୁ ଜାଣିବାର ସନ୍ଧାନରେ ରହିବା ସ୍ୱାଭାବିକ । ଏହା ମଧ ପ୍ରମାଣିତ ହୋଇସାରିଛି ଯେ ଈଶ୍ୱରଙ୍କ ସମ୍ବନ୍ଧରେ ପ୍ରକୃତ ଜ୍ଞାନ ହାସଲ କରିବାର ଏକମାତ୍ର ମାଧ୍ୟମ ହେଉଛି ଦୈବି ପ୍ରକଟିତ ଦିବ୍ୟ ଜ୍ଞାନ, ଏହା ବ୍ୟତୀତ ଅନ୍ୟ କିଛି ନୁହେଁ । ତେଣୁ ଏପରି ସ୍ଥଳେ ଯଦି ସେହି ଦୈବି ପ୍ରକଟନକୁ ହାସଲ କରିବା

ଅସମ୍ଭବ, ବରଂ ଏହାକୁ ସନ୍ଧାନ କରିବା ଅସମ୍ମାନଜନକ ବିଷୟ ହୋଇଯିବ, ତା'ହେଲେ ଈଶ୍ୱରଙ୍କ ବିଜ୍ଞତା ପ୍ରତି ଅଭିଯୋଗ କରାଯିବ ଯେ ସେ ମନୁଷ୍ୟକୁ ଏଥିପାଇଁ ବୁଝିବା ଶକ୍ତି ତ ଦେଲେ, କିନ୍ତୁ ଏହି ଜ୍ଞାନ ପାଇବା ପାଇଁ ମାଧ୍ୟମ ପ୍ରଦାନ କଲେ ନାହିଁ । ଯେପରିକି ଯେତେ ମାତ୍ରାରେ ଭୋକ ହେଉଥିଲା ସେତିକି ମାତ୍ରାରେ ରୁଟି ଦେବାକୁ ସେ ଇଚ୍ଛା କଲେ ନାହିଁ । ଯେଉଁ ପରିମାଣରେ ଶୋଷରେ ଆଉଟୁ ପାଉଟୁ କଲେ, ସେତିକି ପରିମାଣରେ ପାଣି ଯୋଗାଇ ତା'ର ତୃଷା ମେଣ୍ଟାଇବାର ସାଧନ ଜୁଟାଇଲେ ନାହିଁ । ମାତ୍ର ବିବେକୀ ଲୋକମାନେ ଏ କଥାକୁ ଭଲ ଭାବରେ ଜାଣିଛନ୍ତି ଯେ ଏପରି ଧାରଣା ଈଶ୍ୱରଙ୍କ ଅପାର କରୁଣାର ପ୍ରଶଂସାରେ ଶତମୁଖ ହେବାର ପ୍ରୟାସକୁ ବିଫଳ କରାଉଛି । ଯେଉଁ ସର୍ବଜ୍ଞ ଅନ୍ତର୍ଯ୍ୟାମି ପ୍ରଭୁ ଏହି ମନୁଷ୍ୟକୁ ଇହ ଜଗତରେ ହିଁ ସୌଭାଗ୍ୟ ଅର୍ପଣ କରିଛନ୍ତି ଯେ ତାଙ୍କ ମହା ପ୍ରଭୁତ୍ୱର ଜ୍ୟୋତିର୍ମୟ କିରଣକୁ ସଂପୂର୍ଣ୍ଣ ରୂପେ ଅବଲୋକନ କରୁ, ଯଦ୍ଦ୍ୱାରା ସେ ଈଶ୍ୱରଙ୍କ ପ୍ରତି ପ୍ରେମାସକ୍ତ ହୋଇ ତାଙ୍କରି ଆଡକୁ ତୀବ୍ର ଗତିରେ ଟାଣିହୋଇ ଆସିବ । ପୁଣି ଦୟାଳୁ ଓ କୃପାଳୁ ପ୍ରଭୁଙ୍କୁ ଏପରି ଅପବାଦ ଦେବା ଯେ ସେ ମନୁଷ୍ୟକୁ ଐଶିକୃପା ଦ୍ୱାରା ଗୌରବମଣ୍ଡିତ କରିବା ତଥା ତାକୁ ନିଜର ପ୍ରକୃତ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାକୁ ଚାହୁଁନାହାନ୍ତି, ଏହା ବ୍ରହ୍ମସମାଜୀ ଭାଇମାନଙ୍କର ଏକ ଉଦ୍ଭଟ ଚିନ୍ତାଧାରାର ପରିଚାୟକ ।

(ବରାହିନେ ଅହମଦିୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧, ପୃଷ୍ଠା ୨୩୦-୨୩୨, ପାଦଟିକା ୧୧)

ପରମେଶ୍ୱର ମନୁଷ୍ୟ ସକାଶେ ଯାହାକିଛି ଅଭିଳାଷ ରଖିଛନ୍ତି, ସେହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଈଶ୍ୱର ଆଗତୁରା ମନୁଷ୍ୟ ଦେହରେ ଆବଶ୍ୟକୀୟ ଅନ୍ତର୍ନିହିତ ଶକ୍ତି ଯୋଗାଇ ଦେଇଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ମନୁଷ୍ୟର ଆତ୍ମା ମଧ୍ୟରେ ପ୍ରେମାସକ୍ତ ଗୁଣ ଭରି ରହିଛି । ଯଦିବା ମନୁଷ୍ୟ ତ୍ରୁଟିବଶତଃ ଅନ୍ୟ ଜଣେ ବ୍ୟକ୍ତିକୁ ଭଲପାଇ ବସେ ଓ ଅନ୍ୟ ଜଣକୁ ନିଜ ପ୍ରେମର ବସ୍ତୁ ବୋଲି ଭାବେ । କିନ୍ତୁ ତା'ର ବୁଦ୍ଧି ବିବେକ ଏହା ସହଜରେ ବୁଝିପାରିବ ଯେ ଏହି ପ୍ରେମାତୁର ଭାବ ତା'ର ଆତ୍ମାରେ ଏଥିସକାଶେ ରଖାଯାଇଛି, ଯଦ୍ଦ୍ୱାରା ସେ ତା'ର ପ୍ରକୃତ ପ୍ରିୟତମ ସଖା ହୋଇଛନ୍ତି, ଯେ କି ତା'ର ପରମାତ୍ମା । ତାହାଙ୍କୁ ନିଜର ମନପ୍ରାଣ ଢାଳି ଗଭୀର ନିଷ୍ଠାର ସହିତ ପ୍ରେମ କରୁ ।

ତେଣୁ କ'ଣ ଆମେ ଏହା କହିପାରିବା ଯେ ଏହି ପ୍ରେମ ପ୍ରବଣତା ଯାହା ମାନବ ଆତ୍ମାରେ ବିଦ୍ୟମାନ, ଯାହାର ଉତ୍ତାଳ ତରଙ୍ଗ ସୀମାହୀନ ସାଗରର ଥଳକୂଳ ମାନେ ନାହିଁ । ପୁଣି ଯାହାର ଉତ୍ତୁଙ୍ଗ ଲହଡିରେ ମନୁଷ୍ୟ ନିଜ ଜୀବନକୁ ଧରାଶାୟୀ କରି ଦେବାକୁ ସଦା ତତ୍ପର ରହିଥାଏ, ସେପରି ଆତ୍ମାରେ ପ୍ରେମର ଆବେଗ କିପରି ଆପଣା ଛାଏଁ ଆରମ୍ଭରୁ ରହିଛି ? ଏହା ଆଦୌ ନୁହେଁ । ଯଦି ଈଶ୍ୱର ମନୁଷ୍ୟ ଓ ନିଜ ସତ୍ତା ମଧ୍ୟରେ ପ୍ରେମାସକ୍ତର ଭାବ ପ୍ରତିଷ୍ଠା କରିବା ପାଇଁ ଆତ୍ମାରେ ପ୍ରେମ କରିବାର କ୍ଷମତା ସୃଷ୍ଟି କରି ଏହି ସଂପର୍କ ଯୋଡିଲେ ନାହିଁ, ତା'ହେଲେ ଏହା ଏକ ସଂଯୋଗର ବିଷୟ ହେବ ଯେ ପରମେଶ୍ୱର ସୌଭାଗ୍ୟବଶତଃ ଏହି କାରଣର ବଶବର୍ତ୍ତୀ ହେବା ଯୋଗୁଁ ବୋଧହୁଏ ଆତ୍ମାମାନଙ୍କରେ ପ୍ରେମର ସୃଜନଶୀଳ ଶକ୍ତି ଭରି ଦେଇଛନ୍ତି । ଯଦି ଏହାର ବିପରୀତରେ କୌଣସି ସଂଯୋଗ ହୋଇଥାନ୍ତା, ଅର୍ଥାତ ପ୍ରେମ କରିବା ଶକ୍ତି ଆତ୍ମାମାନଙ୍କରେ ମିଳନ୍ତା ନାହିଁ, ତା'ହେଲେ ଲୋକମାନଙ୍କୁ କଦାପି ପରମେଶ୍ୱରଙ୍କ ପ୍ରତି ଧ୍ୟାନ ଆସନ୍ତା ନାହିଁ । ଏବଂ ନା ପରମେଶ୍ୱର ଏଥିପାଇଁ କୌଣସି ଯୋଜନା ପ୍ରସ୍ତୁତ କରିପାରନ୍ତେ । କାରଣ ଆସ୍ତିକତା କେବେ (ଆର୍ଯ୍ୟ ସମାଜୀଙ୍କ ବିଶ୍ୱାସ ଅନୁଯାୟୀ– ଅନୁବାଦକ) ନାସ୍ତିକତାରୁ ଆସିପାରିବ ନାହିଁ ।

କିନ୍ତୁ ଏହା ମଧ୍ୟ ଚିନ୍ତା କରିବା ଉଚିତ ଯେ ପରମେଶ୍ୱରଙ୍କୁ ଭକ୍ତି, ଉପାସନା ତଥା ସତ୍କର୍ମ କରିବା ସକାଶେ ଦାବି କରିବା ଏହା ପ୍ରମାଣିତ କରୁଛି ଯେ ସେ ହିଁ ସ୍ୱୟଂ ତାଙ୍କ ପ୍ରତି ପ୍ରେମ ଓ ସମର୍ପିତ ଭାବକୁ ମାନବାତ୍ମାରେ ସ୍ଥାପିତ କରିଛନ୍ତି । ସୁତରାଂ ସେ ଏହା ଚହୁଁଛନ୍ତି ଯେ ସେହି ମନୁଷ୍ୟ ଯାହା ଅନ୍ତରରେ ସ୍ୱୟଂ ତାଙ୍କ ଦ୍ୱାରା ଏହିସବୁ କ୍ଷମତାଗୁଡିକ ରଖାଯାଇଛି, ତାଙ୍କରି ପ୍ରେମ ଓ ଆଜ୍ଞାନୁବର୍ତ୍ତୀତାରେ ସେ ବିଲୀନ ହୋଇଯାଉ । ତା'ନ ହୋଇଥିଲେ ପରମେଶ୍ୱରଙ୍କ ମନରେ ଏହି ଇଚ୍ଛା କାହିଁକି ଜାଗ୍ରତ ହେଲା ଯେ ଲୋକମାନେ ତାଙ୍କୁ ପ୍ରେମ କରନ୍ତୁ, ତାଙ୍କର ଆଜ୍ଞାବହ ହୁଅନ୍ତୁ ଓ ତାହାଙ୍କ ମନସ୍କାମନା ପୂରଣ କରିବାରେ ନିଜର କର୍ତ୍ତବ୍ୟ ସଂପାଦନ କରିବାର ବ୍ୟଗ୍ରତା ପ୍ରକାଶ କରନ୍ତୁ ।

(ନସୀମେ ଦାୱତ, ରୁହାନୀ ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୩୮୫, ୩୮୬)

## ଆତ୍ମଶୁଦ୍ଧିର ଆବଶ୍ୟକତା

**କଦ୍ ଅଫ୍ଲହା ମନ୍‌ଜକ୍‌କାହା** قَدْ أَفْلَحَ مَنْ زَكَّىٰهَا *(ଅଶ୍ ଶମ୍‌ସ 91:10)*

'ଯିଏ ସେହି ଆତ୍ମାକୁ ପବିତ୍ର କରେ, ତା'ହେଲେ ଜାଣିନିଅ ଯେ ସେ ନିଜର ଲକ୍ଷ୍ୟ ହାସଲ କରେ ।'

'କୋଇ ଉସ୍ ପାକ୍‌ସେ ଯୋ ଦିଲ୍ ଲଗାୱେ
କରେ ପାକ୍ ଆପ୍‌କୋ ତବ୍ ଉସ୍‌କୋ ପାୱେ'

*ଯଦି ସେହି ପବିତ୍ରମୟଙ୍କୁ ପ୍ରେମ କରିବାକୁ ମନ*
*କଲେ ନିଜ ଆତ୍ମଶୁଦ୍ଧି, ତେବେଯାଇ ପାଇବ ସେହି ବ୍ରହ୍ମ*

ପ୍ରତ୍ୟେକ ଜାତିର ଲୋକଙ୍କ ପକ୍ଷରୁ ଏହା ଦାବି କରାଯାଏ ଯେ ଆମମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ଏପରି ଅଛନ୍ତି, ଯେଉଁମାନେ ଈଶ୍ୱରଙ୍କ ସହିତ ପ୍ରେମ କରନ୍ତି ସତ, ମାତ୍ର ଏହାର ପ୍ରମାଣ ଖୋଜନ୍ତି ଯେ ଈଶ୍ୱର ସେମାନଙ୍କୁ ଭଲ ପାଆନ୍ତି କି ନାହିଁ । ତେବେ ଈଶ୍ୱରଙ୍କ ପ୍ରେମର ପ୍ରମାଣ ହେଉଛି ଯେ ପ୍ରଥମତଃ ସେମାନଙ୍କ ହୃଦୟରୁ ସେହି ଆବିଳତାର ପରଦାକୁ ଉଠାଇ ଦିଅନ୍ତି, ଯାହା ଢାଙ୍କି ହୋଇ ରହିଥିବା ଯୋଗୁଁ ମନୁଷ୍ୟ ବାସ୍ତବ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ଭଲ ରୂପେ ବିଶ୍ୱାସ ରଖି ନଥାଏ । ଈଶ୍ୱରଙ୍କୁ ବୁଝିବାର ଏକ ଅନ୍ଧକାର ଓ ଅସ୍ପଷ୍ଟ ତତ୍ତ୍ୱ ସହିତ ସେହି ଅସ୍ତିତ୍ୱକୁ ସେ ଗ୍ରହଣ କରିଥାଏ । ଏପରିକି ଅନେକ ସମୟରେ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଲେ ସେ ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରତ୍ୟାଖ୍ୟାନ କରିଦିଏ । ଏହି ପରଦାକୁ ଉଠାଇବା ଈଶ୍ୱରଙ୍କ ସହିତ ବାର୍ତ୍ତା ବିନିମୟ ବ୍ୟତୀରେକେ ଅନ୍ୟ କୌଣସି ଉପାୟରେ ସମ୍ଭବ ନୁହେଁ । ସୁତରାଂ ମନୁଷ୍ୟ ସେହି ସ୍ତରକୁ ଯାଇ ଈଶ୍ୱରଙ୍କୁ ସଠିକ୍ ରୂପେ ବୁଝିବାର ଜ୍ଞାନରୂପୀ ଝରଣାର ସ୍ରୋତରେ ଲମ୍ଫ ପ୍ରଦାନ କରିପାରିବ, ଯେଉଁ ଦିନ ଈଶ୍ୱର ତାକୁ ସମ୍ବୋଧନ କରି 'ଅନଲ୍ ମୌଜୁଦ୍'– ଏହି ସୁସମ୍ବାଦ ଦେବେ ଯେ '**ମୁଁ ସର୍ବବିଦ୍ୟମାନ** ।' ମନୁଷ୍ୟ ସେହି ସ୍ତରକୁ ଗଲା ପରେ ତା'ର ବୋଧଶକ୍ତି କେବଳ ଅନୁମାନ କିମ୍ବା ତର୍କବିତର୍କ ମଧ୍ୟରେ ସୀମିତ ହୋଇ ରହିବ ନାହିଁ । ବରଂ ଈଶ୍ୱରଙ୍କର ଏତେ ପାଖକୁ ଚାଲି ଆସିବ ଯେପରିକି ସେ ତାଙ୍କୁ ଦେଖୁଛି । ଏହା ନିରାଟ ସତ୍ୟ ଯେ ପ୍ରଭୁଙ୍କ ପ୍ରତି

ସଂପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବା ସେହିଦିନ ମନୁଷ୍ୟ ଭାଗ୍ୟରେ ଜୁଟିବ, ଯେବେ କି ଅଲ୍ଲାଃ ପରମବ୍ରହ୍ମ ସ୍ୱୟଂ ନିଜ ଅସ୍ତିତ୍ୱ ସମ୍ବନ୍ଧରେ ମନୁଷ୍ୟକୁ ଅବଗତ କରାଇଥାନ୍ତି ।

ଈଶ୍ୱର ପ୍ରେମର ଦ୍ୱିତୀୟ ଲକ୍ଷଣ ହେଉଛି ଯେ ସେ ନିଜ ପ୍ରିୟ ଭକ୍ତମାନଙ୍କୁ କେବଳ ନିଜ ଅସ୍ତିତ୍ୱର ସୂଚନା ଦିଅନ୍ତି ତା'ନୁହେଁ, ବରଂ ନିଜ ଦୟା ଓ କରୁଣାର ନିଦର୍ଶନ ମଧ୍ୟ ସେମାନଙ୍କ ଉପରେ ବିଶେଷ ରୂପେ ପ୍ରକଟିତ କରାନ୍ତି । ତାହା ଏହିପରି ଭାବରେ ସମ୍ଭବ ହୋଇଥାଏ ଯେ ଈଶ୍ୱର ସେମାନଙ୍କ ପ୍ରାର୍ଥନା ଗ୍ରହଣ କରିଥାନ୍ତି, ଯେଉଁ ବିଷୟ ଆଶାତୀତ ଭାବେ ପ୍ରତୀୟମାନ ହୋଇଥାଏ । ନିଜର ଦୈବବାଣୀ ଓ ବାକ୍ୟାଳାପ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଅନ୍ତି । ସେତେବେଳେ ଯାଇ ସେମାନଙ୍କ ହୃଦୟ ସନ୍ତୋଷରେ ଭରିଯାଏ ଯେ ସତରେ ଏହି ହେଉଛନ୍ତି ଆମର ସର୍ବଶକ୍ତିମାନ ଈଶ୍ୱର ଯିଏ କି ଆମ ପ୍ରାର୍ଥନା ଶୁଣନ୍ତି, ଆମକୁ ତାହା ଜଣାନ୍ତି ଓ ଯାବତୀୟ ଦୁଃଖକଷ୍ଟରୁ ଆମକୁ ଉଦ୍ଧାର କରନ୍ତି । ଏହି ଉପାୟରେ ନିର୍ବାଣ ପ୍ରାପ୍ତିର ରହସ୍ୟ ବୁଝିହୁଏ ଓ ଈଶ୍ୱରଙ୍କ ସତ୍ତା ଜାଣିହୁଏ । ଯଦିବା ମନୁଷ୍ୟର ଚେତନା ଜାଗ୍ରତ କରିବା ଓ ଚେତାବନୀ ଦେବା ପାଇଁ କେବେ କେବେ ଅନ୍ୟମାନଙ୍କୁ ମଧ୍ୟ ସତ୍ୟ ସ୍ୱପ୍ନ ମାଧ୍ୟମରେ ଜଣାଇ ଦିଆଯାଏ । ମାତ୍ର ଏହି ପ୍ରକ୍ରୀୟାର ସ୍ତର ଓ ମହିମା ଭିନ୍ନ ଧରଣର । କେବଳ ଈଶ୍ୱରଙ୍କ ବାର୍ତ୍ତା ବିନିମୟ ହିଁ ତାଙ୍କର ପ୍ରିୟ ଅନୁଗ୍ରହୀତ ବ୍ୟକ୍ତିଙ୍କ ସହିତ ହୋଇଥାଏ । ଯେତେବେଳେ ସେହି ପ୍ରିୟ ଭକ୍ତ ପ୍ରାର୍ଥନା କରିଥାଏ, ଈଶ୍ୱର ନିଜ ମହାପ୍ରତାପ ଓ ଗୌରବମୟ ମହିମା ପ୍ରଦର୍ଶନ କରିଥାନ୍ତି । ଆପଣା ଦିବ୍ୟ ଆତ୍ମାର ପ୍ରକାଶ ତାଙ୍କ ପ୍ରତି ଅବତୀର୍ଣ୍ଣ କରିଥାନ୍ତି । ନିଜର ସୁମଧୁର ଓ ପ୍ରିତିମୟ ବାଣୀ ଦ୍ୱାରା ତାଙ୍କ ପ୍ରାର୍ଥନା ଗ୍ରହୀତ ହୋଇଥିବାର ଶୁଭ ସୂଚନା ଦିଅନ୍ତି । ଯେଉଁ ମାନବ ପ୍ରତି ଏହି ଦୈବିବାଣୀର ଧାରା ବାରମ୍ବାର ଅନୁଭୂତ ହୁଏ, ତାକୁ 'ଅବତାର' କିମ୍ବା ଅବତାରୀ ପୁରୁଷ 'ମୁହଦ୍‌ଦସ୍' କୁହାଯାଏ ।

(ହୁଜ୍‌ଜତୁଲ୍ ଇସଲାମ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୬, ପୃଷ୍ଠା ୪୨-୪୩)

ଜଣେ ସେବକ ଓ ଈଶ୍ୱରଭକ୍ତ ନିଜର ଭଦ୍ରଶୀଳ ଆଚରଣ ଦ୍ୱାରା ଈଶ୍ୱରଙ୍କ ପ୍ରତି ନିଜର ନିଷ୍ପାପର ପ୍ରେମ ବ୍ୟକ୍ତ କରିଥାଏ । ମାତ୍ର ଈଶ୍ୱରଙ୍କ ବ୍ୟବହାର ଏହା ତୁଳନାରେ ଅତି ଆଶ୍ଚର୍ଯ୍ୟ ! ଭକ୍ତର ଦ୍ରୁତ ଅଗ୍ରସରକୁ ଦେଖି ଈଶ୍ୱର ମଧ୍ୟ ତା'ଆଡକୁ ବିଜୁଳି ବେଗରେ ଧାଇଁ ଯାଆନ୍ତି । ସ୍ୱର୍ଗ ଓ ମର୍ତ୍ତ୍ୟରେ, ଆକାଶ ଓ

ପୃଥିବୀରେ ତା'ନିମନ୍ତେ ଦୈବି ଚିହ୍ନମାନ ପ୍ରକାଶ କରନ୍ତି । ତା'ର ସଖାମାନଙ୍କ ସଖା ଓ ଶତ୍ରୁମାନଙ୍କର ଶତ୍ରୁ ହୋଇଯାଆନ୍ତି । ଯଦି ପଚାଶ କୋଟି ଲୋକ ତା'ବିରୁଦ୍ଧରେ ଛିଡା ହୋଇଯାଆନ୍ତି, ତା'ହେଲେ ସେମାନଙ୍କୁ ସେ ଏପରି ଅପଦସ୍ତ ଓ ପଦ ଦଳିତ କରିଦିଅନ୍ତି, ଯେପରି ଏକ ମୃତ କୀଟ । କେବଳ ଏକମାତ୍ର ମନୁଷ୍ୟ ସକାଶେ ସମଗ୍ର ବିଶ୍ୱକୁ ଧ୍ୱଂସ କରି ଦେବାର ସାମର୍ଥ୍ୟ ରଖିଥାନ୍ତି । ଏବଂ ନିଜର ସ୍ୱର୍ଗ ଓ ମର୍ତ୍ତ୍ୟ ଲୋକକୁ ତା'ର ସେବକ କରିଦିଅନ୍ତି । ତା'ର ବଚନରେ ଆଶୀଷ ଭରିଦିଅନ୍ତି । ତା'ର ଆବାସିକ ସ୍ଥଳ ଉପରେ ଦିବ୍ୟଜ୍ୟୋତିର ବର୍ଷା କରନ୍ତି । ତା'ର ପରିଧାନରେ, ତା'ର ଆହାରରେ ଓ ତା'ର ପାଦ ପଡୁଥିବା ମାଟି ଓ ଧୂଳିକଣା ଉପରେ କଲ୍ୟାଣ ସଞ୍ଚାରିତ ହୁଏ । ତାକୁ କେବେ ବିଫଳତାର ମୃତ୍ୟୁ ଦିଆଯାଏ ନାହିଁ । ତା'ବିରୁଦ୍ଧରେ ହେଉଥିବା ପ୍ରତ୍ୟେକ ପ୍ରକାର ଅଭିଯୋଗର ସେ ଉତ୍ତର ଦିଅନ୍ତି । ସେ ତା'ର ଚକ୍ଷୁ ହୋଇଯାଆନ୍ତି, ଯାହା ଦ୍ୱାରା ସେ ଦେଖେ । ସେ ତା'ର କର୍ଣ୍ଣ ହୋଇଯାଆନ୍ତି, ଯାହା ଦ୍ୱାରା ସେ ଶୁଣେ, ସେ ତା'ର ଜିହ୍ୱା ହୋଇଯାଆନ୍ତି, ଯାହା ସାହାଯ୍ୟରେ ସେ କଥା କୁହେ । ସେ ତା'ର ପାଦ ହୋଇଯାଆନ୍ତି, ଯାହା ଦ୍ୱାରା ସେ ଚାଲେ । ସେ ତା'ର ହସ୍ତ ହୋଇଯାଆନ୍ତି, ଯାହା ସାହାଯ୍ୟରେ ସେ ଶତ୍ରୁ ଉପରେ ଆକ୍ରମଣ କରେ । ସେ ତା'ର ଶତ୍ରୁର ମୁକାବିଲା ପାଇଁ ବାହାରି ପଡନ୍ତି । ତାକୁ କଷଣ ଦେଉଥିବା ଦୁଷ୍ଟମାନଙ୍କ ବିରୁଦ୍ଧରେ ସେ ସ୍ୱୟଂ ଖଡ୍‌ଗ ଉତ୍ତୋଳନ କରନ୍ତି ଏବଂ ତାକୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ କରାନ୍ତି । ତାହା ଉପରେ ନିଜର ସ୍ୱର୍ଗୀୟ ନିଷ୍ପତ୍ତିର ଗୁପ୍ତ ଭେଦକୁ ପ୍ରକଟିତ କରନ୍ତି । ମନୁଷ୍ୟର ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟର ପରାକାଷ୍ଠା ଯାହା ତା'ର ଭଦ୍ର ଆଚରଣ ଓ ବ୍ୟକ୍ତିଗତ ପ୍ରେମ ଦ୍ୱାରା ପରିପ୍ରକାଶ ହୋଇଥାଏ, ତାର ସର୍ବପ୍ରଥମ କ୍ରେତା ହେଉଛନ୍ତି ସ୍ୱୟଂ ଈଶ୍ୱର । ତେଣୁ ସେହି ବ୍ୟକ୍ତି କେତେ ହତଭାଗା, ଯେଉଁମାନେ ଏପରି ଯୁଗ ପାଇଛନ୍ତି । ଏପରି ଏକ ଉଦ୍ଦୀପ୍ତ ସୂର୍ଯ୍ୟ ସେମାନଙ୍କ ଉପରେ ଉଦୟ ହୋଇଛି, ଅଥଚ ସେମାନେ ଅନ୍ଧକାର ମଧ୍ୟରେ ବସି ରହିଛନ୍ତି ।

(ବରାହିନେ ଅହମଦିୟା, ପଞ୍ଚମ ଭାଗ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୧, ପୃଷ୍ଠା ୨୨୫)

ଆଧ୍ୟାତ୍ମିକ ସ୍ୱରୂପର ଗଠନ ସଂପୂର୍ଣ୍ଣ ହେଲା ପରେ ଈଶ୍ୱରଙ୍କ ବ୍ୟକ୍ତିଗତ ପ୍ରେମର ବହ୍ନି ମନୁଷ୍ୟ ହୃଦୟରେ ଏକ ଆତ୍ମା ସଦୃଶ ପଡିଥାଏ । ଈଶ୍ୱରଙ୍କ ଚିରଶାଶ୍ୱତ ଅବସ୍ଥା ତାକୁ ଅର୍ପଣ କରାଯାଏ, ଯାହା ଚରମ ସୀମାରେ ପହଞ୍ଚି ଥାଏ । ସେତିକିବେଳେ

ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ନିଜ ଚେହେରାକୁ ପୂର୍ଣ୍ଣମାତ୍ରାରେ ପ୍ରକଟିତ କରାଏ । ମାତ୍ର ଏହି ସୌନ୍ଦର୍ଯ୍ୟ ଯାହା ଆଧ୍ୟାତ୍ମିକତାରେ ଭରପୁର, ଭଦ୍ରଶାଳୀନ ଉତ୍କର୍ଷ ବ୍ୟବହାରର ପ୍ରତୀକ ବୋଲି କୁହାଯାଇ ପାରିବ । ଏହାର ତୀବ୍ର ଆକର୍ଷଣ ବଳରେ ମୁଖମଣ୍ଡଳର ପାର୍ଥିବ ସୌନ୍ଦର୍ଯ୍ୟ ଠାରୁ ତାହା ବହୁ ଦୂରକୁ ଅତିକ୍ରମ କରି ଯାଇଥାଏ । କାରଣ ମୁହଁର ସୌନ୍ଦର୍ଯ୍ୟ କେବଳ ଜଣେ ବା ଦୁଇଜଣ ବ୍ୟକ୍ତିଙ୍କ କ୍ଷଣସ୍ଥାୟୀ ପ୍ରେମଭାବକୁ ବିମୋହିତ କରିପାରେ, ଯାହା ଅଚିରେ ଉଭେଇଯିବ ଓ ଏହାର ଆକର୍ଷଣ ଶକ୍ତି ଅତି ଦୁର୍ବଳ । କିନ୍ତୁ ଆଧ୍ୟାତ୍ମିକତାର ସେହି ରୂପ ଲାବଣ୍ୟ ଯାହାକୁ ସଦାଚରୀତା କୁହାଯାଏ, ତାହା ନିଜ ଆଡକୁ ଆକର୍ଷଣ କରିବାରେ ଏପରି ଭାବରେ ଶକ୍ତ ହୋଇଥାଏ ଯେ ସମଗ୍ର ପୃଥିବୀ ତା'ପ୍ରତି ଆପେ ଟାଣି ହୋଇ ଆସେ । ଯଦ୍ଦ୍ୱାରା ଆକାଶ ଓ ପୃଥିବୀର ପ୍ରତ୍ୟେକ ଉପାଦାନ କ୍ଷୁଦ୍ର କଣିକା ତାଙ୍କ ପାଖକୁ ଆକୃଷ୍ଟ ହୋଇ ଚାଲିଆସେ । ପ୍ରଭୁଙ୍କ ଛାମୁରେ ପ୍ରାର୍ଥନା ଗ୍ରହୀତ ହେବାର ଏହା ହିଁ ପ୍ରକୃତ ଦର୍ଶନ ।

ଯେତେବେଳେ ଏହି ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟସଂପନ୍ନ ବ୍ୟକ୍ତି ଯାହାର ଅନ୍ତରରେ ସ୍ୱର୍ଗୀୟ ପ୍ରେମର ଆତ୍ମା ପ୍ରବେଶ କରିଯାଏ, ସେ ଯେବେ ଏକ ଅସମ୍ଭବ ଓ ଅତି କଷ୍ଟକର ଜଣାପଡୁଥିବା ବିଷୟରେ ପ୍ରାର୍ଥନା କରେ ତଥା ସେହି ପ୍ରାର୍ଥନାକୁ ଚରମ ସୀମାରେ ପହଞ୍ଚାଇ ଦିଏ । ସେହି ଅବସ୍ଥାରେ ଯେହେତୁ ତା'ର ଅସ୍ତିତ୍ୱରେ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ରହିଥାଏ, ତେଣୁ ସେଥିପାଇଁ ବିଶ୍ୱର ପ୍ରତି କ୍ଷୁଦ୍ରାତିକ୍ଷୁଦ୍ର ରେଣୁ ତାହାରି ଆଡକୁ ଈଶ୍ୱରଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇ ଆକର୍ଷଣ ପୂର୍ବକ ଚାଲି ଆସେ । ସେହି ସବୁ ଉପାଦାନ ତାକୁ ଯୋଗାଇ ଦିଆଯାଏ, ଯାହା ତା'ର ସଫଳତା ପାଇଁ ଯଥେଷ୍ଟ ହୋଇପାରିବ । ଅଭିଜ୍ଞତା ଦୃଷ୍ଟିରୁ ତଥା ଐଶି ଗ୍ରନ୍ଥମାନଙ୍କରୁ ଏହା ପ୍ରମାଣିତ ଯେ ବିଶ୍ୱର ପ୍ରତ୍ୟେକ କଣିକାର ସେହି ବ୍ୟକ୍ତି ପ୍ରତି ଏକ ସ୍ୱାଭାବିକ ପ୍ରେମ ରହିଥାଏ ଏବଂ ତା'ର ସଶ୍ରଦ୍ଧ ପ୍ରାର୍ଥନାର ପ୍ରଭାବ ସମସ୍ତ ଉପାଦାନକୁ ନିଜ ଆଡକୁ ଏପରି ଆକର୍ଷିତ କରିଥାଏ, ଯେପରି ଚୁମ୍ବକ ଲୁହାକୁ ଟାଣେ । ଏହି ଆକର୍ଷଣ ଯୋଗୁଁ ଅନେକ ଅସାଧାରଣ ଘଟଣା ଲୋକଲୋଚନକୁ ଆସେ, ଯାହା ପଦାର୍ଥ ବିଜ୍ଞାନ କିମ୍ବା ଦର୍ଶନ ଶାସ୍ତ୍ରରେ ଦେଖିବାକୁ ମିଳେ ନାହିଁ । ଜଗତର ସୃଷ୍ଟିକର୍ତ୍ତା ପାର୍ଥିବ ପିଣ୍ଡଗୁଡିକୁ ଯେବେଠାରୁ ସୂକ୍ଷ୍ମ ଉପାଦାନମାନଙ୍କ ମଧ୍ୟରୁ ଗଢ଼ିଛନ୍ତି, ସେବେଠାରୁ ପ୍ରତ୍ୟେକ ଅଣୁ ପରମାଣୁରେ ଆକର୍ଷଣୀୟ ଶକ୍ତି ତାହା ମଧ୍ୟରେ ସ୍ଥାପନ କରିଛନ୍ତି । ପ୍ରତ୍ୟେକ

ଅଣୁ ସେହି ସ୍ୱର୍ଗୀୟ ସୁନ୍ଦରତା ପ୍ରତି ଘନିଷ୍ଠ ପ୍ରେମିକ ହୋଇଯାଏ । ତଦନୁରୂପ ପ୍ରତିଟି ଜୀବାତ୍ମା ସେହି ସୌନ୍ଦର୍ଯ୍ୟ ଯୋଗୁଁ ସତ୍ୟର ସ୍ପଷ୍ଟ ନିଦର୍ଶନ ହୋଇ ଦେଖାଯାଏ । ଏହା ସେହି ସୌନ୍ଦର୍ଯ୍ୟ ଥିଲା, ଯାହାକୁ ପ୍ରଦର୍ଶିତ କରିବା ପାଇଁ ପରମେଶ୍ୱର ଦେବଦୂତମାନଙ୍କୁ ଆଦେଶ ଦେଇଥିଲେ :

اسْجُدُوْا لِاٰدَمَ فَسَجَدُوْٓا اِلَّآ اِبْلِيْسَ

**'ଉସ୍‌ଜୁଦୂଲି ଆ'ଦମା ଫଂସଜଦୁ ଇଲ୍ଲା ଇବ୍‌ଲିସା' (ଅଲ ବକରା *2:35*)**

ଅର୍ଥାତ 'ତୁମେମାନେ ଆଦମ୍‌ଙ୍କ ଆଜ୍ଞାନୁବର୍ତ୍ତୀ ହୁଅ । ସେତେବେଳେ ସେମାନେ ଆଜ୍ଞାନୁବର୍ତ୍ତୀ ହେଲେ, କିନ୍ତୁ ଇବଲିସ ହେଲା ନାହିଁ ।'

ଆଜିକାଲି ମଧ୍ୟ ସେହି ଇବଲିସ ସଦୃଶ (ମାନବିକତା ବିରୋଧି ଗୋଷ୍ଠୀର ନେତା –ଅନୁବାଦକ) ଦୁଷ୍ଟ ଶକ୍ତିସଂପନ୍ନ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସେହି ସୌନ୍ଦର୍ଯ୍ୟକୁ ଚିହ୍ନିବେ ନାହିଁ । ମାତ୍ର ସେହି ସୌନ୍ଦର୍ଯ୍ୟ ବଡ ବଡ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥାଏ ।

ହଜରତ ନୋହାଙ୍କ ଠାରେ ସେହି ସୌନ୍ଦର୍ଯ୍ୟ ରହିଥିଲା । ତାଙ୍କ ଅବତାରତ୍ୱର ସମ୍ମାନ ରକ୍ଷା କରିବାକୁ ଯାଇ ମହା ମହିମାମୟ ଓ ଗୌରବଶାଳୀ ଈଶ୍ୱର ବନ୍ୟାଜଳର ତାଣ୍ଡବ ଦ୍ୱାରା ତାଙ୍କର ସମସ୍ତ ଶତ୍ରୁଙ୍କୁ ବିନାଶ କରିଥିଲେ । ହଜରତ ମୋସେସ ଠିକ ସେହି ଦୈବି ସୌନ୍ଦର୍ଯ୍ୟ ବହନ କରି ଆସିଲେ ଓ ଅଳ୍ପ କେଇ ଦିନ କଷ୍ଟ ଭୋଗ କରି ଶେଷରେ ଫିରୌନ୍ (ଫାରୋ ରାଜା)ଙ୍କୁ ଜଳରେ ବୁଡାଇ ମାରିଲେ । ପୁଣି ସର୍ବଶେଷରେ ଅବତାର ଶ୍ରେଷ୍ଠ ମୁହମ୍ମଦ[ସଅ] ସର୍ବୋତ୍ତମ ଆଧ୍ୟାତ୍ମିକ ଗୌରବର ସୌନ୍ଦର୍ଯ୍ୟ ଧାରଣ କରି ଆବିର୍ଭୂତ ହେଲେ । ତାଙ୍କ ପ୍ରଶଂସାରେ ଏହି କୁରଆନ ବାଣୀ ଉଲ୍ଲେଖ କରିବା ଯଥେଷ୍ଟ ହେବ ।

دَنَا فَتَدَلّٰى ـ فَكَانَ قَابَ قَوْسَيْنِ اَوْ اَدْنٰى ـ

**ଦନା ଫତଦଲ୍ଲା ଫକାନା କା'ବା କୌସୈନି ଅଓ୍ ଅଦ୍‌ନା**

*(ଅନ୍ ନଜ୍‌ମ 53:9-10)*

ଅର୍ଥାତ 'ସେହି ଅବତାର ଈଶ୍ୱରଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇଗଲେ । ପୁଣି ସୃଷ୍ଟିଜଗତ ଆଡକୁ ଅବନତ ହେଲେ ।' ଏହିପରି ଭାବରେ ଉଭୟ କର୍ତ୍ତବ୍ୟ, ପ୍ରଥମତଃ

ଈଶ୍ୱରଙ୍କ ପ୍ରତି ରହିଥିବା କର୍ତ୍ତବ୍ୟ ଓ ଦ୍ୱିତୀୟତଃ ମାନବଜାତି ପ୍ରତି ନିଜର କର୍ତ୍ତବ୍ୟ ସମ୍ପାଦନ କଲେ । ଏତଦ୍ୱାରା ଦୁଇଟିଯାକ ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ନମୁନା ପ୍ରଦର୍ଶନ କରି ଦେଖାଇଲେ ।

(ବରାହିନେ ଅହମଦିୟା, ପଞ୍ଚମ ଭାଗ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୧, ପୃଷ୍ଠା୨୧୯-୨୨୧)

ସେହି ଧର୍ମ ସମ୍ମିଳନୀରେ ପାଠ କରାଯାଇଥିବା ଏକ ସନ୍ଦର୍ଭ ବର୍ଣ୍ଣନାକାରୀ ଏହିପରି କହିଲେ ଯେ ପରମେଶ୍ୱର କ୍ରୋଧ, ହିଂସା, ଦ୍ୱେଷ, ଶତ୍ରୁତା ଓ ଘୃଣା ଆଦିରୁ ମୁକ୍ତ । ବୋଧହୁଏ ପବିତ୍ର କୁରଆନରେ ଈଶ୍ୱରଙ୍କ ପ୍ରତି 'ଗଜବ୍' ଅର୍ଥାତ କ୍ରୋଧ ଶବ୍ଦ ବ୍ୟବହୃତ ହୋଇଛି । ଏହାର ବିପରୀତରେ ସେ ଏହା ସୂଚାଇ ଦେବାକୁ ଚାହୁଁଥିଲେ ଯେ କୁରଆନ ତୁଳନାରେ ବେଦରେ ଏହି ଦୃଢ଼ୋକ୍ତି ରହିଛି ଯେ ଈଶ୍ୱର କ୍ରୋଧିତ ହେବାରୁ ପବିତ୍ର, ଅଥଚ କୁରଆନରେ ଲେଖାଅଛି ଯେ ସେ କ୍ରୋଧ ବା ମହାକୋପ କରନ୍ତି । କିନ୍ତୁ ଏହା କହିବା ଆଦୌ ଠିକ୍ ନୁହେଁ । ଏଠାରେ ମନେ ରଖିବାକୁ ହେବ ଯେ କୌଣସି ମହାପ୍ରକୋପ ବା ଅଭିଶାପ ଜନିତ ଦୈବିଗୁଣ ଅତ୍ୟଧିକ ମାତ୍ରାରେ ଈଶ୍ୱରଙ୍କ ଠାରେ ନାହିଁ । ବରଂ ପବିତ୍ର କୁରଆନରେ 'ଗଜବ୍' ଶବ୍ଦର ତାତ୍ପର୍ଯ୍ୟ ହେଉଛି ଯେ ଈଶ୍ୱରଙ୍କ ପବିତ୍ରମୟ ସତ୍ତାରେ କ୍ରୋଧର ସାଦୃଶ୍ୟ ରକ୍ଷା କରୁଥିବା ଏକ ଦିବ୍ୟଗୁଣ ପରିଲକ୍ଷିତ ହୁଏ ଏବଂ ଏହି ଗୁଣର ସେତେବେଳେ ଆବଶ୍ୟକ ପଡିଥାଏ, ଯେବେ ଜଣେ ଅବଜ୍ଞାକାରୀ ନିଜ ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଛାଡିବାକୁ ଆଦୌ ପ୍ରସ୍ତୁତ ହୁଏ ନାହିଁ, ସେ ଏଥିପାଇଁ ତାକୁ ଶାସ୍ତିବିଧାନ କରନ୍ତି । ଦ୍ୱିତୀୟ ଦିବ୍ୟଗୁଣଟି ପ୍ରେମର ପ୍ରତୀକ, ଯାହା ଜଣେ ଆଜ୍ଞାପାଳନକାରୀ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ହୋଇଥାଏ । ଏହି ପ୍ରେମ ବଳରେ ତା'ର ଆଜ୍ଞାବହତାର ପ୍ରତିଫଳ ସ୍ୱରୂପ ସେ ପୁରସ୍କାର ପାଏ । ଏହି ତତ୍ତ୍ୱକୁ ବୁଝାଇବା ପାଇଁ ପ୍ରଥମ ଦୈବିଗୁଣକୁ **'ଗଜବ୍'(କ୍ରୋଧ)**ଏବଂ ଦ୍ୱିତୀୟଟିକୁ **'ମୁହବତ୍'(ପ୍ରେମ)**ର ଆଖ୍ୟା ଦିଆଯାଇଛି । କିନ୍ତୁ ଏହି ପ୍ରଚଣ୍ଡ କ୍ରୋଧ ବା ମହାକୋପ ଜଣେ କ୍ରୋଧାନ୍ୱୀତ ବ୍ୟକ୍ତିର କ୍ରୋଧ ପରି ନୁହେଁ, ନା କି ସେହି ସ୍ୱର୍ଗୀୟ ପ୍ରେମ ମାନବସୁଲଭ ପ୍ରେମ ପରି ହୋଇପାରିବ । ଯେପରି କି ସ୍ୱୟଂ ଈଶ୍ୱର କହିଛନ୍ତି :

**ଲୈସା କମିସ୍‌ଲେହୀ ଶୈୟୁନ୍** - لَيْسَ كَمِثْلِهٖ شَيْءٌ *(ଅଶ୍ ଶୁରା 42:12)*

ଅର୍ଥାତ 'ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଓ ଦିବ୍ୟ ଗୁଣାବଳୀ ସମ କୌଣସି ବସ୍ତୁ ନାହିଁ ।'

ଆମେ କ'ଣ ଭଲା ସେହି ବକ୍ତାଙ୍କୁ ପ୍ରଶ୍ନ କରିବୁ ଯେ ଆର୍ଯ୍ୟସମାଜୀଙ୍କ ବେଦ ଅନୁସାରେ ତାଙ୍କ ପରମେଶ୍ୱର କାହିଁକି ପାପୀମାନଙ୍କୁ ଶାସ୍ତି ଦିଅନ୍ତି ? ଏପରିକି ସେହି ଶାସ୍ତି ସ୍ୱରୂପ ମାନବୀୟ ମର୍ଯ୍ୟାଦାରୁ ତଳକୁ ଖସାଇ ସେମାନଙ୍କୁ କୁକୁର, ଘୁଷୁରୀ, ମାଙ୍କଡ ଓ ବିରାଡି ଆଦି ପଶୁ କରିଦିଅନ୍ତି । ତେଣୁ ପରିଶେଷରେ ଏହା ସ୍ୱୀକାର କରିବାକୁ ପଡିବ ଯେ ଈଶ୍ୱରଙ୍କର ଏପରି ଏକ ଗୁଣ ରହିଥିବ, ଯାହା ବଳରେ ମନୁଷ୍ୟର କର୍ମଫଳ ସ୍ୱରୂପ ଏହି ଶାସ୍ତି ଦିଆଯିବ । ଏହି ଦିବ୍ୟଗୁଣର ନାମ ପବିତ୍ର କୁରଆନରେ 'ଗଜବ୍' କୁହାଯାଇଛି... ଯେତେବେଳେ ସତ୍‌କର୍ମ କରୁଥିବା ବ୍ୟକ୍ତିଙ୍କୁ ଈଶ୍ୱର ପୁରସ୍କାର ଦିଅନ୍ତି, ସେତେବେଳେ କୁହାଯାଏ ଯେ ସେ ତାକୁ ଭଲ ପାଉଛନ୍ତି । ଯଦି ଜଣେ ମନ୍ଦକର୍ମ କରୁଥିବା ବ୍ୟକ୍ତିଙ୍କୁ ସେ ଶାସ୍ତି ଦିଅନ୍ତି, ସେତେବେଳେ କୁହାଯାଏ ଯେ ସେ ତା'ପ୍ରତି କ୍ରୋଧିତ ହୋଇଛନ୍ତି । ତେଣୁ ବେଦରେ ଯେପରି କ୍ରୋଧ ବିଷୟରେ ଉଲ୍ଲେଖ ରହିଛି, ସେହିପରି କୁରଆନରେ ମଧ୍ୟ କ୍ରୋଧର ବର୍ଣ୍ଣନା କରାଯାଇଛି । କିନ୍ତୁ ଫରକ ହେଉଛି ଏତିକି ଯେ ବେଦରେ ଈଶ୍ୱରଙ୍କ କ୍ରୋଧର ବର୍ଣ୍ଣନା ଏପରି ସୀମାରେ ପହଞ୍ଚାଇ ଦିଆଯାଇଛି ଯେ ତାଙ୍କର ପ୍ରଚଣ୍ଡ ପ୍ରକୋପ ଯୋଗୁଁ ମନୁଷ୍ୟର ପାପର ପ୍ରତିଫଳ ସ୍ୱରୂପ ତାକୁ କୀଟରେ ପରିଣତ ହେବାକୁ ପଡିବ । ମାତ୍ର କୁରଆନରେ କ୍ରୋଧର ପରିଣତି ସେହି ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଇ ନାହିଁ । ବରଂ ପବିତ୍ର କୁରଆନରେ ଲେଖାଯାଇଛି ଯେ ଈଶ୍ୱର ଶାସ୍ତି ପ୍ରଦାନ କରିବା ସତ୍ତ୍ୱେ ତଥାପି ମନୁଷ୍ୟକୁ ମନୁଷ୍ୟ କରି ରଖିଥାଏ । ଅନ୍ୟ କୌଣସି ଯୋନରେ ତାକୁ ସେ ପକାନ୍ତି ନାହିଁ । ଏଥିରୁ ପ୍ରମାଣିତ ହେଉଛି ଯେ ପବିତ୍ର କୁରଆନ ଦୃଷ୍ଟିକୋଣରୁ ଈଶ୍ୱରଙ୍କ ପ୍ରେମ ଓ ଦୟା ତାଙ୍କ କ୍ରୋଧ ଠାରୁ ମଧ୍ୟ ଅଧିକ । କିନ୍ତୁ ବେଦକୁ ଅଧ୍ୟୟନ କଲେ ସେଥିରେ ପାପୀମାନଙ୍କ ଶାସ୍ତି ଅଜସ୍ର ଓ ଅସୁମାରୀ, ପରମେଶ୍ୱରଙ୍କ ଠାରେ କେବଳ କ୍ରୋଧ ହିଁ କ୍ରୋଧ ଭରି ରହିଥାଏ ଓ ଦୟାର କୌଣସି ଚିହ୍ନବର୍ଣ୍ଣ ନାହିଁ । ଅନ୍ୟ ପକ୍ଷେ ପବିତ୍ର କୁରଆନରେ ସ୍ପଷ୍ଟ ରୂପେ କୁହାଯାଇଛି ଯେ ନର୍କବାସୀଙ୍କ ପାଇଁ ଏପରି ଏକ ସମୟ ଆସିବ, ଯେତେବେଳେ ସମସ୍ତଙ୍କ ପ୍ରତି ଈଶ୍ୱରଙ୍କ କରୁଣା ଉଦ୍ରେକ ହେବ ଓ ସେମାନଙ୍କ ପରିଣାମ ଅତ୍ୟନ୍ତ ଭଲ ହେବ ।

(ଚଶମା ଏ ମାରିଫତ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃଷ୍ଠା ୪୬-୫୦)

## ଈଶ୍ୱରଙ୍କ ସାମ୍ରାଜ୍ୟ ଆକାଶ ଓ ପୃଥିବୀରେ ପରିବ୍ୟାପ୍ତ

ବାଇବେଲରେ ଲେଖାଅଛି ଯେ ତୁମେମାନେ ଏହିପରି ପ୍ରାର୍ଥନା କର, 'ହେ ଆମର ପିତା ଯିଏ ଆକାଶରେ ଅଛ ! ତୁମ ନାମ ପବିତ୍ର, ପୃଥିବୀରେ ତୁମ ସାମ୍ରାଜ୍ୟ ପ୍ରତିଷ୍ଠା ହେଉ । ତୁମ୍ଭ ଇଚ୍ଛା ଯେପରି ଆକାଶରେ କାର୍ଯ୍ୟକାରୀ ହେଉଛି, ତାହା ଭୁପୃଷ୍ଠରେ ମଧ୍ୟ ପ୍ରଚଳିତ ହେଉ । ଆଜି ଆମକୁ ଆମର ଦୈନନ୍ଦିନ ରୁଟି ଦେଇଦିଅ । ଯେପରି ଆମେ ଋଣଗ୍ରହୀତା ବ୍ୟକ୍ତିଙ୍କୁ ଋଣମୁକ୍ତ କରିଦେଉଛୁ, ତୁମ୍ଭେ ସେପରି ଆମର ଋଣ ବୋଝରୁ ଆମକୁ ମୁକ୍ତ କରିଦିଅ । ତୁମ୍ଭେ ଆମମାନଙ୍କୁ ପରୀକ୍ଷାରେ ପକାଅ ନାହିଁ । ବରଂ ତୁମ୍ଭେ ଆମମାନଙ୍କୁ ପାପରୁ ଉଦ୍ଧାର କର । କାରଣ ସାମ୍ରାଜ୍ୟ, କ୍ଷମତା ଓ ପ୍ରତିପତ୍ତି ଏସବୁ କେବଳ ତୁମ୍ଭ ସକାଶେ ଉଦ୍ଦିଷ୍ଟ ।' *(ମାଥିଉ ୬:୯-୧୩)*

କିନ୍ତୁ ପବିତ୍ର କୁରଆନ ଏହି ଶିକ୍ଷା ଦିଏ ଯେ ଏହି ପୃଥିବୀ ଈଶ୍ୱରଙ୍କ ପବିତ୍ରତାରୁ ଶୂନ୍ୟ ନୁହେଁ । କେବଳ ଆକାଶରେ ନୁହେଁ, ଏହି ଧରଣୀ ବକ୍ଷରେ ମଧ୍ୟ ପ୍ରଭୁଙ୍କ ପବିତ୍ରତାର ମହିମାଗାନ କରାଯାଇଛି ।

ଯେପରି କି ସେ କହିଛନ୍ତି :

وَإِن مِّن شَيْءٍ إِلَّا يُسَبِّحُ بِحَمْدِهِ

**ୱଇମ୍‌ମିନ୍ ଶୈଇନ୍ ଇଲ୍ଲା ୟୁସବ୍‌ବିହୁ ବିହମ୍‌ଦିହୀ ।**

*(ବନି ଇସ୍ରାଇଲ୍ **17:45**)*

يُسَبِّحُ لِلَّهِ مَا فِي السَّمَاوَاتِ وَمَا فِي الْأَرْضِ

**ୟୁସବ୍‌ବିହୁ ଲିଲ୍ଲାହି ମାଫିସ୍‌ସମାୱାତି ୱମାଫିଲ୍ ଅର୍‌ଜ୍ ।**

*(ଅଲ ଜୁମା **62:2**)*

ଅର୍ଥାତ 'ଏହି ପୃଥିବୀ ଓ ଆକାଶର ଅଣୁ ପରମାଣୁ ପ୍ରଭୁଙ୍କ ପ୍ରଶଂସା ଗାନ କରୁଛନ୍ତି ଓ ତାଙ୍କ ପବିତ୍ରତାର ଅହରହ ଜୟଗାନ କରୁଛନ୍ତି ।' ଏବଂ ଯାହାକିଛି ଏମାନଙ୍କ ମଧ୍ୟରେ ରହିଛି, ସେ ସକଳ ବସ୍ତୁ ଈଶ୍ୱରଙ୍କ ମହିମା ଓ ପବିତ୍ରତାର ଗୁଣଗାନ କରିବାରେ ନିୟୋଜିତ ରହିଛନ୍ତି । ପର୍ବତ ତାଙ୍କ ଯଶଗାନ କରିବାରେ ନିମଜ୍ଜିତ । ସାଗର ତାହାଙ୍କ ସ୍ତୁତିଗାନ କରୁଛି । ବୃକ୍ଷରାଜି ତାହାଙ୍କ ସେବାରେ

ଧ୍ୟାନରତ । ବହୁ ସଦାଚାରୀ ଧର୍ମପ୍ରାଣ ବ୍ୟକ୍ତି ତାଙ୍କ ଉପାସନାରେ ନିମଗ୍ନ । କିନ୍ତୁ ଯେଉଁ ବ୍ୟକ୍ତି ତା'ର ହୃଦୟ ଓ ଜିହ୍ୱାରୁ ଉଚ୍ଚାରିତ ବାକ୍ୟ ଦ୍ୱାରା ଈଶ୍ୱରଙ୍କ ଜୟଗାନ କରିବାରେ ମଗ୍ନ ରହୁ ନାହିଁ ତଥା ପ୍ରଭୁଙ୍କ ସମକ୍ଷରେ ବିନମ୍ରତା ପ୍ରଦର୍ଶନ କରୁ ନାହିଁ, ସେପରି ବ୍ୟକ୍ତିଙ୍କୁ ଈଶ୍ୱର ଯାବତୀୟ ଦୈବି ବିପତ୍ତି ଓ ଦୁଃଖଦୁର୍ଦ୍ଦଶା ଦ୍ୱାରା ପରୀକ୍ଷାରେ ପକାଇ ତାକୁ ବିନମ୍ର କରାଇଥାନ୍ତି । ଦେବଦୂତଗଣ ଯେପରି ଏକାଗ୍ରତାର ସହିତ ପ୍ରଭୁଙ୍କର ସଂପୂର୍ଣ୍ଣ ଆଜ୍ଞାବହ ହୋଇ କାର୍ଯ୍ୟ କରୁଛନ୍ତି, ଯାହାର ଉଲ୍ଲେଖ ପବିତ୍ର କୁରଆନରେ ରହିଛି । ତଦନୁରୂପ ପ୍ରତିଟି ପତ୍ରଲତା, ପ୍ରତ୍ୟେକ ପଦାର୍ଥ କଣିକା ଈଶ୍ୱରଙ୍କ ପ୍ରତି ଆଜ୍ଞାନୁବର୍ତ୍ତୀତାର ଭାବ ବ୍ୟକ୍ତ କରୁଥିବା ବିଷୟ ମଧ୍ୟ ସେଥିରେ ରହିଛି । ତାହାଙ୍କ ଆଜ୍ଞା ନହେଲେ ଗଛରୁ ପତ୍ରଟିଏ ମଧ୍ୟ ତଳେ ପଡେ ନାହିଁ । ତାହାଙ୍କ ଆଦେଶ ବିନା କୌଣସି ଔଷଧ ମଧ୍ୟ ରୋଗୀକୁ ଆରୋଗ୍ୟ ପ୍ରଦାନ କରିପାରେ ନାହିଁ, ନା କୌଣସି ସୁଷମ ଖାଦ୍ୟ କାହାକୁ ଉତ୍ତମ ସ୍ୱାସ୍ଥ୍ୟ ଦେଇପାରେ । ପାର୍ଥିବ ଜଗତର ପ୍ରତ୍ୟେକ ଉପାଦାନ ଈଶ୍ୱରଙ୍କ ଶ୍ରୀଛାମୁରେ ଶରଣାଗତ ହୋଇ ମସ୍ତକ ପ୍ରଣିପାତ କରୁଛି ଓ ଅହରହ ନିଜର ଆନୁଗତ୍ୟ ପ୍ରକାଶ କରୁଛି । ପାହାଡ ପର୍ବତର ଶୀଳାଖଣ୍ଡ ଓ ଭୂପୃଷ୍ଠର ପ୍ରତ୍ୟେକ ବସ୍ତୁକଣିକା, ସାଗର ଓ ନଦୀର ପ୍ରତ୍ୟେକ ଜଳବିନ୍ଦୁ, ବୃକ୍ଷଲତାର ପ୍ରତିଟି ପତ୍ର, ମନୁଷ୍ୟ ଓ ପଶୁର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ନିଜ ପରମକର୍ତ୍ତା ପରମେଶ୍ୱରଙ୍କ ପରିଚୟ ପ୍ରଦାନ କରନ୍ତି, ତାଙ୍କ ଆଜ୍ଞାପାଳନ କରନ୍ତି ଓ ତାଙ୍କ ବଶତା ସ୍ୱୀକାର କରନ୍ତି । ତାହାଙ୍କ ଗୌରବର ଗୁଣଗାନ ମଧ୍ୟ କରନ୍ତି । ସୁତରାଂ ପବିତ୍ର କୁରଆନରେ ଅଲ୍ଲାଃତାଲା ଏହିପରି କହିଛନ୍ତି :

يُسَبِّحُ لِلّٰهِ مَا فِي السَّمٰوٰتِ وَمَا فِي الْاَرْضِ

**ୟୁସବ୍‌ବିହୁ ଲିଲ୍ଲାହି ମାଫିସ୍ ସମାଓ୍ୱାତି ଓ୍ୱମା ଫିଲ୍ ଅର୍‌ଜ୍ ।**

*(ଅଲ ଜୁମା **62:2**)*

ଅର୍ଥାତ 'ଯେପରି ଆକାଶର ପ୍ରତ୍ୟେକ ବସ୍ତୁ ଅଲ୍ଲାଃଙ୍କ ଗୁଣକୀର୍ତ୍ତନ ଓ ପବିତ୍ରତାର ଘୋଷଣା କରିଥାଏ, ସେହିପରି ପୃଥିବୀରେ ମଧ୍ୟ ପ୍ରତ୍ୟେକ ବସ୍ତୁ ତାହାଙ୍କ ଜୟଗାନ ଓ ପବିତ୍ର ହେବାର ଘୋଷଣା କରିଥାଏ ।'

ତେବେ ଏହା କିପରି କୁହାଯାଇ ପାରିବ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ପବିତ୍ର ମହିମା ଉଦ୍‌ଘୋଷିତ ହେଉ ନାହିଁ? କାରଣ ଜଣେ ପ୍ରବୀଣ ବିଦ୍ୱାନ ବ୍ୟକ୍ତିଙ୍କ

ତୁଣ୍ଡରେ ଏପରି କହିବା ଶୋଭା ପାଏ ନାହିଁ ଏବଂ ଏହି ଆବେଗପୂର୍ଣ୍ଣ ବିଷୟ ମୁଖରେ କେବେ ଉଚ୍ଚାରିତ ହୋଇ ନଥାଏ । ବରଂ ପାର୍ଥିବ ଉପାଦାନ ମଧ୍ୟରୁ କୌଣସି ବସ୍ତୁ ଇଶ୍ୱରଙ୍କ ବିଧାନଗତ ଆଦେଶ ମାନିଥାନ୍ତି ତ ଅନ୍ୟ କେହି ଐଶି ନିର୍ଦ୍ଦେଶିତ ନିୟମର ପାଳନ କରିଥାନ୍ତି । ଅନ୍ୟ କେତେକ ଉଭୟ ବିଷୟ ପ୍ରତି ବିଧିବଦ୍ଧ ଭାବେ ଆଜ୍ଞାବହ ହେବାର ପ୍ରୟାସରେ ଅଣ୍ଟାଭିଡି ବାହାରି ପଡନ୍ତି । କି ମେଘ କି ବାୟୁ, କି ଅଗ୍ନି କି ପୃଥିବୀ ସମସ୍ତେ ଇଶ୍ୱରଙ୍କ ଆଜ୍ଞାନୁବହ ହେବା ଓ ତାଙ୍କ ମହିମା ଗାନ କରିବା ସହିତ ପ୍ରଗାଢ଼ ଭକ୍ତି ଓ ଉତ୍ସର୍ଗୀକୃତ ଭାବ ପ୍ରଦର୍ଶନ କରିଥାନ୍ତି ।

ଯଦି କୌଣସି ମନୁଷ୍ୟ ଐଶ୍ୱରିକ ନିୟମଗତ ଆଦେଶକୁ ଅମାନ୍ୟ କରୁଛି, ତା'ହେଲେ ସେ ପ୍ରକୃତି ବିଧାନଗତ ଆଦେଶକୁ ଅବଶ୍ୟ ପାଳନ କରୁଥିବ । କେହି ହେଲେ ଏହି ଦୁଇଟିଯାକ ଦୈବି ଆଜ୍ଞାର ପରିସରରୁ ବାହାରେ ରହିପାରିବେ ନାହିଁ । ପ୍ରତ୍ୟେକ ପ୍ରାଣୀ କୌଣସି ନା କୌଣସି ରୂପରେ ଏହି ସ୍ୱର୍ଗୀୟ ସାମ୍ରାଜ୍ୟ ପ୍ରତି ନତମସ୍ତକ ହେବାକୁ ବାଧ ହୋଇଥାନ୍ତି । ଏହା ସତ୍ୟ ଯେ ମନୁଷ୍ୟ ହୃଦୟର ସ୍ୱଚ୍ଛତା ଓ ଅନୈତିକତା ରହିଥିବା ଦୃଷ୍ଟିକୋଣରୁ ଦେଖିଲେ ଇଶ୍ୱରଙ୍କୁ ସ୍ମରଣ କରିବା ଓ ତାଙ୍କ ପ୍ରତି ଅମନୋଯୋଗୀ ହେବା ଆଦି ଏହି ଦୁଇଟିଯାକ ବିଷୟ ପୃଥିବୀରେ ଦେଖିବାକୁ ମିଳିଥାଏ । କିନ୍ତୁ ଏହି ଉତ୍‌ଥାନ ପତନ ମନକୁ ମନ ଘଟେ ନାହିଁ । ବରଂ ଇଶ୍ୱରଙ୍କ ଭେଦ ଓ ଇଚ୍ଛା ଉପରେ ଏହା ନିର୍ଭର କରେ । ସେ ଯାହା ଚାହିଁଛନ୍ତି, ତାହା ହିଁ ଘଟିଛି । ଦିନ ଓ ରାତିର ପରିବର୍ତ୍ତନ ହେବା ପରି ଇଶ୍ୱରଙ୍କ ମାର୍ଗଦର୍ଶନ ଓ ଏଥିରେ ବ୍ୟତିକ୍ରମ ପଛକୁ ପଛ ଗୋଟିଏ ପରେ ଗୋଟିଏ ପରିବର୍ତ୍ତନ କେବେ ଆପଣା ଛାଏଁ ନହୋଇ ତାହାଙ୍କ ଦିବ୍ୟଦୃଷ୍ଟି ଓ ନିର୍ଦ୍ଦେଶ ଅନୁଯାୟୀ ଘଟିଥାଏ । ଏସବୁ ସତ୍ତ୍ୱେ ପ୍ରତ୍ୟେକ ବସ୍ତୁ ତାହାଙ୍କ ଦିବ୍ୟସ୍ୱର ଶୁଣନ୍ତି ଓ ତାଙ୍କର ମହିମା ଗାନ କରନ୍ତି । ମାତ୍ର ବାଇବେଲ କହେ ଯେ ପୃଥିବୀ ଇଶ୍ୱରଙ୍କ ମହିମାରୁ ବଞ୍ଚିତ ହୋଇ ରହିଛି । ଏହାର କାରଣ  ସେହି ଗ୍ରନ୍ଥରେ ଉଲ୍ଲେଖ ଥିବା ପ୍ରାର୍ଥନାର ପରବର୍ତ୍ତୀ ପଙ୍କ୍ତିରେ ସଙ୍କେତ ସ୍ୱରୂପ ଏହିପରି ବର୍ଣ୍ଣନା କରାଯାଇଛି ଯେ ଏବେ ସୁଦ୍ଧା ପୃଥିବୀରେ ଇଶ୍ୱରଙ୍କ ସାମ୍ରାଜ୍ୟ ସ୍ଥାପିତ ହେଇ ନାହିଁ । ତାହାଙ୍କ ସ୍ୱର୍ଗୀୟ କ୍ଷମତା ମର୍ତ୍ତ୍ୟରେ ଅଧିଷ୍ଠିତ ନହେବା ଯୋଗୁଁ ତାହାଙ୍କ ଇଚ୍ଛା କାର୍ଯ୍ୟକାରୀ ହୋଇପାରି ନାହିଁ, ଯାହା ସ୍ୱର୍ଗରେ ହୋଇଛି । ଅପର ପକ୍ଷେ ପବିତ୍ର କୁରଆନର ଶିକ୍ଷା ଏହାଠାରୁ ସଂପୂର୍ଣ୍ଣ ବିପରୀତ । ଏହା

ସ୍ପଷ୍ଟ ରୂପେ କହିଛି ଯେ କୌଣସି ଚୋର, ହତ୍ୟାକାରୀ, ବ୍ୟଭିଚାରୀ, ଅବିଶ୍ୱାସୀ, ଧର୍ମଦ୍ରୋହୀ ଓ ଅତ୍ୟାଚାରୀ ବ୍ୟକ୍ତି କୌଣସି ପ୍ରକାର ଅସତ୍‌କର୍ମ ସେ ପର୍ଯ୍ୟନ୍ତ ପୃଥିବୀରେ କରିପାରିବ ନାହଁ, ଯେ ପର୍ଯ୍ୟନ୍ତ ଆକାଶରେ ତାହା କରିବାର ଅଧିକାର ତାକୁ ଦିଆ ନଯାଇଛି । ତେଣୁ ଏହା କିପରି କୁହାଯାଇ ପାରିବ ଯେ ସ୍ୱର୍ଗର ରାଜତ୍ୱ ମର୍ତ୍ତ୍ୟରେ କାର୍ଯ୍ୟକାରୀ ହୋଇନାହିଁ ? କ'ଣ ପୃଥିବୀରେ ଈଶ୍ୱରଙ୍କ କ୍ଷମତାର ପ୍ରୟୋଗ ଓ ଆଦେଶକୁ କାର୍ଯ୍ୟକାରୀ କରିବାରେ କେତେକ ପ୍ରତିକୂଳ ବାଧାବିଘ୍ନ ସୃଷ୍ଟିକାରୀ ଶକ୍ତି ବାଟ ଓଗାଳିଛନ୍ତି ? ନା, ଏହା କଦାପି ନୁହେଁ । ଅଲ୍ଲାଃ ହିଁ ପବିତ୍ର, ଗୌରବଶାଳୀ !

ସୁତରାଂ ସ୍ୱୟଂ ପରମେଶ୍ୱର ସ୍ୱର୍ଗରେ ଦେବଦୂତଗଣଙ୍କ ସକାଶେ ଏକ ନିୟମ ପ୍ରଣୟନ କଲେ ଏବଂ ମର୍ତ୍ତ୍ୟଲୋକରେ ମନୁଷ୍ୟମାନଙ୍କ ପାଇଁ ଭିନ୍ନ ଏକ ନିୟମ । ପୁଣି ଈଶ୍ୱର ନିଜର ଆକାଶୀୟ ସାମ୍ରାଜ୍ୟରେ ଦେବଦୂତମାନଙ୍କୁ କୌଣସି ସ୍ୱତନ୍ତ୍ର ଅଭିରୁଚି ଦେଇନାହାନ୍ତି । କେବଳ ସେମାନଙ୍କ ସ୍ୱଭାବରେ ଆଜ୍ଞାବହ ହେବା ଗୁଣ ନିହିତ ଅଛି । ଏହି ବୈଶିଷ୍ଟ୍ୟ ଥିବା ଯୋଗୁଁ ଈଶ୍ୱରଙ୍କ ଆଦେଶର ଅବଜ୍ଞା କରିବାର ସାମର୍ଥ୍ୟ ତାଙ୍କଠାରେ ନାହିଁ । କୌଣସି ତ୍ରୁଟି ନକରିବା ଓ କୌଣସି ବିଷୟ ପାଶୋରି ନଯିବା ସେମାନଙ୍କର ସହଜାତ ପ୍ରବୃତ୍ତି । କିନ୍ତୁ ମନୁଷ୍ୟର ପ୍ରକୃତିରେ ଗ୍ରହଣ କରିବା ଓ ଅଗ୍ରାହ୍ୟ କରିବାର ଉଭୟ ରୁଚି ରହିଛି । ଯେହେତୁ ସେମାନଙ୍କୁ ଏହି ସାମର୍ଥ୍ୟ ଉର୍ଦ୍ଧ୍ୱରୁ ପ୍ରଦାନ କରାଯାଇଛି, ତେଣୁ ଏହା କୁହାଯାଇ ପାରିବ ନାହିଁ ଯେ ଜଣେ ଅବଜ୍ଞାକାରୀ ବ୍ୟକ୍ତି ରହିଥିବା ଯୋଗୁଁ ଈଶ୍ୱରଙ୍କ ରାଜତ୍ୱ ପୃଥିବୀ ପୃଷ୍ଠରୁ ଉଠିଯାଇଛି । ବରଂ ଈଶ୍ୱରଙ୍କ ରାଜତ୍ୱ ପ୍ରତ୍ୟେକ କ୍ଷେତ୍ରରେ ଓ ସବୁ ସମୟରେ ପୃଥିବୀରେ ପ୍ରଚଳିତ ହୋଇ ଆସୁଛି । ହଁ, କେବଳ ଦୁଇଟି ପ୍ରଣାଳୀ ପାଇଁ ନିୟମର ବ୍ୟବସ୍ଥା ରହିଛି । ଗୋଟିଏ ହେଉଛି ସ୍ୱର୍ଗରେ ଦେବଦୂତମାନଙ୍କ ପାଇଁ ଐଶ୍ୱରିକ ଆଇନଗତ ଆଦେଶ । ଯାହାକୁ ସେମାନେ କେତେବେଳେ ହେଲେ ଅମାନ୍ୟ କରିପାରିବେ ନାହିଁ କି କଦାପି କୌଣସି ଖରାପ କର୍ମ ମଧ୍ୟ କରିପାରିବେ ନାହିଁ । ଅନ୍ୟ ନିୟମଟି ପୃଥିବୀରେ ମନୁଷ୍ୟ ସକାଶେ ଉଦ୍ଦିଷ୍ଟ । ଏହି ଐଶ୍ୱରିକ ବିଧାନ ଅନ୍ତର୍ଗତ ବ୍ୟବସ୍ଥାରେ ମନୁଷ୍ୟ ମନ୍ଦକର୍ମ କରିବାର ଅବସର ପାଇଥାଏ । କିନ୍ତୁ ଯଦି ସେ ଈଶ୍ୱରଙ୍କ ଠାରୁ ଏଥିରୁ ଦୂରେଇ ରହିବା ପାଇଁ ଶକ୍ତି ମାଗିବ ଅର୍ଥାତ 'ଇସ୍ତଗ୍‌ଫାର୍'(କ୍ଷମାଭିକ୍ଷା) କରିବ, ତେବେ ପବିତ୍ର ଆତ୍ମାଙ୍କ ସମର୍ଥନ ହାସଲ କରି ସେ ନିଜ ଦୋଷ ଦୁର୍ବଳତାକୁ

ଦୂରେଇ ଦେଇ ପାରିବ । ଈଶ୍ୱରଙ୍କ ଅବତାର ଓ ବାର୍ତ୍ତାବହମାନଙ୍କ ପରି ସେ ପାପରୁ ନିଜକୁ ନିରାପଦ ରଖି ପାରିବ ।

ଯେଉଁମାନେ ପାପରେ କବଳିତ ହୋଇ ସାରିଛନ୍ତି, ସେମାନେ ପ୍ରଭୁଙ୍କ ଠାରୁ କ୍ଷମାଯାଚନା କଲେ, ଏହି ଲାଭ ମିଳେ ଯେ ପାପର ପ୍ରତିଫଳରୁ ଅର୍ଥାତ ଦୈବି ଶାସ୍ତିରୁ ରକ୍ଷା ପାଇଯା'ନ୍ତି । କାରଣ ଆଲୋକ ଆସିଲେ ଅନ୍ଧାର ଅପସରି ଯାଏ । କିନ୍ତୁ ଯେଉଁ ଦୋଷୀମାନେ ପ୍ରାର୍ଥନା କରନ୍ତି ନାହିଁ, ଅର୍ଥାତ ଈଶ୍ୱରଙ୍କ ଠାରୁ ସାମର୍ଥ୍ୟ ଭିକ୍ଷା କରି ନଥା'ନ୍ତି, ସେ ନିଜ କୁକର୍ମର ଶାସ୍ତି ଭୋଗ କରୁଥାନ୍ତି । ଦେଖ, ଆଜିକାଲି ପ୍ଲେଗର ବ୍ୟାଧି ମଧ୍ୟ ଦୈବି ଶାସ୍ତି ସ୍ୱରୂପ ପୃଥିବୀରେ ଅବତରଣ କରିଛି ଏବଂ ଈଶ୍ୱର ବିରୋଧି ଦୁଷ୍ଟ ବ୍ୟକ୍ତିମାନେ ଏହାର ପ୍ରକୋପ ଯୋଗୁଁ ବିନାଶ ହୋଇ ଚାଲିଛନ୍ତି । ପୁଣି କାହିଁକି କୁହାଯିବ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରି ନାହିଁ ?

ଏହି ଧାରଣ ମନରେ ଆଣ ନାହିଁ ଯେ ଯଦି ପୃଥିବୀରେ ଈଶ୍ୱରଙ୍କ ସାମ୍ରାଜ୍ୟ ତିଷ୍ଠି ରହିଛି, ତେବେ କାହିଁକି ଜନମାନସରେ ଅପରାଧ ଘଟୁଛି ? କାରଣ ଅତ୍ୟାଚାର ଆଦି ଅପରାଧ ମଧ୍ୟ ଈଶ୍ୱରଙ୍କ ବୈଧାନିକ ନିଷ୍ପତ୍ତି ଅଧୀନରେ ଆସୁଛି । ଯଦିଚ ଅପରାଧ କରୁଥିବା ବ୍ୟକ୍ତି ଶରୀୟତ ନିୟମର ବହିର୍ଭୁତ ହୋଇଯାଆନ୍ତି, ମାତ୍ର ସେମାନେ ଅବଶ୍ୟ ଆଇନଗତ ଆଦେଶର ଅନ୍ତର୍ଭୁକ୍ତ । ଅର୍ଥାତ ଈଶ୍ୱରଙ୍କ ବୈଧାନିକ ନିଷ୍ପତ୍ତି ବାହାରକୁ ଯାଇ ପାରିବେ ନାହିଁ । ତା'ହେଲେ କେମିତି କୁହାଯିବ ଯେ ପାପାଚାରୀ ତଥା ଦୋଷ କରୁଥିବା ବ୍ୟକ୍ତି ଐଶି ସାମ୍ରାଜ୍ୟର ଜୁଆଳି ନିଜ ବେକରେ ଲଦି ନାହାନ୍ତି ?...

ଯଦି ଐଶ୍ୱରିକ ନିୟମ ଏତେ କଠୋର ହୋଇଯିବ ଯେ ପ୍ରତ୍ୟେକ ବ୍ୟଭିଚାରୀ ଉପରେ ବିଜୁଳିର ଚଡକ ପଡିବ, ପ୍ରତ୍ୟେକ ଚୋର ଏପରି ରୋଗରେ ଆକ୍ରାନ୍ତ ହେବ ଯେ ହାତ ଗୋଡ ସଢ଼ି ଖସିପଡିବ ଓ ପ୍ରତ୍ୟେକ ଦୁଷ୍ଟ ବ୍ୟକ୍ତି ଈଶ୍ୱରଙ୍କ ଅମାନ୍ୟକାରୀ ତଥା ଧର୍ମଦ୍ରୋହୀ ହେବା ଦ୍ୱାରା ପ୍ଲେଗ ରୋଗରେ ଛଟପଟ ହୋଇ ମରିବ, ତା'ହେଲେ ସପ୍ତାହଟାଏ ବିତିବା ଆଗରୁ ହିଁ ସମଗ୍ର ଦୁନିଆ ସତ୍ୟନିଷ୍ଠ, ଧର୍ମନିଷ୍ଠ ତଥା ନୈତିକ ଆଚରଣର ଆଭୁଷଣ ପରିଧାନ କରିପାରେ । ସୁତରାଂ ଈଶ୍ୱରଙ୍କ ତିଆରି ମର୍ତ୍ତ୍ୟ ଭୁବନରେ ତାଙ୍କର ସାମ୍ରାଜ୍ୟ ତ ରହିଛି, କିନ୍ତୁ ସ୍ୱର୍ଗୀୟ

ନିୟମକୁ କୋହଳ କରାଯିବା ଯୋଗୁଁ ଏପରି ସ୍ୱାଧୀନତା ଦିଆଯାଇଛି ଯେ ଦୁରାଚ଼ରେ ଓ ଅପରାଧି ବ୍ୟକ୍ତି ଶୀଘ୍ର ଧରା ପଡନ୍ତି ନାହିଁ । ହଁ, ସେମାନଙ୍କୁ ଶାସ୍ତି ତ ମିଳେ, ଭୂମିକମ୍ପ ଆସେ, ଆକସ୍ମିକ ବଜ୍ରପାତ ହୁଏ, ଅଗ୍ନି ଉଦ୍‌ଗୀରଣ ହୋଇ ବାଣ ଫୁଟିଲା ପରି ହଜାର ହଜାର ଧନଜୀବନର ପ୍ରଭୂତ କ୍ଷୟକ୍ଷତି ଘଟାଏ । ଜାହାଜ ବୁଡିଯାଆନ୍ତି, ରେଳ ଦୁର୍ଘଟଣାରେ ଶହ ଶହ ଜୀବନ ଚ଼ଲିଯାଏ । ଝଡବାତ୍ୟା ଆସେ, ଘରଦ୍ୱାର ନିମିଷକେ ଭାଙ୍ଗିପଡେ, କାଳସର୍ପ ଦଂଶନ କରେ, ହିଂସ୍ରଜନ୍ତୁ ଚିରିଫାଡି ଖାଇଯାଏ, ରୋଗ ସଂକ୍ରମିତ ହୋଇ ବ୍ୟାପିଯାଏ । ଏପରି ଗୋଟିଏ ନୁହେଁ, ଧ୍ୱଂସର ଅନେକ ଦ୍ୱାର ଖୋଲିଯାଏ ଓ ମନୁଷ୍ୟ ଜୀବନକୁ ଛାରଖାର କରିଦିଏ । ସେହି ଅପରାଧିମାନଙ୍କୁ ଶାସ୍ତି ଦେଇ ଧୂଳିସାତ କରିବା ପାଇଁ ଈଶ୍ୱରଙ୍କ ପ୍ରାକୃତିକ ନିୟମ ଏହିସବୁ ବିପର୍ଯ୍ୟୟକୁ ପୂର୍ବରୁ ନିୟୋଜିତ କରି ରଖିଥାଏ । ଏପରି ସ୍ଥଳେ ପୁଣି କିପରି କୁହାଯିବ ଯେ ଈଶ୍ୱରଙ୍କର ସାମ୍ରାଜ୍ୟ ପୃଥିବୀରେ ଅବସ୍ଥାପିତ ହୋଇ ନାହିଁ ?

ଏହା ହିଁ ସତ୍ୟ ଯେ ସାମ୍ରାଜ୍ୟ ତ ଅଛି । ପ୍ରତ୍ୟେକ ଅପରାଧିଙ୍କ ହାତରେ ହାତକଡି ଓ ପାଦରେ ବେଡି ପଡିଛି । କିନ୍ତୁ ସେହି ଐଶିଶକ୍ତି ବିଜ୍ଞତାର ପରିଚୟ ଦେଇ ଏପରି ଭାବରେ ନିଜ ନିୟମକୁ କୋହଳ କରିଦେଇଛି ଯେ ସେହି ହାତର କଡି ଓ ପାଦର ବେଡି ତତ୍‌କ୍ଷଣାତ ନିଜର ପ୍ରଭାବ ଦେଖାନ୍ତି ନାହିଁ । ମନୁଷ୍ୟ ଯଦି ଶେଷରେ ନିଜ କୁକର୍ମରୁ କ୍ଷାନ୍ତ ହୁଏ ନାହିଁ, ସେମାନେ ତାକୁ ନର୍କ ମୁହଁରେ ନେଇ ପହଞ୍ଚାଇ ଦିଅନ୍ତି । ଏପରି ନର୍କାଗ୍ନିର ଜ୍ୱାଳାରେ ପଡି ଘାଣ୍ଟି ହେଉଥାଏ, ଯେପରିକି ଜଣେ ପାପାଚ଼ରୀ ବ୍ୟକ୍ତି ନା ବଞ୍ଚି ରହିପାରିବ ନା ମରି ପାରିବ ।

ସଂକ୍ଷେପରେ କହିଲେ, ଦୁଇପ୍ରକାର ନିୟମର ବ୍ୟବସ୍ଥା ଲାଗୁ କରାଯାଇଥାଏ । ତନ୍ମଧ୍ୟରୁ ପ୍ରଥମ ନିୟମ ଦେବଦୂତମାନଙ୍କ ସହିତ ସଂପୃକ୍ତ । ଅର୍ଥାତ ସେମାନେ କେବଳ ଆଜ୍ଞାପାଳନ କରିବା ସକାଶେ ସୃଷ୍ଟି ହୋଇଛନ୍ତି । ସେମାନଙ୍କ ଆଜ୍ଞାନୁବର୍ତ୍ତୀତା କେବଳ ସେମାନଙ୍କ ଉଜ୍ୱଳ ସ୍ୱଭାବର ବିଶେଷତ୍ୱ । ସେମାନେ ପାପ କରିପାରିବେ ନାହିଁ । ମାତ୍ର ପୁଣ୍ୟରେ ଉନ୍ନତି ବି କରିପାରିବେ ନାହିଁ । ଦ୍ୱିତୀୟ ନିୟମର ବ୍ୟବସ୍ଥା ମନୁଷ୍ୟ ସକାଶେ ପ୍ରଣିଧାନ କରାଯାଇଛି । ଅର୍ଥାତ ମନୁଷ୍ୟର ସ୍ୱଭାବରେ ରଖାଯାଇଛି ଯେ ସେମାନେ ପାପ କରିପାରନ୍ତି ।

କିନ୍ତୁ ପୁଣ୍ୟରେ ମଧ୍ୟ ଉନ୍ନତି ଲାଭ କରିପାରନ୍ତି । ଏହି ଦୁଇଟିଯାକ ପ୍ରକୃତିଗତ ନିୟମ ସେମାନଙ୍କ ସହଜାତ ପ୍ରବୃତ୍ତିକୁ ଦର୍ଶାଉଛି ଯାହା ଅପରିବର୍ତ୍ତନୀୟ । ଯେପରି ଦେବଦୂତ ମନୁଷ୍ୟ ହୋଇପାରିବେ ନାହିଁ, ସେହିପରି ମନୁଷ୍ୟ ମଧ୍ୟ ଦେବଦୂତ ହୋଇପାରିବେ ନାହିଁ । ଏହା ଅଟଳ ଓ ଶାଶ୍ୱତ । ସେଥିପାଇଁ ଆକାଶୀୟ ବିଧାନ ପୃଥିବୀକୁ ଆସିପାରିବ ନାହିଁ । ଆଉ ନା ପୃଥିବୀର ନିୟମ ଦେବଦୂତଙ୍କ ପାଇଁ ଲାଗୁ ହୋଇପାରିବ । ଯଦି ମନୁଷ୍ୟ ନିଜର ଅସତ କର୍ମ ତଥା ଅପରାଧର ଅନ୍ତ ଘଟାଇବ, ଯାହା ସକାଶେ ତାକୁ ପ୍ରାୟଶ୍ଚିତ କରିବାକୁ ପଡିବ, ତାହା ମନୁଷ୍ୟକୁ ଦେବଦୂତଠାରୁ ମଧ୍ୟ ଅଧିକ ଶ୍ରେଷ୍ଠତର କରି ଦେଇପାରେ । କାରଣ ଦେବଦୂତମାନଙ୍କର ପ୍ରଗତି କରିବାର ପଥ ଆଦୌ ନଥାଏ । କିନ୍ତୁ ମନୁଷ୍ୟର ପାପକୁ ପ୍ରାୟଶ୍ଚିତ ଦ୍ୱାରା କ୍ଷମା କରାଯାଇଥାଏ । ଈଶ୍ୱରଙ୍କ ଭେଦ ଏଥିରେ ରହିଛି ଯେ କେତେକ ମନୁଷ୍ୟକୁ ସେ ପାପ କରିବା ପାଇଁ ଛାଡି ଦେଇଥାନ୍ତି । ଯାହା କରିବା ଦ୍ୱାରା ସେମାନେ ନିଜର ଦୋଷ ଦୁର୍ବଳତା ପ୍ରତି ସଚେତନ ହୋଇ ପାରିବେ ଓ ହୁଏତ ସେମାନେ ପ୍ରାୟଶ୍ଚିତ ମାଧ୍ୟମରେ କ୍ଷମା ପାଇଯିବେ । ଏହି ନିୟମ ହିଁ ମନୁଷ୍ୟ ସକାଶେ ନିର୍ଦ୍ଧାରଣ କରାଯାଇଛି ଓ ଏହା ମନୁଷ୍ୟର ସ୍ୱଭାବ ସହିତ ଖାପ ଖାଉଛି ।

ଭୁଲ କରିବା ଓ ଭୁଲିଯିବା ହେଉଛି ମନୁଷ୍ୟ ପ୍ରକୃତିର ବିଶେଷତ୍ୱ । ଏହି ବିଶେଷତ୍ୱ ଦେବଦୂତଙ୍କ ପାଖରେ ନାହିଁ । ସୁତରାଂ ଦେବଦୂତମାନଙ୍କ ପାଇଁ ଲାଗୁ କରାଯାଇଥିବା ନିୟମ ମନୁଷ୍ୟ ଉପରେ ଲଦି ଦିଆଯାଇ ପାରିବ ନାହିଁ । ଏହା ପ୍ରକାରାନ୍ତେ ଏକ ଭୁଲ ହେବ, ଯଦି ଶକ୍ତିମାନ ଈଶ୍ୱରଙ୍କ ପ୍ରତି କୌଣସି ପ୍ରକାର ଦୋଷ ଦୁର୍ବଳତାକୁ ଆରୋପିତ କରାଯିବ । କେବଳ ନିୟମ କାର୍ଯ୍ୟକାରୀ ହେବାର ପରିଣତି ହିଁ ପୃଥିବୀରେ ଦୃଷ୍ଟିଗୋଚର ହୋଇଥାଏ । ଅଲ୍ଲାଃ କ୍ଷମା କରନ୍ତୁ, କ'ଣ ଈଶ୍ୱର ଏତେ ମାତ୍ରାରେ ଦୁର୍ବଳ ଯାହାଙ୍କ ରାଜତ୍ୱ, ଆଧିପତ୍ୟ, କର୍ତ୍ତୃତ୍ୱ ତଥା ଗୌରବ କେବଳ ଆକାଶ ପର୍ଯ୍ୟନ୍ତ ସୀମିତ ହୋଇ ରହିଛି ? ଅଥବା ପୃଥିବୀର ଅନ୍ୟ କେହି ଈଶ୍ୱର ଅଛନ୍ତି, ଯିଏ କି ପୃଥିବୀକୁ ଜବର ଦଖଲ କରି ରଖିଛି ? ତେଣୁ ଖ୍ରୀଷ୍ଟଧର୍ମୀମାନେ ଏହି କଥା ଉପରେ ଜୋର ଦେବା ଉଚିତ ନୁହେଁ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ **କେବଳ ଆକାଶରେ** ନିଜର ଆଧିପତ୍ୟ ଜାହିର କରିଛି ଓ ଏହା ଅଦ୍ୟାବଧି ପୃଥିବୀକୁ ଆସିନାହିଁ । କାରଣ ସେମାନେ ଏହି ଧାରଣାର ବଶବର୍ତ୍ତୀ ହୋଇଛନ୍ତି ଯେ

ଆକାଶ କିଛି ନୁହେଁ ଅର୍ଥାତ ଏହାର ସ୍ଥିତି ମୂଲ୍ୟହୀନ । ଯଦି ଆକାଶର କିଛି ହେଲେ ସ୍ଥିତି ନାହିଁ, ଯେଉଁଠାରେ ଈଶ୍ୱରଙ୍କ ସାମ୍ରାଜ୍ୟ ଚାଲିବା କଥା ଏବଂ ପୃଥିବୀ ଉପରେ ଏପର୍ଯ୍ୟନ୍ତ ଈଶ୍ୱରଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇ ନାହିଁ, ତା'ହେଲେ ଏହାର ଅର୍ଥ ତାହାଙ୍କ ରାଜତ୍ୱ କେଉଁଠାରେ ହେଲେ ଶାସନ କରୁ ନାହିଁ ? ଅଥଚ ଆମେ ଏହା ସ୍ୱଚକ୍ଷୁରେ ଦେଖୁଛୁ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ଅନୁଭୂତ ହେଉଛି । ତାହାଙ୍କ ନିୟମ ଅନୁସାରେ କେତେବେଳେ ହେଲେ ବି ଆମ ଜୀବନର ଅନ୍ତ ଘଟୁଛି ଓ ଆମ ଅବସ୍ଥାରେ କ୍ରମାଗତ ପରିବର୍ତ୍ତନ ହେଉଛି । ଆମେ ନାନାଦି ପ୍ରକାର ସୁଖସ୍ୱାଚ୍ଛନ୍ଦ୍ୟ ଓ ଦୁଃଖଯନ୍ତ୍ରଣା ଭୋଗ କରୁଥାଇଁ । ଆମେ ଏହା ଦେଖୁଛୁ ଯେ ହଜାର ହଜାର ଲୋକ ଈଶ୍ୱରଙ୍କ ଆଜ୍ଞାରେ ମୃତ୍ୟୁ ଲାଭ କରୁଛନ୍ତି ଓ ହଜାର ହଜାର ପୁଣି ଜନ୍ମ ନେଉଛନ୍ତି । ପ୍ରାର୍ଥନା ଗୃହୀତ ହେଉଛି, ନିଦର୍ଶନମାନ ପ୍ରକାଶିତ ହେଉଛି । ହଜାରେ କିସମର ପନିପରିବା ଓ ଫଳପୁଷ୍ପ ଇତ୍ୟାଦିକୁ ତାଙ୍କ ନିର୍ଦ୍ଦେଶ କ୍ରମେ ଭୂପୃଷ୍ଠ ଉପୁଜାଉଛି । ତେବେ କ'ଣ ଏ ସବୁ ଈଶ୍ୱରଙ୍କ ସାମ୍ରାଜ୍ୟ ବ୍ୟତୀତ ସମ୍ଭବ ହୋଇପାରେ ? ଅଧିକନ୍ତୁ ଆକାଶୀୟ ପିଣ୍ଡ ଗୋଟିଏ ଆକାର ଧାରଣ କରି ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ କ୍ରମାଗତ ଭାବେ ଚଳମାନ ହେଉଥିବାର ପ୍ରତୀତ ହୁଏ । ସେଗୁଡିକର ବହିର୍ପାର୍ଶ୍ୱ ବଦଳୁ ଥିବାର କିଛି ବି ଅନୁଭୂତ ହୁଏ ନାହିଁ, ଯଦ୍ଦ୍ୱାରା ଜଣେ ପରିବର୍ତ୍ତନକାରୀ ସତ୍ତା ରହିଥିବାର ଜଣାପଡନ୍ତା । ମାତ୍ର ପୃଥିବୀ ହଜାରେ ପ୍ରକାର ଆକୃତିରେ ପରିବର୍ତ୍ତନ, ବିବର୍ତ୍ତନ ତଥା ବିପ୍ଳବର ଚିହ୍ନ ଦେଖାଇଥାଏ । ପ୍ରତିଦିନ କୋଟି କୋଟି ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି ତ କୋଟି କୋଟି ଶିଶୁ ଜନ୍ମ ଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଦିଗରୁ ଓ ପ୍ରତି କ୍ଷେତ୍ରରେ ଜଣେ ପରାକ୍ରମଶାଳୀ ସୃଷ୍ଟିକର୍ତ୍ତାଙ୍କ ନିୟନ୍ତ୍ରଣ ଅନୁଭୂତ ହେଉଛି । ତଥାପି କ'ଣ ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କ ଦ୍ୱାରା ଶାସିତ ସାମ୍ରାଜ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ ?

କିନ୍ତୁ ବାଇବେଲ ଅଦ୍ୟାବଧି ଏହାର କାରଣ ଦର୍ଶାଇ ନାହିଁ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ କାହିଁକି ପୃଥିବୀରେ ପହଞ୍ଚି ନାହିଁ । ହଁ, ଅବଶ୍ୟ ଏହା ସତ୍ୟ ଯେ ଯୀଶୁ ମସିହ କ୍ରୁଶରୁ ରକ୍ଷା ପାଇବା ସକାଶେ ରାତିସାରା ଉଦ୍ୟାନରେ ବସି ପ୍ରାର୍ଥନା କରିବା ଏବଂ ତାହା ଗୃହୀତ ହେବା ବିଷୟ ହିବ୍ରୁ ୫:୭ରେ ଉଲ୍ଲେଖ ରହିଛି । ଏହା ସତ୍ତ୍ୱେ ତାଙ୍କୁ ସେଥିରୁ ଉଦ୍ଧାର କରିବାର କୌଣସି ଶକ୍ତି ଈଶ୍ୱରଙ୍କର ନଥିଲା ବୋଲି କିପରି

କୁହାଯାଇ ପାରିବ ? ଖ୍ରୀଷ୍ଟିୟ ମତବାଦ ଅନୁଯାୟୀ ଏହା ମଧ୍ୟ ଏକ ପ୍ରମାଣ ହୋଇପାରେ ଯେ କ୍ରୁଶବିଦ୍ଧ ଘଟଣା ସମୟରେ ପୃଥିବୀ ଉପରେ ଈଶ୍ୱରଙ୍କ ସାମ୍ରାଜ୍ୟ ଚାଲୁ ନଥିଲା । ମାତ୍ର ଆମେ (ହଜରତ ମିର୍ଜା ଗୁଲାମ ଅହମଦ୍-ଅନୁବାଦକ) ତ ଏହାଠାରୁ ଅଧିକ ବିପତ୍ତିର ସମ୍ମୁଖୀନ ହୋଇଛୁ ଓ ସେସବୁ ଦୁର୍ଦ୍ଦଶାରୁ **ମୁକ୍ତି ପାଇଛୁ** । ଦୃଷ୍ଟାନ୍ତ ସ୍ୱରୂପ, ମୋର ଜଣେ ବିରୋଧି ମାର୍ଟିନ୍ କ୍ଲାର୍କ୍ ଦ୍ୱାରା ମୋତେ ଏକ ମିଥ୍ୟା ହତ୍ୟା ଅପରାଧରେ ଆରୋପିତ କରାଯାଇ କ୍ୟାପ୍‌ଟେନ୍ ଡଗ୍‌ଲସ୍‌ଙ୍କ ଅଦାଲତକୁ ଟଣା ଯାଇଥିଲା । ଠିକ୍ ଯେପରି ଇହୁଦୀମାନଙ୍କ ପକ୍ଷରୁ ଯୀଶୁଙ୍କ ବିରୁଦ୍ଧରେ ପିଲାତୁସ୍‌ଙ୍କ ଦରବାରରେ ଧର୍ମଦ୍ରୋହର ଅଭିଯୋଗ ଅଣାଯାଇଥିଲା, କିନ୍ତୁ ଯାହା ହତ୍ୟାର କାରଣ ନଥିଲା । ମାତ୍ର ଯେହେତୁ ଈଶ୍ୱର କେବଳ ଆକାଶ ନୁହେଁ ପୃଥିବୀର ମଧ୍ୟ ମାଲିକ, ସେଥିପାଇଁ ମୋତେ ସେହି ମକଦ୍ଦମା ପୂର୍ବରୁ ସୂଚନା ଦେଇଥିଲେ ଯେ ଏହି ବିପତ୍ତି ଆସିବାର ଅଛି । ସେ ଏହା ମଧ୍ୟ ନିଜ ଦୈବିବାଣୀ ଦ୍ୱାରା ମୋତେ ଅବଗତ କରାଇଲେ ଯେ ମୁଁ ତୁମକୁ ଏହି ସଙ୍କଟରୁ ଅବଶ୍ୟ ମୁକ୍ତ କରିବି । ଏହି ପୂର୍ବସୂଚନା ସହସ୍ରାଧିକ ଲୋକଙ୍କୁ ମଧ୍ୟ ଦିଆଯାଇଥିଲା ଏବଂ ଶେଷରେ ମୁଁ ସେଥିରୁ ଉଦ୍ଧାର ହେଲି । ଏହା କେବଳ ସେହି ଐଶି ସାମ୍ରାଜ୍ୟର ଶକ୍ତି ଥିଲା, ଯାହା ମୋତେ ସେହି ମକଦ୍ଦମାରୁ ସସମ୍ମାନେ ଦୋଷମୁକ୍ତ କରାଇଲା । ଯାହାକୁ ମୋ ବିରୁଦ୍ଧରେ ମୁସଲମାନ, ହିନ୍ଦୁ ଓ ଖ୍ରୀଷ୍ଟିୟାନଙ୍କ ମିଳିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଛିଡା କରା ଯାଇଥିଲା । କେବଳ ଥରେ ନୁହେଁ, ଏପରି ଅନେକ ଥର ଈଶ୍ୱରୀୟ ସାମ୍ରାଜ୍ୟର ପ୍ରଭାବକୁ ମୁଁ ପୃଥିବୀରେ ଦେଖି ଆସିଛି । ସେହି ପ୍ରଭୁଙ୍କ ଦିବ୍ୟବାଣୀ ଉପରେ ବିଶ୍ୱାସ ସ୍ଥାପନ କରିବାକୁ ମୁଁ ବାଧ୍ୟ ହୋଇଛି । ତାହା ହେଉଛି :

لَهٗ مُلْكُ السَّمٰوٰتِ وَالْاَرْضِ

**ଲହୁ ମୁଲ୍‌କୁସ୍ ସାମାଓ୍ୱାତି ଓ୍ୱଲ୍ ଅରଜ୍** *(ଅଲ ହଦିଦ୍ 57:3)*

ଅର୍ଥାତ୍ 'ଆକାଶ ଓ ପୃଥିବୀରେ ତାଙ୍କର ହିଁ ସାମ୍ରାଜ୍ୟ ଆଧିପତ୍ୟ ବିସ୍ତାର କରିଛି ।' ସେହିପରି ତାଙ୍କର ଅନ୍ୟ ଏକ ବାଣୀ ପ୍ରତି ମଧ୍ୟ ମୋତେ ବିଶ୍ୱାସ କରିବାକୁ ପଡିଲା । اِنَّمَاۤ اَمْرُهٗۤ اِذَاۤ اَرَادَ شَيْـًٔا اَنْ يَّقُوْلَ لَهٗ كُنْ فَيَكُوْنُ

**'ଇନ୍‌ନମା ଅମ୍‌ରୁହୂ ଇଜା ଅରାଦା ଶୈଅନ୍ ଅଇଁୟକୁଲା ଲହୁ କୁନ୍‌ଫୟକୁନ୍'** *(ୟାସିନ୍ 36:83)*

ଅର୍ଥାତ 'ସମଗ୍ର ପୃଥିବୀ ଓ ଆକାଶ ତାହାଙ୍କ ଆଜ୍ଞାବହ ହୋଇଛନ୍ତି । ଯଦି ସେ କୌଣସି କାର୍ଯ୍ୟ କରିବାକୁ ମନସ୍ଥ କରନ୍ତି, ତା'ହେଲେ ଏତିକି କୁହନ୍ତି 'ହୋଇଯା' ଓ ତାହା ତତ୍‌କ୍ଷଣାତ୍ ହୋଇଯାଏ' । ସେ ପୁଣି କହିଛନ୍ତି :

وَاللّٰهُ غَالِبٌ عَلٰٓى اَمْرِهٖ وَلٰكِنَّ اَكْثَرَ النَّاسِ لَا يَعْلَمُوْنَ

**ଓଲ୍ଲାହୁ ଗାଲିବୁନ୍ ଅଲା ଅମ୍‌ରେହୀ ଓ୍ୱାଲାକିନ୍ନା ଅକସରନ୍ ନାସେ ଲା ୟା' ଲମୁନ୍** *(ୟୁସୁଫ୍ 12:22)*

ଅର୍ଥାତ 'ଈଶ୍ୱର ନିଜର ସଂକଳ୍ପରେ ପୂର୍ଣ୍ଣ ପରାକ୍ରମଶାଳୀ । ମାତ୍ର ଅଧିକାଂଶ ଲୋକ ଈଶ୍ୱରଙ୍କ ପ୍ରକୋପ ଓ ଶକ୍ତିମାନ ହେବା ସମ୍ବନ୍ଧରେ ଜାଣି ନାହାନ୍ତି ।'

ତେବେ ବାଇବେଲ୍‌ରେ ବର୍ଣ୍ଣିତ ପ୍ରାର୍ଥନା ମନୁଷ୍ୟକୁ ଈଶ୍ୱରଙ୍କ କରୁଣା ପ୍ରତି ନୈରାଶ୍ୟ ଭାବନା ଜାଗ୍ରତ କରିଥାଏ । ତାଙ୍କର ପାଳନକର୍ତ୍ତା ହେବାର ବୈଶିଷ୍ଟ୍ୟକୁ ଖ୍ରୀଷ୍ଟିୟାନମାନେ ଏକବାରେ ପାଶୋରି ଦିଅନ୍ତି ।

କର୍ମର ପ୍ରତିଫଳ ସ୍ୱରୂପ ପୁରସ୍କାର ଓ ଶାସ୍ତିବିଧାନ ପ୍ରତି ସେମାନେ ଉଦାସୀନ ହୋଇଥା'ନ୍ତି । ସେମାନଙ୍କ ଧାରଣାରେ ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ସ୍ଥାପିତ ନହୋଇ ଯାଇଛି, ସେ ପର୍ଯ୍ୟନ୍ତ ଈଶ୍ୱରଙ୍କ ସାହାଯ୍ୟ ସମର୍ଥନ ଭୂପୃଷ୍ଠରେ ସମ୍ଭବ ନୁହେଁ । କିନ୍ତୁ ଏହି ମତବାଦ ତୁଳନାରେ ଯେଉଁ ପ୍ରାର୍ଥନା ମୁସଲମାନମାନଙ୍କୁ ପବିତ୍ର କୁରଆନରେ ଶିଖାଯାଇଛି, ତଦନୁଯାୟୀ ତାଙ୍କ ଆଧିପତ୍ୟ ଓ ରାଜତ୍ୱର ଗାରିମା ମନୁଷ୍ୟ ପରି ଅକାରଣ ହୁଏ ନାହିଁ କି ସେହି ସିଂହାସନାଧିପତି ଈଶ୍ୱର ଦୁନିଆର ନରପତିଙ୍କ ସଦୃଶ ରାଜଗାଦିରୁ ବିତାଡିତ ହୁଅନ୍ତି ନାହିଁ । କିନ୍ତୁ ତାହାଙ୍କ ଦୈବି ଶାସନ ବ୍ୟବସ୍ଥା 'ରବୁବିୟତ୍', ରହମାନିୟତ୍' ଓ 'ରହମିୟତ୍' ଆଦି ବୈଶିଷ୍ଟ୍ୟ ମାଧ୍ୟମରେ ପୃଥିବୀରେ କାର୍ଯ୍ୟକାରୀ ହୋଇ ଆସୁଛି । ତାଙ୍କର ଉପାସନାକାରୀଙ୍କୁ ସେ ସହାୟତା ପ୍ରଦାନ କରିବାର ସାମର୍ଥ୍ୟ ରଖିଥାନ୍ତି ତଥା ତାଙ୍କ ଅପରାଧିମାନଙ୍କୁ ନିଜ ପ୍ରକୋପିତ ଶାସ୍ତି ଦ୍ୱାରା ବିନାଶ କରିଦେଇ ପାରନ୍ତି । ଏହି କୁରଆନ ପଙ୍‌କ୍ତିରେ ସେହି ପ୍ରାର୍ଥନାର ଉଲ୍ଲେଖ ରହିଛି :

اَلْحَمْدُ لِلّٰهِ رَبِّ الْعٰلَمِیْنَ۔ الرَّحْمٰنِ الرَّحِیْمِ۔ مٰلِكِ یَوْمِ الدِّیْنِ۔ اِیَّاكَ نَعْبُدُ
وَاِیَّاكَ نَسْتَعِیْنُ۔ اِهْدِنَا الصِّرَاطَ الْمُسْتَقِیْمَ۔ صِرَاطَ الَّذِیْنَ اَنْعَمْتَ عَلَیْهِمْ غَیْرِ
الْمَغْضُوْبِ عَلَیْهِمْ وَلَا الضَّآلِّیْنَ۔ آمین

ଅଲ୍‌ହମଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ । ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦୀନ୍ । ଇୟାକା ନା'ବୁଦୁ ଓ୍ୱଇୟାକା ନସ୍‌ତୟିନ୍ । ଏହ୍‌ଦି ନସ୍‌ସିରାତଲ୍ ମୁସ୍‌ତକିମ୍ । ସିରାତଲ୍ ଲଜିନା ଅନ୍‌ଅମତା ଅଲୈହିମ୍ । ଗୈରିଲ୍ ମଗ୍‌ଜୁବି ଆଲୈହିମ୍ ଓ୍ୱଲଜ୍ ଜ୍ୱାଲୀନ୍ । *(ଅଲ ଫାତିହା 1:2-7)*

ଅର୍ଥାତ 'ସେହିଁ ଈଶ୍ୱର ଯିଏ ସମସ୍ତ ପ୍ରଶଂସାର ଅଧିକାରୀ ଅର୍ଥାତ ତାଙ୍କ ସାମ୍ରାଜ୍ୟରେ କୌଣସି ତ୍ରୁଟି ନାହିଁ । ତାଙ୍କ ବୈଶିଷ୍ଟ୍ୟଗୁଡିକ ଯାହାର ସ୍ଥିତି ଆଜି ନଥିଲେ ବି କାଲିକି ଏହାର ଲକ୍ଷ୍ୟ ସାଧିତ ହେବ । ତାହାଙ୍କ ସାମ୍ରାଜ୍ୟରେ କୌଣସି ବିଷୟ କେବେହେଲେ ବ୍ୟର୍ଥ ଯାଏ ନାହିଁ କି ତାହା ଅକାରଣ ହୋଇ ନଥାଏ । ସମଗ୍ର ବିଶ୍ୱର ପ୍ରତିପାଳନର ସକଳ ବସ୍ତୁ ସେ ଖଞ୍ଜି ଦେଇଛନ୍ତି । ମନୁଷ୍ୟର କର୍ମ ବିନା ସେ କରୁଣା ପ୍ରଦାନ କରିଥାନ୍ତି ଓ କର୍ମର ପ୍ରତିଫଳ ସ୍ୱରୂପ ମଧ୍ୟ କରୁଣା କରିଥାନ୍ତି । ସେ ଯଥା ସମୟରେ ପୁରସ୍କାର ଓ ଶାସ୍ତିବିଧାନ କରନ୍ତି । ତାଙ୍କର ଆମେ ଉପାସନା କରୁଛୁ ଓ ତାଙ୍କରି ଠାରୁ ହିଁ ଆମେ ସାହାଯ୍ୟ ଲୋଡୁଅଛୁ । ତାଙ୍କ ଠାରେ ଏହି ପ୍ରାର୍ଥନା କରୁଛୁ ଯେ ସେ ଆମକ ସମସ୍ତ ପ୍ରକାର ପୁରସ୍କାରର ପଥ ଦେଖାନ୍ତୁ ଓ ତାଙ୍କ ପ୍ରକୋପିତ ଶାସ୍ତିର ପଥ ତଥା ଦୋଷତ୍ରୁଟିରୁ ଦୂରରେ ରଖନ୍ତୁ ।'

ଏହି ପ୍ରାର୍ଥନା ଯାହା ଅଲ ଫାତିହା ଅଧ୍ୟାୟରେ ଅଛି, ତାହା ବାଇବେଲ୍ ଅନ୍ତର୍ଗତ ପ୍ରାର୍ଥନାର ସଂପୂର୍ଣ୍ଣ ବିପରୀତ । କାରଣ ବାଇବେଲ୍‌ରେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ବିଦ୍ୟମାନ ହେବା ବିଷୟକୁ ଖଣ୍ଡନ କରାଯାଇଛି । ତେଣୁ ବାଇବେଲ୍ ଆଧାରରେ ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ସାମ୍ରାଜ୍ୟ ପ୍ରଚଳିତ ହେଉ ନଥିବାର କେବଳ ଏହି କାରଣ ଦର୍ଶାଯାଇଛି ଯେ ନା ପୃଥିବୀରେ ଈଶ୍ୱରଙ୍କ ରବୁବିୟତ୍ କିଛି କାମ କରୁଛି ଯେପରି ଭୂପୃଷ୍ଠରେ ଈଶ୍ୱରଙ୍କ ସାମ୍ରାଜ୍ୟ ବିଦ୍ୟମାନ । ସେହି କାରଣ ଯୋଗୁଁ ଏହି ଅଧ୍ୟାୟରେ ଐଶି ସାମ୍ରାଜ୍ୟର ସମସ୍ତ ଆବଶ୍ୟକୀୟ ବୈଶିଷ୍ଟ୍ୟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

ତେଣୁ ଏହା ସ୍ୱାଭାବିକ ଯେ ଜଣେ ସମ୍ରାଟଙ୍କର ଏହିସବୁ ବୈଶିଷ୍ଟ୍ୟ ରହିବା ଉଚିତ । ଯେପରିକି ସେ ଲୋକମାନଙ୍କର ପ୍ରତିପାଳନ କରିବାରେ ସାମର୍ଥ୍ୟ ରଖିଥିବ । ସୁରଃ ଫାତିହାରେ ଈଶ୍ୱର ପୃଥିବୀର ସଂରକ୍ଷକ ରୂପେ 'ରବ୍‌ବୁଲ୍ ଆ'ଲମୀନ୍' (ବିଶ୍ୱର ପାଳନକର୍ତ୍ତା) ଗୁଣକୁ ପ୍ରତିପାଦନ କରାଯାଇଛି । ପୁଣି ସମ୍ରାଟଙ୍କ ଦ୍ୱିତୀୟ ଗୁଣ ଏହା ହେବା ଉଚିତ ଯେ ପ୍ରଜାମାନଙ୍କ ଧରାପୃଷ୍ଠରେ ବସବାସ କରିବା ପାଇଁ ଯାହା ଜରୁରୀ ସାମଗ୍ରୀର ଆବଶ୍ୟକତା ରହିଛି, ସେସବୁକୁ ସେ ଅନନ୍ତ ଦୟାସାଗର ରୂପେ ସ୍ୱରାଜକୀୟ ଗୁଣ ବଳରେ ଯୋଗାଇଦେବେ ଯାହା ସେମାନଙ୍କର ସେବା କର୍ମର ପ୍ରତିଦାନରେ ନୁହେଁ । ଏହିପରି 'ରହମାନ୍' (ଅଶେଷ ଦୟାବାନ) ଶବ୍ଦ ସେହି ପରମ ଗୁଣକୁ ସତ୍ୟ ସାବ୍ୟସ୍ତ କରିଦେଇଛି । ତୃତୀୟ ଗୁଣଟି ଏହା ଆବଶ୍ୟକ କରୁଛି ଯେ ଯେଉଁ କାର୍ଯ୍ୟଗୁଡିକୁ ପ୍ରଜାଗଣ ନିଜ ପ୍ରୟାସରେ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରୁନାହାନ୍ତି, ଈଶ୍ୱର ଏକ ସମ୍ରାଟ ରୂପେ ସେହି ଲକ୍ଷ୍ୟସାଧନ ସକାଶେ ସ୍ୱୟଂ ସହାୟତା ପ୍ରଦାନ କରିବେ । ସେଥିପାଇଁ ଏହି ଦୈବି ଗୁଣଟିକୁ ଉପରୋକ୍ତ ଅଧ୍ୟାୟରେ 'ରହିମ୍' (ସଦା କରୁଣାମୟ) ଶବ୍ଦ ପ୍ରୟୋଗ କରି ପ୍ରମାଣିତ କରାଯାଇଛି । ରାଜାଧିଶ୍ୱରଙ୍କ ଚତୁର୍ଥ ଗୁଣ ବଳରେ ମନୁଷ୍ୟ କର୍ମଫଳ ଜନିତ ପୁରସ୍କାର ଓ ଦଣ୍ଡ ବିଧାନର କ୍ଷମତା ତାଙ୍କ ପାଖରେ ରହିବା ଆବଶ୍ୟକ, ଯଦ୍ଦ୍ୱାରା ସାମାଜିକ ସ୍ଥିତିରେ ବିଶୃଙ୍ଖଳା ଉପୁଜିବ ନାହିଁ । ଏହି ଅଧ୍ୟାୟ ଈଶ୍ୱରଙ୍କ ବିଶେଷ ଗୁଣ 'ମାଲିକି ୟୋମିଦ୍‌ଦୀନ୍' (ଅନ୍ତିମ ବିଚାର ଦିବସର ପ୍ରଭୁ) ଶବ୍ଦରେ ପ୍ରମାଣିତ କରୁଛି । ସଂକ୍ଷେପରେ ଅଧ୍ୟାୟ 'ଅଲ୍ ଫାତିହା' ସେହି ସମସ୍ତ ରାଜକୀୟ ବିଶେଷତ୍ୱକୁ ଉପସ୍ଥାପନ କରୁଛି, ଯାହାକି ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀର ପ୍ରତିଷ୍ଠା ହୋଇଥିବା ତଥା ତାହାର ପରିଚାଳନା ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବା ବିଷୟକୁ ପ୍ରମାଣସିଦ୍ଧ କରୁଛି ।...

ତେବେ ଶୁଣ ଓ ବୁଝ ! ଏହା ହିଁ ସବୁଠାରୁ ବଡ ଉପଲବ୍ଧି ଯେ ପୃଥିବୀର ପ୍ରତ୍ୟେକ କ୍ଷୁଦ୍ରତମ ଉପଦାନ ଯେପରି ପ୍ରଭୁଙ୍କ ନିୟନ୍ତ୍ରଣାଧୀନରେ ପରିଚାଳିତ, ସେହିପରି ପ୍ରତ୍ୟେକ କ୍ଷୁଦ୍ରତମ ଆକାଶୀୟ ପିଣ୍ଡ ମଧ୍ୟ ତାହାଙ୍କ ସାମ୍ରାଜ୍ୟର ଏକ ଅଂଶବିଶେଷ । ଯେପରି ଆକାଶରେ ତାଙ୍କର ଦିବ୍ୟ ମହିମାର ସ୍ପଷ୍ଟ ପରିପ୍ରକାଶ ହୋଇଥାଏ, ସେହିପରି ପୃଥିବୀରେ ମଧ୍ୟ ତାଙ୍କ ଅପାର ମହିମାର ଜ୍ୟୋତି ଉଦ୍‌ଭାସିତ ହୋଇଥାଏ । ଏପରିକି ଆକାଶରେ ଐଶ୍ୱରିକ ମହିମା ଏକ ଆସ୍ଥାର ବିଷୟ ।

ସାଧାରଣ ମନୁଷ୍ୟ ନା ଆକାଶକୁ ଆରୋହଣ କରିଯାଇଛି ନା ସେହି ମହିମାର ପ୍ରତ୍ୟକ୍ଷ ପ୍ରମାଣ ପାଇଛି । ମାତ୍ର ପୃଥିବୀରେ ଈଶ୍ୱରଙ୍କ ସାମ୍ରାଜ୍ୟର ଯେଉଁ ଲୀଳା ପ୍ରଦର୍ଶିତ ହୋଇଥାଏ, ତାହା ତ ପ୍ରତ୍ୟେକ ବ୍ୟକ୍ତି ନିକଟରେ ସ୍ୱଷ୍ଟ ରୂପେ ଦୃଷ୍ଟିଗୋଚର ହୋଇଥାଏ ।

ପ୍ରତ୍ୟେକ ମଣିଷ ସେ ଯେତେବଡ ଧନଶାଳୀ ହୋଇଥାଉ ପଛକେ ସେ ନିଜ ଇଚ୍ଛା ବିରୁଦ୍ଧରେ ମୃତ୍ୟୁର ସ୍ୱାଦ ଅବଶ୍ୟ ଚାଖିଥାଏ । ସୁତରାଂ ଦେଖ ଥରେ ସେହି ପ୍ରକୃତ ରାଜାଧିରାଜଙ୍କ ଆଦେଶ ବଳରେ କିପରି ତାଙ୍କ ଅପାର ମହିମା ପୃଥିବୀରେ ପ୍ରଦର୍ଶିତ ହେଉଛି । ଯେଉଁ ମୁହୂର୍ତ୍ତରେ ତାଙ୍କର ଆଜ୍ଞା ହେଉଛି କେହିହେଲେ ନିଜ ମୃତ୍ୟୁକୁ ଗୋଟିଏ କ୍ଷଣକ ପାଇଁ ମଧ୍ୟ ଅଟକାଇ ରଖିପାରୁ ନାହିଁ । ଯେତେବେଳେ କୌଣସି ବ୍ୟକ୍ତି ସଂଘାତିକ ବ୍ୟାଧିରେ ଆକ୍ରାନ୍ତ ହେଉଛି, କୌଣସି ଚିକିତ୍ସକ ତାଙ୍କ ରୋଗ ଦୂର କରିବାରେ ସମର୍ଥ ହେଉ ନାହିଁ । ତେଣୁ ଚିନ୍ତା କର ଯେ ପୃଥିବୀରେ ଅନୁଭୂତ ହେଉଥିବା ସ୍ୱର୍ଗୀୟ ସାମ୍ରାଜ୍ୟରେ ତାଙ୍କ ଲୀଳା କେତେ ଅଦ୍ଭୁତ, ଯାହା ଯୋଗୁଁ ତାଙ୍କ ଆଦେଶ କେବେ ହେଁ ରଦ୍ଦ ହୋଇପାରିବ ନାହିଁ ? ତେବେ କିପରି ଏହା କୁହାଯିବ ଯେ ପୃଥିବୀରେ ଈଶ୍ୱରଙ୍କ ରାଜତ୍ୱ ତଥାପି ଆଜିଯାଏ ସ୍ଥାପିତ ହୋଇ ନାହିଁ ଏବଂ ଆଗାମି କୌଣସି ଯୁଗରେ ଏହା ପୃଥିବୀକୁ ଆସିବାର ସମ୍ଭାବନା ରହିଛି ?

ଦେଖ, ଏହି ଯୁଗରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆଦେଶ ବଳରେ ପ୍ଲେଗ ରୋଗ ପୃଥିବୀକୁ ଥରାଇଦେଲା, ଯାହା ତାହାଙ୍କ ପ୍ରେରିତ ପ୍ରତିଶ୍ରୁତ ଅବତାରଙ୍କ ପାଇଁ ଏକ ଜ୍ୱଳନ୍ତ ନିଦର୍ଶନ ହେବ । ତେଣୁ ତାହାଙ୍କ ଇଚ୍ଛା ନହେଲେ କିଏ ତାହା ଦୂର କରିପାରିବ ? ସୁତରାଂ ଏହା କିପରି କୁହାଯାଇ ପାରିବ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ତଥାପି ପୃଥିବୀକୁ ଆସି ନାହିଁ ? ହଁ, ଜଣେ ମନ୍ଦ ବ୍ୟକ୍ତି କଏଦୀ ପରି ତାଙ୍କ ପୃଥିବୀରେ ବସବାସ କରି ଜୀବନ ନିର୍ବାହ କରୁଛି ଏବଂ ସେ ଚାହୁଁଛି ଯେ କେବେ ବି ମରିବ ନାହିଁ । କିନ୍ତୁ ପ୍ରକୃତ ଐଶି ସାମ୍ରାଜ୍ୟ ତା'ର ଅସ୍ତିତ୍ୱକୁ ଲୋପ କରିଦେଉଛି ଏବଂ ଶେଷରେ ମନୁଷ୍ୟ ମୃତ୍ୟୁର ଯମଦୂତ କବଳରେ ପଡିଯାଉଛି । ତଥାପି ଏହା କିପରି କୁହାଯାଇ ପାରିବ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ପୃଥିବୀରେ ଉପନୀତ ହୋଇ ନାହିଁ ? ପ୍ରତିଦିନ ଈଶ୍ୱରଙ୍କ ଆଦେଶରେ କୋଟି କୋଟି ଲୋକ ଘଣ୍ଟାଏ ଭିତରେ ମୃତ୍ୟୁବରଣ କରୁଛନ୍ତି ତ ଅଗଣିତ ଶିଶୁ ତାଙ୍କ ଆଦେଶରେ ଜନ୍ମଗ୍ରହଣ କରୁଛନ୍ତି । ତାହାଙ୍କ

ଇଚ୍ଛାରେ ବହୁସଂଖ୍ୟକ ଗରୀବ ଧନୀ ହୋଇ ଯାଉଛନ୍ତି ତ ସଂଖ୍ୟାଧିକ ଧନୀ ଦାଣ୍ଡର ଭିକାରୀ ହୋଇ ଯାଉଛନ୍ତି । ଏପରି ସ୍ଥଳେ କିପରି ଏହା କହିବା ଯୁକ୍ତିଯୁକ୍ତ ହେବ ଯେ ଏ ପର୍ଯ୍ୟନ୍ତ ପୃଥିବୀରେ ସ୍ୱର୍ଗୀୟ ରାଜତ୍ୱ ପ୍ରତିଷ୍ଠା ହୋଇ ନାହିଁ ?

ସ୍ୱର୍ଗରେ ତ କେବଳ ଦେବଦୂତ ରହନ୍ତି । ମାତ୍ର ମର୍ତ୍ତ୍ୟରେ ତ ମନୁଷ୍ୟ ବାସ କରୁଛନ୍ତି ଓ ଈଶ୍ୱରଙ୍କ ଆଦେଶବାହକ କର୍ମୀ ରୂପେ ଦେବଦୂତଗଣ ମଧ୍ୟ ରହିଥାନ୍ତି । ସେହି ଦେବ ପ୍ରତିନିଧିଗଣ ପୃଥିବୀରେ ସ୍ୱର୍ଗୀୟ ସାମ୍ରାଜ୍ୟର ସେବକ ସାଜି ମନୁଷ୍ୟର ବିଭିନ୍ନ ସୁରକ୍ଷା ପାଇଁ ପଠାଯାଇଥାନ୍ତି । ସେମାନଙ୍କ ଦ୍ୱାରା କ୍ଷଣ ପ୍ରତିକ୍ଷଣ ଈଶ୍ୱରଙ୍କ ଆଜ୍ଞାପାଳନ ତଥା ନିଜ ନିଜ କାର୍ଯ୍ୟ ନିର୍ବାହୀ ରିପୋର୍ଟ ତାଙ୍କ ନିକଟକୁ ସେମାନେ ପ୍ରେରଣ କରିଥାନ୍ତି । ଏହା ସତ୍ତ୍ୱେ ଈଶ୍ୱରଙ୍କ ରାଜତ୍ୱ ଧରାପୃଷ୍ଠରେ ଅଦ୍ୟାବଧି ବିସ୍ତାରିତ ହୋଇ ନାହିଁ ବୋଲି କିପରି କୁହାଯାଇପାରେ ?

ବରଂ ଈଶ୍ୱର ସବୁଠାରୁ ଅଧିକ ନିଜର ସାଂସାରିକ ରାଜତ୍ୱରୁ ହିଁ ପରିଚିତ ହୋଇଥା'ନ୍ତି । କାରଣ ପ୍ରତ୍ୟେକ ବ୍ୟକ୍ତି ଏହି ଧାରଣା କରିଥାଏ ଯେ ଆକାଶର ରହସ୍ୟ ଗୋପନୀୟ ତଥା ଅପ୍ରାମାଣିକ । ଏପରିକି ବର୍ତ୍ତମାନ ଯୁଗରେ ପ୍ରାୟ ସମସ୍ତ ଖ୍ରୀଷ୍ଟଜଗତ ଓ ତାଙ୍କ ଦାର୍ଶନିକମାନେ ଆକାଶର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ । ଯାହା ସମ୍ବନ୍ଧରେ ଈଶ୍ୱରଙ୍କ ସାମ୍ରାଜ୍ୟ ବାଇବେଲ୍‌ର ତତ୍ତ୍ୱ ଉପରେ ଆଧାରିତ ହୋଇ ରହିଛି । ଅପର ପକ୍ଷେ ପ୍ରକୃତ କଥା ହେଉଛି ଯେ ପୃଥିବୀ ଆମ ପାଦ ତଳେ ଏକ ଗୋଲାକାର ପିଣ୍ଡ ସଦୃଶ ରହିଛି, ଯାହାର ପୃଷ୍ଠ ଉପରେ ଶତସହସ୍ର ଆଇନଗତ ଐଶି ଆଦେଶ ସ୍ୱଷ୍ଟ ରୂପେ ପ୍ରଦର୍ଶିତ ହେଉଛି । ଯେଉଁଥିରୁ ଏହା ବୁଝାପଡୁଛି ଯେ ଏ ସମସ୍ତ ପରିବର୍ତ୍ତନ ତଥା ଜନ୍ମ ଓ ମୃତ୍ୟୁ ଜଣେ କେହି ବିଶିଷ୍ଟ ମୁନିବ ଓ ବିଶ୍ୱ ବିଧାତାଙ୍କ ଆଦେଶରେ ସମ୍ପାଦିତ ହେଉଛି । ପୁଣି କିପରି ଏହା କୁହାଯାଇ ପାରିବ ଯେ ଏହି ଧରାପୃଷ୍ଠ ଏବେ କୌଣସି ଐଶି ସାମ୍ରାଜ୍ୟ ଅଧୀନରେ ପରିଚାଳିତ ହେଉନାହିଁ ?

ଆମ ପ୍ରଭୁ ପରମବ୍ରହ୍ମ ପ୍ରଥମ ଅଧ୍ୟାୟ ସୁରଃ ଫାତିହାରେ ନା ଆକାଶର ନାମ ନା ପୃଥିବୀର ନାମ ଧରିଛନ୍ତି । ଏହା କହି ଆମକୁ ବାସ୍ତବିକତାର ସୂଚନା ଦେଇଛନ୍ତି ଯେ ସେ ହେଉଛନ୍ତି 'ରବ୍‌ବୁଲ୍ ଆ'ଲମୀନ୍' ଅର୍ଥାତ ଯେତେଦୂର ପର୍ଯ୍ୟନ୍ତ ତାଙ୍କର ସମଗ୍ର ସୃଷ୍ଟିଜଗତ ବିସ୍ତାରିତ, ଶରୀର ଓ ଆତ୍ମା ପରିବ୍ୟାପ୍ତ, ସେହି ସକଳ ବସ୍ତୁର ସେ ହେଉଛନ୍ତି ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଯେ କି ପ୍ରତ୍ୟେକ

ସମୟରେ ସେମାନଙ୍କର ପ୍ରତିପାଳନ କରୁଛନ୍ତି ଏବଂ ସେମାନଙ୍କର ଅବସ୍ଥା ଦେଖି ବ୍ୟବସ୍ଥା କରୁଛନ୍ତି । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଉପରେ ପ୍ରତିକ୍ଷଣ ତାଙ୍କର ଦୈବି ବ୍ୟବସ୍ଥା 'ରବୁବିୟତ୍', 'ରହମାନିୟତ୍', 'ରହମିୟତ୍' ତଥା କର୍ମ ପ୍ରତିଫଳ ବିଧାନର ପ୍ରଭୁତ୍ୱ ପ୍ରଚଳିତ ହୋଇ ଆସୁଛି । ଏଠାରେ ସ୍ମରଣଯୋଗ୍ୟ ଯେ ସୁରଃ ଫାତିହାରେ ଆରବୀ ବାକ୍ୟ 'ମାଲିକେ ୟୋମିଦ୍ଦୀନ'ର ତାତ୍ପର୍ଯ୍ୟ କେବଳ ଏହା ନୁହେଁ ଯେ କୟାମତ୍ ବା ମହାପ୍ରଳୟ ଦିନ ମନୁଷ୍ୟ କର୍ମର ହିସାବ ନିକାଶ କରାଯିବ । ବରଂ ପବିତ୍ର କୁରଆନରେ ତ ବାରମ୍ବାର ଓ ସ୍ୱଷ୍ଟ ଶବ୍ଦରେ ବର୍ଣ୍ଣନା କରାଯାଇଛି ଯେ ସେହି ଅନ୍ତିମ ବିଚାର ଦିବସ ମହାନ ପୁରସ୍କାର ଅଥବା ପ୍ରଚଣ୍ଡ ଶାସ୍ତିବିଧାନର ସମୟ ନେଇ ଆସିବ । କିନ୍ତୁ ଏକ ପ୍ରକାର ସେହି କର୍ମ ପ୍ରତିଫଳର ବିଧାନ ଏହି ଭବସଂସାରରେ ମଧ୍ୟ ଆରମ୍ଭ ହୋଇ ଯାଇଥାଏ । ଯାହାର ସଙ୍କେତ ଏହି କୁରଆନ ପଙ୍କ୍ତିରୁ ମିଳିଥାଏ :

**ୟଜ୍ଅଲ୍ ଲକୁମ୍ ଫୁର୍କାନା** يَجْعَلْ لَّكُمْ فُرْقَانًا

ଅର୍ଥାତ 'ସେ ତୁମମାନଙ୍କ ମଧ୍ୟରେ ଜାତି, ଲିଙ୍ଗ ଭେଦରେ ବିବିଧତା ସୃଷ୍ଟି କରାଇଛନ୍ତି ।' *(ଅଲ ଅନଫାଲ୍ 8:30)*

(କିଶ୍ତୀ ନୁହ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯; ପୃଷ୍ଠା ୩୨-୪୨)

ଏଥିରୁ ସ୍ୱଷ୍ଟ ଯେ ପବିତ୍ର କୁରଆନର ଶିକ୍ଷା ଦୃଷ୍ଟିରୁ ଈଶ୍ୱର ଯେପରି ପୃଥିବୀରେ ବିଦ୍ୟମାନ, ଆକାଶରେ ମଧ୍ୟ ସେହିପରି ବିଦ୍ୟମାନ । ତେଣୁ ସେ ଏହିପରି କହିଛନ୍ତି:

هُوَ الَّذِىْ فِى السَّمَآءِ اِلٰهٌ وَّفِى الْاَرْضِ اِلٰهٌ ـ

**ହୁୱଲ୍ଲଜି ଫିସ୍ସମା'ଏ ଇଲାହୁଁ ୱ୍ଫିଲ୍ ଅର୍ଜେ ଇଲାହୁନ୍**

*(ଅଲ ଜୁଖରୁଫ୍ 43:85)*

ଅର୍ଥାତ 'ସେ ପୃଥିବୀର ଈଶ୍ୱର ଓ ସେ ହିଁ ଆକାଶର ଈଶ୍ୱର ।'

ସେ ଏହା ମଧ୍ୟ କହିଛନ୍ତି : କୌଣସି ଗୁପ୍ତ ମନ୍ତ୍ରଣାରେ ତିନିଜଣ ବ୍ୟକ୍ତି ଏକତ୍ରିତ ହୁଅନ୍ତି ନାହିଁ , ଯାହାଙ୍କ ସହିତ ଚତୁର୍ଥରେ ଈଶ୍ୱର ନଥାନ୍ତି । ସେ ପୁଣି କହିଛନ୍ତି ଯେ ସେ ଅସୀମ । ଏହି ପଙ୍କ୍ତିରେ ତାହା ଲେଖାଅଛି :

لَا تُدۡرِكُهُ الۡاَبۡصَارُ وَهُوَ يُدۡرِكُ الۡاَبۡصَارَ

**ଲା'ତୁଦ୍‌ରିକୁହୁଲ୍ ଅବ୍‌ସାର୍, ୱହୁୱା ୟୁଦ୍‌ରିକୁଲ୍ ଅବ୍‌ସାର୍**

*(ଅଲ ଅନ୍‌ଆମ୍ **6:104**)*

ଅର୍ଥାତ 'ପାର୍ଥିବ ଚକ୍ଷୁ ତାଙ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । କିନ୍ତୁ ସେ ଚକ୍ଷୁର ସୀମା ପର୍ଯ୍ୟନ୍ତ ପହଞ୍ଚିପାରନ୍ତି ।' ସେହିପରି ପରମେଶ୍ୱର ପବିତ୍ର କୁରଆନରେ କହିଛନ୍ତି :

وَنَحۡنُ اَقۡرَبُ اِلَيۡهِ مِنۡ حَبۡلِ الۡوَرِيۡدِ-

**ୱନହ୍‌ନୁ ଅକ୍‌ରବୁ ଇଲୈହି ମିନ୍ ହବ୍‌ଲିଲ୍ ୱରିଦ୍** *(କାଫ୍ **50:17**)*

ଅର୍ଥାତ 'ଆମ୍ଭେ ମନୁଷ୍ୟର ଜୀବନ ନାଡ଼ିକା ଠାରୁ ମଧ୍ୟ ଅଧିକ ନିକଟରେ ଅଛୁଁ ।' ଅନ୍ୟ ଏକ ସ୍ଥାନରେ ଏହା ମଧ୍ୟ କୁହାଯାଇଛି ଯେ ଈଶ୍ୱର ପ୍ରତ୍ୟେକ ବସ୍ତୁକୁ ଧାରଣ କରି ରଖିଛନ୍ତି । ଏହା ମଧ୍ୟ କହିଛନ୍ତି :

اَنَّ اللّٰهَ يَحُوۡلُ بَيۡنَ الۡمَرۡءِ وَقَلۡبِهٖ-

**ଅନ୍‌ନଲ୍ଲାହା ୟହୁଲୁ ବୈନଲ୍ ମର୍‌ଏ ୱକଲ୍‌ବିହୀ ।** *(ଅଲ ଅନଫାଲ୍ **8:25**)*

ଅର୍ଥାତ 'ଅଲ୍ଲାଃ ମନୁଷ୍ୟର ହୃଦୟ ଠାରୁ ମଧ୍ୟ ତା'ର ଅଧିକ ନିକଟବର୍ତ୍ତୀ ।' ପୁଣି ଏହା କୁହାଯାଇଛି :

اَللّٰهُ نُوۡرُ السَّمٰوٰتِ وَالۡاَرۡضِ-

**ଅଲ୍ଲାହୁ ନୁରୁସ୍ ସମାୱାତି ୱଲଅର୍‌ଜ୍ ।** *(ଅନ୍ ନୁର୍ **24:36**)*

ଅର୍ଥାତ 'ସେ ହିଁ ଈଶ୍ୱର, ଯାହାଙ୍କ କମନୀୟ ଚେହେରାରୁ ଜ୍ୟୋତି ଉଦ୍ଭାସିତ ହୋଇ ଆକାଶ ଓ ପୃଥିବୀରେ ଝଟକୁଥାଏ । ତାହାଙ୍କ ବିନା ସବୁକିଛି ଅନ୍ଧାର ।' ପୁଣି ଏପରି କହିଛନ୍ତି :

كُلُّ مَنۡ عَلَيۡهَا فَانٍ- وَّيَبۡقٰى وَجۡهُ رَبِّكَ ذُو الۡجَلٰلِ وَالۡاِكۡرَامِ-

**କୁଲ୍ଲୁ ମନ୍ ଅଲୈହା ଫାନ୍ । ୱୟବ୍‌କା ୱଜ୍‌ହୁ ରବ୍‌ବିକା ଜୁଲ୍‌ଜଲାଲି ୱଲ୍‌ଇକ୍‌ରାମ୍ ।** *(ଅର୍ ରହମାନ୍ **55:27-28**)*

ଅର୍ଥାତ 'ପ୍ରତ୍ୟେକ ବସ୍ତୁ ବିନାଶଶୀଳ ଓ ପରିବର୍ତ୍ତନଶୀଳ, କେବଳ ଈଶ୍ୱର ହିଁ ଅକ୍ଷୁର୍ଣ୍ଣ ଓ ଚିରସ୍ଥାୟୀ' ।

ମନୁଷ୍ୟର ପ୍ରବୃତ୍ତି ଏହା ସ୍ୱୀକାର କରିବାକୁ ବାଧ ହୁଏ ଯେ ଏହି ବିଶ୍ୱର ନଭୋମଣ୍ଡଳୀୟ ଓ ପାର୍ଥିବ ଜଗତର ସମସ୍ତ ବସ୍ତୁ ମଧ୍ୟରେ ଏପରି ଏକ ଅସ୍ତିତ୍ୱ ମଧ୍ୟ ରହିଛି, ଯାହାକି ସେମାନଙ୍କ ବିନାଶ ଓ ପରିବର୍ତ୍ତନ ଘଟୁଥିବା ବେଳେ ସେହି ଏକମାତ୍ର ସତ୍ତାଙ୍କ ବିନାଶ ଓ ପରିବର୍ତ୍ତନ ହୁଏ ନାହିଁ । ସେ ନିଜ ସ୍ଥିତିକୁ ସର୍ବଦା ଅକ୍ଷୁର୍ଣ୍ଣ ଓ ବଜାୟ ରଖିଥାନ୍ତି । ଯେହେତୁ ଧରାଧାମରେ ପାପ, ଅବଜ୍ଞା ତଥା ନାନା ମନ୍ଦ ପ୍ରବୃତ୍ତିଜନିତ ଅପବିତ୍ର ଆଚରଣ ପ୍ରଦର୍ଶିତ ହୋଇଥାଏ, ସେପରି ସ୍ଥଳେ ଈଶ୍ୱରଙ୍କୁ କେବଳ ପୃଥିବୀ ମଧ୍ୟରେ ସୀମାବଦ୍ଧ କରି ରଖିଥିବା ମନୁଷ୍ୟ ଶେଷରେ ମୂର୍ତ୍ତିପୂଜକ ଓ ସୃଷ୍ଟି ଉପାସକ ପାଲଟି ଯାଆନ୍ତି, ଯାହାକି ସମସ୍ତ ହିନ୍ଦୁମାନଙ୍କ କ୍ଷେତ୍ରରେ ହୋଇଛି ।

# ଇସଲାମରେ ଅର୍ଶ୍ (ସିଂହାସନ) ତତ୍ତ୍ୱ

ସେଥିପାଇଁ ପବିତ୍ର କୁରଆନ ଏହା ସ୍ପଷ୍ଟ କରିଛି ଯେ ଏକପକ୍ଷେ ଈଶ୍ୱରଙ୍କର ତାଙ୍କ ସୃଷ୍ଟଜ ପ୍ରାଣୀଙ୍କ ସହିତ ଘନିଷ୍ଟ ସଂପର୍କ ରହିଛି । ସେ ପ୍ରତ୍ୟେକ ପ୍ରାଣୀର ଜୀବନ ଓ ପ୍ରତ୍ୟେକଙ୍କର ସାହାରା ଅର୍ଥାତ ସବୁକିଛି ତାଙ୍କ ପଦାରବିନ୍ଦରେ ଆଶ୍ରୀତ । ଅପର ପକ୍ଷେ ଏହି ତ୍ରୁଟିରୁ ମନୁଷ୍ୟକୁ ରକ୍ଷା କରିବା ପାଇଁ ଯେ କାଳେ ମନୁଷ୍ୟ ସହିତ ତାଙ୍କର ସମ୍ପର୍କ ରହିଥିବା ଯୋଗୁଁ କେହି ଯେପରି ସେହି ମନୁଷ୍ୟକୁ ଭଗବାନ ବୋଲି ଭାବି ନବସିବ, ଯାହା ବେଦାନ୍ତ ମତାବଲମ୍ବୀମାନେ ମନରେ ଧାରଣା କରି ବସିଛନ୍ତି । ସେଥିପାଇଁ ଏହା ବି କହିଦେଲେ ଯେ ସେ ସମସ୍ତଙ୍କ ଠାରୁ ଶ୍ରେଷ୍ଠ, ସେ ସକଳ ପ୍ରାଣୀଙ୍କ ଧାରଣାରୁ ଉର୍ଦ୍ଧ୍ୱରେ ଓ ସୃଷ୍ଟିଜଗତରେ ସର୍ବୋତ୍କୃଷ୍ଟ ପଦବୀ ଓ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି । ସେହି ସିଂହାସନ ଉପରେ ସେ ଅଧିଷ୍ଠିତ ହୋଇଛନ୍ତି, ଯାହାର ନାମ ଶାସ୍ତ୍ରୀୟ ବିଧାନରେ **'ଅର୍ଶ୍'** । ତେଣୁ ସେ ହେଉଛନ୍ତି ସେହି ସର୍ବୋଚ୍ଚ ସିଂହାସନାଧିପତି ଈଶ୍ୱର । ଏହା ଏପରି ସିଂହାସନ ନୁହେଁ ଯେଉଁ ପ୍ରକାର ସିଂହାସନରେ ମନୁଷ୍ୟ ବସିଥାଏ । ତାହା କୌଣସି ଭୌତିକ ପଦାର୍ଥରେ ଗଢ଼ା ସିଂହାସନ ନୁହେଁ, ଯାହା

ଉପରେ ଈଶ୍ୱର ବସିଥିବାର କଳ୍ପନା କରାଯାଇ ପାରିବ । 'ଅର୍ଶ୍' ରୂପେ ବିଦିତ ଏହି ସ୍ଥାନ ପାର୍ଥିବ ଜଗତ ଓ ମାନବ ଜ୍ଞାନ ବାହାରେ ଥିବା ଓ ସବୁ ସୀମାକୁ ପାର କରିଥିବା ଏପରି ଏକ ଅଧିଭୌତିକ ଆସ୍ଥାନ, ଯାହା ଉପରେ ସେ ସଦା ବିରାଜମାନ ହୋଇଥାନ୍ତି । ସେହି ନିର୍ଗୁଣ, ଅମୃତମୟ ପ୍ରଭୁ ଏପରି ଏକ ନୈସର୍ଗୀକ ସ୍ଥାନରେ ଉପବେଶନ ହେବା ପୂର୍ବରୁ ପବିତ୍ର କୁରଆନ ଅନୁଯାୟୀ ସ୍ରଷ୍ଟା ଓ ସୃଷ୍ଟି ସହିତ ସଂପର୍କ ସ୍ଥାପନ କଲେ । ତା'ପରେ ସର୍ବୋଚ୍ଚ ସିଂହାସନ ବା ଅର୍ଶ୍ ଉପରେ ଦୃଢ଼ତାର ସହିତ ଅଧିଷ୍ଠିତ ହେଲେ । ସୃଷ୍ଟଜ ପ୍ରାଣୀ ସହିତ ଏକ ମଧୁର ଭାବ ବିନିମୟର ସଂପର୍କ ଗଢ଼ିବା ସତ୍ତ୍ୱେ ସେହି ଏକକ ପରମସତ୍ତା ପୂର୍ବବତ୍ ଅଲଗା ହୋଇ ରହିଲେ । କିନ୍ତୁ ପ୍ରାଣୀ ସହିତ ପ୍ରାଣୀ ହୋଇ କିମ୍ବା ସୃଷ୍ଟି ସହିତ ସଂଯୁକ୍ତ ହୋଇ ରହିଲେ ନାହିଁ ।

ଈଶ୍ୱର ମନୁଷ୍ୟ ସହିତ ସଂଲଗ୍ନ ରହିବା ତଥା ପ୍ରତ୍ୟେକ ବସ୍ତୁକୁ ବୁଝିପାରିବା ବା ଧାରଣା ପୋଷଣ କରିବା ଶକ୍ତି ତାଙ୍କ **ସାଦୃଶ୍ୟ ଗୁଣ**କୁ ଦର୍ଶାଇଥାଏ । ସେଥିପାଇଁ ଈଶ୍ୱର ପବିତ୍ର କୁରଆନରେ ଏହି ଗୁଣକୁ ବର୍ଣ୍ଣନା କରିଛନ୍ତି, ଯଦ୍ଦ୍ୱାରା ସେହି ପରମାତ୍ମା ପରମେଶ୍ୱର ମନୁଷ୍ୟର ନିକଟବର୍ତ୍ତୀ ହେବା ବିଷୟ ସାବ୍ୟସ୍ତ କରାଯାଇ ପାରିବ । ସକଳ ସୃଷ୍ଟିଠାରୁ ଦୂରରୁ ଆହୁରି ଦୂରକୁ, ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଏପରିକି ସମସ୍ତ ଭୁବନର ସର୍ବୋଚ୍ଚ ଓ ସର୍ବଶେଷ ସ୍ଥାନରେ ମହିମାମଣ୍ଡିତ ହୋଇପାରିବେ । ତତ୍‌ସହିତ ଏହି ପାର୍ଥିବ ଜଗତର ବାହାରେ ସବୁ ସୀମା ଅତିକ୍ରମ କରିଥିବା **ସର୍ବୋତ୍କୃଷ୍ଟ ଓ ପବିତ୍ରତମ ଆସନ**କୁ ଅଳଂକୃତ କରିବେ । ସେଥିପାଇଁ ସେ ସୃଷ୍ଟିର ମହାଜାଗତିକ ମଣ୍ଡଳ ଠାରୁ ଅନନ୍ତ ଦୂରତ୍ୱରେ ଅବସ୍ଥାପିତ ସିଂହାସନର ଅଧିପତି ହେବାର ଗୌରବ ବହନ କରିଥାନ୍ତି । ଏହି ସ୍ୱୟଂପ୍ରଭା ପରମ ପୂତମୟ ସ୍ଥାନକୁ 'ଅର୍ଶ୍' ନାମରେ ସମ୍ବୋଧନ କରାଯାଏ । ସୀମା ଆରପାରିକୁ ଚାଲି ଯାଇଥିବା ବହିର୍ଜଗତରେ ସେହି ଲୀଳାମୟ ପ୍ରଭୁଙ୍କ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରିଥାଏ । ପବିତ୍ର କୁରଆନର ଏହି ବୈଶିଷ୍ଟ୍ୟକୁ କେବଳ ଏହି କାରଣ ଯୋଗୁଁ ଉଲ୍ଲେଖ କରାଯାଇଛି, ଯଦ୍ଦ୍ୱାରା ତାଙ୍କ ଏକେଶ୍ୱରବାଦିତା ଓ ଅନ୍ୟ କାହାରି ସହିତ ସ୍ୱୟଂ ସମକକ୍ଷ ନହେବା ତଥା ସେ ଅଦ୍ୱିତୀୟ ବ୍ରହ୍ମ ରୂପେ ବିବେଚିତ ହୋଇଥିବାର ପ୍ରମାଣ ଦର୍ଶାଇବା ଏବଂ ସୃଷ୍ଟଜ ପ୍ରାଣୀଙ୍କ ଗୁଣଗୁଡିକ ଠାରୁ ଆପଣା ସ୍ଥିତିକୁ ଦୂରେଇ ରଖିବା ସାବ୍ୟସ୍ତ ହୋଇପାରିବ । ଅନ୍ୟ ସଂପ୍ରଦାୟର ଲୋକ ଈଶ୍ୱରଙ୍କ ସୀମାତୀତ ହେବା ଗୁଣକୁ ଗ୍ରହଣ କରିଥାନ୍ତି ଓ ତାହାଙ୍କୁ ନିର୍ଗୁଣ

ବୋଲି କହିଥାନ୍ତି । ଅଥବା ସେମାନେ ତାଙ୍କ ଅସ୍ତିତ୍ୱକୁ ସଗୁଣ ମାନି ଏପରି ସାଦୃଶ୍ୟ ପରାୟଣର ଆଖ୍ୟା ଦେଇଥାନ୍ତି, ସତେ ଯେପରି ଈଶ୍ୱର ସ୍ୱୟଂ ଏକ ସୃଷ୍ଟି ଏବଂ ଏହି ଦୁଇଟିଯାକ ଆଖ୍ୟାକୁ କେବେ ସମ୍ମିଳିତ କରନ୍ତି ନାହିଁ । କିନ୍ତୁ ପବିତ୍ର କୁରଆନରେ ବର୍ଣ୍ଣିତ ଉପରୋକ୍ତ ବୈଶିଷ୍ଟ୍ୟ ଦ୍ୱୟର ଦର୍ପଣରେ ସେ ନିଜର ମୁଖମଣ୍ଡଳ ଦେଖାଇଲେ ଏବଂ ଏହା ହିଁ ହେଉଛି ତାଙ୍କର **ସଂପୂର୍ଣ୍ଣ ଏକତ୍ୱ**ର ପରିଚାୟକ ।

(ଚଶମା ଏ ମାରିଫତ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃ ୯୭-୯୯)

ମୁସଲିମମାନଙ୍କ ସିଦ୍ଧାନ୍ତ ଏହା ନୁହେଁ ଯେ 'ଅର୍ଶ୍' କୌଣସି ଏକ ପାର୍ଥିବ ବସ୍ତୁ କି କୌଣସି ସୃଷ୍ଟି କରାଯାଇଥିବା ବସ୍ତୁ, ଯାହା ଉପରେ ଈଶ୍ୱର ବସିଛନ୍ତି । ତୁମେ ପବିତ୍ର କୁରଆନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଧ୍ୟୟନ କର । କିନ୍ତୁ ଏହି କଥା ଆଦୌ କେଉଁଠି ହେଲେ ମିଳିବ ନାହିଁ ଯେ 'ଅର୍ଶ୍' କୌଣସି ଏକ ସୀମିତ ଓ ସୃଷ୍ଟଜ ବସ୍ତୁ । ଈଶ୍ୱର ପବିତ୍ର କୁରଆନରେ ବାରମ୍ବାର ଏହା କହିଛନ୍ତି ଯେ ସେ ହିଁ ସକଳ ବସ୍ତୁର ସୃଷ୍ଟିକର୍ତ୍ତା, ଯାହାର ଏକ ଅସ୍ତିତ୍ୱ ରହିଛି । ସେ ହିଁ ଆକାଶ ଓ ପୃଥିବୀର ସ୍ରଷ୍ଟା, ଆତ୍ମା ଓ ଏହାର ଅନ୍ତର୍ନିହିତ ସକଳ ଶକ୍ତିର ବିଧାତା । ସେ ହିଁ ଆପଣା ବ୍ୟକ୍ତିତ୍ୱ ଉପରେ ସ୍ୱୟଂ ପ୍ରତିଷ୍ଠିତ ଓ ପ୍ରତ୍ୟେକ ବସ୍ତୁ ତାଙ୍କ ଯୋଗୁଁ ହିଁ ତିଷ୍ଠି ରହିଛନ୍ତି । ପ୍ରତ୍ୟେକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ ତାଙ୍କରି ଦ୍ୱାରା ହିଁ ସୃଷ୍ଟି ହୋଇଛି । ମାତ୍ର କେଉଁଠାରେ ସେ ଏହା କହିନାହାନ୍ତି ଯେ ଅର୍ଶ୍ କୌଣସି ପାର୍ଥିବ ବସ୍ତୁ, ଯାହାର କି ସେ ସ୍ରଷ୍ଟା ।... ପବିତ୍ର କୁରଆନରେ ଯେଉଁସବୁ ସ୍ଥାନରେ 'ଅର୍ଶ୍' ଶବ୍ଦ ବ୍ୟବହୃତ ହୋଇଛି, ତାହାର ତାତ୍ପର୍ଯ୍ୟ ଈଶ୍ୱରଙ୍କ ମହିମା, ପରାକ୍ରମ ଓ ଆଧିପତ୍ୟକୁ ବୁଝାଏ । ଅର୍ଥାତ ଏହି ଶବ୍ଦରେ ତାଙ୍କର ଶ୍ରେଷ୍ଠତ୍ୱ, ଗାରିମା ଓ ସର୍ବୋଚ୍ଚ ଆସନର ଅଧିକାରୀ ହୋଇଥିବାର ଜଣାପଡେ । ସେଥିପାଇଁ ଏହାକୁ କୌଣସି ସୃଷ୍ଟି ହୋଇଥିବା ପଦାର୍ଥ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ସର୍ବଶକ୍ତିମାନ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଗୌରବର ଚାରୋଟି ସ୍ୱଷ୍ଟ ପ୍ରକାଶ ଅନୁଭୁତ ହୋଇଥାଏ । ବେଦ ଏହାକୁ ଚାରିଗୋଟି ଦେବତା ରୂପେ ଅଭିହିତ କରିଛି । କିନ୍ତୁ କୁରଆନର ଅଭିବ୍ୟକ୍ତି ଅନୁଯାୟୀ ସେଗୁଡିକୁ **ଦେବଦୂତ** (ଫରିସ୍ତା) ମଧ୍ୟ କୁହାଯାଏ ।

(ନସୀମ୍ ଏ ଦାଓ୍ୱତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃ ୪୫୩-୪୫୬)

ପବିତ୍ର କୁରଆନରେ ଅର୍ଶ୍‌ର ଅର୍ଥ ସେହି ଆସ୍ଥାନକୁ କୁହାଯାଏ, ଯାହା ସାଦୃଶ୍ୟ ବହନକାରୀ ସ୍ତର ଠାରୁ ଅଧିକ ଉଚ୍ଚତର ଓ ତାହା ପ୍ରତ୍ୟେକ ବିଶ୍ୱ ଅପେକ୍ଷା ଅଧିକ ଉତ୍କୃଷ୍ଟ ! ତାହା ଦୂରରୁ ବହୁ ଦୂରକୁ ଚାଲି ଯାଇଥିବା ଦିଗନ୍ତ ବିସ୍ତାରୀ ବହିର୍ଜଗତର ଏପରି ଏକ ସ୍ଥାନ, ଯାହା ଏକ ପାବନ ପୂତମୟ ଆଧାତ୍ମିକତାର ସ୍ଥଳ । ତେବେ ସେହି ଦିବ୍ୟାସନ କୌଣସି ପଥର କିମ୍ବା ଇଟାରେ ତିଆରି ସିଂହାସନ ନୁହେଁ, ଯାହା ଉପରେ ଈଶ୍ୱର ଉପବେଶନ କରିଛନ୍ତି । ସେଥିପାଇଁ ଅର୍ଶ୍‌କୁ ଅସ୍ପୃଷ୍ଟ ବା ଅଗଢ଼ା କୁହାଯାଏ । ତେଣୁ ପରମେଶ୍ୱର ଯେପରି କହିଛନ୍ତି ଯେ ସେ କେବେ ବିଶ୍ୱାସକାରୀଙ୍କ ହୃଦୟ କନ୍ଦରରେ ପ୍ରକଟିତ ହୋଇଥାନ୍ତି, ଠିକ୍ ସେହିପରି ସେ ଅର୍ଶ୍ ଉପରେ ବିରାଜମାନ ହୁଅନ୍ତି । ତେଣୁ ତାଙ୍କର ସ୍ପଷ୍ଟ ଦୃଢ଼ୋକ୍ତି ହେଉଛି 'ପ୍ରତ୍ୟେକ ବସ୍ତୁକୁ ମୁଁ ତୋଳି ଧରି ରଖିଛି' ଅର୍ଥାତ ତା'ର ଭାରକୁ ସମ୍ଭାଳିଛି । କିନ୍ତୁ ସେ କେଉଁଠି ଏହା କହିନାହାନ୍ତି ଯେ କୌଣସି ବସ୍ତୁ ମୋତେ ଉଠାଇ ଧରିଛି । ସେହି ଅର୍ଶ୍ ଯାହା ସମଗ୍ର ବିଶ୍ୱଜଗତ ଠାରୁ ଅଧିକ ଶ୍ରେଷ୍ଠ ଓ ଉଚ୍ଚତର ସ୍ଥାନ, ତାହା ହିଁ ସାଦୃଶ୍ୟ ଗୁଣର ସ୍ପଷ୍ଟ ପ୍ରଦର୍ଶନ ।

ଆମ୍ଭେ ଏହି କଥାର ବାରମ୍ବାର ଉଲ୍ଲେଖ କରିଛୁ ଯେ ଆଦି କାଳରୁ ଈଶ୍ୱରଙ୍କ ଠାରେ ଦୁଇଟି ନୈସର୍ଗିକ ଗୁଣର ପରିପ୍ରକାଶ ହୋଇ ଆସୁଛି । ଗୋଟିଏ ହେଉଛି ସାଦୃଶ୍ୟ ଗୁଣ, ଅନ୍ୟଟି ସୀମାତୀତ ଗୁଣ । ଯେହେତୁ ଐଶି ପୁସ୍ତକରେ ଦୁଇଟିଯାକ ଗୁଣ ବର୍ଣ୍ଣନା କରିବା ଜରୁରୀ ଥିଲା, ଅର୍ଥାତ ଗୋଟିଏ ସାଦୃଶ୍ୟ ରକ୍ଷାକାରୀ ଗୁଣ ଓ ଦ୍ୱିତୀୟଟି ସୀମାତିକ୍ରମକାରୀ ଗୁଣ । ସେଥିପାଇଁ ଈଶ୍ୱର ସାଦୃଶ୍ୟତା ଗୁଣକୁ ପ୍ରକାଶ କରିବା ପାଇଁ ନିଜ ହସ୍ତ, ଚକ୍ଷୁ, ପ୍ରେମ ଓ କ୍ରୋଧ ଇତ୍ୟାଦି ଗୁଣାବଳୀ ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି । ପୁନଶ୍ଚ ସାଦୃଶ୍ୟ ଗୁଣ ସମ୍ବନ୍ଧରେ ଉପୁଜୁଥିବା ଆଶଙ୍କା ଦୂରୀଭୁତ କରିବା ପାଇଁ କେତେକ ସ୍ଥାନରେ ଏହା କୁହାଯାଇଛି :

'ଲୈସା କମିସ୍‌ଲେହୀ ଶୈଇନ୍' କହିଛନ୍ତି ଓ ଅନ୍ୟ କେତେକ ସ୍ଥାନରେ 'ସୁମ୍ମସ୍‌ତୱା ଅଲଲ୍ ଅର୍‌ଶ୍' କହି ଦେଇ ଏହା ସୂଚନା ଦେଲେ ସେ 'ଅର୍ଶ୍'ଉପରେ ଅବସ୍ଥାପିତ ହୋଇଗଲେ । ଦୃଷ୍ଟାନ୍ତ ସ୍ୱରୂପ ଏହି ପଙ୍‌କ୍ତିରେ କୁହାଯାଇଛି:

**اَللّٰهُ الَّذِىْ رَفَعَ السَّمٰوٰتِ بِغَيْرِ عَمَدٍ تَرَوْنَهَا ثُمَّ اسْتَوٰى عَلَى الْعَرْشِ**

**ଅଲ୍ଲାହୁଲ୍‌ଲଜି ରଫଅସ୍ ସମାୱାତି ବିଗୈରି ଅମଦିନ୍ ତରଓ୍‌ନହା ସୁମ୍ମସ୍‌ତୱା ଅଲଲ୍ ଅର୍‌ଶ୍** *(ଅର୍ ରା'ଦ୍ **13:3**)*

ଅର୍ଥାତ 'ସେ ହିଁ ଅଲ୍ଲାଃ ଯେ ବିନା ସ୍ତମ୍ଭରେ ଆକାଶକୁ ଟେକି ଧରିଛନ୍ତି, ଯେପରି କି ତୁମେମାନେ ଦେଖୁଅଛ । ତା'ପରେ ସେ ସିଂହାସନ ଉପରେ ପ୍ରତିଷ୍ଠିତ ହୋଇଛନ୍ତି ।'

ଏହି ଆରବି ପଙ୍‌କ୍ତିର ଆକ୍ଷରିକ ଅର୍ଥରୁ ଯାହା ଜଣାପଡୁଛି ଓ ଏହି ଆଶଙ୍କା ଉପୁଜିଛି, ଯେପରିକି ଈଶ୍ୱର ଏଥିପୂର୍ବରୁ ସିଂହାସନ ଉପରେ ଉପବିଷ୍ଟ ହୋଇ ନଥିଲେ । କିନ୍ତୁ ଏହାର ମର୍ମାର୍ଥ ହେଉଛି ଯେ 'ଅର୍ଶ୍' କୌଣସି ଭୌତିକ ପଦାର୍ଥ ନୁହେଁ । ବରଂ ଏହା ଦୂରରୁ ବହୁ ଦୂରକୁ ଅଥବା ସୀମା ବାହାରକୁ ଚାଲିଯିବା ଏକ ଅବସ୍ଥାକୁ ବୁଝାଉଛି ଓ ଏହା ହିଁ ଈଶ୍ୱରଙ୍କର ଏକ ବୈଶିଷ୍ଟ୍ୟ । ଈଶ୍ୱର ଧରଣୀ, ଆକାଶ ଓ ଏଥିରେ ଥିବା ପ୍ରତ୍ୟେକ ଉପାଦାନକୁ ସୃଷ୍ଟି କଲେ । ସେ ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହ ନକ୍ଷତ୍ରରେ ସ୍ୱୟଂ ନିଜ ଦିବ୍ୟଜ୍ୟୋତିରୁ ଆଲୋକର ପ୍ରତିଫଳନ କରି ସେଗୁଡିକୁ ଆଲୋକିତ କଲେ । ନିଜର ରୂପ ଦେଇ ମନୁଷ୍ୟକୁ ପାର୍ଥିବ ଶରୀର ପ୍ରଦାନ କଲେ । ଆପଣା ଆଦର୍ଶ ଚରିତ୍ର ଓ ଦିବ୍ୟ ଗୁଣାବଳୀ ଦ୍ୱାରା ତା'ର ଅନ୍ତରରେ ପ୍ରାଣ ସଞ୍ଚାର କଲେ । ତେବେ ଏହି ଉପାୟରେ ଈଶ୍ୱର ନିଜ ପାଇଁ ଏକ ସାଦୃଶ୍ୟ ପ୍ରତିଷ୍ଠା କଲେ । ଯେହେତୁ ସେ ପ୍ରତ୍ୟେକ ପ୍ରକାର ଭୌତିକ ରୂପରେଖ ମୂଳକ ସାଦୃଶ୍ୟତାରୁ ସ୍ୱୟଂ ପବିତ୍ର, ସେଥିପାଇଁ ସେ ନିଜର ସୀମାତିକ୍ରମଣ ବୈଶିଷ୍ଟ୍ୟକୁ ବର୍ଣ୍ଣନା କରି ଏହା ପ୍ରକାଶ କଲେ : 'ସିଂହାସନ ଉପରେ ପ୍ରତିଷ୍ଠିତ' । ଏହି ଆଲୋଚନାର ସାରାଂଶ ହେଉଛି, ସେ ସବୁକିଛି ସର୍ଜନା କରିଥିଲେ ସୁଦ୍ଧା ସ୍ୱୟଂ କୌଣସି ସୃଷ୍ଟଜ ପ୍ରାଣୀ ନୁହନ୍ତି, ବରଂ ସେ ସବୁରି ଠାରୁ ସ୍ୱତନ୍ତ୍ର ଓ ତାଙ୍କର ଅବସ୍ଥିତି ମଧ୍ୟ ବହୁ ଦୂରକୁ ଚାଲିଯାଇଥିବା ବହିଃଜଗତର ଏକ ସଂପୂର୍ଣ୍ଣ ନିଆରା ଅମୃତମୟ ସତ୍ତା ।

(ଚଶମାଏ ମାରିଫତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃଷ୍ଠା ୨୭୬,୨୭୭)

ବିରୋଧିମାନେ ଅନ୍ୟ ଏକ ଅଭିଯୋଗ ମଧ୍ୟ ବାଢ଼ିଥାନ୍ତି । ତାହା ହେଉଛି ପବିତ୍ର କୁରଆନରେ କେତେକ ସ୍ଥାନରେ ଏହାର ସୂଚନା ମିଳୁଛି ଯେ କୟାମତ୍ (ଅନ୍ତିମ ବିଚାର ଦିବସ) ବା ମହାପ୍ରଳୟ ଦିନ ଅର୍ଶ୍‌କୁ ଆଠଜଣ ଦେବଦୂତ ଉଠାଇ ଧରିବେ । ଯେଉଁଥିରୁ ଏହାର ନିଷ୍କର୍ଷ ବାହାରୁଛି ଯେ ଏହି ଭବ ସଂସାରରେ ଚାରିଜଣ ଦେବଦୂତ ଅର୍ଶ୍‌କୁ ଉଠାଇ ରଖିଥିବେ । ଏଠାରେ ପ୍ରଶ୍ନ ଉଠୁଛି ଯେ ସର୍ବଶକ୍ତିମାନ ଈଶ୍ୱର ତ ଏହି ବିଷୟରୁ ପବିତ୍ର ଓ ଶ୍ରେଷ୍ଠତର ଯେ କେହି ତାଙ୍କୁ ଅର୍ଶ୍‌ରୁ ଉଠାଇ

ଧରିବ । ଏହାର ଉତ୍ତର ହେଉଛି ଏବେ ତୁମେ ଏହା ଶୁଣି ସାରିଛ ଯେ ଅର୍ଶ୍ କୌଣସି ପାର୍ଥିବ ବସ୍ତୁ ନୁହେଁ, ଯାହାକୁ ତୋଳି ଧରାଯିବ କିମ୍ବା ଯାହା ଉଠାଯିବାର ଯୋଗ୍ୟ । ବରଂ କେବଳ ତାହା ସୀମାତିକ୍ରମ ଗୁଣ ବିଶିଷ୍ଟ ପାବନ ପୂତମୟ ଆଧ୍ୟାତ୍ମିକ ଆସ୍ଥାନ, ଯାହାର ଅନ୍ୟନାମ ହେଉଛି 'ଅର୍ଶ୍' । ସେଥିପାଇଁ ତାକୁ ଅସୃଷ୍ଟ ବା ସୃଷ୍ଟି ବିହୀନ ରୂପେ ଅଭିହିତ କରାଯାଇଛି । ନଚେତ ଏକ ଭୌତିକ ବସ୍ତୁ ଈଶ୍ୱରଙ୍କ ସୃଷ୍ଟିରୁ କିପରି ବାହାରେ ରହିପାରିବ । ତେଣୁ ଅର୍ଶ୍ ସମ୍ବନ୍ଧରେ ଯାହାବି ବର୍ଣ୍ଣନା କରାଯାଇଛି, ତାହା ଭୌତିକ କଳେବର ମାଧ୍ୟମରେ । ସୁତରାଂ ଜଣେ ଚିନ୍ତାଶୀଳ ବ୍ୟକ୍ତି ଏହା ବୁଝିପାରିବ ଯେ ଏହି ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ।

ଏବେ ଆମେ ଏଠାରେ ଦେବଦୂତମାନଙ୍କୁ ଊର୍ଦ୍ଧ୍ୱଗାମୀ କରାଇବାର ଅସଲ ତାତ୍ପର୍ଯ୍ୟ ପାଠକ ବନ୍ଧୁମାନଙ୍କୁ ଶୁଣାଉଛୁ । ତାହା ହେଉଛି ଯେତେବେଳେ ଈଶ୍ୱର ତାଙ୍କର ସୀମାତିକ୍ରମ କରିବାର ସର୍ବୋତ୍କୃଷ୍ଟ ଗୁଣ, ଯାହା ତାଙ୍କର ଅନ୍ୟ ସମସ୍ତ ବୈଶିଷ୍ଟ୍ୟକୁ ଆବୃତ କରି ରଖିଥାଏ ଏବଂ ତାଙ୍କୁ ଦୂରରୁ ବହୁ ଦୂରକୁ ଓ ଗହନରୁ ଆହୁରି ଗହନକୁ ଘେନିଯାଏ । ସେପରି ଏକ ଅନନ୍ତମୟ ସ୍ଥାନକୁ ପବିତ୍ର କୁରଆନର ଅଭିବ୍ୟକ୍ତିର ଭାଷାରେ 'ଅର୍ଶ୍' ବୋଲି କୁହାଯାଇଥାଏ । ତା'ପରେ ଈଶ୍ୱର ମାନବୀୟ ବିଚାରଶକ୍ତିର ସ୍ତର ଠାରୁ ଊର୍ଦ୍ଧ୍ୱାଭିମୁଖୀ ହୋଇ ଗତି କରନ୍ତି ଓ ସେହି ମାନବବୁଦ୍ଧିର କୌଣସି ସାମର୍ଥ୍ୟ ନଥାଏ ଯେ ଈଶ୍ୱରଙ୍କ ବିଷୟରେ ଅନୁସନ୍ଧାନ କରିପାରିବ । ସେହି ପରିପ୍ରେକ୍ଷୀରେ ତାଙ୍କର ଚାରୋଟି ବୈଶିଷ୍ଟ୍ୟକୁ ଚାରିଜଣ ଦେବଦୂତଙ୍କ ନାମରେ ଅଭିହିତ କରାଯାଇଛି । ଏହା ଭୂପୃଷ୍ଠରେ ପ୍ରଦର୍ଶିତ ହୋଇସାରିଛି ଓ ତାହାଙ୍କ ଗୋପନ ସତ୍ତାକୁ ପ୍ରକାଶ କରି ଦେଇଛି ।

(୧) ପ୍ରଥମତଃ **'ରବୁବିୟତ୍'** ଯାହା ମାଧ୍ୟମରେ ସେ ମନୁଷ୍ୟର ଆଧ୍ୟାତ୍ମିକ ଓ ଶାରୀରିକ ଅବସ୍ଥାକୁ ସଂପୂର୍ଣ୍ଣ କରନ୍ତି । ସୁତରାଂ ଆତ୍ମା ଓ ଶରୀରର ପରିପ୍ରକାଶ ଏହି 'ରବୁବିୟତ୍'ର ଆବଶ୍ୟକତା ଯୋଗୁଁ ସମ୍ଭବ ହୋଇଛି । ସେହିପରି ଈଶ୍ୱରଙ୍କ ବାଣୀ ଅବତୀର୍ଣ୍ଣ ହେବା ଓ ତାଙ୍କର ଅସାଧାରଣ ଚିହ୍ନ ପ୍ରକଟ ହେବା 'ରବୁବିୟତ୍' ଗୁଣର ପରିଣାମ ସଦୃଶ ।

(୨) ଦ୍ୱିତୀୟ ଗୁଣଟି ହେଉଛି **'ରହମାନିୟତ୍'** ଯାହା ସ୍ପଷ୍ଟ ରୂପେ ପ୍ରକାଶିତ ହୋଇସାରିଛି । ଯେଉଁ ସ୍ଥିତିରେ ସେ ମନୁଷ୍ୟର କୌଣସି କର୍ମ କରିବା

ବିନା ଅର୍ଥାତ ମନୁଷ୍ୟ କୌଣସି କର୍ତ୍ତବ୍ୟ ନିଷ୍ପାଦନ କରି ନଥିଲେ ସୁଦ୍ଧା ନିଜର ଅଶେଷ ବଦାନ୍ୟତା ଓ ଅପାର ଅନୁଗ୍ରହ ମନୁଷ୍ୟକୁ ପ୍ରଦାନ କରିଛନ୍ତି । ଏହ ନୈସର୍ଗୀକ ଗୁଣ ମଧ୍ୟ ତାଙ୍କ ଗୋପନ ରହସ୍ୟମୟ ସତ୍ତାକୁ ଲୋକଲୋଚନକୁ ଆଣିଛି ।

(୩) ତୃତୀୟଟି ଈଶ୍ୱରଙ୍କ **'ରହମିୟତ୍'** ଗୁଣ । ତାହା ହେଉଛି ସତ୍କର୍ମର ଅଭିଳାଷ ରଖୁଥିବା ବ୍ୟକ୍ତିକୁ ସର୍ବପ୍ରଥମେ 'ରହମାନିୟତ୍' ନାମକ ଦ୍ୱିତୀୟ ଗୁଣ ବଳରେ ସତକର୍ମ କରିବା ପାଇଁ ସାମର୍ଥ୍ୟ ଯୋଗାଏ ଏବଂ ତା'ପରେ ପୁଣି 'ରହମିୟତ୍' ଗୁଣର ଆବଶ୍ୟକତା ଅନୁଯାୟୀ ମନୁଷ୍ୟର ସକଳ ପୁଣ୍ୟକର୍ମ ସେ ପ୍ରକାଶକୁ ଆଣିଥାନ୍ତି । ସେମାନଙ୍କୁ ତଦନୁରୂପ ପ୍ରାକୃତିକ ବିପତ୍ତିରୁ ସୁରକ୍ଷା ମଧ୍ୟ ପ୍ରଦାନ କରିଥାନ୍ତି । ଏହି ଗୁଣ ତାହାଙ୍କ ଗୋପନ ସତ୍ତାକୁ ପ୍ରକଟ କରାଏ ।

(୪) ଚତୁର୍ଥ ଗୁଣ **'ମାଲିକେ ୟୋମିଦ୍ଦୀନ୍'** । ଏହା ମଧ୍ୟ ପୁଣ୍ୟର ପ୍ରତିଫଳ ସ୍ୱରୂପ ପୁରସ୍କାର ଏବଂ ପାପର କର୍ମଫଳ ସଦୃଶ ଶାସ୍ତି ପ୍ରଦାନ କରି ତାଙ୍କ ଲୁକ୍କାୟୀତ ପରାକ୍ରମକୁ ପ୍ରକାଶ କରିଥାନ୍ତି ।

ଏହି ଚରୋଟିଯାକ ଦୈବିଗୁଣ ତାଙ୍କ ଅର୍ଶ୍‌କୁ ଉର୍ଦ୍ଧ୍ୱରେ ତୋଳି ଧରି ରଖିଛନ୍ତି । ଅର୍ଥାତ ତାଙ୍କର ଏହି ଗୁଣଗୁଡିକ ମାଧ୍ୟମରେ ତାଙ୍କ ଗୋପନ ସତ୍ତା ଦୁନିଆରେ ଉପଲବ୍ଧି କରିହୁଏ । ଏହି ପ୍ରତିଭାତ ଗୁଣର ପରିଚୟ ପରକାଳରେ ଦ୍ୱିଗୁଣିତ ହୋଇଯାଏ । ଯେପରିକି ଚରି ଦେବଦୂତ ପରିବର୍ତ୍ତେ ଆଠ ଦେବଦୂତରେ ପରିଣତ ହୋଇଯିବେ । ତାଙ୍କ ଉଚ୍ଚ ମହିମାସଂପନ୍ନ ସିଂହାସନ ଆହୁରି ଉପରକୁ ଉନ୍ନୀତ ହୋଇ ଚଲିଥିବ ।

(ଚଶମା ଏ ମାରିଫତ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୩, ପୃଷ୍ଠା ୨୭୮, ୨୭୯)

ପରମବ୍ରହ୍ମଙ୍କ ଏକକ ସତ୍ତା ଏକ ଜ୍ୟୋତି, ଯାହା ମନୁଷ୍ୟର ଅନ୍ତର ଓ ବାହ୍ୟରେ ବାସ କରୁଥିବା ତଥାକଥିତ ଦେବାଦେବୀମାନଙ୍କ ଅସ୍ତିତ୍ୱକୁ ସଂପୂର୍ଣ୍ଣ ରୂପେ ଅସ୍ୱୀକାର କରିବା ପରେ ଯାଇ ତା'ର ହୃଦୟରେ ଉତ୍ପନ୍ନ ହୋଇଥାଏ । ପୁନଶ୍ଚ ମନୁଷ୍ୟ ଅସ୍ତିତ୍ୱର ପ୍ରତ୍ୟେକ ଅଂଶରେ ଆଧ୍ୟାତ୍ମିକ ଜ୍ଞାନାଲୋକ ସଞ୍ଚାରିତ ହୁଏ । ସୁତରାଂ ଈଶ୍ୱର ଓ ତାଙ୍କ ପ୍ରେରିତ ଅବତାରଙ୍କ ମାଧ୍ୟମ ବିନା କେବଳ ନିଜସ୍ୱ ଶକ୍ତି ବଳରେ ତାହା କିପରି ବା ହାସଲ ହୋଇପାରିବ ? ମନୁଷ୍ୟର କେବଳ ଏତିକି କାର୍ଯ୍ୟ ଯେ ସେ ନିଜର ଅହଙ୍କାର ଉପରେ ମୃତ୍ୟୁକୁ ଲଦି ଦେଉ । ନିଜର ବୃଥା ଗର୍ବର

ଆସୁରିକ ଭାବନା ପରିତ୍ୟାଗ କରୁ ଯେ ମୁଁ ଜଣେ ମହାଜ୍ଞାନୀ । ବରଂ ସେ ଏକ ମୁଢ଼ ଅଜ୍ଞାନୀ ବୋଲି ନିଜକୁ ବିବେଚନା କରୁ ଓ ପ୍ରାର୍ଥନାରେ ମଗ୍ନ ରହିଥାଉ । ତେବେ ଯାଇ ଏକେଶ୍ୱର ମହିମାର ଜ୍ୟୋତି ପରମେଶ୍ୱରଙ୍କ ସମକ୍ଷରୁ ତା'ପ୍ରତି ଅବତୀର୍ଣ୍ଣ ହେବ ଓ ପ୍ରଭୁ ତାକୁ ଏକ ନବଜୀବନ ଅର୍ପଣ କରିବେ ।

(ହକିକତୁଲ୍ ଓହି, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୨, ପୃଷ୍ଠା ୧୪୮)

ବିଶ୍ୱ ସର୍ଜନା ହେବା କାଳରୁ **ଈଶ୍ୱରଙ୍କୁ ଚିହ୍ନିବା** ଅବତାରଙ୍କୁ ଚିହ୍ନିବା ସହିତ ଜଡିତ । ଅବତାରଙ୍କ ମାଧ୍ୟମ ବିନା ଈଶ୍ୱରଙ୍କ ଏକତ୍ୱ ସମ୍ବନ୍ଧରେ ଜ୍ଞାନ ହାସଲ କରାଯାଇ ପାରିବ ନାହିଁ । ଅବତାର ଈଶ୍ୱରଙ୍କ ଚେହେରା ଦେଖିବା ପାଇଁ ଏକ ଦର୍ପଣ ସଦୃଶ ହୋଇଥାନ୍ତି । ସେହି ଦର୍ପଣ ଦ୍ୱାରା ଈଶ୍ୱରଙ୍କ ଚେହେରା ଦୃଷ୍ଟିଗୋଚର ହୋଇଥାଏ । ଯେତେବେଳେ ସର୍ବଶକ୍ତିମାନ ଈଶ୍ୱର ସ୍ୱୟଂ ପୃଥିବୀରେ ନିଜ ପ୍ରକାଶ ଦେଖାଇବା ପାଇଁ ଇଚ୍ଛା କରନ୍ତି, ସେ ନିଜ ତରଫରୁ ଜଣେ ଅବତାରଙ୍କୁ ପୃଥିବୀକୁ ପଠାଇଥା'ନ୍ତି, ଯେ କି ତାଙ୍କ ଦିବ୍ୟଶକ୍ତିର ନିଦର୍ଶନ ହୋଇ ଆସିଥାନ୍ତି ଓ ସେ ହିଁ ତାଙ୍କ ପ୍ରତି ଦୈବିବାଣୀ ପ୍ରକଟନ କରିଥାନ୍ତି । ଏହିପରି ଈଶ୍ୱର ନିଜର 'ରବୁବିୟତ୍'ର ଶକ୍ତି ତାଙ୍କ ମାଧ୍ୟମରେ ପ୍ରଦର୍ଶିତ କରାନ୍ତି । ସେତେବେଳେ ଯାଇ ପୃଥିବୀ ଏହା ଜାଣିବାକୁ ପାଏ ଯେ ଈଶ୍ୱର ଅଛନ୍ତି ।

ସୁତରାଂ ଯେଉଁ ଲୋକମାନଙ୍କ ଅସ୍ତିତ୍ୱ ଅତ୍ୟାବଶ୍ୟକ ଭାବରେ ଈଶ୍ୱରଙ୍କ ଚିରନ୍ତନ ନିୟମ ଅଧିନରେ ରହି ଈଶ୍ୱରଙ୍କୁ ଚିହ୍ନିବାର ମାଧ୍ୟମ ହେବା ସକାଶେ ନିଯୁକ୍ତ ହୋଇ ସାରିଛନ୍ତି, ସେମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ଏକେଶ୍ୱରବାଦର ଏକ ଅଂଶବିଶେଷ । ଏହି ବିଶ୍ୱାସ ବିନା ଈଶ୍ୱରଙ୍କ ଏକତ୍ୱ ପ୍ରତି ଆସ୍ଥା ରଖିବା ପୂର୍ଣ୍ଣାଙ୍ଗପ୍ରାପ୍ତ ହୁଏ ନାହିଁ । କାରଣ ଏହା କେବେ ସମ୍ଭବ ନୁହେଁ ଯେ ଈଶ୍ୱରଙ୍କ ଏକତ୍ୱର ବିଶୁଦ୍ଧ ଜ୍ଞାନ ପ୍ରତି ବିଶ୍ୱାସ ଅର୍ଜନ କରାଯାଇ ପାରିବ । ଯେହେତୁ ସ୍ୱର୍ଗୀୟ ଚିହ୍ନ ଓ ଅଲୌକିକ ଶକ୍ତିର ନିଦର୍ଶନ ବ୍ୟତୀରେକ ତାହା କଦାପି ପ୍ରତିଷ୍ଠିତ ହୁଏ ନାହିଁ, ଯାହାକୁ ସେ ଅବତାରମାନଙ୍କୁ ଦେଖାଇଥାନ୍ତି । ଏହି ଚରମ ବିଶ୍ୱାସର ନିର୍ଝର ସେମାନଙ୍କ ଯୋଗୁଁ ସୃଷ୍ଟି ହୋଇଥାଏ, ଯେଉଁମାନେ ଈଶ୍ୱରଙ୍କ ଏକକ ସତ୍ତାକୁ ସଂପୂର୍ଣ୍ଣ ଉପଲବ୍ଧି କରିବା ପାଇଁ ମାନବ ସମାଜକୁ ବାଟ କଢ଼ାଇ ନିଅନ୍ତି । ଈଶ୍ୱରୀୟ ବିଦ୍ୟମାନତା ଦୁର୍ବୋଧ୍ୟରୁ ଦୁର୍ବୋଧ୍ୟ, ସୂକ୍ଷ୍ମାତିସୂକ୍ଷ୍ମ, ଗୁପ୍ତରୁ ଆହୁରି ଗୁପ୍ତ, ନିଭୃତରୁ

ଅଧିକ ନିଭୃତ, ରହସ୍ୟରୁ ଆହୁରି ରହସ୍ୟମୟ ଭାବରେ ଉଭା ହୋଇଥାଏ । ସେହି ଦୁର୍ଲ୍ଲଭ ଗୋପନୀୟ ସଂପଦ ଯାହାଙ୍କ ନାମ ପରମେଶ୍ୱର, ତାହାଙ୍କ ପରିଚୟ ଅବତାରଙ୍କ ମାଧ୍ୟମରେ ହିଁ ମିଳିଥାଏ । ତାହା ନହୋଇଥିଲେ ସେହି ଏକତ୍ୱ ଯାହାକୁ ଈଶ୍ୱରଙ୍କ ନିକଟରେ 'ତୌହିଦ୍' କୁହାଯାଏ, ସେ ହିଁ ବାସ୍ତବରେ ଏକକ ସତ୍ତାଧାରୀ । ସେହି ସାକ୍ଷାତ ଈଶ୍ୱରଙ୍କୁ ପ୍ରକୃତ ଅର୍ଥରେ ଅବତାରଙ୍କ ମାଧ୍ୟମ ବିନା ସନ୍ଧାନ କରିବା ଯେପରି ବୁଦ୍ଧିର ପରିପନ୍ଥୀ, ସେହିପରି ଈଶ୍ୱରଙ୍କ ଅନିସନ୍ଧିସ୍ଥମାନଙ୍କ ଅନୁଭୂତିର ବିପରୀତ । (ହକିକତୁଲ୍ ଓହି, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୨, ପୃଷ୍ଠା ୧୧୫, ୧୧୬)

ଏହା ସ୍ମରଣଯୋଗ୍ୟ ଯେ ପ୍ରକୃତ ଈଶ୍ୱରଙ୍କ ଏକୀଭୁତ ତତ୍ତ୍ୱ, ଯାହାକୁ ସ୍ୱୀକାର କରିବା ସେ ଆମଠାରୁ ଆଶା କରନ୍ତି ଓ ଯାହାକୁ ସ୍ୱୀକାର କରିବା ଦ୍ୱାରା ନିର୍ବାଣ ପ୍ରାପ୍ତ ହୋଇଥାଏ, ତାହା ହେଉଛି ତାଙ୍କର କେହି ସମକକ୍ଷ ନାହାନ୍ତି । ତାଙ୍କ ଅସ୍ତିତ୍ୱ **ପ୍ରତ୍ୟେକ ସମ୍ବନ୍ଧ ଓ ସହଭାଗୀତାରୁ ମୁକ୍ତ** । ତାହା ପ୍ରତୀମା ହେଉ କି ମନୁଷ୍ୟ, ତାହା ସୂର୍ଯ୍ୟ ହୋଇଥାଉ କି ଚନ୍ଦ୍ରମା । କାହାର ଆତ୍ମସ୍ୱାର୍ଥ ହେଉ କିମ୍ବା ଧୂର୍ତ୍ତପଣିଆ ଅଥବା ପ୍ରତାରଣା, ସବୁଥିରୁ ସେ ପବିତ୍ର ବୋଲି ଭାବିବାକୁ ହେବ । ତାଙ୍କ ବିରୁଦ୍ଧରେ ଅନ୍ୟ କେହି କ୍ଷମତାର ଅଧିକାରୀ ହେବାର ମନରେ ଧାରଣା ନକରିବା ନତୁବା କାହାକୁ ପୃଷ୍ଠପୋଷକ ରୂପେ ଗ୍ରହଣ ନକରିବା । ଅନ୍ୟ କେହି ତାଙ୍କ ତୁଳନାରେ ସମ୍ମାନ ଦେବା କିମ୍ବା ଅପମାନ ଦେବାର କ୍ଷମତା ରଖିଛି ବୋଲି ଧାରଣା ନକରିବା । ନତୁବା କାହାରିକୁ ସହାୟକ ବା ସହଯୋଗୀ ବୋଲି ମନରେ ବିଚାର କରିବା ନାହିଁ । ବରଂ ଜଣକର ତାହାଙ୍କ ପ୍ରତି ପ୍ରେମ, ତାହାଙ୍କୁ ଉପାସନା କରିବା, ନମ୍ର ମନୋଭାବ ଦେଖାଇବା, ତାଙ୍କ ଠାରେ ଆଶା ବାନ୍ଧିବା ଓ ତାଙ୍କ ପ୍ରତି ଭୟ ରଖିବା ଇତ୍ୟାଦିକୁ ବିଶେଷ ଭାବରେ ନିଜ ପାଇଁ ପାଥେୟ କରିବା ଉଚିତ । ସୁତରାଂ ଏହି ତିନି ପ୍ରକାରର ଗୋଟି ଗୋଟି କରି ବର୍ଣ୍ଣନା କରାଯାଇଥିବା ସବିଶେଷ ତଥ୍ୟ ବ୍ୟତୀତ କୌଣସି ଏକତ୍ୱ ସଂପୂର୍ଣ୍ଣ ହୋଇପାରିବ ନାହିଁ । ପ୍ରଥମତଃ ତାଙ୍କ ଅସ୍ତିତ୍ୱ ଜନିତ ଏକତ୍ୱ ଅର୍ଥାତ ତାଙ୍କ ଅସ୍ତିତ୍ୱ ମୁକାବିଲାରେ ସମଗ୍ର ବିଶ୍ୱର କୌଣସି ଅସ୍ତିତ୍ୱ ନାହିଁ ବୋଲି ବିବେଚନା କରିବା ଏବଂ ଏହାକୁ କ୍ଷଣ ଭଙ୍ଗୁର, ଅସ୍ଥାୟୀ ଓ ବାସ୍ତବହୀନ ବୋଲି ଭାବିବା । ଦ୍ୱିତୀୟଟି ହେଉଛି ତାହାଙ୍କ ନୈସର୍ଗୀକ ଗୁଣାବଳୀରେ ଏକତ୍ୱ । ଅର୍ଥାତ ରବୁବିୟତ୍ (ପାଳନକର୍ତ୍ତା) ଓ ଅଲୁହିୟତ୍ (ଈଶ୍ୱରତ୍ୱ) ହୋଇଥିବା ଗୁଣ

କେବଳ ତାଙ୍କ ପ୍ରତି ଅଭିପ୍ରେତ ଓ ଅନ୍ୟ କାହାରିକୁ ହେଲେ ତାହା ଆଖ୍ୟାୟୀତ ନକରିବା ଏବଂ ଯାହା ଆମ ଦୃଷ୍ଟିରେ ପ୍ରତିପାଳକ କିମ୍ବା ଅନୁଗ୍ରହକାରୀ ଭାବେ ଦେଖାଯାଆନ୍ତା, ଏହା କେବଳ ତାଙ୍କରି ହାତରେ ରହିଥିବା ସମସ୍ତ କର୍ତ୍ତୃତ୍ୱ ଜନିତ ଦୈବି ବ୍ୟବସ୍ଥାର ଏକ ଅଂଶ ମାତ୍ର । ତୃତୀୟଟି ନିଜର ପ୍ରେମ, ନିଷ୍ଠା ଓ ଭକ୍ତି ବିଷୟକ ଏକତ୍ୱ । ଅର୍ଥାତ ପ୍ରେମ ଓ ଉପାସନା କ୍ଷେତ୍ରରେ କାହାକୁ ହେଲେ ଈଶ୍ୱରଙ୍କ ସମକକ୍ଷ ନକରିବା ଏବଂ ତାଙ୍କରି ଠାରେ ଆପଣାକୁ ହଜାଇ ଦେବା ।

(ସୀରାଜୁଦ୍ଦିନ ଇସାଇ କେ ଚ୍ଚର୍ ସଓ୍ୱାଲୋଁ କା ଜଓ୍ୱାବ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୨, ପୃ ୩୪୯-୩୫୦)

## ଈଶ୍ୱରଙ୍କ ଏକତ୍ୱ ଉପରେ ଖ୍ରୀଷ୍ଟିୟାନମାନଙ୍କ ମତବାଦର ଖଣ୍ଡନ

ଆଜିକାଲି ଈଶ୍ୱରଙ୍କ ଏକତ୍ୱ ଓ ଅସ୍ତିତ୍ୱ ଉପରେ ପ୍ରବଳ ଆକ୍ରମଣ କରାଯାଉଛି । ଖ୍ରୀଷ୍ଟିୟାନମାନେ ମଧ୍ୟ ଏହି ପ୍ରସଙ୍ଗ ଉପରେ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି ଓ ଅନେକ କଥା ଲେଖିଛନ୍ତି । କିନ୍ତୁ ଯାହା ବି ସେମାନେ କହିଛନ୍ତି କିମ୍ବା ଲେଖିଛନ୍ତି, ତାହା ଇସଲାମର ଈଶ୍ୱରଙ୍କ ସମ୍ବନ୍ଧରେ । **ତାହା କୌଣସି ମୃତ, କ୍ରୁଶବିଦ୍ଧ ଜନିତ କିମ୍ବା ଅସହାୟ ଈଶ୍ୱରଙ୍କ ସମ୍ବନ୍ଧରେ ନୁହେଁ** । ଆମେ ଦାବି ସହିତ କହୁଛୁ ଯେ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଓ ବିଦ୍ୟମାନତା ଉପରେ କଲମ ଚାଳନା କରିବ, ତାକୁ ଶେଷରେ ସେହି ଈଶ୍ୱରଙ୍କ ଆଡକୁ ଲେଉଟିବାକୁ ପଡିବ ଯାହାକୁ ଇସଲାମ ଉପସ୍ଥାପନ କରିଥାଏ । କାରଣ ପ୍ରକୃତିଗତ ପୁସ୍ତକର ପ୍ରତ୍ୟେକଟି ପତ୍ରରେ ତାଙ୍କର ଠିକଣା ମିଳିବ । ତେଣୁ ସ୍ୱାଭାବିକ ରୂପେ ମନୁଷ୍ୟ ସେହି ପରମେଶ୍ୱରଙ୍କ ଛାପକୁ ନିଜ ଭିତରେ ଅଙ୍କିତ କରିଥାଏ ।

(ମଲ୍‌ଫୁଜାତ, ପ୍ରଥମ ଖଣ୍ଡ, ପୃଷ୍ଠା ୫୨, ୨୦୦୩ ସଂସ୍କରଣ)

ଖ୍ରୀଷ୍ଟମତାବଲମ୍ବୀମାନେ ଭଲ ଭାବେ ଜାଣି ରଖନ୍ତୁ ଯେ ଯୀଶୁଙ୍କ ମୃତ୍ୟୁରୁ ପୁନରୁତ୍‌ଥାନ ହେବା ତତ୍ତ୍ୱ କଦାପି ପ୍ରମାଣସିଦ୍ଧ ନୁହେଁ । ନତୁବା ଖ୍ରୀଷ୍ଟିୟାନମାନେ ପୁନର୍ଜୀବିତ ହେବେ ନାହିଁ । ସେମାନେ ସେହିପରି ମୃତ ଠାରୁ ମଧ୍ୟ ଅଧିକ, ଯେପରି ଅନ୍ୟମାନେ ମୃତ୍ୟୁ ଲାଭ କରିଥାନ୍ତି । ସେହି ସଂକୀର୍ଣ୍ଣ ଓ ଅନ୍ଧକାର କବର ଗୃହ ମଧ୍ୟରେ ପଡି ରହିଥାନ୍ତି ତଥା ଖ୍ରୀଷ୍ଟଧର୍ମ ପୂର୍ବର ଭିନ୍ନ ଈଶ୍ୱର ବିଶ୍ୱାସୀ, ଯେଉଁମାନେ ବହୁ ଦେବାଦେବୀ ଉପାସକ ଥିଲେ । ସେହିପରି ଗୌଣ ବିଶ୍ୱାସଯୁକ୍ତ ଗହ୍ୱର ମଧ୍ୟରେ

ପତିତ ହୋଇଥାନ୍ତି । ନା ବିଶ୍ୱାସରେ ଭରା ଆତ୍ମା ସେମାନଙ୍କର ଥାଏ, ନା ବିଶ୍ୱାସଯୁକ୍ତ ଆତ୍ମାର ଆଶୀର୍ବାଦ । ବରଂ ଈଶ୍ୱରଙ୍କ ଏକତ୍ୱ ଉପରେ ସାମାନ୍ୟ ଧରଣର ବିଶ୍ୱାସ ନିଜ ପାଇଁ ଅର୍ଜନ କରିବା ମଧ୍ୟ ସେମାନଙ୍କ ଭାଗ୍ୟରେ ଜୁଟି ନଥାଏ, ଯାହାକି ସୃଷ୍ଟିର ବସ୍ତୁକୁ ଉପାସନା କରିବାରୁ ସେମାନଙ୍କୁ ନିବୃତ୍ତ କରିପାରନ୍ତା । ବରଂ ନିଜ ପରି ଏକ ଦୁର୍ବଳ, ଅସହାୟକୁ ସ୍ରଷ୍ଟା ମନେକରି ସେମାନେ ଉପାସନା କରିଥାନ୍ତି ।

ଏଠାରେ ମନେ ରଖିବାକୁ ହେବ ଯେ ଏକେଶ୍ୱରବାଦର ତିନୋଟି ଶ୍ରେଣୀ ରହିଛି । ସର୍ବପ୍ରଥମ ଶ୍ରେଣୀ ହେଉଛି ନିଜ ପରି କୌଣସି ସୃଷ୍ଟଜ ବସ୍ତୁର ପୂଜା ନକରିବା । କୌଣସି ପାଷାଣକୁ, ଅଗ୍ନିକୁ, ମନୁଷ୍ୟକୁ କିମ୍ବା ତାରକା ଆଦି ବସ୍ତୁକୁ । ଦ୍ୱିତୀୟ ଶ୍ରେଣୀରେ କୌଣସି ପାର୍ଥିବ ବସ୍ତୁ ପ୍ରତି ଆସକ୍ତ ହୁଅ ନାହିଁ, ସତେଯେପରି ସେମାନେ 'ରବୁବିୟତ୍'ର କାରଖାନାରେ ଏକପ୍ରକାର ସ୍ଥାୟୀ ଅଂଶୀଦାର ହୋଇ କାମ କରୁଛନ୍ତି । ତେଣୁ ସର୍ବଦା ବସ୍ତୁକାରକ ଉପରେ ଦୃଷ୍ଟି ନିବଦ୍ଧ ହେଉ, ବସ୍ତୁ ଉପରେ ନୁହେଁ । ତୃତୀୟ ଶ୍ରେଣୀଟି ଯେ ପ୍ରଭୁଙ୍କ ଅଲୌକିକ ମହିମାର ପ୍ରତ୍ୟକ୍ଷଦର୍ଶୀ ହୋଇ ଏହି ସତ୍ୟକୁ ସଂପୂର୍ଣ୍ଣ ରୂପେ ସମର୍ଥନ କରିବା ସଂଗେ ସଂଗେ ଜଣେ ବ୍ୟକ୍ତି ଆପଣା ସହିତ ଅନ୍ୟ ପ୍ରତ୍ୟେକ ବସ୍ତୁକୁ ଅସ୍ତିତ୍ୱହୀନ ବୋଲି ମନେ କରିବା ଉଚିତ । ତା'ଦୃଷ୍ଟିରେ ପ୍ରତ୍ୟେକଟି ସତ୍ତା କ୍ଷଣସ୍ଥାୟୀ ଓ ବିନାଶଶୀଳ ହୋଇଥିବାର ଦେଖାଯିବ । କେବଳ ଈଶ୍ୱରଙ୍କ ପରମସତ୍ତାକୁ ଛାଡିଦେଲେ ଯେ କି ସର୍ବଗୁଣସଂପନ୍ନ ଓ ଅବିନଶ୍ୱର । ଆଧ୍ୟାତ୍ମିକ ଜୀବନର ଅର୍ଥ ହେଉଛି ଯେ ଏହି ତିନୋଟି ଶ୍ରେଣୀର ଏକତ୍ୱ ଯେତେବେଳେ ଏକାନ୍ତ ରୂପେ ଆପଣାକୁ ହାସଲ ହୋଇଯିବ ।

ଏବେ ଚିନ୍ତା କରି ଦେଖ ! ଆଧ୍ୟାତ୍ମିକ ଜୀବନର ସକଳ ଚିରନ୍ତନ ନିର୍ଝର ହଜରତ ମୁହମ୍ମଦ ମୁସ୍ତଫା[ସଅ]ଙ୍କ ଯୋଗୁଁ ପୃଥିବୀରେ ଉଦ୍‌ଗତ ହୋଇଛି । କେବଳ ଏହା ସେହି ମୁସଲିମ ଜାତି, ଯେ ନବୀ ନହେଲେ ମଧ୍ୟ ନବୀ ସଦୃଶ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରିଥାଏ । ଯଦିଚ ବାର୍ତ୍ତାବହ ନୁହନ୍ତି, ଅଥଚ ବାର୍ତ୍ତାବହ ପରି ଈଶ୍ୱରଙ୍କ ଜ୍ୱଳନ୍ତ ନିଦର୍ଶନ ସେମାନଙ୍କ ହାତରେ ଦୀପ୍ତିମାନ ହେଉଥାଏ । ଆଧ୍ୟାତ୍ମିକ ଜୀବନର ନଦୀ ସେହି ଜାତି ମାଧ୍ୟମରେ ପ୍ରବାହିତ ହୋଇଥାଏ । ଅନ୍ୟ କେହି ଏହାର ମୁକାବିଲା କରିପାରିବ ନାହିଁ । **କ'ଣ ଏପରି କେହି ଅଛି ଯିଏ ପ୍ରଭୁଙ୍କ ଆଶୀର୍ବାଦ ଓ ଐଶିଦାବିର ଉତ୍ତର ଦେଇପାରିବ ?**

(ଆଇନାଏ କମାଲାତେ ଇସଲାମ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୫, ପୃଷ୍ଠା ୨୨୩-୨୨୪)

## ଈଶ୍ୱରଙ୍କ ସହିତ ସହଭାଗୀତା ଅନିଷ୍ଟକାରକ

ମୋତେ ଏଥିପାଇଁ ଦୁଃଖ ଲାଗେ ଯେଉଁ ଶବ୍ଦରେ ମୁଁ ଏହା ବର୍ଣ୍ଣନା କରିପାରିବି ଯେ ଅଲ୍ଲାଃଙ୍କ ଭିନ୍ନ ଅନ୍ୟ କାହାକୁ ଧ୍ୟାନ କରିବାରେ କେତେ କ'ଣ ଅନିଷ୍ଟ ରହିଛି । ଲୋକଙ୍କ ପାଖକୁ ଯାଇ ତୋଷାମଦ ଓ କାକୁତିମିନତି କରାଯାଏ । ଏହା ଦ୍ୱାରା ସର୍ବଶକ୍ତିମାନ ଈଶ୍ୱର ଈର୍ଷାନ୍ୱିତ ହୋଇ ଉଠନ୍ତି, ଯାହାଙ୍କୁ ଗୁହାରୀ କରିବା ସେମାନଙ୍କୁ ଏକପ୍ରକାର ପୂଜା କରିବା, ମୁଣ୍ଡିଆ ମାରିବା ଓ ତାଙ୍କ ଠାରେ ଅଧିଆ ପଡିବା ସହିତ ସମାନ । ଏହା ଦେଖି ଈଶ୍ୱର ସେଭଳି ଲୋକଙ୍କ ଠାରୁ ସମ୍ପର୍କ ତୁଟାଇ ଦିଅନ୍ତି ଓ ସେମାନଙ୍କୁ ଦୂରକୁ ଫିଙ୍ଗି ଦିଅନ୍ତି । ମୁଁ ଏହି ବିଷୟରେ ଏକ ଅରଚିକର ମନ୍ତବ୍ୟ ଦେଉଛି ସତ, କିନ୍ତୁ ପ୍ରକୃତ ବିଷୟ ତା'ନୁହେଁ । ଅଥଚ ଜଣେ ଏକଥା ସହଜରେ ବୁଝିପାରିବ, ଯେପରି ଜଣେ ସ୍ୱାଭିମାନ ଲୋକ ଏହା କେବେହେଲେ ବରଦାସ୍ତ କରିବ ନାହିଁ ଯେବେ ତା'ର ପତ୍ନୀ ପରପୁରୁଷ ସହିତ ଅବୈଧ ସଂପର୍କ ରଖିଥିବାର ସେ ଦେଖିବ । ଯେପରି ଭାବରେ ସେ ନିଜର ପ୍ରତିକ୍ରୀୟା ପ୍ରକାଶ କରି ଏହି ସ୍ଥିତିରେ ସେହି ନୀଚ ପ୍ରକୃତିର ନାରୀକୁ ହତ୍ୟା କରାଯିବା ପାଇଁ ଯୋଗ୍ୟା ବୋଲି ବିବେଚନା କରିବ । ଅନେକ ସମୟରେ ତାହା ମଧ୍ୟ ଘଟିଥାଏ, ସେହିପରି ଈର୍ଷା ପରାୟଣତା ଆମର ଚିରବିଦ୍ୟମାନ ଈଶ୍ୱରଙ୍କ ସ୍ୱଭାବରେ ମଧ୍ୟ ଅଛି । ତେଣୁ ସେ ଚିର ଆରାଧ୍ୟ ଓ ସକଳ ପ୍ରାର୍ଥନାର ବିଶେଷ ଅଧିକାରୀ । ସେ କେବେ ଏହା ପସନ୍ଦ କରନ୍ତି ନାହିଁ ଯେ ଅନ୍ୟ କାହାରିକୁ ଉପାସନା କରାଯାଉ ଓ ପ୍ରାର୍ଥନାରେ ମଥା ପାତି ଅଯଥାରେ କେହି ଈଶ୍ୱର ଭିନ୍ନ ଉପାସ୍ୟକୁ ଡାକନ୍ତୁ । ସୁତରାଂ ଭଲ ଭାବରେ ମନେରଖ । ବାରମ୍ବାର ଏହି କଥାକୁ ମନରେ ହେଜ ଯେ ଅଣଈଶ୍ୱରଙ୍କ ଆଗରେ ନତମସ୍ତକ ହେବା ଅର୍ଥ ଈଶ୍ୱରଙ୍କ ଠାରୁ ନିଜର ସଫଳତାକୁ ଛିନ୍ନ କରିବା । ନମାଜ ଯାହା ଇସଲାମୀୟ ଉପାସନା ଓ ତୌହିଦ ଯାହା ଏକେଶ୍ୱର ଉପାସନା ଆଦି ଯାହା ବି କୁହ, ଏକେଶ୍ୱରବାଦର କର୍ମଭିତ୍ତିକ ସ୍ୱୀକାରୋକ୍ତି ହେଉଛି ନମାଜ । ଏହା ଆଶୀର୍ବାଦ ରହିତ ଓ ଅକାରଣ ହୋଇଥାଏ, ଯେତେବେଳେ ତାହା ବିନମ୍ରତା ଶୂନ୍ୟ ଓ ମୂଲ୍ୟହୀନ ମନେ ହୁଏ ଏବଂ ଯେବେ ନମାଜକୁ ଏକାଗ୍ର ଚିତ୍ତରେ କ୍ରମାଗତ ଅନ୍ୱେଷଣ କରା ନଯାଏ ।

(ମଲ୍‌ଫୁଜାତ, ପ୍ରଥମ ଖଣ୍ଡ, ପୃଷ୍ଠା ୧୦୬-୧୦୭, ୨୦୦୩ ସଂସ୍କରଣ)

ଈଶ୍ୱରଙ୍କ ସହିତ ଅନ୍ୟମାନଙ୍କୁ ସମକକ୍ଷ ମନେ କରିବା ଅନେକ ପ୍ରକାରର ଓ ଏହାକୁ ହିଁ ଶିର୍କ୍ କୁହାଯାଏ । ସହଜରେ ପରିଲକ୍ଷିତ ହେଉଥିବା ସୁସ୍ପଷ୍ଟ ଶିର୍କ୍ ଦ୍ୱାରା ସାଧାରଣତଃ ହିନ୍ଦୁ, ଖ୍ରୀଷ୍ଟିୟାନ, ଇହୁଦୀ ତଥା ଅନ୍ୟାନ୍ୟ ମୂର୍ତ୍ତିପୂଜକ କବଳିତ ହୋଇଛନ୍ତି । ଯେଉଁଥିରେ ଜଣେ ମାନବ କିମ୍ବା ପାଷାଣ କିମ୍ବା ଅନ୍ୟାନ୍ୟ ନିର୍ଜୀବ ବସ୍ତୁ ଅଥବା ମନଗଢ଼ା ଦେବୀ ଦେବତାମାନେ ଈଶ୍ୱର ରୂପେ ପୂଜା ପାଆନ୍ତି । ପୃଥିବୀରେ ଆଜି ପର୍ଯ୍ୟନ୍ତ ଏ ପ୍ରକାରର ଶିର୍କ୍ ଅର୍ଥାତ ମୂର୍ତ୍ତିପୂଜା ରହିଥିଲେ ସୁଦ୍ଧା ଏହି ଆଲୋକମୟ ଶିକ୍ଷାର ଯୁଗରେ ମନୁଷ୍ୟର ବୁଦ୍ଧି ଏହି ଧରଣର ଶିର୍କ୍‌କୁ ଘୃଣାପୂର୍ଣ୍ଣ ଦୃଷ୍ଟିରେ ଦେଖୁଛି । ଏ କଥା ଭିନ୍ନ ହୋଇପାରେ ଯେ କେତେକ ଲୋକ ଏପରି ନିର୍ବୋଧ ପ୍ରଥାକୁ ସେମାନଙ୍କ ଜାତୀୟ ଧର୍ମର ଏକ ଅଂଶ ରୂପେ ନିଜ ସହିତ ସଂଶ୍ଳିଷ୍ଟ କରି ରଖିଛନ୍ତି ଏବଂ ଏହି ଅନେକେଶ୍ୱର ଉପାସନାକୁ ସେମାନେ ସ୍ୱୀକାର କରୁଥିଲେ ସୁଦ୍ଧା ଅନେକ ବାସ୍ତବପ୍ରେମୀ ଏହାକୁ ନିଜ ମନରୁ ହଟାଇଦେବା ଆରମ୍ଭ କରି ଦେଇଛନ୍ତି । ମାତ୍ର ଅନ୍ୟ ପ୍ରକାରର ଏକ ଶିର୍କ ମଧ୍ୟ ଅଛି । ଯାହା ଲୁକ୍‌କାୟିତ ଭାବେ ବିଷ ପରି ପ୍ରଭାବ ବିସ୍ତାର କରୁଛି । ଏହା ବର୍ତ୍ତମାନ ଯୁଗରେ ବ୍ୟାପକ ଭାବେ ବୃଦ୍ଧି ପାଉଛି । ତାହା ହେଉଛି ସର୍ବଶକ୍ତିମାନ ଈଶ୍ୱରଙ୍କ ଉପରେ ଆସ୍ଥା ଓ ଭରସା ଆଦୌ ରଖାଯାଉ ନାହିଁ ।

ଆମେ ଏହା କଦାପି କହୁ ନାହୁଁ ନା ଏହା ଆମ ବିଶ୍ୱାସର କୌଣସି ଅଂଶବିଶେଷ ଯେ ବସ୍ତୁ ପ୍ରତି ମୋହ ଆଦୌ ରଖ ନାହିଁ ବା ସଂପୂର୍ଣ୍ଣ ରୂପେ ତୁଟାଇ ଦିଅ । ବରଂ ସ୍ୱୟଂ ପରମେଶ୍ୱର ବସ୍ତୁର ସଦୁପଯୋଗ କରିବା ପାଇଁ ବାରମ୍ବାର ପ୍ରୋତ୍ସାହନ ଦେଇଛନ୍ତି । କିନ୍ତୁ ଏହାର ବ୍ୟବହାର ଆବଶ୍ୟକତା ଅନୁସାରେ ହେବା ଦରକାର । ଯଦି ତାହା କରା ନଯାଏ, ତା'ହେଲେ ମାନବିକ କର୍ମ ପ୍ରବୃତ୍ତି ଓ ସାମର୍ଥ୍ୟର ଅପମାନ ହେବ । ପୁଣି ଈଶ୍ୱରଙ୍କର ମାନବସମାଜ ପ୍ରତି ଏହି ମହାନ ଅବଦାନ ଯୋଗୁଁ ତାଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅପଯଶ ଓ ଦୁର୍ନାମ ଆଣିଦେବ । କାରଣ ଏହି ପରିସ୍ଥିତିରେ ଯେବେ କି ପାର୍ଥିବ ବସ୍ତୁର ବ୍ୟବହାର କରା ନଯିବ, ସେତେବେଳେ ମନୁଷ୍ୟକୁ ଅର୍ପଣ କରାଯାଇଥିବା ସମସ୍ତ ଶକ୍ତିକୁ ପ୍ରୟୋଗ ବିହୀନ କରି ଅକାରଣରେ ଛାଡି ଦିଆଯିବ ଓ ତାହାର ସଦୁପଯୋଗ କରାଯିବ ନାହିଁ । ଯେତେବେଳେ ଏହି ବ୍ୟବହାର୍ଯ୍ୟ ବସ୍ତୁକୁ ଅଦରକାରୀ ଭାବରେ ପ୍ରତ୍ୟାଖ୍ୟାନ କରାଯିବ ଓ ସେଗୁଡିକରୁ

କୌଣସି କାମ ନିଆଯିବ ନାହିଁ, ସେତେବେଳେ ଈଶ୍ୱରଙ୍କ କାର୍ଯ୍ୟ ବୃଥା ଓ ମୂଲ୍ୟହୀନ ମନେ କରାଯିବା ତାଙ୍କ ନିନ୍ଦାର କାରଣ ହେବ, ଯାହା ସଂପୂର୍ଣ୍ଣ ମହାପାପ । ସୁତରାଂ ଆମର ଅଭିପ୍ରାୟ ଓ ଆମ ଧର୍ମର ଉଦ୍ଦେଶ୍ୟ ଏହା ଆଦୌ ନୁହେଁ ଯେ ବସ୍ତୁ ପ୍ରତି ମୋହ ତଥା ଏହାର ଉପଯୋଗ କରା ନଯାଉ । ବରଂ ସେଗୁଡ଼ିକର ବ୍ୟବହାର ନିଜ ନିଜର ସୀମିତ ପରିସର ମଧ୍ୟରେ ହେବା ଆବଶ୍ୟକ । ଏହି ବସ୍ତୁ ସମ୍ବଳ ପରକାଳ ସକାଶେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଗୁରୁତ୍ୱ ବହନ କରିଥାଏ । ଈଶ୍ୱରଙ୍କ ଆଜ୍ଞାପାଳନ କରିବା, ମନ୍ଦକର୍ମରୁ ବଞ୍ଚିତ ହେବା ଓ ସତ୍‌କର୍ମ ଅବଲମ୍ବନ କରିବା ଏଥି ସକାଶେ ସମ୍ପାଦିତ ହୋଇଥାଏ, ଯଦ୍ୱାରା ଆମ ପାଇଁ ଇହକାଳ ଓ ପରାକାଳର ସୁଖ ଓ ଶାନ୍ତି ଆଣିଦେବ । ଏଥିରୁ ଜଣାପଡେ ଯେ ସତକର୍ମ ସତେ ଯେପରି ବସ୍ତୁର ପ୍ରତିବଦଳ ଓ ପ୍ରତିରୂପ !

ସେହିପରି ସଂସାରିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ବସ୍ତୁର ସାଧନ ତଥା ଅର୍ଥ ସମ୍ବଳ ଜୁଟାଇବା ଏବଂ ଏଥିପାଇଁ ବସ୍ତୁବାଦର ଉପାୟ ଅନ୍ୱେଷଣ କରିବା ପାଇଁ ଈଶ୍ୱର କେବେ ବାରଣ କରିନାହାନ୍ତି । ଜଣେ ଚାକିରିଆ ଚାକିରି କରୁ । ଜମିଦାର ନିଜ ଚାଷବାସରେ ମନୋନିବେଶ କରୁ । ଜଣେ ଶ୍ରମିକ ମଜୁରି ପାଇଁ ଶ୍ରମଦାନ କରୁ, ଯଦ୍ୱାରା ସେ ତା'ର ପରିବାର କୁଟୁମ୍ବର ପ୍ରତିପୋଷଣ କରିପାରିବ । ତତ୍‌ସହିତ ନିଜର ଗୁଜୁରାଣ ମେଣ୍ଟାଇ ପାରିବ ।

ଏସବୁ କର୍ତ୍ତବ୍ୟ ସଂପାଦନ କରିବା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ସ୍ଥିର କରାଯାଇଛି ଯାହାକୁ ବାରଣ କରାଯାଇ ପାରିବ ନାହିଁ । ଯେତେବେଳେ ଏହି ସୀମାର ଉଲଂଘନ କରାଯାଏ ଓ ମନୁଷ୍ୟ ସେହି ବସ୍ତୁ ଉପରେ ଭରସା କରେ ତଥା ନିଜର ସମସ୍ତ ଅର୍ଥ ଉପାର୍ଜିତ ସାଧନ ପ୍ରତି ଲାଳସା କରି ବସେ, ସେତେବେଳେ ତାହା 'ଶିର୍କ୍' ପଦବାଚ୍ୟ ହୋଇଯାଏ । ଫଳରେ ମନୁଷ୍ୟ ନିଜର ଅସଲ ଉଦ୍ଦେଶ୍ୟରୁ ବହୁ ଦୂରକୁ ନେଇଯାଏ । ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ଏପରି କୁହେ ଯେ ଯଦି ଅମୁକ କାରଣ ନହୋଇଥା'ନ୍ତା, ତା'ହେଲେ ମୁଁ ଭୋକରେ ମରି ଯାଇଥାନ୍ତି । ଅଥବା ଯଦି ମୋତେ ଅମୁକ ସଂପତ୍ତି କିମ୍ବା ଜୀବିକା ମିଳି ନଥା'ନ୍ତା, ତା'ହେଲେ ମୋର ଅବସ୍ଥା ଦୟନୀୟ ହୋଇ ଯାଇଥାନ୍ତା । ଅମୁକ ବଂଧୁ ଯଦି ନଥା'ନ୍ତା, ତେବେ ମୋତେ ବହୁତ କଷ୍ଟ ଉଠାଇବାକୁ ପଡିଥା'ନ୍ତା । ଏହା ଏପରି ବିଷୟ, ଯାହାକୁ ଈଶ୍ୱର

ଆଦୌ ପସନ୍ଦ କରନ୍ତି ନାହିଁ ଯେ ସଂପତ୍ତି କିମ୍ବା ଏତେସବୁ ସାମଗ୍ରୀ ଓ ବ୍ୟକ୍ତି ଉପରେ ଏପରି ଭାବରେ ଭରସା କରିନେବା ଦ୍ୱାରା ସେ ଈଶ୍ୱରଙ୍କ ଠାରୁ ସଂପୂର୍ଣ୍ଣ ଦୂରେଇ ଯିବ । ତେଣୁ ଏହା ମହା ବିପଦଜନକ ଶିର୍କ୍ ହୋଇଥାଏ, ଯାହା ପବିତ୍ର କୁରଆନ ଶିକ୍ଷାର ସଂପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି: ଯେପରି ଅଲ୍ଲାଃ ପରମ ବ୍ରହ୍ମ କହିଛନ୍ତି :

وَفِي السَّمَاءِ رِزْقُكُمْ وَمَا تُوعَدُونَ۔

**ୱଫିସ୍ ସମା'ଏ ରିଜ୍‌କୁକୁମ୍ ୱମା ତୁ'ଅଦୁନ୍** *(ଅଲ ଜାରିଆତ୍ 51:23)*

ଏବଂ ସେ କହିଛନ୍ତି :

وَمَنْ يَّتَوَكَّلْ عَلَى اللّٰهِ فَهُوَ حَسْبُهٗ

**ୱମୈଁୟତୱକ୍‌କଲ୍ ଅଲଲ୍ଲାହି ଫହୁୱା ହସ୍‌ବୁହ୍** *(ଅତ୍ ତଲାକ୍ 65:4)*

ପୁଣି ଯେପରି ସେ କହିଛନ୍ତି :

وَمَنْ يَّتَّقِ اللّٰهَ يَجْعَلْ لَّهٗ مَخْرَجًا ۔ وَّيَرْزُقْهُ مِنْ حَيْثُ لَا يَحْتَسِبُ

**ୱମୈଁ ୟତ୍‌ତକିଲ୍ଲାହା ୟଜ୍‌ଅଲ୍ଲହୂ ମଖ୍‌ରଜୌଁ ୱୟର୍‌ଜୁକ୍‌ହୁ ମିନ୍‌ହୈସୁ ଲା ୟହ୍‌ତସିବୁ** *(ଅତ୍ ତଲାକ୍ 65:3-4)*

ଏବଂ ସେ ଏହିପରି କହିଛନ୍ତି :

وَهُوَ يَتَوَلَّى الصّٰلِحِيْنَ

**ୱ ହୁୱା ୟତୱଲ୍ଲସ୍ ସାଲିହୀନ୍** *(ଅଲ ଆରାଫ୍ 7:197)*

ତେବେ ଉପରୋକ୍ତ କୁରଆନ ପଙ୍‌କ୍ତିଗୁଡିକର ସାମୁହିକ ଅନୁବାଦ ଏହିପରି:

"ଏବଂ ଆକାଶରେ ମଧ୍ୟ ତୁମମାନଙ୍କର ଜୀବିକା ରହିଅଛି । ଏବଂ ଯାହା କିଛି ତୁମମାନଙ୍କ ପାଇଁ ପ୍ରତିଶ୍ରୁତି ଦିଆଯାଇଛି ତାହା ମଧ୍ୟ ।"

"ଏବଂ ଯେ କେହି ଅଲ୍ଲାଃଙ୍କ ଉପରେ ଭରସା କରେ, ସେ ତାହା ପାଇଁ ଯଥେଷ୍ଟ ।"

"ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରିବ, ଅଲ୍ଲାଃ ତା'ସକାଶେ କୌଣସି ପଥ ଉନ୍ମୁକ୍ତ କରିଦେବେ ଏବଂ ତାକୁ ଏପରି ସ୍ଥାନରୁ ଜୀବିକା ପ୍ରଦାନ କରିବେ, ଯାହା ସମ୍ବନ୍ଧରେ ସେ ଧାରଣା ମଧ୍ୟ କରି ନଥିବ ।"

"ଏବଂ ସେ ପୁଣ୍ୟବନ୍ତ ବାକ୍ତିମାନଙ୍କୁ ସାହାଯ୍ୟ କରନ୍ତି ।"

ପବିତ୍ର କୁରଆନରେ ଏହି ପ୍ରକାରର ପଙ୍‌କ୍ତି ଭରି ରହିଛି । ଯେପରିକି ଈଶ୍ୱର ପଥପ୍ରଦର୍ଶକ ତଥା ଜୀବଜଗତର ଭରଣପୋଷଣ ଦାୟୀତ୍ୱ ବହନ କରିଥା'ନ୍ତି । ତା'ହେଲେ ପୁଣି ଯେବେ ମନୁଷ୍ୟ ବସ୍ତୁ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରିଥାଏ ଓ ନିଜର ଆସ୍ଥା ରଖିଥାଏ, ତେବେ ଏହାର ଅର୍ଥ ପ୍ରଭୁଙ୍କର ସେହି ଦିବ୍ୟ ଗୁଣାବଳୀକୁ ଅସ୍ୱୀକାର କରିବା ଏବଂ ସେହିସବୁ ଭୌତିକ ବସ୍ତୁକୁ ପ୍ରଭୁଙ୍କ ବୈଶିଷ୍ଟ୍ୟରୁ ଭାଗ ଦେବା । ଏପରି ଭାବରେ ତାହାଙ୍କ ବ୍ୟତିରେକେ ଅନ୍ୟ ଏକ ଈଶ୍ୱର ରୂପେ ସେହି ବସ୍ତୁଗୁଡ଼ିକୁ ବିବେଚନା କରିବା । ଯେତେବେଳେ ମନୁଷ୍ୟ ସେହି ଆଡକୁ ନଇଁଯାଏ, ସେ ଶିର୍କ୍ ଦିଗରେ ପାଦ ଉଠାଏ । ଯେଉଁମାନେ ଅମଲାତନ୍ତ୍ର ବା ସରକାରୀ କ୍ଷେତ୍ରରେ ତାଙ୍କ ଆଗରେ ମୁଣ୍ଡ ନୁଆଁଇ ସେମାନଙ୍କ ଠାରୁ ପୁରସ୍କାର ବା ପଦପଦବୀ ପାଆନ୍ତି, ସେହି ପୁରସ୍କାର ବା ଖ୍ୟାତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ମନରେ ସେମାନଙ୍କ ପ୍ରତି ଈଶ୍ୱରଙ୍କ ସଦୃଶ ସମ୍ମାନ ଜାଗି ଉଠେ ଏବଂ ସେମାନଙ୍କୁ ମନେ ମନେ ପୂଜା କରିବାରେ ଲାଗିଯାଆନ୍ତି । ଏହି ବିଷୟ ହିଁ ଏକେଶ୍ୱରବାଦ ତତ୍ତ୍ୱର ମୂଳୋତ୍ପାଟନ କରିଥାଏ ଓ ମନୁଷ୍ୟକୁ ତା'ର ମୂଳ ଲକ୍ଷ୍ୟରୁ ହଟାଇ ଦୂରକୁ ପିଙ୍ଗି ଦେଇଥାଏ । ସୁତରାଂ ଅବତାରଗଣ ଏହି ଶିକ୍ଷା ଦେଇଥାନ୍ତି ଯେ ଈଶ୍ୱରଙ୍କ ଏକତ୍ୱ ଓ ବସ୍ତୁ ଉପଯୋଗ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ଯେପରି ନଉପୁଜିବ । ବରଂ ପ୍ରତ୍ୟେକ ଆପଣାର ଉପଯୁକ୍ତ ସ୍ଥାନରେ ଯଥାର୍ଥ ଭାବେ ରହିଥାଉ ଏବଂ ଓ ଏହାର ଅନ୍ତ ଏକେଶ୍ୱରବାଦର ଲକ୍ଷ୍ୟ ପ୍ରାପ୍ତିରେ ଯାଇ ଘଟୁ । ସେମାନେ ମନୁଷ୍ୟକୁ ଏହା ଶିଖାଇବାକୁ ଚାହାନ୍ତି ଯେ ସକଳ ସମ୍ମାନ, ସବୁ ଆରାମ ଓ ସକଳ ପ୍ରକାର ସିଦ୍ଧିପ୍ରାପ୍ତି କେବଳ ଈଶ୍ୱରଙ୍କ ଠାରୁ ଆସିଥାଏ । ସୁତରାଂ ସେହି ଏକକ ସତ୍ତାଙ୍କର ବିପକ୍ଷରେ ଅନ୍ୟ କୌଣସି ସତ୍ତାକୁ ଯଦି ଛିଡା କରାଯାଏ, ତେବେ ଉଭୟଙ୍କ ମଧ୍ୟରେ ଏକ ବିବାଦ ସୃଷ୍ଟି ହେବ, ଯାହା ମଧ୍ୟରୁ ଗୋଟିଏ ଧ୍ୱଂସ ହୋଇଯିବ । ସେଥିପାଇଁ ସର୍ବଦା ଈଶ୍ୱରଙ୍କ ଏକତ୍ତ୍ୱ ହିଁ ସବୁଠାରେ ପ୍ରଭୁତ୍ୱ ଲାଭ କରିବା ଉଚିତ । କିନ୍ତୁ ବସ୍ତୁକୁ ଉଚିତ ମାର୍ଗରେ ବ୍ୟବହାର କରାଯାଉ, ଏହାକୁ ଦେବତା ପରି ଜ୍ଞାନ କରି ପୂଜା କରା ନଯାଉ ।

ଈଶ୍ୱରଙ୍କ ଏକତ୍ୱ ଉପରେ ବିଶ୍ୱାସ ସେହି ସର୍ବାଧିଶ୍ୱରଙ୍କ ପ୍ରତି ପ୍ରେମଭାବକୁ ଜନ୍ମ ଦେଇଥାଏ । ମନୁଷ୍ୟ ଭାବେ ଯେ ଲାଭକ୍ଷତି ତାଙ୍କ ହାତରେ ଅଛି । ସେହିଁ

ପ୍ରକୃତ ଐଶ୍ୱର୍ଯ୍ୟମୟ ଈଶ୍ୱର । ସକଳ ଅଣୁ ପରମାଣୁର ସେ ଉତ୍ପତ୍ତି ସ୍ଥଳ । ଏଥିରେ ଅନ୍ୟ କାହାରି ହସ୍ତକ୍ଷେପ ଅଥବା ମଧ୍ୟସ୍ଥତା ନାହିଁ । ମନୁଷ୍ୟ ଯେତେବେଳେ ଏହି ଶୁଦ୍ଧପୂତ ଅବସ୍ଥାକୁ ହାସଲ କରିନିଏ, ସେ ସେତେବେଳେ 'ମୌହଦ୍' ଅର୍ଥାତ ଏକକ ଈଶ୍ୱରଙ୍କ ବିଶ୍ୱାସକାରୀ ବୋଲାଇବ । ଏକତ୍ୱ ପ୍ରତି ବିଶ୍ୱାସର ଗୋଟିଏ ଅବସ୍ଥା ହେଉଛି ଯେ ମନୁଷ୍ୟ କୌଣସି ପାଷାଣ, ମାନବ କିମ୍ବା ଅନ୍ୟ କୌଣସି ବସ୍ତୁକୁ ନିଜର ଉପାସ୍ୟ ନକରୁ । ବରଂ ସେମାନଙ୍କ ପ୍ରତି ବିତୃଷ୍ଣା ଓ ଘୃଣାଭାବ ପ୍ରକାଶ କରୁ । ଦ୍ୱିତୀୟ ଅବସ୍ଥାରେ ବସ୍ତୁମାନଙ୍କ ଉପରେ ଅଯଥା ଗୁରୁତ୍ୱ ନଦେବା ଉଚିତ । ତୃତୀୟ ଅବସ୍ଥାଟି ହେଉଛି ମନୁଷ୍ୟ ନିଜର ଆତ୍ମବଡିମା ତଥା ସ୍ୱାର୍ଥକୁ ମଝିରୁ ଉଠାଇ ଦେଉ ଓ ଏହାକୁ ଦୃଢ଼ ଭାବେ ପ୍ରତିହତ କରୁ । ବହୁ ସମୟରେ ଦେଖାଯାଏ ଯେ ମନୁଷ୍ୟ ନିଜର ଗୁଣଗାରିମା ଓ କ୍ଷମତା ଦେଖାଇ କୁହେ ଯେ ଅମୁକ ସତ୍‌କର୍ମ ମୁଁ ନିଜ ଶକ୍ତି ବଳରେ କରିଛି । ମନୁଷ୍ୟ ନିଜ ଶକ୍ତି ଓ ସାମର୍ଥ୍ୟ ଉପରେ ଏପରି ଭରସା କରିଥାଏ ଯେ ପ୍ରତ୍ୟେକ କାର୍ଯ୍ୟ ନିଜ ଶକ୍ତି ଖଟାଇ କରିଥିବାର ବାହାସ୍ଫୋଟ ମାରେ । ସୁତରାଂ ଏପରି ସ୍ଥଳେ ମନୁଷ୍ୟ ତେବେ ଯାଇ 'ମୌହଦ୍' ବା ଏକତ୍ୱ ପ୍ରତି ବିଶ୍ୱାସ ହାସଲ କରି ତାଙ୍କର ଆସ୍ଥାଭାଜନ ହୋଇପାରିବ, ଯେବେ ନିଜର ଅହଂ ଓ ନିଜସ୍ୱ ଶକ୍ତିକୁ ସଂପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେବ ।

(ମଲଫୁଜାତ, ଦ୍ୱିତୀୟ ଖଣ୍ଡ, ପୃଷ୍ଠା ୫୬-୫୭, ୨୦୦୩ ସଂସ୍କରଣ)

ଖ୍ରୀଷ୍ଟିୟ ସିଦ୍ଧାନ୍ତ ଅନୁଯାୟୀ ଯେଉଁମାନେ ତ୍ରିତ୍ୱବାଦ (ପିତା, ପୁତ୍ର ଓ ପବିତ୍ର ଆତ୍ମା-ଅନୁବାଦକ) ଉପରେ ବିଶ୍ୱାସ ସ୍ଥାପନ କରିବେ ନାହିଁ ତଥା ଯୀଶୁଙ୍କ ପ୍ରାୟଶ୍ଚିତ ମତବାଦକୁ ଗ୍ରହଣ କରିବେ ନାହିଁ, ସେମାନେ ସବୁଦିନ ପାଇଁ ନର୍କରେ ପଡି ରହିବେ ।... ସେହି ଅସୀମ, ଅପରିସୀମ ଈଶ୍ୱରଙ୍କୁ ତିନି କିମ୍ବା ଚାରି ଭାଗରେ ବିଭକ୍ତ କରିବା ଓ ସେମାନେ ପ୍ରତ୍ୟେକକୁ ସ୍ୱୟଂ ସଂପୂର୍ଣ୍ଣ ବୋଲି ଭାବିବା, ତଥାପି କୌଣସି ସହଯୋଗୀ ମଧ୍ୟ ଆବଶ୍ୟକ କରୁଥିବା ଏବଂ ପରମେଶ୍ୱର ଆଦ୍ୟରେ ଏକ ବାକ୍ୟ ଥିଲେ ବୋଲି ପରିକଳ୍ପନା କରିବା, ପୁନଶ୍ଚ ସେହି ବାକ୍ୟ ଯିଏ ଈଶ୍ୱର ଥିଲେ, ସେ ମରିୟମ(ମାତା ମେରି)ଙ୍କ ଗର୍ଭରେ ଆସି ପଡିବା ଓ ତାଙ୍କ ରକ୍ତରୁ ଏକ ଶରୀରର ଆକୃତି ଧାରଣ କରିବା, ଯାହା ମାନବ ଶିଶୁ ହୋଇ ସ୍ୱାଭାବିକ ଭାବେ ଜନ୍ମ ହେବା, ବାଲ୍ୟକାଳରୁ ସମସ୍ତ ପ୍ରକାର ଦୁଃଖ ଓ ପୀଡା ଭୋଗ କରିବା ଏବଂ ଯେତେବେଳେ

ବଢ଼ିବାକୁ ଲାଗିଲେ ଓ ଯୌବନରେ ପହଞ୍ଚିଲେ, ତାଙ୍କୁ ଧରି ନେଇ କ୍ରୁଶ ଉପରେ ଚଢ଼ାଇବା ଇତ୍ୟାଦି ଏହି ସମସ୍ତ ବର୍ଣ୍ଣନା ଏକ ଜଘନ୍ୟ ଶିର୍କ୍ ବୋଲି କୁହାଯିବ । ଯାହା ଫଳରେ ଜଣେ ନିରୀହ ମାନବ କିପରି ଈଶ୍ୱର ପାଲଟିଗଲେ ଓ ତାଙ୍କୁ ଦେବତା ଜ୍ଞାନ କରି ପୂଜା କରାଗଲା । ଅଥଚ ପରମ ଶକ୍ତିଶାଳୀ ଈଶ୍ୱର ଏପରି ସମସ୍ତ ଅନୁମାନରୁ ଉର୍ଦ୍ଧ୍ୱରେ ଅଛନ୍ତି ଯେପରିକି ଗର୍ଭରେ ଆସି ସଞ୍ଚାରିତ ହେବା, ଏକ ପିଣ୍ଡର ରୂପ ନେବା ଓ ଶତ୍ରୁମାନଙ୍କ ହାତରେ ଜବରଦସ୍ତି ଧରା ପଡିବା ଇତ୍ୟାଦି ।

ମାନବର ସହଜାତ ପ୍ରବୃତ୍ତି ଏହିସବୁ କଳ୍ପିତ ତତ୍ତ୍ୱକୁ ଗ୍ରହଣ କରେ ନାହିଁ ଯେ ଈଶ୍ୱରଙ୍କ ଉପରେ ଏପରି ଦୁଃଖର ପାହାଡ ମାଡି ବସିବ । ସେ ହେଉଛନ୍ତି ସକଳ ପ୍ରକାର ଶ୍ରେଷ୍ଠତ୍ୱର ଅଧିକର୍ତ୍ତା ଓ ସମସ୍ତ ସମ୍ମାନର ନିର୍ଝର, ଯିଏ ନିଜ ପାଇଁ ସମସ୍ତ ନିନ୍ଦା ଅପମାନକୁ ସହ୍ୟ କରିନିଅନ୍ତି । କିନ୍ତୁ ଖ୍ରୀଷ୍ଟିୟାନମାନେ ଏହି କଥା ମାନନ୍ତି ଯେ ଈଶ୍ୱର ଅପମାନିତ ହେବାର ଏହା ସର୍ବପ୍ରଥମ ଘଟଣା । ଏଥି ପୂର୍ବରୁ ପ୍ରଭୁ ଏ ପ୍ରକାର ଅପନିନ୍ଦା କେବେ ଉଠାଇ ନାହାନ୍ତି । ଆଗରୁ ଏପରି କେବେ ଘଟି ନାହିଁ ଯେ ଈଶ୍ୱର ଜଣେ ନାରୀ ଗର୍ଭରେ ରକ୍ତପିଣ୍ଡ ହୋଇ ମାନବାକୃତି ଧାରଣ କରିବ । ଯେବେ ଠାରୁ ଲୋକମାନେ ଈଶ୍ୱରଙ୍କ ନାମ ଶୁଣିଛନ୍ତି, ଏହା କଦାପି ହୋଇ ନାହିଁ ଯେ ସେ ମଧ୍ୟ ମନୁଷ୍ୟ ପରି କୌଣସି ନାରୀ ଗର୍ଭରୁ ଜାତ ହୋଇଥିବେ । ଏ ସମସ୍ତ ବିଷୟକୁ ଖ୍ରୀଷ୍ଟିୟାନମାନେ ନିଜେ ସ୍ୱୀକାର କରିଥାନ୍ତି । ଏବଂ ଏହା ମଧ୍ୟ ସ୍ୱୀକାର କରିଥାନ୍ତି ଯେ ପ୍ରଭୁଙ୍କର ତିନି ଭାଗରେ ବିଭକ୍ତ ପିଣ୍ଡ ପ୍ରଥମରୁ କେବେ ଅଲଗା ହୋଇ ନଥିଲେ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ଅବଧି... ୧୮୯୬ ବର୍ଷ ପୂର୍ବେ ସେହି ତିନିଜଣ ପ୍ରଭୁଙ୍କ ଅସ୍ତିତ୍ୱରୁ ଅଂଶୀଦାରଙ୍କୁ ତିନୋଟି ପୃଥକ ଶରୀରରେ ପରିଣତ କରି ଦିଆଯାଇଛି । ପ୍ରଥମତଃ ଆଦମଙ୍କ ପରି 'ପିତା'ର ରୂପ ଦିଆଗଲା, ଯେହେତୁ ଈଶ୍ୱର ଆଦମଙ୍କୁ ନିଜର ଆକୃତି ପ୍ରଦାନ କରି ଗଢ଼ିଥିଲେ । *(ପୁରାତନ ସମାଚ୍ଚର, ଜେନେସିସ ୧:୨୭ ଦ୍ରଷ୍ଟବ୍ୟ)* । 'ପୁତ୍ର' ହୋଇ ଯୀଶୁଙ୍କ ରୂପ ଧାରଣ କଲେ । *(ଯୋହନ ୧:୧ ଦ୍ରଷ୍ଟବ୍ୟ)* ଏବଂ 'ପବିତ୍ର ଆତ୍ମା' ପାରାର ଆକୃତି ନେଇ ପ୍ରତୀତ ହେଲେ । *(ମାଥିଉ ୩:୧୬ ଦ୍ରଷ୍ଟବ୍ୟ)*

ଖ୍ରୀଷ୍ଟିୟ ମତବାଦ ଅନୁଯାୟୀ ଏହି ତିନି ଆକୃତି ବିଶିଷ୍ଟ ଈଶ୍ୱର ସବୁଦିନ ପାଇଁ ଏକାକାର ରୂପ ଧାରଣ କରିଛନ୍ତି ଓ ସବୁଦିନ ପାଇଁ ଭିନ୍ନ ଭିନ୍ନ ଅସ୍ତିତ୍ୱ

ହୋଇ ମଧ ରହିବେ । ଅର୍ଥାତ ସେ ତିନି ହେଁ ମିଶି ଏକ ହୋଇଥିଲେ ସୁଦ୍ଧା ତଥାପି ତିନି । ଏପରି ଅଦ୍ଭୁତ ତତ୍ତ୍ୱ ସମ୍ବନ୍ଧରେ ଯଦି କେହି କହିପାରିବ, ତା'ହେଲେ ଆମକୁ ବତାଇ ଦେଉ ଯେ ଏହି ପୃଥକ ଶରୀରଗୁଡିକ ଚିରସ୍ଥାୟୀ ତଥା ଅପରିବର୍ତ୍ତନୀୟ ହୋଇଥିବାର କୁହାଯାଉଥିଲେ ସୁଦ୍ଧା ସେହି ତିନୋଟିଯାକ ମିଶି କିପରି ଏକ ହେଲେ ? ବିଶିଷ୍ଟ ଖ୍ରୀଷ୍ଟବିତ୍ ଡଃ. ମାର୍ଟିନ୍ କ୍ଲାର୍କ, ପାଦ୍ରୀ ଇମାମୁଦ୍ଦୀନ ଓ ପାଦ୍ରୀ ଠାକର ଦାସଙ୍କର ତିନୋଟି ଶରୀର ରହିଥିଲେ ସୁଦ୍ଧା ସେମାନଙ୍କୁ ଏକ କରି ଆମକୁ ଭଲା କେହି ଦେଖାଇ ଦେଉ । ଆମେ ଏହା ଦାବିର ସହିତ କହିପାରିବୁ ଯେ ସେହି ତିନି ଜଣକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ସେମାନଙ୍କ ମାଂସପେଶୀକୁ ଯଦି ଏକତ୍ର ମିଶାଇ ଦିଆଯାଏ, ତଥାପି ମଧ ଯାହାଙ୍କୁ ଈଶ୍ୱର ତିନୋଟି ପିଣ୍ଡ ଗଢ଼ି ସୃଷ୍ଟି କରିଥିଲେ, ସେମାନେ ଆଦୌ ଏକ ହୋଇପାରିବେ ନାହିଁ । ଯେହେତୁ ତିନୋଟି ନଶ୍ୱର ଓ ବିନାଶଶୀଳ ଶରୀର ସଦୃଶ ପଦାର୍ଥରେ ମିଶିଯାଇ ପାରୁଥିବା ନତୁବା ଭାଗ ଭାଗ ହୋଇ ପାରୁଥିବାର ସମ୍ଭାବନା ରହିଛି, ତଥାପି ସେମାନେ କେବେ ଏକ ହୋଇପାରିବେ ନାହିଁ । ସେପରି ସ୍ଥଳେ ସେହି ତିନୋଟି ଅସ୍ତିତ୍ୱ ଯାହାର ସମିଶ୍ରଣ କିମ୍ବା ବିଭାଜନକୁ ଖ୍ରୀଷ୍ଟିୟାନମାନେ ସତ୍ୟ ବୋଲି ସ୍ୱୀକାର କରୁନାହାନ୍ତି, ସେମାନେ କିପରି ଏକ ହୋଇପାରିବେ ?

ଏଠାରେ ଏହା କହିବା ଅତ୍ୟୁକ୍ତି ହେବ ନାହିଁ, ଖ୍ରୀଷ୍ଟିୟାନମାନଙ୍କର ଏହି ତିନିଜଣ ପ୍ରଭୁ ଏକ କମିଟିର ତିନି ସଭ୍ୟ ସଦୃଶ । ସେମାନଙ୍କ କହିବା ଅନୁଯାୟୀ ପ୍ରଭୁଙ୍କ ପ୍ରତ୍ୟେକ ଆଦେଶ ସର୍ବସମ୍ମତି କ୍ରମେ କିମ୍ବା ବହୁମତ ଆଧାରରେ ଜାରି କରାଯାଇଥାଏ, ସତେ ଯେପରି ସେହି ଈଶ୍ୱରତ୍ୱ ଗଣତନ୍ତ୍ର ଶାସନ ପଦ୍ଧତିରେ ଚାଲୁଛି । **କୌଣସି ସତ୍ତା ନିଜ ମତେ ଶାସନ ଚଳାଇ ପାରିବ ନାହିଁ** ଏବଂ ପରିଷଦର ନିଷ୍ପତ୍ତି ଉପରେ ନିର୍ଭର କରିବାକୁ ପଡିବ ।

ଖ୍ରୀଷ୍ଟିୟାନମାନଙ୍କର ଈଶ୍ୱର ଏପରି ଏକାଧିକ ଈଶ୍ୱରଙ୍କ ସମିଶ୍ରଣ । ଏକ ଜଟିଳ ତତ୍ତ୍ୱ ଉପରେ ଆଧାରିତ ଈଶ୍ୱର । ଯାହାକୁ ଦେଖିବାର ଅଛି ସେ ଦେଖିନିଅ ।
(ଅଞ୍ଜାମେ ଆଥମ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୧, ପୃଷ୍ଠା ୩୪-୩୬)

ଖ୍ରୀଷ୍ଟଧର୍ମ ଏକେଶ୍ୱରବାଦରୁ ବଞ୍ଚିତ, ବରଂ ଏହି ମତାବଲମ୍ବୀ ଲୋକମାନେ ସତ୍ୟ ଈଶ୍ୱରଙ୍କ ଠାରୁ ମୁହଁ ଫେରାଇ ନିଜ ପାଇଁ ଏକ ନୂଆ ଈଶ୍ୱର ତିଆରି କରିଛନ୍ତି

ଯେ କି ଜଣେ ଇସ୍ରାଇଲୀୟ ନାରୀର ପୁତ୍ର ସନ୍ତାନ । କିନ୍ତୁ କ'ଣ ଏହି ମନଗଢ଼ା ଈଶ୍ୱର ବାସ୍ତବ ଈଶ୍ୱରଙ୍କ ପରି ମହା କର୍ତ୍ତୃତ୍ୱଶାଳୀ ? ଏହି କଥାର ନିଷ୍ପତ୍ତି ପାଇଁ ତାଙ୍କ ନିଜର ଇତିହାସ ସାକ୍ଷୀ ରହିଛି । କାରଣ ଯଦି ସେ ମହାଶକ୍ତିଶାଳୀ ହୋଇଥାନ୍ତେ, ତା'ହେଲେ ସେ ଇହୁଦୀଙ୍କ ହାତରୁ ମାଡଗାଳି ଖାଇ ନଥା'ନ୍ତେ । ତାଙ୍କୁ ରୋମୀୟ ଶାସକଙ୍କ ବନ୍ଦୀଶାଳାରେ ରଖାଯାଇ ନଥା'ନ୍ତା କି ଶୁଳିରେ ଚଢ଼ାଇବା ସକାଶେ ଯୀଶୁଙ୍କୁ ଟାଣି ନିଆଯାଇ ନଥା'ନ୍ତା । ଯେତେବେଳେ ଇହୁଦୀମାନେ ଯୀଶୁଙ୍କୁ କହିଲେ 'ଯଦି ତୁମର ସାଧ ଅଛି ତୁମେ କ୍ରୁଶରୁ ଓହ୍ଲାଇ ଆସ, ଆମେ ତୁମ ଉପରେ ବିଶ୍ୱାସ ଆଣିବୁ ।' ତେବେ ସେ ତ ସେହି ସମୟରେ ଓହ୍ଲାଇ ଆସି ପାରିଥା'ନ୍ତେ । କିନ୍ତୁ ସେ କୌଣସି ବିଶେଷ ପରିସ୍ଥିତିରେ ମଧ୍ୟ ନିଜର ଈଶ୍ୱର ହେବାର ଶକ୍ତି ପ୍ରଦର୍ଶନ କରି ନଥିଲେ ।

ଅବଶିଷ୍ଟାଂଶ ବିଷୟ ହେଉଛି ତାଙ୍କର ଦୈବି ଚମତ୍କାରୀତା । ତେବେ ସ୍ପଷ୍ଟତଃ ଅନ୍ୟାନ୍ୟ ଅଧିକାଂଶ ଅବତାରମାନଙ୍କ ଅଲୌକିକ ଶକ୍ତି ତୁଳନାରେ ସେ ବହୁତ କମ ଚମତ୍କାରୀତା ଦେଖାଇଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ଯଦି ଜଣେ ଖ୍ରୀଷ୍ଟିୟାନ ଏଲୀୟ ନବୀଙ୍କ ଅଲୌକିକ ନିଦର୍ଶନ, ଯାହାର ବାଇବେଲରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି, ଯେପରି କି ମୃତମାନଙ୍କୁ ଜୀବିତ କରିଦେବା ବିଷୟ ମଧ୍ୟ ସେଥିରେ ଅଛି । ତାକୁ ଯଦି ମରିୟମ ପୁତ୍ର ଯୀଶୁଙ୍କ ଚମତ୍କାରୀତା ସହିତ ତୁଳନା କରାଯାଏ, ତେବେ ଏହା ନିଶ୍ଚୟ ସ୍ୱୀକାର କରିବାକୁ ପଡିବ ଯେ ଏହିୟା ନବୀଙ୍କର ଐଶି ମହିମା ଓ ଅବତରୀୟ ଲୀଳା ପ୍ରଦର୍ଶନ ମରିୟମ ପୁତ୍ର ଯୀଶୁଙ୍କ ତୁଳନାରେ କାହୁଁ କେତେ ଅଧିକ । ହଁ, ଅବଶ୍ୟ ନୂତନ ସମାଚାରରେ ଏହା ବାରମ୍ବାର କୁହାଯାଇଛି ଯେ ଅପସ୍ମାର ବା ମୂର୍ଚ୍ଛା ରୋଗରେ ପୀଡିତ ବ୍ୟକ୍ତିମାନଙ୍କୁ ଯୀଶୁ ଆରୋଗ୍ୟ କରି ଦେଉଥିଲେ । ଏହା ଗବେଷକମାନଙ୍କ ଦୃଷ୍ଟିରେ ଏକ ହାସ୍ୟାସ୍ପଦ ବିଷୟ । ବର୍ତ୍ତମାନ ଅନୁସନ୍ଧାନରୁ ଏହା ଜଣାପଡିଛି ଯେ ଅପସ୍ମାର ବାତ ମସ୍ତିଷ୍କରେ ଦୁର୍ବଳତା ଦେଖାଦେଲେ କିମ୍ବା ଦେହରେ ଘା' ହୋଇଗଲେ ଅଥବା ଅନ୍ୟ କୌଣସି ରୋଗର ଦୁଷିତ ପ୍ରଭାବ ଯୋଗୁଁ ହୋଇଥାଏ । କିନ୍ତୁ ସେ ସମସ୍ତ ରୋଗ ଗବେଷଣାକାରୀ କଦାପି କହିନାହାନ୍ତି ଯେ ଏହା ଜିନ୍ ଅଥବା ପ୍ରେତାତ୍ମାର କୁପ୍ରଭାବ ଯୋଗୁଁ ହୋଇଥାଏ ।

ଯୀଶୁଙ୍କ ଜନ୍ମ ହେବା କିମ୍ବା ତାଙ୍କର ଅନ୍ୟ କୌଣସି ଚମତ୍କାରୀତାକୁ ତାଙ୍କର ଈଶ୍ୱରତ୍ୱର ପ୍ରମାଣ ସ୍ୱରୂପ ଗ୍ରହଣ କରାଯାଇ ନାହିଁ । ସର୍ବଶକ୍ତିମାନ ଈଶ୍ୱର ଏହି

ବିଷୟ ପ୍ରତି ସଂକେତ ଦେବା ସକାଶେ ଯୀଶୁଙ୍କ ଜନ୍ମ ସହିତ ଯୋହନଙ୍କ ଜନ୍ମ ବୃତ୍ତାନ୍ତକୁ ଯୋଡି ଦେଲେ । ତଦ୍ଦ୍ୱାରା ଏହା ଜଣା ପଡିବ ଯେପରି ଯୋହନଙ୍କ ସ୍ୱଭାବଗତ ଜନ୍ମ ତାଙ୍କର ମନୁଷ୍ୟ ହେବାରୁ ବହିର୍ଭୁତ ହୋଇପାରିବ ନାହିଁ, ସେହିପରି ମରିୟମ ପୁତ୍ର ଯୀଶୁଙ୍କ ମାନବଜନ୍ମ ତାଙ୍କୁ କଦାପି ଈଶ୍ୱର ବୋଲି ପ୍ରମାଣ ଦେଇପାରିବ ନାହିଁ ।...

ଯୀଶୁଙ୍କର କୌଣସି ବିଷୟରେ ଆଦୌ କର୍ତ୍ତୃତ୍ୱ ନଥିଲା । ସେ କେବଳ ଏକ ନିରୀହ ମାନବ ଥିଲେ । ମାନବ ସ୍ୱଭାବ ସୁଲଭ ଦୁର୍ବଳତା ଓ ଅଜ୍ଞାନତା ସେ ଆପଣା ଭିତରେ ପୋଷଣ କରିଥିଲେ । ବାଇବେଲର ନୂତନ ସମାଚାରରୁ ଜଣାପଡେ ଯେ ତାଙ୍କଠାରେ ଅଦୃଶ ଜ୍ଞାନ ଆଦୌ ନଥିଲା ଓ ସେ ଗୋପନ ରହସ୍ୟ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । କାରଣ ସେ ଏକ ଡିମ୍ବିରି ଗଛରୁ ଫଳ ଖାଇବାକୁ ଯାଇଥିଲେ । କିନ୍ତୁ ସେହି ଗଛରେ ଆଦୌ ଫଳ ହୋଇ ନଥିଲା । ସେ ନିଜେ ଏହା ସ୍ୱୀକାର କରିଛନ୍ତି ଯେ କୟାମତ ବା ଅନ୍ତିମ ବିଚାର ଦିବସ କେବେ ଆସିବ, ତାଙ୍କୁ ସେ ବିଷୟରେ ଜଣା ନାହିଁ । ତେଣୁ ଯଦି ସେ ଈଶ୍ୱର ହୋଇଥାନ୍ତେ, ତାଙ୍କୁ ନିଶ୍ଚୟ କୟାମତର ଜ୍ଞାନ ରହିବା ଉଚିତ । ସେହିପରି ତାଙ୍କ ଠାରେ କୌଣସି ଦୈବି ଗୁଣ ନଥିଲା । ଏପରି କୌଣସି ବିଷୟ ତାଙ୍କ ପାଖରେ ନଥିଲା, ଯାହା ଅନ୍ୟମାନଙ୍କ ପାଖରେ ଦେଖିବାକୁ ମିଳେ ନାହିଁ । ଖ୍ରୀଷ୍ଟସମାଜ ତାଙ୍କର ମୃତ୍ୟୁ ହୋଇଥିବାର ସ୍ୱୀକାର କରିଥାନ୍ତି । ତେଣୁ ସେହି ସଂପ୍ରଦାୟର କେତେ ଦୁର୍ଭାଗ୍ୟ ଯେ ତାଙ୍କ ଈଶ୍ୱରଙ୍କ ମୃତ୍ୟୁ ଘଟିଛି ବୋଲି ସେ ମାନିବାକୁ ବାଧ ହୋଇଛନ୍ତି । ପୁଣି ଏପରି କହିବା ଯେ ସେ ପୁନର୍ବାର ଜୀବିତ ହୋଇ ଉଠିଲେ, ଏହା କୌଣସି ସନ୍ତୋଷଜନକ କଥା ନୁହେଁ । ଯେଉଁ ବ୍ୟକ୍ତିର ମୃତ୍ୟୁ ଅବଶ୍ୟମ୍ଭାବୀ ଓ ସେ ନିଜେ ମୃତ୍ୟୁବରଣ କରି ତାଙ୍କ ମୃତ୍ୟୁର ପ୍ରମାଣ ଦେଇଛନ୍ତି, ତାଙ୍କର ଜୀବତାବସ୍ଥା ଉପରେ କିପରି ଭରସା କରାଯାଇପାରେ ?

(ନସୀମେ ଦାଓ୍ୱତ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୩୭୮-୩୮୨)

ସେହି ଈଶ୍ୱର କେଉଁ କାମକୁ ନୁହେଁ, ଯିଏ ଏକ ମନୁଷ୍ୟ ପରି ବୃଦ୍ଧ ହୋଇଯା'ନ୍ତି ଓ ତାଙ୍କର କେତେକ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ବେକାର ହୋଇ ଶକ୍ତିହୀନ ହୋଇଯାଏ । ଯେପରି ଏକ ବ୍ୟକ୍ତି ବୃଦ୍ଧାବସ୍ଥାରେ ପହଞ୍ଚିଲେ ତା'ର ଅନ୍ତର୍ନିହିତ ମାନସିକ ଓ ଦୈହିକ ଶକ୍ତି ହରାଇ ବସେ । ପୁଣି ଏପରି ପ୍ରଭୁ କେଉଁ କାମକୁ, ଯେ ପର୍ଯ୍ୟନ୍ତ ତାଙ୍କୁ ଦୌଡିରେ ବାନ୍ଧି ଦେଇ କୋରଡାରେ ପ୍ରହାର କରା ନଯିବ, ତାଙ୍କ

ମୁହଁକୁ ଛେପ ପକା ନଯିବ, ତାଙ୍କୁ କେତେ ଦିନ ପର୍ଯ୍ୟନ୍ତ କାରାବାସରେ ବନ୍ଦୀ କରି ରଖା ନଯିବ ଓ ଶେଷରେ ତାଙ୍କୁ କ୍ରୁଶବିଦ୍ଧ କରି ମାରିଦେବା ପାଇଁ କ୍ରୁଶ ଉପରକୁ ଟାଣି ନିଆଯିବ ନାହିଁ, ସେ ପର୍ଯ୍ୟନ୍ତ ସେ ନିଜ ଭକ୍ତମାନଙ୍କ ପାପକୁ କ୍ଷମା କରି ଦେଇପାରିବେ ନାହିଁ । ଆମେ ତ ଏପରି ପ୍ରଭୁଙ୍କ ପ୍ରତି ଅତି ବିକାର ଭାବ ବ୍ୟକ୍ତ କରି ସାରିଛୁ, ଯାହାଙ୍କ ଉପରେ କିପରି ଏକ ଲାଞ୍ଛିତ ଓ ଅପମାନିତ ଜାତି ଯେ କି ନିଜର ରାଜତ୍ୱ ବି ହରାଇ ବସିଥିଲେ, ସେହି ଇହୁଦୀମାନେ ମଧ୍ୟ ବିଜୟ ଲାଭ କଲେ । କିନ୍ତୁ ଆମେ ସେହି ସତ୍ୟ ଈଶ୍ୱରଙ୍କ ଉପରେ ଦୃଢ଼ ଆସ୍ଥା ରଖିଛୁ ଯେକି ମକ୍କାର ଏକ ଗରୀବ ଓ ଅସହାୟ ବ୍ୟକ୍ତିଙ୍କୁ ନିଜର ରସୁଲ କରି ସେହି ଯୁଗରେ ନିଜର ଅପାର ଶକ୍ତି ଓ ପରାକ୍ରମକୁ ସମଗ୍ର ଜଗତରେ ପ୍ରଦର୍ଶିତ କରିଦେଲେ, ଏପରିକି ଯେବେ ଆମ ପ୍ରିୟ ନବୀଙ୍କୁ ଗିରଫ କରିବା ପାଇଁ ସମ୍ରାଟ ନିଜ ସିପାହୀମାନଙ୍କୁ ପଠାଇଲେ । ସେତେବେଳେ ସେହି ସର୍ବଶକ୍ତିମାନ ଈଶ୍ୱର ନିଜ ରସୁଲ ମୁହମ୍ମଦ[ସଅ] ଙ୍କୁ କହିଲେ, 'ତୁମେ ସେହି ସିପାହୀକୁ କହିଦିଅ ଯେ ଆଜି ରାତିରେ ମୋ ପ୍ରଭୁ ସେମାନଙ୍କ ପ୍ରଭୁଙ୍କୁ ହତ୍ୟା କରି ଦେଇଛନ୍ତି' । ଏବେ ଦେଖିବାକୁ ହେବ ଯେ ଏକ ପକ୍ଷେ ଜଣେ ବ୍ୟକ୍ତି (ଯୀଶୁ ମସିହ-ଅନୁବାଦକ) ନିଜ ପ୍ରଭୁତ୍ୱର ଦାବି କରୁଛନ୍ତି, ଶେଷରେ ଫଳ ସ୍ୱରୂପ ରୋମୀୟ ସରକାରଙ୍କ ଏକ ସିପାହୀ ତାଙ୍କୁ ବାନ୍ଧି ନେଇ ଘଣ୍ଟାଏ ଦୁଇ ଘଣ୍ଟା ମଧ୍ୟରେ ବନ୍ଦୀଶାଳାରେ ପକାଇ ଦେଉଛି ଓ ରାତିସାରା ଯୀଶୁଙ୍କ ଆକୁଳ ପ୍ରାର୍ଥନା ମଧ୍ୟ ଗ୍ରୁହୀତ ହେଲା ନାହିଁ । ଅପରପକ୍ଷେ ଏକ ଦୁର୍ବଳ ପୁରୁଷ କେବଳ ଅବତାରତ୍ୱର ଦାବି କରୁଛି ଓ ଈଶ୍ୱରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଦେଶର ସମ୍ରାଟମାନଙ୍କୁ ନିହତ କରୁଛି । ଏହି ସନ୍ଦର୍ଭରେ ଏକ ଲୋକ କଥା ସତ୍ୟର ଅନୁସନ୍ଧିତ୍ସୁମାନଙ୍କ ପାଇଁ ଅତି ଉତ୍ସାହପ୍ରଦ ଯେ

"یار غالب شو کہ تا غالب شوی"

**'ୟାରେ ଗାଲିବେ ଶୋ କେ ତା ଗାଲିବେ ଶୱି'**

ଅର୍ଥାତ 'ସେହି ସର୍ବୋଚ୍ଚ ସତ୍ତା ପରମାତ୍ମାଙ୍କୁ ନିଜ ସଖା କରିଦିଅ, ତଦ୍ୱାରା ତୁମେ ବି ମହାନ ହୋଇଯିବ ।'

ଆମେ ଏପରି ସଂପ୍ରଦାୟର କିପରି ଉପଯୋଗ କରିବୁ, ଯାହା ଏକ ମୃତପ୍ରାୟ ଶ୍ରୀହୀନ ଧର୍ମ । ଆମେ ଏପରି ଧର୍ମଗ୍ରନ୍ଥରୁ କ'ଣ ଲାଭ ଉଠାଇବୁ, ଯାହା

ନିର୍ଜୀବ । ଆମକୁ ସେପରି ଈଶ୍ୱର କେଉଁଠାରେ ପହଞ୍ଚାଇ ପାରିବ, ଯାହା ନିଷ୍ପ୍ରାଣ ମୃତ ଈଶ୍ୱର । (ଚଶମାଏ ମସିହ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୦, ପୃଷ୍ଠା ୩୫୩)

ଯେଉଁ ପ୍ରସଙ୍ଗ ଆଡକୁ ଆମକୁ ଡାକୁଛନ୍ତି, ତାହା ଅତ୍ୟନ୍ତ ନୀଚ ଧାରଣା ସଂପନ୍ନ ଏକ ଲଜ୍ଜାଜନକ ସିଦ୍ଧାନ୍ତ । କ'ଣ ଜଣେ ବୁଦ୍ଧିମାନ ଏହା ଗ୍ରହଣ କରିବ ଯେ ଏକ ନିରୀହ ପ୍ରାଣୀ ସମସ୍ତ ମାନବ ସୁଲଭ ଗୁଣ ଯା'ଠାରେ ରହିଛି, ତାକୁ ଈଶ୍ୱର ବୋଲି କୁହାଯିବ ? କ'ଣ ଆମ ବିବେକ ଏହା ମାନିବାକୁ ପ୍ରସ୍ତୁତ ହୋଇପାରିବ ଯେ ସୃଷ୍ଟଜ ପ୍ରାଣୀ ନିଜ ସ୍ରଷ୍ଟାକୁ କୋରଡାରେ ପ୍ରହାର କରିବ ଓ ପ୍ରଭୁଭକ୍ତ ନିଜ ଶକ୍ତିଶାଳୀ ପ୍ରଭୁଙ୍କ ମୁହଁ ଉପରେ ଥୁକ ପକାଇଦେବ, ତାକୁ ଧରି ପକାଇବ ଓ ତାକୁ କଣ୍ଟାପିଟି ଶୁଳି ଉପରେ ଯାତନା ଦେବ । ଅଥଚ ସେ ଈଶ୍ୱର ହୋଇ ମଧ୍ୟ ସେମାନଙ୍କ ଆଗରେ ନିଜର ଅସହାୟତା ଓ ଅପାରଗତା ପ୍ରକାଶ କରିବ ? କ'ଣ କେହି ଏହା ହୃଦୟଙ୍ଗମ କରିପାରିବ ଯେ ଜଣେ ବ୍ୟକ୍ତି ଈଶ୍ୱର ବୋଲାଇଥିଲେ ସୁଦ୍ଧା ରାତିସାରା ପ୍ରାର୍ଥନାରତ ରହିବ, ଅଥଚ ତାହାର ପ୍ରାର୍ଥନା ଗୃହୀତ ହେବ ନାହିଁ ? କ'ଣ କାହାର ହୃଦୟ ଏହି କଥାରେ ସନ୍ତୋଷ ଲାଭ କରିବ ଯେ ପ୍ରଭୁ ମଧ୍ୟ ନିରୀହ ଶିଶୁଟିଏ ପରି ନଅମାସ ମାତୃଗର୍ଭରେ ରହିବ ? ପୁଣି ରକ୍ତ ପିଣ୍ଡୁଳାରୁ ପୋଷଣ ପାଇବା ଶେଷରେ ଉଚ୍ଚସ୍ୱରରେ ରାହାଧରି କାନ୍ଦିବ ଏବଂ ନାରୀର ଗୁପ୍ତାଙ୍ଗ ବାଟେ ଜନ୍ମ ଗ୍ରହଣ କରିବ ? କ'ଣ କେହି ବୁଦ୍ଧିମାନ ଏହି ତତ୍ତ୍ୱକୁ ସମର୍ଥନ କରିବ ଯେ ଈଶ୍ୱର ଅନନ୍ତ କାଳ ପରେ ଏକ ପିଣ୍ଡରେ ପରିଣତ ହୋଇଯିବ, ଯାହାର ଏକ ଅଂଶ ମନୁଷ୍ୟ ଆକାର ଧାରଣ କରିବ । ଦ୍ୱିତୀୟ ଅଂଶଟି ପାରାର ଆକୃତିରେ ପରିବର୍ତ୍ତିତ ହୋଇଯିବ ତଥା ଏହି ଶରୀରଗୁଡିକ ଈଶ୍ୱରଙ୍କ ଗଳାର ହାର ହୋଇ ଚିରଦିନ ଆବଦ୍ଧ ହୋଇଯିବେ ।

(କିତାବୁଲ୍ ବରିୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୩, ପୃଷ୍ଠା ୮୬-୮୭)

# ଅଲ୍ଲାଃଙ୍କ ଗୌରବ ଓ ସ୍ମରଣ...ପଦ୍ୟ ରୂପରେ
## (ଉର୍ଦ୍ଦୁ ପଦ୍ୟ ଅନୁବାଦ ସହିତ)

## ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତାଙ୍କ ସ୍ତୁତି

کِس قدر ظاہر ہے نور اُس مبدَء الانوار کا    بن رہا ہے سارا عالم آئینہ ابصار کا
چاند کو کل دیکھ کر مَیں سخت بے کل ہو گیا    کیونکہ کچھ کچھ تھا نشاں اُس میں جمالِ یار کا
اُس بہارِ حُسن کا دِل میں ہمارے جوش ہے    مت کرو کچھ ذکر ہم سے تُرک یا تاتار کا
ہے عجب جلوہ تری قدرت کا پیارے ہر طرف    جس طرف دیکھیں وہی رہ ہے ترے دیدار کا
چشمۂ خورشید میں موجیں تری مشہود ہیں    ہر ستارے میں تماشا ہے تری چمکار کا
تُونے خُود روحوں پہ اپنے ہاتھ سے چھڑکا نمک    اس سے ہے شورِ محبّت عاشقانِ زار کا
کیا عجب تُونے ہر اِک ذرّہ میں رکھے ہیں خواص    کون پڑھ سکتا ہے سارا دفتر اُن اَسرار کا
تیری قدرت کا کوئی بھی اِنتہا پاتا نہیں    کِس سے کُھل سکتا ہے پیچ اِس عقدۂ دشوار کا
خوبرویوں میں ملاحت ہے ترے اس حُسن کی    ہر گُل و گلشن میں ہے رنگ اُس تری گلزار کا
چَشمِ مَستِ ہر حسیں ہَر دَم دکھاتی ہے تجھے    ہاتھ ہے تیری طرف ہر گیسُوئے خمدار کا

(روحانی خزائن جلد ۲ سُرمہ چشمہ آریہ صفحہ ۵۲)

କିସ୍ କଦର୍ ଜାହିର୍ ହୈ ନୁର୍    ଉସ୍ ମବ୍‌ଦଉଲ୍ ଅନଓ୍ୱାର କା
ବନ୍ ରହା ହୈ ସାରା ଆଲମ୍    ଆଇନା ଅବ୍‌ସାର କା
ଚାନ୍ଦ୍‌କୋ କଲ୍ ଦେଖ କର୍    ମୈଁ ସଖ୍‌ତ୍ ବେକଲ୍ ହୋ ଗୟା
କ୍ୟୁଁ କି କୁଛ୍‌କୁଛ୍ ଥା ନିଶାଁ    ଉସ୍‌ମେ ଜମାଲେ ୟାର କା
ଉସ୍ ବହାରେ ହୁସ୍‌ନ କା    ଦିଲ୍ ମେ ହମାରେ ଜୋଶ୍ ହୈ
ମତ୍ କରୋ କୁଛ ଜିକ୍‌ର୍ ହମ୍‌ସେ    ତୁର୍କ ୟା ତା ତାର୍ କା
ହୈ ଅଜ୍‌ବ ଜଲ୍‌ଓ୍ୱା ତେରି    କୁଦରତ୍ କା ପ୍ୟାରେ ହର୍ ତରଫ୍
ଜିସ୍ ତରଫ୍ ଦେଖେଁ    ଓ୍ୱହି ରାହ୍ ହୈ ତେରେ ଦିଦାର୍ କା
ଚଶ୍‌ମା ଏ ଖୁର୍‌ଶିଦ୍ ମେ ମୌଜେଁ    ତେରି ମଶହୁଦ୍ ହୈଁ

**ହର୍ ସିତାରେ ମେଁ ତମାଶା ହୈ ତେରି ଚମ୍‌କାର କା**
**ତୁନେ ଖୁଦ୍ ରୁହୋଁ ପେ ଅପ୍‌ନେ ହାଥ୍‌ସେ ଛିଡ୍‌କା ନମକ୍**
**ଇସ୍ ସେ ହେଁ ଶୋରେ ମୋହବ୍‌ବତ ଆଶିକାନେ ଜାର କା**
**କ୍ୟା ଅଜ୍‌ବ ତୁନେ ହରେକ୍ ଜର୍‌ରା ମେ ରଖେ ହେଁ ଖ୍ୱାସ୍**
**କୌନ୍ ପଢ୍ ସକତା ହୈ ସାରା ଦଫତର୍ ଇନ୍ ଅସରାର୍ କା**
**ତେରି କୁଦରତ୍ କା କୋଇ ଭି ଇନ୍‌ତହା ପାତା ନେହିଁ**
**କିସ ସେ ଖୁଲ୍ ସକତା ହୈ ପେଚ୍ ଇସ୍ ଉକ୍‌ଦାଏ ଦୁଶ୍‌ୱାର କା**
**ଖୁବରୁଓଁ ମେଁ ମଲାହତ୍ ହୈ ତେରେ ଇସ୍ ହୁସନ୍ କୀ**
**ହର୍ ଗୁଲ୍ ଓ ଗୁଲଶନ୍ ମେଁ ହୈ ରଙ୍ଗ୍ ଉସ୍ ତେରୀ ଗୁଲଜାର୍ କା**
**ଚଶ୍‌ମେ ମସ୍ତେ ହର ହସିଁ ହରଦମ୍ ଦିଖାତି ହୈ ତୁଝେ**
**ହାଥ ହୈ ତେରୀ ତରଫ୍ ହର୍ ଗେସୁଏ ଖୁମଦାର୍ କା**

ପ୍ରଭୁଙ୍କର ଜ୍ୟୋତି କିପରି ଦେଖ ପ୍ରକାଶମାନ,
ସେହି ତ ଅଟନ୍ତି ସକଳ ଜ୍ୟୋତି ଉତ୍ପତ୍ତି ସ୍ଥାନ ।
ସମଗ୍ର ଜଗତ ହେଉଛି ଗଢ଼ା ଦର୍ପଣ ପରି,
ନୟନ ତାହାଙ୍କ ଦର୍ଶନ ତେବେ ପାରିବ କରି ।
ବିଗତ ରାତିରେ ଚନ୍ଦ୍ରମା କରି ଅବଲୋକନ,
ହୋଇପଡ଼ିଲି ମୁଁ ବିବ୍ରତ ଅତିଶୟ ଯେ ଜାଣ ।
କାରଣ ତାହାରି ମଧ୍ୟରେ ମୋର ପ୍ରିୟ ବରଙ୍କ,
ରହିଥିଲା ସୁନ୍ଦରତାର ନିଦର୍ଶନ କେତେକ ।
ସେହି ଅପରୂପ ସୌନ୍ଦର୍ଯ୍ୟ ପ୍ରଭାବରେ ପଡ଼ିଣ,
ମୋ ମନ ମଧ୍ୟରେ ଭୀଷଣ ହେଉଛି ଆଲୋଡ଼ନ ।
କର ନାହିଁ ଆଉ ବର୍ଣ୍ଣନ ତୁମେ ମୋର ସମୀପ,
ତାତାର ଅଥବା ତୁର୍କଙ୍କ ଚକ୍ଷୁରୋଚକ ରୂପ ।
ଆହେ ପ୍ରିୟତମ ପ୍ରକାଶ ପାଇଅଛି ସର୍ବତ୍ର,
ତୁମରି ସୃଜନୀ ଶକତି ଅଟେ କେଡ଼େ ବିଚିତ୍ର ।
ଯେଉଁ ଦିଗେ ମୁହ ଚାହୁଁଛି ସେହି ଦିଗେ ଦେଖୁଛି,

ସକଳ ସରଣୀ ତୁମରି ଦର୍ଶନାର୍ଥେ ପଡ଼ିଛି ।
ସୂର୍ଯ୍ୟର ନିର୍ଝରେ ତୁମରି ଶକ୍ତି ଜୁଆର ଦିଶେ,
ପ୍ରତ୍ୟେକ ତାରକା ତୁମରି ଗଉରବେ ଝଲସେ ।
ସ୍ୱହସ୍ତେ ଛିଞ୍ଚିଲି ଲବଣ ପୀଡ଼ିତ ହୃଦୟରେ,
ଫଳେ ଆର୍ତ୍ତନାଦ କରନ୍ତି ପ୍ରେମୀମାନେ ଦୁଃଖରେ,
କି ରହସ୍ୟ ତୁମେ ରଖିଛ ପ୍ରତି ଅଣୁ ମଧ୍ୟରେ,
କେହି କେବେ ସେହି ରହସ୍ୟ ରାଜି କି ପଢ଼ିପାରେ ?
ତୁମରି ସୃଷ୍ଟିରେ ଅନ୍ତ ମୁଁ ପାଉ ନାହିଁ କେଉଁଠି,
ଖୋଲି କେ ପାରିବ ଏ କଷ୍ଟ ପ୍ରହେଳିକାର ଗଣ୍ଠି ।
ପ୍ରତ୍ୟେକ ସୁନ୍ଦର ବସ୍ତୁରେ ନିହିତ ତୁମ କାନ୍ତି,
ତୁମରି ଆଭାରେ ରଞ୍ଜିତ ହୋଇ ଫୁଲ ଫୁଟନ୍ତି ।
ଦେଇଛ ଯାହାକୁ ନୟନ ମାଦକତାରେ ପୂର୍ଣ୍ଣ,
ସେମାନେ ସର୍ବଦା କରାନ୍ତି ତୁମରି ଦରଶନ ।
ଦେଇଛ ଯାହାଙ୍କ ମସ୍ତକେ ଚାରୁଚୂର୍ଣ୍ଣ କୁନ୍ତଳ,
ତୁମ ଆଡ଼େ ହାତ ଦେଖାନ୍ତି ସେହିମାନେ କେବଳ ।

(ରୁହାନି ଖଜାଇନ୍, ଗ୍ରନ୍ଥ ଖଣ୍ଡ ୨; ସୁରମା ଏ ଚଶମା ଏ ଆରିୟା, ପୃ ୫୨ )

## ଭକ୍ତି ରସାଣିତ

جو ہمارا تھا وہ اب دلبر کا سارا ہو گیا     آج ہم دلبر کے اور دلبر ہمارا ہو گیا
شکر للہ مِل گیا ہم کو وہ لعلِ بے بدل     کیا ہوا گر قوم کا دل سنگِ خارا ہو گیا

(ازالہ اوہام ۔ روحانی خزائن جلد ۳ صفحہ ۴۵۷)

ଯୋ ହମାରା ଥା ଓ୍ୱହ୍ ଅବ୍ ଦିଲବର୍‌କା ସାରା ହୋଗୟା
ଆଜ୍ ହମ୍ ଦିଲ୍‌ବର୍‌କେ ଔର୍ ଦିଲବର୍ ହମାରା ହୋଗୟା ।
ଶୁକର୍ ଅଲ୍ଲାଃ ମିଲ୍ ଗୟା ହମ୍ କୋ ଓ୍ୱ ଲା’ଲେ ବେ ବଦଲ୍
କ୍ୟା ହୁଆ ଗର୍ କୌମ୍ କା ଦିଲ୍ ସଙ୍ଗେ ଖାରା ହୋଗୟା ॥

ଯାହା ମୋର ଥିଲା ଏଣିକି ସର୍ବସ୍ୱ ମୋ ପ୍ରିୟ ସଖାଙ୍କ ହେଲା
ଆଜି ଆମେ ହେଲୁ ପ୍ରାଣ ସଖାଙ୍କର ସେବି ଏକା ଆମ ସଖା
ଧନ୍ୟ ଆହେ ପ୍ରଭୁ, ମିଳିଗଲା ମୋତେ ଦୁର୍ଲ୍ଲଭ ରତନ ମଣି
ଜାତିର ହୃଦୟ ପାଷାଣ ହୋଇଲେ ଆମର କି ଯାଏ ଆସେ ॥
(ଇଜାଲାଏ ଅଓହାମ୍, ରୁହାନି ଖଜାଇନ୍ ଗ୍ରନ୍ଥ ଖଣ୍ଡ ୩, ପୃଷ୍ଠା ୪୫୮)

## ପରମ ପବିତ୍ର ତୁମେ

حمد و ثنا اُسی کو جو ذات جاودانی — ہم سر نہیں ہے اس کا کوئی نہ کوئی ثانی
باقی وہی ہمیشہ غیر اُس کے سب ہیں فانی — غیروں سے دل لگانا جھوٹی ہے سب کہانی
سب غیر ہیں وہی ہے اِک دل کا یارجانی
دل میں میرے یہی ہے سُبۡحَانَ مَنۡ یَّرَانِیۡ

سب کا وہی سہارا رحمت ہے آشکارا — ہم کو وہی پیارا دلبر وہی ہمارا
اُس بن نہیں گذارا غیر اس کے جھوٹ سارا
یہ روز کر مبارک سُبۡحَانَ مَنۡ یَّرَانِیۡ

(محمود کی آمین۔ روحانی خزائن جلد ۱۲ صفحہ ۳۱۹، ۳۲۰)

ହମ୍ଦୋ ସନା ଉସିକୋ ଯୋ ଜାତେ ଜାଓ୍ୱେଦାନୀ
ହମ୍ସର ନେହିଁ ହୈ ଉସକା କୋଇ ନା କୋଇ ସାନୀ ।
ବାକି ୱହି ହୈ ହମେଶା ଗୈର୍ ଉସକେ ସବ ହେଁ ଫାନୀ
ଗୈରୋଁ ସେ ଦିଲ୍ ଲଗାନା ଝୁଟି ହୈ ସବ କାହାନୀ ।
ସବ ଗୈର୍ ହେଁ ୱହି ହୈ ଇକ୍ ଦିଲ୍କା ୟାରଜାନୀ
*ଦିଲ୍ମେଁ ମେରେ ୟେହି ହୈ ସୁବହାନା ମେଁ ୟରାନୀ ॥*
ସବ୍କା ୱହି ସାହାରା ରହମତ୍ ହୈ ଆଶ୍କାରା
ହମ୍କୋ ୱହି ପ୍ୟାରା ଦିଲବର୍ ୱହି ହମାରା ।

**ଉସ୍ ବିନ୍ ନେହିଁ ଗୁଜାରା ଗୈର୍ ଉସକେ ଝୁଟ ସାରା**
***ୟେ ରୋଜ୍ କର ମୁବାରକ୍ - ସୁବହାନା ମୌଁ ୟରାନୀ ॥***

ସକଳ ପ୍ରଶଂସା ତୁମ ପାଇଁ ଭଗବାନ
ନାହିଁ ଏ ଜଗତେ କେହି ତୁମରି ସମାନ
ତୁମେ ଅଟ ଅଦ୍ୱିତୀୟ
ସମସ୍ତେ ମରଣଶୀଳ ତୁମେ ହିଁ ଅକ୍ଷୟ ।
ତୁମକୁ ଛାଡ଼ିଣ ଆନ ପୀରତି କରିଲେ
କେବଳ ମିଛ କାହାଣୀ ବୋଲାଇବ ଭଲେ
ତୁମେ ମୋର ଅଭିଳାଷ
ଅନ୍ୟମାନେ ସାତପର କହେ ହୀନ ଦାସ ॥
ପରମ ପବିତ୍ର ତୁମେ କରେ ମୁଁ ଘୋଷଣା
ରଖିଅଛ ମୋତେ ପ୍ରଭୁ ନଜରେ ଆପଣା
ତୁମ ଚରଣେ ଶରଣ
ରଖ ବା ନ ରଖ ପ୍ରଭୁ ଦେଲି ଏ ଜୀବନ ॥
ତୁମଠାରେ ମୋର ସୁଖ ସମ୍ପଦ ନିହିତ
ଅନ୍ୟ କେହି ସଖା ବୋଲି ହେଉନି ପ୍ରତୀତ
ଆହେ ପରମ ଈଶ୍ୱର
ତୁମ ବିନା ଅନ୍ୟ ଆଶ୍ରା ଅଳୀକ ମାତର ॥
ଅନ୍ୟ ସବୁ ମିଛ ଆହେ ମୋ ମନ ମୋହନ
ପରମ ପବିତ୍ର ତୁମେ ଏ ମୋର କଥନ
ଧନ୍ୟ ହେଉ ଆଜି ଦିନ
ଘେନା କର ପ୍ରଭୁ ମୋର ଏହି ନିବେଦନ ॥

**(ରୁହାନି ଖଜାଇନ୍, ଗ୍ରନ୍ଥ ଖଣ୍ଡ ୧୨ ; ମହମୁଦ କି ଆମିନ ପୃ ୩୧୯,୩୨୦)**

# ମିର୍ଜା ମୁବାରକଙ୍କ ଅକାଳ ବିୟୋଗରେ ସ୍ମୃତିଲିପି

جگر کا ٹکڑا مبارک احمد جو پاک شکل اور پاک خو تھا    وہ آج ہم سے جدا ہوا ہے ہمارے دل کو حزیں بنا کر

کہا کہ آئی ہے نیند مجھ کو یہی تھا آخر کا قول لیکن    کچھ ایسے سوئے کہ پھر نہ جاگے تھکے بھی ہم پھر جگا جگا کر

برس تھے آٹھ اور کچھ مہینے کہ جب خدا نے اُسے بُلایا    بُلانے والا ہے سب سے پیارا اُسی پہ اے دل تو جاں فدا کر

(لوحِ مزار مرزا مبارک احمد صاحب۔ درثمین اردو صفحہ ۱۰۰ شائع کردہ نظارت اشاعت ربوہ)

ଜିଗର୍ କା ଟୁକଡା ମୁବାରକ୍ ଅହମଦ୍,
ଯୋ ପାକ୍ ଶକଲ୍ ଔର୍ ପାକ୍ ଖୁ ଥା
ୱହ୍ ଆଜ୍ ହମ୍‌ସେ ଜୁଦା ହୁଆ ହୈ
ହମାରେ ଦିଲ୍‌କୋ ହଜିଁ ବନାକର୍ ।
କାହା କେ ଆୟି ହୈ ନିନ୍ଦ୍ ମୁଝ‌କୋ ୟହି ଥା
ଆଖିର୍ କା କୌଲ୍ ଲେକିନ୍
କୁଛ୍ ଐସେ ସୋୟେ କେ ଫିର୍ ନା ଜାଗେ,
ଥକେ ଭୀ ହମ୍ ଫିର୍ ଜଗା ଜଗା କର୍ ॥
ବରଷ୍ ଥେ ଆଠ୍ ଔର୍ କୁଛ୍ ମହିନେ କେ
ଯବ୍ ଖୁଦାନେ ଉସେ ବୁଲାୟା
ବୁଲାନେ ୱାଲା ହୈ ସବ୍‌ସେ ପ୍ୟାରା
ଉସି ପେ ଅଏ ଦିଲ୍ ତୁ ଯାଁ ଫିଦା କର୍ ॥

ମୁବାରକ ଅହମଦ୍ ମୋ ପରାଣ ପ୍ରିୟ,
ତା'ରୂପ ଲାବଣ୍ୟ ଆଉ ଶୁଦ୍ଧ ମନ
ଶୋକ ସାଗରରେ ଭସାଇ ଆମକୁ-
ଆରପାରି ଚ୍ଳିଗଲା ।
ନିଦ ମାଉସୀ ତ ମୋ ପାଶେ ବସିଛି,
ଶେଷ କଥା କହିଗଲା ।
ଜଗାଇ ଥକିଲୁ ହେଲେ ନଜାଗିଲା
ସବୁଦିନ ଶୋଇଗଲା ॥

ଆଠ ବରଷ ଓ ଆଉ କେତେ ମାସ,
ହୋଇଥିଲା ତା'ବୟସ
ଡାକିନେଲେ ପ୍ରଭୁ ତାଙ୍କ ନିଜ ପାଶ ।
ଡାକୁଅଛି ଯିଏ ସବୁଠାରୁ ପ୍ରିୟ
ତା'ଠାରେ ତୋ ମନ ପ୍ରାଣ ଢ଼ାଳିଦିଅ ॥
(ଦୁର୍‌ରେ ଶମୀନ୍ ଉର୍ଦ୍ଦୁ ପଦ୍ୟ, ପୃଷ୍ଠା୧୦୦)

## ଆହେ ବନ୍ଧୁ ତାଙ୍କୁ ହିଁ କେବଳ ଖୋଜ

وہ دیکھتا ہے غیروں سے کیوں دل لگاتے ہو　جو کچھ بتوں میں پاتے ہو اُس میں وہ کیا نہیں
سورج پہ غور کر کے نہ پائی وہ روشنی　جب چاند کو بھی دیکھا تو اس یار سا نہیں
واحد ہے لاشریک ہے اور لازوال ہے　سب موت کا شکار ہیں اُس کو فنا نہیں
سب خیر ہے اِسی میں کہ اس سے لگاؤ دل　ڈھونڈو اُسی کو یارو! بتوں میں وفا نہیں
اس جائے پُرعذاب سے کیوں دل لگاتے ہو　دوزخ ہے یہ مقام یہ بُستاں سرا نہیں

(تشحیذ الاذہان ماہ دسمبر ۱۹۰۸ صفحہ ۴۸۵ - درثمین صفحہ ۱۵۲)

ୱ୍ହ ଦେଖ୍‌ତା ହୈ ଗୈରୋଁ ସେ କ୍ୟୁଁ ଦିଲ୍ ଲଗାତେ ହୋ
ଯୋ କୁଛ୍ ବୁତୋଁ ମେଁ ପାତେ ହୋ-ଉସ୍‌ମେ ୱ୍ହ୍ କ୍ୟା ନେହିଁ ?
ସୁରଜ୍ ପେ ଗୌର୍ କର୍‌କେ ନ ପାୟି ୱ୍ହ୍ ରୌଶନୀ
ଯବ୍ ଚାନ୍ଦ୍ କୋ ଭି ଦେଖା ତୋ ଉସ୍ ୟାର୍‌ସା ନେହିଁ ॥
ୱାହିଦ୍ ହୈ ଲା ଶରୀକ୍ ହୈ ଔର୍ ଲାଜୱାଲ୍ ହୈ
ସବ୍ ମୌତ୍‌କା ଶିକାର୍ ହୈଁ ଉସ୍‌କୋ ଫନା ନେହିଁ ॥
ସବ୍ ଖୈର୍ ହୈ ଇସିମେଁ କେ ଉସ୍‌ସେ ଲଗାଓ ଦିଲ୍
ଢୁଣ୍ଡୋ ଉସିକୋ ୟାରୋ ! ବୁତୋଁ ମେଁ ୱଫା ନେହିଁ ॥
ଉସ୍ ଯାଏ ପୁର୍‌ଅଜାବ୍ ସେ କ୍ୟୁଁ ଦିଲ୍ ଲଗାତେ ହୋ
ଦୋଜଖ୍ ହୈ ୟେ ମୁକାମ୍ ୟେ ବୁସ୍‌ତାଁ ସରା ନେହିଁ ॥

ଅନ୍ୟ ଠାରେ କିଆଁ ଲଗାଉଛ ମନ, ସବୁତ ସେ ଦେଖୁଛନ୍ତି
ପଥର ଦିଅଁରେ ଯାହା ପାଉଅଛ, ତାହାଠାରେ କ'ଣ ନାହିଁ ॥
ସୁରୁଜ କିରଣେ ଯେତେ ମୁଁ ଖୋଜିଲି- ପାଇଲିନି ତବ ଜ୍ୟୋତି
ଚନ୍ଦ୍ରର ଜୋଛନା ଠାରେ ନ ଦେଖିଲି - ଆମ ପ୍ରିୟ ପରି କେହି ନାହିଁ ॥
ସେ ପୁଣି ଏକାକୀ କେହେବ ତା'ସରି, ଅକ୍ଷୟ ଅବିନଶ୍ୱର
ମୃତ୍ୟୁର ଶିକାର ହୁଅନ୍ତି ସକଳେ, ତାଙ୍କର ତ ମୃତ୍ୟୁ ନାହିଁ ।
ଜଗତ କଲ୍ୟାଣ ତାଙ୍କଠି କେବଳ, ଲଗାଅ ତହିଁରେ ମନ
ତାଙ୍କୁ ହିଁ କେବଳ ଖୋଜ ଆହେ ବନ୍ଧୁ ପ୍ରତିମା ପୂଜା ଅସାର ॥
ଶାସ୍ତିର ଯନ୍ତ୍ରଣା ଜଞ୍ଜାଳରେ ପଡି କଲବଲ ହୁଅ କାହିଁ ।
ଏ ଭବ ସଂସାର ନରକ ଗହ୍ୱର ପାରିଜାତ ଭାବ ନାହିଁ ॥

(ତଶ୍‌ହିଜୁଲ୍ ଅଜ୍‌ହାନ, ଡିସେମ୍ବର ୧୯୦୮, ଦୁର୍‌ରେ ଶମିନ୍, ପୃ-୧୫୨)

## ତୁମେ ହିଁ ପବିତ୍ର ମୋ ଶତ୍ରୁଙ୍କୁ ଯିଏ କରାଇଛି ନତ

تجھے سب زور و قدرت ہے خدایا   تجھے پایا ہر اِک مطلب کو پایا
ہر اک عاشق نے ہے اِک بُت بنایا   ہمارے دل میں یہ دلبر سمایا
وہی آرام جاں اور دل کو بھایا   وہی جس کو کہیں رَبُّ البرایا
ہوا ظاہر وہ مجھ پر بِالْاَیَادی
فَسُبْحَانَ الَّذِیْ اَخْزَی الْاَعَادِیْ

مجھے اس یار سے پیوند جاں ہے   وہی جنت وہی دارالاماں ہے
بیاں اس کا کروں طاقت کہاں ہے   محبت کا تو اِک دریا رواں ہے
یہ کیا احساں ہیں تیرے میرے ہادی
فَسُبْحَانَ الَّذِیْ اَخْزَی الْاَعَادِیْ

تری نعمت کی کچھ قلّت نہیں ہے          تہی اس سے کوئی ساعت نہیں ہے
شمار فضل اور رحمت نہیں ہے          مجھے اب شکر کی طاقت نہیں ہے

یہ کیا احساں ترے ہیں میرے ہادی
فَسُبۡحَانَ الَّذِیۡ اَخۡزَی الۡاَعَادِیۡ

ترے کُوچہ میں کن راہوں سے آؤں          وہ خدمت کیا ہے جس سے تجھ کو پاؤں
محبت ہے کہ جس سے کھینچا جاؤں          خدائی ہے خودی جس سے جلاؤں
محبت چیز کیا ، کس کو بتاؤں          وفا کیا راز ہے کس کو سُناؤں
مَیں اس آندھی کو اب کیونکر چھپاؤں          یہی بہتر کہ خاک اپنی اڑاؤں

کہاں ہم اور کہاں دنیائے مادی
فَسُبۡحَانَ الَّذِیۡ اَخۡزَی الۡاَعَادِیۡ

(بشیراحمد، شریف احمد اور مبارکہ کی آمین مطبوعہ ۱۹۰۱ء، درثمین صفحہ ۵۴، شائع کردہ نظارت اشاعت ربوہ)

ତୁଝେ ସବ୍ ଜୋର୍ ଓ କୁଦରତ୍ ହୈ ଖୁଦାୟା
ତୁଝେ ପାୟା ହର୍ଏକ୍ ମତଲବ୍ କୋ ପାୟା ।
ହରେକ୍ ଆଶିକ୍ ନେ ହୈ ଇକ୍ ବୁତ୍ ବନାୟା
ହମାରେ ଦିଲ୍ ମେଁ ୟେ ଦିଲ୍‌ବର୍ ସମାୟା ।
ୱହି ଆରାମ୍ ଯାଁ ଔର୍ ଦିଲ୍ କୋ ଭାୟା
ୱହି ଯିସ୍ କୋ କହେଁ ରବ୍‌ବୁଲ୍ ବରାୟା ।
ହୁଆ ଜାହିର୍ ୱହ୍ ମୁଝ୍‌ପର୍ ବିଲ୍ ଅୟାଦୀ
*ଫସୁବ୍‌ହାନଲ୍ଲଜି ଅଖ୍‌ଜଲ୍ ଅଆ'ଦୀ* ॥ ୧ ॥

ମୁଝେ ଉସ୍ ୟାର୍‌ସେ ପେୱନ୍ଦ ଯାଁ ହୈ
ୱହି ଜନ୍ନତ୍ ୱହି ଦାରୁଲ୍ ଅମାଁ ହୈ

ବୟାଁ ଉସ୍‌କା କରୁଁ ତାକତ୍ କାହାଁ ହୈ
ମୋହବତ୍‌କା ତୋ ଇକ୍ ଦର୍‌ୟା ରୱାଁ ହୈ ।
ୟେ କ୍ୟା ଏହ୍‌ସାଁ ହୈ ତେରେ ମେରେ ହାଦୀ
*ଫସୁବ୍‌ହାନଲ୍ଲାଜି ଅଖଜଲ୍ ଅଆଦୀ* ॥ ୨ ॥

ତେରି ନେମତ୍ କୀ କୁଛ୍ କିଲ୍ଲତ୍ ନେହିଁ ହୈ
ତହୀ ଉସ୍‌ସେ କୋଇ ସାଅତ୍ ନେହିଁ ହୈ ।
ଶୁମାର୍ ଫଜଲ୍ ଔର୍ ରହମତ୍ ନେହିଁ ହୈ
ମୁଝେ ଅବ୍ ଶୁକ୍‌ର କୀ ତାକତ୍ ନେହିଁ ହୈ ।
ୟେ କ୍ୟା ଏହସାଁ ତେରେ ହେଁ ମେରି ହାଦୀ
*ଫସୁବ୍‌ହାନଲ୍ଲାଜି ଅଖଜଲ୍ ଅଆ'ଦୀ* ॥ ୩ ॥

ତେରି କୁଚେ ମେଁ କିନ୍ ରାହୋଁ ସେ ଆଉଁ
ୱହ୍ ଖିଦମତ୍ କ୍ୟା ହୈ ୟିସ୍‌ସେ ତୁଝ୍‌କୋ ପାଉଁ ।
ମୋହବତ୍ ହୈ ୟିସ୍‌ସେ ଖିଞ୍ଚା ଯାଉଁ
ଖୁଦାୟି ହୈ ଖୁଦୀ ୟିସ୍‌ସେ ଜଲାଉଁ ।
ମୋହବତ୍ ଚିଜ୍ କ୍ୟା, କିସ୍‌କୋ ବତାଉଁ
ୱଫା କ୍ୟା ରାଜ୍ ହୈ କିସ୍‌କୋ ସୁନାଉଁ ।
ମୈଁ ଇସ୍ ଆନ୍ଧିକୋ ଅବ୍ କୁୟଁ କର୍ ଛୁପାଉଁ
ୟହି ବେହତର୍ କେ ଖାକ୍ ଅପ୍‌ନୀ ଉଡାଉଁ ।
କାହାଁ ହମ୍ ଔର୍ କାହାଁ ଦୁନ୍‌ୟା ଏ ମାଦୀ
*ଫସୁବ୍‌ହାନଲ୍ଲାଜି ଅଖଜଲ୍ ଅଆ'ଦୀ* ॥ ୪ ॥

ହେ ପ୍ରଭୁ ! ତୁମେ ସକଳ ଶକ୍ତିର ଆଧାର
ତୁମରି କ୍ଷମତା ମହିମା ଅପାର
ତୁମକୁ ପାଇଲେ ପାଇଗଲି ସବୁ, ଆଉ ତ ସବୁ ଅସାର ।
ପ୍ରେମିକ ଯାହାର ପିତୁଳା ଗଢ଼ିଛି ତାକୁ ହିଁ ପୂଜଇ ମନ
ହୃଦୟରେ ଆମ ବସା ବାନ୍ଧିଅଛି ଖାଲି ଆମ ପ୍ରିୟତମ ।

ସେହି ତ ଏକାକୀ ଆତ୍ମାର ଶାନ୍ତି, ହୃଦୟରେ ତାଙ୍କୁ ଭଲ ମୁଁ ପାଇଛି
ସାରା ଭୁବନକୁ ସେ ହିଁ ସରଜିଛି, ଉଦୟ ହୋଇଛି କରୁଣାର ଜ୍ୟୋତି ।
**ତୁମ୍ଭେ ହିଁ ପବିତ୍ର ମୋ ଶତ୍ରୁଙ୍କୁ ଯିଏ କରାଇଛ ପରାହତ । ୧ ।**

ଚିରଦିନ ବନ୍ଧା ଏଇ ମୋ ଜୀବନ ମୋ ପ୍ରିୟଙ୍କ ଶ୍ରୀପଦ୍ମରେ
ସେ ମୋ ପାରିଜାତ, ଶାନ୍ତି ନିକେତନ ପରମ ଆଶ୍ରୟ ସ୍ଥଳ ।
ବର୍ଣ୍ଣିବାକୁ କିଛି ନାହିଁ ମୋ ଶକତି ମହିମା ତାଙ୍କ ଅପାର
ଥଳକୂଳ କିଛି ମାନେ ନାହିଁ ସେ ତ ପ୍ରେମର ଏକ ସାଗର ।
ତବ ଅନୁଗ୍ରହ କେତେ ଯେ ମହତ ହେ ମୋ ପଥପ୍ରଦର୍ଶକ !
**ତୁମ୍ଭେ ହିଁ ପବିତ୍ର ମୋ ଶତ୍ରୁଙ୍କୁ ଯିଏ କରାଇଛ ପରାହତ । ୨ ।**

ଅସୁମାରୀ ତାଙ୍କ କୃପାର ବାରିଧି ଅନ୍ତ ନାହିଁ ଯା'ର କିଛି
ଦୟାର ସାଗର କିଞ୍ଚିତ ମାତର ଶୁଭଦୃଷ୍ଟି ପଡିବ କି
କୃତଜ୍ଞତା ପୂର୍ଣ୍ଣ ଅର୍ଘ୍ୟ ଢାଳିବାକୁ ହୁଏ ମୁହିଁ ଅସମର୍ଥ
**ତୁମ୍ଭେ ହିଁ ପବିତ୍ର ମୋ ଶତ୍ରୁଙ୍କୁ ଯିଏ କରାଇଛ ପରାହତ । ୩ ।**

କେଉଁ ପଥ ଦେଇ ତୁମରି ଗଳିକୁ ଆସିବାକୁ ହେବ ମୋତେ
ତୁମରି ଆଶୀଷ, ତୁମ ପୁରସ୍କାର କି ସେବା କରିବି ସତେ ।
ପ୍ରେମର ଆବେଗ ଟାଣିନେଲା ମୋତେ ରହିବ ତବ ଛାମୁରେ
ମୋର ଅହଂକାର ମୁଁ ଜଳାଇ ଦେଲି, ତୁମ ଦେବତ୍ୱ ପାଖରେ ।
ପ୍ରେମ କରିବାର ପରିଭାଷା କ'ଣ କାହାକୁ କହିବି କୁହ
ବିଶ୍ୱାସର ଭେଦ କିଏ ବା ଶୁଣିବ ଭକତର ସେହି ସାହା ।
ଝଡ ବତାସକୁ ଲୁଚାଇବି କିଆଁ ମନର ଏ ଉଦ୍‌ବେଳନ
ଧୂଳିକଣା ହୋଇ ଉଡିଯିବା ପାଇଁ ଅଥୟ ହେଉଛି ପ୍ରାଣ ।
ଜଗତ ଜଞ୍ଜାଳୁ ବହୁ ଦୂରେ ଥାଇ ତୁମ୍ଭଠାରେ ପ୍ରଣିପାତ
**ତୁମ୍ଭେ ହିଁ ପବିତ୍ର ମୋ ଶତ୍ରୁଙ୍କୁ ଯିଏ କରାଇଛ ପରାହତ । ୪ ।**

('ଦୁର୍‌ରେ ଶମୀନ୍' ପଦ୍ୟଗ୍ରନ୍ଥ, ପୃଷ୍ଠା ୫୪, ୧୯୦୧)

❁❁❁❁❁❁❁❁❁❁

# ପାର୍ସି ପଦ୍ୟ

## ସର୍ବଶକ୍ତିମାନ ଈଶ୍ୱରଙ୍କର ସ୍ତୁତିଗାନ ଓ ଧନ୍ୟବାଦ ଅର୍ପଣ:

حمد و شکر آن خدائے کردگار کز وجودش ہر وجودے آشکار
این جہان آئینہ دار روئے او ذرّہ ذرّہ رہ نماید سوئے او
کرد در آئینہ ارض و سما آن رُخِ بے مثلِ خود جلوہ نما
ہر گیاہے عارفِ بُنگاہ اُو دست ہر شاخے نماید راہِ اُو
نُورِ مہر و مَہ ز فیضِ نُور اوست ہر ظہورے تابعِ منشورِ اوست
ہر سرے سِرّے ز خلوت گاہِ اُو ہر قدم جوید درِ باجاہ اُو
مطلب ہر دل جمالِ روئے اوست گمرہی گر ہست بہر کوئے اوست
مہر و ماہ و انجم و خاک آفرید صد ہزاران کرد صنعت ہا پدید
این ہمہ صنعش کتابِ کارِ اوست بے نہایت اندرین اسرار اوست
این کتابے پیش چشم ما نہاد تا ازو راہ ہدیٰ داریم یاد
تا شناسی آن خدائے پاک را کو نماند خاکیان و خاک را
تا شود معیار بہرِ وحی دوست تا شناسی از ہزاران آنچہ زوست
تا خیانت را نماند ہیچ راہ تا جدا گردد سفیدی از سیاہ
بس ہماں شد آنچہ آن دادار خواست کارِ دستش شاہد گفتار خاست
مشرکان وانچہ پوزش مے کنند این گواہان تیر دوزش مے کنند
گر بگوئی غیر را رحمان خدا تُف زند بر روئے تو ارض و سما

در تراشی بہر آن یکتا پسر بر تو بارد لعنت زیر و زبر
با زبانِ حال گوید این جہان کاں خدا فردست و قیوم و یگان
نے پدر دارد نہ فرزند و نہ زن نے مبدّل شد ز ایّامِ کہن
یک دمے گر رشحِ فیضش کم شود این ہمہ خَلق و جہان برہم شود
یک نظر قانونِ قدرت را ببین تا شناسی شان ربُّ العالمین

(ضیاء الحق۔ روحانی خزائن جلد ۷ صفحہ ۲۵۱، ۲۵۲)

**ହମ୍‌ଦୋ ଶୁକ୍‌ର ଆନେ ଖୁଦା'ଏ କିର୍‌ଦିଗାର୍**
**କଜ୍ ଓ୍ୱଜୁଦଶ୍ ହର୍ ଓ୍ୱଜୁଦେ ଆଶ୍‌କାର୍** ...(୧)

ସକଳ ସ୍ତୁତି ଓ ଧନ୍ୟବାଦ ସେହି ପରମାତ୍ମାଙ୍କ ଠାରେ ସମର୍ପିତ
ଯାହାଙ୍କ ପରମସତ୍ତା ମଧ୍ୟରୁ ସମସ୍ତ ସୃଷ୍ଟିର ସତ୍ତା ପରିପ୍ରକାଶ ହୋଇଛି ।

**ଇଁ ଯାହାଁନ୍ ଆଇନାଦାର୍ ରୁ'ଏ ଅଓ**
**ଜର୍‌ରା ଜର୍‌ରା ରହ୍‌ନୁମାଇଦ୍ ସୁଏ ଅଓ** ...(୨)

ସମଗ୍ର ବିଶ୍ୱ ହିଁ କେବଳ ତାଙ୍କ ମୁଖର ଦର୍ପଣ ପରି
ପ୍ରତ୍ୟେକ କ୍ଷୁଦ୍ର ରେଣୁ ତାଙ୍କରି ଆଡ଼କୁ ବାଟ କଢ଼ାଇ ନିଏ ।

**କିର୍‌ଦ ଦର୍ ଆଇନା ଅର୍‌ଜ୍ ଓ ସମାଆ**
**ଆନ୍ ରୁଖେ ବେମିସ୍‌ଲେ ଖୁଦ୍ ଜଲ୍‌ଓ୍ୱାନୁମା** ...(୩)

ସେ ଆକାଶ ଓ ଧରିତ୍ରୀର ଦର୍ପଣ ଭିତରେ
ଆପଣା ଅନୁପମ କାନ୍ତିଯୁକ୍ତ ଚେହେରା ଦେଖାଇଲେ ।

**ହର୍ ଗୟା ହୈ ଆରିଫେ ବୁନ୍‌ଗାହ ଉ'**
**ଦସ୍‌ତ ହର୍ ଶାଖେ ନୋମାଇଦ୍ ରାହେ ଉ'** ...(୪)

ପ୍ରତ୍ୟେକଟି ଘାସର ପତ୍ରରେ ତାହାଙ୍କ ପରମସତ୍ତା ଅନୁଭୂତ ହୁଏ,
ପ୍ରତ୍ୟେକ ତରୁ ଶାଖା ତାଙ୍କ ପଥକୁ ସୂଚୀତ କରେ ।

**ନୁରେ ମହର୍ ଓ ମାଜ୍ ଫୈଜେ ନୁର୍ ଅଓସ୍ତ୍**
**ହର୍ ଜହୁରେ ତାବଏ ମନ୍ଶୁରେ ଅଓସ୍ତ୍** ...(୫)

ସୂର୍ଯ୍ୟ ଓ ଚନ୍ଦ୍ରମାର ଆଲୋକ ତାହାଙ୍କ ଜ୍ୟୋତିର ପ୍ରତିଫଳନ ମାତ୍ର
ପ୍ରତ୍ୟେକ ବସ୍ତୁର ପ୍ରକାଶ ତାଙ୍କ ଦୈବି ଆଜ୍ଞାର ଅଧୀନରେ ରହିଛି ।

**ହର୍ ସରେ ସିର୍ରେ ଜ ଖଲ୍ୱତେ ଗାହେ ଓଉ**
**ହର୍ କଦମ୍ ଜସ୍ତ୍ୱେଦ୍ ଦରେ ବାଜାହ୍ ଓଉ** ...(୬)

ପ୍ରତ୍ୟେକ ମସ୍ତିଷ୍କ କେବଳ ତାଙ୍କରି ରହସ୍ୟ ମଧ୍ୟରୁ ଗୋଟିଏ
ପ୍ରତିଟି ପାଦ ତାଙ୍କ ମହିମାର ପ୍ରବେଶ ଦ୍ୱାରକୁ ଖୋଜୁଥାଏ ।

**ମତଲବ ହର୍ ଦିଲ୍ ଜମାଲେ ରୁ'ଏ ଅଓସ୍ତ୍**
**ଗୁମର୍ହୀ ଗର୍ ହସ୍ତ୍ ବହରେ କୋଏ ଅଓସ୍ତ** ...(୭)

ତାଙ୍କରି ମୁଖମଣ୍ଡଳର ସୌନ୍ଦର୍ଯ୍ୟ ପ୍ରତ୍ୟେକ ହୃଦୟରୁ ଝଙ୍କୃତ ହୁଏ,
କେହି ପଥହରା ହୋଇ ମଧ ତାଙ୍କରି ପଥକୁ ଅନ୍ୱେଷଣ କରେ ।

**ମହର୍ ଓ ମାହ୍ ଓ୍ୱ ଅଞ୍ଜୁମ୍ ଓ ଖାକ୍ ଆ ଫରୀଦ୍**
**ସଦ୍ ହଜାରାନ୍ କର୍ଦ ସନାଅତ୍ ହା ପଦୀଦ୍** ...(୮)

ସେ ସୃଷ୍ଟି କଲେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀକୁ
ସେ ଦେଖାଇଲେ ଲକ୍ଷ ଲକ୍ଷ ରୂପରେ ତାଙ୍କ ସୃଜନ ଶକ୍ତିକୁ ।

**ଇଁ ହମା ସନାଅଶ୍ କିତାବେ କାରେ ଅଓ୍ୱସ୍ତ୍**
**ବେ ନହାୟତ୍ ଅନ୍ଦରିନ ଅସରାର ଅଓ୍ୱସ୍ତ୍** ...(୯)

ଏହି ସକଳ ସୃଷ୍ଟି ବିଶ୍ୱକର୍ମାଙ୍କ କାରିଗରୀ ମଧ୍ୟରେ ଠୁଳ ହୋଇଛି,
ଅନନ୍ତ ରହସ୍ୟର ଗନ୍ତାଘର ଯାହା ମଧ୍ୟରେ ଜଡାଇ ରଖିଛି ।

**ଇଁ କିତାବେ ପେଶେ ଚଶ୍ମ ମା ନିହାଦ୍**
**ତା ଅଜୁ ରାହେ ହୁଦା ଦାର୍ୟମ୍ ୟାଦ୍** ...(୧୦)

ସେ ଆମ ଆଖି ସମ୍ମୁଖରେ ସେହି ପ୍ରକୃତିର ପୁସ୍ତକକୁ ରଖି ଦେଇଛନ୍ତି
ଯଦ୍ୱାରା ଏହା ଯୋଗୁଁ ଆମେ ସତ୍ଶିକ୍ଷାର ପଥକୁ ସ୍ମରଣ କରିବୁ ।

**ତା ଶନାସୀ ଆନ୍ ଖୁଦା'ଏ ପାକ୍ ରା**
**କୋ ନୁମାନ୍ଦ୍ ଖାକିୟାନ୍ ଓ ଖାକ୍ ରା** ...(୧୧)

ତଦ୍ଦ୍ୱାରା ତୁ ସେହି ପବିତ୍ରମୟ ପ୍ରଭୁଙ୍କୁ ଚିହ୍ନିବୁ,
ଯାହାଙ୍କର ଏହି ପୃଥିବୀ ଓ ଏହାର ଅଧିବାସୀ କେହି ବି ହେଲେ ସରି ନୁହନ୍ତି ।

**ତା ଶୌଦ୍ ମୟାର୍ ବହ୍‌ରେ ୱହୀ ଦୋସ୍ତ୍**
**ତା ଶନାସୀ ଅଜ୍ ହଜାରାନ୍ ଆଞ୍ଚଏ ଜଓ୍ୱସ୍ତ** ...(୧୨)

ତଦ୍ଦ୍ୱାରା ଦୈବିବାଣୀ ସକାଶେ ତାହା ଉଚ୍ଚ ମାନଦଣ୍ଡ ସ୍ୱରୂପ ହୁଅନ୍ତା,
ଫଳତଃ ତୁମେ ଶତସହସ୍ର ବାଣୀମାନଙ୍କ ମଧ୍ୟରୁ କେଉଁଟି ତାଙ୍କର, ତାହା ଚିହ୍ନି ନିଅ ।

**ତା ଖୟାନତ୍ ରା ନୁମାନ୍ଦ୍ ହେଚ୍ ରାହ୍**
**ତା ଜୁଦା ଗରଦୋ ସଫେଦୀ ଅଜ୍ ସିୟାଃ** ...(୧୩)

ତଦ୍ଦ୍ୱାରା ପ୍ରତାରଣାର ସମସ୍ତ ପଥ ବନ୍ଦ ହୋଇଯା'ନ୍ତା,
ଓ ତଦ୍ଦ୍ୱାରା ଜ୍ୟୋତି ଅନ୍ଧକାର ଠାରୁ ଅଲଗା ହୋଇଯିବ ।

**ବସ୍ ହମାଁ ଶଦ୍ ଆଞ୍ଚଏ ଆନ୍ ଦାଦାର ଖ୍ୱାସ୍ତ**
**କାରେ ଦସ୍‌ତିଶ୍ ଶାହିଦ୍ ଗୁଫ୍‌ତାର ଖାସତ୍** ...(୧୪)

ତେବେ ତାହା ହିଁ ହେଲା ଯାହା ସେହି ପ୍ରଭୁଙ୍କ ଇଚ୍ଛା ଥିଲା,
ଏବଂ ତାହାଙ୍କ କର୍ମ ତାଙ୍କ ବାଣୀର ସାକ୍ଷୀ ହୋଇଗଲା ।

**ମଶରକାନ ୱାଞ୍ଚଏ ଆନ୍ ପଓଜଶ୍ ମଏ କୁନନ୍ଦ୍**
**ଈଁ ଗଓ୍ୱାହାନ୍ ତୀର୍ ଦୋଜଶ୍ ମଏ କୁନନ୍ଦ** ...(୧୫)

ମୁଶରିକମାନେ ଯେଉଁ ଛଳନା କରନ୍ତି ସେହି ପ୍ରମାଣକୁ ନେଇ,
ଈଶ୍ୱରଙ୍କ କର୍ମ ଓ ବାକ୍ୟର ସାକ୍ଷ୍ୟକୁ ତୀକ୍ଷଣ ଶରଦ୍ୱାରା ବିଦ୍ଧ କରିଦିଅନ୍ତି ।

**ଗର୍ ବଗୋଇ ଗୈର୍ ରା ରହମାନ୍ ଖୁଦା**
**ତୁଫ୍ ଜିନ୍ଦ୍ ବର୍ ରୁଏ ତୁ ଅର୍‌ଜ ଓ ସମାଆ** ...(୧୬)

ଯଦି ତୁମେ ଅନ୍ୟ କାହାରିକୁ ରହମାନ୍ ପ୍ରଭୁ ବୋଲି ଡାକି.
ଆକାଶ ଓ ପୃଥିବୀ ତୁମ ମୁହଁରେ ଛେପ ପକାଇବେ ।

**ଦର୍ ତରାଶି ବହର୍ ଆନ୍ ୟକତା ପିସର୍**
**ବର୍ ତୁ ବାରଦ୍ ଲା'ନତ୍ ଜେର୍ ଓ ଜବର୍ ...(୧୭)**
ଯଦି ତୁମେ ସେହି ଏକକ ସ୍ରଷ୍ଟାଙ୍କ ପାଇଁ କାହାକୁ ପୁତ୍ର କରିବ,
ତେବେ ଉପରୁ ଓ ତଳୁ ତୁମ ଉପରେ ଅଭିଶାପ ବର୍ଷିବାକୁ ଲାଗିବ ।।

**ବା ଜୁବାନେ ହାଲ୍ ଗୋୟଦ୍ ଇଁ ଯାହାଁ**
**କାଁ ଖୁଦା ଫିର୍‌ଦସ୍ତ୍ ଓ କୟୁମ୍ ଓ ୟଗାଁ ...(୧୮)**
ଏହି ଜଗତ ଉଚ୍ଚ ପାଟିରେ ଏହା ଘୋଷଣା କରୁଛି,
ଈଶ୍ୱର ଏକ, ସ୍ୱୟଂ ପ୍ରତିଷ୍ଠିତ ଏବଂ ଅଦ୍ୱିତୀୟ ।

**ନେ ପଦର୍ ନା ଫର୍‌ଜନ୍ଦ୍ ଓ ନା ଜନ୍**
**ନେ ମୋବଦ୍‌ଦଲ୍ ଶଦ ଜ ଅୟାମେ କହନ୍ ...(୧୯)**
ନା କେହି ପିତା ତାଙ୍କର, ନା ପୁତ୍ର ନା କେହି ପତ୍ନୀ,
ସେ ଆବାହମାନ କାଳରୁ ଅକ୍ଷୁର୍ଣ୍ଣ, ଅପରିବର୍ତ୍ତନଶୀଳ ।

**ୟକ୍‌ଦମେ ଗର୍ ରଶ୍‌ହେ ଫୈଜଶ୍ କମ୍‌ଶୋଦ୍**
**ଇଁ ହମା ଖଲ୍‌କ ଓ ଜହାନ୍ ବର୍‌ହମ୍ ଶୋଦ୍ ...(୨୦)**
ଯଦି ଗୋଟିଏ କ୍ଷଣ ପାଇଁ ତାହାଙ୍କ କୃପା ବାରିଧି ଥମିଯିବ,
ତେବେ ଏହିସବୁ ସୃଷ୍ଟି ଓ ପ୍ରାଣୀଜଗତ ନିଶ୍ଚିହ୍ନ ହୋଇଯିବ ।

**ୟକ୍ ନଜର୍ କାନୁନେ କୁଦ୍‌ରତ୍ ରା ବବୈନ୍**
**ତା ଶନାସୀ ଶାନ୍ ରବ୍‌ବୁଲ୍ ଆ'ଲମୀନ୍ ...(୨୧)**
ବିଧିର ବିଧାନ ଉପରେ ଥରେ ହେଲେ ଟିକିଏ ଦୃଷ୍ଟି ପକାଅ,
ଯଦ୍ୱାରା ତୁମେ ସେହି ବିଶ୍ୱନିୟନ୍ତା ପାଳନକର୍ତ୍ତାଙ୍କୁ ଚିହ୍ନିପାରିବ ।
(ଜିୟାଉଲ୍ ହକ୍, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୯,ପୃ ୨୫୧,୧୫୨)

# ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତାଙ୍କ ଛାମୁରେ ପ୍ରାର୍ଥନା
## (ପାର୍ସୀ ଛନ୍ଦ କବିତା)

اے خالق ارض و سما بر من در رحمت کشا  دانی تو آن درد مرا کز د ال پنہاں کنم
از بس لطیفی دِلبرا در ہر رگ و تارم درآ  تا چوں بخود یابم ترا دِل خوشتر از بستاں کنم
در سر کشی اے پاک خو جاں بر کنم در ہجر تو  ز انساں ہمی گریم کز و یک عالمے گریاں کنم
خواہی بقہرم کن جدا خواہی بلطفم رُونما  خواہی بکش یا کن رہا کے ترک آن داماں کنم

(براہین احمدیہ ہر چہار حصص، روحانی خزائن جلد ا صفحہ ٦١٣ حاشیہ در حاشیہ نمبر ٣)

ଅଏ ଖାଲିକ୍ ଅର୍‌ଜୋ ସମା'ବର୍ ମନ୍‌ଦର୍ ରହମତ୍ କୁଶା
ଦାନୀ ତୁ ଆନ ଦର୍‌ଦ୍ ମରାକଜ୍ ଦି ଗରାଁ ପିନ୍‌ହା କୁନମ୍...(୧)

ହେ ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତା ! ତୁମ କରୁଣାର ଦ୍ୱାର ମୋ ପାଇଁ ଖୋଲିଦିଅ, ତୁମେ ଜାଣିଛ ମୋର ମରମ ବେଦନା, ଯାହାକୁ ମୁଁ ଅନ୍ୟଠାରୁ ଲୁଚାଇ ରଖିଛି ।

ଅଜ୍ ବସ୍ ଲତୀଫି ଦିଲ୍‌ବରା ଦର୍ ହର୍ ରଗ୍ ଓ ତାରମ୍ ଦରାଆ
ତା ଚୁଁ ବଖୁଦ୍ ୟା ବମ୍‌ତରା ଦିଲ୍ ଖୁଶ୍‌ତରା ଅଜ୍ ବସ୍‌ତାଁ କୁନମ୍...(୨)

ହେ ପ୍ରିୟତମ ! ତୁମେ ଅତୀବ ମାର୍ଜିତ । ଆସ, ମୋ ସର୍ବାଙ୍ଗ ଶୀରାପ୍ରଶୀରାରେ ଭେଦିଯାଅ । ତଦ୍ୱାରା ମୁଁ ତୁମ୍ଭଙ୍କୁ ଯେବେ ମୋ ଅନ୍ତରରେ ଲଭିବି, ମୋ ହୃଦୟ ଫୁଲଠାରୁ ଅଧିକ ମହକରେ ଭରିଯିବ ।

ଦର୍ ସର୍‌କଶି ଅଏ ପାକ୍ ଖୁଯାଁ ବର୍ କୁନମ୍ ଦର୍ ହିଜ୍‌ର ତୁ
ଜ ଇନସାଁ ହମିଁଗର୍ ୟମ୍‌କଜ୍ ଓ ଇକ୍ ଆଲମେ ଗର୍‌ୟାଁ କୁନମ୍...(୩)

ଏବଂ ହେ ପୁଣ୍ୟାତ୍ମା ! ଯଦି ମୋର ଏହି ଗୁହାରିକୁ ଅସ୍ୱୀକାର କରିବ, ସେହି ବିଚ୍ଛେଦରେ ପ୍ରାଣ ହାରିଦେବି । ଏତେ କାନ୍ଦିବି ଯେ ସାରା ଜଗତକୁ କନ୍ଦାଇ ଦେବି ।

ଖ୍ୱା ହୀ ବକହରମ୍ କୁନ୍ ଜୁଦା, ଖ୍ୱା ହୀ ବିଲ୍‌ତିଫମ୍ ରୋ'ନୁମା
ଖ୍ୱା ହୀ ବକଶ୍ ୟାକୁନ୍ ରହା କେ ତରକ୍ ଆନ ଦାମାନ୍ କୁନମ୍...(୪)

ମୋତେ ତୁମ୍ଭେ ଅସନ୍ତୋଷ ବଶତଃ ଦୂରେଇ ଦିଅ ପଛକେ
ଅଥବା ଦୟା ପରବଶ ହୋଇ ଆପଣା ଚେହେରା ଦେଖାଇ ଦିଅ,
ମୋତେ ତୁମ୍ଭେ ମାରି ଦିଅ ନଚେତ ତାରି ଦିଅ ପଛକେ
କିନ୍ତୁ ମୁଁ ତୁମ୍ଭଙ୍କୁ ପ୍ରେମ କରିବା କିପରି ଛାଡିପାରିବି ?
(ବରାହିନେ ଅହମଦୀୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧, ପୃ ୬୧୩ ପାଦଟିକା)

## ହେ ମୋର ସଙ୍କଟମୋଚନ ପ୍ରଭୁ ! (ପାର୍ସୀ ପଦ୍ୟ)

اے خدا اے چارۂ آزار ما — اے علاج گریہ ہائے زار ما
اے تو مرہم بخش جانِ ریش ما — اے تو دلدارِ دِل غم کیشِ ما
از کرم برداشتی ہر بار ما — و از تو ہر بار و برِ اشجارِ ما
حافظ و ستاری از جود و کرم — بے کسان را یاری از لطفِ اتم
بندۂ درماندہ باشد دل طپان — نا گہان درمان برآرے از میان
عاجزی را ظلمتے گیرد براہ — نا گہان آری برو صد مہر و ماہ
حسن و خلقِ دلبری بر تو تمام — صحبتی بعد از لقائے تو حرام
آن خرد مندے کہ او دیوانہ ات — شمع بزم است آنکہ او پروانہ ات
ہر کہ عشقت در دل و جانش فتد — ناگہان جانے در ایمانش فتد
عشقِ تو گرددعیاں بر روئے او — بوئے تو آید ز بام و کوئے او
صد ہزاران نعمتش بخشی ز جود — مہر و مہ را پیشش آری در سجود
خود نشینی از پئے تائید او — روئے تو یاد اوفتد از دیدِ او
بس نمایان کارہا کاندر جہان — می نمائی بہرِ اکرامش عیان
خود کنی و خود کنانی کار را — خود دہی رونق تو آن بازار را

خاک را در یک دمے چیزے کنی کز ظہورش خلق گیرد روشنی
بر کسی چوں مہربانی مے کنی از زمینی آسمانی مے کنی

(براہین احمدیہ ہر چہار حصص، روحانی خزائن جلد ۱ صفحہ ۲۲۶، ۲۲۷ حاشیہ در حاشیہ نمبر ۳)

**ଅଏ ଖୁଦା ଅଏ ଚରହେ ଆଜାର୍ ମା**
**ଅଏ ଇଲାଜ୍ ଗର୍ୟା ହାଏ ଜାର୍ ମା** ...(୧)

ହେ ଈଶ୍ୱର ! ଆମମାନଙ୍କ ଦୁଃଖର ନିଦାନ ପ୍ରଭୁ,
ଶୋକ ସନ୍ତାପ ହରଣକାରୀ ବିଘ୍ନ ବିନାଶକ ।

**ଅଏତୁ ମରହମେ ବଖ୍ଶ ଜାନେ ରେଶ୍ ମା**
**ଅଏ ତୁ ଦିଲ୍‌ଦାରେ ଦିଲ୍ ଗମ୍ କୈଶେ ମା** ...(୨)

ତୁମ୍ଭେ ହିଁ କେବଳ ଆମ କ୍ଷତବିକ୍ଷତ ପ୍ରାଣରେ ମଲମ ଲେପନକାରୀ
ଏବଂ ତୁମ୍ଭେ ହିଁ ଆମ ଦୁଃଖ ଜର୍ଜରିତ ହୃଦୟକୁ ସାନ୍ତ୍ୱନା ପ୍ରଦାନକାରୀ !

**ଅଜ୍ କରମ୍ ବର୍ ଦାଶ୍‌ତୀ ହର୍ ବାର୍ ମା**
**ଓ ଅଜ୍ ତୁ ହର୍‌ବାର୍ ଓ ବରେ ଅଶ୍‌ଜାରେ ମା** ...(୩)

ତୁମ୍ଭେ ଆପଣା ଅନୁଗ୍ରହରୁ ଆମର ସାରା ଦୁଃଖର ବୋଝକୁ ଉଠାଇ ନେଇଛ,
ଏବଂ ତୁମ୍ଭ କୃପା ଯୋଗୁଁ ଆମ ଗଛସବୁ ଫଳପୁଷ୍ପାଦିରେ ଲଦି ହୋଇ ଯାଇଛି ।

**ହାଫିଜ୍ ଓ ସତାରୀ ଅଜ୍ ଖୁଦ୍ ଓ କରମ୍**
**ବେ କସାନ୍ ରା ୟାରି ଅଜ୍ ଲୁତ୍‌ଫେ ଅତମ୍** ...(୪)

ତୁମ୍ଭରି ଦୟା ଅନୁକମ୍ପା ବଳରେ ଆମକୁ ସୁରକ୍ଷା ଦେଉଛ ଓ ଆମ ଦୋଷ ଘୋଡାଉଛ, ।
ଅପାର ସହାନୁଭୂତି ଦେଖାଇ ତୁମ୍ଭେ ଅସହାୟମାନଙ୍କ ଘନିଷ୍ଠ ସଖା ହୋଇଛ ।

**ବନ୍ଦା ଦର୍‌ମାନ୍ଦା ବାଶଦ୍ ଦିଲ୍ ତପାନ୍**
**ନା ଗହାନ୍ ଦର୍‌ମାନ୍ ବରଆରେ ଅଜ୍ ମୟାନ୍** ...(୫)

ଯେତେବେଳେ ତୁମ୍ଭ ଭକ୍ତ ଶୋକାକୂଳ ବଶତଃ ଭଗ୍ନ ହୃଦୟ ହୋଇଉଠେ,
ତୁମ୍ଭେ ତତକ୍ଷଣାତ୍ ତା'ର ସେହି କ୍ଷତର ଉପଚାର ଯୋଗାଇ ଦିଅ ।

**ଆଜ୍‌ଜୀ ରା ଜୁଲ୍‌ମ୍‌ତେ ଗୀର୍‌ଦ୍ ବରାହେ**
**ନା ଗହାନ୍ ଆରୀ ବରୋ ସଦ୍‌ମହର୍ ଓ ମା' ...(୬)**

ଯଦି ଜଣେ ବିନୀତ ସେବକର ଚଲାପଥରେ ଅନ୍ଧକାର ଘେରିଯାଏ,
ତୁମ୍ଭେ ସେହି ମୁହୂର୍ତ୍ତରେ ଶତସହସ୍ର ସୂର୍ଯ୍ୟ ଓ ଚନ୍ଦ୍ରକୁ ସୃଷ୍ଟି କରିଦିଅ ।

**ହୁସ୍‌ନ୍ ଓ ଖୁଲ୍‌କେ ଦିଲ୍‌ବରୀ ବର୍ ତୁ ତମାମ୍**
**ସୋହବ୍‌ତୀ ବା'ଦ୍ ଅଜ୍ ଲିକାଏ ତୁ ହରାମ୍ ...(୭)**

ସୌନ୍ଦର୍ଯ୍ୟ, ସଦ୍‌ଗୁଣ ଓ ସହାନଭୁତିର ଭାବ ତୁମ୍ଭଠାରେ ଶେଷ ହୋଇଛି,
ତୁମ୍ଭକୁ ଦର୍ଶନ କଲା ପରେ ଅନ୍ୟ କାହା ସହିତ ସଂପର୍କ ରଖିବା ନିଷିଦ୍ଧ ।

**ଆନ ଖୁର୍ଦ୍ଦ୍ ମନ୍ଦେ କେ ଅଓ ଦିୱାନା ଅତ୍**
**ଶମା'ବଜ୍‌ମ ଅସ୍ତ୍ ଆନ୍ କେ ଅଓ ପର୍‌ୱାନା ଅତ୍ ...(୮)**

ସେ ହିଁ ବୁଦ୍ଧିମାନ ଯିଏ ତୁମ୍ଭକୁ ପାଗଳ ପରି ଭଲ ପାଉଛି
ସେହି ସଂସର୍ଗର ଦୀପଶିଖା, ଯାହା ଆଡକୁ ପ୍ରେମିକ ଆକର୍ଷିତ ହୁଏ ।

**ହର୍ କେ ଇଶ୍‌କତ୍ ଦର୍ ଦିଲ୍ ଓ ଜାନଶ୍ ଫତଦ୍**
**ନା ଗହାନ୍ ଜାନେ ଦର୍ ଇମାନଶ୍ ଫତଦ୍ ...(୯)**

ପ୍ରତ୍ୟେକ ସେହି ବ୍ୟକ୍ତି ଯାହାର ପ୍ରାଣ ଓ ହୃଦୟରେ ତୁମ୍ଭ ପ୍ରେମ ପ୍ରବେଶ କରେ,
ତା'ର ଈଶ୍ୱର ବିଶ୍ୱାସ ହଠାତ୍ ପ୍ରାଣସିକ୍ତ ହୋଇଉଠେ ।

**ଇଶ୍‌କେ ତୁ ଗର୍‌ଦ୍ ଦାୟାଁ ବର୍ ରୁଏ ଅଓ**
**ବୋଏ ତୁ ଆୟଦ୍ ଜ ବାମ୍ ଓ କୁଏ ଅଓ ...(୧୦)**

ତୁମ୍ଭ ପ୍ରେମ ତା'ର ଚେହେରାରେ ଝଲସି ଉଠେ
ତା'ର ପ୍ରତ୍ୟେକ ନିଭୃତ କନ୍ଦରରୁ ତୁମ୍ଭର ମହକ ଚହଟି ଆସେ ।

**ସଦ୍ ହଜାରାନ୍ ନେମତଶ୍ ବଖ୍‌ଶୀ ଜ ଖୁଦ୍**
**ମହର୍ ଓ ମାରା ପଏଶିଶ୍ ଆରୀ ଦର ସଜୁଦ୍ ...(୧୧)**

ତୁମ୍ଭେ ତାକୁ ନିଜ କୃପାରୁ ଲକ୍ଷ ଲକ୍ଷ ପୁରସ୍କାର ଅର୍ପଣ କରିଛ,
ସୂର୍ଯ୍ୟ ଓ ଚନ୍ଦ୍ରକୁ ତା'ସମ୍ମୁଖରେ ଭୁମିଷ୍ଠ ପ୍ରଣିପାତ କରାଉଛ ।

**ଖୁଦ୍ ନଶିନୀ ଅଜ୍‌ପଏ ତାଇଦ୍ ଅଓ**
**ରୁ'ଏ ତୁ ୟାଦ୍ ଅଓ ଫତଦ୍ ଅଜ୍‌ଦୀଦେ ଅଓ ...(୧୨)**

ତାକୁ ସହଯୋଗର ହାତ ବଢ଼ାଇବାରେ ସଦା ତତ୍ପର ହେଉଛ,
ଏବଂ ତାକୁ ଚାହିଁଦେଲେ ତୁମ୍ଭ ଚେହେରା ମନେ ପଡିଯାଏ ।

**ବସ୍ ନୁମାୟାନ୍ କାର୍‌ହା କାନଦର୍ ଯାହାନ୍**
**ମୀନୁମାୟି ବହ୍‌ରେ ଅକ୍‌ରାମିଶ୍ ଅୟାନ୍ ...(୧୩)**

ବହୁତ କିଛି ମହତ କାର୍ଯ୍ୟ କରାଉଛ ଏହି ଭବ ସଂସାରରେ,
ତା'ର ସମ୍ମାନ ରକ୍ଷାର୍ଥେ ଏସବୁ ପ୍ରଦର୍ଶିତ କରୁଛ ।

**ଖୁଦ୍ କନୀ ଓ ଖୁଦ୍ କନାନୀ କାର୍ ରା**
**ଖୁଦ୍ ଦହୀ ରୌନକ୍ ତୁ ଆନ୍ ବାଜାର୍ ରା ...(୧୪)**

ତୁମ୍ଭେ ସ୍ୱୟଂ କାର୍ଯ୍ୟ କରୁଛ ଓ ସ୍ୱୟଂ କରାଉଛ,
ତୁମ୍ଭେ ସ୍ୱୟଂ ହିଁ ସେହି ବଜାରକୁ ସତେଜତାରେ ମୁଖରିତ କରୁଛ ।

**ଖାକ୍ ରା ଦାର୍ ୟକ୍‌ଦମେ ଚିଜେ କନୀ**
**କଜ୍ ଜହୁରଶ୍ ଖଲକ୍ ଗୀର୍‌ଦ୍ ରୌଶନୀ ...(୧୫)**

ଧୂଳିମାଟିକୁ କ୍ଷଣିକ ମଧରେ ତୁମ୍ଭେ ଦୁର୍ଲ୍ଲଭ ବସ୍ତୁରେ ପରିଣତ କରୁଛ,
ଯଦ୍ୱାରା ତାହା ପ୍ରକାଶିତ ହେବାଯୋଗୁଁ ସାରା ସଂସାର ଆଲୋକ ପାଇବ ।

**ବର୍ କସୀ ଚୁଁ ମେହେର୍‌ବାନୀ ମଏ କନୀ**
**ଅଜ୍ ଜମିନୀ ଆସ୍‌ମାନୀ ମଏ କନୀ ...(୧୬)**

ଯେବେ ତୁମ୍ଭେ କାହା ଉପରେ କରୁଣାର ଦୃଷ୍ଟି ପକାଉଛ,
ତେବେ ତାକୁ ପାର୍ଥିବ ନିରସତାରୁ ନେଇ ସ୍ୱର୍ଗୀୟ ମହାନତାରେ ପହଞ୍ଚାଇ ଦେଉଛ ।
(ବରାହିନେ ଅହମଦୀୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧, ପୃ ୬୨୬, ୬୨୭)

## ପ୍ରେମର ଗୀତ

محبت تو دوائے ہزار بیماری است — بروئے تو کہ رہائی درین گرفتاری است
پناہ روئے تو جستن نہ طور مستان است — کہ آمدن بہ پناہت کمال ہشیاری است
متاعِ مہرِ رُخ تو نہان نخواہم داشت — کہ خفیہ داشتن عشق تو زِ غداری است
برآن سرم کہ سر و جان فدائے تو بکنم — کہ جان بیار سپردن حقیقت یاری است

(آئینہ کمالات اسلام۔روحانی خزائن جلد ۵ صفحہ ۱)

**ମୋହବତ୍ ତୋ ଦୱାଏ ହଜାର୍ ବିମାରୀ ଅସ୍ତ୍**
**ବରୁ'ଏ ତୁ କେ ରିହାଇ ଦର୍ୟିନ୍ ଗିରଫ୍ତାରୀ ଅସ୍ତ୍ ।୧।**

ତୁମ୍ଭ ପ୍ରତି ପ୍ରେମ ହଜାରେ ପ୍ରକାର ବ୍ୟାଧିର ଉପଶମ,
ତୁମ୍ଭ ମୁଖର ରାଣ ! ତୁମ୍ଭ ଦ୍ୱାରା ବନ୍ଦୀ ହେବାରେ ହିଁ ରହିଛି ଅସଲ ମୁକ୍ତି ।

**ପନାହ୍ ରୁଏ ତୁ ଜସ୍ତନ୍ ନା ତୌରେ ମସ୍ତାନ ଅସ୍ତ୍**
**କେ ଆମଦନ୍ ବେପନାହତ୍ କମାଲ୍ ହୁଶ୍ୟାରୀ ଅସ୍ତ୍ ।୨।**

ତୁମ୍ଭର ଆଶ୍ରୟ ଲୋଡିବା କୌଣସି ପାଗଳର ପଥ ନୁହେଁ,
ବରଂ ତୁମ୍ଭ ଚରଣାଶ୍ରୀତ ହୋଇ ଆସିବା ତ ଉଚ୍ଚକୋଟିର ବୁଦ୍ଧିମତା ।

**ମତା ମହରେ ରୁଖ୍ ତୁ ନହାନ୍ ନଖୱାହମ୍ ଦାଶ୍ତ**
**କେ ଖୁଫିୟା ଦାଶ୍ତନ୍ ଇଶ୍କ୍ ତୋ ଜେ ଗଦାରୀ ଅସ୍ତ୍ ।୩।**

ମୁଁ ତୁମ୍ଭ ପ୍ରେମର ଧନକୁ କଦାପି ଗୋପନ ରଖିବି ନାହିଁ,
ଯେହେତୁ ତୁମ୍ଭ ପ୍ରେମକୁ ଲୁକ୍କାୟିତ ରଖିବା ମଧ ଏକ କୃତଘ୍ନତା ।

**ବର୍ଆନ୍ ସର୍ମ୍ କେ ସର୍ ଓ ଜାନ୍ ଫିଦାଏ ତୁ ବୁକ୍ନମ୍**
**କେ ଜାନ ବୟାର ସୁପୁର୍ଦନ୍ ହକିକତ୍ ୟାରୀ ଅସ୍ତ୍ । ।୪।**

ମୁଁ ପ୍ରସ୍ତୁତ ଅଛି ନିଜର ଜୀବନ ଓ ମାନକୁ ତୁମ୍ଭ ପାଖରେ ବଳି ଚଢ଼ାଇବାକୁ
କାରଣ ଜୀବନକୁ ପ୍ରେମିକ ପାଖରେ ଉତ୍ସର୍ଗ କରିବା ହିଁ ଅସଲ ବନ୍ଧୁତ୍ୱର ପରିଚୟ ।

(ଆଇନା ଏ କମାଲାତେ ଇସଲାମ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୫, ପୃ ୧)

## ମୋର ପ୍ରିୟତମ

سخن نزدم مران از شہر یارے — کہ ہستم بر درے اُمید وارے
خداوندے کہ جان بخشِ جہان است — بدیع و خالق و پروردگارے
کریم و قادر و مشکل کشائے — رحیم و محسن و حاجت برارے
فتادم بر درش زیر آنکہ گویند — برآید در جہان کارے ز کارے
چو آن یارِ وفادار آیدم یاد — فراموشم شود ہر خویش و یارے
بغیر او چسان بندم دلِ خویش — کہ بے رُویش نمے آید قرارے

دلم در سینۂ ریشم مجوئید — کہ بستیمش بدامانِ نگارے
دل من دلبرے را تخت گاہے — سر من در رہِ یارے نثارے
چگویم فضل او برمن چگون ست — کہ فضلِ اوست ناپیدا کنارے
عنایت ہائے او را چون شمارم — کہ لطفِ اوست بیرون از شمارے
مرا کاریست با آن دِلستانے — ندارد کس خبر زان کاروبارے
بنالم بر درش ز انسان کہ نالد — بوقتِ وضع حملے بار دارے
مرا با عشقِ او وقتے ست مامور — چہ خوش وقتے چہ خرم روزگارے
ثناہا گویمت اے گلشنِ یار — کہ فارغ کردی از باغ و بہارے

(حجّۃ اللہ۔روحانی خزائن جلد ۱۲ صفحہ ۱۴۹)

**ମୁଖନ୍ ନଜଦମ୍ ମରାନ ଅଜ୍ ଶହର୍ ୟାରେ**
**କେ ହସ୍ତମ୍ ବର୍ ଦରେ ଉମ୍ମିଦ୍ ୱାରେ** ...(୧)
ମୋ ଆଗରେ କୌଣସି ବାଦ୍‌ଶାହର କଥା କୁହ ନାହିଁ,
କାରଣ ମୁଁ ତ ଅନ୍ୟ ଏକ ଦ୍ୱାରରେ ଆଶାୟୀ ହୋଇ ପଡି ରହିଛି ।

**ଖୁଦାୱନ୍ଦେ କେ ଜାନ୍ ବଖ୍‌ଶେ ଯହାନ୍ ଅସ୍ତ୍**
**ବଦ୍‌ୟି ଓ ଖାଲିକ୍ ଓ ପରୱର୍‌ଦିଗାରେ** ...(୨)
ସେହି ଈଶ୍ୱର ଯେ ସଂସାରକୁ ଜୀବନ ପ୍ରଦାନ କରିଛନ୍ତି,
ସେ ହିଁ ବିଶ୍ୱବିଧାତା, ସୃଷ୍ଟିକର୍ତ୍ତା ଓ ପ୍ରତିପାଳକ ଈଶ୍ୱର ।

**କରିମ୍ ଓ କାଦର ଓ ମୁଶ୍‌କିଲ୍ କୁଶାଏ**
**ରହୀମ୍ ଓ ମୋହସିନ୍ ଓ ହାଜତ୍ ବରାଏ** ...(୩)
କରୁଣାମୟ, ସର୍ବକର୍ତ୍ତୃକ ଓ ସଂକଟ ମୋଚନ ପ୍ରଭୁ
ସେ ହିଁ ଦୟାଶୀଳ, ସହାନୁଭୂତିଶୀଳ ଓ ଅଭାବ ପୂରଣକାରୀ ।

**ଫତାଦୁମ୍ ବର୍ ଦର୍ଶ ଜେରେ ଆନ୍‌କେ ଗୋୟନ୍ଦ୍**
**ବର୍ ଆୟଦ୍ ଦର୍ ଜହାନ୍ କାରେ ଜ କାରେ** ...(୪)

ମୁଁ ତାଙ୍କ ଦ୍ୱାରରେ ଆସି ଅଧିଆ ପଡିଛି ଯେହେତୁ ଲୋକେ କୁହନ୍ତି,
ଏହି ସଂସାରରେ ଗୋଟିଏ କାମରୁ ଆଉ ଏକ କାମ ବାହାରି ଆସେ ।

**ଚୁ ଆନ୍ ୟାରେ ୱଫାଦାର ଆୟଦମ୍ ୟାଦ୍**
**ଫରାମୁଶମ୍ ଶୋଦ୍ ହର୍ ଖୱିଶ୍ ଓ ୟାରେ** ...(୫)

ଯେବେ ସେହି ବିଶ୍ୱସ୍ତ ବନ୍ଧୁ ମୋର ମନେ ପଡନ୍ତି,
ସେତେବେଳେ ପ୍ରତ୍ୟେକ ସାଥି ସଂପର୍କୀୟ ମୋତେ ଭୁଲିଯାଏ ।

**ବଗୈର୍ ଅଓ ଚଶାନ୍ ବନ୍ଦମ୍ ଦିଲେ ଖୋୟିଶ୍**
**କେ ବେ ରୱେଶ୍ ନମେ ଆୟଦ୍ କରାରେ** ...(୬)

ମୁଁ ତାଙ୍କୁ ଛାଡି ଅନ୍ୟ କାହା ସହିତ କିପରି ମନ ଲଗାଇବି,
କାରଣ ମୁଁ ତାଙ୍କ ବିନା ଅଧିର ଓ ବ୍ୟାକୁଳ ହୋଇଉଠେ ।

**ଦିଲମ୍ ଦର୍ ସୀନାଏ ରେଶମ୍ ମଜୁଏୟଦ୍**
**କେ ବସତିମଶ୍ ଦବ୍‌ଅମାନେ ନିଗାରେ** ...(୭)

ମୋର କ୍ଷତାକ୍ତ ବକ୍ଷସ୍ଥଳରେ ମୋ ହୃଦୟକୁ ଖୋଜ ନାହିଁ,
ଯେ ମୁଁ ଏହାକୁ ମୋ ପ୍ରିୟତମଙ୍କ ଦୃଢ଼ ସୁରକ୍ଷା ବଳୟରେ ବାନ୍ଧି ରଖିଛି ।

**ଦିଲ୍ ମନ ଦିଲ୍‌ବରେ ରା ତଖ୍ତ ଗା'ହେ**
**ସର୍ ମନ ଦର୍ ରହେ ୟାରେ ନିସାରେ ।** ...(୮)

ମୋର ହୃଦୟ ପ୍ରିୟତମଙ୍କ ଆସ୍ଥାନ,
ଏବଂ ମୋ ଶୀର ସେହି ସଖାଙ୍କ ପଥରେ ଉତ୍ସର୍ଗୀକୃତ ।।

**ଚଗୋୟମ୍ ଫଜଲ ଅଓ ବରମନ୍ ଚଗୁନ୍ ସତ୍**
**କେ ଫଜଲେ ଅଓସ୍ତ୍ ନା ପୈଦା କିନାରେ ।** ...(୯)

ମୁଁ କିପରି ବତାଇବି ଯେ ତାହାଙ୍କ କରୁଣା ମୋ ଉପରେ କେତେ !
କାରଣ ତାଙ୍କ ଅନୁଗ୍ରହ ତ ଅପାର, ଏକ ସୀମାହୀନ ସାଗର ।।

**ଇନାୟତ୍ ହାଏ ଅଓ ରା ଚୁଁ ଶୁମାରମ୍**
**କେ ଲୁତ୍‌ଫେ ଅଓସ୍ତ୍ ବେରୁନ୍ ଅଜ୍ ଶୁମାରେ ।** ...(୧୦)

ମୁଁ ତାଙ୍କ ଅନୁକମ୍ପା ଗଣନା କରିବାକୁ କିପରି ବା ସମର୍ଥ ହୋଇପାରିବି,
କାରଣ ତାଙ୍କ ଅନୁକମ୍ପା ତ ଅଜସ୍ର ଅଗଣିତ ।

**ମେରା କାରୀୟସ୍ତ୍ ବା ଆନ୍ ଦିଲ୍‌ସତାନମ୍**
**ନଦାରଦ୍ କିସ୍ ଖବର୍ ଜାନେ କାରୋବାରେ । ...(୧୧)**
ମୋର ସେହି ପ୍ରାଣସଖାଙ୍କ ସହିତ ଏପରି ସଂପର୍କ ରହିଛି,
ଯେ କେହି ବି ଏହାକୁ ବୁଝିବା ତା'ର ସାମର୍ଥ୍ୟ ବାହାରେ ।।

**ବନାଲମ୍ ବର୍ ଦର୍‌ଶ ଜ ଇନ୍‌ସାନ କେ ନାଲଦ୍**
**ବଓ୍ୱକ୍‌ତେ ଓ୍ୱଜା ହମ୍‌ଲେ ବାର୍ ଦାରେ । ...(୧୨)**
ମୁଁ ତାଙ୍କ ଦୁଆର ଆଗରେ ଏପରି କ୍ରନ୍ଦନ କରୁଛି,
ଯେପରି ଶିଶୁର ଜନ୍ମବେଳେ ମାତା ପ୍ରସବ ଯନ୍ତ୍ରଣା ଯୋଗୁଁ କାନ୍ଦୁଥାଏ ।

**ମେରା ବାଇଶ୍‌କେ ଅଓ ଓ୍ୱକ୍‌ତେ ସତ୍ ମାମୁର୍**
**ଚେ ଖୁଶ୍ ଓ୍ୱକ୍‌ତେ ଚେ ଖରମ୍ ରୋଜ୍‌ଗାରେ ।। ...(୧୩)**
ମୋ ସମସ୍ତ ତାଙ୍କରି ପ୍ରେମରେ ଭରପୁର ହୋଇଯାଇଛି,
ବାଃ, କିପରି ସୁଖକର ସମସ୍ତ ! କିପରି ପରମାନନ୍ଦର ଯୁଗ ! ।।

**ସନାହା ଗୋୟମତ୍ ଅଏ ଗୁଲ୍‌ଶନେ ୟାର୍ !**
**କେ ଫାରିଗ୍ କର୍‌ଦି ଅଜ୍ ବାଗ୍ ଓ ବହାରେ । ...(୧୪)**
ହେ ମୋ ପରମସଖାଙ୍କ ଉଦ୍ୟାନ ! ତୁମ୍ଭର କି ଗୁଣ ଗାଇବି ?
ତୁମ୍ଭେ ତ ମୋତେ ମୁକ୍ତ କରି ଦେଇଛ, ସାଂସାରିକ ବସନ୍ତର ଉଦ୍ୟାନରୁ ।
(ହୁଜ୍ଜତୁଲ୍ଲାଃ, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୧୨, ପୃ ୧୪୯)

## ଭକ୍ତି ରସାଣିତ

چه شیریں منظری اے دلستانم　چه شیریں خصلتی اے جانِ جانم
چو دیدم روئے تو دل در تو بستم　نمانده غیرِ تو اندر جہانم
توان برداشتن دست از دو عالم　مگر ہجرت بسوزد استخوانم
در آتش تن بآسانی توان داد　ز ہجرت جان رود با صد فغانم
(حقیقۃالوحی۔روحانی خزائن جلد ۲۲ صفحہ ۳۵۵،۳۵۲)

**ଚେ ଶୀରିଁ ମନ୍‌ଜରୀ ଅଏ ଦିଲସତାନମ୍ !**
**ଚେ ଶୀରିଁ ଖସ୍‌ଲତୀ ଅଏ ଜାନେ ଜାନମ୍** ॥ ୧ ॥

ହେ ମୋର ପ୍ରାଣପ୍ରିୟ ପ୍ରଭୁ ! ତୁମ୍ଭ ରୂପ କେତେ କମନୀୟ ସତେ !
ହେ ମୋର ଈଶ୍ୱର ! ତୁମ୍ଭ ମହିମା କେତେ ସୌନ୍ଦର୍ଯ୍ୟମୟ !

**ଚୁ ଦୀଦମ୍ ରୁଏ ତୁ ଦିଲଦର୍ ତୁ ବସ୍ତମ୍**
**ନୁମାନ୍ଦାଃ ଗୈରେ ତୁ ଅନ୍ଦର୍ ଜହାନମ୍** ॥ ୨ ॥

ମୁଁ ଯେବେଠାରୁ ତୁମ୍ଭ ମୁଖ ଦର୍ଶନ କରିଛି, ତୁମ୍ଭଠାରେ ମନ ଲାଖି ଯାଇଛି,
ସଂସାରରେ ତୁମ୍ଭ ବିନା ମୋର ଆନ କେହି ନିଜର ବୋଲି ରହିଲେ ନାହିଁ ।

**ତୱାନ୍ ବରଦାଶତନ୍ ଦସ୍ତ୍ ଅଜ୍ ଦୋ ଆଲମ୍**
**ମଗର୍ ହିଜରତ୍ ବସୌଜଦ୍ ଅସ୍ତତଖ୍ୱାନମ୍** ॥ ୩ ॥

ଉଭୟ ଲୋକକୁ ବର୍ଜନ କରିବା ମୋ ପକ୍ଷେ ସମ୍ଭବ ହୋଇପାରେ,
ମାତ୍ର ତୁମ୍ଭଠାରୁ ବିଚ୍ଛେଦର ବିରହ ମୋ ଅସ୍ଥିକୁ ଜଳାଇ ଦିଏ ।

**ଦର୍ ଆତିଶ ତନ୍ ବା ଆସାନୀ ତୱାନ୍ ଦାଦ୍**
**ଜ ହିଜରତ ଜାଁ ରୁଦ୍ ବାସଦ୍ ଫଗାନମ୍** ॥ ୪ ॥

ଶରୀରକୁ ସହଜରେ ଅଗ୍ନି ମଧ୍ୟକୁ ତର୍ପଣ କରା ଯାଇପାରେ,
କିନ୍ତୁ ତୁମ୍ଭ ବିଚ୍ଛେଦରେ ମୋ ପ୍ରାଣ ଆର୍ତ୍ତନାଦ କରି ଛାଡିଯାଉଛି ।

(ହକିକତୁଲ୍ ୱ୍ହି, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୨, ପୃ ୩୫୫, ୩୫୬)

## ପ୍ରାଣପ୍ରିୟଙ୍କ ସମ୍ମାନ ରକ୍ଷାର୍ଥେ ସଂଘର୍ଷ

اے یارِ ازل بس است روئے تو مرا    بہتر ز ہزار خلد کوئے تو مرا
از مصلحتے دگر طرف بینم لیک    ہر لحظہ نگاہ ہست سوئے تو مرا
بر عزّت من اگر کسے حملہ کند    صبر است طریق ہمچو خوئے تو مرا
من چیستم و چہ عزّتم ہست مگر    جنگ است ز بہرِ آبروئے تو مرا

(ضمیمہ براہین احمدیہ حصہ پنجم۔روحانی خزائن جلد۲۱ صفحہ ۱۵۳)

**ଅଏ ୟାରେ ଅଜଲ୍ ବସ୍ ଅସ୍ତ ରୁ'ଏ ତୁ ମେରା**
**ବେହତର୍ ଜ ହଜାର ଖଲଦ୍ କୋଏ ତୁ ମେରା ॥**

ହେ ମୋର ଚିରସଖା ! ତୁମ୍ଭ ମୁଖମଣ୍ଡଳ ମୋ ପାଇଁ ପର୍ଯ୍ୟାପ୍ତ,
ତୁମ୍ଭ ସହିତ ମିଳନ ମୋ ସକାଶେ ସହସ୍ର ପାରିଜାତ ଠାରୁ ଅଧିକ ।

**ଅଜ୍ ମସଲିହତେ ଦିଗର୍ ତରଫ୍ ବୈନମ୍ ଲୈକ୍**
**ହର୍ ଲହଜ୍ ନିଗାହେ ହସତ ସୁଏ ତୁ ମେରା ॥**

ମୁଁ କୌଣସି ଉଦ୍ଦେଶ୍ୟ ଚରିତାର୍ଥ କରିବା ଯୋଗୁଁ ହୁଏତ ଅନ୍ୟଆଡେ ଆଖି ବୁଲାଏ,
ମାତ୍ର ମୋର ଦୃଷ୍ଟି ତ ସର୍ବଦା ତୁମ୍ଭ ଉପରେ ହିଁ ନିବଦ୍ଧ ହୋଇଥାଏ ।

**ବର୍ ଇଜ୍ଜତ ମନ୍ ଅଗର୍ କସେ ହମଲା କୁନଦ୍**
**ସବର୍ ଅସ୍ତ୍ ତରିକ ହମ୍ ଚୁ ଖୋଏ ତୁ ମେରା ॥**

ଯଦି କେହି ମୋ ଇଜ୍ଜତ ଉପରେ ଆକ୍ରମଣ କରୁଛି,
ତେବେ ତୁମ୍ଭର ସ୍ୱଭାବ ପରି ଧୈର୍ଯ୍ୟ ଧରିବା ମଧ ମୋର ଧର୍ମ ॥

**ମନ୍ ଚେଶ୍ତମ୍ ଓ ଚେ ଇଜ୍ଜତିମ୍ ହସ୍ତ ମଗର୍**
**ଜଙ୍ଗ୍ ଅସ୍ତ୍ ଜ ବହ୍ରେ ଆବରୁଏ ତୁ ମେରା ॥**

ମୁଁ ବା କିଏ ? କ'ଣ ଅବା ମୋ ସମ୍ମାନର ମୂଲ୍ୟ ଅଛି ?
କିନ୍ତୁ ତୁମ୍ଭରି ସମ୍ମାନ ରକ୍ଷାର୍ଥେ ମୋର ଏହି ଅବିରତ ସଂଗ୍ରାମ ॥

(ବରାହିନେ ଅହମଦିୟା, ରୁହାନି ଖଜାଇନ୍, ଗ୍ରନ୍ଥଖଣ୍ଡ ୨୧, ପୃ ୧୫୩)